


◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
# THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-33 ◆SUNDAY ◆27 JULY 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୩୩ ◆ରବିବାର ◆୨୭ ଜୁଲାଇ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦ (ସିନ୍ଦୂରା ସହ)


## ବିହାରରେ ଚଳନ୍ତା ଆମ୍ବୁଲାନ୍ସରେ ଗଣଦୁଷ୍କର୍ମ

**ହୋମ୍‌ଗାର୍ଡ ଫିଜିକାଲ ଟେଷ୍ଟରେ ଅଚେତ ହେବା ପରେ ଚିକିତ୍ସିତ ହେବାକୁ ଯାଉଥିଲେ ମହିଳା ପ୍ରାର୍ଥୀ**

■ **ଗୟା, ୨୬।୭ (ଏଜେନ୍ସି):** ବିହାରର ଗୟା ଜିଲ୍ଲାରେ ହୋମଗାର୍ଡ ଚାକିରି ପାଇଁ ଫିଜିକାଲ ଟେଷ୍ଟ ଦେବାକୁ ଆସିଥିବା ଜଣେ ମହିଳାଙ୍କୁ ଚଳନ୍ତା ଆମ୍ବୁଲାନ୍ସରେ ଗଣଦୁଷ୍କର୍ମ କଲା ଭଳି ଲଜ୍ଜାଜନକ ଘଟଣା ସାମ୍ନାକୁ ଆସିଛି। ପୁଲିସ ଶନିବାର ଆମ୍ବୁଲାନ୍ସ ଡ୍ରାଇଭର ଓ ଟେକନିସିଆନକୁ ଗିରଫ କରିଛି। ଗୁରୁବାର ଏହି ଘଟଣା ଘଟିଥିଲା। ମହିଳା ଜଣକ ବିଏମ୍‌ପି-୩ର ପଡ଼ିଆରେ ହୋମ୍‌ଗାର୍ଡ ପରୀକ୍ଷା ପାଇଁ ଫିଜିକାଲ ଟେଷ୍ଟ ଦେବାକୁ ପହଞ୍ଚିଥିଲେ। ଫିଜିକାଲ ଟେଷ୍ଟରେ ଦୌଡ଼ିବା ବେଳେ ସେ ଅ।।ଚେତ ହୋଇପଡ଼ିଯାଇଥିଲେ। ସେଠାରେ ଥିବା ଆମ୍ବୁଲାନ୍ସରେ ତାଙ୍କୁ ହସ୍ପିଟାଲ ନିଆଯାଇଥିଲା। କିନ୍ତୁ ହସପିଟାଲ ନେବା ସମୟରେ ଚଳନ୍ତା ଆମ୍ବୁଲାନ୍ସରେ ପ୍ରଥମେ ଟେକନିସିଆନ ତାଙ୍କ ସହ ଦୁଷ୍କର୍ମ କରିଥିଲା। ଏହାପରେ ଏକ ଶୂନ୍‌ଶାନ ସ୍ଥାନରେ ଗାଡି ରଖି ଡ୍ରାଇଭର ଦୁଷ୍କର୍ମ କରିଥିଲା। ହସ୍ପିଟାଲ ପହଞ୍ଚିବା ପରେ ମହିଳା ଜଣକ ଡାକ୍ତରଙ୍କୁ ସବୁ କଥା କହିଥିଲେ। ଏହାପରେ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବ ଏଥିପାଇଁ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛନ୍ତି। ଏଲ୍‌ଜେପି ନେତା ତଥା କେନ୍ଦ୍ର ମନ୍ତ୍ରୀ ଚିରାଗ ପାଶୱାନ ମଧ୍ୟ ଏଥିପାଇଁ ରାଜ୍ୟ ସରକାରକୁ ନିନ୍ଦା କରିଛନ୍ତି।

## ବିଷ ପିଇ ଜୀବନ ହାରିଲେ ପରିବାରର ୪ ସଦସ୍ୟ

■ **ସାଗର(ଏମ୍‌ପି), ୨୬।୭ (ଏଜେନ୍ସି):** ମଧ୍ୟପ୍ରଦେଶର ସାଗର ଜିଲ୍ଲାର ଖୁରଇ ଗାଁର ଟିହରରେ ଶୁକ୍ରବାର ବିଳମ୍ବିତ ରାତିରେ ଗୋଟିଏ ପରିବାର ୪ ଜଣ ସଦସ୍ୟ ବିଷ ପିଇ ସମୂହ ଆତ୍ମହତ୍ୟା କରିଛନ୍ତି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତେବେ ଆତ୍ମହତ୍ୟାର କାରଣ ନେଇ କିଛି ସୂଚନା ମିଳିନାହିଁ। ପରିବାରର ଏହି ୪ ସଦସ୍ୟ ହେଲେ ବାପା ମନୋହର ଲୋଧୀ (୪୫), ଝିଅ ଶିବାନୀ (୧୮) ଓ ପୁଅ ଅନିକେତ (୧୬) ଓ ଜେଜେମା ମା ଫୁଲରାଣୀ (୭୦)। ଚାଷଜମି ପାଖରେ ଏକ ଘରେ ଏହି ୪ ଜଣ ରହୁଥିଲେ। ମନୋହରଙ୍କ ପତ୍ନୀ ୪ ଦିନ ତଳେ ବାପଘରକୁ ଯାଇଥିଲେ। ଗତକାଲି ବିଷ ପିଇବା ପରେ ୪ ଜଣ ବାନ୍ତି କରିବା ଆରମ୍ଭ କରିଥିଲେ। ଉପର ମହଲାରେ ରହୁଥିବା ମନୋହରଙ୍କ ଭାଇ ବାନ୍ତିର ଶବ୍ଦ ଶୁଣି ତଳକୁ ଆସି ଏହା ଦେଖିଥିଲେ। ସେ ତୁରନ୍ତ ପୁଲିସକୁ ସୂଚନା ଦେଇଥିଲେ। ଗାଁ ଲୋକଙ୍କ ସାହାଯ୍ୟରେ ସମସ୍ତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଫୁଲରାଣୀ ଓ ଅନିକେତ ଘଟଣାସ୍ଥଳରେ ହିଁ ମୃତ୍ୟୁବରଣ କରିଥିଲେ। ସେହିପରି ଶିବାନୀ ଖୁରଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଥିଲେ। ଜିଲ୍ଲା ହସ୍ପିଟାଲକୁ ନିଆଯାଉଥିବା ବେଳେ ମନୋହରଙ୍କ ମୃତ୍ୟୁ ଘଟିଥିଲା। ଭାଇମାନଙ୍କ ମଧ୍ୟରେ ମନୋହର ସବୁଠାରୁ ସାନ ଥିଲା ପୁଅ ଅନିକେତ ୯ମ ଶ୍ରେଣୀରେ ପଢୁଥିଲା ଓ ଝିଅ କଲେଜରେ ପ୍ରଥମ ବର୍ଷର ଛାତ୍ରୀଥିଲେ। ମନୋହର ଗାଁର ସମୃଦ୍ଧ ଚାଷୀ ଥିଲେ ବୋଲି ଜଣାପଡ଼ିଛି। ଗାଁରେ ଶୋକ ଖେଳିଯାଇଛି।

## ପୁଣି ଝୁଲିଲା ରାଜ୍ୟ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ

**ଦିଲ୍ଲୀରୁ ଫେରିଲେ ମନମୋହନ, କହିଲେ ଆଗ ସଂଗଠନ ପୁନର୍ବିନ୍ୟାସ**

■ **ଭୁବନେଶ୍ୱର, ୨୬।୭ (ସମିସ):** ରାଜ୍ୟ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣକୁ ନେଇ ଗତ କିଛି ଦିନ ହେଲା କଳ୍ପନାଜଳ୍ପନା ପ୍ରକାଶ ପାଇ ଆସୁଥିଲେ ମଧ୍ୟ ନିକଟ ଭବିଷ୍ୟତରେ ଏହାର ସମ୍ଭାବନା କମ୍। ଦିଲ୍ଲୀରୁ ଫେରି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଯେଉଁ ମନ୍ତବ୍ୟ ଦେଇଛନ୍ତି, ସେଥିରୁ ଏଭଳି ଆଭାସ ମିଳୁଛି। ତାଙ୍କର ବୟାନ ଯୋଗୁଁ ଦଳୀୟ ଆଶାୟୀଙ୍କୁ ପୁଣିଥରେ ନିରାଶ ହେବାକୁ ପଡ଼ିଛି।

ଦିଲ୍ଲୀ ଗସ୍ତ ସାରି ନିଜ ପ୍ରଥମ ବୟାନରେ ସାମଲ କହିଛନ୍ତି ଯେ ଦିଲ୍ଲୀରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ନେଇ କୌଣସି ଆଲୋଚନା ହୋଇନାହିଁ। ପ୍ରଥମେ ସଂଗଠନ ପୁନର୍ବିନ୍ୟାସ ସହ ନିଗମ ଓ ବୋର୍ଡରେ ନିଯୁକ୍ତି ପ୍ରଦାନ କରାଯିବ। ଏହାପରେ ମନ୍ତ୍ରିମଣ୍ଡଳ ସଂପର୍କରେ ନିଷ୍ପତ୍ତି ନିଆଯିବ। ଆସନ୍ତା ୧୫ରୁ ଏକ ମାସ ମଧ୍ୟରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହୋଇପାରେ ବୋଲି ସେ ଆଶ୍ୱାସନା ଦେଇଛନ୍ତି। ତେବେ ମନମୋହନଙ୍କ କଥାରେ ତାଳମେଳ ରହୁ ନ ଥିବା ବେଳେ ଦଳର ବରିଷ୍ଠ ନେତା ମଧ୍ୟ ଅନିଶ୍ଚିତତାରେ ରହିଛନ୍ତି। ସବୁକିଛି ଦିଲ୍ଲୀ ହାଇକମାଣ୍ଡଙ୍କ ଉପରେ ନିର୍ଭର କରୁଛି।

ସୂଚନାଯୋଗ୍ୟ ଯେ ରାଜ୍ୟରେ ବିଜେପି ସରକାରକୁ ୧୩ ମାସ ବିତି ୧୪ ମାସ ଚାଲିଲାଣି। ମାତ୍ର ଏଯାବତ୍ ପୂର୍ଣ୍ଣାଙ୍ଗ ମନ୍ତ୍ରିମଣ୍ଡଳ ଗଠନ ହୋଇପାରିଲା ନାହିଁ। ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ନିଷ୍ପତ୍ତି ପଦ୍ମ ଘୁଞ୍ଚିଲା ପରି ଘୁଞ୍ଚି ଘୁଞ୍ଚି ଯାଉଛି। ରାଜ୍ୟ ମନ୍ତ୍ରିମଣ୍ଡଳରେ ମୁଖ୍ୟମନ୍ତ୍ରୀଙ୍କୁ ମିଶାଇ ଏବେ ୧୬ ମନ୍ତ୍ରୀ ଅଛନ୍ତି। ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ଆହୁରି ୬ଟି ମନ୍ତ୍ରୀପଦ ଖାଲି ରହିଛି। ଜଣେ ଜଣେ ମନ୍ତ୍ରୀ ଏକାଧିକ ବିଭାଗ ସମ୍ଭାଳୁଥିବାରୁ ବିଭାଗୀୟ କାର୍ଯ୍ୟରେ ପାରଦର୍ଶିତା ଆସୁନାହିଁ ଏବଂ ବିଭିନ୍ନ ଅଘଟଣ ମଧ୍ୟ ଘଟୁଛି। ଯାହାକୁ ନେଇ ସରକାରଙ୍କୁ ସାଧାରଣରେ ଲୋକହସା ହେବାକୁ ପଡୁଥିବା ବେଳେ ଦଳୀୟ ଆଶାୟୀ ମଧ୍ୟ ନିରାଶ ହୋଇ ପଡ଼ିଲେଣି। ଇତିମଧ୍ୟରେ ମୁଖ୍ୟମନ୍ତ୍ରୀ, ରାଜ୍ୟ ସଭାପତି ଏକାଧିକ ବାର ଦିଲ୍ଲୀ ଗସ୍ତରେ ଯାଇ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣକୁ ସାକାର ରୂପ ଦେବାକୁ ଚେଷ୍ଟା କରିଛନ୍ତି। ମାତ୍ର ଏକାଧିକ ସମୀକରଣ ସମ୍ପ୍ରସାରଣ ରାସ୍ତାରେ ପ୍ରତିବନ୍ଧକ ସାଜୁଥିବା ଜଣାପଡ଼ିଛି। ଏପଟେ ସରକାର ଗଠନ କରିବାକୁ ବିଜେପିକୁ ୧୩ ମାସ ପୂରିଥିବା ବେଳେ ବିନା କ୍ଷମତାରେ ଦଳର କିଛି ମୂଳ ନେତା ଏବଂ ଦଳଡିଆଁ ଉଭୟ ଅଧୈର୍ଯ୍ୟ ହୋଇ ପଡ଼ିଲେଣି। ଯାହାକୁ ନେଇ ଉଭୟ ସରକାର ଏବଂ ସଂଗଠନ ଏକପ୍ରକାର ଅକଳିଆ ସ୍ଥିତିରେ ପଡ଼ିଥିବା ବେଳେ ପ୍ରଥମେ ସଂଗଠନର ପୁନର୍ବିନ୍ୟାସ ଏବଂ ନିଗମ ବୋର୍ଡରେ ନିଯୁକ୍ତି ଦେବାକୁ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ଏନେଇ ଦଳର ରାଜ୍ୟ ପ୍ରଭାରୀ ବିଜୟ ପାଲ୍ ସିଂହ ତୋମାର ମଧ୍ୟ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ କେନ୍ଦ୍ରୀୟ ନେତୃତ୍ୱଙ୍କ ସହ ▶ପୃଷ୍ଠା-୭

# ଅବପାତ ଆଣିଲା ବନ୍ୟା

## ବିପଦ ସଙ୍କେତ ଉପରେ ବୈତରଣୀ ଓ ଜଳକା

■ **ଭୁବନେଶ୍ୱର, ୨୬।୭ (ସମିସ):** ରାଜ୍ୟରେ ଅବପାତଜନିତ ବର୍ଷା କାରଣରୁ ମୟୂରଭଞ୍ଜ ଏବଂ କେନ୍ଦୁଝର ଜିଲ୍ଲାରେ ଅତ୍ୟଧିକ ବର୍ଷା ହୋଇଛି। ଫଳସ୍ୱରୂପ ସୁବର୍ଣ୍ଣରେଖା, ଜଳକା ଏବଂ ବୈତରଣୀ ନଦୀରେ ଜଳସ୍ତର ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ଜଳସମ୍ପଦ ବିଭାଗର ସୂଚନା ଅନୁଯାୟୀ ଆନନ୍ଦପୁରଠାରେ ବୈତରଣୀର ବିପଦ ସଙ୍କେତ ସ୍ତର ୩୮.୩୬ ମିଟର ଥିବାବେଳେ ବର୍ତ୍ତମାନ ସେଠାରେ ଜଳସ୍ତର ୩୯.୧୬ ମିଟର ରହିଛି। ସେହିପରି ଆଖୁଆପଦାଠାରେ ବିପଦ ସଙ୍କେତ ୧୮.୩୩ ମିଟର ଥିବାବେଳେ ସେଠାରେ ଜଳସ୍ତର ୬ଟା ସୁଦ୍ଧା ୧୮.୮୮ ମିଟର ରହିଛି। ରାତି ୧୦ଟା ସୁଦ୍ଧା ଏଠାରେ ଜଳସ୍ତର ୧୯.୧୦ ମିଟର ପହଞ୍ଚିବା ନେଇ ଆଶଙ୍କା ପ୍ରକାଶ ପାଇଛି। ସମାନ ଭାବରେ ମଥାନୀଠାରେ ଜଳକା ନଦୀର ବିପଦ ସଙ୍କେତ ସ୍ତର ୬.୫୦ ମିଟର ଥିବାବେଳେ ଜଳସ୍ତର ବର୍ତ୍ତମାନ ୭.୧୩ ମିଟର ରହିଛି। ଜାମଶୋଳାଘାଟଠାରେ ସୁବର୍ଣ୍ଣରେଖା ନଦୀର ବିପଦ ସଙ୍କେତ ସ୍ତର ୪୯.୧୬ ମିଟର ଥିବାବେଳେ ସେଠାରେ ବର୍ତ୍ତମାନ ବିପଦ ସଙ୍କେତ ଉପରେ ଅର୍ଥାତ୍ ୫୦.୬୪ ମିଟର ଜଳ ପ୍ରବାହିତ ହେଉଛି। ଆସନ୍ତାକାଲି ଦିନ ୧୧ଟା ସୁଦ୍ଧା ସୁବର୍ଣ୍ଣରେଖା ବିପଦ ସଙ୍କେତ ଅତିକ୍ରମ କରିବା ସହ ପ୍ରାୟ ୧୧.୭ ମିଟରରେ ପ୍ରବାହିତ ହେବା ଆଶଙ୍କା ରହିଛି। ବର୍ତ୍ତମାନ ଅବପାତ ଉତ୍ତର ଛତିଶଗଡ଼ ଓ ଝାଡ଼ଖଣ୍ଡ ଉପରେ ସକ୍ରିୟ ରହିଛି। ଏହାର ପ୍ରଭାବରେ ଆହୁରି ୨ ଦିନ ଯାଏ ରାଜ୍ୟର ଅନେକ ସ୍ଥାନରେ ବର୍ଷା ଜାରି ରହିବ। ଆଭ୍ୟନ୍ତରୀଣ ଓଡ଼ିଶାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଥିବା ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସୂଚନାରୁ ଜଣାପଡ଼ିଛି।

**ଉପରମୁଣ୍ଡରୁ ମାଡ଼ି ଆସୁଛି ୬ ଲକ୍ଷ କ୍ୟୁସେକ ବନ୍ୟାଜଳ**



**ଫୁଲୁଛି ମହାନଦୀ**

## ହୀରାକୁଦର ୨୦ ଗେଟ୍‌ରୁ ଜଳ ନିଷ୍କାସନ

■ **ଭୁବନେଶ୍ୱର/ସମ୍ବଲପୁର,୨୬।୭ (ସମିସ):** ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ଛତିଶଗଡ଼ ତା'ର ବ୍ୟାରେଜ୍ ଓ ଡ୍ୟାମ୍ ଗେଟ୍ ଖୋଲି ଦେଇଛି। ଫଳରେ ଉପରମୁଣ୍ଡରୁ ପ୍ରତି ସେକେଣ୍ଡରେ ଲକ୍ଷଲକ୍ଷ କ୍ୟୁସେକ୍ ଜଳ ହୀରାକୁଦ ଜଳଭଣ୍ଡାରରେ ପ୍ରବେଶ କରୁଛି। ଏହି କ୍ରମରେ, ଆସନ୍ତାକାଲି ସକାଳ ସୁଦ୍ଧା ହୀରାକୁଦରେ ପାଖାପାଖି ୬ଲକ୍ଷ କ୍ୟୁସେକ୍ ଜଳ ପହଞ୍ଚିବ ବୋଲି ଆକଳନ କରାଯାଉଛି। ତେଣୁ, ହୀରାକୁଦ କର୍ତ୍ତୃପକ୍ଷ ଏହା ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି। ବର୍ତ୍ତମାନ ୨୦ଟି ଗେଟ୍ ଦେଇ ଜଳଭଣ୍ଡାରରୁ ବନ୍ୟାଜଳ ନିଷ୍କାସନ ହେଉଥିବା ବେଳେ ଆବଶ୍ୟକ ପଡ଼ିଲେ ଅଧିକ ଗେଟ୍ ଖୋଲିବାକୁ ତ୍ୱରିତ ନିଷ୍ପତ୍ତି ନିଆଯାଇପାରେ ବୋଲି କୁହାଯାଉଛି। ଏପରି ହେଲେ, ତଳମୁଣ୍ଡରେ ବନ୍ୟା ପରିସ୍ଥିତି ଉପୁନ୍ନ ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇନପାରେ। ହୀରାକୁଦ ଜଳଭଣ୍ଡାରର ଜଳଧାରଣ ସର୍ବୋଚ୍ଚ କ୍ଷମତା ୬୩୦ ଫୁଟ୍। ବର୍ତ୍ତମାନ ତାହା ୬୧୧ ଫୁଟ୍ ଟପି ସାରିଥିବା ବେଳେ ଆଗାମୀ ସମୟରେ ଉପରମୁଣ୍ଡରେ ବର୍ଷା ଲାଗିରହିଲେ ଜଳସ୍ତର ବୃଦ୍ଧି ପାଇବ। ଗତ ୨୪ ଘଣ୍ଟା ମଧ୍ୟରେ ଉପରମୁଣ୍ଡରେ ୪୯.୪୭ ମିମି ବର୍ଷା ହୋଇଛି। ଲଘୁଚାପ କାରଣରୁ ଏହି ବର୍ଷା ଲାଗି ରହିପାରେ। ଆଜି ଶନିବାର ସନ୍ଧ୍ୟା ୬ଟା ସୁଦ୍ଧା ହୀରାକୁଦ ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୫,୨୩,୩୭୫ କ୍ୟୁସେକ୍ ଜଳ ପ୍ରବେଶ କରୁଛି। ଜଳସ୍ତର ଗତକାଲି ସନ୍ଧ୍ୟା ୬ଟାରେ ୬୦୯.୩୯ ଫୁଟ ଥିବାବେଳେ ୨୪ ଘଣ୍ଟା ପରେ ଆଜି ସେହି ସମୟରେ ୬୧୧.୫୮ ଫୁଟ୍ ରହିଛି। ଜଳଭଣ୍ଡାରରେ ଏଭଳି ୫ଲକ୍ଷରୁ ଉର୍ଦ୍ଧ୍ୱ କ୍ୟୁସେକ ଜଳ ପ୍ରବେଶ ଜାରି ରହିଲେ ଜଳସ୍ତର ବୃଦ୍ଧି ପାଇବ। ନଦୀବନ୍ଧର ୨୦ଟି ଗେଟ୍ ଖୋଲାଯାଇଥିବାରୁ ମହାନଦୀ ପୂର୍ଣ୍ଣଗର୍ଭା ହୋଇ ପ୍ରବାହିତ ହେଉଛି। ▶ପୃଷ୍ଠା-୭

## କୁଶଭଦ୍ରାକୁ ଖସିପଡ଼ିଲା କାର୍

**ବର୍ତ୍ତିଗଲେ କଟକ ସଦର ବିଡିଓ ଓ ପତ୍ନୀ**



■ **କୋଣାର୍କ/କନ୍ଦରପୁର, ୨୬।୭ (ସମିସ):** ଶନିବାର ଅପରାହ୍ଣ ୪ଟାରେ କୋଣାର୍କ-ପୁରୀ ବେଳାମାର୍ଗ ସଂଲଗ୍ନ ରାମଚଣ୍ଡୀଠାରେ କୁଶଭଦ୍ରା ନଦୀ ଗର୍ଭକୁ ଏକ ଚଳନ୍ତା କାର୍ ଖସିପଡ଼ିବା ଫଳରେ କାର୍ ଚାଳକ କଟକ ସଦର ବିଡିଓ ପ୍ରତୀକ ସାହୁ (୩୩) ଓ ତାଙ୍କ ପତ୍ନୀ ରଶ୍ମି ସାହୁ(୩୧) ଆହତ ହୋଇଛନ୍ତି। ନଦୀଗର୍ଭରେ ସମ୍ପୂର୍ଣ୍ଣ ଓଲଟି ପଡ଼ି ଭାସୁଥିବା କାର୍ ଭିତରୁ ଚିତ୍କାର କରୁଥିବା ଦମ୍ପତିଙ୍କୁ ନିକଟରେ ଥିବା ଅଗ୍ନିଶମ ପ୍ରଶିକ୍ଷଣ କେନ୍ଦ୍ରର ପ୍ରଶିକ୍ଷାର୍ଥୀମାନେ ତତ୍କାଳ ଉଦ୍ଧାର କରିଥିଲେ। ସେମାନଙ୍କୁ ଚିକିତ୍ସା ନିମନ୍ତେ ପ୍ରଥମେ କୋଣାର୍କ ଓ ପରେ ପୁରୀ ସଦର ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।

ମେରାଇନ୍ ଡ୍ରାଇଭ୍ ଜାତୀୟ ରାଜପଥରୁ ପ୍ରତୀକ ଲୋଟସ୍ ରିସର୍ଟ ହୋଟେଲକୁ ଯାଉଥିବା ସମୟରେ ଅନତି ଦୂରରେ ଏହି ଦୁର୍ଘଟଣା ଘଟିଥିଲା। ରାସ୍ତା କଡ଼ରେ ପାର୍କିଂ ପାଇଁ ଗାଡ଼ି ବୁଲାଉଥିବା ବେଳେ ବ୍ରେକ୍ ପରିବର୍ତ୍ତେ ଆକ୍ସିଲିରେଟର୍ ଉପରେ ଗୋଡ଼ ରହିଯିବା ଯୋଗୁଁ କାର୍‌ଟି ଦ୍ରୁତ ଗତିରେ ଦକ୍ଷିଣ ପାର୍ଶ୍ୱକୁ ମାଡ଼ିଯାଇ ନଦୀଗର୍ଭକୁ ଖସିପଡ଼ିଥିଲା। କାର୍‌ଟି ଓଲଟିଯାଇ ପାଣିରେ ଭାସୁଥିବା ଅବସ୍ଥାରେ ଆଗ୍ନିକମାନେ ପାଣିକୁ ଡେଇଁ ତାଙ୍କୁ ଉଦ୍ଧାର କରିଥିଲେ।

## ପୁଅକୁ ଫାଶୀ ଦେଇ ଝୁଲିପଡ଼ିଲା ବାପା

■ **ପିପିଲି, ୨୬।୭ (ସମିସ):** ସ୍ତ୍ରୀ ଛାଡ଼ି ଚାଲିଯିବାରୁ ମାତ୍ର ୩ବର୍ଷର ପୁଅକୁ ଫାଶୀ ଦେଇ ଫ୍ୟାନ୍‌ରେ ଝୁଲିପଡ଼ିଲା ବାପା। ପାରିବାରିକ କଳହକୁ ନେଇ ପିପିଲି ଥାନା ତେଇଶିପୁର ପଞ୍ଚାୟତର ପୋଟଳ ଗ୍ରାମରେ ଆଜି ଏପରି ଏକ ଦୁଃଖଦ ଘଟଣା ଘଟିଛି। ମୃତକଦ୍ୱୟ ହେଲେ, ଗ୍ରାମର ଦୀପକ ପାଣି (୩୨) ଓ ତାଙ୍କର ୩ବର୍ଷର ପୁଅ।

ସୂଚନାନୁଯାୟୀ, ୮ବର୍ଷ ତଳେ ଦୀପକ କେନ୍ଦ୍ରାପଡ଼ା ଅଞ୍ଚଳର ପୂଜା ମଲ୍ଲିକଙ୍କୁ ପ୍ରେମବିବାହ କରିଥିଲେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଛୋଟମୋଟ କଳିଝଗଡ଼ା ହେଉଥିଲେ ହେଁ ସଂସାର ରଥ ଗଡୁଥିଲା। ୩ବର୍ଷ ତଳେ ଉଭୟଙ୍କର ଏକ ପୁଅ ହୋଇଥିଲା। ତେବେ ଧୀରେଧୀରେ ଦୁହିଁଙ୍କ ସଂପର୍କରେ ଭଟ୍ଟା ପଡ଼ିଥିଲା। କଥା କଥାକୁ ନେଇ ଦୁହିଁଙ୍କ ମଧ୍ୟରେ କଳିଝଗଡ଼ା ହେଉଥିଲା। ଶୁକ୍ରବାର ରାତିରେ ମଧ୍ୟ ଉଭୟଙ୍କ ମଧ୍ୟରେ କଳିଝଗଡ଼ା ▶ପୃଷ୍ଠା-୭

**ବ୍ରେନଷ୍ଟିନ ରିପୋର୍ଟ**

## ଦେଶରେ ବଢ଼ିଚାଲିଛି ଧନୀ-ଗରିବ ତାରତମ୍ୟ



**୧ ପ୍ରତିଶତ ଲୋକଙ୍କ ପାଖରେ ୧୨ ଲକ୍ଷ କୋଟି ଡଲାରର ସମ୍ପତ୍ତି**

**ଧନ ପରିଚାଳନା ପାଇଁ ବୃତ୍ତିଗତଙ୍କ ସହାୟତା ନେଉଛନ୍ତି**

■ **ନୂଆଦିଲ୍ଲୀ, ୨୬।୭ (ଏଜେନ୍ସି):** ଭାରତରେ ଆର୍ଥିକ ଅସମାନତା କମିବା ପରିବର୍ତ୍ତେ ହୁ ହୁ ହୋଇ ବଢ଼ିବାରେ ଲାଗିଛି। ଗରିବୀ ହଟାଅ ସ୍ଲୋଗାନ ଧୂଆଁବାଣ ସାବ୍ୟସ୍ତ ହୋଇଛି। ଲୋକଙ୍କ ଆୟ ବଢ଼ିବା ବଦଳରେ ବ୍ୟୟ ବଢୁଥିବା ବେଳେ ଦେଶରେ ଧନୀ ଅଧିକ ଧନବାନ ହେବାରେ ଲାଗିଛନ୍ତି। ଏକ ପ୍ରତିଶତ ଧନୀ ପରିବାରଙ୍କ ପାଖରେ ପ୍ରାୟ ୧୧.୬ ଲକ୍ଷ କୋଟି ଡଲାରର ମୋଟ ସମ୍ପତ୍ତି ରହିଛି। ଏଥିରେ ପ୍ରାୟ ୨.୭ ଲକ୍ଷ କୋଟିର ଲିକୁଇଡ ଆର୍ଥିକ ସମ୍ପତ୍ତି ରହିଛି। ଏହି ଧନୀଙ୍କ ବର୍ଦ୍ଧିତ ଆର୍ଥିକ ସମ୍ପତ୍ତି ଧନର ପରିଚାଳନା କରୁଥିବା କମ୍ପାନୀଙ୍କ ଲାଗି ବଡ଼ ସୁଯୋଗ ସୃଷ୍ଟି କରିଛି।

ବର୍ଣ୍ଣଷ୍ଟିନ୍ ରିପୋର୍ଟରୁ ଏହି ତଥ୍ୟ ସାମ୍ନାକୁ ଆସିଛି। ଏଥିରେ କୁହାଯାଇଛି ଯେ ଭାରତର ସବୁଠୁ ଅଧିକ ଧନୀ ପରିବାର ଆହୁରି ଅଧିକ ଧନୀ ହେବାକୁ ଯାଉଛନ୍ତି। ଏହାଦ୍ୱାରା ସମ୍ପତ୍ତି ପରିଚାଳକଙ୍କ ସଂଖ୍ୟା ଅହେତୁକ ବୃଦ୍ଧି ପାଇଛି। ଏହି ଧନୀଙ୍କ ଲିକୁଇଡ୍ ସମ୍ପତ୍ତିରେ ବ୍ୟାଙ୍କ ଜମା ଏବଂ ଅଣ-ପ୍ରମୋଟରଙ୍କ ଇକ୍ୱିଟ ସେୟାର ସାମିଲ ରହିଛି। ଭାରତୀୟ ପରିବାର ଧିରେ ଧିରେ ନିଜ ବର୍ଦ୍ଧିତ ସଞ୍ଚୟ ଏବଂ ଧନର ସିଂହ ଭାଗକୁ ଆର୍ଥିକ ସମ୍ପତ୍ତିରେ ସ୍ଥାନାନ୍ତର କରୁଛନ୍ତି। ଭାରତର ପୁଞ୍ଜି ବଜାରରେ ଏଭଳି ଯୋଗଦାନ ବୃଦ୍ଧି ପାଇବାରେ ଲାଗିଛି। ଅତି ଧନୀ ଲୋକ ଆଇପିଓ ଏବଂ ବ୍ଲକ୍ ଡିଲ୍ ମାଧ୍ୟମରେ ପ୍ରମୋଟର ହୋଲ୍ଡିଙ୍ଗସ୍‌କୁ ଲିକୁଇଡ ସମ୍ପତ୍ତିରେ ବଦଳାଉଛନ୍ତି। ଏମାନେ ପୁଞ୍ଜି ବଜାର ବୃଦ୍ଧିର ଲାଭ ଉଠାଉଛନ୍ତି। ସେହିପରି ଷ୍ଟାର୍ଟଅପ୍ ଇକୋସିଷ୍ଟମରୁ ଧନୀ ବ୍ୟକ୍ତିଙ୍କ ଏକ ନୂଆ ବର୍ଗ ବାହାରିଛି। ଏଥିରେ ପ୍ରତିଷ୍ଠାତା ଏବଂ ପ୍ରାରମ୍ଭିକ କର୍ମଚାରୀ ସାମିଲ ଅଛନ୍ତି। ଏମାନଙ୍କ ମଧ୍ୟରେ ହାଇ ନେଟୱର୍ଥ ଇଣ୍ଡିଭିଜୁଆଲ (ଏଚଏନଆଇ)ଙ୍କ ସଂଖ୍ୟା ଦ୍ରୁତଗତିରେ ବୃଦ୍ଧି ପାଉଛି।

ଅତ୍ୟଧିକ ଧନୀ ଲୋକଙ୍କ ଏହି ଗୋଷ୍ଠୀ ନିଜ ବର୍ଦ୍ଧିତ ଆର୍ଥିକ ପୋର୍ଟଫୋଲିଓର ପରିଚାଳନା ଲାଗି ବୃତ୍ତିଗତ ପରାମର୍ଶଦାତାଙ୍କ ସେବା ନେଉଛନ୍ତି। ତେବେ ପରାମର୍ଶଦାତା ବଜାରରେ ଏବେ ବି ଅଣସଂଗଠିତ କମ୍ପାନୀ ଏବଂ ପାରମ୍ପରିକ ବ୍ୟାଙ୍କର କର୍ତ୍ତୃତ୍ୱ ରହିଛି। ୨.୭ ଲକ୍ଷ କୋଟି ଡଲାରର ଲିକୁଇଡି ଆର୍ଥିକ ସମ୍ପତ୍ତିରେ ସ୍ୱତନ୍ତ୍ର ସମ୍ପତ୍ତି ପରିଚାଳକଙ୍କ ସଂଖ୍ୟା ମାତ୍ର ୧୧ ପ୍ରତିଶତ ରହିଛି।

**ପ୍ରକଳ୍ପ ବିରୋଧରେ ସରକାରୀ ଷଡ଼ଯନ୍ତ୍ର**

## ମଉଳିଲା ମେଟ୍ରୋ ସ୍ୱପ୍ନ



**ସମସ୍ତ ଟେଣ୍ଡର ରଦ୍ଦ**

■ **ଭୁବନେଶ୍ୱର, ୨୬।୭ (ସମିସ):** ଦିଲ୍ଲୀ ଭଳି ଓଡ଼ିଶାରେ ବି ମେଟ୍ରୋ ଗଡ଼ିବ ବୋଲି ରାଜ୍ୟବାସୀ ଯେଉଁ ସ୍ୱପ୍ନ ଦେଖିଥିଲେ ତାହା ମଉଳି ଯାଇଛି। ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପ' କାର୍ଯ୍ୟରେ ଆଜି ସମ୍ପୂର୍ଣ୍ଣ ଭାବେ ପୂର୍ଣ୍ଣଚ୍ଛେଦ ପଡ଼ିଛି। କାରଣ ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପ ସମ୍ପର୍କିତ ସମସ୍ତ ଟେଣ୍ଡରକୁ ଦିଲ୍ଲୀ ମେଟ୍ରୋ ରେଳ ନିଗମ ବାତିଲ କରିଦେଇଛି। ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପ କାର୍ଯ୍ୟ ନିମନ୍ତେ ୨୦୨୪ ଜୁନରୁ ଅଗଷ୍ଟ ମାସ ମଧ୍ୟରେ ଟେଣ୍ଡର ହାସଲ କରିଥିବା ସୈଗଲ ଇଣ୍ଡିଆ, ରଞ୍ଜିତ ବିଲଡକନ୍‌କୁ ଦିଆଯାଇଥିବା କାର୍ଯ୍ୟାଦେଶକୁ ରଦ୍ଦ କରି ଦିଆଯାଇଛି। ଏହି ଦୁଇ ସଂସ୍ଥା ୨୬ କି.ମି ବ୍ୟାପୀ ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନବନ୍ଦରରୁ ତ୍ରିଶୂଳିଆ ପର୍ଯ୍ୟନ୍ତ ମେଟ୍ରୋ ରେଳ ଷ୍ଟେସନ ନିର୍ମାଣର କାର୍ଯ୍ୟାଦେଶ ପାଇଥିଲେ।

ଓଡ଼ିଶାରେ ସରକାର ବଦଳିବା ପରେ ରାଜ୍ୟରେ କାର୍ଯ୍ୟକାରୀ ହେବାକୁ ଥିବା ବହୁପ୍ରତୀକ୍ଷିତ ମେଟ୍ରୋ ପ୍ରକଳ୍ପ ବିରୋଧରେ ଆରମ୍ଭ ହୋଇଗଲା କୁତ୍ସିତ ଷଡ଼ଯନ୍ତ୍ର। ଦିନ ଗଡ଼ିବା ସହିତ ଏହି ଷଡ଼ଯନ୍ତ୍ରରେ ନୂଆ ସରକାରଙ୍କ ଅନେକ ମନ୍ତ୍ରୀ ଧିରେ ଧିରେ ସାମିଲ ହୋଇ ଚାଲିଲେ। ମେଟ୍ରୋ ପ୍ରକଳ୍ପକୁ ସ୍ଲୋ ପଏଜନ୍ ଦେବାକୁ ଆରମ୍ଭ ହେଲା ଫୁଲ୍‌ପ୍ରୁଫ୍ ବ୍ଲୁ ପ୍ରିଣ୍ଟ। ସିଧାସଳଖ ସାମ୍ନାକୁ ଆସିଲେ କାଳେ ଲୋକଙ୍କ ଆକ୍ରୋଶର ଶିକାର ହେବେ ସେଥିପାଇଁ ପୂର୍ବରୁ ମେଟ୍ରୋ ପ୍ରକଳ୍ପକୁ ଉପହାସ କରୁଥିଲା ବେଳେ ସରକାରକୁ ଆସିବା ପରେ ଅଚାନକ ଅତ୍ୟନ୍ତ ▶ପୃଷ୍ଠା-୭

## ୧୦ ବର୍ଷ ପଛକୁ ପଳାଇବ ରାଜଧାନୀ



**ଭୁବନେଶ୍ୱରକୁ ବିଶ୍ୱସ୍ତରୀୟ ସହର କରିବା ଯୋଜନା ଥିଲା**

■ **ଭୁବନେଶ୍ୱର, ୨୬।୭ (ସମିସ):** ମେଟ୍ରୋ ପ୍ରକଳ୍ପ ଏବଂ ରାଜ୍ୟ ସରକାରଙ୍କ ଆଭିମୁଖ୍ୟକୁ ନେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କ୍ଷୋଭ ପ୍ରକାଶ କରିଛନ୍ତି। ସେ ତାଙ୍କ ଫେସବୁକ ପୋଷ୍ଟରେ କହିଛନ୍ତି, ବିଜେପି ନେତୃତ୍ୱାଧୀନ ଓଡ଼ିଶା ସରକାର ଭୁବନେଶ୍ୱର ମେଟ୍ରୋ ରେଳ ଚୁକ୍ତିଗୁଡ଼ିକୁ ବାତିଲ କରିଥିବା ଜାଣି ଆମେ ଆଘାତ ପାଇଛୁ। ଭୁବନେଶ୍ୱରକୁ ଏକ ବିଶ୍ୱସ୍ତରୀୟ ସହରରେ ପରିଣତ କରିବା ସବୁବେଳେ ଆମର ସ୍ୱପ୍ନ ରହିଛି। ଆମେ ସବୁ ସମୟରେ ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି, ଅନ୍ତର୍ଜାତୀୟ ଇଭେଣ୍ଟ ଆୟୋଜନ, ନିରବଚ୍ଛିନ୍ନ ଆଧୁନିକ ପରିବହନ ଏବଂ ଆଇଟି ଇକୋସିଷ୍ଟମ ବିକାଶ ଉପରେ ଧ୍ୟାନ ଦେଇ ମନ୍ଦିର ସହରକୁ ଏକ ବିଶ୍ୱସ୍ତରୀୟ ସହରରେ ରୂପାନ୍ତର କରିବାକୁ ଲକ୍ଷ୍ୟ ରଖିଥିଲୁ। ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପ ସହରର ଗତିଶୀଳତାକୁ ନୂଆ ରୂପ ଦେଇଥାନ୍ତା। ମୋବସ୍ ଏବଂ ଅନ୍ୟାନ୍ୟ ସଂଯୋଗୀକରଣ ସହିତ ସହର ପରିବହନକୁ ଉନ୍ନତ କରିଛି। ଏହା ସହର ଭିତରେ ଜନଗହଳିକୁ ▶ପୃଷ୍ଠା-୭

# ୪ ଲେନ୍ ହେବ 'ହୀରକ ତ୍ରିଭୁଜ' ବୌଦ୍ଧପୀଠ ରାସ୍ତା

ବାଲିଚନ୍ଦ୍ରପୁର, ୨୬।୭ (ସମିସ)



● ୨୩୧.୮୭ କୋଟିର ବ୍ୟୟ ଅଟକଳ ପ୍ରସ୍ତୁତ

● ଗଜେନ୍ଦ୍ରପୁର ଓ ତାଲୁଆଠାରେ ହେବ ଦୁଇଟି ବଡ଼ ସେତୁ

ଷାଠିଏ ଦଶକର ପୂର୍ବରୁ ତାହା ଥିଲା ବାଲିଗୋଡ଼ି-ମେଣ୍ଟାଲ ବିଛା ହୋଇଥିବା ଅଣଓସାରିଆ ରାସ୍ତାଟିଏ। ୧୯୭୦ ମସିହାରେ ଦୈତାରୀ-ପାରାଦୀପ ଏକ୍ସପ୍ରେସ ସଡ଼କ ନିର୍ମାଣ କାମ ଆରମ୍ଭର ପୂର୍ବକାଳରୁ ଅବିଭକ୍ତ କଟକ ଜିଲ୍ଲାର ବହୁ ପୁରାତନ ତିନୋଟି ବୌଦ୍ଧପୀଠକୁ ସଂଯୋଗ କରୁଥିବା ସଡ଼କପଥ। ବିଶ୍ୱବିଖ୍ୟାତ 'ହୀରକ ତ୍ରିଭୁଜ' ବୌଦ୍ଧସର୍କିଟ ଲଳିତଗିରି-ଉଦୟଗିରି-ରତ୍ନଗିରିକୁ ସଂଯୋଗ କରୁଥିବା ସେହି ପୁରୁଣା ଦୁଇ ଲେନ୍ ବିଶିଷ୍ଟ ରାସ୍ତା ଏବେ ଚାରିଲେନ୍‌ରେ ପରିଣତ ହେବାକୁ ଯାଉଛି। ଓଳାଶୁଣୀ ଛକ ଜାତୀୟ ରାଜପଥ ଠାରୁ ଆରମ୍ଭ ହୋଇ ପଲାଇ, ପାଗଳଡିହ (ଗୋବଣ୍ଡିଆ), କଳାଶ୍ରୀ, ଗଜେନ୍ଦ୍ରପୁର, ତାଲୁଆ ଦେଇ ରତ୍ନଗିରି ଯାଇଥିବା ଏହି ରାସ୍ତାର ଦୋହରୀକରଣ ପାଇଁ ୨୩୧ କୋଟି ୮୬ ଲକ୍ଷ ୩୯ ହଜାର ଟଙ୍କାର ପ୍ରାରମ୍ଭିକ ଖର୍ଚ୍ଚ ଅଟକଳ ପ୍ରସ୍ତୁତ ହୋଇଛି। ୧୫.୯୨୦ କିମି ବିଶିଷ୍ଟ ଏହି ରାସ୍ତାର ପ୍ରଶସ୍ତୀକରଣ ଓ ଏହାର ପାରିପାର୍ଶ୍ୱିକ ଉନ୍ନତି ପାଇଁ ହୋଇଥିବା ପ୍ରକଳ୍ପ ପରିଯୋଜନା ବିଶ୍ୱପ୍ରସିଦ୍ଧ ଏହି ତିନୋଟି ବୌଦ୍ଧ ପର୍ଯ୍ୟଟନସ୍ଥଳୀର ବିକାଶ ପାଇଁ ଏକ ନୂଆ ଅଧ୍ୟାୟ ଯୋଡ଼ିବ ବୋଲି କୁହାଯାଉଛି। ଆସନ୍ତା ୨୮ ତାରିଖ ପୂର୍ବାହ୍ନରେ ପର୍ଯ୍ୟଟନ ବିଭାଗ ଦାୟିତ୍ୱରେ ଥିବା ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ାଙ୍କ ସହିତ ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ବଡ଼ଚଣା ବିଧାୟକ ଅମର କୁମାର ନାୟକଙ୍କ ସମେତ ପୂର୍ତ୍ତ ଓ ପର୍ଯ୍ୟଟନ ବିଭାଗର ବରିଷ୍ଠ ପଦାଧିକାରୀଙ୍କୁ ନେଇ ଏଥିପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ।

ରାଜ୍ୟର ବୌଦ୍ଧ ଐତିହ୍ୟ ପୀଠକୁ ଯୋଡୁଥିବା ଏହି ପ୍ରମୁଖ ରାଜମାର୍ଗ ସମ୍ପ୍ରସାରଣ ଦ୍ୱାରା ରାଜ୍ୟ ପର୍ଯ୍ୟଟନ କ୍ଷେତ୍ରର ବିକାଶ, ସ୍ଥାନୀୟ ଅଞ୍ଚଳର ଅର୍ଥନୈତିକ ଅଭିବୃଦ୍ଧି ସହିତ ଭବିଷ୍ୟତ ପିଢ଼ି ପାଇଁ ଏହା ଆର୍ଥିକ ସ୍ୱାବଲମ୍ବନର ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ପ୍ରସ୍ତାବିତ ପ୍ରକଳ୍ପ ରିପୋର୍ଟ ଦର୍ଶାଯାଇଛି। ସମ୍ପ୍ରସାରିତ ରାଜମାର୍ଗରେ ଗଜେନ୍ଦ୍ରପୁର ଗାଁ ନିକଟ ବିରୂପା ନଦୀ ଉପରେ ୨୯୫ ମିଟର ଓ ତାଲୁଆ-ବାଲିକୁଦା ଠାରେ ବଡ଼ଗେଙ୍ଗୁଟି ନଦୀ ଉପରେ ୩୦୦ ମିଟର ଲମ୍ବର ଦୁଇଟି ନୂତନ ବଡ଼ ସେତୁ ନିର୍ମାଣ କରାଯିବ। ବର୍ତ୍ତମାନର ଏହି ଦୁଇ ଲେନ୍ ବିଶିଷ୍ଟ ରାସ୍ତା ୭ ମିଟର ଥିଲା ବେଳେ ୪ ଲେନ୍ ବିଶିଷ୍ଟ ରାସ୍ତା ୧୪ ମିଟର ଏବଂ ମଧ୍ୟଭାଗରେ ଦେଢ଼ମିଟର ଚଉଡ଼ାର ମିଡ଼ିଆନ ରହିବ। ରାସ୍ତାର ଉଭୟ ପାର୍ଶ୍ୱରେ ଅଢ଼େଇମିଟର ଚଉଡ଼ାର ସୋଲ୍ଡର ରାସ୍ତା ରହିବ। ଶନିଛକ, ଉଦୟଗିରି, ତାଲୁଆ-ବାଲିକୁଦା ଛକ ଓ ରତ୍ନଗିରି ଠାରେ ୪ଟି ଜଙ୍କସନର ବିକାଶ, ସମ୍ପୂର୍ଣ୍ଣ ରାସ୍ତାର ମଧ୍ୟଭାଗରେ ଥିବା ମେଡିଆନରେ ଉଜ୍ଜ୍ୱଳ ଷ୍ଟ୍ରିଟ୍‌ଲାଇଟ୍ ରହିବ। ପାଗଳଡ଼ିହ (ଗୋବଣ୍ଡିଆ) ସମେତ ରାସ୍ତାର ଶେଷଭାଗ ରତ୍ନଗିରିଠାରେ କେତେକ ବ୍ୟକ୍ତିଗତ ଜମି ଅଧିଗ୍ରହଣ କରାଯିବ ବୋଲି ଜଣାପଡ଼ିଛି।

୨୫ଟି ହ୍ୟୁମପାଇପ ସଂଯୋଗ, ୧୮ଟି ବକ୍ସ କଲଭର୍ଟ ଓ ସାଢ଼େ ୩ କିମି ଲମ୍ବର ଡ୍ରେନେଜ ବ୍ୟବସ୍ଥା ମଧ୍ୟ ରଖାଯାଇଛି। ଏହି ରାଜମାର୍ଗର ଦୋହରୀକରଣ ସହିତ ବୌଦ୍ଧ ପର୍ଯ୍ୟଟନକ୍ଷେତ୍ରର ବିକାଶ ପାଇଁ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତି ସହିତ ଏହାର କାର୍ଯ୍ୟାନ୍ୱୟନ ପାଇଁ ବିଭାଗୀୟ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିବା ବଡ଼ଚଣା ବିଧାୟକ ଶ୍ରୀ ନାୟକ କହିଛନ୍ତି। ଓଡ଼ିଶା ରୋଡ୍ ୱର୍କ ସିଷ୍ଟମର ବିବରଣୀ ଅନୁଯାୟୀ ଏହି ପୁରାତନ ମାର୍ଗଟି ଲଳିତଗିରି-ଉଦୟଗିରି-ରତ୍ନଗିରି (ଏଲ୍‌ୟୁଆର୍) ସଡ଼କ ନାମରେ ନାମିତ ହୋଇରହିଛି। ସଂସ୍କୃତି ଗବେଷକ ତଥା ଓଳାଶୁଣୀ ଉନ୍ନୟନ ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ଶୁଭେନ୍ଦୁ କୁମାର ଭୂୟାଁ କହିଛନ୍ତି ଯେ, ବିଶ୍ୱପ୍ରସିଦ୍ଧ 'ହୀରକ ତ୍ରିଭୁଜ'କୁ ସଂଯୋଗ କରୁଥିବା ଏହି ପୁରାତନ ସଡ଼କ ତତ୍କାଳିନ କେନ୍ଦ୍ରମନ୍ତ୍ରୀ ରାଜବାହାଦୂରଙ୍କ ଗସ୍ତ କାଳରେ 'ରାଜବାହାଦୂର ମାର୍ଗ' ନାମରେ ନାମିତ ହୋଇଥିଲା। ବର୍ମା ଦେଶର ତତ୍କାଳିନ ପ୍ରଧାନମନ୍ତ୍ରୀ ୟୁ-ନୁ ମଧ୍ୟ ଏହି ସଡ଼କ ଦେଇ ବୌଦ୍ଧପୀଠକୁ ପରିଦର୍ଶନରେ ଯାଇଥିଲେ। ଦେଶ ବିଦେଶରୁ ଆସୁଥିବା ବହୁ ପ୍ରସିଦ୍ଧ ବୌଦ୍ଧ ପର୍ଯ୍ୟଟକ, ଗବେଷକ ଓ ଐତିହାସିକମାନେ ଲଳିତଗିରି-ଉଦୟଗିରିକୁ ରାସ୍ତାରେ ଆସି କଳାଶ୍ରୀ-ଗୋପାଳପୁରଠାରେ ପଟ୍ଟାମୁଣ୍ଡାଇ କେନାଲ ବନ୍ଧ ପାରିହୋଇ ଗଜେନ୍ଦ୍ରପୁରଠାରେ ଡଙ୍ଗା ସାହାଯ୍ୟରେ ବିରୂପା ନଈପାର ହୋଇ ଉଦୟଗିରିଠାରେ ପହଞ୍ଚୁଥିଲେ।

ପୂର୍ତ୍ତ ବିଭାଗର ଚାରବାଟିଆ ଡିଭିଜନ ପକ୍ଷରୁ ପ୍ରସ୍ତାବିତ ଏହି ଦୋହରୀକରଣ ରାଜମାର୍ଗର ରାସ୍ତା ନିର୍ମାଣ ଓ ଚାରୋଟି ଜଙ୍କସନର ଉନ୍ନତି ପାଇଁ ୯୦.୮୧ କୋଟି, ଭୂମି ଅଧିଗ୍ରହଣ ପାଇଁ ୬ କୋଟି, ରାସ୍ତାପାର୍ଶ୍ୱ ଗଛକଟା ଓ ବୃକ୍ଷରୋପଣ ପାଇଁ ୪ କୋଟି ଏବଂ ଷ୍ଟ୍ରିଟ୍‌ଲାଇଟ୍ ପାଇଁ ଅଢ଼େଇ କୋଟି ଟଙ୍କାର ପ୍ରାରମ୍ଭିକ ଖର୍ଚ୍ଚ ଅଟକଳ ପ୍ରସ୍ତୁତ କରାଯାଇଛି। ଗଜେନ୍ଦ୍ରପୁର ସେତୁ ପାଇଁ ୩୦.୯୭ କୋଟି ଓ ତାଲୁଆ ସେତୁ ପାଇଁ ୩୧.୫୦ କୋଟି ଟଙ୍କାର ଅଟକଳ ପ୍ରସ୍ତୁତ ହୋଇଛି। ଏହି ସମ୍ପ୍ରସାରିତ ରାଜମାର୍ଗ ନିର୍ମାଣ ହେଲେ ତିନୋଟି ବିଶ୍ୱପ୍ରସିଦ୍ଧ ବୌଦ୍ଧ ପର୍ଯ୍ୟଟନସ୍ଥଳୀକୁ ଆସୁଥିବା ଦେଶ ବିଦେଶର ପର୍ଯ୍ୟଟକ ଓ ସ୍ଥାନୀୟ ଅଞ୍ଚଳବାସୀ ବିଶେଷ ଉପକୃତ ହେବେ।

## ସାପ କାମୁଡ଼ାରେ ମହିଳା ମୃତ

ପାଣିକୋଇଲି, ୨୬।୭ (ସମିସ): ଏକ ସାପ କାମୁଡାରେ ଆଜି ଜଣେ ମହିଳାଙ୍କର ମୃତ୍ୟୁ ଘଟିଛି। ପାଣିକୋଇଲି ଗ୍ରାମର ପ୍ରଫୁଲ୍ଲ ସ୍ୱାଇଁ ପତ୍ନୀ ପ୍ରତିମା ସ୍ୱାଇଁ ଆଜି ପୂର୍ବାହ୍ନ ୧୧ଟା ସମୟରେ ଗାଧୋଇ ଆସି ବାଡ଼ିରେ ଲୁଗା ଶୁଖାଉଥିଲେ। ଲୁଗା ଶୁଖାଇବା ସମୟରେ ଏକ ସର୍ପ ତାଙ୍କ ପାଦକୁ ଦଂଶନ କରିଥିଲା। ଫଳରେ ସେ ଅଚେତ ହୋଇପଡ଼ିଥିଲେ। ତାଙ୍କୁ ସଂଗେ ସଂଗେ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ମାତ୍ର ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ପୁଅ ଭାଗ୍ୟଶଙ୍କର ସ୍ୱାଇଁ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଏକ ଅପମୃତ୍ୟୁ ମାମଲା ୨୩/୨୫ରୁଜୁ କରି ତଦନ୍ତ କରିବା ସହ ବ୍ୟବଚ୍ଛେଦ କରିବା ବ୍ୟବସ୍ଥା କରାଇଛି। ଶବ ବ୍ୟବଚ୍ଛେଦ ପରେ ତାଙ୍କ ପରିବାରକୁ ମରଶରୀର ହସ୍ତାନ୍ତର କରାଯାଇଛି।

## ପୁରାତନ ଛାତ୍ର ସଂସଦ ପକ୍ଷରୁ ସମ୍ବର୍ଦ୍ଧନା ସଭା



ଧର୍ମଶାଳା, ୨୬।୭ (ସମିସ): ଧର୍ମଶାଳା ବାଣୀପୀଠ ପୁରାତନ ଛାତ୍ର ସଂସଦ ପକ୍ଷରୁ ଆଜି ବାଣିପୀଠ ପରିସରରେ କେନ୍ଦ୍ର ସାହିତ୍ୟ ଏକାଡେମୀର ବାଲ୍ ସାହିତ୍ୟ ପୁରସ୍କାର ପାଇବାକୁ ଥିବା ବରିଷ୍ଠ ଶିଶୁ ସାହିତ୍ୟିକ ଡ.ରାଜକିଶୋର ପାଢ଼ୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସଂସଦର ସଭାପତି ଡା. ବିଜୟ କୁମାର ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ବର୍ଷିଆନ ଶିଶୁ ସାହିତ୍ୟିକ ବଟକୃଷ୍ଣ ଓଝା ଯୋଗଦେଇଥିଲେ। ସଂସଦର ପୂର୍ବତନ ସମ୍ପାଦକ ଅଧ୍ୟାପକ ବିଜୟ କୁମାର ନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଧର୍ମଶାଳା ବାଣୀପୀଠର ପ୍ରଧାନଶିକ୍ଷକ ବାସୁଦେବ ରାଉଳ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସର୍ବ ଶେଷରେ ସମ୍ପାଦକ ଆଦିକନ୍ଦ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ଉତ୍ସବରେ ପୁରାତନ ଛାତ୍ରସଂସଦର କର୍ମକର୍ତ୍ତା, ସଦସ୍ୟ, ଛାତ୍ରଛାତ୍ରୀ, ଶିକ୍ଷକ ଓ ଶିକ୍ଷିକାମାନେ ଉପସ୍ଥିତ ଥିଲେ।

## ଜବତ ଦୁଇ ବାଲି ଗାଡ଼ିର ଚାଳକ ଗିରଫ





ପାଣିକୋଇଲି, ୨୬।୭ (ସମିସ): ଗତ ୧୯ ତାରିଖ ଯାଜପୁର ଖଣିବିଭାଗର କନିଷ୍ଠ ଖଣିଅଧିକାରୀ ଦୁଇଟି ବାଲିବୋଝେଇ (ହାଇୱା ଓ ଟିପ୍ପର)କୁ ଜବତ କରି ପାଣିକୋଇଲି ପୁଲିସ ଜିମା ଦେଇଥିଲେ। ପାଣିକୋଇଲି ପୁଲିସ ଦୁଇଟି ମାମଲା ୨୨୮/୨୫ ଓ ୨୨୯/୨୫ ମାମଲା ରୁଜୁ କରିଥିଲା। ହାଇୱାର ଚାଳକ ଭଦ୍ରକ ଜିଲ୍ଲା ତିହିଡି ଥାନା ଅନ୍ତର୍ଗତ ଦୋଳସାହି ଗ୍ରାମର ଟୁକୁନା ନାଥ (୩୫) ଓ ଟିପର ଚାଳକ ଯାଜପୁର ସଦର ଥାନା ଅନ୍ତର୍ଗତ ମାଳଆନ୍ଦପୁର ଗ୍ରାମର ଗଣେଶ ରାଉତଙ୍କୁ ଗିରଫ କରି ଅଦାଲତ ଚାଲାଣ କରାଯାଇଥିବା ପୁଲିସ ସୂତ୍ରରୁ ପ୍ରକାଶ।

● କଳାପଲସର ଆତଙ୍କ

## ଦୋକାନରୁ ଝାମ୍ପିନେଲେ ୮୦ ହଜାର ଟଙ୍କା

ପାଣିକୋଇଲି, ୨୬।୭ (ସମିସ): ପାଣିକୋଇଲି ବଜାର ହାଇସ୍କୁଲ ନିକଟରେ ଥିବା ଅଳତିରି କାଙ୍କଲାପାଟଣା ଗ୍ରାମର ସଦାଶିବ ସାହୁଙ୍କ ସାଇକଲ ଦୋକାନରୁ ଲୁଟ୍ ହୋଇଛି। ଆଜି ଅପରାହ୍ନ ୨ଟା ସମୟରେ ଦୁଇ ଜଣ ଅଜଣା ବ୍ୟକ୍ତି ଏକ କଳା ପଲସରରେ ଆସି ତାଙ୍କ ଦୋକାନ ସମ୍ମୁଖରେ ରଖି ଏକ ଲାଇଟର ମାଗିଥିଲେ। ସଦାଶିବ ଲାଇଟର ଦେବା ପରେ ସେମାନେ ଶହେ ଟଙ୍କିଆ ନୋଟ ଦେଇଥିଲେ। ସଦାଶିବ ୫୦ଟଙ୍କା ରଖି ୫୦ଟଙ୍କା ଫେରସ୍ତ କରିଥିଲେ। ସେ ପୁଣି ଦୁଇଟି ୫୦ଟଙ୍କା ଦେଇ ଏକ ଶହେ ଟଙ୍କିଆ ମାଗିଥିଲେ। ସଦାଶିବ ବ୍ୟାଗ ଖୋଲିବା କ୍ଷଣି ବ୍ୟାଗଟିକୁ ଝାମ୍ପି ନେଇ ଆଖି ପିଛୁଳାକେ ଫେରାର ହୋଇଯାଇଥିଲେ। ସେହି ବ୍ୟାଗରେ ମୋଟ ୮୦ ହଜାର ଟଙ୍କା ଥିବା ସଦାଶିବ ଅଭିଯୋଗରେ ଦର୍ଶାଇଛନ୍ତି। ଏନେଇ ସେ ପାଣିକୋଇଲି ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଘଟଣାର ତଦନ୍ତ ଜାରି ରଖିଛି।

## ଯୌତୁକ ପାଇଁ ମହିଳାଙ୍କୁ ନିର୍ଯାତନା ଅଭିଯୋଗ



ବିଞ୍ଝାରପୁର, ୨୬।୭ (ସମିସ): ବିଞ୍ଝାରପୁର ଥାନା ସୟଦପୁର ପଞ୍ଚାୟତ ଫଜିଲାମହଲାର ଜଣେ ସଂଖ୍ୟାଲଘୁ ମହିଳାଙ୍କୁ ଶାଶୂ ଘର ଲୋକ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଛି। ୨୦ମାସର ଶିଶୁପୁତ୍ରକୁ ନେଇ ନ୍ୟାୟ ପାଇଁ ବିଞ୍ଝାରପୁର ଥାନାର ଦ୍ୱାରସ୍ଥ ହୋଇଛନ୍ତି ସମ୍ପୃକ୍ତ ମହିଳା କରିସ୍ମା ରୁମାନ। କରିସ୍ମାଙ୍କ ଅଭିଯୋଗ ଅନୁଯାଇ ୨୦୨୨ ଡିସେମ୍ବର ୧୮ରେ ତାଙ୍କର ବାହାଘର ମୁସଲିମ ରୀତିନୀତି ଅନୁଯାଇ ଅମିରୁଦ୍ଦିନ ଖାଁଙ୍କ ପୁଅ ଜଫିରୁଦ୍ଦିନ ଖାଁଙ୍କ ସହ ସମ୍ପନ୍ନ ହୋଇଥିଲା। ବିବାହ ସମୟରେ ବର ପକ୍ଷର ଦାବି ମୁତାବକ ୨ ଲକ୍ଷ ଟଙ୍କା, କିୟା ସେଲଟସ କାର୍ ଓ ସୁନା ଅଳଙ୍କାର ଆଦି କରିସ୍ମାଙ୍କ ବାପା ଫକୀରଦ୍ଦିନ ପ୍ରଦାନ କରିଥିଲେ। ମାତ୍ର ବାହାଘରର କିଛି ମାସ ପରେ ଅଧିକ ଯୌତୁକ ଦାବି କରି ଶାଶୂ, ଶ୍ୱଶୁର, ସ୍ୱାମୀ, ନଣନ୍ଦ ମିଳିତ ଭାବେ କରିସ୍ମାଙ୍କୁ ମାଡ଼ ମାରିବା ସହିତ ନିର୍ଯାତନା ଦେଇଆସୁଛନ୍ତି। ଏପରିକି ଜୀବନରୁ ମାରିଦେବାକୁ ମଧ୍ୟ କରିସ୍ମାଙ୍କୁ ଧମକ ଦିଆଯାଉଛି। ଯାହାକୁ ନେଇ କରିସ୍ମା ବିଞ୍ଝାରପୁର ଥାନାରେ ଲିଖିତ ଅଭିଯୋଗ କରିବା ସହିତ ନ୍ୟାୟ ପାଇଁ ଦାବି କରିଛନ୍ତି। ବାରମ୍ବାର ଶାଶୂଘର ଲୋକ କରିସ୍ମାଙ୍କୁ ମାଡ଼ କରିବା ସହିତ ଯାଜପୁର ରୋଡ଼ଠାରେ ଥିବା ପୈତୃକ ସମ୍ପତିରୁ ଭାଗ ନେବା ପାଇଁ ଶାଶୂଘର ଲୋକ କରିସ୍ମାଙ୍କ ଉପରେ ଚାପ ପକାଉଛନ୍ତି। ବାରମ୍ବାର ନିର୍ଯାତନାର ଶିକାର ହେବା ପରେ କରିସ୍ମା ମୁହଁ ଖୋଲିଛନ୍ତି। ଘଟଣା ଜଣାପଡ଼ିବା ପରେ ଗ୍ରାମର ବୟୋଜ୍ୟେଷ୍ଠ ସଂଖ୍ୟାଲଘୁ ମୁରବିମାନଙ୍କୁ ନେଇ ଏକ ବୈଠକ ହୋଇଥିଲା ବୈଠକରେ ନିଆଯାଇଥିବା ନିଷ୍ପତିକୁ କରିସ୍ମାଙ୍କ ଶାଶୂଘର ଲୋକ ନ ମାନି ବରଂ ତାଙ୍କୁ ଅଧିକ ନିର୍ଯାତନା ଦେଇଥିଲେ। ଫଳରେ ଏବେ ନିଜର ଦେଢ଼ବର୍ଷର ଶିଶୁପୁତ୍ରକୁ ଧରି ନ୍ୟାୟ ପାଇଁ କରିସ୍ମା ବିଞ୍ଝାରପୁର ଥାନାର ଦ୍ୱାରସ୍ଥ ହୋଇଛନ୍ତି। କରିସ୍ମାଙ୍କ ଠାରୁ ଲିଖିତ ଅଭିଯୋଗ ପାଇ ବିଞ୍ଝାରପୁର ଥାନା ପୁଲିସ ଏହି ଘଟଣାରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ଶିକ୍ଷକ ସଂଗଠନର ଆନ୍ଦୋଳନ ପାଇଁ ସଜବାଜ

ଯାଜପୁର, ୨୬।୭ (ସମିସ): ରାଜ୍ୟ ସରକାର ବାରମ୍ବାର ପ୍ରତିଶ୍ରୁତି ଦେଇ ରକ୍ଷା କରୁନଥିବାରୁ ଶିକ୍ଷକମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ସରକାର ଯଦି ଦାବିପୂରଣ ନ କରନ୍ତି ତେବେ ଆସନ୍ତା ଅଗଷ୍ଟ ୧୬ ତାରିଖରେ ଗାନ୍ଧୀମାର୍ଗରେ ମହାସମାବେଶ ଅନୁଷ୍ଠିତ ହେବ। ଏହା ପୂର୍ବରୁ ଅଗଷ୍ଟ ୨ରେ ୧୦ ଗୋଟି ବ୍ଲକର ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ପ୍ରତିବାଦ ସଭା, ଅଗଷ୍ଟ ୮ରେ ଯାଜପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ପ୍ରତିବାଦ ସଭା କରାଯିବ। ଏ ନେଇ ଏକ ପ୍ରସ୍ତୁତି ବୈଠକ ଶନିବାର ଶିକ୍ଷକ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଯାଜପୁର ଜିଲ୍ଲା ଓଷ୍ଟାର ସମ୍ପାଦକ ପବିତ୍ର କୁମାର ପଣ୍ଡାଙ୍କ ଆବାହକତ୍ୱ ଓ ଯାଜପୁର ଓଷ୍ଟାର ସଭାପତି ସୁନନ୍ଦ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ସମନ୍ୱୟ ସମିତିର ସାମିଲ ସଂଗଠନ ଗୁଡିକର ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ ଯୋଗଦେଇଥିଲେ। ବ୍ଲକ ସଂଗଠନର ସମ୍ପାଦକ ସଭାପତିଙ୍କ ସମେତ ଜିଲ୍ଲା ସଂଗଠନର ସମସ୍ତ କର୍ମକର୍ତ୍ତା ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ରାଜ୍ୟ ସଂଘର ସାଧାରଣ ସମ୍ପାଦକ ବ୍ରଜକିଶୋର ବିଶ୍ୱାଳଙ୍କ ସମେତ ଜିଲ୍ଲା ସହ ସମ୍ପାଦକ ରାଜକିଶୋର ପରିଡ଼ା, ଦିବ୍ୟଲୋଚନ ମହାପାତ୍ର, ମମତା ମିଶ୍ର, ରମେଶ ଚନ୍ଦ୍ର ବେହେରା, ପ୍ରତାପ ପଣ୍ଡି, ଶ୍ରୀପତୀ ବାରିକ, ଅମୂଲ୍ୟ କୁମାର ନାୟକ, ସନ୍ତୋଷ କୁମାର ମିଶ୍ର, ଉପେନ୍ଦ୍ର ବେହେରା, ସଞ୍ଜୟ କୁମାର ସାହୁ, ଭରତ ଚନ୍ଦ୍ର ନାୟକ, ତ୍ରିଲୋଚନ ପଣ୍ଡା, ଜୁନେଦ୍ ଅଖତର, ସୁଜାତା ମହାପାତ୍ର, ସତ୍ୟବାଦି ପଣ୍ଡା, ନବକିଶୋର ପଣ୍ଡା, ପ୍ରଭାତ କୁମାର ଚନ୍ଦ, ଦୀନବନ୍ଧୁ ଧଳ ପ୍ରମୁଖ ଆଲୋଚନରେ ଅଂଶଗ୍ରହଣ କରିଥିଲେ।




## ମରାମତି ହେଲା ଜାରକା ଯାତ୍ରୀ ବିଶ୍ରାମଗୃହ



ଧର୍ମଶାଳା, ୨୬।୭ (ସମିସ): କିଛିଦିନ ହେବ ବର୍ଷା ପବନରେ ଜାରକା ବାଇପାସ୍ ୧୬ନଂ ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ଥିବା ଯାତ୍ରୀ ବିଶ୍ରାମଗୃହର ଆଜବେଷ୍ଟସ ଉଡ଼ିଯିବା ସହ ପିଲାର ଗୁଡିକ ଭାଙ୍ଗିରୁଜି ଯାଇଥିଲା। ଫଳରେ ଯାତ୍ରୀମାନେ ଖରା ଓ ବର୍ଷାରେ ବସ୍‌କୁ ଅପେକ୍ଷା କରି ହଇରାଣ ହରକତ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ଧର୍ମଶାଳା ବ୍ଲକର ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ତଥା କଂଗ୍ରେସ ନେତା କିଶାନ ପଣ୍ଡା ଶ୍ରମିକଙ୍କୁ ନିୟୋଜିତ କରି ଯାତ୍ରୀ ବିଶ୍ରାମଗୃହର ମରାମତି କରୁଥିବା ଦେଖିବାକୁ ମିଳିଛି। ସେହିପରି ଜାରକା ଫ୍ଲାଏଓଭର ବ୍ରିଜ ନିକଟରେ ଥିବା ଲୋକାଲ ବସ ରହଣୀ ସ୍ଥାନରେ ଯାତ୍ରୀଙ୍କ ରହଣି ପାଇଁ ଏକ ଅସ୍ଥାୟୀ ବିଶ୍ରାମ ଗୃହ ନିର୍ମାଣ କରାଯାଉଛି। ସେଠାରେ ଥିବା ଏକ ଶୌଚାଳୟକୁ ମଧ୍ୟ ସଫା କରାଯାଇଛି। ଜାରକାରେ ମହିଳା ଯାତ୍ରୀମାନଙ୍କ ପାଇଁ ଶୌଚାଳୟଟିଏ ନ ଥିବାରୁ ସେମାନେ ବହୁ ହଇରାଣ ହରକତ ହେଉଛନ୍ତି। ସେଥିପାଇଁ ଜାରକା ବିଟ୍‌ହାଉସ ପାର୍ଶ୍ୱରେ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଥିବା ଶୌଚାଳୟକୁ ଶ୍ରୀ ପଣ୍ଡା ସମେତ ତାଙ୍କ ସମର୍ଥକମାନେ ସଫା କରୁଥିବା ଦେଖିବାକୁ ମିଳିଛି। ଶୌଚାଳୟଟି ସଫା କରାଗଲେ ମହିଳା ମାନେ ସୁବିଧାରେ ଶୌଚ କରିପାରିବେ। ତାର ଆଗରେ ଏକ ୱାଲ କରାଯାଉଛି। ଶୌଚାଳୟ ପାର୍ଶ୍ୱରେ କିଛି ଫୁଲ ଓ ଫଳ ଚାରା ମଧ୍ୟ ଲଗାଯାଇଛି। ସରକାରୀ ଅର୍ଥରେ ହେବାକୁ ଥିବା କାର୍ଯ୍ୟକୁ ବ୍ଲକ ପ୍ରାକ୍ତନ ଅଧ୍ୟକ୍ଷ ଶ୍ରୀ ପଣ୍ଡା ନିଜ ଖର୍ଚ୍ଚରେ କରୁଥିବାରୁ ସାଧାରଣରେ ତାଙ୍କର ଏଭଳି କାର୍ଯ୍ୟକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

## ନବାଗତକୁ ସ୍ୱାଗତ ସମ୍ବର୍ଦ୍ଧନା



ସିଂହପୁର, ୨୬।୭ (ସମିସ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ସ୍ଥିତ ଖରସ୍ରୋତା ମହାବିଦ୍ୟାଳୟରେ ଯୁକ୍ତ ଦୁଇ ପ୍ରଥମ ବର୍ଷର ଛାତ୍ରଛାତ୍ରୀକୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି। ଭାରପ୍ରାପ୍ତ ଅଧ୍ୟକ୍ଷ ମମତାମୟୀ ସାମଲଙ୍କ ଅଧ୍ୟକ୍ଷତାରେ ପୂର୍ବତନ ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ସାମଲ ସଭା ପରିଚାଳନା କରିଥିଲେ। ପ୍ରଧାପକ ଶ୍ରୀକାନ୍ତ ନାୟକ, ଅଧ୍ୟାପକ ବିଜୟ କୁମାର ପତି, ମୀନକେତନ ତ୍ରିପାଠୀ, ସୁରେନ୍ଦ୍ର କୁମାର ସାମଲ, କୈଳାସ ଚନ୍ଦ୍ର ମିଶ୍ର, ଗଗନ ବିହାରୀ ବେହେରା, ଡ.ଅରୁଣ କୁମାର ସାମଲ, ଡ. ଗାୟତ୍ରୀ ଧଳ, ବୈଭବ ନାୟକ, କମଳ ସେଠୀ, ନୀଳମଣି ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀମାନେ ସହଯୋଗ କରିଥିଲେ।

## ବରୀ-ବରୁଆଁ ମୁଖ୍ୟ ରାସ୍ତା ଶୋଚନୀୟ

ବରୀ, ୨୬।୭ (ସମିସ): ଯାଜପୁର ଜିଲ୍ଲା ବରୀ ବ୍ଲକକୁ ମୁଖ୍ୟ ସଂଯୋଗୀକରଣ ବରୀ-ବରୁଆଁ ରାସ୍ତା ଏବେ ପାଲଟିଛି ମରଣଯନ୍ତା। ଦୈନିକ ଏହି ରାସ୍ତା ଦେଇ ଯାତାୟାତ କରୁଥିବା ହଜାର ହଜାର ଗାଡ଼ି ମଟର ଓ ପଥଚାରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ରାସ୍ତା ଖରାପ ଯୋଗୁଁ ଦୈନିକ ଛୋଟ ବଡ଼ ଦୁର୍ଘଟଣା ମାନ ଘଟୁଛି। ଯାହାକୁ ନେଇ ଲୋକଙ୍କ ମନରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ଅନୁଯାୟୀ ୩ ମାସ ପୂର୍ବରୁ ୪୦ ଲକ୍ଷ୍ୟରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ବରାଦରେ ବରୁଆଁ ପୂର୍ତ୍ତ ବିଭାଗ ପକ୍ଷରୁ ଠିକାଦାରଙ୍କ ଜରିଆରେ ଏହି ରାସ୍ତାର ଖାଲ ଖମା ମରାମତି କରାଯାଇଥିଲା। ହେଲେ ଏବେ ପିଚୁ ଉଠି ବଡ଼ ବଡ଼ ଗାଡ଼ ସୃଷ୍ଟି ହେଲାଣି। ନିମ୍ନମାନର କାର୍ଯ୍ୟ ହେଉଥିବା ବେଳେ ବିଭାଗୀୟ ଯନ୍ତ୍ରୀମାନେ ଉପସ୍ଥିତ ନ ରହିବା ଯୋଗୁଁ ଠିକାଦାର ଠକି ସରକାରୀ ଅର୍ଥକୁ ଲୁଟୁଥିବା ବେଳେ ଖୋଦ୍ ବିଭାଗୀୟ ଅଧିକାରୀମାନେ ପିସି ନେଇ ଚୁପ୍ ବସିଛନ୍ତି। ଖାଲି ଏତିକି ନୁହେଁ ଲଘୁଚାପ ଜନିତ ବର୍ଷାରେ ଖାଲରେ ପାଣି ଜମି ବାଇକ୍ ଆରୋହୀମାନଙ୍କ ପାଇଁ ବଡ଼ ବିପଦ ସୃଷ୍ଟିକରୁଛି। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ବରୀଠାରୁ ଯାଜପୁର ଜିଲ୍ଲା ମୁଖ୍ୟାଳୟକୁ ଏହି ରାସ୍ତାଟି ଯୋଗା ଯୋଗର ମୁଖ୍ୟ ମାଧ୍ୟମ ହୋଇଥିବା ବେଳେ ଦୀର୍ଘ ବର୍ଷ ଧରି ଏହି ରାସ୍ତାର ରୂପ ରେଖ ବଦଳୁ ନଥିବାବେଳେ ରାଜ୍ୟରେ ନୂଆ ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ବରୀ ଅଞ୍ଚଳର ବୁଦ୍ଧିଜୀବୀମାନେ ମତପ୍ରକାଶ କରିଛନ୍ତି।



### ଜିଲ୍ଲାପାଳଙ୍କୁ ଅଭିଯୋଗ କଲେ ସରପଞ୍ଚ, ସମିତିସଭ୍ୟ

## ବୃନ୍ଦାଦେଇପୁର ପଞ୍ଚାୟତରେ ଅଚଳାବସ୍ଥା

କବାଟବନ୍ଧ, ୨୬।୭ (ସମିସ)

ଧର୍ମଶାଳା ବ୍ଲକ ଅନ୍ତର୍ଗତ ବୃନ୍ଦାଦେଇପୁର ପଞ୍ଚାୟତ କାର୍ଯ୍ୟାଳୟରେ ଅଚଳାବସ୍ଥାର ଅଭିଯୋଗ ଆଣିଲେ ସରପଞ୍ଚ ସୁଶାନ୍ତ ଶତପଥୀ ଏବଂ ସମିତିସଭ୍ୟ ଦୀପକ କୁମାର ଦାସ। ପଞ୍ଚାୟତରେ ପ୍ରାୟ ବର୍ଷେ ହେବ କୌଣସି ଉନ୍ନୟନ ମୂଳକ କାର୍ଯ୍ୟ ହୋଇପାରୁ ନାହିଁ ବୋଲି ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି। ଏନେଇ ଜିଲ୍ଲାପାଳ ମଧ୍ୟ ବିଡିଓ ଉପରେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ବୃନ୍ଦାଦେଇପୁର ପଞ୍ଚାୟତ ତଥା ସ୍ଥାନୀୟ ଅଞ୍ଚଳବାସୀ ଏପରି ମନୋଭାବକୁ ନେଇ ଦୃଢ ନିନ୍ଦା ମଧ୍ୟ କରୁଛନ୍ତି। ପଞ୍ଚାୟତରେ ପିଇଓ ଏବଂ ଏଡିଇଓ ପଞ୍ଚାୟତ କାର୍ଯ୍ୟାଳୟକୁ ଆସୁନଥିବା ବେଳେ କେବଳ ମାସିକିଆ ବୈଠକ ଏବଂ ଭତ୍ତା ଦେବା ସମୟରେ ଉପସ୍ଥିତ ରହିଥାନ୍ତି ବୋଲି ଅଭିଯୋଗ କରିଛନ୍ତି ଉଭୟ ସରପଞ୍ଚ ଓ ସମିତି ସଭ୍ୟ। ଅନ୍ୟ ଦିନରେ ଦେଖିବା ପଞ୍ଚାୟତରେ ଦିବାସ୍ୱପ୍ନ ହୋଇଯାଇଛି। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପୂର୍ବରୁ ହୋଇଥିବା ପଞ୍ଚାୟତର ବିଭିନ୍ନ ବିଭାଗରେ ଅର୍ଥ ତଥା ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ ଫାଇଲ୍ ଖୋଲିବାକୁ କହିବାରୁ ସେ ବିଭିନ୍ନ ଆଳ ଦେଖେଇ ଅଣଦେଖା କରି ଚାଲିଯାଉଥିବା ଅଭିଯୋଗ ହେଉଛି। ନିକଟରେ ଅନ୍ତ୍ୟୋଦୟ ଗୃହ ଯୋଜନା ଅଧିକାଂଶ ଯୋଗ୍ୟ ତଥା ବିଭିନ୍ନ ବର୍ଗର ଅନୁସୂଚିତ ଜାତି ଏବଂ ଜନଜାତି ର ୮୦ଧ ପ୍ରତିଶତ ଭିନ୍ନକ୍ଷମ କର୍କଟ ରୋଗୀ ଓ ବିଧବା ମହିଳା ଥିବା ବେଳେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ସାମିଲ୍ ହୋଇନାହାଁନ୍ତି। ଏହି ଯୋଜନାରେ ଅନିୟମିତତା କରାଯାଇ ଯୋଗ୍ୟ ହିତାଧିକାରୀଙ୍କୁ ବାଦ ଦିଆଯାଇଥିବା କହିଛନ୍ତି। ସେହିପରି ପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ମଧ୍ୟ ପଞ୍ଚାୟତକୁ ଆସି ସରପଞ୍ଚ ଓ ସମିତିସଭ୍ୟଙ୍କୁ କୌଣସି ସୂଚନା ନ ଦେଇ କାର୍ଯ୍ୟାଳୟର ବିଭିନ୍ନ କାର୍ଯ୍ୟ କରୁଥିବା ଅଭିଯୋଗ କରିଛନ୍ତି। ସମନ୍ୱୟର ଅଭାବ ଫଳରେ କୌଣସି ଉନ୍ନୟନ ମୂଳକ କାର୍ଯ୍ୟ ତଥା ସରକାରଙ୍କ ସମସ୍ତ ସୁବିଧା ବ୍ୟବସ୍ଥିତ ଢଙ୍ଗରେ କାର୍ଯ୍ୟକାରୀ ହୋଇ ପାରୁନାହିଁ। ଫଳରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ବନ୍ଦ ହେବାରେ ଲାଗିଛି। ବିକଶିତ ଓଡ଼ିଶାର ପ୍ରୋଜେକ୍ଟ ସରପଞ୍ଚ, ସମିତିସଭ୍ୟ ଏବଂ ୱାର୍ଡସଭ୍ୟ ପଞ୍ଚାୟତ କାର୍ଯ୍ୟାଳୟ ବୈଠକରେ ସ୍ଥିର ହୋଇସାରିଲା ପରେ କୌଣସି ସୂଚନା ନ ଦେଇ ତାହା କିପରି ବଦଳିଗଲା ବୋଲି ପ୍ରଶ୍ନ କରିଛନ୍ତି। ଯାହାକୁ ନେଇ ସାଧାରଣ ଜନତାଙ୍କ ମନରେ ଅସନ୍ତୋଷ ଦେଖାଦେଇଛି। ଏମିତି ପରିସ୍ଥିତିରେ ପଞ୍ଚାୟତବାସୀ କି ପ୍ରକାର ଉନ୍ନୟନ ମୂଳକ କାର୍ଯ୍ୟର ସୁବିଧା ନେବେ ତାହା ଏକ ପ୍ରସଙ୍ଗ ପାଲଟିଛି।

ସକାଳ
THE SAKALA



### କେନ୍ଦ୍ରାପଡ଼ା ମହାବିଦ୍ୟାଳୟରେ ଅତିଥି ଅଧ୍ୟାପକ ନିଯୁକ୍ତିରେ ଅନିୟମିତତା

# ପରିଚାଳନା ପରିଷଦ ସଭାପତିଙ୍କୁ ଉଚ୍ଚନ୍ୟାୟାଳୟଙ୍କ ନୋଟିସ୍

**କେନ୍ଦ୍ରାପଡ଼ା, ୨୬।୭ (ସମିସ):** କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗ ସ୍ନାତକୋତ୍ତର (ପିଜି)ରେ ଅତିଥି ଅଧ୍ୟାପକ ଚୟନରେ ଅନିୟମିତତା ହୋଇଥିବା ନେଇ ଉଚ୍ଚନ୍ୟାୟାଳୟରେ ମାମଲା ରୁଜୁ ହୋଇଛି। ଏହି ମାମଲାର ଶୁଣାଣି କରି ଉଚ୍ଚନ୍ୟାୟଳୟ କେନ୍ଦ୍ରାପଡ଼ା ମହାବିଦ୍ୟାଳୟ ପରିଚାଳନା ପରିଷଦ ସଭାପତି ତଥା ଅତିରିକ୍ତ ଜିଲ୍ଲାପାଳ ଓ କେନ୍ଦ୍ରାପଡ଼ା ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କୁ ନୋଟିସ ଜାରି କରିଛନ୍ତି। ଆସନ୍ତା ଅଗଷ୍ଟ ୧ ତାରିଖରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ ବୋଲି କୋର୍ଟ ତାଙ୍କ ନିର୍ଦ୍ଦେଶରେ ଉଲ୍ଲେଖ କରିଛନ୍ତି।

କେନ୍ଦ୍ରାପଡ଼ା ମହାବିଦ୍ୟାଳୟରେ ଅତିଥି ଅଧ୍ୟାପକ ନିଯୁକ୍ତି ନେଇ ବିଜ୍ଞାପନ ପ୍ରକାଶ ପାଇଥିଲା। ଏହି ବିଜ୍ଞାପନ ପ୍ରକାଶ ପାଇବା ପରେ ଯୋଗ୍ୟ ପ୍ରାର୍ଥୀ ଆବେଦନ କରିଥିଲେ। ଏ ନେଇ ଗତ ୧୩ ତାରିଖରେ ସାକ୍ଷାତକାର ଅନୁଷ୍ଠିତ ହୋଇଥିଲା। ରେଭେନ୍ସା ବିଶ୍ୱବିଦ୍ୟାଳୟରୁ ବିଷୟ ବିଶେଷଜ୍ଞ (ସବଜେକ୍ଟ ଏକ୍ସପର୍ଟ) ଆସିଥିଲେ। ଏଥିସହ କେନ୍ଦ୍ରାପଡ଼ା ମହାବିଦ୍ୟାଳୟର ବିଭାଗୀୟ ଅଧ୍ୟାପକ ନିଜ ନିଜ ବିଭାଗର ସାକ୍ଷାତକାରରେ ଉପସ୍ଥିତ ଥିଲେ। ରାଜନୀତି ବିଜ୍ଞାନ ବିଭାଗରେ ରାଜନଗର ବ୍ଲକ କୋଇଲିପୁର ଗ୍ରାମର ସସ୍ମିତା ଖଣ୍ଡୁଆଳଙ୍କ ନାମକୁ ବିଷୟ ବିଶେଷଜ୍ଞ ନିଯୁକ୍ତି ପାଇଁ ମନୋନୟନ ତାଲିକାର ପ୍ରଥମରେ ରଖିଥିଲେ। ତେବେ ତାଙ୍କ ନାମକୁ ଅତି ଚତୁରତାର ସହ କାଟି ଦିଆଯାଇ ମହାବିଦ୍ୟାଳୟ ପରିଚାଳନା ପରିଷଦ ସଭାପତିଙ୍କୁ ଅନ୍ୟଜଣେ ପ୍ରାର୍ଥୀଙ୍କ ନାମ ଦିଆଯାଇଥିଲା। ଏହାକୁ ବିରୋଧ କରି ସସ୍ମିତା ଖଣ୍ଡୁଆଳ ଉଚ୍ଚଶିକ୍ଷା ବିଭାଗ ମନ୍ତ୍ରୀ, ଉଚ୍ଚଶିକ୍ଷା ବିଭାଗ ସଚିବ ଓ ମହାବିଦ୍ୟାଳୟ ପରିଚାଳନା ପରିଷଦ ସଭାପତିଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହାକୁ କେହି ଗୁରୁତ୍ୱ ଦେଇ ନ ଥିଲେ। ତେଣୁ ସସ୍ମିତା ତାଙ୍କ ପ୍ରତି ହୋଇଥିବା ଅନ୍ୟାୟ ବିରୋଧରେ ବାଧହୋଇ ଉଚ୍ଚ ନ୍ୟାୟାଳୟରେ ଏକ ରିଟ୍ ପିଟିସନ (୨୦୨୦୮/୨୦୨୫) ଦାଖଲ କରିଥିଲେ। ଏହି ଆବେଦନର ଶୁଣାଣି କରି ବିଚାରପତି ବିରଜା ପ୍ରସନ୍ନ ଶତପଥୀ ଉପରୋକ୍ତ ନିର୍ଦ୍ଦେଶ ଜାରି କରିଛନ୍ତି।

## କୁକୁର କାମୁଡ଼ାରେ ମୃତକଙ୍କ ପରିବାରକୁ ସହାୟତା

**ଡେରାବିଶ, ୨୬।୭ (ସମିସ):** ଡେରାବିଶ ବ୍ଲକ ଛୋଟି ପଞ୍ଚାୟତ ଅନ୍ତର୍ଗତ ଛୋଟି ଗ୍ରାମର ପାଣ୍ଡୁ ମଲିକ (୭୨)ଙ୍କ କୁକୁର କାମୁଡ଼ାରେ ମୃତ୍ୟୁ ହୋଇଯାଇଛି। ଗରିବ ପାଣ୍ଡୁ ମଲିକଙ୍କ ପରିବାର ନିକଟରେ ବିଶିଷ୍ଟ ସମାଜସେବୀ ପ୍ରାଧ୍ୟାପକ ଡଃ ଅଜୟ କୁମାର ରାଉତ ପହଞ୍ଚି ତାଙ୍କ ଅନ୍ତ୍ୟେଷ୍ଟିକ୍ରିୟା ନିମନ୍ତେ ଆର୍ଥିକ ସହାୟତା ପ୍ରଦାନ କରିବା ସହ ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ଗତ ଏକମାସ ଧରି ଏକ ପାଗଳା କୁକୁର ଗ୍ରାମରେ ଆତଙ୍କ ଖେଳାଇବା ସହିତ ବିଭିନ୍ନ ବ୍ୟକ୍ତିଙ୍କ ସମେତ ବହୁ ଗାଈଗୋରୁଙ୍କୁ କାମୁଡ଼ିଥିଲା। ମାସକ ପୂର୍ବେ ପାଣ୍ଡୁ ଗ୍ରାମରେ କୌଣସି କାମରେ ଯାଉଥିବାବେଳେ ତାଙ୍କୁ କୁକୁରଟି କାମୁଡ଼ି ଦେଇଥିଲା। ସେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କୁକୁର କାମୁଡ଼ା ଇଞ୍ଜେକସନ ନେଇଥିଲେ। କିଛିଦିନ ପରେ ତାଙ୍କ ଶରୀର ଅସୁସ୍ଥ ହେବାରୁ ତାଙ୍କ ପରିବାର ତାଙ୍କୁ କଟକ ବଡ଼ ମେଡ଼ିକାଲ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଜଳାତଙ୍କ ରୋଗରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା।

# ପେଣ୍ଠପାଳ ଓ ସିଂହଗାଁ ବନ୍ୟା ପରବର୍ତ୍ତୀ ସ୍ଥିତି ଅନୁଧ୍ୟାନ କଲେ ଜିଲ୍ଲାପାଳ



**ପଟ୍ଟାମୁଣ୍ଡାଇ, ୨୬।୭ (ସମିସ):** କେନ୍ଦ୍ରାପଡ଼ା ଜିଲ୍ଲାର ନବନିଯୁକ୍ତ ଜିଲ୍ଲାପାଳ ରଘୁରାମ ଆର ଆୟାର ଆଜି ପଟ୍ଟାମୁଣ୍ଡାଇ ବ୍ଲକ ଗସ୍ତରେ ଆସି ବନ୍ୟା ପରବର୍ତ୍ତୀ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଜିଲ୍ଲାପାଳ ଶ୍ରୀ ଆୟାର ପଟ୍ଟାମୁଣ୍ଡାଇ ବ୍ଲକର ସବୁଠୁ ଦୁର୍ଗମ ଅଞ୍ଚଳ ସିଂହଗାଁ ପଞ୍ଚାୟତର କୃଷ୍ଣଦାସପୁର ଓ ପେଣ୍ଠପାଳ ପଞ୍ଚାୟତର ଦାଣ୍ଡିସାହି ପରିଦର୍ଶନ କରି ବନ୍ୟା ପରବର୍ତ୍ତୀ ସ୍ଥିତି ଓ ବନ୍ୟା ମୁକାବିଲା କ୍ଷେତ୍ରରେ ପ୍ରଶାସନିକ ପଦକ୍ଷେପ ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ବନ୍ୟାଞ୍ଚଳରେ ଗୋଖାଦ୍ୟ ବଣ୍ଟନ ସମୀକ୍ଷା କରିବା ସହିତ ସଂକ୍ରାମକ ରୋଗ ନ ବ୍ୟାପିବା ପାଇଁ ପରିବେଶ ସ୍ୱଚ୍ଛତା ଓ ବିଶୁଦ୍ଧ ପିଇବା ପାଣି ଯୋଗାଣ, ଗମନାଗମନ ସୁବିଧା ପାଇଁ ରାସ୍ତାଘାଟ ଘାଇ ମରାମତି ଓ ଉପଯୁକ୍ତ ସ୍ୱାସ୍ଥ୍ୟସେବା ଯୋଗାଇବା ଦିଗରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ବନ୍ୟା ମୁକାବିଲା କ୍ଷେତ୍ରରେ ପଟ୍ଟାମୁଣ୍ଡାଇ ବ୍ଲକ ପ୍ରଶାସନର ଠିକ ପଦକ୍ଷେପ ଓ ଘଇଁଆ ବନ୍ଦ ପାଇଁ ଜଳ ସମ୍ପଦ ବିଭାଗ ଉଚିତ ପଦକ୍ଷେପ ନେଇଥିବା ବନ୍ୟା ପରବର୍ତ୍ତୀ ସ୍ଥିତି ଅନୁଧ୍ୟାନ ସମୟରେ ଜିଲ୍ଲାପାଳ ଜାଣିବାକୁ ପାଇଲା ପରେ ପ୍ରଶାସନକୁ ସାବାସୀ ଦେଇଥିଲେ। ଜିଲ୍ଲାପାଳଙ୍କ ସହିତ ବିଡିଓ ଅଶୋକ ମହାନ୍ତି, ଭାରପ୍ରାପ୍ତ ତହସିଲଦାର ଦିଲ୍ଲୀପ ନାୟକ, ବ୍ଲକ ସହକାରୀ ଯନ୍ତ୍ରୀ ଇଂ ବିନୟ ମିଶ୍ର, ଇଂ ପ୍ରସନ୍ନ ରାଉତ, ଗ୍ରାମ୍ୟ ଜଳଯୋଗାଣ ବିଭାଗ ସହକାରୀ ଯନ୍ତ୍ରୀ ଇଂ ବିଶ୍ୱଜିତ ମିଶ୍ର, ଜଳସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀ ଇଂ ମନୋରଞ୍ଜନ ସାହୁ, ବ୍ଲକ ଜିପିଡିଓ ରଞ୍ଜିତ ପରିଡ଼ାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ସାମିଲ ହୋଇ ବନ୍ୟା ପରବର୍ତ୍ତୀ ସ୍ଥିତି ଅନୁଧ୍ୟାନ କରିଥିଲେ। ଜିଲ୍ଲାପାଳଙ୍କ ବନ୍ୟାଞ୍ଚଳ ଗସ୍ତ ଖବର ପାଇ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପେଣ୍ଠପାଳ ସରପଞ୍ଚ ଅନ୍ନପୂର୍ଣ୍ଣା ସେଠୀ, ସମିତିସଭ୍ୟ ଶଶାଙ୍କଶେଖର ବିଶ୍ୱାଳ, ସିଂହଗାଁ ସରପଞ୍ଚ ଗଣେଶ ଦାସ, ସମିତି ସଭ୍ୟ ଅଭୟ ସ୍ୱାଇଁ, ଅମୃତମଣୋହି ସରପଞ୍ଚ ନିରୁପମା ଦାସ, ସମିତିସଭ୍ୟା ଅନ୍ନପୂର୍ଣ୍ଣା ମଲ୍ଲିକ, ତରଡ଼ିପାଳ ସରପଞ୍ଚ ଦେବବ୍ରତ ନାୟକ ଓ ସମିତି ସଭ୍ୟ ନିରଞ୍ଜନ ବାରିକ, ଅଳପୁଆ ସରପଞ୍ଚ ପଦ୍ମିନୀ ବେହେରା, ସମିତିସଭ୍ୟ ରାମଚନ୍ଦ୍ର ସେଠୀ, ଅଣ୍ଡରା ସରପଞ୍ଚ କଳ୍ପନା ଜେନା, କଳୁଆଣୋ ସରପଞ୍ଚ ଦେବକୀ ମଲ୍ଲିକ, ବଳଭଦ୍ରପୁର ସରପଞ୍ଚ ପ୍ରିୟବ୍ରତ ଓଝା ପ୍ରମୁଖ ପଞ୍ଚାୟତ ପ୍ରତିନିଧି ନୂତନ ଜିଲ୍ଲାପାଳଙ୍କୁ ଫୁଲତୋଡ଼ା ଦେଇ ସ୍ୱାଗତ କରିବା ସହିତ ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳ ଓ ବନ୍ୟାଞ୍ଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ।

## ହରିଅଙ୍କ ହାଇସ୍କୁଲରେ ପୂଜ୍ୟପୂଜା ପକ୍ଷରୁ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ

**ଡେରାବିଶ, ୨୬।୭ (ସମିସ):** ଡେରାବିଶ ବ୍ଲକ ହରିଅଙ୍କ ପଞ୍ଚାୟତ ଅନ୍ତର୍ଗତ ହରିଅଙ୍କ ସରକାରୀ ଉଚ୍ଚବିଦ୍ୟାଳୟରେ ପୂଜ୍ୟପୂଜା ଓଡ଼ିଶା ପକ୍ଷରୁ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପୂଜ୍ୟପୂଜା ଓଡ଼ିଶାର ସମ୍ପାଦକ ତଥା ବିଶିଷ୍ଟ ସାରସ୍ୱତ ସଂଗଠକ ରମାକାନ୍ତ ମିଶ୍ର ଯୋଗଦେଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ନେଇ ପରୀକ୍ଷା, ନିରୀକ୍ଷା କିମ୍ବା ଗବେଷଣାର ଆବଶ୍ୟକତା ନାହିଁ। ସେ କେବଳ ଭାବ, ଭକ୍ତି ଓ ସମର୍ପଣ ଓ ବିଶ୍ୱାସରେ ଉପଲବ୍ଧ ହୁଅନ୍ତି ବୋଲି ପ୍ରକାଶ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଗିରିଜା ପଡ଼ିହାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଶ୍ରୀ ମିଶ୍ର ପୁରାଣର ଭକ୍ତ ପ୍ରହ୍ଲାଦ, ଭକ୍ତ ଦାସିଆ, ବନ୍ଧୁ ମହାନ୍ତି, ସାଲବେଗ, ଦୀନକୃଷ୍ଣ, ଜଗନ୍ନାଥ ଦାସ, ଶାରଳା ଦାସ ଆଦିଙ୍କ ଜୀବନ ଦର୍ଶନ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଏ ଅବସରରେ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉତ୍କଳମଣି ଗୋପବନ୍ଧୁ ଦାସ ଓ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଉପରେ ଆଲୋଚନା କରାଯାଇଥିଲା। ଗୀତା, ଭାଗବତ ଉପରେ ଆୟୋଜିତ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ସନ୍ତୋଷଜନକ ଉତ୍ତର ଦେଇଥିଲେ। ଶିକ୍ଷକ ଆଲୋକ ମଲିକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ରୋଜାଲି ରାଜଲକ୍ଷ୍ମୀ ବେହେରା, ରୁପାଲି ଅପରାଜିତା ପରିଚାଳନା କରିଥିଲେ।

## କାର୍‌ଗିଲ୍ ବିଜୟ ଦିବସ ପାଳିତ

**କେନ୍ଦ୍ରାପଡ଼ା, ୨୬।୭ (ସମିସ):** କେନ୍ଦ୍ରାପଡ଼ା ଜିଲ୍ଲାର ପୂର୍ବତନ ସୈନିକ ସଂଘ ଦ୍ୱାରା ତିନିମୁହାଣି ଛକସ୍ଥ ଅମର ଯବାନ ସହିଦ ସ୍ତମ୍ଭ ପରିସରରେ ୨୬ତମ କାରଗିଲ ବିଜୟ ଦିବସ ପାଳିତ ହୋଇଯାଇଛି। ପୂର୍ବତନ ସୈନିକ ସଂଘର ସାଧାରଣ ସମ୍ପାଦକ ସୁବେଦାର



ମେଜର ବୀରବର ପାତ୍ରଙ୍କ ଅଧ୍ୟକ୍ଷତାରେ ଅମର ଯବାନ ସହିଦ ସ୍ତମ୍ଭ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଂଘର ଉପସଭାପତି କୈଳାସ ଚନ୍ଦ୍ର ରାଉତ ଓ କ୍ୟାପଟେନ ବାନାମ୍ବର ସ୍ୱାଇଁ ମିଳିତ ଭାବେ ପ୍ରଦୀପ ପ୍ରଜ୍ୱଳନ ଓ ପୁଷ୍ପର (ରିତ୍) ଅର୍ପଣ କରି କାରଗିଲ ଯୁଦ୍ଧରେ ସହିଦ ହୋଇଥିବା ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସଂଘର ସହସମ୍ପାଦକ ସର୍ଜେଣ୍ଟ ଅକ୍ଷୟ ସାହୁ, ବରିଷ୍ଠ ସଦସ୍ୟ ଆଡଭୋକେଟ ମହେଶ୍ୱର କର, କ୍ୟାପଟେନ ଅଭୟ ଲେଙ୍କା, ସୁବେଦାର ବିଚିତ୍ର ନାୟକ, ହାବିଲଦାର ସୁଶାନ୍ତ ସ୍ୱାଇଁ, ହାବିଲଦାର ଅମୂଲ୍ୟ ବାରିକ, ସୁବେଦାର ଗୌରାଙ୍ଗ ସ୍ୱାଇଁ, ଜଗନ୍ନାଥ ନାୟକ, ନରୋତ୍ତମ ମହାପାତ୍ର, ବିଶ୍ୱରଞ୍ଜନ ପଟ୍ଟନାୟକ, ଅମର ନାୟକ, ଲେଫ୍ଟନାଣ୍ଟ ବ୍ରଜକିଶୋର ସାହୁ, ଏମ.ସି. ଜେନା, ପ୍ରଫୁଲ୍ଲ ଉପାଧ୍ୟାୟ, ହୃଷିକେଶ ସୂତାର ପ୍ରମୁଖ ସହିଦ ସ୍ତମ୍ଭରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ ପୂର୍ବକ ସାଲ୍ୟୁଟ ପ୍ରଦାନ କରିଥିଲେ। କାରଗିଲ ଯୁଦ୍ଧରେ ଭାଗ ନେଇଥିବା କ୍ୟାପଟେନ ବାନାମ୍ବର ସ୍ୱାଇଁ ଓ ଲେଫ୍ଟନାଣ୍ଟ ବ୍ରଜକିଶୋର ସାହୁଙ୍କୁ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଗଠନ ପାଇଁ ଉତ୍କୃଷ୍ଟ କାର୍ଯ୍ୟ କରିଥିବାରୁ ଭେଟେରାନ ବିଶ୍ୱରଞ୍ଜନ ପଟ୍ଟନାୟକଙ୍କୁ ସାଧାରଣ ସମ୍ପାଦକ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ।

**ରାଜନଗର:** ରାଜନଗର ସୈନିକ ସଂଘ ପକ୍ଷରୁ ୨୬ତମ କାର୍‌ଗିଲ୍ ବିଜୟ ଦିବସ ପାଳିତ ହୋଇଯାଇଛି। କେସି ମଣ୍ଡପରେ ଆୟୋଜିତ ବିଜୟ ଉତ୍ସବରେ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଦେଶ ପାଇଁ ଜୀବନକୁ ବାଜି ଲଗାଇ ପ୍ରାଣବଳି ଦେଇଥିବା ଆମ ବୀର ଯବାନଙ୍କ ବଳିଦାନ ଚିରସ୍ମରଣୀୟ ହୋଇ ରହିବ ବୋଲି କହିଥିଲେ।




ମୁଖ୍ୟବକ୍ତା ଭାବେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ଶରତ ଚନ୍ଦ୍ର ମହାପାତ୍ର ସ୍ୱାଧୀନତା ପୂର୍ବ ଓ ପର ସମୟର ଭାରତ ମୁକାବିଲା କରିବା ଯୁଦ୍ଧ ବିଭୀଷିକା ସମ୍ପର୍କରେ କହିଥିଲେ। ସମ୍ମାନିତ ଅତିଥି ଭାବେ ରାଜନଗର ଡିଏଫଓ ସୁଦର୍ଶନ ଗୋପୀନାଥ ଯାଦବ, ତହସିଲଦାର ଯୀଶୁକୃଷ୍ଣ ଦାସ, ଆଇଆଇସି ନରେଶ ସାହୁ ଯୋଗ ଦେଇଥିଲେ। ସୈନିକ ସଂଘ ସଭାପତି ସୁବେଦାର ମେଜର ଗଗନ ବିହାରୀ ସ୍ୱାଇଁ ପୌରୋହିତ୍ୟ କରିଥଲେ। ବରିଷ୍ଠ ପତ୍ରକାର ଭାସ୍କର ରାଉତରାୟଙ୍କ ସଂଯୋଜନାରେ ଆୟୋଜିତ ବିଜୟ ଉତ୍ସବରେ ସଂଘର ମହାସଚିବ ଅଚ୍ୟୁତାନନ୍ଦ ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପିକା ଭଗବତୀ ରାଉତ, ବିଜୟ ଜେନା, ଅନୀଲ ବଳ, ଅଭିରାମ ସାହୁ, ଗାଳ୍ପିକ ପ୍ରଦୀପ ନାୟକ, କ୍ଷୀରୋଦ ମଲ୍ଲିକ, ବିଜୟ ନାୟକ ପ୍ରମୁଖ ଯୋଗ ଦେଇଥିଲେ। କଳ୍ପତରୁ ପରିଡ଼ା ଧନ୍ୟବାଦ ଦେଇଥିଲେ। ମୁଖ୍ୟବକ୍ତା ଶ୍ରୀ ମହାପାତ୍ର ରାଜନଗରରେ ଏକ ସହିଦ ସ୍ତମ୍ଭ ପାଇଁ ପ୍ରସ୍ତାବ ଦେଇଥିଲେ। ବିଧାୟକ ଶ୍ରୀ ସାହୁ ଏହାକୁ ନିର୍ମାଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ରାଜନଗର ବିଧାୟକ ଶ୍ରୀ ସାହୁ ଅଞ୍ଚଳର ପରଲୋକ ଗମନ କରିଥିବା ସୈନିକଙ୍କ ପତ୍ନୀ ବସନ୍ତଲତା ମହାପାତ୍ର, ଜେମାଲତା ଦେବୀ, ବିଦ୍ୟୁଲତା ବେହୁରା, ସୁଜାତା ପାତ୍ର ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରିଥଲେ। ସୈନିକ ମାନଗୋବିନ୍ଦ ସ୍ୱାଇଁ ମାନପତ୍ର ପାଠ କରିଥିବାବେଳେ କଳ୍ପତରୁ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। ସୈନିକ ସଂଘର ଅକ୍ଷୟ ନାୟକ, ରମାକାନ୍ତ ମହାନ୍ତି, ସୁବାସ ସ୍ୱାଇଁ, ରଶ୍ମିରଞ୍ଜନ ରାଉତ, ରବୀନ୍ଦ୍ର ନାଥଶର୍ମା, ତ୍ରିଲୋଚନ ପାଢ଼ୀ, ରବୀନ୍ଦ୍ର ମହାରଣା, ସଚିଦାନନ୍ଦ ପାତ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥଲେ।

# ଜିଲ୍ଲାପାଳଙ୍କ ପଟ୍ଟାମୁଣ୍ଡାଇ ବ୍ଲକ୍‌ରେ ସମୀକ୍ଷା ବୈଠକ



**ପଟ୍ଟାମୁଣ୍ଡାଇ, ୨୬।୭ (ସମିସ):** କେନ୍ଦ୍ରାପଡ଼ା ଜିଲ୍ଲାର ନବନିଯୁକ୍ତ ଜିଲ୍ଲାପାଳ ରଘୁରାମ ଆର ଆୟାର ଜିଲ୍ଲାପାଳ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଆଜି ପ୍ରଥମଥର ପାଇଁ ପଟ୍ଟାମୁଣ୍ଡାଇ ବ୍ଲକ ଗସ୍ତରେ ଆସିଥିଲେ। ଜିଲ୍ଲାପାଳଙ୍କ ଗସ୍ତ ପାଇଁ ବ୍ଲକ ପ୍ରଶାସନ ଚଳଚଞ୍ଚଳ ହୋଇପଡ଼ିଥିଲା। ଆଜି ସକାଳ ୯ଟା ସମୟରେ ନୂତନ ଜିଲ୍ଲାପାଳ ବ୍ଲକ ପରିସରକୁ ପ୍ରବେଶ କରିବା ମାତ୍ରେ ପଟ୍ଟାମୁଣ୍ଡାଇ ବିଡିଓ ଅଶୋକ ମହାନ୍ତି ବ୍ଲକ କର୍ମଚାରୀଙ୍କ ସହିତ ଜିଲ୍ଲାପାଳଙ୍କୁ ଫୁଲତୋଡ଼ା ଦେଇ ଅନୁଷ୍ଠାନିକ ଭାବେ ଭବ୍ୟ ସ୍ୱାଗତ କରିଥିଲେ। ଜିଲ୍ଲାପାଳ ବ୍ଲକର ବିଭିନ୍ନ ବିଭାଗ ବୁଲି ଦେଖିବା ପରେ ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ପଟ୍ଟାମୁଣ୍ଡାଇ ବ୍ଲକରେ ବିଭିନ୍ନ ସରକାରୀ ଯୋଜନା ଓ ଉନ୍ନୟନ ପ୍ରକଳ୍ପର ଅଗ୍ରଗତି, ଆବାସ ଯୋଜନା, ଭତ୍ତା ଓ ରାସନ କାର୍ଡ, ମହିଳା ଓ ଶିଶୁ ବିକାଶ, ଶିକ୍ଷା ଓ ସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟକ୍ରମ ସମୀକ୍ଷା କରି ପ୍ରତ୍ୟେକ ସରକାରୀ ଯୋଜନା ସଫଳ ରୂପାୟନ କରିବାକୁ ଉପସ୍ଥିତ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ପଟ୍ଟାମୁଣ୍ଡାଇ ବ୍ଲକରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରି ନିର୍ଦ୍ଦିଷ୍ଟ ସମୟରେ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ସମୀକ୍ଷା ବୈଠକରେ ପଟ୍ଟାମୁଣ୍ଡାଇ ବିଡିଓ ଅଶୋକ ମହାନ୍ତି, ଭାରପ୍ରାପ୍ତ ତହସିଲଦାର ଦିଲ୍ଲୀପ ନାୟକ, ସବଡିଭିଜନ ହସ୍ପିଟାଲ ମେଡିକାଲ ଅଫିସର ଡା ନିରାକାର ପରିଡ଼ା, ବ୍ଲକ ସହନିର୍ବାହୀ ଯନ୍ତ୍ରୀ ଇଂ ରୋଜାଲିନ ମହାଳିକ, ସହକାରୀ ଯନ୍ତ୍ରୀ ଇଂ ବିନୟ ମିଶ୍ର ଓ ଇଂ ପ୍ରସନ୍ନ ରାଉତ, ଜଳ ସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀ ଇଂ ମନୋରଞ୍ଜନ ସାହୁ, ଗ୍ରାମ୍ୟ ଜଳଯୋଗାଣ ବିଭାଗ ସହକାରୀ ଯନ୍ତ୍ରୀ ଇଂ ବିଶ୍ୱଜିତ ମିଶ୍ର, ଜିପିଡିଓ ରଞ୍ଜିତ ପରିଡ଼ାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଯୋଗ ଦେଇଥିଲେ। ନୂତନ ଜିଲ୍ଲାପାଳ ପଟ୍ଟାମୁଣ୍ଡାଇ ବ୍ଲକ ସମେତ ବିଭିନ୍ନ ବିଭାଗର କାର୍ଯ୍ୟକ୍ରମ ଉପରେ ସନ୍ତୋଷ ପ୍ରକାଶ କରି ଉତ୍ତମ ପ୍ରଶାସନିକ ବ୍ୟବସ୍ଥା ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ।

## ସରକାରୀ ଅର୍ଥ ଆତ୍ମସାତ୍ ମାମଲାରେ ପ୍ରଧାନଶିକ୍ଷକଙ୍କୁ ୩ ବର୍ଷ ଜେଲ୍

**କେନ୍ଦ୍ରାପଡ଼ା, ୨୬।୭ (ସମିସ):** ସରକାରୀ ଅର୍ଥ ହଡ଼ପ ମାମଲାର ବିଚାର କରି କେନ୍ଦ୍ରାପଡ଼ା ମୁଖ୍ୟ ବିଚାର ବିଭାଗୀୟ ଅଦାଲତର ମାଜିଷ୍ଟ୍ରେଟ୍ ମହାକାଳପଡ଼ା ବ୍ଲକ ଅଧୀନ ଦୁଇଟି ବିଦ୍ୟାଳୟ ଦାୟିତ୍ୱରେ ଥିବା ଭାରପ୍ରାପ୍ତ ପ୍ରଧାନଶିକ୍ଷକ ନିର୍ମଳ ଆଚାର୍ଯ୍ୟଙ୍କୁ ୩ ବର୍ଷ ଜେଲ୍ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ଜଜ ଅଭିଯୁକ୍ତ ଶିକ୍ଷକଙ୍କୁ ୧୦ ହଜାର ଟଙ୍କା ଜରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି। ଜୋରିମାନା ଅନାଦେୟ ଅଧିକ ୬ ମାସ ସଶ୍ରମ କାରାଦଣ୍ଡ ଶୁଣାଇଛନ୍ତି।

ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ଗୋଖାପଡ଼ା ପ୍ରାଥମିକ ବିଦ୍ୟାଳୟ ଓ କରଞ୍ଜିୟା ଉଚ୍ଚପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ନିର୍ମଳ ଆଚାର୍ଯ୍ୟ ଥିଲେ। ୨୦୧୬ରେ ଗୋଖାପଡ଼ା ପ୍ରାଥମିକ ବିଦ୍ୟାଳୟର ଉନ୍ନୟନ ଆଳରେ ୩ ଲକ୍ଷ ୨୨ ହଜାର ଟଙ୍କା ଓ କରଞ୍ଜିୟା ଉଚ୍ଚପ୍ରାଥମିକ ବିଦ୍ୟାଳୟର ଉନ୍ନୟନ ଆଳରେ ୩ ଲକ୍ଷ ୫୩ ହଜାର ଟଙ୍କା ସରକାରୀ ତହବିଲରୁ ଉଠାଇ ପ୍ରଧାନଶିକ୍ଷକ ଆତ୍ମସାତ୍ କରିଥିଲେ। ଏ ନେଇ ଶିକ୍ଷାବିଭାଗ କର୍ମଚାରୀ ଅତନୁ ଦାସ ତତ୍କାଳୀନ ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ମାର୍ଶାଘାଇ ଥାନାରେ ୨୦୧୬ ଫେବୃଆରୀ ୧୧ ତାରିଖରେ ଏତଲା ଦେଇଥିଲେ। କାରଣ ବିଦ୍ୟାଳୟ ଦ୍ୱୟ ମାର୍ଶାଘାଇ ଥାନା ଅଧୀନରେ ରହିଛି। ଏହି ମାମଲାର ତଦନ୍ତ କରି ପୁଲିସ ୨୦୧୮ ଅଗଷ୍ଟ ୨୪ ତାରିଖରେ କୋର୍ଟରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିଥିଲେ। ଏହି ମାମଲାର ତଦନ୍ତକାରୀ ଅଧିକାରୀ ସୁକାନ୍ତ ପାତ୍ର ଥିଲେ। ଏହି ମାମଲାରେ କୋର୍ଟରେ ୧୬ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଆଧାର କରି କେନ୍ଦ୍ରାପଡ଼ା ମୁଖ୍ୟ ବିଚାର ବିଭାଗୀୟ ଅଦାଲତର ମାଜିଷ୍ଟ୍ରେଟ୍ ସରିତା ମହାନ୍ତି ଉପରୋକ୍ତ ରାୟ ପ୍ରଦାନ କରିଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ରମାକାନ୍ତ ସ୍ୱାଇଁ ମାମଲା ପରିଚାଳନା କରୁଥିଲେ।

# ସାହାଣୀ କପ୍ ଫୁଟ୍‌ବଲ୍; କଟକ ସହ ଲଢ଼ିପାରିଲାନି ସୁନ୍ଦରଗଡ଼



**ରାଜକନିକା, ୨୬।୭ (ସମିସ):** ରାଜକନିକା ଆଥେଲେଟିକ ଆସୋସିଏସନ ଆନୁକୂଲ୍ୟରେ କେନ୍ଦ୍ରାପଡ଼ା ଜିଲ୍ଲା କ୍ରୀଡା ସଂସଦ ଓ ଫୁଟବଲ ଆସୋସିଏସନ ଅଫ ଓଡ଼ିଶା ସହଯୋଗରେ ଏଠାରେ ଚାଲିଥିବା ୬୪ତମ ସିନିୟର ଆନ୍ତଃଜିଲ୍ଲା ସାହାଣୀ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲ ଖେଳ କଟକ ଓ ସୁନ୍ଦରଗଡ଼ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଟକ ୫-୦ରେ ଏକତରଫା ବିଜୟୀ ହୋଇ ଫାଇନାଲ୍‌ରେ ପ୍ରବେଶ କରିଛି। ଆସୋସିଏସନର ସଭାପତି ଦୋଳଗୋବିନ୍ଦ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବରିଷ୍ଠ ଆଇନଜୀବୀ ଧରଣୀଧର ନାୟକ, ମୁଖ୍ୟବକ୍ତା ଭାବେ ଫାଓର କୋଷାଧ୍ୟକ୍ଷ ଭକ୍ତବତ୍ସଳ ଦାସ, ସ୍ୱତନ୍ତ୍ର ଅତିଥି ଭାବେ ବିଶିଷ୍ଟ ଫୁଟବଲ ଖେଳାଳି ବିଜୟ ଦାସ, ସମ୍ମାନିତ ଅତିଥି ଭାବେ ଫାଓର ଉପସଭାପତି ଦିଲ୍ଲୀପ ସାହୁ, ଯୁଗ୍ମସମ୍ପାଦକ ବିଶ୍ୱରଞ୍ଜନ ଘଡ଼ାଇ, କେନ୍ଦ୍ରାପଡ଼ା ଜିଲ୍ଲା ବିଜେପି ଉପସଭାପତି କୃଷ୍ଣଚନ୍ଦ୍ର ପଣ୍ଡା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦେବାଶିଷ ଧଳ, କେନ୍ଦ୍ରାପଡ଼ା ଜିଲ୍ଲା କ୍ରୀଡ଼ା ସଂଘ ସମ୍ପାଦକ ସୟଦ ଅକମଲ ଅଲ୍ଲି, ଫାଓର ଉପସଭାପତି ସହଦେବ ରାଉତ, ଟି ଆଣ୍ଡ ଟି କମିଟି ସଦସ୍ୟ ରମେଶ ଚନ୍ଦ୍ର ମଲ୍ଲିକ ଓ କାର୍ଯ୍ୟକାରୀ ସଦସ୍ୟ ସେକ ଏହସାନ, ଗଙ୍ଗାଧର ବେହେରା, ରଶ୍ମି ରଞ୍ଜନ ସାମନ୍ତରାୟ ପ୍ରମୁଖ ଯୋଗ ଦେଇଥିଲେ। ଆସୋସିଏସନର ଉପସଭାପତି ବୈକୁଣ୍ଠ ନାଥ ପରିଡ଼ା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସାଧାରଣ ସମ୍ପାଦକ ଅଜୟ ନାୟକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଅନ୍ୟତମ ଉପସଭାପତି କପିଳେନ୍ଦ୍ର ମଲ୍ଲିକ ପୁରସ୍କାର ବିତରଣୀ କାର୍ଯ୍ୟ ସମ୍ପାଦନ କରିଥିଲେ।

### କେନାଲ ମଧ୍ୟକୁ ଓଲଟିଲା କାର୍

## ଗ୍ରାମବାସୀଙ୍କ ଦ୍ୱାରା ୫ ଜଣ ଉଦ୍ଧାର

**ଡେରାବିଶ, ୨୬।୭ (ସମିସ):** ପଲେଇ ପଞ୍ଚାୟତ ଅନ୍ତର୍ଗତ କାଜିପୁର ଗ୍ରାମ ଶନିମନ୍ଦିର ନିକଟରେ ଶୁକ୍ରବାର ରାତିରେ ଏକ କାର୍ ଭାରସାମ୍ୟ ହରାଇ ୧୧ନଂ କେନାଲକୁ ଓଲଟି ପଡ଼ିଥିଲା। କେନାଲକୁ ଓଲଟିପଡ଼ିଥିବା କାର୍ ପାଣି ସୁଅରେ ଭାସିଯାଇ ସେଠାରେ ପୋଲ ମଧ୍ୟରେ ଅଟକି ଯାଇଥିଲା। କାର୍‌ରେ ଥିବା ଡ୍ରାଇଭରଙ୍କ ସମେତ ୫ ଜଣ ବାହାରି ପାରି ନ ଥିଲେ। ନିକଟରେ ଥିବା ଲୋକେ ସେଠାରେ ପହଞ୍ଚି କାର୍ କାଚକୁ ଭାଙ୍ଗି ୫ ଜଣଙ୍କୁ ଉଦ୍ଧାର କରିଥିଲେ। ସେମାନଙ୍କ ମଧ୍ୟରୁ ଦୁଇଜଣ ସ୍ଥାନୀୟ ଅରିଓ ଗ୍ରାମର ହୋଇଥିବାବେଳେ ଅନ୍ୟ ତିନିଜଣ କେନ୍ଦ୍ରାପଡ଼ା ଅଞ୍ଚଳର ବୋଲି ଜଣାଯାଇଛି। ସେମାନେ ପ୍ରାଥମିକ ଚିକିତ୍ସା ପରେ ଘରକୁ ଫେରିଥିବା ଜଣାଯାଇଛି। ୧୧ନଂ କେନାଲର ଏହି ବନ୍ଧ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ପିଚୁ ହୋଇଯିବା ପରେ ଏହି ରାସ୍ତା ଦେଇ ଦୈନିକ ଶହ ଶହ ଯାନବାହନ ଚଳପ୍ରଚଳ ହେବା ସହିତ ସାଧାରଣ ଲୋକେ ବହୁ ସଂଖ୍ୟାରେ ଯାତାୟାତ କରୁଛନ୍ତି। କେନାଲର ଶନିମନ୍ଦିର ନିକଟରେ ଥିବା ପୋଲକୁ ଲଗାଇ କେନାଲ ବନ୍ଧରେ ଗାର୍ଡ଼ୱାଲ ନିର୍ମାଣ ଆବଶ୍ୟକତା ରହିଛି ବୋଲି ସ୍ଥାନୀୟ ଜୟ ବଜରଙ୍ଗ ପାଣି ପଞ୍ଚାୟତର ସଭାପତି ରତ୍ନାକର ପରିଡ଼ା, ପଲେଇ ସରପଞ୍ଚ ଅକ୍ଷୟ



ସାହୁ, ସମିତିସଭ୍ୟ ତୃପ୍ତିମୟୀ ଜେନା, ମୁକୁନ୍ଦ ପରିଡ଼ା, ରବୀନ୍ଦ୍ର ବେହେରା, ଚିତ୍ତରଞ୍ଜନ ରାଉତ, ରାମଚନ୍ଦ୍ର ପରିଡ଼ା, ତୃପ୍ତିରଞ୍ଜନ ପରିଡ଼ା ପ୍ରମୁଖ ଦାବି କରିଛନ୍ତି।

### ପଟ୍ଟାମୁଣ୍ଡାଇ କଲେଜ ଆଇକ୍ୟୁଏସି ବୈଠକ

# କଲେଜକୁ ଅଗ୍ରଣୀ କରିବାକୁ ନେଲେ ଶପଥ



**ପଟ୍ଟାମୁଣ୍ଡାଇ, ୨୬।୭ (ସମିସ)**

କେନ୍ଦ୍ରାପଡ଼ା ଜିଲ୍ଲାର ଦ୍ୱିତୀୟ ବୃହତମ କଲେଜ ପଟ୍ଟାମୁଣ୍ଡାଇ କଲେଜକୁ ସବୁ କ୍ଷେତ୍ରରେ ଅଗ୍ରଣୀ କରିବାକୁ କଲେଜ ଆଇକ୍ୟୁଏସି ବୈଠକରେ ଶପଥ ନିଆଯାଇଛି। କଲେଜ ଅଧ୍ୟକ୍ଷ ପ୍ରଫେସର ଦୁଃଶାସନ ପରିଡ଼ାଙ୍କ ପୌରୋହିତ୍ୟରେ ଆୟୋଜିତ ଆଇକ୍ୟୁଏସି ବୈଠକରେ ସଂଯୋଜକ ଅଧ୍ୟାପକ ସୁଭାଶିଷ ମିଶ୍ର ଚଳିତ ଶିକ୍ଷାବର୍ଷର ବିଭିନ୍ନ କାର୍ଯ୍ୟକ୍ରମର ପ୍ରସ୍ତାବ ଓ ବଜେଟ ଉପସ୍ଥାପନ କରିଥିଲେ। ଏହି ବୈଠକରେ ରାଷ୍ଟ୍ରୀୟ ଓ ରାଜ୍ୟସ୍ତରୀୟ ସମ୍ମାନ, ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ଦକ୍ଷତା ବିକାଶ, ଲୈଙ୍ଗିକ ସମାନତା ପାଇଁ କାର୍ଯ୍ୟକ୍ରମ, ଶିକ୍ଷଣୀୟ କ୍ଷେତ୍ର ପରିଦର୍ଶନ, ବିଭିନ୍ନ ଉଚ୍ଚ ଶିକ୍ଷାନୁଷ୍ଠାନ ଓ ବିଶ୍ୱବିଦ୍ୟାଳୟ ସହ ସହଯୋଗ ଚୁକ୍ତିପତ୍ର, ପାଠ୍ୟତିରିକ୍ତ ଶିକ୍ଷା କାର୍ଯ୍ୟକ୍ରମ ଆଦି ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ନିଷ୍ପତ୍ତି ଗ୍ରହଣ କରାଯିବା ସହିତ କଲେଜର ଆଭ୍ୟନ୍ତରୀଣ ଅଭିଯୋଗ କମିଟିର କାର୍ଯ୍ୟକାରିତା ଉପରେ ଆଲୋଚନା କରାଯାଇଥିଲା। କଲେଜର ନାକ କମିଟି ପରିଦର୍ଶନ ପ୍ରାୟ ୧ ବର୍ଷ ପରେ ହେବାକୁ ଥିବାରୁ ଏହି କମିଟି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରି କଲେଜକୁ ଅଗ୍ରଣୀ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ନୂତନ ଶିକ୍ଷା ନୀତି ଭିତ୍ତିରେ ସମଗ୍ର କେନ୍ଦ୍ରାପଡ଼ା ଜିଲ୍ଲାରେ ପଟ୍ଟାମୁଣ୍ଡାଇ କଲେଜ ଏଇଡିପି ଶିକ୍ଷା ଗ୍ରହଣ ପାଇଁ ମନୋନୀତ ହୋଇଥିବାରୁ ବୈଠକରେ ସନ୍ତୋଷ ପ୍ରକାଶ ପାଇଥିଲା। ବୈଠକରେ ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଦୁର୍ଯ୍ୟୋଧନ ପରିଡ଼ା ଓ ପ୍ରଫେସର ଦେବବ୍ରତ ପ୍ରଧାନ, ପଟ୍ଟାମୁଣ୍ଡାଇ ଭାରପ୍ରାପ୍ତ ତହସିଲଦାର ଦିଲ୍ଲୀପ ନାୟକ, ପୂର୍ବତନ ସଂଯୋଜକ ପ୍ରାଧ୍ୟାପକ ଡଃ ସୁନୀଲ ପ୍ରଧାନ, ସହସଂଯୋଜକ ଅଧ୍ୟାପକ ମାନସ ନାୟକ, ପ୍ରାଧ୍ୟାପକ ଡଃ ରମେଶ ସାହୁ, ଡଃ ଫକୀର ପ୍ରଧାନ, ଡଃ ଅଞ୍ଜଳି ଦାଶ, କ୍ୟାପଟେନ ମନୋଜ ପରିଡ଼ା, ପ୍ରମୋଦ ସ୍ୱାଇଁ, ଡଃ ନିବେଦିତା ପ୍ରଧାନ, ଅଧ୍ୟାପକ ଜିତେନ୍ଦ୍ର ମଲ୍ଲିକ, ପୃଥ୍ୱୀରାଜ ବିଶ୍ୱାଳ, ଅଧ୍ୟାପିକା ଦେବସ୍ମିତା ତ୍ରିପାଠୀ, ମୋନାଲିସା ଦାସ, ତପନ ଷଡଙ୍ଗୀ, ପର୍ଶୁରାମ ଦାସଙ୍କ ସମେତ ଛାତ୍ରଛାତ୍ରୀ ପ୍ରତିନିଧି ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିଲେ। ପ୍ରାଧ୍ୟାପକ ଡଃ ସର୍ବେଶ୍ୱର ସାହୁ ଧନ୍ୟବାଦ ଦେଇଥିଲେ।

## ସମାଜସେବୀ ସରୋଜ ଧଳଙ୍କ ମୃତ୍ୟୁରେ ଶୋକ

**ପଟ୍ଟାମୁଣ୍ଡାଇ, ୨୬।୭ (ସମିସ):** ଦୁର୍ଘଟଣାରେ ସମାଜସେବୀ ସରୋଜ ଧଳ (କାବୁଲି)ଙ୍କ ମୃତ୍ୟୁରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ରାଜନଗର ବିଧାୟକ ଧ୍ରୁବ ସାହୁ, ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି ଓ ଡଃ ଅଲେଖ ଜେନା, ବରିଷ୍ଠ ନେତା ନୃସିଂହ ଆଚାର୍ଯ୍ୟ, ବିଜେପି ନେତା ଲଳିତ ବେହେରା, ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ଓ



ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ, ପ୍ରଫେସର ଦୁର୍ଯ୍ୟୋଧନ ପରିଡ଼ା, ବରିଷ୍ଠ ଯୁବନେତା ମିଟୁ ମନୋଜ ନାୟକ, ସଞ୍ଜୟ ସ୍ୱାଇଁ, ଉତ୍କଳ ସଂଗ୍ରାମ ପରିଷଦ ଆବାହକ ପ୍ରଶାନ୍ତ ମହାନ୍ତି ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।





# ସିଟି କଟକ

## ପାଣ୍ଡା କବ୍ସ ପ୍ଲେ' ସ୍କୁଲରେ କାରଗିଲ୍ ବିଜୟ ଦିବସ



**କଟକ,୨୬ ।୭ (ସମିସ):** ସିଡିଏସ୍ଥିତ ପାଣ୍ଡାକବସ୍ ପ୍ଲେ' ସ୍କୁଲରେ କାରଗିଲ୍ ଦିବସ ପାଳିତ ହୋଇଯାଇଛି । ଛୋଟ ପିଲାଙ୍କ ମଧ୍ୟରେ ଦେଶପ୍ରୀତିର ଉତ୍ସାହ ଦେଖିବାକୁ ମିଳିଥିଲା । ଅଭିଭାବକମାନେ ପିଲାଙ୍କୁ ଦେଶଭକ୍ତିର ପ୍ରତୀକ ସୈନିକ ପୋଷାକ ପିନ୍ଧାଇ ସ୍କୁଲକୁ ପଠାଇଥିଲେ । ବିଦ୍ୟାର୍ଥୀମାନେ ମହମବତି ଜଳାଇ ସହିଦ ହୋଇଥିବା ସୈନିକଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

## ଏମ୍‌ଡିଏ ପକ୍ଷରୁ ଦୁଇ ସଦସ୍ୟଙ୍କୁ ଶ୍ରଦ୍ଧାଞ୍ଜଳି



**କଟକ, ୨୬।୭(ସମିସ):** ମହାନଦୀ ଡେଭଲପମେଣ୍ଟ ଆସୋସିଏସନ୍ ଗୋଷ୍ଠୀକେନ୍ଦ୍ର ପ୍ରାଙ୍ଗଣରେ "ମହାନଦୀ ବିହାର ଡେଭଲପମେଣ୍ଟ ଆସୋସିଏସନ୍ (ଏମଡିଏ), ପେନସନର୍ସ ଆସୋସିଏସନ, ବରିଷ୍ଠ ନାଗରିକ ମଞ୍ଚ, ଜଗନ୍ନାଥ ସଂସ୍କୃତିକ ପରିଷଦ ଓ ମହିଳା ସମିତି ଆନୁକୂଲ୍ୟରେ ଏମଡିଏର ସଭାପତି ସଞ୍ଜୟ ଜେନାଙ୍କ ସଭାପତିତ୍ୱରେ ଏକ ଶୋକସଭା ଅନୁଷ୍ଠିତ ହୋଇଛି । ଏମଡିଏର ଦୁଇ ଦିବଂଗତ ସଦସ୍ୟ ସ୍ୱର୍ଗତ ରମେଶଚନ୍ଦ୍ର ରାୟ ଓ ସ୍ୱର୍ଗତ ରବିନ୍ଦ୍ରନାଥ ମହାପାତ୍ରଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ଏହି ଶ୍ରଦ୍ଧାଞ୍ଜଳି ସଭାରେ ସ୍ଥାନୀୟ କର୍ପୋରେଟର ସୁବ୍ରତ ଘଡାଇ, ରବୀନ୍ଦ୍ରନାଥ ମହାନ୍ତି, ରବୀନ୍ଦ୍ର ତ୍ରିପାଠୀ, ପ୍ରହଲ୍ଲାଦ ମହାନ୍ତି, ହିମାଂଶୁ ଷଡ଼ଙ୍ଗୀ, ପ୍ରମୋଦ କୁମାର ଦାସ, ଚତୁର୍ଭୁଜ ମହାପାତ୍ର, ସରୋଜ ପ୍ରସାଦ ସ୍ୱାଇଁ, ବରଦା ନାୟକ, ମାନବେଶ ରାୟ, ପ୍ରଭାକର ରଣା, ପ୍ରଦୀପ୍ତ ମହାନ୍ତି, ଜ୍ଞାନରଞ୍ଜନ ଦାସ, ରମଣୀ ରଂଜନ ଦାସ, ପଣ୍ଡିତ ମଣି ମହାପାତ୍ର, ବିଷ୍ଣୁ କର, ମହେନ୍ଦ୍ର ପଣ୍ଡା, ପ୍ରହଲ୍ଲାଦ ବିଶ୍ୱାଳ, ସୁଶାନ୍ତ ଘୋଷ, ନିକୁଞ୍ଜ ରଥ ପ୍ରମୁଖ ଉପସ୍ଥିତ ଥିଲେ ।

### ଓଡ଼ିଶା ହାଇକୋର୍ଟର ୭୮ତମ ପ୍ରତିଷ୍ଠା ଦିବସ ଓ ଜଷ୍ଟିସ ବୀରକିଶୋର ରାୟଙ୍କ ଶ୍ରାଦ୍ଧବାର୍ଷିକୀ

## ବାର୍ ଓ ବେଞ୍ଚ୍ ପରସ୍ପର ବିଶ୍ୱାସଭାଜନ ହେଲେ ଉଚିତ ନ୍ୟାୟ ପ୍ରଦାନ ସମ୍ଭବ

**କଟକ,୨୬ ।୭ (ସମିସ):**



ଓଡ଼ିଶା ହାଇକୋର୍ଟର ୭୮ତମ ପ୍ରତିଷ୍ଠା ଦିବସ ଓ ପ୍ରଥମ ମୁଖ୍ୟ ବିଚାରପତି ସ୍ୱର୍ଗତ ଜଷ୍ଟିସ ବୀରକିଶୋର ରାୟଙ୍କ ଶ୍ରାଦ୍ଧବାର୍ଷିକୀ ଆଜି ସ୍ୱର୍ଗତ ଜଷ୍ଟିସ ବୀରକିଶୋର ରାୟ ସ୍ମୃତି କମିଟି ପକ୍ଷରୁ ପାଳିତ ହୋଇଯାଇଛି । ହାଇକୋର୍ଟ ବାର ସମ୍ମିଳନୀ କକ୍ଷରେ ବାର ଆସୋସିଏସନର ସଭାପତି ବରିଷ୍ଠ ଆଇନଜୀବୀ ମନୋଜ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଯୋଗଦେଇ ହାଇକୋର୍ଟ ପରିସରରେ ଥିବା ସ୍ୱର୍ଗତ ଜଷ୍ଟିସ ବୀରକିଶୋର ରାୟଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ଆୟୋଜିତ ସଭାରେ ଯୋଗଦେଇ ଜଷ୍ଟିସ ଟଣ୍ଡନ ହାଇକୋର୍ଟର ଗୌରବମୟ ଇତିହାସ ଅବଲୋକନ କରିବା ସହ ସ୍ୱର୍ଗତ ରାୟଙ୍କ ସ୍ମୃତିଚାରଣ କରିଥିଲେ । ସ୍ୱର୍ଗତ ରାୟ ଜଣେ ପ୍ରତିଷ୍ଠିତ ଆଇନଜୀବୀ ଓ ସୁଦକ୍ଷ ବିଚାରପତି ଥିଲେ ବୋଲି ସେ କହିଥିଲେ ।

ସେହିପରି ବାର-ବେଞ୍ଚ ସମ୍ପର୍କ ପ୍ରସଂଗରେ ଅନୁଷ୍ଠିତ ଆଲୋଚନାରେ ସାରଗର୍ଭକ ବକ୍ତବ୍ୟ ରଖି ମୁଖ୍ୟବକ୍ତା ଜଷ୍ଟିସ ସଂଗମ କୁମାର ସାହୁ କହିଥିଲେ ଯେ ବାର ଓ ବେଞ୍ଚ ଉଭୟ ପରସ୍ପର ବିଶ୍ୱାସଭାଜନ ହେଲେ ନ୍ୟାୟାଳୟ ଉଚିତ ନ୍ୟାୟ ପ୍ରଦାନ କରିପାରିବ । ସ୍ୱର୍ଗତ ଜଷ୍ଟିସ ବୀରକିଶୋର ରାୟ ସ୍ମୃତି କମିଟିର ସମ୍ପାଦକ ବିଜୟ କୁମାର ରଗଡ ସ୍ୱାଗତଭାଷଣ ପ୍ରଦାନ କରିଥିବା ବେଳେ ହାଇକୋର୍ଟ ବାର ସମ୍ପାଦକ ଅଭିଜିତ ପଟ୍ଟନାୟକ ଅତିଥି ମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ । ଧନ୍ୟବାଦ ଦେଇଥିଲେ ବାର କାଉନସିଲ ସଦସ୍ୟ ଲକ୍ଷ୍ମୀନାରାୟଣ ପଟେଲ । ଏହି ଅବସରରେ ସ୍ମୃତି କମିଟି ପକ୍ଷରୁ ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ବିଶ୍ୱନାଥ ରଥ, ବରିଷ୍ଠ ଆଇନଜୀବୀ ଜଗନ୍ନାଥ ପଟ୍ଟନାୟକ ଓ ଆଇନଜୀବୀ ପ୍ରଦୀପ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପରେ ହାଇକୋର୍ଟ କର୍ମଚାରୀଙ୍କ ଦ୍ୱାରା ନାଟକ ଶହୀଦ ଲକ୍ଷ୍ମଣ ନାୟକ ମଞ୍ଚସ୍ଥ ହୋଇଥିଲା । ଏହି ସଭାରେ ହାଇକୋର୍ଟର ବିଚାରପତି ଜଷ୍ଟିସ ମାନସ ରଂଜନ ପାଠକ, ଜଷ୍ଟିସ ସାବିତ୍ରୀ ରଥ, ଜଷ୍ଟିସ ଏମ.ଏସ.ସାହୁ, ଜଷ୍ଟିସ ଭି.ନରସିଂହ, ଜଷ୍ଟିସ ଗୌରୀଶଙ୍କର ଶତପଥୀ ଓ ଜଷ୍ଟିସ ଶିବଶଙ୍କର ମିଶ୍ର, ରାଜ୍ୟ ବାର କାଉନସିଲ ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ, ସଭ୍ୟ ବିଭୂପ୍ରସାଦ ତ୍ରିପାଠୀ, ଅରୂପାନନ୍ଦ ଦାସ, ମାନସ ଚାନ୍ଦ, ଧନଞ୍ଜୟ ମୁଣ୍ଡଙ୍କ ସମେତ କୈଳାସ କର, ପ୍ରଶାନ୍ତ ସାହୁ, ସୁଜାତା ଜେନା ପ୍ରମୁଖ ଆଇନଜୀବୀ ଉପସ୍ଥିତ ଥିଲେ । ସକାଳେ ଗଡଗଡିଆ ଘାଟଠାରେ ସ୍ମୃତି କମିଟି ପକ୍ଷରୁ ତିଳତର୍ପଣ କରାଯାଇଥିଲା ।

## ଛାତ୍ରଙ୍କୁ ଅଧ୍ୟାପକଙ୍କ ନିର୍ଯାତନା ଅଭିଯୋଗ

**କଟକ,୨୬ ।୭ (ସମିସ):** ଏକ ଯୁକ୍ତ ୨ କଲେଜରେ ଜଣେ ଅଧ୍ୟାପକ ଠିକ ଭାବେ ପାଠ ପଢାଉ ନଥିବା ଅଭିଯୋଗ ହୋଇଛି । ଏପରିକି ସମ୍ପୃକ୍ତ ଅଧ୍ୟାପକ ଜଣେ ଛାତ୍ରଙ୍କୁ ମାନସିକ ନିର୍ଯାତନା ଦେଉଥିବା ନେଇ ଛାତ୍ରଙ୍କ ମାଆ ବିଡାନାସୀ ଥାନାର ଦ୍ୱାରସ୍ଥ ହୋଇଛନ୍ତି । ତୁଳସୀପୁର ଅଞ୍ଚଳର ମହିଳା ଜଣକ ଅଭିଯୋଗରେ ଦର୍ଶାଇଛନ୍ତିଯେ ତାଙ୍କ ପୁଅ ସ୍ଥାନୀୟ ଅଞ୍ଚଳର ଏକ କଲେଜରେ ଯୁକ୍ତ ଦୁଇ ଦ୍ୱିତୀୟ ବର୍ଷରେ ପଢୁଛି । ଗତ ୩ ତାରିଖରେ ପୁଅ ଓ ତାର ସାଙ୍ଗମାନେ ମିଶି କଲେଜର ଅଧ୍ୟକ୍ଷଙ୍କୁ ଏକ ଦରଖାସ୍ତ ଲେଖିଥିଲେ । ସେଥିରେ କଲେଜର ଗଣିତ ଅଧ୍ୟାପକ ଠିକ ଭାବେ ପଢାଉ ନାହାନ୍ତି ବୋଲି ଉଲ୍ଲେଖ କରିଥିଲେ । ଅଧ୍ୟାପକ ଯେଉଁଭଳି ପଢାଉଛନ୍ତି ଆମେ ତାହା ବୁଝିପାରୁନୁ ବୋଲି ଦରଖାସ୍ତ ମାଧ୍ୟମରେ କଲେଜ ଅଧ୍ୟକ୍ଷଙ୍କୁ ଅବଗତ କରିଥିଲେ । ଏହି ବିଷୟ ଜାଣିବା ପରେ ସେଦିନ ସନ୍ଧ୍ୟାରେ ଗଣିତ ଅଧ୍ୟାପକ ହଠାତ ଫୋନ୍ ନମ୍ବରରେ ପୁଅ ସହ କଥା ହୋଇଥିଲେ । ଏହି ସମୟରେ ଅଧ୍ୟାପକ ଜଣକ ପୁଅକୁ ଉକ୍ତ ଦରଖାସ୍ତ ବାବଦରେ କହି ଗାଳିଗୁଲଜ କରିଥିଲେ । ଫେଲ କରିଦେବେ ବୋଲି ଧମକାଇଥିଲେ । ତାଙ୍କ ମା' ଅଧ୍ୟାପକଙ୍କ ସହ କଥା ହେବାରୁ ସେ ଖରାପ ବ୍ୟବହାର ପ୍ରଦର୍ଶନ କରିଥିଲେ । ଏହି ବାର୍ତ୍ତାଳାପ ସମୟର କଲ ରେକର୍ଡିଂକୁ ନେଇ କଲେଜ ଅଧ୍ୟକ୍ଷଙ୍କୁ ଅବଗତ କରାଯାଇଥିଲା । ଏ ସମ୍ପର୍କରେ କଲେଜ ଅଧ୍ୟକ୍ଷ ତୁରନ୍ତ ଏକ ବୈଠକ ଡକାଇଥିଲେ । ବୈଠକରେ କଲେଜର ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ । ତେବେ ଏହାର କୌଣସି ସମାଧାନ ହୋଇ ପାରିନଥିଲା । ଅନ୍ୟପକ୍ଷରେ ସମ୍ପୃକ୍ତ ଛାତ୍ରଙ୍କ ମା'ଙ୍କ ଅଭିଯୋଗ ଆଧାରରେ ପୁଲିସ କଲେଜରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ଅଧ୍ୟକ୍ଷାଙ୍କୁ ଭେଟି ଆଲୋଚନା କରିଥିଲେ ।

## ୱାଇଜ୍‌ମ୍ୟାନ ପକ୍ଷରୁ ଦକ୍ଷତା ବିକାଶ ନେତୃତ୍ୱ ସମ୍ମିଳନୀ

**କଟକ,୨୬ ।୭ (ସମିସ):** ଅନ୍ତର୍ଜାତୀୟ ସଂସ୍ଥାମାନେ ଆଇନ ସେବା ଆନ୍ଦୋଳନ ସହ ସାମିଲ ହୋଇ ସେମାନଙ୍କ କାର୍ଯ୍ୟକ୍ରମ କରିପାରିଲେ ଏହା ତୃଣମୂଳ ସ୍ତରରେ ଅଧିକ କ୍ରିୟାଶୀଳ ହେବ ବୋଲି ଓଡିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ନ୍ୟାୟମୂର୍ତ୍ତି ଚିତ୍ତରଞ୍ଜନ ଦାଶ ୱାଇମ୍ୟାନ କ୍ଲବ ଅଫ କଟକର ୨୭ତମ ଅଧିଷ୍ଠାନ ଉତ୍ସବ ଏବଂ ଓଡ଼ିଶା ଜିଲ୍ଲା ଦକ୍ଷତା ବିକାଶ ନେତୃତ୍ୱ ସମ୍ମିଳନୀକୁ ଉଦ୍‌ଘାଟନ କରିବା ଅବସରରେ ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ ସାମାଜିକ ନ୍ୟାୟ ପ୍ରଦାନରେ ଅନ୍ତର୍ଜାତୀୟ ଅନୁଷ୍ଠାନମାନେ ଜିଲ୍ଲା ଓ ତାଲୁକ ସ୍ତରରେ ଥିବା ଆଇନ ସେବା ପ୍ରାଧିକରଣ ସହ ସାମିଲ ହୋଇ ଏହି ଅଭିଯାନକୁ ଆଗେଇ ନେବା ଜରୁରୀ ।

ବାରବାଟୀ ଦୁର୍ଗସ୍ଥିତ କଟକ କ୍ଲବ ଅନେକ୍ସ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୱାଇଜମ୍ୟାନ ଇଣ୍ଟରନେଶନାଲର ଉତ୍ତର, ପୂର୍ବ ଓ ଉତ୍ତରପୂର୍ବ ଭାରତର ଆଞ୍ଚଳିକ ନିର୍ଦ୍ଦେଶକ




ଆଇନଜୀବୀ ପ୍ରସନ୍ନ କୁମାର ନନ୍ଦ ସମ୍ମାନିତ ଅତିଥି ଭାବେ "ରୋଲବ୍ୟାକ ମେଲେରିଆ' ପ୍ରକଳ୍ପର ପ୍ରଚଳନ ସମ୍ପର୍କରେ ସୂଚନା ଦେଇଥିଲେ । ଏହି ଅଧିଷ୍ଠାନ ଉତ୍ସବରେ ପୂର୍ବତନ ସଭାପତି ଆଇନଜୀବୀ ସିଦ୍ଧାର୍ଥ ପ୍ରସାଦ ମିଶ୍ର ନୂତନ ସଭାପତି ଚାର୍ଟଡର୍ ଆକାଉଣ୍ଟାଣ୍ଟ ପ୍ରଶାନ୍ତ କୁମାର ମହାପାତ୍ରଙ୍କୁ 'କଲାର୍' ପିନ୍ଧାଇ ଦାୟିତ୍ୱ ହସ୍ତାନ୍ତର କରିଥିଲେ । ପୂର୍ବତନ ସମ୍ପାଦକ ଆଲୋକ କୁମାର ସାହୁ ନୂତନ ସମ୍ପାଦକ ତୃପ୍ତିମୟୀ ମିଶ୍ରଙ୍କୁ ଦାୟିତ୍ୱ ଦେଇଥିଲେ । ଓଡିଶା ଜିଲ୍ଲା ଗଭର୍ନର ସତ୍ୟ ଗୋପାଳ ପରିଜାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ନେତୃତ୍ୱ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଡ. ସୁରଜିତ ସାହୁ, ଡ. ପ୍ରଭାତ ମିଶ୍ର ଓ ସୁଜିତ ପାଣି ପ୍ରମୁଖ ଅନୁଷ୍ଠାନର ବିଭିନ୍ନ ସେବା ଓ ଲୋକଭିମୁଖୀ କାର୍ଯ୍ୟଧାରା ସମ୍ପର୍କରେ ଅବଗତ କରାଇଥିଲେ । ଏହି ଅବସରରେ ନଳିନୀ ମହାପାତ୍ରଙ୍କ ସମ୍ପାଦନରେ ପ୍ରକାଶିତ ମୁଖପତ୍ରକୁ ମୁଖ୍ୟଅତିଥି ଜଷ୍ଟିସ ଦାଶ ଉନ୍ମୋଚନ କରିଥିଲେ । ଏହି ଅବସରରେ ନଳିନୀ ମହାପାତ୍ର ଓ ଲିଟଲ ମିସ୍ ୟୁନିଭର୍ସ ପଦ୍ମାଳୟ ନନ୍ଦଙ୍କ ନେତୃତ୍ୱରେ ୱାଇଜମେନ୍ ଓ ୱାଇଜ ଲିଙ୍ଗ କ୍ଲବ ଗଠନ ହୋଇଥିଲା । ଚଳିତ ଆଇସିଏସସି ପରୀକ୍ଷାରେ କଟକ ଷ୍ଟିୱାଟ ସ୍କୁଲର ସର୍ବୋଚ୍ଚ ସ୍ଥାନ ରଖିଥିବା ଦଶମ ଶ୍ରେଣୀ ଛାତ୍ରୀ ତନୀଷା ନାୟକଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ । ଏହିବସରରେ ବିଶିଷ୍ଟ ସାହିତ୍ୟିକା ଅଭିପ୍ସା ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଦୀପକ କୁମାର ମହାନ୍ତି, ଡଃ ଆଶୁତୋଷ ଦେବତା, ଡ଼ ରାଜ ବଲ୍ଲଭ ମହାନ୍ତି, ଶୈଳେନ୍ଦ ନାଥ ଠାକୁର, ଜ୍ୟୋତି ରଞ୍ଜନ ସିଂ, ବିଦ୍ୟୁତ କୁମାରୀ ଲାଲା, ଡ଼ ସୁରେଖା ସୁନ୍ଦରୀ ସ୍ୱାଇଁ, ପ୍ରକାଶ ପରେଖ, ଡ଼ ଶୁଭ ସୁଦ୍ଧା ପ୍ରିୟଦର୍ଶିନୀ, ଗୌରାଙ୍ଗ ରାଉତ, ମିତା ଦେବତା, ଅନିତା ପତି, ପିୟୁଷ ମହାନ୍ତି, ରଂଜିତା ପ୍ରଧାନ, ଇପ୍ସିତା ମହାନ୍ତି, ସୂଚେତନା ପାଣି, ଡାକ୍ତର ତୋଫାନ ପତି, ଅଶୋକ ମିଶ୍ର, ଉତ୍ତର ପୂର୍ବ ଭାରତର ବିଭିନ୍ନ ପ୍ରାନ୍ତରୁ ନେତୃମଣ୍ଡଳୀ ଯୋଗ ଦେଇଥିଲେ ।

## ମହିଳାଙ୍କୁ ଠକେଇ: ଅଭିଯୁକ୍ତ ଗିରଫ

**କଟକ,୨୬ ।୭ (ସମିସ):** ସାଇବର ଥାନା ପୁଲିସ ଜଣେ ଠକକୁ ଗିରଫ କରି କୋର୍ଟ ଚାଲାଣ କରିଛି । ସରକାରୀ ଚାକିରି ଦେବାକୁ କହି ଜଣେ ମହିଳାଙ୍କଠାରୁ ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଥିଲା । ଅଭିଯୁକ୍ତର ଘର ଆଠଗଡ଼ ଅଞ୍ଚଳରେ ହୋଇଥିବା ବେଳେ ତା' ନାଁ ସତ୍ୟଜିତ୍ ନାୟକ(୨୪) । ତା' ନିକଟରୁ ୨ଟି ମୋବାଇଲ୍ ଫୋନ୍, ୨ଟି ସିମ୍-କାର୍ଡ ଏବଂ ନଗଦ ୪୧ହଜାର ୮୦୦ଟଙ୍କା ଜବତ କରାଯାଇଛି । ଜାମିନ୍ ନାମଞ୍ଜୁର ହେବାରୁ ତାକୁ ଜେଲ୍‌କୁ ପଠାଇ ଦିଆଯାଇଛି । ଅଭିଯୁକ୍ତ ସତ୍ୟଜିତ୍ କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜୁନିୟର୍ ଆସିଷ୍ଟାଣ୍ଟ ଭାବେ ନିଯୁକ୍ତି ଦେବ ବୋଲି କହିଥିଲା । ଏ ବାବଦରେ ବିଭିନ୍ନ ପର୍ଯ୍ୟାୟରେ ୩ଲକ୍ଷ ଟଙ୍କା ନେଇ ଯାଇଥିଲା । ଏକ ଜାଲ୍ ନିଯୁକ୍ତିପତ୍ର ଆଶାୟୀ ମହିଳାଙ୍କୁ ପ୍ରଦାନ କରିଥିଲା । ଏହି ନିଯୁକ୍ତିପତ୍ର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଦେଖାଇବା ପରେ ଏହା ନକଲି ବୋଲି ସ୍ପଷ୍ଟ ହୋଇଥିଲା । ମହିଳା ଜଣକ ଏହାପରେ କଟକ ସାଇବର ଥାନାରେ ଏତଲା ଦେଇଥିଲେ । ପୁଲିସ ତଦନ୍ତ କରି ଅଭିଯୁକ୍ତ ସତ୍ୟଜିତ୍‌କୁ ଗିରଫ କରିଥିବା ଜଣାପଡ଼ିଛି ।

## ୱାକର୍ସ କ୍ଲବ୍-କଟକର ସ୍ୱାସ୍ଥ୍ୟ ସଚେତନତା




**କଟକ,୨୬ ।୭ (ସମିସ):** ୱାକର୍ସ କ୍ଲବ କଟକ ପକ୍ଷରୁ ଏକ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ବଙ୍ଗାଳି ସାହିସ୍ଥିତ ରାମକୃଷ୍ଣ କୁଟୀରଠାରେ ଅନୁଷ୍ଠିତ ହୋଇଯାଇଛି । ୱାକର୍ସ କ୍ଲବର ସଭାପତି ବିଚାରପତି ମନୋରଞ୍ଜନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦନ୍ତ ରୋଗ ବିଶେଷଜ୍ଞ ଡାକ୍ତର ରବିରଞ୍ଜନ ସାହୁ ମୁଖ୍ୟବକ୍ତା ରୂପେ ଯୋଗଦେଇ ଦନ୍ତ ରୋଗର କାରଣ ଓ ନିରାକରଣ ସମ୍ବନ୍ଧରେ ଅଭିଭାଷଣ ରଖିଥିଲେ । ଏହି ଅବସରରେ ଡାକ୍ତର ରବିରଞ୍ଜନ ସାହୁଙ୍କୁ ଉତ୍ତରୀୟ ଓ ପଟ୍ଟଚିତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ ସମ୍ପାଦକ ପ୍ରିୟରଞ୍ଜନ ମହାପାତ୍ର, ବନମାଳି ଶୁକ୍ଳ, ପ୍ରଶାନ୍ତ କୁମାର କାନୁନଗୋ, ଶ୍ୟାମସୁନ୍ଦର ସାହୁ, ଶଶିଭୂଷଣ ସ୍ୱାଇଁ, ଶ୍ରୀନିବାସ ପାତ୍ର, ଗୋକୁଳାନନ୍ଦ ପଟ୍ଟନାୟକ, ବିଦ୍ୟୁତ୍ ଲାଲା, ବିଜୟ ପୃଷ୍ଟି, ଗୌତମ କର, ମହେଶ୍ୱର ମହାନ୍ତି, ଫନିନ୍ଦ୍ର ମଲ୍ଲିକ, ପ୍ରଫୁଲ କୁମାର ସାହୁ, ପ୍ରମୁଖ ସଦସ୍ୟମକ୍ଷନକ ସହିତ କୁଟୀରର ଅନ୍ତେବାସୀବୃନ୍ଦ ଉପସ୍ଥିତ ଥିଲେ । କୁଟୀରର ପରିଚାଳକ ସୁଭାସଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଅଧାରେ ରହିଲା 'ଷ୍ଟୁଡେଣ୍ଟ-ପୁଲିସ କ୍ୟାଡେଟ୍ ମିଶନ'

### ଡିସିପି ବଦଳିଗଲା ପରେ ଯୋଜନା ହେଉଛି ବାଟବଣା

### ୩୦ଟି ହାଇସ୍କୁଲ ପରେ ମିଶନ ହେଲା ବିଫଳ

**କଟକ,୨୬ ।୭ (ସମିସ):**

କମିଶନରେଟ୍ ପୁଲିସ ପକ୍ଷରୁ ସହରର ସମସ୍ତ ହାଇସ୍କୁଲରେ ଷ୍ଟୁଡେଣ୍ଟ ପୁଲିସ କ୍ୟାଡେଟ୍ ମିଶନକୁ କାର୍ଯ୍ୟକାରୀ କରାଯାଉଥିଲା । ୨୦୧୮ ମସିହା ଜୁଲାଇ ମାସ ୨୧ ତାରିଖରେ ଏହି କାର୍ଯ୍ୟକ୍ରମକୁ ପୁଲିସ ବିଭାଗ ପକ୍ଷରୁ ପ୍ରଥମ କରି ଆରମ୍ଭ କରାଇଥିଲା । ପ୍ରତ୍ୟେକ ବର୍ଷ ପୁଲିସ, ଶିକ୍ଷକ ଓ ଛାତ୍ରଛାତ୍ରୀମାନେ ମିଳିତ ଭାବେ ଆତ୍ମସୁରକ୍ଷା, ଅପରାଧ ନିୟନ୍ତ୍ରଣ ଓ ନିରାକରଣ ଏବଂ ସାଇବର ସଚେତନତା ଉପରେ ଆଲୋଚନା କରିଥାଆନ୍ତି । ବିଶେଷଃ କରି ଛାତ୍ରଛାତ୍ରୀଙ୍କ ଉପରେ ହେଉଥିବା ଘରୋଇ ହିଂସା, ନିର୍ଯାତନା ଓ ଅପରାଧିକ କାର୍ଯ୍ୟକଳାପକୁ କେଉଁ ଭଳି ରୋକାଯାଇ ପାରିବ, ତାହାକୁ ଦୃଷ୍ଟିରେ ରଖି କମିଶନରେଟ୍ ପୁଲିସ ଏହି ପଦକ୍ଷେପ ନେଇଥିଲା । ଏହି କାର୍ଯ୍ୟକ୍ରମରେ ସମସ୍ତ ସରକାରୀ ସ୍କୁଲ ଗୁଡ଼ିକର ୮ମ ଏବଂ ୯ମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ସାମିଲ୍ କରାଯାଇଥିଲା । ଉଭୟ ଇନ୍‌ଡୋର୍(ଶ୍ରେଣୀ ଭିତରେ) ଏବଂ ଆଉଟ୍‌ଡୋର୍(ଶ୍ରେଣୀ ବାହାର)ରେ ଏକାଧିକ ସଚେତନତା କାର୍ଯ୍ୟକ୍ରମ(ଆକ୍ଟିଭିଟି) ହେଉଥିଲା । ଆଉଟ୍‌ଡୋର୍ କାର୍ଯ୍ୟକ୍ରମ ମାସକୁ ୨ଥର ଲେଖାଁଏ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିବା ବେଳେ କ୍ରୀଡା, ଯୁବ ବ୍ୟାପାର(ୟୁଥ୍ ଆଫେୟାର୍ସ), ପରିବେଶ ଓ ଜଙ୍ଗଲ ବିଭାଗ ଏବଂ କେନ୍ଦ୍ର ପ୍ରତିରକ୍ଷା ବିଭାଗର ଯବାନଙ୍କ ମଧ୍ୟରୁ ମାଷ୍ଟର୍ ଟ୍ରେନର୍ ଚୟନ କରାଯାଇ ଏହି କାର୍ଯ୍ୟକ୍ରମରେ ସାମିଲ୍ କରାଯାଇଥିଲା । ଏଥି ସହିତ ବିଭିନ୍ନ ସଚେତନତାଧର୍ମୀ ସାଂସ୍କୃତିକ କାର୍ଯ୍ୟକ୍ରମମାନ କରାଯାଉଥିଲା । ତେବେ କଟକ ମହାନଗର ନିଗମ ଅଞ୍ଚଳରେ ରହିଥିବା ସମସ୍ତ ଥାନା ଗୁଡ଼ିକର ଆଇଆଇସି ଓ ଅନ୍ୟ କର୍ମଚାରୀମାନେ ଏହି ଅଭିଯାନରେ ସାମିଲ ହୋଇଥିଲେ । ତତ୍କାଳୀନ ଡିସିପି ପିନାକ୍ ମିଶ୍ରଙ୍କ ତତ୍ତ୍ୱାବଧାନରେ ଏହି ଷ୍ଟୁଡେଣ୍ଟ-ପୁଲିସ କ୍ୟାଡେଟ୍ ମିଶନ କାର୍ଯ୍ୟକାରୀ କରାଯାଉଥିଲା । ଶ୍ରୀ ମିଶ୍ରଙ୍କ ବଦଳି ପରେ ଏହି ମିଶନ'କୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରି ଦିଆଗଲା । ତେବେ ଡିସିପି ବଦଳିଗଲେ ପୂର୍ବ ଯୋଜନାକୁ ବନ୍ଦ କରିଦିଆଯାଉଛି । ପୁଣି ନୂଆ ଡିସିପିଙ୍କ ହାତରେ ନୂଆ ଯୋଜନା ହେଉଛି । ଏହି ଷ୍ଟୁଡେଣ୍ଟ-ପୁଲିସ କ୍ୟାଡେଟ୍ ମିଶନ ବନ୍ଦ ହେବା ସମ୍ପର୍କରେ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ପଚାରିବାରୁ ସେ ସନ୍ତୋଷଜନକ ଉତ୍ତର ଦେଇ ପାରିନଥିଲେ ।

ପୁଲିସର ସୂଚନା ଅନୁଯାୟୀ, କେନ୍ଦ୍ର ସରକାରଙ୍କ ବ୍ୟୁରୋ ଅଫ୍ ପୁଲିସ ରିସର୍ଚ୍ଚ ଆଣ୍ଡ ଡେଭଲପ୍‌ମେଣ୍ଟ ଅଧିନରେ ଏହି କାର୍ଯ୍ୟକ୍ରମ କରାଯିବା ପାଇଁ ମାଷ୍ଟର୍ ପ୍ଲାନ୍ ହୋଇଥିଲା । ଆଉଟ୍‌ଡୋର୍ ଆକ୍ଟିଭିଟି ନିମନ୍ତେ ପ୍ରତ୍ୟେକ ସ୍କୁଲକୁ ୫୦ହଜାର ଟଙ୍କା ଦିଆଯିବାକୁ ଗାଇଡ୍-ଲାଇନ୍‌ରେ ଉଲ୍ଲେଖ ରହିଥିଲା । ଏହି ଅର୍ଥକୁ ଛାତ୍ରଛାତ୍ରୀଙ୍କୁ ଦିଆଯାଉଥିବା ଟ୍ରେନିଂରେ ଖର୍ଚ୍ଚ କରାଯାଉଥିଲା । କମିଶନେରଟ୍ ପୁଲିସ ପକ୍ଷରୁ ଟ୍ରେନିଂ ସାମଗ୍ରୀ ତଥା ଶିକ୍ଷାଦାନରେ ବ୍ୟବହୃତ ସାମଗ୍ରୀ କ୍ରୟ କରିବାକୁ ୧୫ହଜାର ଟଙ୍କା, ଆଉଟ୍‌ଡୋର ଆକ୍ଟିଭିଟି ନିମନ୍ତେ ୨୪ହଜାର ଟଙ୍କା ଏବଂ ଅନ୍ୟାନ୍ୟ ଖର୍ଚ୍ଚ ନିମନ୍ତେ ୫ହଜାର ଟଙ୍କା ବ୍ୟୟ ଅଟକଳ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଅଂଶଗ୍ରହଣ କରୁଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ ରେଭେନ୍ସା କଲିଜିଏଟ୍ ସ୍କୁଲ, ବୋର୍ଡ ସ୍କୁଲ, ପିଏନ୍ ଏକାଡେମୀ, ରାଣୀହାଟ ହାଇସ୍କୁଲ ଭଳି ସହରର ୩୦ଟି ସରକାରୀ ବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା । ଛାତ୍ରଛାତ୍ରୀଙ୍କ ସୁରକ୍ଷା ଓ ସମାଜ ଗଠନ କ୍ଷେତ୍ରରେ ସେମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନତା କରାଯାଉଥିଲା । ଷ୍ଟୁଡେଣ୍ଟ ପୁଲିସ କ୍ୟାଡେଟ୍ ମିଶନ କେବଳ କଟକ ସହର ସମେତ କଟକ ଜିଲ୍ଲାର ୩୦୧ଟି ହାଇସ୍କୁଲରେ କାର୍ଯ୍ୟକାରୀ କରାଯିବାକୁ ପୁଲିସ ଯୋଜନା କରିଥିଲା; ମାତ୍ର ୩୦ଟି ହାଇସ୍କୁଲରେ ଏହି କାର୍ଯ୍ୟକ୍ରମ କରାଯାଇ ଏହି ଯୋଜନାକୁ ବନ୍ଦ କରି ଦିଆଗଲା । ଯାହାକୁ ନେଇ ବିଦ୍ୟାଳୟର ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ମହଲରେ ଗଭୀର ଅସନ୍ତୋଷ ଦେଖାଦେଇଛି ।

TPCODL | TPNODL | TPSODL | TPWODL

(Joint Ventures of Tata Power and Government of Odisha)

**PUBLIC NOTICE**

Installation of smart meters for new electricity connection and replacement of existing meters is in post paid mode by default. Pre-paid mode is optional and enabled only on consumer's request.

For any queries or service requests related to smart meters or other electricity services, please call on 24x7 toll-free number at 1912 or contact your nearest Customer Care Centre.

## ଲଗାଣ ବର୍ଷା ଯୋଗୁଁ ଗଙ୍ଗାହାର ନଦୀରେ ବନ୍ୟା

# କୁଆମରା-ବଡ଼ସାହି ଯୋଗାଯୋଗ ବିଚ୍ଛିନ୍ନ




**କୁଆମରା, ୨୬।୭ (ସମିସ)**

ଲଘୁଚାପ ପ୍ରଭାବରେ ଶୁକ୍ରବାର ଦିନତମାମ ମୂଷଳ ଧାରାରେ ବର୍ଷା ଲାଗି ରହିବା ଯୋଗୁଁ ଗଙ୍ଗାହାର ନଦୀରେ ବନ୍ୟା ପରିସ୍ଥିତି ଦେଖାଦେଇଛି। ନାଲୁହା ଓ ଛୋଟ ଛୋଟ ନଦୀଗୁଡିକ ଫୁଲିବାରେ ଲାଗିଛି। ଗୋପବନ୍ଧୁ ନଗର ବ୍ଲକ ଦେଇ ପ୍ରବାହିତ ଗଙ୍ଗାହାର ନଦୀରେ ଶୁକ୍ରବାର ରାତିରୁ ବନ୍ୟାଜଳ ଆସିବା ଯୋଗୁଁ ଖଡ଼ିକାପଦା କଲଭର୍ଟ ଉପରେ ଶନିବାର ସକାଳେ ୩ ଫୁଟ ପାଣି ପ୍ରବାହିତ ହେଉଛି। ଫଳରେ ବଡ଼ସାହି-କୁଆମରା ଯୋଗାଯୋଗ ବିଚ୍ଛିନ୍ନ ହୋଇପଡ଼ିଛି। ବନ୍ୟାଜଳ ବଢୁଥିବାରୁ ନଈକୂଳରେ ବସବାସ କରୁଥିବା ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। ଗଙ୍ଗାହାର ନଦୀରେ ବନ୍ୟାଜଳ ବଢ଼ିବା ଯୋଗୁଁ ନାଲୁହା ନଈ ମଧ ଫୁଲିବାରେ ଲାଗିଛି। ଫଳରେ ଗୋପବନ୍ଧୁ ନଗର ବ୍ଲକର ପଶୁଦା ପଞ୍ଚାୟତର କେତେକ ଗ୍ରାମ୍ ଓ ଚାଷ ଜମି ପ୍ରଭାବିତ ହୋଇଛି। ଖଡ଼ିକାପଦା ତଳେ ଥିବା ବଡ଼ସାହି ବ୍ଲକର ପଟିସାରୀ ପଞ୍ଚାୟତ ମଧ କେତେକ ସ୍ଥାନ ପ୍ରଭାବିତ ହୋଇଛି। ତେବେ ବନ୍ୟା ଜଳ ଆସିବା ଯୋଗୁଁ ବଡ଼ସାହିରୁ କୁଆମରା ଆସୁଥିବା ୧୦୮ ଆମ୍ବୁଲାନ୍ସ ଖଡିକାପଦା ନିକଟରେ ଦୀର୍ଘ ସମୟ ଅଟକି ରହିଥିଲା। ନଦୀ କୂଳକୁ ଲାଗି ରହିଥିବା ଚାଷ ଜମିଗୁଡ଼ିକରେ ବନ୍ୟା ଜଳ ମାଡି ଥିବାରୁ ରୁଆପୋତା କାମରେ ପ୍ରତିବନ୍ଧକ ସୃଷ୍ଟି ହୋଇଛି। ଗତ ଦୁଇ ତିନି ଦିନ ତଳେ ରୁଆ ହୋଇଥିବା ବ୍ୟାପକ ଚାଷଜମି ନଷ୍ଟ ହେବାରେ ଲାଗିଛି। ସେହିପରି ଦେଓ ନଦୀରେ ବନ୍ୟା ଜଳ ଆସିବା ଯୋଗୁଁ କଇଁସାରୀ ନିକଟ ଜାମୁଘାଟ ଅସ୍ଥାୟୀ ପୋଲ ଉପରେ ୪ ଫୁଟ ଉଚ୍ଚର ପାଣି ପ୍ରଭାବିତ ହେଉଛି। ଏହାପୂର୍ବରୁ ଏହି ଅସ୍ଥାୟୀ ପୋଲଟି ଜୁନ ୨୮ ତାରିଖ ବନ୍ୟାପାଣିରେ ଧୋଇହୋଇଯାଇଥିଲା। ଫଳରେ ଚାରି ଚକିଆ ଯାନ ଚଳାଚଳ ବନ୍ଦ ହୋଇଯାଇଛି। ପୁଣି ଏବେ ବନ୍ୟାରେ ଦୁଇ ଚକିଆ ଗାଡ଼ି ବି ଯିବା ସମ୍ଭବ ହୋଇପାରିବ ନାହିଁ ବୋଲି ଅଞ୍ଚଳବାସୀ କ୍ଷୋଭର ସହ କହିଛନ୍ତି। ତେବେ ଉଦଳାରୁ ଜୟପୁର ଦେଇ ବାଲେଶ୍ୱରକୁ ଯାତାୟତ ବନ୍ଦ ହୋଇଥିବାବେଳେ ଲୋକେ ୧୫ କିମି ବୁଲି କନ୍ହେଇବନ୍ଧ ଦେଇ ଯିବାଆସିବା କରୁଛନ୍ତି। ସରକାରଙ୍କ ଅବହେଳା ଓ ଖାମଖିଆଲି ନୀତି ଯୋଗୁଁ ଏହି ଦୁର୍ଦ୍ଦଶା ଭୋଗିବାକୁ ପଡୁଛି ବୋଲି ଜନସାଧାରଣ କହିଛନ୍ତି।

## ଜାମୁନାଳ ପୋଲ ଉପରେ ପାଣି; ଯାତାୟାତ ବାଧାପ୍ରାପ୍ତ



**ରାଇରଙ୍ଗପୁର, ୨୬।୭ (ସମିସ):** ଲଘୁଚାପ ଜନିତ ବର୍ଷା ଯୋଗୁଁ ନଦୀ, ନାଳ, ନନଜୋରିରେ ଜଳ ସ୍ତର ବୃଦ୍ଧି ପାଉଛି। ପାହାଡରୁ ପାଣି ଆସି ଜଳସ୍ତର ବଢ଼ାଉଛି। ଲଗାଣ ବର୍ଷା ଯୋଗୁଁ ବିଭିନ୍ନ ସ୍ଥାନରେ ବନ୍ୟା ଭଳି ପରିସ୍ଥିତି ଉପୁଜିଛି। ଅନ୍ୟ କିଛି ସ୍ଥାନରେ ଲଗାଣ ବର୍ଷାରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ବହୁ ଚାଳଛପର ଘର ମଧ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି। ଲଗାଣ ବର୍ଷା ପ୍ରଭାବରେ ଜାମଦା ବ୍ଲକ ପାସନା ପଞ୍ଚାୟତର ଭାଗବେଡା ଗ୍ରାମ ସାନକୁଲେଇବିରା ଗ୍ରାମୀଣ ରାସ୍ତାର ଜାମୁନାଳ ପୋଲ ଉପରେ ପାଣି ପ୍ରବାହିତ ହେଉଥିବାରୁ ଲୋକେ ଯାତାୟାତ କରିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତା ଉପରେ ୭/୮ ଟି ପଞ୍ଚାୟତର ଲୋକେ ନିର୍ଭର କରୁଛନ୍ତି। ପୋଲ ଉପରେ ବର୍ଷାପାଣି ପ୍ରବାହିତ ହେଉଥିବାରୁ ବହୁ ଗାଁକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ସେହିପରି ବିଭିନ୍ନ ସ୍ଥାନରେ ଧାନତଳି ମଧ ନଷ୍ଟ ହୋଇଯାଇଛି।

## ବଡ଼ଡାଲିମା ପଞ୍ଚାୟତରେ ଭୁଶୁଡ଼ିଲା ୧୦ରୁ ଉର୍ଦ୍ଧ୍ୱ ମାଟିଘର



**ରାଇରଙ୍ଗପୁର/ବହଳଦା, ୨୬।୭ (ସମିସ):** ତିରିଂ ବ୍ଲକରେ ଦୁଇଦିନ ହେଲା ଲଗାଣବର୍ଷା ଲାଗି ରହିଛି। ଫଳରେ ବଡ଼ଡାଲିମା ପଞ୍ଚାୟତରେ ୧୦ରୁ ଅଧିକ ମାଟି ଭୁଶୁଡିଥିବା ସୂଚନା ମିଳିଛି। ଖବର ପାଇ ତିରିଂ ବିଡିଓ ଏବଂ ତହସିଲଦାର ଘଟଣାସ୍ଥଳରେ ପହଞ୍ଚି ଭାଙ୍ଗି ଯାଇଥିବା ଘରଗୁଡିକର ସ୍ଥିତି ନିରୀକ୍ଷଣ କରିଥିଲେ। ଲୋକଙ୍କୁ ରହିବା ପାଇଁ ପଲିଥିନ ଯୋଗାଇ ଦିଆଯାଇଛି। ଘର ଭୁଶୁଡି ଯିବାରୁ ମାଟି ତଳେ ଖାଦ୍ୟପାନୀୟ, ପୋଷାକ ଓ ଜରୁରୀ କାଗଜପତ୍ର ଆଦି ମାଟିରେ ମିଶିଯାଇଛି। ବର୍ଷା ପାଣିରେ ସବୁ ଆସବାବପତ୍ର ନଷ୍ଟ ହୋଇଯାଇଛି ବୋଲି ବିପନ୍ନ ପରିବାର କହିଛନ୍ତି। କ୍ଷତିଗ୍ରସ୍ତ ଗରିବ ଖଟିଆ ଆଦିବାସୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରାଯାଉ ବୋଲି ଲୋକେ ବିଡିଓଙ୍କୁ ନିବେଦନ କରିଥିଲେ। ଖବର ପାଇ ଜିଲ୍ଲା ପରିଷଦ ସଭ୍ୟ ପରେଶ ମୁଣ୍ଡା ପହଞ୍ଚି ଲୋକଙ୍କୁ କିପରି ରିଲିଫ ଓ ଥଇଥାନ କରାଯିବ ସେନେଇ ବିଡିଓଙ୍କ ସହିତ ଆଲୋଚନା କରିଥିଲେ। ତେବେ ଯେଉଁମାନଙ୍କ ଘର ଭୁଶୁଡିଯାଇଛି ସେହି ହିତାଧିକାରୀଙ୍କୁ ଆବାସ ଯୋଜନାରେ ସାମିଲ କରିବାର ବ୍ୟବସ୍ଥା କରାଯିବ ବୋଲି ବିଡିଓ ପ୍ରତିଶ୍ରୁତି ଦେଇଛନ୍ତି। ବିଶେଷକରି ବଡଡାଲିମା ଗ୍ରାମପଞ୍ଚାୟତ ଅନ୍ତର୍ଗତ ପୋଖରିଆ ଗାଁର ବାବୁ ରାମ ସୋରେନଙ୍କ ଘର ସମ୍ପୂର୍ଣ୍ଣ ଭାବରେ ନଷ୍ଟ ହୋଇଯାଇଛି। ସେହିପରି ଜଙ୍ଗିଆ ଗ୍ରାମର ଶାମୁ ବୁଳିଉଲି ଘର ମଧ ଲଗାଣବର୍ଷାରେ କ୍ଷତିଗ୍ରସ୍ତ ହୋଇଛି। ଏହି ପଞ୍ଚାୟତରେ ୧୦ରୁ ଉର୍ଦ୍ଧ୍ୱ ମାଟିଘର ଲଗାଣବର୍ଷାରେ ଭୁଶୁଡି ପଡ଼ିଥିବା ସୂଚନା ମିଳିଛି। ତିରିଂ ବ୍ଲକ ପ୍ରଶାସନ ହିତାଧିକାରୀଙ୍କର ତାଲିକା କରୁଛି। ତୁରନ୍ତ କ୍ଷତିଗ୍ରସ୍ତ ହିତାଧିକାରୀଙ୍କୁ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।

## ତପନ ପତି ବଡ଼ସାହି ବ୍ଲକ୍ ବିଜେଡି ସଭାପତି



**ବଡସାହି/ମାଣଡ୍ରୀ, ୨୬।୭ (ସମିସ):** ବଡ଼ସାହି ବ୍ଲକ ପକ୍ଷରୁ ବିଜୁ ଜନତା ଦଳର ସଭାପତି ଭାବେ ତପନ କୁମାର ପତିଙ୍କୁ ମନୋନୀତ କରାଯାଇଛି। ସେ ପୂର୍ବରୁ ମଧ ବିଜୁ ଜନତା ଦଳର ସଭାପତି ଭାବେ କାର୍ଯ୍ୟ ତୁଲାଇଥିଲେ। ଏବେ ଦଳ ପୁଣି ଥରେ ତାଙ୍କ ଉପରେ ଭରସା କରିଛି। ଏପରିକି ପୂର୍ବରୁ ସେ ବ୍ଲକ ରିଟର୍ଣ୍ଣିଂ ଅଫିସର ଓ ମାଣଡ୍ରୀ ଜୋନର କୋର୍ଡିନେଟର ଭାବେ ଦାୟିତ୍ୱ ମଧ ତୁଲାଇଥିଲେ। ତାଙ୍କ ନିଯୁକ୍ତିକୁ ଯୁବ, ଛାତ୍ର, ମହିଳା ଓ ଦଳୀୟ ସଂଗଠନ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନ କରିବା ସହିତ ଦଳର କର୍ମୀକର୍ତ୍ତାଙ୍କୁ ସାଙ୍ଗରେ ନେଇ ତୃଣମୂଳ ସ୍ତରରେ ଦଳକୁ ସୁସଂଗଠିତ କରି ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରିବା ପାଇଁ କାମ କରିବେ ବୋଲି ଶ୍ରୀ ପତି ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। ତାଙ୍କ ଉପରେ ଦଳ ପୁଣି ଥରେ ଆସ୍ଥା ପ୍ରକଟ କରି ସଭାପତି ଦାୟିତ୍ୱ ଦେଇଥିବାରୁ ସେ ନବୀନ ପଟ୍ଟନାୟକ, ରାଜ୍ୟ ଉପସଭାପତି ପ୍ରଣବ ପ୍ରକାଶ ଦାସ, ଜିଲ୍ଲା ସଭାପତି ସୁଦାମ ମାରାଣ୍ଡି, ବଡସାହି ନିର୍ବାଚନମଣ୍ଡଳୀର ସଂଯୋଜକ ସୁବ୍ରମଣ୍ୟମ ମହାନ୍ତିଙ୍କୁ କୃତଜ୍ଞତା ଜଣାଇଛନ୍ତି। ଆଗାମୀ ଦିନରେ ବଡସାହି ବ୍ଲକ ବିଜଦ ସଂଗଠନ ତାଙ୍କ ନେତୃତ୍ୱରେ ଅଧିକ ସୁଦୃଢ ହେବ ବୋଲି ଜଣାଯାଇଛି।

## ଯୁବ ସାନ୍ତାଳୀ କବି ଫାଗୁ ବାସ୍କେ ସମ୍ମାନିତ



**ବାରିପଦା, ୨୬।୭ (ସମିସ):** ରାଜଭବନର ନୂଆ ଅଭିଷେକ ହଲରେ ଏକ ବିଶେଷ କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ବ୍ଲକ ଅନ୍ତର୍ଗତ ଭୋଲାଗଡ଼ିଆ ଗ୍ରାମର ଉଦୀୟମାନ ଯୁବ ସାନ୍ତାଳୀ କବି ଫାଗୁ ବାସ୍କେଙ୍କୁ ରାଜ୍ୟପାଳ ହରିବାବୁ କମ୍ଭମପତି ସମ୍ମାନିତ କରିଛନ୍ତି। ଶ୍ରୀ ବାସ୍କେ ନିଜର କବିତା ସଂଗ୍ରହ 'ଆଳା ସାଓଁ ଇଞ୍ଜା' ପାଇଁ ୨୦୨୫ର କେନ୍ଦ୍ରୀୟ ସାହିତ୍ୟ ଏକାଡେମୀ ଯୁବ ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି। ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିମାନଙ୍କୁ ମଧ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ରାଜ୍ୟପାଳଙ୍କ ସହଧର୍ମିଣୀ ତଥା ରାଜ୍ୟର ପ୍ରଥମ ମହିଳା ଜୟଶ୍ରୀ କମ୍ଭମପତି, କମିଶନର ଓ ସହସଚିବ ରୂପା ରୋଶନ ସାହୁ ଓ ବରିଷ୍ଠ ଅଧିକାରୀ ମଧ ଉପସ୍ଥିତ ଥିଲେ।

## ଗୋ-ଚାଲାଣ ବେଳେ ଟେମ୍ପୁ ଜବତ; ୪ ଗିରଫ

**ବୈଶିଙ୍ଗା, ୨୬।୭ (ସମିସ):** ବେତନଟୀ ଅଞ୍ଚଳରୁ ବେଆଇନ ଭାବରେ ଗୋ-ଚାଲାଣ କରୁଥିବା ଏକ ଟେମ୍ପୁକୁ ସଠିଲ ଗ୍ରାମବାସୀ କାବୁକରି ୪ଜଣଙ୍କୁ ପୁଲିସ ଜିମା ଦେଇଛନ୍ତି। ବେତନଟୀ, ଦହିକୋଟୀ ଅଞ୍ଚଳରୁ ୫ଟି ଗୋରୁଙ୍କୁ ଅତି ଅମାନବୀୟ ଭାବରେ ଏକ ତିନିଚକିଆ ଟେମ୍ପୁରେ ଚାଲାଣ ହେଉଥିବାବେଳେ ସମିତିସଭ୍ୟ ଏବଂ ଗ୍ରାମବାସୀ ଅଟକାଇ ପୁଲିସ ଜିମା ଦେଇଛନ୍ତି। ଏକ ଟେମ୍ପୁରେ ଅତ୍ୟନ୍ତ ଅମାନବୀୟ ଭାବରେ ୫ଟି ଗୋରୁକୁ ବାନ୍ଧି ବେଆଇନ ଚାଲାଣ ସମୟରେ ସଠିଲୋ ପଞ୍ଚାୟତର ଯୁବ ସମିତିସଭ୍ୟ କିଶୋର କୁମାର ନାୟକ ଗ୍ରାମରେ ଅଟକାଇଥିଲେ। ତେବେ ଡାଲାରେ ୫ଟି ଗାଈ ଏବଂ ବଳଦ ଥିବା ଦେଖି ସେଠାରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତେଜନା କ୍ରମଶଃ ବଢ଼ିବାରେ ଲାଗିଥିବା ବେଳେ ବେଆଇନ ଗୋ-ଚାଲାଣ କରୁଥିବା ଗାଡିକୁ ସୁରକ୍ଷା ଯୋଗାଉଥିବା ଏକ ବାଇକକୁ ଜବତ କରିନେଇଥିଲେ। ପରେ ଚାଳକ ଏବଂ ବାଇକ ଚାଳକଙ୍କ ସମେତ ୪ଜଣଙ୍କୁ ବେତନଟୀ ପୁଲିସ ଜିମା ଦିଆଯାଇଥିଲା। ପରେ ପୁଲିସ ଗୋରୁଙ୍କୁ ଉଦ୍ଧାର କରିବା ସହିତ ଟେମ୍ପୁ, ବାଇକ ନିଜ ହେପାଜତକୁ ନେଇ ୪ଜଣଙ୍କୁ ଗିରଫ କରିଛି।

## ବିଶ୍ୱବିଦ୍ୟାଳୟ କୁଳପତି ନିଯୁକ୍ତିରେ ରାଜ୍ୟ ସରକାରଙ୍କ ଦୋମୁହାଁ ନୀତିକୁ ନିନ୍ଦା



**ବାରିପଦା, ୨୬।୭ (ସମିସ):** ରାଜ୍ୟ ସରକାର ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତିଙ୍କୁ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରିଛନ୍ତି। ପୂର୍ବରୁ କୁଳପତି ଭାବେ ଅତିରିକ୍ତ ଦାୟିତ୍ୱ ନିର୍ବାହ କରୁଥିବା ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ସନ୍ତୋଷ କୁମାର ତ୍ରିପାଠୀଙ୍କ ନିଯୁକ୍ତି ବେଆଇନ ଥିଲା ବୋଲି ବହୁ ବୁଦ୍ଧିଜୀବୀ ସ୍ୱର ଉତ୍ତୋଳନ କରି ଆସୁଥିଲେ। ଶେଷରେ କୁଳାଧିପତି ତଥା ରାଜ୍ୟପାଳ ତାଙ୍କୁ ବଦଳାଇ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ରଙ୍କୁ ନିଯୁକ୍ତି ଦେଇଛନ୍ତି। ମାତ୍ର ପ୍ରଶ୍ନ ଉଠେ ଉତ୍କଳ ବିଶ୍ୱବିଦ୍ୟାଳୟରେ ପିଜି କାଉନସିଲ ଚେୟାରମ୍ୟାନଙ୍କୁ ଭାରପ୍ରାପ୍ତ କୁଳପତି ଭାବେ ନିଯୁକ୍ତି ଦେଇଥିବା ବେଳେ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱ ବିଦ୍ୟାଳୟରେ କାହିଁକି ୪୦୦ରୁ ଉର୍ଦ୍ଧ୍ୱ କିମି ଦୂର ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତିଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଗଲା। ଏହି ବିଶ୍ୱବିଦ୍ୟାଳୟରେ କ'ଣ କେହି ଯୋଗ୍ୟ ପ୍ରଫେସର ନାହାନ୍ତି? ସବୁବେଳେ ମୟୂରଭଞ୍ଜ କ୍ଷେତ୍ରରେ ନିଷ୍ପତ୍ତି ନେବା ବେଳେ ଏଭଳି ପାତର ଅନ୍ତର କାହିଁକି ବୋଲି ପୂର୍ବତନ ବିଧାୟକ ତଥା ମହାରାଜା ଶ୍ରୀରାମ ଚନ୍ଦ୍ର ବିଶ୍ୱବିଦ୍ୟାଳୟର ପୂର୍ବତନ ସିନେଟ ଓ ସିଣ୍ଡିକେଟ ସଦସ୍ୟ କିଶୋର ଦାଶ, ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ପୂର୍ବତନ ସିନେଟ ତଥା ଏକାଡେମିକ କାଉନସିଲର ସଦସ୍ୟ ପ୍ରଦୀପ କୁମାର ନାୟକ, ବରିଷ୍ଠ ଆଇନଜୀବୀ ଜ୍ୟୋତିପ୍ରକାଶ ରଥ, ପୂର୍ବତନ ସିନେଟ ସଦସ୍ୟ ସଞ୍ଜୀବ କୁମାର ଆଚାର୍ଯ୍ୟ, ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ପୂର୍ବତନ ଛାତ୍ରସଂଘର ସଭାପତି ପୂର୍ଣ୍ଣେନ୍ଦୁ ଦାସ ପ୍ରମୁଖ ପ୍ରଶ୍ନ କରିଛନ୍ତି। ସରକାର ତୁରନ୍ତ ମୟୂରଭଞ୍ଜର ସ୍ୱାଭିମାନ ତଥା ବିଶ୍ୱବିଦ୍ୟାଳୟର ହିତ ପାଇଁ ଜଣେ ନିୟମିତ କୁଳପତିଙ୍କୁ ନିଯୁକ୍ତି ଦିଅନ୍ତୁ ବା ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟରେ ଥିବା ପ୍ରଫେସରଙ୍କ ଭିତରୁ ଜଣଙ୍କୁ ଭାରପ୍ରାପ୍ତ କୁଳପତି ଦାୟିତ୍ୱ ଦିଅନ୍ତୁ ବୋଲି ବିଶିଷ୍ଟ ବ୍ୟକ୍ତିମାନେ ଦାବି କରିଛନ୍ତି। ସରକାର ଯଦି ଲଗାତାର ଭାବେ ଏପରି ଅବହେଳା ପ୍ରଦର୍ଶନ କରିବେ ତେବେ ଗଣ ଆନ୍ଦୋଳନ ଗଢି ଉଠିବ ବୋଲି ଶ୍ରୀ ଦାଶ ପ୍ରକାଶ କରିଛନ୍ତି।

### ପୂର୍ବତନ କୁଳପତିଙ୍କ ବିଭ୍ରାନ୍ତିକର ନିଯୁକ୍ତି ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ସେହିପରି ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ନିର୍ଦ୍ଦେଶ ଅନୁଯାୟୀ କୁଳସଚିବଙ୍କ ଚିଠି ନମ୍ବର ୮୦, ୧୩.୧.୨୫ ତାରିଖ ଅନୁଯାୟୀ ପ୍ରଫେସର ସୁକାନ୍ତ କୁମାର ନାୟକଙ୍କୁ ଦୂରନିରନ୍ତର ଓ ଅନଲାଇନ ଶିକ୍ଷାର ନିର୍ଦ୍ଦେଶକ ରୂପେ ନିଯୁକ୍ତି ଦିଆଯାଇଥିଲା। ସେଥିରେ ଏକ ବର୍ଷ ପର୍ଯ୍ୟନ୍ତ ନିଜ ମୂଳ ବିଭାଗର କୌଣସି ଦାୟିତ୍ୱରେ ସେ ରହିପାରିବେନି ବୋଲି ଉଲ୍ଲେଖ ଥିଲା। ମାତ୍ର ପୁଣି ପୂର୍ବତନ କୁଳପତିଙ୍କ ନିର୍ଦ୍ଦେଶ ଅନୁଯାୟୀ ଚିଠି ନମ୍ବର ୩୨୨୩/ ୬.୬.୨୫ ମୁତାବକ କୁଳସଚିବ ପ୍ରଫେସର ନାୟକଙ୍କୁ ବାଓଟେକ୍ନୋଲୋଜି ବିଭାଗରେ ବିଭାଗୀୟ ମୁଖ୍ୟ ରୂପେ ନିଯୁକ୍ତି ଦେଇଛନ୍ତି। ଚଠି ଅନୁଯାୟୀ ତାଙ୍କର ମୂଳ ବିଭାଗରେ କୌଣସି କାର୍ଯ୍ୟ ନଥିବା ବେଳେ ପୁଣି ବର୍ଷେ ନ ପୁରିବା ପୂର୍ବରୁ କିପରି ତାଙ୍କୁ ବିଭାଗୀୟ ମୁଖ୍ୟ କରାଗଲା ଏବଂ କେଉଁ ସ୍ୱାର୍ଥରେ କରାଗଲା ବୋଲି ପୂର୍ବତନ ବିଧାୟକ ଶ୍ରୀ ଦାଶ ପ୍ରଶ୍ନ କରିଛନ୍ତି। ପୂର୍ବତନ କୁଳପତି ଏକ ଗାରିମାମୟ ପଦବୀରେ ରହି ବିଶ୍ୱବିଦ୍ୟାଳୟକୁ ଏକ ଖେଳନା ରୂପେ ବ୍ୟବହାର କରିବାର ଅନେକ ଦୃଷ୍ଟାନ୍ତ ମଧ୍ୟରୁ ଏହି କାର୍ଯ୍ୟଟି ଅନ୍ୟତମ। ମନଇଚ୍ଛା ନିଷ୍ପତ୍ତି ନେବା ପୁଣି ନିଜ ନିଷ୍ପତ୍ତିକୁ ବାରମ୍ବାର ବଦଳେଇବା ବିଶ୍ୱବିଦ୍ୟାଳୟର ସ୍ୱାଭିମାନ ପ୍ରତି କୁଠାରଘାତ। ନୂତନ ଭାରପ୍ରାପ୍ତ କୁଳପତି କାର୍ଯ୍ୟରେ ଯୋଗ ଦେବା ପରେ ବିଭ୍ରାନ୍ତିକର ନିଷ୍ପତ୍ତିର ପୁନର୍ବିଚାର କରିବାକୁ ସେ ନିବେଦନ କରିଛନ୍ତି।

## ଜମ୍ବୀରା ନଦୀରୁ ମୃତଦେହ ଉଦ୍ଧାର

**ମୋରଡା, ୨୬।୭ (ସମିସ):** ମୋରଡା ଥାନା ଅଞ୍ଚଳରେ ଜଣେ ବ୍ୟକ୍ତିଙ୍କ ମୃତଦେହ ଜମ୍ବୀରା ନଦୀରୁ ଉଦ୍ଧାର କରିଛି ପୁଲିସ। ଶୁକ୍ରବାର ପ୍ରବଳ ବର୍ଷା ହୋଇଥିବା ବେଳେ ଜମ୍ବୀରା ନଦୀରେ ବନ୍ୟା ଜଳ ପ୍ରବାହିତ ହୋଇଥିଲା। ଶନିବାର ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ବନ୍ୟା ପାଣିରେ ଭାସି ଆସି ପାଞ୍ଚଗୋଛିଆ ନଦୀ କୂଳରେ ଲାଗିଥିଲା। ପରେ ସ୍ଥାନୀୟ ଲୋକେ ଦେଖି ପୁଲିସକୁ ଖବର ଦେଇଥିଲେ। ପରେ ପୁଲିସ ପହଞ୍ଚି ମୃତଦେହକୁ ଜବତ କରିଛି।

## ଜଳାଶୟରୁ ମିଠା କାରିଗରଙ୍କ ମୃତଦେହ ଉଦ୍ଧାର

**ବୈଶିଙ୍ଗା/ବେତନଟୀ, ୨୬।୭ (ସମିସ):** ବେତନଟୀ ବଜାରରେ ସୁରିଆ ସୁଇଟ୍ସ ନାମକ ମିଠା ଦୋକାନର କାରିଗର ଭାବେ କାମ କରୁଥିବା ଜନୈକ ବ୍ୟକ୍ତି ଗୁରୁବାର ରାତି ଦୋକାନରୁ କାମସାରି ଘରକୁ ଫେରିବା ସମୟରେ ଘରପାଖ ଜଳାଶୟରେ ବୁଡିଯାଇଥିଲେ। ତାଙ୍କ ମୃତଦେହକୁ ଦମକଳବାହିନୀ ଉଦ୍ଧାରକରି ବେତନଟୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ମୃତକ ଜଣକ ହେଉଛନ୍ତି ଇନ୍ଦିରାନଗର ଗ୍ରାମର ଉମାକାନ୍ତ ସାହୁଙ୍କ ପୁଅ ଶତ୍ରୁଘ୍ନ ସାହୁ (୪୯)। ସେ ସବୁଦିନ ଭଳି ଗୁରୁବାର ରାତିରେ ଦୋକାନରୁ କାମସାରି ଘରକୁ ଘରକୁ ଫେରୁଥିଲେ। ତେବେ ଅନ୍ଧାର ରାତିରେ ଜାଣିନପାରି ଘରପାଖ ଜଳାଶୟରେ ବୁଡିଯାଇଥିଲେ। ସକାଳେ ଘରଲୋକେ ଦେଖି ଅଗ୍ନିଶମବାହିନୀକୁ ଖବର ଦେଇଥିଲେ। ବେତନଟି ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ପାଣିଭିତରୁ ଶତ୍ରୁଘ୍ନଙ୍କୁ ଉଦ୍ଧାରକରି ବେତନଟୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ; ହେଲେ ଡାକ୍ତର ମୃତ ଘୋଷଣା କରିଥିଲେ। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ଶବବ୍ୟବଚ୍ଛେଦ ପରେ ମୃତଦେହ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ଶତ୍ରୁଘ୍ନ ଅତ୍ୟନ୍ତ ଗରିବଶ୍ରେଣୀର ହୋଇଥିବାରୁ ସରକାରୀ ସହାୟତା ଦାବି ହେଉଛି।

## ୧୪ ସହିଦ ଏୟାରମ୍ୟାନ୍‌ଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ

# ଏମ୍‌ଆର୍‌ଓ ସେଣ୍ଟର ଖୋଲିବାକୁ ମହାରାଜାଙ୍କ ନିବେଦନ

**ମୋରଡା, ୨୬।୭ (ସମିସ)**



ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁରରେ ଥିବା ଏସିଆ ମହାଦେଶର ସର୍ବବୃହତ ଏୟାରଷ୍ଟ୍ରିପ ରାସଗୋବିନ୍ଦପୁରସ୍ଥିତ ଅମର୍ଦା ଏୟାରଷ୍ଟ୍ରିପରେ ଶନିବାର ୧୪ ଜଣ ସହିଦ ଏୟାରମ୍ୟାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଏହି ଏୟାରଷ୍ଟ୍ରିପରେ ଯୁଦ୍ଧ ପାଇଁ ଟ୍ରେନିଂ ଦିଆଯାଉଥିଲା। ୧୯୪୫ ମସିହା ଜୁଲାଇ ୨୬ ତାରିଖରେ ଟ୍ରେନିଂ ୟୁନିଟର ଦୁଇଟି ଫାଇଟିଂ ବିମାନ ଏଠାରୁ ଉଡାଣ କରିଥିଲେ। ପଚାଶ କିମି ଦୂର ବେଲଦାଠାରେ ପରସ୍ପରକୁ ଟକ୍କର ଦେବା ଫଳରେ ଦୁର୍ଘଟଣାଗ୍ରସ୍ତ ହେବାରୁ ୧୪ ଜଣ ଏୟାରମ୍ୟାନଙ୍କ ମୃତ୍ୟୁ ଘଟିଥିଲା। ଫଳରେ ୨୦୧୧ ମସିହାରୁ ଏହି ସହିଦ ଯବାନଙ୍କୁ ପ୍ରତିବର୍ଷ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଆସୁଛି। ପୂର୍ବତନ ପାଇଲଟ ତଥା ବିଶେଷଜ୍ଞ ଅନିଲ କୁମାର ଧର, ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ମହାରାଣୀ ରଶ୍ମୀ ରାଜଲକ୍ଷ୍ମୀ ଭଞ୍ଜଦେଓ, ବ୍ରଜ ଭାଇ, ଆଦିତ୍ୟ ପଟ୍ଟନାୟକ, ଅଧ୍ୟାପକ ଅବନୀକାନ୍ତ ଗିରିଙ୍କ ସହିତ ଅଞ୍ଚଳର ବହୁ ବୁଦ୍ଧିଜୀବୀ ଯୋଗଦେଇ ସହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସୂଚନାଯୋଗ୍ୟଯେ, ଉକ୍ତ ଏୟାରଷ୍ଟ୍ରିପ ଉଡାଣ ଯୋଜନାରେ ସାମିଲ ହୋଇଥିବା ବେଳେ ଏହାର ପୁନରୁଦ୍ଧାର ଏବଂ କାର୍ଯ୍ୟକ୍ଷମ ପାଇଁ ସରକାରଙ୍କ ତରଫରୁ ସ୍ଥାନୀୟ ଗ୍ରାମବାସୀଙ୍କ ସହିତ ଆଲୋଚନା ଚାଲୁରହିଛି। ତେବେ ଉଡାଣ ଯୋଜନାରେ ସାମିଲ ହେବା ସହିତ ଏଠାରେ ଏକ ଏମଆରଓ ସେଣ୍ଟର ଖୋଲିବାକୁ ସରକାରଙ୍କୁ ନିବେଦନ କରିଛନ୍ତି ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ।



● କମେଣ୍ଟ ମରାକୁ ବିରୋଧ କରିବାରୁ ଯୁବକକୁ ହାଣିବା ଘଟଣା

## ଫେରାର ଅଭିଯୁକ୍ତ କାଳିଆ ଗିରଫ



ବ୍ରହ୍ମପୁର,୨୬।୭(ସମିସ): ମହମ୍ମଦ ଇମ୍ରାନ ନାମକ ଜଣେ ଯୁବକଙ୍କୁ ହାଣିବା ଘଟଣାରେ ଫେରାର ଥିବା ଅଭିଯୁକ୍ତକୁ ବଡ଼ବଜାର ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଯୁବକ ହେଲେ ତେଲି ମଶାଣି ଆପାର୍ଟମେଣ୍ଟ ନିକଟର କାଳିଆ ସାହୁ (୨୦) ବୋଲି ଏସଆଇ ଦୀପକ କୁମାର ଦାଶ ସୂଚନା ଦେଇଛନ୍ତି। ପୂର୍ବରୁ ଏହି ମାମଲାରେ ରଘୁପତି ନଗରର ଓଁମ୍ ଦାଶ, ଗ୍ରାମଦେବତୀ ସାହିର ରାଜା ନାୟକଙ୍କ ସମେତ ଏକାଧିକ ଗିରଫ ହୋଇଥିଲେ। ସୂଚନାଯୋଗ୍ୟ ଯେ, ଗତ ଏପ୍ରିଲ ୧୮ରେ ରାଜା ନାୟକ, କାଳିଆ ସାହୁ, କୈଳାସ ସାହୁ, ନାକ ଓ ଓମ୍ ଫାଷ୍ଟଗେଟ ନିକଟରେ ଥିବା ଏକ ଆପାର୍ଟମେଣ୍ଟରେ ପହଞ୍ଚି ଜନୈକ ମହିଳାଙ୍କୁ କମେଣ୍ଟ ମାରିଥିଲେ। ଯାହାକୁ ମହମ୍ମଦ ଇମ୍ରାନ ବିରୋଧ କରିଥିଲେ। ପରେ ଦିନେ ଇମ୍ରାନ ନିଜ ଘରେ ଥିବାବେଳେ ଉପରୋକ୍ତ ଦୁର୍ବୃତ୍ତମାନେ ଘରେ ପଶି ବନ୍ଧୁକ ଦେଖାଇ ବାହାରକୁ ଡାକିଥିଲା। ଇମ୍ରାନ ଘର ବାହାରକୁ ଆସିବା ପରେ କାଳିଆର ଅନ୍ୟତମ ସହଯୋଗୀ 'ନାକ' ଖଣ୍ଡାରେ ଆକ୍ରମଣ କରିଥିଲା।

## ଧାର ଟଙ୍କା ମାଗିବାରୁ ବ୍ୟବସାୟୀଙ୍କୁ ହତ୍ୟା ଧମକ

ବ୍ରହ୍ମପୁର,୨୬।୭(ସମିସ): ଧାର ଟଙ୍କା ମାଗିବାରୁ ଜଣେ ବ୍ୟବସାୟୀଙ୍କୁ ହତ୍ୟା ଧମକ ମିଳିଛି।

ଏନେଇ ବଡ଼ବଜାର ଥାନାରେ ସମ୍ପୃକ୍ତ ବ୍ୟବସାୟୀ ଅଭିଯୋଗ କରିଛନ୍ତି। ପ୍ରହଲ୍ଲାଦ ନଗର ପ୍ରଥମ ଲାଇନ ନିବାସୀ ତଥା ବ୍ୟବସାୟୀ ଏସ. ରବି(୪୪)ଙ୍କ ଠାରୁ ହରିଡାଖଣ୍ଡି ବଡ଼ସାହିର ୱାଇ. ଯୋଗେଶ୍ୱର ରାଓ ବ୍ୟବସାୟ ନିମନ୍ତେ ଦେଢ଼ ଲକ୍ଷ ଟଙ୍କା ଧାର ନେଇଥିଲେ। ପରେ ପୁଣି ୮୫ହଜାର ଟଙ୍କା ନେଇଥିଲେ। ମୋଟ ୨ଲକ୍ଷ ୩୫ହଜାର ଟଙ୍କା ଧାର ନେଇଥିଲେ। ଟଙ୍କା ନେବାର ଦୀର୍ଘଦିନ ପରେ ମଧ ଯୋଗେଶ୍ୱର ଟଙ୍କା ଫେରସ୍ତ କରିନଥିଲେ। ଟଙ୍କା ମାଗିଲେ ରବିଙ୍କୁ ଯୋଗେଶ୍ୱର ହତ୍ୟା ଧମକ ଦେଉଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି।

## ଯୁବକକୁ ଆକ୍ରମଣ ଅଭିଯୋଗ

ବ୍ରହ୍ମପୁର,୨୬।୭(ସମିସ): ସ୍ଥାନୀୟ ହରିଡ଼ାଖଣ୍ଡି ତୋଟାସାହି ଛକ ନିକଟରେ ସମ୍ପୃକ୍ତ ଅଞ୍ଚଳର ବିଚିତ୍ର ବିଷୋୟୀ(୩୬)ଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଏନେଇ ବଡ଼ବଜାର ଥାନାରେ ଲିଖିତ ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ ଯେ, ଶୁକ୍ରବାର ପୂର୍ବାହ୍ନରେ ତୋଟାସାହି ଛକରେ ବିଚିତ୍ର ବସିଥିବା ବେଳେ ଗଣେଶ ବିଷୋୟୀ ନାମକ ଜଣେ ଯୁବକ ଆସି ତାଙ୍କୁ ଗାଳିଗୁଲଜ କରିବା ସହ ଜୀବନରୁ ମାରିଦେବାକୁ ଏକ ଛୁରୀରେ ଆକ୍ରମଣ କରିଥିଲେ। ଆକ୍ରମଣରେ ବିଚିତ୍ର ଆହତ ହୋଇଥିଲେ। ପରେ ଘଟଣାକୁ ନେଇ ଥାନାରେ ଏତଲା ଦେଇଥିଲେ। ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ଡବଲ ଇଞ୍ଜିନ ସରକାରଙ୍କୁ ଠକିଛି ବୀମା କମ୍ପାନୀ

# ଗଞ୍ଜାମରୁ ନେଇଛି ୭୬ କୋଟି, ଦେଇଛି ମାତ୍ର ୯ କୋଟି

ବ୍ରହ୍ମପୁର,୨୬।୭(ସମିସ)

■ ରିଲାଏନ୍ସ କମ୍ପାନୀ ନାଁରେ ସାଂଘାତିକ ଅଭିଯୋଗ
■ ପ୍ରିମିୟମ ଟଙ୍କା ନେଉଛି; ଚାଷୀଙ୍କୁ ପ୍ରାପ୍ୟ ମିଳୁନି

ଫସଲ ବୀମା ଯୋଜନାରେ ବଡ଼ ଧରଣର ଚଞ୍ଚକତା ନେଇ ଅଭିଯୋଗ ହୋଇଛି। ଏହି ଯୋଜନାକୁ ମାଧ୍ୟମ କରି ବୀମା କମ୍ପାନୀ ଚାଷୀଙ୍କଠାରୁ ହରିଲୁଟ କରୁଛି। ନିଜ ଫସଲର ସୁରକ୍ଷାକୁ ସୁନିଶ୍ଚିତ କରିବାକୁ ଚାଷୀଭାଇ ଆଗଭର ହୋଇ ବୀମାଭୂକ୍ତ କରୁଛି। ଏଥିରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବି ସହଯୋଗ କରୁଛନ୍ତି। ହେଲେ ବୀମା ନେଉଥିବା ସଂସ୍ଥା ମାଲାମାଲ ହେଉଥିବାବେଳେ ଚାଷୀ ତାର ଉଚିତ ପ୍ରାପ୍ୟ ପାଇପାରୁନି। ଗଞ୍ଜାମ ଜିଲ୍ଲାର ଚାଷୀ ସମେତ ଡ଼ବଲ ଇଞ୍ଜିନ ସରକାରଙ୍କୁ ବୀମା କମ୍ପାନୀ ଠକି ଦେଇଥିବା ଜିଲ୍ଲାର ଅଗ୍ରଣୀ ଚାଷୀ ସଂଗଠନ ଋଷିକୂଲ୍ୟା ରୟତ ମହାସଭାର ସମ୍ପାଦକ ସୀମାଞ୍ଚଳ ନାହାକ ପ୍ରେସ ବିବୃତ୍ତି ଜରିଆରେ ଅଭିଯୋଗ କରିଛନ୍ତି।

ବିବୃତ୍ତିରେ ଶ୍ରୀ ନାହାକ କହିଛନ୍ତି ଯେ, ବିପର୍ଯ୍ୟୟ ବେଳେ ଫସଲ କ୍ଷତି ହେଲେ ଏହାର ସୁରକ୍ଷା ନିମନ୍ତେ କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା କରିଛନ୍ତି। ମୁଖ୍ୟତଃ ଧାନ ଓ ଅନ୍ୟାନ୍ୟ ଚାଷ ପାଇଁ ଚାଷୀମାନେ ବ୍ୟାଙ୍କ ଏବଂ ସମବାୟ ସମିତିରୁ କୃଷିଋଣ ଆଣିଥାନ୍ତି। ଋଣ ଆଣିବା ସମୟରେ ବ୍ୟାଙ୍କ ଓ ସୋସାଇଟି ତାଙ୍କର ବୀମା ପଞ୍ଜିକରଣ କରିଥାନ୍ତି। ଚାଷୀଙ୍କଠାରୁ ପ୍ରିମିୟମ ଟଙ୍କା ନେଇଥାନ୍ତି। ରାଜ୍ୟ ସରକାର ଗୋଟିଏ ପ୍ଲଟ ପାଇଁ ମାତ୍ର ୧ଟଙ୍କା ପ୍ରିମିୟମ ନେଉଥିବା ବେଳେ ଆଉ ବାକି ସରକାର ବହନ କରନ୍ତି। ଏଭଳି ସ୍ଥଳେ ଗଞ୍ଜାମ ଜିଲ୍ଲାରେ ପ୍ରତି ୨/୩ବର୍ଷକୁ ଥରେ ବାତ୍ୟା, ବନ୍ୟା, ମରୁଡ଼ି, ଅଦିନିଆ ବର୍ଷା ହେଉଥିବାରୁ ଚାଷୀଙ୍କ ଫସଲ ନଷ୍ଟ ହେଉଛି। ଏଣୁ ଚାଷୀମାନେ ଆଗଭର ହୋଇ ବୀମାଭୂକ୍ତ ହେଉଛନ୍ତି। ଗତ ୨୦୨୪ଡ଼ିସେମ୍ବର ମାସରେ ଧାନକଟା ହୋଇ ଜମିରେ ପଡ଼ିଥିବା ସମୟରେ ଅଦିନିଆ ବର୍ଷା ହୋଇଥିଲା। ଚାଷୀଙ୍କ ଧାନ ଫସଲ ନଷ୍ଟ ହୋଇଗଲା। ଜିଲ୍ଲା ପ୍ରଶାସନ ଆକଳନ କରି କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ କଲେ। ସେହି ଦୁର୍ଦ୍ଦିନରେ ଚାଷୀମାନେ ଖରାପ ଧାନକୁ ପାଣିରୁ ଛାଣି ଆଣି ଶୁଖାଇବାରେ ବ୍ୟସ୍ତ ରହିଲେ। ଏଭଳି ପରିସ୍ଥିତିରେ ରିଲାଏନ୍ସ କମ୍ପାନି କୋଟି କୋଟି ଟଙ୍କା ଲାଭ ପାଉଥିଲେ ହେଁ ଚାଷୀଙ୍କୁ ସଚେତନ କରିବାର ନୈତିକ ଦାୟିତ୍ୱ ଭୁଲିଗଲା ବୋଲି ଶ୍ରୀ ନାହାକ ଅଭିଯୋଗ କରିଛନ୍ତି। ଅପରପକ୍ଷେ ଫସଲବୀମା ନିୟମ ଅନୁଯାୟୀ ଫସଲ କ୍ଷତି ହେଲେ ଗୋଟିଏ ପଞ୍ଚାୟତର ୪ଜଣ କ୍ଷତିଗ୍ରସ୍ତ ଚାଷୀଙ୍କ କ୍ଷୟକ୍ଷତି ଆକଳନ କରି ସମ୍ପୂର୍ଣ୍ଣ ପଞ୍ଚାୟତକୁ ଫସଲବୀମା ସହାୟତା ଦିଆଯାଉଥିଲା। ସମ୍ପ୍ରତି ଚାଷୀମାନେ ଜିଓଟେକ୍ କରି ଅନ୍‌ଲାଇନ ଆବେଦନ କରିବା ସମ୍ଭବ ନୁହେଁ। ଚାଷୀଙ୍କୁ ଅନ୍‌ଲାଇନ କାର୍ଯ୍ୟ କରିବା ଦିଗରେ ବି ବୀମା କମ୍ପାନୀ ସଚେତନ କରାଉନି। ଫଳରେ ଅଧିକାଂଶ ଚାଷୀ ବୀମା କରି ମଧ କ୍ଷତିପୂରଣ ପାଉନଥିବା ବେଳେ କମ୍ପାନୀ ମାଲାମାଲ ହେଉଥିବା ଅଭିଯୋଗ ହୋଇଛି।

ଶ୍ରୀ ନାହକ ଜଣାଇଛନ୍ତି ଯେ, ଗଞ୍ଜାମ ଜିଲ୍ଲାରେ ୧ଲକ୍ଷ ୪୫ହଜାର ୯୫୩ଜଣ ଚାଷୀ ଫସଲବୀମା କରିଥିବା ବେଳେ ମାତ୍ର ୪୧, ୫୯୫ଜଣ ଚାଷୀଙ୍କୁ ୯, ୨୯, ୧୬୪୪୭୧ ଟଙ୍କା ସହାୟତା ମିଳିଛି। ଚାଷୀଙ୍କ ପ୍ରିମିୟମ ୧,୭୪, ୬୧୧୨ ଟଙ୍କା ଓ ରାଜ୍ୟ ସରକାରଙ୍କ ପ୍ରିମିୟମ ୪,୪୫, ୨୧୩୧୦୯ ଟଙ୍କା ଏବଂ କେନ୍ଦ୍ର ସରକାରଙ୍କ ପ୍ରିମିୟମ ସହଯୋଗ ୩,୧୫୩୮୦୮୯୮ଟଙ୍କା ମିଶି ସମୁଦାୟ ୭୬,୨୩୩୦୧୧୯ ଟଙ୍କା କମ୍ପାନୀ ଠକି ନେଇଥିବା ସେ ଅଭିଯୋଗ କରିଛନ୍ତି। ଯଦି ଫସଲ ବୀମା କରିଥିବା ସବୁ କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ଦିଆଯାଇଥାନ୍ତା ତେବେ ସମୁଦାୟ ୩୦କୋଟି ଟଙ୍କା ହୋଇଥାନ୍ତା। ଏହିକ୍ରମରେ ସେ ୪୬କୋଟି ୨୩ଲକ୍ଷ ଟଙ୍କା ଲାଭ ପାଇଥାନ୍ତା। ସବୁ ଚାଷୀଙ୍କ ୨୫ପ୍ରତିଶତ କ୍ଷତି ହୋଇଛି ବୋଲି କମ୍ପାନୀ ଜାଣିଲା କିପରି ବୋଲି ଶ୍ରୀ ନାହାକ ପ୍ରଶ୍ନ କରିଛନ୍ତି। କେବଳ ଚାଷୀଙ୍କୁ ନୁହେଁ ବୀମା ଅନଲାଇନ କରି ସଚେତନ ନ କରି କମ୍ପାନୀ ଡ଼ବଲ ଇଞ୍ଜିନ ସରକାରଙ୍କୁ ମଧ ଠକିଥିବା ଋଷିକୁଲ୍ୟା ରୟତ ମହାସଭା ଅଭିଯୋଗ ଆଣିଛି। ଏଣୁ ଜିଲ୍ଲା ପ୍ରଶାସନ ଆକଳନ ପ୍ରକାରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ବୀମା ସହାୟତା ପ୍ରଦାନ କରିବାକୁ ଚାଷୀକୂଳ ଦାବି କରିଛନ୍ତି। ପୂର୍ବରୁ ବୀମା କମ୍ପାନୀ ପକ୍ଷରୁ କୃଷି ବିଭାଗର ସହଯୋଗରେ ଗାଁରେ ଗାଁରେ ସଚେତନ କରାଯାଉଥିଲା। ଏବେ କିଏ କର୍ମଚାରୀ ଅଛନ୍ତି, କଣ କାର୍ଯ୍ୟ କରୁଛନ୍ତି, ସେ ସମ୍ପର୍କରେ କୃଷି ବିଭାଗର ଅଧିକାରୀ ମଧ ଜାଣୁନାହାନ୍ତି।

ଉକ୍ତ କମ୍ପାନୀର ବୀମା ଅଫିସ ମଧ ଜିଲ୍ଲାରେ ନାହିଁ। ବିନା ଅଫିସରେ କିଭଳି କାର୍ଯ୍ୟ ହେଉଛି ଓ ଚାଷୀ ଆଉରି ଅଭିଯୋଗ ଥିଲେ କାହାକୁ ଜଣାଇବେ ବୋଲି ପ୍ରଶ୍ନ ଉଠିଛି। ଜିଲ୍ଲାରୁ କୋଟି କୋଟି ଟଙ୍କା ବୀମା କମ୍ପାନୀ ନେଉଥିବା ବେଳେ ଦେଲାବେଳକୁ କାହିଁକି ପଛଘୁଞ୍ଚା ହେଉଛି। ଯାହାକୁ ନେଇ ଚାଷୀ ମହଲରେ ଅସନ୍ତୋଷ ବୃଦ୍ଧି ପାଇବା ସହ ଉକ୍ତ କମ୍ପାନୀ ବିରୁଦ୍ଧରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ଅଗ୍ରଣୀ ଚାଷୀ ସଂଗଠନା ସଜ ହେଉଥିବା ଜଣାପଡ଼ିଛି।

## ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତିର ବୈଠକ



ବ୍ରହ୍ମପୁର,୨୬।୭(ସମିସ):'ଓଷ୍ଟା' କାର୍ଯ୍ୟାଳୟରେ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। 'ଓଷ୍ଟା'ର ଜିଲ୍ଲା ସଭାପତି ସନ୍ତୋଷ ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ 'ଓଷ୍ଟା'ର ରାଜ୍ୟ ସମ୍ପାଦକ ରଞ୍ଜନ କୁମାର ଦାଶ ଯୋଗଦେଇ ଶିକ୍ଷକ ଓ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ସେହିପରି ରାଜ୍ୟ ସମ୍ପାଦକ ମାଣିକେଶ୍ୱର ସ୍ୱାଇଁ, ରାଜ୍ୟ ଉପ ସଭାନେତ୍ରୀ ରାଜଲକ୍ଷ୍ମୀ ବେହେରା, ରାଜ୍ୟ କାର୍ଯ୍ୟକାଣୀ ସଦସ୍ୟ ଡ଼. ବିଜୟ ଚନ୍ଦ୍ର ମହାରଣା, ଅମର ବିଳାସ ବେହେରା, ଓଷ୍ଟାର ଜିଲ୍ଲା ଉପଦେଷ୍ଟା ହିମାଂଶୁ କୁମାର ପଟ୍ଟନାୟକ, ଭିକାରୀ ଗୌଡ଼, କୃଷ୍ଣଚନ୍ଦ୍ର ପାଢ଼ୀ ଓ ବିପ୍ର ଚରଣ ଚୌଧୁରୀ ପ୍ରମୁଖ ମଞ୍ଚାସୀନ ଥିଲେ। ବୈଠକରେ ଗଞ୍ଜାମ ଜିଲ୍ଲା ଆବାହକ ବିଜୟ କୁମାର ବେହେରା ବୈଠକ ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରିଥିବା ବେଳେ ଭୀମସେନ ଗୌଡ଼ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜେନ୍ଦ୍ର ମହାନ୍ତି, ବିଜୟ କୁମାର ମହାରଣା, ପିତାମ୍ବର ପାଢ଼ୀ, ସୁଧୀର ସେଠୀ ଓ ଶିବରାମ ମହାରଣାଙ୍କ ସମେତ ସମିତିର ବହୁ ସଦସ୍ୟ ଉପସ୍ଥିତ ଥିଲେ।

● ସାହାଣୀ କପ୍ ଫୁଟ୍‌ବଲ୍ ସେମିଫାଇନାଲ ଆଜି

## ମହାତ୍ମାଗାନ୍ଧୀ ଷ୍ଟାଡିୟମରେ ସମ୍ବଲପୁରକୁ ଭେଟିବ କୋରାପୁଟ

ବ୍ରହ୍ମପୁର,୨୬।୭(ସମିସ): ଗଞ୍ଜାମ ଜିଲ୍ଲା ଫୁଟବଲ୍ ସଂଘ ଆନୁକୂଲ୍ୟରେ ସ୍ଥାନୀୟ ମହାତ୍ମା ଗାନ୍ଧୀ ଷ୍ଟାଡିୟମରେ ଚାଲିଥିବା ୬୪ତମ ପୁରୁଷ ବରିଷ୍ଠ ବର୍ଗ ଫୁଟବଲ ଚାମ୍ପିଅନ୍‌ସିପ 'ସାହାଣୀ କପ୍'-୨୦୨୫ର ଗୋଟିଏ ସେମିଫାଇନାଲ ମ୍ୟାଚ ରବିବାର ଖେଳାଯିବ। ବ୍ରହ୍ମପୁର ଜୋନର ବିଜେତା କୋରାପୁଟ ଓ ବୌଦ୍ଧ ଜୋନର ବିଜେତା ସମ୍ବଲପୁର ମଧ୍ୟରେ ଏହି ସେମି ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। କ୍ୱାର୍ଟର ଫାଇନାଲରେ ଭୁବନେଶ୍ୱରକୁ କୋରାପୁଟ ଦଳ (୨-୧)ଗୋଲରେ ପରାସ୍ତ କରି ସେମିକୁ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ବୌଦ୍ଧ ଜୋନରେ ବରଗଡକୁ ପରାସ୍ତ କରି ସମ୍ବଲପୁର ଦଳ ସେମିରେ ପ୍ରବେଶ କରିଥିଲା। ସେହିଭଳି ବୌଦ୍ଧ ଜୋନରେ ଖେଳାଯିବାକୁ ଥିବା ଅନ୍ୟ ଏକ ସେମିଫାଇନାଲ ମ୍ୟାଚ କଟକ ଓ ସୁନ୍ଦରଗଡ ମଧ୍ୟରେ ଅନୁଷ୍ଠିତ ହେବ।

ରବିବାର ଅପରାହ୍ନ ସାଢେ ୩ଟା ସମୟରେ ଏହି ସେମି ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକ ଗଞ୍ଜାମ ଜିଲ୍ଲା କ୍ରୀଡା ସଂଘର ସମ୍ପାଦକ ଜେ. କାମେଶ୍ୱର ରାଓ ସୂଚନା ଦେଇଛନ୍ତି। ଟୁର୍ଣ୍ଣାମେଣ୍ଟରେ ଦୁଇଟି ଫାଇନାଲ ମ୍ୟାଚ ଖେଳାଯିବାକୁ ଥିବା ବେଳେ ଗୋଟିଏ କେନ୍ଦୁଝରରେ ଓ ଅନ୍ୟଟି ବୌଦ୍ଧରେ ଖେଳାଯିବାକୁ ସ୍ଥିର ହୋଇଛି।

## ଏନ୍‌ଏଚ୍‌ଏଆଇ କାର୍ଯ୍ୟାଳୟ ଆଗରେ ଧାରଣା ଦେବେ ଆଇନଜୀବୀ

ବ୍ରହ୍ମପୁର,୨୬।୭(ସମିସ): ହିଲପାଟଣା ସ୍ଥିତ ଜାତୀୟ ରାଜପଥ ପ୍ରାଧିକରଣ (ଏନଏଚଏଆଇ) କାର୍ଯ୍ୟାଳୟ ସମ୍ମୁଖରେ ଆସନ୍ତା ୨୮ତାରିଖରେ ଗଞ୍ଜାମ ଓକିଲ ସଂଘ ସଭାପତି ତଥା ବରିଷ୍ଠ ଆଇନଜୀବୀ ମନୋଜ ପଟ୍ଟନାୟକ ଧାରଣା ଦେବେ। ଏନେଇ ସେ ପ୍ରେସ ବିବୃତ୍ତି ଜରିଆରେ ଜଣାଇଛନ୍ତି। ୧୬ନଂ ଜାରତୀୟ ରାଜପଥ ତଥା ଲାଞ୍ଜିପଲ୍ଲୀ ବାଇପାସ ଛକରେ ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ସେଠାରେ ଏକ ଓଭର ବ୍ରିଜ ତୁରନ୍ତ ନିର୍ମାଣ ନେଇ ଶ୍ରୀ ପଟ୍ଟନାୟକ କିଛି ଦିନ ପୂର୍ବେ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ଅବଗତ କରିଥିଲେ।

କର୍ତ୍ତୃପକ୍ଷ ଉକ୍ତ ନୋଟିସ ପାଇଥିବା ବେଳେ ତାଙ୍କୁ କିମ୍ବା ଗଣମାଧ୍ୟମକୁ ଓଭରବ୍ରିଜ ନିର୍ମାଣ ସମ୍ପର୍କରେ କିଛି ଉତ୍ତର ରଖିନଥିଲେ। ଏହାର ପ୍ରତିବାଦାରେ ସେ ଜାତୀୟ ରାଜପଥ କାର୍ଯ୍ୟାଳୟ ସମ୍ମୁଖରେ କିଛି ଦେଶଭକ୍ତ ସମାଜସେବୀଙ୍କ ସହିତ ଶାନ୍ତିପୂର୍ଣ୍ଣ ଭାବରେ ଏକ ଘଣ୍ଟା ଧରି ଧାରଣା ଦେବାକୁ ନିଷ୍ପତି ନେଇଥିବା କହିଛନ୍ତି।

## ଟୁରିଷ୍ଟ ବସ୍-ମିକ୍ସଚର ମେସିନ ମୁହାଁମୁହିଁ ଧକ୍କା



ବ୍ରହ୍ମପୁର,୨୬।୭(ସମିସ): ଗୋପାଳପୁର ଥାନା ଅନ୍ତର୍ଗତ ଜାତୀୟ ରାଜପଥ-୧୬ ମା' ବିମଳା ଇନ୍‌ଫ୍ରାଷ୍ଟ୍ରକ୍‌ଚର ପ୍ରାଇଭେଟ ଲିମିଟେଡ଼ ସମ୍ମୁଖରେ ଆଜି ସକାଳ ପ୍ରାୟ ସାଢେ ୬ଟାରେ ଏକ ଟୁରିଷ୍ଟ ବସ, ପିକ୍‌ଅପ୍ ଗାଡ଼ି ଓ ସିମେଣ୍ଟ ମିକ୍ସଚର ମେସିନ ଟ୍ରକ ମଧ୍ୟରେ ଧକ୍କା ହୋଇଥିଲା। ଫଳରେ ବସ୍‌ର ସମ୍ମୁଖ ଗ୍ଲାସ ଭାଙ୍ଗି ଯାଇଥିବା ବେଳେ ବସିଥିବା ସମସ୍ତ ଯାତ୍ରୀ ସୁରକ୍ଷିତ ଥିବା ଜଣାପଡ଼ିଛି। କିଛି ସମୟ ପାଇଁ ଜାତୀୟ ରାଜପଥରେ ଗାଡ଼ି ଚଳାଚଳ ବ୍ୟାହତ ହୋଇଥିଲା। ହାଇୱେ ପୁଲିସ ଓ ଗୋପାଳପୁର ପୁଲିସ ପହଞ୍ଚି ଯାତ୍ରୀଙ୍କୁ ସୁରକ୍ଷିତ ସ୍ଥାନରେ ରଖିବା ସହ ଦୁର୍ଘଟଣାଗ୍ରସ୍ତ ଗାଡିକୁ ହଟାଇବା ପରେ ଯାନବାହାନ ଯାତାୟାତ ସ୍ୱାଭାବିକ ହୋଇଥିଲା। ଏନେଇ ପିକ୍‌ଅପ୍ ସୁବାଷ ସାହୁ ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ କେସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ରାଜ୍ୟସ୍ତରୀୟ କିକ୍ ବକ୍ସିଂରେ ଶିବାଜୀଙ୍କ ସଫଳତା



ବ୍ରହ୍ମପୁର,୨୬।୭(ସମିସ): ଅନୁଗୁଳରେ ଅନୁଷ୍ଠିତ ଷଷ୍ଠ ୱାକୋ ଓଡ଼ିଶା ରାଜ୍ୟସ୍ତରୀୟ ଅମେଚୁର୍ କିକ୍ ବକ୍ସିଂ ପ୍ରତିଯୋଗିତାରେ ବ୍ରହ୍ମପୁରର ଯୁବ କ୍ରୀଡ଼ାବିତ୍ ଶିବାଜୀ କୁମାର ବେଜ୍ ସଫଳତା ହାସଲ କରିଛନ୍ତି। ୱେକୋ ଇଣ୍ଡିଆ ପକ୍ଷରୁ ଅନୁଷ୍ଠିତ ପ୍ରତିଯୋଗିତା ୭ଟି ବର୍ଗର ଖେଳ ହେଇଥିଲା। ପ୍ରତିଯୋଗିତାରେ ପଏଣ୍ଟ ଫାଇଟରେ ଶିବାଜୀ କାଂସ୍ୟ ପଦକ ହାସଲ କରିଛନ୍ତି। ଆଗକୁ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ହାସଲ କରିବାକୁ ଲକ୍ଷ୍ୟ ରଖି ଅଭ୍ୟାସ ଜାରି ରଖିଥିବା ଶିବାଜୀ କହିଛନ୍ତି।

## କାର୍‌ଗିଲ୍ ବୀର ସହିଦ୍ ଶ୍ରୀନିବାସଙ୍କୁ ଶ୍ରଦ୍ଧାଞ୍ଜଳି



ବ୍ରହ୍ମପୁର,୨୬।୭(ସମିସ): ସହର ତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଜଗଦଳପୁର ଗ୍ରାମରେ ଜନ୍ମିତ ବୀର ସୁପୁତ୍ର ତଥା କାର୍‌ଗିଲ ଯୁଦ୍ଧରେ ସହିଦ ଶ୍ରୀନିବାସ ପାତ୍ରଙ୍କ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। କାର୍‌ଗିଲ୍ ବିଜୟ ଦିବସ ଅବସରରେ ସହିଦ ଶ୍ରୀନିବାସଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ ସହ ତାଙ୍କର ସ୍ମୃତିଚାରଣ କରାଯାଇଥିଲା। କମିଟି ସହିଦ୍ ଶ୍ରୀନିବାସ ପାତ୍ରଙ୍କ ମାତୃଭୂମି ପ୍ରତି ନିଃସ୍ୱାର୍ଥପର ବଳିଦାନର ସ୍ୱୀକୃତି ସ୍ୱରୂପ ରେଡିଓ ଷ୍ଟେସନ ଠାରୁ ଜଗଦଳପୁର ପର୍ଯ୍ୟନ୍ତ ସଂଯୋଗ ଥିବା ମୁଖ୍ୟ ରାସ୍ତାକୁ ସହିଦ୍ ଶ୍ରୀନିବାସ ମାର୍ଗ ରୂପେ ବିଦ୍ଧିବଦ୍ଧ ଭାବେ ଘୋଷଣା କରିବାକୁ ଦାବି କରାଯାଇଥିଲା। କାର୍ଯ୍ୟକ୍ରମରେ ବିଶିଷ୍ଟ ସମାଜସେବୀ ରାମ ପାତ୍ର, କମିଟି ସଭାପତି ସଞ୍ଜୀବ କୁମାର ପଟ୍ଟନାୟକ, ଉପ ସଭାପତି ଦେବୀ ପ୍ରସାଦ ଦାସ, ଯୁଗ୍ମ ସମ୍ପାଦକ ଟି. ସୁଦେଶ ପାତ୍ରଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।



ସେହିପରି ବ୍ରହ୍ମପୁର ପୂର୍ବ ସୈନିକ ସଂଗଠନ ପକ୍ଷରୁ କାର୍‌ଗିଲ ବିଜୟ ଦିବସ ପାଳିତ ହୋଇଥିଲା। ସଂଗଠନ ଲୋଚାପଡ଼ା ଧୋବାନାଳ ନିକଟରୁ ଏକ ବାଇକ୍ ଶୋଭାଯାତ୍ରାରେ ବାହାରି ଜଗଦଳପୁରରେ ପହଞ୍ଚି ସହିଦ୍ ଏସ. ଶ୍ରୀନିବାସ ପାତ୍ରଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରିଥିଲେ। ଗଞ୍ଜାମରେ ସୈନିକ ସ୍କୁଲ ପ୍ରତିଷ୍ଠା ସହ ପୂର୍ବ ସୈନିକ ସଂଗଠନ ନିମନ୍ତେ ଏକ ଗୃହ ସ୍ଥାପନା ପାଇଁ ସରକାରଙ୍କ ଠାରେ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମରେ ସଂଗଠନର ସଭାପତି କାଳୁ ଚରଣ ପ୍ରଧାନ, ଉପସଭାପତି ନିକୁଞ୍ଜ ବିହାରୀ ପ୍ରଧାନ, ସମ୍ପାଦକ ଅଭୟ ଚରଣ ପାତ୍ର, ସଦସ୍ୟ ଶିବ ଶଙ୍କର ମାଝୀ ଓ ଭାଗିରଥି ପ୍ରଧାନ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ଅନ୍‌ଲାଇନ୍ ଆବେଦନ ବାଧ୍ୟତାମୂଳକ ଯୋଗୁ ହ୍ରାସ ପାଉଛି ଖାଉଟି ବିବାଦ ମାମଲା ସଂଖ୍ୟା

ବ୍ରହ୍ମପୁର,୨୬।୭(ସମିସ)



● ହାର୍ଡକପି ଦାଖଲ ପାଇଁ ଆୟୋଗକୁ ଯିବାକୁ ପଡୁଛି
● ଉଭୟ ଫର୍ମାଟ୍‌ରେ ଆବେଦନ ବ୍ୟବସ୍ଥା ଜାରି ରଖିବାକୁ ଦାବି
● ସଚେତନତା ଓ ନୂତନ ବ୍ୟବସ୍ଥାର ପ୍ରଚାର ପ୍ରସାରରେ ଅଭାବ ଯୋଗୁ ହ୍ରାସ ପାଉଛି ମାମଲା ସଂଖ୍ୟା

ସହରାଞ୍ଚଳ ହେଉ କି ଗ୍ରାମାଞ୍ଚଳ, ଦିନ ହେଉ କି ରାତି ସବୁଠି ଖାଉଟି ବା ଉପଭୋକ୍ତାଙ୍କୁ ଠକି ମୁନାଫା କମାଇବାକୁ ଜଗି ବସିଛନ୍ତି ଅସାଧୁ ବ୍ୟବସାୟୀ। ଖାଉଟିଙ୍କୁ ସୁରକ୍ଷା ଦେବାକୁ ଓ ଅସାଧୁ ବ୍ୟବସାୟୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ରହିଛି ଉପଭୋକ୍ତା ଆୟୋଗ। ପୂର୍ବରୁ ଏହି ଆୟୋଗ ଖାଉଟି ବିବାଦ ବିଚାର ମଞ୍ଚ ନାମରେ ନାମିତ ଥିଲା। ୨୦୨୦ ମସିହାରୁ ନାମ ପରିବର୍ତ୍ତନ କରାଯାଇ ଉପଭୋକ୍ତା ଆୟୋଗ କରାଯାଇଛି। ଏହି ଆୟୋଗ ଜିଲ୍ଲା, ରାଜ୍ୟ ଓ ଜାତୀୟ ସ୍ତରରେ କାର୍ଯ୍ୟ କରୁଛି। ପୂର୍ବରୁ ଆବେଦନକାରୀ ବା ସାଧାରଣ ଖାଉଟି କୌଣସି ବିବାଦକୁ ନେଇ ମଞ୍ଚର ବା ବର୍ତ୍ତମାନର ଆୟୋଗ ନିକଟରେ ଆବେଦନ କରିବାକୁ ହେଲେ ଅଫ୍‌ଲାଇନରେ ବା ନିଜେ ଅଥବା ନିଜ ଓକିଲଙ୍କ ଜରିଆରେ ଉପଭୋକ୍ତା ଆୟୋଗଙ୍କ ନିକଟରେ ଆବେଦନ ବା ମାମଲା ରୁଜୁ କରିପାରୁଥିଲେ। କିନ୍ତୁ ଗତ ଜାନୁଆରୀ ୫ରୁ ଆବେଦନକୁ ନେଇ ଚାଲି ଆସିଥିବା ପୁରୁଣା ବ୍ୟବସ୍ଥାରେ ପରିବର୍ତ୍ତନ କରାଯାଇଛି। ଫଳରେ ପୂର୍ବଭଳି ଜଣେ ଖାଉଟି ଅଫ୍‌ଲାଇନ ପରିବର୍ତ୍ତେ କେବଳ ଅନ୍‌ଲାଇନରେ ଆବେଦନ କରିପାରୁଛି। ଏପରିକି ପୂର୍ବରୁ ପ୍ରଚଳିତ 'ସିଏମ୍‌ଏସ୍' ଓ 'ଓସିଏମ୍‌ଏସ୍' ଭଳି ଦୁଇଟି ପୋର୍ଟାଲକୁ ମଧ ବନ୍ଦ କରିଦିଆଯାଇଥିବା ଜଣାପଡିଛି। ଉଭୟ ପୋର୍ଟାଲ ଜରିଆରେ ପୂର୍ବରୁ ଉପଭୋକ୍ତା ଆୟୋଗର ଅଧିକାରୀ ଓ କର୍ମଚାରୀ ନିୟମିତ କେସ ଲିଷ୍ଟ, କେସ ଫାଇଲିଂ, କେସ ସ୍କ୍ରୁଟିନିଂ, କେସ ଆପ୍ରୁଭାଲ, କେସ କୋର୍ଟରୁମ ହିୟରିଂ, ଡେଲି ଅର୍ଡର, ଜଡ୍‌ଜମେଣ୍ଟ ଅପଡେଟ ଓ କେସି ହିଷ୍ଟ୍ରି ଭଳି ସମସ୍ତ ତଥ୍ୟକୁ ଗତ ଜାନୁଆରୀ ୫ତାରିଖ ପରଠାରୁ 'ଇ-ଜାଗୃତି' ପୋର୍ଟାଲ ଜରିଆରେ ଦାଖଲ କରାଯାଉଛି। ଏହି ପୋର୍ଟାଲ ଜରିଆରେ କେବଳ ଆୟୋଗର ଅଧିକାରୀ ଅଥବା କର୍ମଚାରୀ ନୁହଁନ୍ତି ବରଂ ଯେକୌଣସି ଉପଭୋକ୍ତା ଓ ସେମାନଙ୍କ ଓକିଲ ମଧ ସିଧାସଳଖ ଆବେଦନ ଓ ମାମଲା ରୁଜୁ କରିପାରିବେ ବୋଲି ଜଣାପଡିଛି। ଏହି ନୂତନ ବ୍ୟବସ୍ଥା ଆରମ୍ଭ ହେବା ପରେ ସୁବିଧା ଯେତିକି ଅସୁବିଧା ମଧ ସେତିକି ହୋଇଥିବା ଅଭିଯୋଗ ହୋଇଛି। ଏହା ଦ୍ୱାରା ପୂର୍ବାପେକ୍ଷା ଆବେଦନ ସଂଖ୍ୟା ହ୍ରାସ ପାଇଥିବା ଜଣା ପଡିଥିବା ବେଳେ ଏହାର କାରଣ ସଚେତନତା ସହିତ ନୂତନ ବ୍ୟବସ୍ଥାର ପ୍ରଚାର ଓ ପ୍ରସାରର ଘୋର ଅଭାବକୁ ଦାୟୀ କରାଯାଇଛି। ଯଦିଓ ଅନଲାଇନ ଆବେଦନ ବ୍ୟବସ୍ଥା ଲାଗୁ ଫଳରେ ଗ୍ରାମାଞ୍ଚଳର ଜଣେ ଉପଭୋକ୍ତା ଆୟୋଗକୁ ନଆସି ଘରେ ବସି ମଧ ମୋବାଇଲରେ ନିଜର ଆବେଦନ କରିପାରିବ ତେବେ ଏଥିପାଇଁ ସେମାନଙ୍କୁ ସଚେତନ କରିବା ଜରୁରୀ ବୋଲି ମତ ପ୍ରକାଶ ପାଇଛି। ସେପଟେ ଅନଲାଇନରେ ଆବେଦନ କରିବା ସତ୍ତ୍ୱେ ମାମଲା ସଂକ୍ରାନ୍ତୀୟ ସମସ୍ତ ତଥ୍ୟ ଓ ପ୍ରମାଣପତ୍ର ଗୁଡିକର ମୂଳ କପି ବା ହାର୍ଡ କପି ଦାଖଲ ପାଇଁ ଆବେଦନକାରୀଙ୍କୁ ଆୟୋଗ ନିକଟକୁ ଯିବାକୁ ପଡୁଛି। ସେପଟେ ଜାତୀୟ ଖାଉଟି ଉପଭୋକ୍ତା ଆୟୋଗ ଓ ରାଜ୍ୟ ଖାଉଟି ଉପଭୋକ୍ତା ଆୟୋଗଙ୍କ ପକ୍ଷରୁ ସ୍ୱତନ୍ତ୍ର ହେଲ୍ପ ଲାଇନ ନମ୍ବର, ହେଲ୍ପ ଡେସ୍କ ନମ୍ବର ସହିତ ଏସଏମଏସ ପାଇଁ ସ୍ୱତନ୍ତ୍ର ନମ୍ବର ଜାରି କରାଯାଇଛି। ଏପରିକି ୧୯୧୫ ଭଳି ଟୋଲଫ୍ରି ନମ୍ବର ମଧ ଜାରି କରାଯାଇଛି। ତେବେ ଏନେଇ ସେଭଳି ପ୍ରଚାର ପ୍ରସାର ହେଉନଥିବାରୁ ସାଧାରଣ ଖାଉଟି ଏସମ୍ପର୍କରେ ଅବଗତ ହୋଇପାରୁନଥିବା ଅଭିଯୋଗ ହୋଇଛି। ଏଣୁ ବର୍ତ୍ତମାନର ଇଣ୍ଟରନେଟ ଯୁଗରେ ଯବୁ କିଛି ଅନଲାଇନ ଓ ପେପର ଲେସ ହୋଇସାରିଥିବା ବେଳେ ଉପଭୋକ୍ତା ଆୟୋଗରେ ଅନଲାଇନ ଆବେଦନ ବ୍ୟବସ୍ଥାକୁ ଯଦିଓ ଅନେକେ ସ୍ୱାଗତ କରୁଛନ୍ତି ତେବେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଓ ବହୁଳ ପ୍ରଚାର ଓ ପ୍ରସାର ହେବା ପର୍ଯ୍ୟନ୍ତ ଅନ୍ତତଃ ସମାନ୍ତରାଳ ଭାବେ ଉଭୟ ଅନଲାଇନ ଓ ଅଫ୍‌ଲାଇନ ବ୍ୟବସ୍ଥା ପ୍ରଚଳନ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

ଏନେଇ ଗଞ୍ଜାମ ଜିଲ୍ଲା ଉପଭୋକ୍ତା ଆୟୋଗ ଅଧ୍ୟକ୍ଷ ସତୀଶ କୁମାର ପାଣିଗ୍ରାହୀ ନିଜର ପ୍ରତିକ୍ରିୟା ରଖିଛନ୍ତି। ତାଙ୍କର କହିବା କଥା ସାମ୍ପ୍ରତିକ ଯୁଗରେ ସବୁକିଛି ପେପର ଲେସ ଓ ଇଣ୍ଟରନେଟ ଜରିଆରେ ପରିଚାଳିତ ହେଉଛି। ଏହା ଦ୍ୱାରା ସାଧାରଣ ଖାଉଟିଙ୍କ ପାଇଁ ଅନେକ ସୁବିଧା ହେଉଛି। ପୂର୍ବରୁ କାର୍ଯ୍ୟକ୍ଷମ ଥିବା ଉଭୟ ପୋର୍ଟାଲକୁ ବନ୍ଦ କରି ନୂତନ ପୋର୍ଟାଲ ଜରିଆରେ ସବୁ କାର୍ଯ୍ୟ କରାଯାଉଛି। ଲୋକେ ଘରେ ବସି ମାମଲା ରୁଜୁ କରିପାରୁଛନ୍ତି। ବର୍ତ୍ତମାନ ମାସିକ ପ୍ରାୟ ୧୦ରୁ ୧୫ଟି ପର୍ଯ୍ୟନ୍ତ ଆବେଦନ ବା ମାମଲା ରୁଜୁ ହେଉଥିବା ପରିଲକ୍ଷିତ ହେଉଛି। ତେବେ ଏନେଇ ଲୋକଙ୍କ ମଧ୍ୟରେ ସଚେତନତା ସହିତ ନୂତନ ବ୍ୟବସ୍ଥା ନେଇ ବହୁଳ ପ୍ରଚାର ଓ ପ୍ରସାର କରାଗଲେ ସାଧାରଣ ଉପଭୋକ୍ତା ଏହାର ସୁବିଧା ନେଇପାରିବେ ବୋଲି ସେ କହିଛନ୍ତି।

## ଜନବସତି ମୁହାଁ ବୈତରଣୀ ବନ୍ୟା ଜଳ

# ପ୍ରଭାବିତ ହେବ ଚାଷ ଜମି; ଗ୍ରାମ୍ୟରାସ୍ତା



**ବାରିକପୁର, ୨୬।୭ (ସମିସ)**

ଭଣ୍ଡାରିପୋଖରୀ ବ୍ଲକ ଦେଇ ଯାଇଥିବା ବୈତରଣୀ ନଦୀରେ ଚଳିତ ବର୍ଷ ପ୍ରଥମ ବନ୍ୟା ଜଳ ପ୍ରବାହିତ ହେଉଥିବା ବେଳେ ଏହା ଏବେ ଜନବସତି ମୁହାଁ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ ନଦୀର ଉପରମୁଣ୍ଡ ଚମ୍ପୁଆ ଠାରେ ସର୍ବାଧିକ ୯୭. ୬ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ସେହିଭଳି ଗତ ୨୪ଘଣ୍ଟା ମଧ୍ୟରେ ଠାକୁରମୁଣ୍ଡା ଠାରେ ୬୯ମିମି, ସ୍ୱାମପାଟଣା ଠାରେ ୭୧. ୮ମିମି, କେନ୍ଦୁଝରଠାରେ ୨୯. ୨, ବଂଶପାଳଠାରେ ୩୮. ୩, ଆନନ୍ଦପୁରଠାରେ ୧୧. ୪ମିମି ବର୍ଷା ରେକର୍ଡ ହୋଇଛି। ତେଣୁ ଉପରମୁଣ୍ଡରେ ଭୀଷଣ ଧରଣର ବର୍ଷା ହୋଇଥିବା କାରଣରୁ ଆଜି ସକାଳୁ ନଦୀରେ ଜଳସ୍ତର କ୍ରମଶଃ ବୃଦ୍ଧି ପାଇଥିଲା। ଆଖୁଆପଦା ଆନିକଟ ଠାରେ ବିପଦ ସତର୍କ ସୂଚନା ୧୭. ୮୩ଥିବା ବେଳେ ଦିନ ୧୨ଟା ବେଳେ ୧୭. ୮୬କୁ ବନ୍ୟା ଜଳ ଛୁଇଁଥଲା। ଦିନ ୨ଟା ବେଳେ ଜଳସ୍ତର ବିପଦସଂକେତ ୧୮. ୩୩ମିଟରରେ ପହଞ୍ଚିଥିବା ଜଳସମ୍ପଦ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା। ତେବେ ସନ୍ଧ୍ୟା ୭ଟା ସୁଦ୍ଧା ୧୮.୮୨ ରେ ଜଳ ପ୍ରବାହିତ ହେଉଛି। ସନ୍ଧ୍ୟା ୭ଟା ବେଳେ ୧୮.୮୨ ରେ ଜଳ ପ୍ରବାହିତ ହେଉଛିପାଣି ବଢୁଥିବା ଯୋଗୁଁ ବନ୍ୟା ଜଳ କଟିଂ ଏସକେପ ଦେଇ ପ୍ରବାହିତ ହେବ ବୋଲି ସୂଚନା ଦିଆଯାଇଛି। ବିଶେଷ କରି ମାଳଦା, ରହଣିଆ, ଷୋଳମପୁର, ନପଙ୍ଗ ପ୍ରମୁଖ ପଞ୍ଚାୟତର ଜନ ବସତିରେ ବନ୍ୟା ଜଳ ରାତିସୁଦ୍ଧା ପହଞ୍ଚି ଯାଇପାରେ ବୋଲି ଅନୁମାନ କରାଯାଉଛି। ସେହିଭଳି ଝୁଟଣା ଓ ବନ୍ଧାଳମଡିଆଳୀ ପଞ୍ଚାୟତ ସୀମା ଚତୁଃପାର୍ଶ୍ୱରେ ମଧ୍ୟ ବନ୍ୟାଜଳ ଘେରି ଯିବା ଆଶଙ୍କା କରାଯାଉଛି। ଏହା ମଧ୍ୟମରୁ ସାମାନ୍ୟ ବଡ ଧରଣର ବନ୍ୟା ବୋଲି ପ୍ରଶାସନ ଆକଳନ କରିଛି। ଏହାଦ୍ୱାରା ଖରିଫ୍ ଧାନ ଚାଷ ସହିତ ପନିପରିବା ଚାଷ, ପାଳବାଡି ଓ ଗ୍ରାମ୍ୟ ରାସ୍ତା ଗୁଡିକ ବିଶେଷ ପ୍ରଭାବିତ ହୋଇପାରେ। ଜଳସମ୍ପଦ ବିଭାଗ ପକ୍ଷରୁ ଦୁର୍ବଳ ନଦୀବନ୍ଧ ସ୍ଥାନ ଗୁଡିକ ଉପରେ ନଜର ରଖାଯାଇଥିବା ବେଳେ ବାଲି ବସ୍ତା ମହଜୁଦ ରଖାଯାଇଥିବା ସହକାରୀ ଯନ୍ତ୍ରୀ ସୂଚନା ଦିଆଯାଇଛି। ସେହିଭଳି ଜଳମଗ୍ନ ଜନ ବସତି ଗୁଡିକରେ ଶୁଖିଲା ଖାଦ୍ୟ ପହଞ୍ଚାଇବା ପାଇଁ ସମସ୍ତ ପ୍ରସ୍ତୁତ ହୋଇଥିବା ଗୋଷ୍ଠୀ ଉନ୍ନୟନ ଅଧିକାରୀ କହିଛନ୍ତି।

## ଫୁଲୁଛି ବୈତରଣୀ; ତଳିଆ ଲୋକେ ଆତଙ୍କିତ

# ତରେଇ ସାହିରେ ୫୦ ଫୁଟ ନଦୀବନ୍ଧ ଧସିଲା



**ଅସୁରାଳି, ୨୬।୭ (ସମିସ):** ବୈତରଣୀ ନଦୀରେ ବନ୍ୟାସ୍ଥିତି ଯୋଗୁଁ ତଳ ନଦୀ କୁଳିଆ ଗାଁ ହସନାବାଦ, ଅର୍ଜୁନପୁର, ନଦୀଗାଁ, ଧୂଷୁରି, ପାଳସାହି, ରହିପୁର, ଭଙ୍ଗ ସାହି ଆଦି ପଞ୍ଚାୟତବାସୀ ଆତଙ୍କିତ ଅବସ୍ଥାରେ ଅଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ବିଡିଓ ଓ ତହସିଲଦାଙ୍କୁ ଦୃଷ୍ଟି ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ବନ୍ଧ ଭାଙ୍ଗିବା ଆଶଙ୍କା ରହିଥିବାରୁ ବାଉଁଶ ଓ ବାଲିବସ୍ତା ଦ୍ୱାରା ରାସ୍ତା ସୁରକ୍ଷା କାର୍ଯ୍ୟ ଆରମ୍ଭ ହୋଇଛି। ଅତ୍ୟାବଶ୍ୟକ ସାମଗ୍ରୀ ମହଜୁଦ୍ ରଖାଯାଇଛି ଓ ତଳିଆ ଅଞ୍ଚଳରୁ ସ୍ଥାନାନ୍ତର କରିବା ପାଇଁ ଯୋଜନା ଚାଲିଛି। ବୈତରଣୀ ନଦୀର ବନ୍ୟା ଜଳ ଚାଷୀଙ୍କ ପାଇଁ ଅତ୍ୟନ୍ତ ଚିନ୍ତାଜନକ। ଶତାଧିକ ଏକର ଧାନ ଜମି ବୁଡ଼ିଯାଇଛି। ଏହି ବନ୍ୟା ଚାଷୀମାନଙ୍କ ଆର୍ଥିକ ଅବସ୍ଥାକୁ ଗଭୀର ଭାବେ ପ୍ରଭାବିତ କରିପାରେ।ଏବେର ତଥ୍ୟ ଅନୁଯାୟୀ ବୈତରଣୀ ର ଜଳ ସ୍ତର ତଳିଆ ଅଞ୍ଚଳରେ ଦିନକୁ ଦିନ ବଢ଼ିବା ରେ ଲାଗିଚି। ପୁଣି ଆଗାମୀ ଦିନରେ ଲଗାଣ ବର୍ଷା ହେବା ସହ ରେଡ ୱାର୍ଣ୍ଣ ଜାରି କରାଯାଇଛି ଏଣୁ ସମ୍ଭାବ୍ୟ ବନ୍ୟା ଆଶଙ୍କା କୁ ଟାଳି ଦିଆ ଯାଇ ନ ପାରେ। ଯଦି ଉପରମୁଣ୍ଡରେ ଅଧିକ ବର୍ଷା ହେବା ଜାରି ରହିଥାଏ, ତେବେ ବୈତରଣୀ ନଦୀର ଜଳସ୍ତର ଆହୁରି ବୃଦ୍ଧି ପାଇପାରେ। ବନ୍ୟା ପରିସ୍ଥିତିର ସମୀକ୍ଷା ନିମନ୍ତେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ୍, ଜିଲ୍ଲାପାଳ ଦିଲୀପ ରାଉତରାଏ, ଜଳ ସମ୍ପଦ ବିଭାଗର ଏସସି ଶରତ ଚନ୍ଦ୍ର ଘଡ଼େଇ, ଏସଡିଓ କିଶୋର ଦାସ ଓ ଯୁବ ନେତା ରୁଦ୍ର କିଶୋର ନାୟକ ପ୍ରମୁଖ ଦୁର୍ବଳ ଥିବା ନଦୀବନ୍ଧ ବୁଲି ଦେଖିଛନ୍ତି। ପୁଣି ଅର୍ଜୁନପୁର ପଞ୍ଚାୟତର ତରେଇ ସାହିଠାରେ ୫୦ ଫୁଟ ନଦୀବନ୍ଧ ଧସି ଯାଇଥିବାରୁ ସଇଲୋ ଓ ତରେଇ ସାହିର ବାସିନ୍ଦା ଆତଙ୍କିତ ହୋଇପଡ଼ିଛନ୍ତି।

# ବନ୍ୟା ପାଣିରେ ଫସିଗଲେ ଗୋରୁ



**ବାରିକପୁର, ୨୬।୭ (ସମିସ):** ଭଣ୍ଡାରିପୋଖରୀ ବ୍ଲକ ବନ୍ଧାଳମଡିଆଳୀ ଗ୍ରାମ ପଞ୍ଚାୟତ ବଳିପୁରଠାରେ କିଛି ଗାଇଗୋରୁ ବନ୍ୟା ପାଣିରେ ଫସି ଯାଇଛନ୍ତି। ଆଜି ସକାଳେ ଗ୍ରାମର ଅନେକ ଗାଇଗୋରୁ ନଦୀ ପଠାଟାପୁକୁ ଚାରଣ ପାଇଁ ଯାଇଥିଲେ। ସେମାନଙ୍କ ମଧ୍ୟରୁ ଅପରାହ୍ନ ରେ ଅଧିକାଂଶ ଫେରି ଆସିଥିବା ବେଳେ ୧୦/୧୨ଟି ଗାଇ ଓ ବାଛୁରୀ ଟାପୁରେ ଚାରଣ କରୁଥିଲେ। ଗୋଟିଏ ଦୁଇଟି ଷଣ୍ଢ ମଧ୍ୟ ସେମାନଙ୍କ ସହିତ ଚାରଣ କରୁଥିଲେ। ହଠାତ୍ ନଦୀରେ ଜଳସ୍ତର ବୃଦ୍ଧି ପାଇଥିବା ବେଳେ ଗୋବଂଶ ଆଉ ନଦୀ କୂଳକୁ ଫେରି ନ ଥିଲେ। ଗାଁର ଗୋପାଳକମାନେ ନଦୀ କୂଳରେ ପହଞ୍ଚିଥିଲେ ସୁଦ୍ଧା ଗାଇଗୋରୁଙ୍କ ବନ୍ୟା ପାଣିରୁ ଉଦ୍ଧାର କରିବା ସମ୍ଭବ ହୋଇ ନଥିଲା। ୨ଟି ଗୋରୁ ଭାସି ଯାଇଥିବା ବେଳେ ଆଉ ଦୁଇଟି କୌଣସି ପ୍ରକାରରେ ନଦୀ ପାର ହୋଇ କୂଳକୁ ଆସିଥିଲେ। ବୈତରଣୀ ଟାପୁରେ ୫ରୁ ୭ଟି ଗାଇଗୋରୁ ରହିଥିବା ଗ୍ରାମବାସୀ ସୂଚନା ଦେଇଛନ୍ତି। ଖବର ପାଇ ଅଗ୍ନିଶମ ବିଭାଗ କର୍ମଚାରୀ ମାନେ ଘଟଣାସ୍ଥଳକୁ ଯାଇଥିଲେ ସୁଦ୍ଧା ରାତି ହୋଇଯିବା କାରଣରୁ ନଦୀ ମଧ୍ୟକୁ ପ୍ରବେଶ କରି ଗୋବଂଶକୁ ଉଦ୍ଧାର କରିବା ସମ୍ଭବ ହୋଇନାହିଁ।

# ସାମ୍ଭାବ୍ୟ ବନ୍ୟା ସ୍ଥିତି ଅନୁଧ୍ୟାନ କଲେ ବିଧାୟକ



**ବାରିକପୁର, ୨୬।୭ (ସମିସ):** ଚଳିତ ବର୍ଷ ବୈତରଣୀ ନଦୀରେ ପ୍ରଥମ ବନ୍ୟାଜଳ ଆସିଛି। ଆଖୁଆପଦା ଆନିକଟଠାରେ ଦ୍ରୁତଗତିରେ ବନ୍ୟା ଜଳ ମାଡୁଥିବା ବେଳେ ତଳିଆ ଅଞ୍ଚଳ ଖୁବ ଶୀଘ୍ର ଜଳମଗ୍ନ ହେବ ବୋଲି ଅନୁମାନ କରାଯାଉଛି। ସାମ୍ଭାବ୍ୟ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ଶୁକ୍ରବାର ଅପରାହ୍ନରେ ଆନିକଟଠାରେ ପହଞ୍ଚି ସ୍ଥିତି ସମୀକ୍ଷା କରିଛନ୍ତି। ଜଳ ସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଶରତ ଚନ୍ଦ୍ର ଘଡେଇ, ରତ୍ନାକର ଦଳେଇ, ବିଡ଼ିଓ ଦେବଦତ୍ତ ଦାସ, ସହକାରୀ ନିର୍ବାହୀ ଯନ୍ତ୍ରୀ କେଶବ ଚନ୍ଦ୍ର ବେହେରା, ହୃଦାନନ୍ଦ ଜେନା, ସୁଶାନ୍ତ ଦାସ ପ୍ରମୁଖ ପଦାଧିକାରୀଙ୍କ ସହିତ ବିଧାୟକ ସାମ୍ଭାବ୍ୟ ବନ୍ୟାକୁ ନେଇ ସମୀକ୍ଷା କରିଥିଲେ। ବନ୍ୟା ପ୍ରଭାବିତ ଅଞ୍ଚଳକୁ ଯଥାଶୀଘ୍ର ଡ଼ଙ୍ଗା ଓ ଅତ୍ୟାବଶ୍ୟକ ସାମଗ୍ରୀ ପଠାଇବାକୁ ବିଧାୟକ ବ୍ଲକ ପ୍ରଶାସନକୁ କହିଥିବା ବେଳେ ଏନେଇ ଜିଲ୍ଲାପାଳଙ୍କ ସହିତ ଫୋନ ଯୋଗେ କଥା ହୋଇଛନ୍ତି। ଏହାଛଡା ଲୋକ ମାନଙ୍କୁ ବିଚ୍ଛିନ୍ନ ଅଞ୍ଚଳରୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ ପାଇଁ ବିଧାୟକ ଅଧିକାରୀ ମାନଙ୍କ ସହିତ ଆଲୋଚନା କରିଛନ୍ତି। ବ୍ଲକ ଅଧ୍ୟକ୍ଷା ସୁମତୀ ସେଠୀ, ଜିଲ୍ଲାପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁ, ଉତ୍କଳ କେଶରୀ ମହାନ୍ତି, ଯୁବନେତା ଦିପ୍ତୀସୂର୍ଯ୍ୟ ବିଶ୍ୱାଳ, ବରିଷ୍ଠ ନେତା ମୁକ୍ତିକାନ୍ତ ମହାନ୍ତି, ରାଜେନ୍ଦ୍ର ଖଣ୍ଡାଇ, ବୀରେନ୍ଦ୍ର ନାୟକ, ସତ୍ୟାନନ୍ଦ ମହାପାତ୍ର, ବସନ୍ତ ବେହେରା, ନାଗେଶ୍ୱର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



ବୈତରଣୀ ନଦୀର କଣ୍ଟିଘାଇଠାରେ ବନ୍ୟାଜଳ ପ୍ରବେଶ କରିଛି (ଫଟୋ: ଉମାକଲ୍ୟାଣ)

# ବୋହୂ ହତ୍ୟା ମାମଲା; ସ୍ୱାମୀ, ଶଶୁର ଓ ଶାଶୂଙ୍କୁ ୩ ବର୍ଷ ଜେଲ

ଭଦ୍ରକ, ୨୬।୭ (ସମିସ): ଶାଶୂଘରର ନିର୍ଯାତନା ସହି ନ ପାରି ବୋହୂ ଜୀବନ ହାରିବା ମାମଲାର ବିଚାର କରି ଭଦ୍ରକ ସ୍ପେଶାଲ ଟ୍ରାକ କୋର୍ଟର ବିଚାରପତି ଜ୍ୟୋତିରଞ୍ଜନ ଦାଶ ଅଭିଯୁକ୍ତ ସ୍ୱାମୀ ସମେତ ଶାଶୂ-ଶଶୁରଙ୍କୁ ୩ ବର୍ଷ ଜେଲ ଦଣ୍ଡ ସହ ୨ ହଜାର ଟଙ୍କା ଜରିମାନା କରିଛନ୍ତି। ଭଦ୍ରକ ଜିଲ୍ଲା ବାଂଶଡ଼ା ଥାନା ଅନ୍ତର୍ଗତ ଗୋପୀନାଥପୁର ଗାଁର କମଳାକାନ୍ତ ଯେନା ତିହିଡ଼ି ଥାନା ଅନ୍ତର୍ଗତ ଦୋଳସାହି ଗାଁର ବିଦ୍ୟାଧର ଜେନାଙ୍କ କନ୍ୟା ଦୀପାଙ୍କୁ ୨୦୧୬ ମସିହାରେ ବିବାହ କରିଥିଲେ। ବିବାହ ପରେ ଶାଶୂଘର ଲୋକ ଅଧିକ ଯୌତୁକ ଦାବି କରି ମାରଧର କରିବା ସହ ଦୀପାଙ୍କ ଚରିତ୍ରକୁ ନେଇ ସନ୍ଦେହ ପ୍ରକଟ କରି ନାନା ଆକ୍ଷେପ କରୁଥିଲେ। ଶାଶୂଘରର ଲୋକଙ୍କ ଏଭଳି ନିର୍ଯାତନା ସହି ନ ପାରି ଦୀପା ୨୦୨୩ ମସିହା ମେ୨ ତାରିଖରେ ଆତ୍ମହତ୍ୟା କରିଥିଲେ। ଏ ନେଇ ତାଙ୍କ ଭାଇ ସଞ୍ଜୟ ବାଂଶଡ଼ା ଥାନାରେ ଅଭିଯୋଗ କରିବା ପରେ ପୁଲିସ ୧୫୪/୨୩ କେସ୍ ନମ୍ବର ମୂଳେ ଏକ ମାମଲା ରୁଜ କରିଥିଲା। ପରେ ଏହି ମାମଲାରେ ସ୍ୱାମୀ କମଳାକାନ୍ତ, ଶଶୁର ରବୀନ୍ଦ୍ର ଯେନା ଓ ଶାଶୂ ମାଳତୀଙ୍କୁ ଗିରଫକରି ଜେଲକୁ ପଠାଇ ଦିଆଯାଇଥିଲା। ଏହି ମାମଲାର ଚାର୍ଜସିଟ ଦାଖଲ ହୋଇ ଏହା ସ୍ପେଶାଲ ଟ୍ରାକ୍‌ରେ ବିଚାର ପାଇଁ ଗ୍ରହଣ ହୋଇଥିଲା। ସବୁ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ସମ୍ପୃକ୍ତ କୋର୍ଟ ଦୋଷୀମାନଙ୍କୁ ୩ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିବା ସହ ୨ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଆଉ ୩ ମାସ ଅଧିକ ଜେଲ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି।

# କାଉଡ଼ିଆଙ୍କୁ ସେବା ପ୍ରଦାନ

ବାରିକପୁର, ୨୬।୭ (ସମିସ): ପବିତ୍ର ଶ୍ରାବଣ ମାସ ଉପଲକ୍ଷେ ବିଭିନ୍ନ ସ୍ଥାନରେ ସ୍ୱେଚ୍ଛାସେବୀ ମାନେ ଶୈବପୀଠକୁ ଯାତ୍ରା କରୁଥିବା କାଉଡିଆଙ୍କୁ ସେବା ପ୍ରଦାନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଭଣ୍ଡାରିପୋଖରୀ କଲେଜ ପରିସରରେ କାଉଡିଆଙ୍କୁ ବିଶ୍ରାମ ସେବା ସହିତ ପ୍ରସାଦ ସେବା ଯୋଗାଇ ଦିଆଯାଇଛି। ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଶାଖା ଏବଂ ସ୍ଥାନୀୟ ଯୁବ ସ୍ୱେଚ୍ଛାସେବୀଙ୍କ ମିଳିତ ସହଯୋଗରେ ଏହି ସେବା ଦିଆଯାଇଛି। ଯେଉଁ କାଉଡିଆମାନେ ବୈତରଣୀ ନଦୀରୁ ପାଣି ନେଇ ପଞ୍ଚଲିଙ୍ଗେଶ୍ୱର, ଆଖଣ୍ଡଳମଣି ଓ ଅନ୍ୟାନ୍ୟ ଶୈବ ପୀଠକୁ ଯାଉଛନ୍ତି ସେମାନଙ୍କୁ ସେବା ପ୍ରଦାନ କରାଯାଇଛି।

# ଭଦ୍ରକ ରୋଟାରୀ କ୍ଲବ୍ ମିଡ୍‌ଟାଉନ ପକ୍ଷରୁ କାର୍‌ଗିଲ୍ ବିଜୟ ଦିବସ




**ଭଦ୍ରକ, ୨୬।୭ (ସମିସ):** ଦେଶମାତୃକା ଭାରତବର୍ଷକୁ ଶତ୍ରୁ କବଳରୁ ରକ୍ଷା କରିବାକୁ ଯାଇ ନିଜର ପ୍ରାଣବଳି ଓ ଆତ୍ମବିସର୍ଜନ ଦେଇଥିବା ଭାରତର ଗର୍ବ ଓ ଗୌରବ ଆତ୍ମ ପୁରୁଷ ହେଉଛନ୍ତି ବିରଜବାନ। ସେମାନଙ୍କ ଆତ୍ମବଳିଦାନ ପାଇଁ ରାଷ୍ଟ୍ରଆଜି ସର୍ଗବରେ ମୁଣ୍ଡଟେକି ଛିଡା ହୋଇଛି। ଦେଶର ବୀର ସୈନିକମାନେ କାରିଗିଲ ଯୁଦ୍ଧରେ ପାକିସ୍ଥାନକୁ ହରାଇ ସେଠାରେ ଆମ ଜାତୀୟ ପତାକା ଉଡାଇ ସାର ବିଶ୍ୱକୁ ଭାରତ ଶାନ୍ତିର ବାର୍ତା ପ୍ରଦାନ କରିଥିଲେ। ସେମାନଙ୍କର ଅମର ଗାଥା ଆଜି ଭାରତ ଇତିହାସରେ ସ୍ୱର୍ଣ୍ଣାକ୍ଷତରେ ଲିପିବଦ୍ଧ ହୋଇ ରହିଯାଇଛି। ଏହି ମହାନ ସ୍ମୃତିକୁ ରୋମନ୍ଥନ କରି ଭାରତ ପାଳୁଛି କାରଗିଲ ବିଜୟ ଦିବସ। ଏଇ ଅବସରରେ ଭଦ୍ରକ ରୋଟାରୀ କ୍ଲବ ମିଡଟାଉନ ପକ୍ଷରୁ ଶହୀଦ ସ୍ମୃତି ଭବନ (ଟାଉନହଲ)ଠାରେ ପାଳିତ ହୋଇଯାଇଛି କାରଗିଲ୍ ବିଜୟ ଦିବସ। ଏହି ବିଜୟ ଉତ୍ସବକୁ ଜିଲ୍ଲାପାଳ ଦିଲୀପ ରାଉତରାଏ ଅନୁଷ୍ଠାନିକ ଭା।ବେ ଉଦଘାଟନ ଦିବସ ପାଳନ କରୁଥିବାରୁ ଭୂୟସୀ ପ୍ରଶଂସା କରିଥିଲେ। ମୁଖ୍ୟ ଅତିଥି ଭାବେ ଏସ୍‌ପି ମନୋଜ କୁମାର ରାଉତ ଯୋଗଦେଇ ଦେଶର ଗୌରବରକ୍ଷାକରି ଆମ ବୀରସୈନିକମାନେ ଶାନ୍ତିର ବାର୍ତ୍ତା ଦେଇଥିଲେ। ବିଶିଷ୍ଟ ଅତିଥିଭାବେ ଜିଲ୍ଲା ଗଭର୍ଣ୍ଣର ମନୋଜ କୁମାର ତ୍ରିପାଠୀ ଓ କର୍ଣ୍ଣେଲ ଅନୀଲ କୁମାର ଯୋଗଦେଇଥିଲେ। ଅତିଥି ପରିଚୟ ଦେଇଥିଲେ ରୋଟାରିଆନ ଚୈତାଳି ଖ୍ୱଲାର, ବରିଷ୍ଠ ରୋଟାରିଆନ ସମାଜସେବୀ ଡ.ଶିଶିରକୁମାର ମିଶ୍ର ମଞ୍ଚାସୀନ ଅତିଥିମାନଙ୍କୁ ଉତ୍ତରୀୟ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ସଭାପତି ସନ୍ଧ୍ୟାଗୁପ୍ତା ଓ ସମ୍ପାଦକ ସିଲୁ ଲାକାରୀଙ୍କ ତତ୍ତ୍ୱାବଧାନରେ ରୋଟାରିଆନ୍ ବେଦପ୍ରକାଶ ଗୁପ୍ତା, ରତନ ଲାଲ ଗୁପ୍ତା, ଅଶୋକ ବିଶ୍ୱାଳ, ରାହୁଲ ଖେରିୟା, ସନାତନ ଜେନା, ପ୍ରମୋଦ ଲଖାନୀ, ଅନୀଲ ଦେ, ସଙ୍ଗୀତ ଦେ, ପବିତ୍ର ଖ୍ୱଲାର, ସମିତା ମିଶ୍ର, ନିରଞ୍ଜନ ମଲ୍ଲିକ, ଶଶୀ ଲାଖାନୀ, ଅଞ୍ଜୁ ଗୁପ୍ତା, ସୁନିତା ଗୁପ୍ତା, ମନୋଜ ଅଗ୍ରୱାଲ, ଜିତେନ୍ଦ୍ର ଅଗ୍ରୱାଲ, ସୀମାଅଗ୍ରୱାଲ, ରୁମା ଅଗ୍ରୱାଲ ସହଯୋଗ କରିଥିଲେ।

## ଧାମନଗରରେ ବନ୍ୟା ମୁକାବିଲାର ସମୀକ୍ଷା କଲେ ଉଚ୍ଚଶିକ୍ଷା ମନ୍ତ୍ରୀ

# ଶୁଖିଲା ଖାଦ୍ୟ ଓ ପାଣି ମହଜୁଦ ରଖିବାକୁ ନିର୍ଦ୍ଦେଶ

**ଭଦ୍ରକ/ଧାମନଗର/ଦୋବଲ, ୨୬।୭ (ସମିସ)**



ଧାମନଗରରେ ବନ୍ୟା ସ୍ଥିତିର ସମୀକ୍ଷା କରିଛନ୍ତି ସ୍ଥାନୀୟ ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। ଶୁକ୍ରବାର ମନ୍ତ୍ରୀ ଭୁବନେଶ୍ୱରରୁ ଆସି ଯାଜପୁରରେ ପହଞ୍ଚିଥିଲେ। ଜଳ ସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟଯନ୍ତ୍ରୀ ପ୍ରଣବ କୁମାର ନାୟକ ଏବଂ ଯାଜପୁର ଅଧୀକ୍ଷଣ ଯନ୍ତ୍ରୀଙ୍କ ସହ ଆଲୋଚନା କରି ଧାମନଗର ବ୍ଲକ ଆନନ୍ଦପୁର ପଞ୍ଚାୟତର ଉତେଇପୁରସ୍ଥିତ ମଲ୍ଲିମାହାରା ଏସକେପ୍ ବୁଲି ଦେଖିଥିଲେ। ପରେ ସୋହଡ଼ା ପଞ୍ଚାୟତର ଗୌରାଙ୍ଗପୁର ଏସକେପ୍ ଓ ପଧାନି ପଞ୍ଚାୟତର କୋଚିଳାମୁହଁ ବୁଲି ଦେଖିଥିଲେ। ଏହାପରେ ଧୂଷୁରୀର ଧୋୟାଞ୍ଚଳ ହୋଇ ଧାମନଗର ବ୍ଲକରେ ପହଞ୍ଚି ବିଭିନ୍ନ ବିଭାଗର ଅଧିକାରୀଙ୍କ ସମୀକ୍ଷା କରିଥିଲେ। ବିଶେଷକରି ବନ୍ୟା ସମୟରେ ପାନୀୟ ଜଳ ଯୋଗାଣ, ରନ୍ଧା ଖାଦ୍ୟ, ଲୋକଙ୍କୁ ସ୍ଥାନାନ୍ତର କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଏଥିସହ ପଶୁଙ୍କ ପାଇଁ ଖାଦ୍ୟ ପଞ୍ଚାୟତ ଗୋଦାମ ଘରେ ମହଜୁଦ ରଖିବା ପାଇଁ ବ୍ଲକ ପ୍ରଶାସନର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ସମ୍ଭାବ୍ୟ ପ୍ରଭାବିତ ଅଞ୍ଚଳରେ ଓଡ୍ରାଫ୍ ଓ ଦମକଳବାହିନୀଙ୍କୁ ସଜାଗ ରହିବା ଲାଗି କୁହାଯାଇଛି। ଅର୍ଜୁନପୁର, ପଧାନି, ସୋହଡ଼ା, କରଦା, ଖଡ଼ିପଦା ଓ ଆନନ୍ଦପୁର ଏବଂ ଧୂଷୁରୀ, ହସନାବାଦ, ନଦୀଗାଁ ଆଦି ଅଞ୍ଚଳକୁ ଫୋକସ କରିବାକୁ ମନ୍ତ୍ରୀ କହିଛନ୍ତି। କୌଣସି ପରିସ୍ଥିତିରେ ବି ଲୋକେ ଯେମିତି ସମସ୍ୟାରେ ନ ପଡ଼ନ୍ତି, ସେ ନେଇ ପ୍ରାଥମିକତା ଦେବାକୁ ଜିଲ୍ଲାପାଳ ଓ ଏସପିଙ୍କୁ କହିଛନ୍ତି ପ୍ରଭାବିତ ଅଞ୍ଚଳରେ ଡାକବାଜି ଯନ୍ତ୍ର ମାଧ୍ୟମରେ ପ୍ରଚାର କରାଯାଇଛି। ତଳିଆ ଅଞ୍ଚଳରେ ଥିବା ଲୋକଙ୍କୁ ଉଚ୍ଚ ସ୍ଥାନରେ ଆଶ୍ରୟ ନେବାକୁ କୁହାଯାଇଛି। ସ୍କୁଲ ଘର, ବାତ୍ୟା ଆଶ୍ରୟସ୍ଥଳ ଓ ସରକାରୀ କୋଠାରେ ଅସ୍ଥାୟୀ ଭାବେ ଆଶ୍ରୟ ନେବାକୁ ପରାମର୍ଶ ଦିଆଯାଇଛି। ଧାମନଗର ତହସିଲଦାର ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀ ଗାଁରେ ପହଞ୍ଚି ଲୋକଙ୍କୁ ସଚେତନ କରାଇଛନ୍ତି। ୮୦ ବର୍ଷରୁ ଅଧିକ ଭିନ୍ନକ୍ଷମ ଓ ୮୦ ବର୍ଷରୁ ଅଧିକ ବୟସର ଲୋକଙ୍କୁ ନିଶ୍ଚିତ ସ୍ଥାନାନ୍ତର କରିବାକୁ କୁହାଯାଇଛି। ସେହିପରି ଆସନ୍ନ ପ୍ରସବା ବିଶେଷ କରି ୭ ଦିନରୁ କମ୍ ସମୟ ଥିବା ଗର୍ଭବତୀଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିବା ଲାଗି ମେଡିକାଲ ଅଫିସରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଆଶ୍ରୟସ୍ଥଳଗୁଡ଼ିକରେ ଶୁଖିଲା ଖାଦ୍ୟ ଓ ପାଣି ବୋତଲ ମହଜୁଦ ରଖିବାକୁ ବିଡିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବନ୍ୟା ଛାଡ଼ିବା ପରେ କୃଷି ଓ ଉଦ୍ୟାନକୃଷି ବିଭାଗର ଅଧିକାରୀ କ୍ଷେତ୍ର ପରିଦର୍ଶନ କରି କ୍ଷୟକ୍ଷତି ଆକଳନ କରିବାକୁ ଉପଜିଲ୍ଲାପାଳ କହିଛନ୍ତି। ବୈତରଣୀ, ଗେଙ୍ଗୁଟି ଓ କୋଚିଳା ନଦୀବନ୍ଧର ସମ୍ବେଦନଶୀଳ ଅଞ୍ଚଳରେ ପୁଲିସ ତରଫରୁ ରାତ୍ରିକାଳୀନ ପାଟ୍ରୋଲିଂ କରିବାକୁ ଏସପିଙ୍କୁ କୁହାଯାଇଛି। ସେହିପରି ବନ୍ୟା ସମୟରେ ସାପ କାମୁଡ଼ା ଭୟ ଥିବାରୁ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକରେ ଆଣ୍ଟିଭେନମ ମହଜୁଦ ରଖାଯାଇଛି। ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୪୦୦ ଆଣ୍ଟିଭେନମ ଇଂଜେକସନ ମହଜୁଦ୍ ରହିଥିବା ଅଧୀକ୍ଷକ ମନ୍ମୟ ସାମନ୍ତସିଂହାର କହିଛନ୍ତି। ଆଖୁଆପଦାଠାରେ ବୈତରଣୀ ନଦୀର ଜଳସ୍ତର ସନ୍ଧ୍ୟା ୬ଟା ସୁଦ୍ଧା ୧୮.୬୭ ମିଟରରେ ପ୍ରବାହିତ ହେଉଥିଲା। ଆହୁରିଜଳସ୍ତର ବଢ଼ିବା ସମ୍ଭାବନା ରହିଛି। ବୈଠକରେ ଜିଲ୍ଲାପାଳ ଦୀଲିପ ରାଉତରାଏ ଅଧ୍ୟକ୍ଷତା କରିଥିଲେ। ଏସ୍‌ପି ମନୋଜ ରାଉତ, ଉପ ଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଜିଲ୍ଲା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୁଭେନ୍ଦ୍ର ସାମଲ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସୁଧୀରରଞ୍ଜନ ନାୟକ ପ୍ରମୁଖ ଯୋଗଦେଇଥିଲେ।

# ଦ୍ୱାରବତୀପୁର ହତ୍ୟାକାଣ୍ଡ: ଆଉ ଜଣେ ଗିରଫ

ତିଗିରିଆ/ଆଠଗଡ,୨୬ ।୭ (ସମିସ): ଗତ ଜୁନ ୮ ତାରିଖ ରାତିରେ ଖୁଣ୍ଟୁଣୀ ଥାନା ଦ୍ୱାରବତୀପୁର ଗ୍ରାମର କାହ୍ନୁଚରଣ ରାଉତଙ୍କୁ ପିଟିପିଟି ଚଳନ୍ତା ଗାଡ଼ି ଆଗକୁ ଫୋପାଡ଼ି ମାରିବା ଘଟଣାରେ ଖୁଣ୍ଟୁଣୀ ପୁଲିସ ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଅଭିଯୁକ୍ତ ଜଣକ ହେଲେ ମହାକାଳବସ୍ତ ଗାଁର ଆଶୋକ ବେହେରା(୨୫) । ଏହି ଘଟଣାରେ ମୋଟ ଛଅ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇ ଥିବାବେଳେ ଅନ୍ୟ ଅଭିଯୁକ୍ତଙ୍କୁ ଖୁବ୍ ଶୀଘ୍ର ଗିରଫ କରାଯିବ ବୋଲି ଚୌଦ୍ୱାର ଏସଡିପିଓ ଉମାକାନ୍ତ ନାୟକ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ।

# ଭିରୁଡ଼ା ଓ ପଣସ ପାଟଣାରେ ଅବକାରୀ ଚଢ଼ଉ



ତିଗିରିଆ,୨୬ ।୭ (ସମିସ): ତିଗିରିଆ ଥାନା ଅନ୍ତର୍ଗତ ପଣସପାଟଣା, ଭିରୁଡ଼ାରେ ଆଠଗଡ ଅବକାରୀ ବିଭାଗ, ବାଙ୍କୀ ଅବକାରୀ ଥାନା, ସଦର ଅବକାରୀ ବିଭାଗ, ନରସିଂହପୁର ଅବକାରୀ ବିଭାଗ, ଜିଲ୍ଲା ମୋବାଇଲ ୟୁନିଟ ଅବକାରୀ ବିଭାଗ ସହଯୋଗରେ ଏକ ମିଳିତ ଚଢ଼ଉ କରାଯାଇଥିଲା । ଏଥିରେ ମୋଟ ୨୨୦୫ ଲିଟର ବେଆଇନ ଦେଶୀ ମଦ ସହ ୨୦୯୬୫ ଲିଟର ମଦ ପ୍ରସ୍ତୁତ ନିମନ୍ତେ ବ୍ୟବହୃତ ହେଉଥିବା ଗୁଡ ପୋଚ ଜବତ କରାଯାଇ କରାଯାଇ ଘଟଣାସ୍ଥଳରେ ନଷ୍ଟ କରାଯାଇଥିବା ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଏହି ଘଟଣାରେ କାହାକୁ ଗିରଫ କରାଯାଇ ନଥିବା ବେଳେ ମୋଟ ୬ଟି ମାମଲା ରୁଜୁ କରାଯାଇଛି । ଚଢ଼ଉରେ ଆଠଗଡ ଅବକାରୀ ନିରୀକ୍ଷକ ରବିନାରାୟଣ ପ୍ରଧାନ, ଉପନିରୀକ୍ଷକ ଅରୁଣ ଭୋଇ, ବାଙ୍କୀ ଅବକାରୀ ଉପ ନିରୀକ୍ଷକ ସୌମ୍ୟରଞ୍ଜନ ମାଝୀ, ଜିଲ୍ଲା ମୋବାଇଲ ୟୁନିଟ ଅବକାରୀ ଉପନିରୀକ୍ଷକ ଶେଫାଳି ସାହୁଙ୍କ ସମେତ ଅନ୍ୟାନ୍ୟ ଅବକାରୀ ବିଭାଗ କର୍ମଚାରୀ ଉପସ୍ଥିତ ଥିଲେ ।

# ସ୍କାଉଟ୍-ଗାଇଡ୍ ରାଜ୍ୟ କମିଟିରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ପ୍ରତିନିଧିତ୍ୱ





କଟକ,୨୬ ।୭ (ସମିସ): ଭାରତ ସ୍କାଉଟ୍ସ ଓ ଗାଇଡ୍ସର ଓଡ଼ିଶା ରାଜ୍ୟ ୟୁନିଟ୍ ପକ୍ଷରୁ ଗଠିତ ୟୁଥ୍ କମିଟିରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଦୁଇ ଜଣ ରୋଭର୍ ସ୍ଥାନ ପାଇଛନ୍ତି । ସେମାନଙ୍କ ମଧ୍ୟରୁ ଜଣେ ମଧ୍ୟ ଉକ୍ତ କମିଟିର ଅଧ୍ୟକ୍ଷ ଆସନ ଅଳଙ୍କୃତ କରିଛନ୍ତି । ଗୁରୁବାର ରାଜ୍ୟ ସ୍କାଉଟ୍ ମୁଖ୍ୟାଳୟ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସ ଓଡ଼ିଶା ଶାଖାର ୟୁଥ୍ କମିଟି ଚେୟାରମ୍ୟାନ୍ ଭାବରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଛାତ୍ର ତଥା ସିନିୟର ରୋଭର୍ ରାକେଶ କୁମାର ମଲ୍ଲିକଙ୍କୁ ମନୋନୀତ କରାଯାଇଛି । ଏଥିସହ କମିଟିର ସଦସ୍ୟ ଭାବରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଛାତ୍ର ତଥା ରୋଭର୍ ଦୀପକ କୁମାର ପଣ୍ଡା ମନୋନୀତ ହୋଇଛନ୍ତି । ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସ ରାଜ୍ୟ ମୁଖ୍ୟ କମିଶନର ତଥା ରାଷ୍ଟ୍ରୀୟ ଉପାଧ୍ୟକ୍ଷ (ମୁଖ୍ୟାଳୟ, ନୂଆଦିଲ୍ଲୀ) ଡ. କାଳୀପ୍ରସାଦ ମିଶ୍ର ଏହି ଦୁଇ ଛାତ୍ରଙ୍କ ନାମ ମନୋନୟନ କରିଥିଲେ । ରାଜ୍ୟ କମିଟିରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଏହି ଗୁରୁତ୍ୱପୂର୍ଣ୍ଣ ପଦ ମଣ୍ଡନ ଯୋଗୁଁ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ତେଜପ୍ରତାପ, କାର୍ଯ୍ୟନିର୍ବାହୀ କୁଳସଚିବ ପ୍ରଫେସର ଅନିଲ କୁମାର ଶର୍ମା, କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ, ଛାତ୍ରକଲ୍ୟାଣ ଡିନ୍ ପ୍ରଫେସର ଜୟପ୍ରକାଶ ଭଟ୍ଟ ପ୍ରମୁଖ ସେମାନଙ୍କୁ ପ୍ରଶଂସା କରିଛନ୍ତି । ବିଶେଷକରି ଏହି ସଫଳତା ପଛରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରାଧ୍ୟାପକ ତଥା ରୋଭର୍ ସ୍କାଉଟ୍ ଲିଡର ଡ. ସନ୍ଦୀପ ରାଉତଙ୍କ ଅକ୍ଳାନ୍ତ ପରିଶ୍ରମକୁ ମଧ୍ୟ ବିଶ୍ୱବିଦ୍ୟାଳୟର ଟିମ୍ ପ୍ରଶଂସା କରିଛନ୍ତି ।

## ଅବହେଳିତ ପ୍ରସିଦ୍ଧ ଶୈବପୀଠ ସିଂହନାଥ

# ଶ୍ରଦ୍ଧାଳୁଙ୍କ ପାଇଁ ନାହିଁ ପାନୀୟଜଳ ବ୍ୟବସ୍ଥା



ବଡମ୍ବା,୨୬ ।୭ (ସମିସ):

କଟକ ଜିଲ୍ଲା ବଡମ୍ବା ବ୍ଲକର ପ୍ରମୁଖ ଶୈବ ପୀଠ ରୂପେ ପରିଚିତ ବାବା ସିଂହନାଥ ପୀଠ ପର୍ଯ୍ୟଟନର ମାନ୍ୟତା ପାଇଥିବା ବେଳେ ଏହାର ବିକାଶ ସମ୍ପୂର୍ଣ୍ଣ ଠପ ହୋଇଯାଇଛି । ପୀଠକୁ ଟି ସେତୁ ସଂଯୋଗ ହେବା ଠାରୁ ଧୀରେ ଧୀରେ ଦୂର ଦୁରାନ୍ତରୁ ପର୍ଯ୍ୟଟକ ମାନେ ଆସିଥାନ୍ତି; କିନ୍ତୁ ଏଠାରେ ବିଶୁଦ୍ଧ ପାନୀୟ ଜଳ ସୁବିଧା ନାହିଁ । ମନ୍ଦିର ବେଢା ବାହାରେ ତିନୋଟି ନଳକୂପ ରହିଥିବା ବେଳେ ଏହାର ପାଣି ବ୍ୟବହାର ଉପଯୋଗୀ ନୁହେଁ । ଯାହାଫଳରେ ଦୂରଦୁରାନ୍ତରୁ ଆସୁଥିବା ପର୍ଯ୍ୟଟନମାନେ ମନ୍ଦିର ପରିସରରେ ଗଢିଉଠିବା ଦୋକାନରୁ ବୋତଲ ପାଣି କିଣି ପିଉଥିବାର ଦେଖିବାକୁ ମିଳୁଛି । ମନ୍ଦିର ବେଢାରେ ପ୍ଲାଷ୍ଟିକ ଖାଲି ପାଣି ବୋତଲ ପଡିବା ଦ୍ୱାରା ପରିବେଶ ଦୂଷିତ ହେଉଛି ଗୋଟିଏ ପଟେ ପର୍ଯ୍ୟଟନର ବିକାଶ ନିମନ୍ତେ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ସିଂହନାଥ ପୀଠର ବିକାଶ ହୋଇ ପାରିନାହିଁ । ପୀଠକୁ ପାଦଚଲା ରାସ୍ତା ରହିଥିବା ବେଳେ ପାର୍କିଙ୍ଗ ସୁବିଧା ନଥିବାରୁ ଟି ସେତୁ ପାର୍କିଙ୍ଗସ୍ଥଳୀ ପାଲଟିଛି । ପୀଠରେ ଯାନିଯାତ୍ରା ହେଲେ ପ୍ରଶାସନ ପକ୍ଷରୁ ମୁଖ୍ୟ ସେତୁ ଉପରେ ଯାତାୟତ ରେ କଟକଣା ଲାଗିବା ଦ୍ୱାରା ହଇରାଣ ହେଉଛନ୍ତି ସାଧାରଣ ଲୋକ । ଆଜି ପର୍ଯ୍ୟନ୍ତ ଏହାର ସ୍ଥାୟୀ ସମାଧାନ ହୋଇପାରିନାହିଁ । ଟି ସେତୁରୁ ପୀଠକୁ ନୂତନ ସଂଯୋଗ ରାସ୍ତା ନିର୍ମାଣ କରିବା ସହ, ସ୍ଥାୟୀ ପାର୍କିଙ୍ଗ ଏବଂ ବିଶୁଦ୍ଧ ପାନୀୟଜଳ ବ୍ୟବସ୍ଥା କରିବା ପାଇଁ ସାଧାରଣ ରେ ଦାବୀ ଦେଉଛି ।

### ପାର୍କିଂ ସୁବିଧା ନଥିବାରୁ ଟି-ସେତୁରେ ବେଆଇନ ପାର୍କିଂ

# ଅଜଗର ଛୁଆ ଉଦ୍ଧାର

ତିଗିରିଆ,୨୬ ।୭ (ସମିସ): ବାଲିପୁଟ ପଞ୍ଚାୟତ ବାଲିପୁଟ ଗ୍ରାମର କିଛି ଯୁବକ ଶନିବାର ସକାଳେ ଗ୍ରାମ ନିକଟରେ ଥିବା ବାରମାଣ ସଂରକ୍ଷିତ ଜଙ୍ଗଲରେ ଥିବା ଜଗନ୍ନାଥ ବଲ୍ଲଭ ଆମ୍ବ ବଗିଚା ପାର୍ଶ୍ୱରେ ଅବସ୍ଥିତ ଟମି ତୁଆ ନିକଟରୁ ଗୋଟିଏ ଅଜଗର ଛୁଆକୁ ଉଦ୍ଧାର କରି ସ୍ଥାନୀୟ ବନ ବିଭାଗକୁ ହସ୍ତାନ୍ତର କରିଥିବା ବନପାଳ ପ୍ରଶାନ୍ତ କୁମାର ପରିଡା ସୂଚନା ଦେଇଛନ୍ତି । ଯୁବକମାନେ ଜଙ୍ଗଲ ଆଡେ ଯାଇଥିବା ସମୟରେ ଉକ୍ତ ସାପ ଛୁଆଟିକୁ ଦେଖିଥିଲେ । ସାପଟିକୁ ଉଦ୍ଧାର କରି ଏକ ପ୍ଲାଷ୍ଟିକ ବୋତଲ ମଧ୍ୟରେ ନେଇ ସ୍ଥାନୀୟ ବନ ବିଭାଗ କାର୍ଯ୍ୟାଳୟ ରେ ଦେଇଥିଲେ । ବନ ବିଭାଗ ପକ୍ଷରୁ ଉକ୍ତ ଅଜଗର ଛୁଆକୁ ନିକଟରେ ଥିବା ନିଜିଗଡ଼ ସଂରକ୍ଷିତ ଜଙ୍ଗଲରେ ଛାଡି ଦିଆଯାଇଥିବା ବନପାଳ ଶ୍ରୀ ପରିଡା ସୂଚନା ଦେଇଛନ୍ତି ।

### ଶିକ୍ଷାନୁଷ୍ଠାନରେ ପୁଲିସର ରୋଡ ରୋମିଓ ଦମନ କାର୍ଯ୍ୟକ୍ରମ

# ୧୩ ଅଟକ ଓ ୭ ବାଇକ୍ ଜବତ

କଟକ/ତିଗିରିଆ,୨୬ ।୭ (ସମିସ): ଜିଲ୍ଲାର ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ସମ୍ମୁଖରେ ଛିଡା ହୋଇ କଲେଜ ତଥା ବିଦ୍ୟାଳୟକୁ ଯାତାୟାତ କରୁଥିବା ଛାତ୍ରଛାତ୍ରୀଙ୍କୁ ଆଶାଳୀନ ମନ୍ତବ୍ୟ ଦେଉଥିବା ତଥାକଥିତ ରୋଡରୋମିଓଙ୍କୁ ଆଜି ପୁଲିସ ଛାଟ ବାଜିଛି । ଶନିବାର ବଡମ୍ବା ଓ ନରସିଂହପୁର ଅଞ୍ଚଳର ବିଭିନ୍ନ କଲେଜ ସମ୍ମୁଖରେ ୟୁନିଫର୍ମ ପରିଧାନ ନକରି କଲେଜ ମଧ୍ୟରେ ପ୍ରବେଶ କରିଥିବା ୧୩ ଜଣ ରୋଡ ରୋମିଓଙ୍କୁ ଅଟକ ରଖାଯାଇଥିବା ବେଳେ ସେମାନଙ୍କ ୭ଟି ୨ ଚକିଆ ଯାନକୁ ଜବତ କରାଯାଇଛି । ନରସିଂହପୁର ବ୍ଲକ ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରେ ଥିବା ମହାବିଦ୍ୟାଳୟ ପରିସରରେ ଅଣଛାତ୍ରଙ୍କ ପ୍ରବେଶକୁ ସ୍ଥାନୀୟ ପୁଲିସ ଦ୍ୱାରା ତଦାରଖ କରାଯାଇଛି । ଡିଏସପି ତଥା ଭାରପ୍ରାପ୍ତ ନରସିଂହପୁର ଥାନା ନିରୀକ୍ଷକ ଭବାନୀ ଶଙ୍କର ଖୁଣ୍ଟିଆଙ୍କ ନେତୃତ୍ୱରେ ସମସ୍ତ ପୁଲିସ କର୍ମକର୍ତ୍ତା ସ୍ଥାନୀୟ ମହାବିଦ୍ୟାଳୟରେ ପହଞ୍ଚିବା ପରେ କିଛି ଅଣଛାତ୍ରଙ୍କୁ ଦେଖିଥିଲେ । ଏହି ଘଟଣାରେ ୪ଜଣ ଛାତ୍ରଙ୍କୁ ମହାବିଦ୍ୟାଳୟ ପରିସରରେ ବୁଲୁଥିବା ଅଭିଯୋଗରେ ଥାନାରେ ଅଟକ ରଖିଥିଲେ । ସେମାନଙ୍କୁ ପଚରଉଚରା ପରେ ଏଭଳି କୌଣସି କାର୍ଯ୍ୟ ନକରିବାକୁ ନେଇ ଉକ୍ତ ଅଣଛାତ୍ରଙ୍କୁ ସୂଚନା ଦେବା ସହିତ ଚୁକ୍ତିଭିତ୍ତିକ ନିୟମରେ ଛାଡି ଦିଆଯାଇଥିଲା । ସେମାନଙ୍କଠାରୁ ୨ଟି ମୋଟର ସାଇକଲକୁ ଜବତ କରାଯାଇ ଥାନାରେ ରଖାଯାଇଛି । ସେହିପରି ବଡମ୍ବା ପୁଲିସ ପକ୍ଷରୁ ବଡମ୍ବାର ବିଭିନ୍ନ କଲେଜରେ ବୁଲୁଥିବା ୯ ଜଣ ରୋଡ ରୋମିଓଙ୍କୁ ଥାନାରେ ଅଟକ ରଖାଯିବା ସହିତ ସେମାନଙ୍କ ଠାରୁ ୫ ଟି ମୋଟର ସାଇକଲକୁ ଜବତ କରାଯାଇ ଥାନାରେ ରଖାଯାଇଛି । ଏଭଳି କାର୍ଯ୍ୟକ୍ରମ ଆସନ୍ତା ଦିନରେ ଚାଲୁରହିବ ବୋଲି ଉଭୟ ଥାନା ପକ୍ଷରୁ ସୁଚନା ହସ୍ତଗତ ହୋଇଛି ।

# ବିଭିନ୍ନ କଲେଜରେ ଯୁକ୍ତ ଦୁଇ ଛାତ୍ରଛାତ୍ରୀଙ୍କ ସ୍ୱାଗତ ଉତ୍ସବ




ଅଡ଼ଶପୁର, ୨୬ ।୭ (ସମିସ): କଣ୍ଠାପଡା ବ୍ଲକ ଅଡ଼ଶପୁରସ୍ଥିତ ଉଦୟନାଥ ମହାବିଦ୍ୟାଳୟ ପରିସରରେ +୨ ଉଚ୍ଚ ମାଧ୍ୟମିକ ଛାତ୍ରଛାତ୍ରୀଙ୍କ ପ୍ରବେଶ ଏବଂ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବାଣିଜ୍ୟ ବିଭାଗର ମୁଖ୍ୟ ପ୍ରଫେସର ଲକ୍ଷ୍ମୀଧର ସାହୁଙ୍କ ସଭାପତିତ୍ୱରେ ମହାବିଦ୍ୟାଳୟର ଅଧକ୍ଷା ପ୍ରଫେସର ଲେଫ୍ଟନାଣ୍ଟ ଚିରଶ୍ରୀ ଇନ୍ଦ୍ରସିଂ ନୂତନ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରିବା ସହ ମହାବିଦ୍ୟାଳୟ ନୀତିନିୟମ ବୁଝାଇଥିଲେ । ପ୍ରଫେସର ମାଗୁଣି ଚରଣ ପରିଡା ଓ ପ୍ରଫେସର ସୁଜାତା ମିଶ୍ର ଯୋଗ ଦେଇଥିଲେ । ନୂଆ କରି ଯୋଗ ଦେଇଥିବା ଅଧ୍ୟାପିକା ସୁଶ୍ରୀ ଇପ୍ସିତା ମଲ୍ଲଙ୍କୁ ସ୍ୱାଗତ କରାଯାଇଥିଲା । ଏହି ଅବସରରେ ମାଟ୍ରିକରେ ସର୍ବାଧିକ ନମ୍ବର ରଖି ବାଣିଜ୍ୟ ପଢିବାକୁ ଆଗ୍ରହ କରିଥିବା ଛାତ୍ରୀ ସ୍ମରଣିକା ଜେନା ମାର୍କ (୫୫୬) ଛାତ୍ର ମଙ୍ଗଳମ ନାୟକ (୫୦୦)ଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ପ୍ରଫେସର ପ୍ରସାଦ କାନୁନଗୋ, ପ୍ରଫେସର ମାଧବ ସାହୁ, ପ୍ରଫେସର ଶ୍ରୀକାନ୍ତ ମହାପାତ୍ର, ଅଧ୍ୟାପିକା ନିର୍ଝରିଣୀ ମହାପାତ୍ର, ଅଧ୍ୟାପିକା ସ୍ମରଣିକା ମାନସିଂହ, ଅଧ୍ୟାପିକା ମୁନୁମୁନ ମହାପାତ୍ର, ଅଧ୍ୟାପିକା ପୂର୍ଣ୍ଣିମା ପରିମାଣିକ, ଅଧ୍ୟାପିକା ଇପ୍ସିତା ମଲ୍ଲ ପ୍ରମୁଖ ଉପସ୍ଥିତ ଥିଲେ ।

**ନିଶ୍ଚିନ୍ତକୋଇଲି:** ଅସୁରେଶ୍ୱରସ୍ଥିତ ସୁଭଦ୍ରା ମହତାବ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚଳିତ ଶିକ୍ଷାବର୍ଷରେ ନୂତନ ଭାବେ ନାମ ଲେଖାଇଥିବା ବିଦ୍ୟାର୍ଥୀ ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । କଲେଜ ପକ୍ଷରୁ ଅୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଥମ ବର୍ଷର କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗର ଛାତ୍ର ଛାତ୍ରୀ ମାନେ ଯୋଗ ଦେଇଥିଲେ । +୨ ନାମ ଲେଖା କମିଟିର ମୁଖ୍ୟ ଆବାହକ ଅଧ୍ୟାପକ ରଜନୀକାନ୍ତ ପଣ୍ଡାଙ୍କ ସଂଯୋଜନାରେ ଏଥିରେ ମୁଖ୍ୟଅତିଥି ଭାବେ କଲେଜ ଅଧକ୍ଷ ବିରଞ୍ଚି ନାରାୟଣ ପଣ୍ଡା, ସମ୍ମାନିତ ଅତିଥି ଭାବେ ରସାୟନ ବିଜ୍ଞାନ ବିଭାଗର ମୁଖ୍ୟ ପ୍ରାଧ୍ୟାପିକା ଡ଼ଃ ସୁପ୍ରଭା ପରିଡ଼ା, ଅଧ୍ୟାପକ ରମାକାନ୍ତ ସାମଲ, ଚନ୍ଦ୍ରଶେଖର ଜେନା, ସୂର୍ଯ୍ୟକାନ୍ତ ବେହେରା, ଜ୍ୟୋତିପ୍ରଭା ସିଂ, ବିଶ୍ୱସାରଥୀ ବଳ, ଚାନ୍ଦୀନୀ ପଲେଇ, ବିଜୟ ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ । ଅଧ୍ୟାପକ ଡ. କବିତା ଷଡଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ ।

**ନରସିଂହପୁର:** ନରସିଂହପୁର ବ୍ଲକ ଅନ୍ତର୍ଗତ ଜିଲିଣ୍ଡାସ୍ଥିତ ଯୋଡୁମ ସରକାରୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ନବାଗତ ଏକାଦଶ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଛି । +୨ ପ୍ରଥମ ବର୍ଷର କଳା ବିଭାଗର ଛାତ୍ରଛାତ୍ରୀଙ୍କ ଏହି ପ୍ରବେଶ ଉତ୍ସବକୁ ପ୍ରଧାନଶିକ୍ଷୟିତ୍ରୀ ଜ୍ୟୋସ୍ନାରାଣୀ ମହାପାତ୍ର ଉଦଘାଟନ କରିଥିଲେ । ଅଧ୍ୟାପକ ବଳରାମ ବାରିକ, ଚଗଲା ପ୍ରଧାନ, ଅଧ୍ୟାପିକା ଦୀପ୍ତିମୟୀ ବେହେରା, ଶ୍ରଦ୍ଧାଞ୍ଜଳି ପ୍ରଧାନ, ଲକ୍ଷ୍ମୀପ୍ରିୟା ସ୍ୱାଇଁ, କଳ୍ପନା ବେହେରା, ଶିକ୍ଷୟତ୍ରୀ ସଂଘମିତ୍ରା ପ୍ରଧାନ, ସୁଲୋଚନା ବେହେରା, ଶୁଭଶ୍ରୀ ଶୁଭସ୍ମିତା ମହାନ୍ତି, ଶିକ୍ଷକ ଅରାଜିତ ମିଶ୍ର, ବଣ୍ଟି ମହାରଣା ପ୍ରମୁଖ ଉପସ୍ଥିତ ଥିଲେ ।



**ଫୁଲନଖରା:** ବ୍ରାହ୍ମଣଝରିଲୋ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଆନୁକୂଲ୍ୟରେ +୨ ପ୍ରଥମ ବର୍ଷର ନବାଗତ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ୱାଗତ ସମ୍ବର୍ଦ୍ଧନା ଓ ପ୍ରାଥମିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷା ଶକୁନ୍ତଳା ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ସଭାରେ ମହାବିଦ୍ୟାଳୟର ପ୍ରଶାସନିକ ମୁଖ୍ୟ ଡ. ବଂଶୀଧର ଦାଶ, ପ୍ରାଧ୍ୟାପକ ସମୀର ରାଉତ, ଏକାଡେମିକ୍ ମୁଖ୍ୟ ସଂଘମିତ୍ରା ସୁନ୍ଦରାୟ, ପଦାର୍ଥ ବିଜ୍ଞାନ ମୁଖ୍ୟ ମନୋରଂଜନ ମହାନ୍ତି, ବାଣିଜ୍ୟ ବିଭାଗର ମୁଖ୍ୟ ଆଲୋକ ରଂଜନ ମହାନ୍ତି ଓ ଧନ୍ଦାମୂଳକ ଶିକ୍ଷାର ଅଧ୍ୟାପିକା ରଂଜିତା ସାହୁ ମହାବିଦ୍ୟାଳୟରେ ଶିକ୍ଷାର୍ଥୀଙ୍କ ନିମନ୍ତେ ଉପଲବ୍ଧ ସମସ୍ତ ସୁବିଧା ସୁଯୋଗ ସଂପର୍କରେ ଆଲୋକପାତ କରିବା ସହ ଏଠାକୁ ସଠିକ୍ ରୂପେ ବିନିଯୋଗ କରି ସେମାନେ କିଭଳି ସଫଳ ହୋଇପାରିବେ ସେ ସଂପର୍କରେ ଉପଦେଶ ଦେଇଥିଲେ । ଅଧ୍ୟାପିକା ଶ୍ୱେତା ରାଠୋର ମଞ୍ଚ ପରିଚାଳନା କରିଥିବା ବେଳେ ଅଧ୍ୟାପିକା ସରିତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।



# ସହିଦ ଗୋପୀନାଥ ମହାରଣାଙ୍କୁ ଶ୍ରଦ୍ଧାଞ୍ଜଳି

ନିଶ୍ଚିନ୍ତକୋଇଲି,୨୬ ।୭ (ସମିସ):



କାର୍ଗିଲ ଯୁଦ୍ଧକୁ ପୂରିଲାଣି ୨୫ବର୍ଷ । ଦେଶ ମାତୃକାର ରକ୍ଷା ପାଇଁ ଯିଏ ନିଜ ଜୀବନକୁ ତୁଚ୍ଛ ମନେକରି ଉତ୍ସର୍ଗୀକୃତ ଭାବେ ନିଜକୁ ବଳିଦାନ ଦେଇ ସହିଦ୍ ହୋଇଥିଲେ ସେମାନଙ୍କ ମଧ୍ୟରେ ବୀର ଯବାନ୍ ଗୋପୀନାଥ ମହାରଣା ହେଉଛନ୍ତି ଅନ୍ୟତମ । ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନସ୍ଥ ଜନାର୍ଦ୍ଦନପୁର ଗ୍ରାମରେ ଗୋପିନାଥ ଜନ୍ମଗ୍ରହଣ କରିଥିଲେ । କାର୍ଗିଲ ଯୁଦ୍ଧରେ ଓଡ଼ିଶାର ପ୍ରଥମ ସହିଦ୍ ହେବା ପରେ ତାଙ୍କୁ ନେଇ ଜନ୍ମମାଟି ଗୌରବାନ୍ୱିତ ହୋଇଥିଲା । ଗୋପୀନାଥ ୧୮ବର୍ଷ ବୟସରେ ସେନାବାହିନୀରେ ଯୋଗ ଦେଇ ୫୨୮ ବାଟାଲିୟନରେ ଡ୍ରାଇଭର ଭାବେ କାର୍ଯ୍ୟ କରୁଥିଲେ । ୧୯୯୯ ମସିହା ମେ ମାସରେ ହୋଇଥିବା ଭାରତ ଓ ପାକିସ୍ତାନ ମଧ୍ୟରେ କାର୍ଗିଲ ଯୁଦ୍ଧ ସମୟରେ ଗାଡ଼ିରେ ଅସ୍ତ୍ରଶସ୍ତ୍ର ଓ ଗୋଳାବାରୁଦ ନେଇ ଯାଉଥିଲା ବେଳେ ଶତ୍ରୁଙ୍କ ଗୁଳିରେ ସହିଦ୍ ହୋଇଥିଲେ । ମାତ୍ର ୨୩ବର୍ଷ ବୟସରେ ଦେଶ ମାତୃକାର ପାଇଁ ଜୀବନ ଦେଇ ଯୁବ ସମାଜକୁ ଦେଶପ୍ରେମ ଭାବର ପ୍ରେରଣା ସାଜିଥିଲେ । ସେତେବେଳେ ପୁଅକୁ ହରାଇ ପିତା ଯଦୁମଣୀ ମହାରଣା ଓ ମାତା ଝୁମୁରୀ ମହାରଣା ଦୁଃଖରେ ମ୍ରିୟମାଣ ହୋଇଥିଲେ ମଧ୍ୟ ପୁଅର ଏଭଳି ବୀରତ୍ୱ ପାଇଁ କାଳ କାଳ ପାଇଁ ଇତିହାସର ସ୍ୱର୍ଣ୍ଣିମ ଅକ୍ଷରରେ ଲିପିବଦ୍ଧ ହୋଇ ରହିଯିବାରୁ ପରିବାର ଲୋକେ ଗର୍ବ ଅନୁଭବ କରିଥିଲେ । ଆଜି ଜୁଲାଇ ୨୬ ତାରିଖ କାର୍ଗିଲ ବିଜୟ ଦିବସ ଅବସରରେ ସହିଦ୍ ବୀର ଯବାନ୍ ଗୋପୀନାଥଙ୍କୁ ତାଙ୍କ ଜନ୍ମମାଟି ଝୁରୁଛି । ଏହି ଅବସରରେ ଜନ୍ମମାଟିରେ ହୋଇଥିବା ଗୋପୀନାଥଙ୍କ ପ୍ରତିମୂର୍ତ୍ତିରେ ବହୁ ବିଶିଷ୍ଟ ବ୍ୟକ୍ତି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଛନ୍ତି ।

## ଦେବ୍ ମହାନ୍ତି ସ୍କୁଲରେ କାର୍ଗିଲ ବିଜୟ ଦିବସ



ନିଶ୍ଚିନ୍ତକୋଇଲି,୨୬ ।୭ (ସମିସ): ଖଣ୍ଡସାହିଠାରେ ଥିବା ଡ. ଦେବ୍‌ମହାନ୍ତି ପବ୍ଲିକ୍ ସ୍କୁଲରେ କାର୍ଗିଲ ବିଜୟ ଦିବସ ପାଳିତ ହୋଇଛି । ସ୍କୁଲ ଅଧ୍ୟକ୍ଷ ଶ୍ରୀନିବାସ ମିଶ୍ରଙ୍କ ସଂଯୋଜନାରେ ବିଦ୍ୟାଳୟର ୩୦ରୁ ଊର୍ଦ୍ଧ୍ୱ ଛାତ୍ର ଆର୍ମି ପୋଷାକ ଧାରଣ କରି ସୈନିକଙ୍କ ବିଭିନ୍ନ କାର୍ଯ୍ୟକଳାପ ପ୍ରଦର୍ଶିତ କରିଥିଲେ । ଏ ଅବସରରେ ଓଡ଼ିଶାର ପ୍ରଥମ ସହିଦ୍ ଯବାନ ଗୋପୀନାଥ ମହାରଣାଙ୍କ ମାତା ଝୁମୁରୀ ମହାରଣାଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପୁଲିସ ଏସଆଇ ଚିନ୍ମୟୀ କର, ଅବସରପ୍ରାପ୍ତ ସୁବେଦାର ମେଜର ପ୍ରଦୀପ ବାରିକ, ସୁବେଦାର ରାଜେଶ ଷଡ଼ଙ୍ଗୀ, ଶିକ୍ଷାବିତ୍ ଫକୀରଚରଣ ନାୟକ, ଯୁଗ୍ମ ସମ୍ପାଦକ ଆଡ଼ଭୋକେଟ ମନୋଜ ସାମଲ, ଲୋକସମ୍ପର୍କ ଅଧିକାରୀ ସନ୍ଦୀପ ସାମନ୍ତରାୟ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଏଥିରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ଉପସ୍ଥିତ ଥିଲେ । ଶିକ୍ଷୟିତ୍ରୀ ଶିଖାସରିତା ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।



**ଚୌଦ୍ୱାର:** ବିଜେପି ଚୌଦ୍ୱାର ମଣ୍ଡଳ ତରଫରୁ କାରଗିଲ ବିଜୟ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଚୌଦ୍ୱାର ପୌରପାଳିକା ନୂଆସାହିଠାରେ ଥିବା କାରଗିଲ ସହିଦ୍ ରାଜକିଶୋର ସାହୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ସହିତ ସ୍ମୃତିଚାରଣ କରାଯାଇଥିଲା । ଜିଲ୍ଲା ଉପସଭାପତି ପ୍ରଶାନ୍ତ କୁମାର ହୋତା, ଜିଲ୍ଲା ସଂପାଦକ ବୈରାଗୀ ଚରଣ ପ୍ରଧାନ, ପ୍ରକାଶଚନ୍ଦ୍ର ବଡଜେନା, ସନ୍ତୋଷ କୁମାର ବେହେରା, ଚିନ୍ମୟ ବେହେରା, ହଂସଚରଣ ସାହୁ, ପଦ୍ମଚରଣ ବେହେରା, ସୁଧିର ପ୍ରଧାନ, ପ୍ରଦୀପ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ଅନୁରୂପ ଭାବେ ସ୍ଥାନୀୟ କାଉନସିଲର ଆଶୁତୋଷ ଦାସ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।

## ବିଭିନ୍ନ ଅନୁଷ୍ଠାନ ପକ୍ଷରୁ କାର୍ଗିଲ ବିଜୟ ଦିବସ



ସାଲେପୁର, ୨୬ ।୭ (ସମିସ): ସାଲେପୁର ଅଞ୍ଚଳର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ କାର୍ଗିଲ୍ ବିଜୟ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ସାଲେପୁର ଅଞ୍ଚଳର ଅବସରପ୍ରାପ୍ତ ସୈନିକ ସଂଘ ପକ୍ଷରୁ ଓଡ଼ିଶାର ପ୍ରଥମ କାର୍ଗିଲ୍ ଶହିଦ୍ ଗୋପୀନାଥ ମହାରଣଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ସଂଘର ଉପସଭାପତି ଡ଼ଃ ଚିତରଞ୍ଜନ ପଣ୍ଡା ସହିଦ ଗୋପୀନାଥ ମହାରଣାଙ୍କ ପୈତୃକ ଗ୍ରାମ ଜନାର୍ଦ୍ଦନପୁରଠାରେ ପହଞ୍ଚି ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ଗୌରାଙ୍ଗ ଚରଣ ହୋତା, ଆର୍ତ୍ତତ୍ରାଣ ନନ୍ଦ, ଅଜୟ ବିଶ୍ୱାଳ, ପ୍ରିୟନାଥ ପରିଡା, ଶୁଭେନ୍ଦୁ ରଣା, ବିଜୟ ବରାଳ, ଶଶିକାନ୍ତ ଦାଶ, ଉମାକାନ୍ତ ଦାଶ, ପ୍ରଶନ୍ନ କୁମାର ମିଶ୍ର, ପ୍ରମୋଦ ସାହୁ, ଦୀପକ ଦାଶ, ଅଜିତ୍ ନାଥଶର୍ମା, ଧନେଶ୍ୱର ସାମଲଙ୍କ ସମେତ ବହୁ ଅବସର ପ୍ରାପ୍ତ ସୈନିକ ମାନେ ଉପସ୍ଥିତ ଥିଲେ । ସେହିପରି ବାଲୁଙ୍କେଶ୍ୱର ମନ୍ଦିର ପରିସରରେ ବିଜୟାନନ୍ଦ ଯୁବ ପରିଷଦ ଓ ରୋଟ୍ରାକ୍ଟ କ୍ଲବ୍ ଅଫ୍ ବିରୁପା ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭାରତୀୟ ବାୟୁସେନାର ଅବସରପ୍ରାପ୍ତ କନିଷ୍ଠ ୱାରେଣ୍ଟ ଅଧିକାରୀ ପବିତ୍ର ମୋହନ ସାହୁ ଯୋଗ ଦେଇଥିଲେ । ମନ୍ଦିରର ମ୍ୟାନେଜିଙ୍ଗ୍ ଟ୍ରଷ୍ଟି ନାରାୟଣ ଦାସ, ପ୍ରାକ୍ତନ ଶିକ୍ଷୟିତ୍ରୀ ଜ୍ୟୋତ୍ରିମୟୀ ମିଶ୍ର ଉପସ୍ଥିତ ଥିଲେ । ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ସହିଦ୍ ଯବାନଙ୍କର ସ୍ମୃତିରେ ଦୀପଦାନ କରାଯାଇଥିଲା । ବିଜୟାନନ୍ଦ ଯୁବ ପରିଷଦର ସମ୍ପାଦକ ବିଶ୍ୱରଂଜନ ସାହୁଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

● ଜଳଯୋଗାଣ ପ୍ରକଳ୍ପ ନିର୍ମାଣକୁ ୩ ବର୍ଷ ବିତିଲା

# ଏଯାଏଁ ହେଲାନି କାର୍ଯ୍ୟକ୍ରମ; ପାଣି ପାଇଁ ଲୋକେ ହନ୍ତସନ୍ତ

ଗଣିଆ,୨୬।୭(ସମିସ): ଗାଁ ଗାଁରେ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ



କରାଯାଇଛି। ଏହି ଜଳଯୋଗାଣ ପ୍ରକଳ୍ପ ମାଧ୍ୟମରେ ବୋରିଂ ନିର୍ମାଣ କରି ଗାଁ ଗୁଡିକରେ ବାସ କରୁଥିବା ଜନସାଧାରଣଙ୍କୁ ଜଳଯୋଗାଇବା ଫଳରେ ଅନେକ ସ୍ଥାନରେ ଜଳସଙ୍କଟ ଦୂର ହେଉଛି। ଏଥିପାଇଁ ଜଳଯୋଗାଣ ବିଭାଗ ତରଫରୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଉଛି। କିନ୍ତୁ ରାଜ୍ୟର ଏଭଳି ଅନେକ ସ୍ଥାନ ଅଛି ଯେଉଁଠି ପ୍ରକଳ୍ପ ନିର୍ମାଣ କରାଯାଇଛି ସତ କିନ୍ତୁ କାର୍ଯ୍ୟକାରୀ ହୋଇପାରୁନି। ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକ କିଶୋର ପ୍ରସାଦ ପଞ୍ଚାୟତ କାଳିଆପଡା ଠାରେ କିଶୋର ପ୍ରସାଦ-୨ ଜଳଯୋଗାଣ ପ୍ରକଳ୍ପ ନିର୍ମାଣ କରାଯାଇଛି। ୨୦୨୨ ମସିହାରୁ ଏହି ପ୍ରକଳ୍ପ ନିର୍ମାଣ କରାଯାଇ ଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ। ଫଳରେ ସରକାରଙ୍କର ଏହି ଜନହିତକର ଯୋଜନାର ଲକ୍ଷ୍ୟ ସାଧନ ହୋଇପାରୁନାହିଁ। ପ୍ରକଳ୍ପ ନିର୍ମାଣ କରାଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ବିଦ୍ୟୁତ୍ ସଂଯୋଗ ହୋଇପାରିନାହ। ଗାଁରେ ଷ୍ଟାଣ୍ଡ ପୋଷ୍ଟ ମଧ୍ୟ ନିର୍ମାଣ ସରିଯାଇଛି କିନ୍ତୁ ଜଳଯୋଗାଣ ହୋଇପାରୁନାହ। ଏହି ପ୍ରକଳ୍ପ କାର୍ଯ୍ୟକାରୀ ନହେବାରୁ କିଶୋର ପ୍ରସାଦ ଜଳଯୋଗାଣ ପ୍ରକଳ୍ପରୁ କାଳିଆପଡା ଗ୍ରାମକୁ ପାଣି ଯୋଗାଇ ଦିଆଯାଉଥିବା ବେଳେ ତାହା ସମୁଦ୍ରକୁ ଶଙ୍ଖେ ଭଳି ମନେ ହେଉଛି। ଫଳରେ ଗ୍ରାମବାସୀ ଠିକରେ ପାଣି ଟୋପେ ପାଇ ପାରୁ ନାହାନ୍ତି। ନିର୍ମାଣାଧୀନ ପ୍ରକଳ୍ପଟିରେ ଅନାବନା ଗଛଲତା ଉଠି ଭୂତକୋଠି ପାଲଟିଗଲାଣି। ତୁରନ୍ତ ଉକ୍ତ ପ୍ରକଳ୍ପଟିକୁ କାର୍ଯ୍ୟକ୍ଷମ କରାଗଲେ ଗ୍ରାମବାସୀ ଉପକୃତ ହୋଇପାରିବେ ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି।

# କାଗଜକଲମରେ ମୁଖ୍ୟମନ୍ତ୍ରୀ ମକା ମିଶନ ଯୋଜନା

# ମାଣ୍ଡିଆ କେଳେଙ୍କାରୀ ଏନ୍‌ଜିଓକୁ ମକା ଦାୟିତ୍ୱ

ପ୍ରସ୍ତୁତ ହେଉଛି ଭୂତ ଚାଷୀ ତାଲିକା | ଯୋଜନା କାର୍ଯ୍ୟକାରିତା ନେଇ ପ୍ରଶ୍ନ

ନୟାଗଡ଼,୨୬।୭(ସମିସ)

ନୟାଗଡ଼ ଜିଲ୍ଲାରେ କୃଷି ବିଭାଗରେ ବ୍ୟାପକ କେଳେଙ୍କାରୀ ହେଉଥିବା ବେଳେ ଚାଷୀଟିଏ ସର୍ବନିମ୍ନ ସୁବିଧା ପାଇବାରୁ ବଞ୍ଚିତ ହେଉଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଯୋଜନା ପରେ ଯୋଜନା ପଣାୟନ କରାଯାଉଥିବା ବେଳେ ବାସ୍ତବତା କିନ୍ତୁ ଭିନ୍ନ ବୋଲି ଅନୁଭବ ହେଉଛି। ନୟାଗଡ଼ ଜିଲ୍ଲାରେ ମିଲେଟ୍ ମିଶନ ତଥା ଶ୍ରୀଅନ୍ନ ଅଭିଯାନ କେଳେଙ୍କାରୀରେ ସମ୍ପୃକ୍ତ ଦୁଇଟି ଏନ୍‌ଜିଓକୁ ମୁଖ୍ୟମନ୍ତ୍ରୀ ମକା ମିଶନ ଯୋଜନା ଦାୟିତ୍ୱ ଦିଆଯାଇଛି। ମକା ମିଶନ କାର୍ଯ୍ୟକାରୀ ହେବା ପୂର୍ବରୁ ଦୁଇ ଏନ୍‌ଜିଓ ଏବେ ଭୂତ ଚାଷୀ ଯୋଗାଡ଼ରେ ଲାଗି ପଡ଼ିଥିବା ଜଣାପଡ଼ିଛି। ନୟାଗଡ଼ ଜିଲ୍ଲାରେ ଗତବର୍ଷଠାରୁ ଆରମ୍ଭ ହୋଇଥିବା ଏହି ମକା ମିଶନ କାର୍ଯ୍ୟକ୍ରମରେ ଚଳିତ ବର୍ଷ ତଥା ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଦୁଇଟି ବ୍ଲକ ୧୫ଟି ପଞ୍ଚାୟତକୁ ସାମିଲ କରାଯାଇଛି। ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକର ୮ଟି ପଞ୍ଚାୟତକୁ ମକା ମିଶନ ଯୋଜନାରେ ସାମିଲ କରାଯାଇଥିବା ବେଳେ ୩ ଶହ ହେକ୍ଟର ଜମିରେ ଚାଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ୬୧୧ ଜଣ ଚାଷୀ ଚାଷ କରିବାକୁ ଆଗ୍ରହୀ ଥିବା କୃଷି ବିଭାଗ ତଥ୍ୟରୁ ସୂଚନା ମିଳିଛି। ତେବେ ଏହି ମକା ମିଶନ କାର୍ଯ୍ୟକ୍ରମରେ ଓଡ଼ଗାଁ ବ୍ଲକ ଦାୟିତ୍ୱ ନିଗମ ନାମକ ଏନ୍‌ଜିଓକୁ ଦିଆଯାଇଛି। ସେହିଭଳି ଭାବେ ଦଶପଲ୍ଲା ବ୍ଲକର ୭ଟି ପଞ୍ଚାୟତକୁ ମକା ମିଶନ ଯୋଜନା ପାଇଁ ଚୟନ କରାଯାଇଥିବା ବେଳେ ୬୦୬ ଜଣ ଚାଷୀ ଚାଷ କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ଏହି ଚାଷୀମାନେ ୩ ଶହ ହେକ୍ଟର ଜମିରେ ଚାଷ କରିବେ ବୋଲି ଜଣାପଡ଼ିଛି।

ଦଶପଲ୍ଲା ବ୍ଲକରେ ମକା ମିଶନ ଦାୟିତ୍ୱ ଇକୋ ସଲ୍ୟୁସନ୍ ନାମକ ସଂସ୍ଥାକୁ ଦିଆଯାଇଛି। ଏହି ଦୁଇ ଏନ୍‌ଜିଓ ମାଣ୍ଡିଆ କେଳେଙ୍କାରୀରେ ସମ୍ପୃକ୍ତ ଥିବା ବେଳେ କିଭଳି ଦୁଇ ଏନ୍‌ଜିଓକୁ ମକା ମିଶନ ପାଇଁ ପୁଣି ଚୟନ କରାଯାଇଛି ବୋଲି ପ୍ରଶ୍ନ ଉଠିଛି। ନିଗମ ନାମକ ସଂସ୍ଥା ୨୦୨୪-୨୫ ଆର୍ଥିକ ବର୍ଷରେ ଭାପୁର ବ୍ଲକରେ ମାଣ୍ଡିଆ ଦାୟିତ୍ୱ ନେଇଥିଲା। ସେହିଭଳି ଭାବେ ଇକୋ ସଲ୍ୟୁସନ୍ ଓଡ଼ଗାଁ ବ୍ଲକରେ ମାଣ୍ଡିଆ ଦାୟିତ୍ୱ ନେଇଥିଲା। ଚାଷ ନକରି ଚାଷୀଙ୍କ ନାଁରେ ସହାୟତାକୁ ଦୁଇ ଏନ୍‌ଜିଓ ଲୁଟ୍ କରିଥିବା ନେଇ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଯାହାର ତଦନ୍ତ ମଧ୍ୟ କରାଯାଇଛି। ତଥାପି ଏହି ଦୁଇ ଏନ୍‌ଜିଓକୁ ପୁଣି ମକା ମିଶନ ପାଇଁ ଚୟନ କରାଯିବା ଜିଲ୍ଲାବାସୀଙ୍କୁ ଚିନ୍ତାରେ ପକାଇଛି। କୃଷି ବିଭାଗ ଅଧିକାରୀଙ୍କୁ ହାତ କରି ଏନଜିଓମାନେ ଦାୟିତ୍ୱ ମୁଣ୍ଡାଇ ଚାଷୀଙ୍କ ନାଁରେ ସରକାରଙ୍କୁ ଲୁଟ କରୁଥିବା ଅଭିଯୋଗ ହୋଇଛି। ମକା ମିଶନ ଯୋଜନାରେ କୃଷି ବିଭାଗ ଚାଷୀଙ୍କୁ ମାଗଣ ବିହନ ଯୋଗାଇ ଦେବାକୁ ବ୍ୟବସ୍ଥା କରୁଛି। ଏହା ସହିତ ଚାଷୀ ସାର, ଔଷଧ କ୍ରୟ ଉପରେ ରାଜ୍ୟ ସରକାର ସବସିଡ୍ ଦେବେ ବୋଲି ସୂଚନା ମିଳିଛି। ଚାଷୀଙ୍କ ନାଁରେ ଏହି ଦୁଇ ଏନଜିଓ ବାରମ୍ବାର ହରିଲୁଟ କରୁଥିବାରୁ ସେମାନଙ୍କୁ ମକା ମିଶନ ଯୋଜନାରୁ ହଟାଇବା ପାଇଁ ଦାବି ହେଉଛି।

# କାର୍ଗିଲ ବିଜୟ ଦିବସ ପାଳିତ



ଓଡ଼ଗାଁ,୨୬।୭(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ପନ୍ତିଖାରୀ ପଞ୍ଚାୟତ ମଶାବାରୀ ଗାୟତ୍ରୀ ବିଦ୍ୟାମନ୍ଦିରେ କାରଗିଲ ବିଜୟ ଦିବସ ପାଳିତ ହୋଇଯାଇଛି। ବିଦ୍ୟାମନ୍ଦିର ପ୍ରତିଷ୍ଠାତା ଅଶୋକ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ଆଦର୍ଶ କୁମାର ପଟ୍ଟନାୟକ ଏବଂ ଓଡ଼ଗାଁ ଥାନା ଏସ୍ଆଇ ଚକ୍ରଧର ସିଂ ଯୋଗ ଦେଇଥିଲେ। ଅଧକ୍ଷ ବୀରେନ୍ଦ୍ର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଶିକ୍ଷକ ଭେଙ୍କଟସ୍ୱାମୀ ପାଣିଗ୍ରାହୀ, ନାରାୟଣ ପ୍ରଧାନ, ସଞ୍ଜୁଲତା ମିଶ୍ର, ଅମିତା ଦାଶ, ସସ୍ମିତା ପାଣିଗ୍ରାହୀ, ପ୍ରଭାତୀ ତ୍ରିପାଠୀ, ପ୍ରଭାତୀ ଖଣ୍ଡା, ସନ୍ତୋଷିନୀ ସାହୁ ପ୍ରମୁଖ ସହଯୋଗ କରିଥିଲେ।

ନୟାଗଡ଼ ପୌର ପରିଷଦ

# କଲ୍ୟାଣ ମଣ୍ଡପ ଲିଜ୍ ଅବଧି ବୃଦ୍ଧିକୁ ନେଇ ଅସନ୍ତୋଷ

ନୟାଗଡ଼,୨୬।୭(ସମିସ): ନୟାଗଡ଼ ପୌର ପରିଷଦ ଅଧୀନରେ ରହିଥିବା ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ଲିଜ ଅବଧି ବୃଦ୍ଧିକୁ ନେଇ ସରକାରୀ ଦଳ ଓ ଜନସାଧାରଣଙ୍କ ମଧ୍ୟରେ ଚାପା ଅସନ୍ତୋଷ ଦେଖାଯାଇଛି। ୨୦୨୦ ମସିହାରେ ୩ ବର୍ଷ ପାଇଁ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ଲିଜ ଦିଆଯିବାକୁ ଟେଣ୍ଡର ହୋଇଥିଲା। ଏହାକୁ ୧୧ ଲକ୍ଷ ୯୩ ହଜାର ୧୦୦ ଟଙ୍କାରେ ତିନିବର୍ଷ ପାଇଁ ଲିଜ୍ ଦିଆଯାଇଥିଲା। ୨୦୨୦ ଓ ୨୦୨୧ ମସିହାରେ କରୋନା ମହାମାରୀ ପାଇଁ ସାମାଜିକ କାର୍ଯ୍ୟକ୍ରମକୁ ବାରଣ କରାଯାଇଥିଲା। ଫଳରେ ଲିଜ୍ ଧାରୀଙ୍କୁ ଅତିରିକ୍ତ ଦୁଇ ବର୍ଷ ସମୟ ଦିଆଯାଇଥିଲା। ୨୦୨୫ ମେ' ୩୧ ତାରିଖରେ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ଲିଜ୍ ଶେଷ ହେଉଥିବା ବେଳେ ଉକ୍ତ ଲିଜ ଧାରୀଙ୍କୁ ପୁନଃ ଏକ ବର୍ଷ ପାଇଁ ଲିଜ୍ ଦିଆଯିବାକୁ ପୌର ପରିଷଦରେ ନିଷ୍ପତ୍ତି ନିଆଯାଇଛି। ଏନେଇ ଗତ ଅପ୍ରେଲ ମାସ ବୈଠକରେ ଆଲୋଚନା ହୋଇ ନିଷ୍ପତ୍ତି ଗ୍ରହଣ ହୋଇଥିବା ବେଳେ ଗତ ବୈଠକରେ ଉକ୍ତ ପ୍ରସ୍ତାବକୁ ଦୃଢ଼ି କରଣ କରାଯାଇଛି। ଯାହାକୁ ନେଇ ସରକାରୀ ଦଳ ଓ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି। ଲିଜଧାରୀଙ୍କୁ କରୋନା ପାଇଁ ଅତିରିକ୍ତ ଦୁଇ ବର୍ଷ ସମୟ ଦିଆ ଯାଇଥିବା ବେଳେ କଲ୍ୟାଣ ମଣ୍ଡପକୁ ପୁନଃ ଟେଣ୍ଡର କରାନଯାଇ କାହିଁକି ପୌର ପରିଷଦ ପକ୍ଷରୁ ଲିଜ ଅବଧିକୁ ବୃଦ୍ଧି କରାଗଲା ବୋଲି ପ୍ରଶ୍ନ ଉଠିଛି।

## ମହାପୁରୁଷଙ୍କ ନାମରେ ରାସ୍ତାର ନାଁ

ନୟାଗଡ଼ ପୌର ପରିଷଦ ପକ୍ଷରୁ ସହରର ୧୮ଟି ରାସ୍ତାକୁ ମହାପୁରୁଷଙ୍କ ନାମରେ ନାମିଲ କରାଯାଇଛି। ସେଗୁଡ଼ିକ ମଧ୍ୟରେ ନୟାଗଡ଼ ଗୋଲେଇ ଛକଠାରୁ ପିଟିଏସ୍ ପର୍ଯ୍ୟନ୍ତ ରାସ୍ତାକୁ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ନାମରେ ନାମିତ କରାଯାଇଛି। ସେହିଭଳି ଭାବେ ଗୋଲେଇ ଛକଠାରୁ ଇଟାମାଟି ପର୍ଯ୍ୟନ୍ତ ରାସ୍ତାକୁ ଯଦୁମଣି ମାର୍ଗ, ଖଣ୍ଡପଡ଼ା ରାସ୍ତାକୁ ପଠାଣି ସାମନ୍ତ ମାର୍ଗ, ଦେବୋତ୍ତର କଲୋନୀ ୫ମ ଲେନାଠାରୁ କଇଥଗାଡ଼ିଆ ପର୍ଯ୍ୟନ୍ତ ରାସ୍ତାକୁ ସହିଦ୍ ରଘୁ-ଦିବାକର ମାର୍ଗ, ଗୋଲେଇ ଛକଠାରୁ ନୂଆ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ରାସ୍ତାକୁ ସଂଗ୍ରାମୀ ଗୋବିନ୍ଦ ଚନ୍ଦ୍ର ମିଶ୍ର ମାର୍ଗ, ପୂର୍ତ୍ତ ବିଭାଗ କାର୍ଯ୍ୟାଳୟଠାରୁ ରେଳଷ୍ଟେସନ ପର୍ଯ୍ୟନ୍ତ ରାସ୍ତାକୁ ଶହୀଦ୍ କଷ୍ଟି ଡାକୁଆ ମାର୍ଗ, ପିଟିଏସ୍ ଛକଠାରୁ ଲେଙ୍କୁଡ଼ିପଡ଼ା ପର୍ଯ୍ୟନ୍ତ ରାସ୍ତାକୁ ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମାଙ୍କ ନାମରେ ସଦାନନ୍ଦ ମାର୍ଗ କରାଯାଇଛି। ଲେଙ୍କୁଡ଼ିପଡ଼ା କଲ୍ୟାଣମଣ୍ଡପଠାରୁ ଧବଳେଇ ପର୍ଯ୍ୟନ୍ତ ରାସ୍ତାକୁ ବିନାୟକ ମିଶ୍ର ମାର୍ଗ, ପୁରୁଣା ସହର ବ୍ରାହ୍ମଣସାହିଠାରୁ ପଶ୍ଚିମ ୟୁପି ସ୍କୁଲ ପର୍ଯ୍ୟନ୍ତ ଗୋବିନ୍ଦଚନ୍ଦ୍ର ଶୂରଦେଓ ମାର୍ଗ, ଓଡ଼ଗାଁ ଛକଠାରୁ କଚେରି ବଜାର ପ୍ରତିମୂର୍ତ୍ତୀ ପର୍ଯ୍ୟନ୍ତ ଦାଶିଆ ଅଜା ମାର୍ଗ, ଜିଲ୍ଲା ପାଠାଗାରଠାରୁ ସାଗରପୋଖରୀ ଦେଇ ଦକ୍ଷିଣକାଳୀ ପର୍ଯ୍ୟନ୍ତ ବିଧାର ସାମନ୍ତ ମାର୍ଗ, ରାମସାହୁ ଗଳିଠାରୁ ପୁରୁଣା ହଷ୍ଟେଲ ପର୍ଯ୍ୟନ୍ତ ଗଙ୍ଗସାଗର ବାଞ୍ଛାନିଧି ସାହୁ ମାର୍ଗ, ତ୍ରିନାଥ ଛକଠାରୁ ନୂଆରାଜବାଟି ପର୍ଯ୍ୟନ୍ତ ରାଜା କୃଷ୍ଣଚନ୍ଦ୍ର ମାର୍ଗ, ଜଗନ୍ନାଥ ମନ୍ଦିରଠାରୁ ଡିଆର୍‌ଡିଏ ପର୍ଯ୍ୟନ୍ତ ରଘୁନାଥ ଦାସ ମାର୍ଗ, ମହିଳା ମହାବିଦ୍ୟାଳୟ ରାସ୍ତାକୁ ଶ୍ରୀଧର ଦାଶ ମାର୍ଗ, ସିନ୍ଦୁରିଆଠାରୁ ପାଟଚଣ୍ଡି ମନ୍ଦିର ଦେଇ ମହିଳା ମହାବିଦ୍ୟାଳୟ ପର୍ଯ୍ୟନ୍ତ ମାର୍ଗ ବାଞ୍ଛାନିଧି ସେନାପତି ମାର୍ଗ, ମହିଳା ମହାବିଦ୍ୟାଳୟ ପଛପାଖ ରାସ୍ତାକୁ ଲକ୍ଷ୍ମଣ ମହାରଣା ମାର୍ଗ ନାମରେ ନାମିତ କରାଯାଇଛି। ଏନେଇ ପୌର ପରିଷଦ ପକ୍ଷରୁ ଅନୁଷ୍ଠିତ ସାଧାରଣ ପରିଷଦ ବୈଠକରେ ପ୍ରସ୍ତାବ ଗୃହିତ ହୋଇଛି।

● କାଉଡ଼ିଆଙ୍କ ଅଟୋ ଦୁର୍ଘଟଣା ଘଟଣା

# ମୃତ୍ୟୁ ସଂଖ୍ୟା ୩କୁ ବୃଦ୍ଧି

ନୟାଗଡ଼/ଶରଣକୁଳ,୨୬।୭(ସମିସ): କାଉଡ଼ିଆଙ୍କ ଅଟୋ ଓ ପିକଅପ୍ ଦୁର୍ଘଟଣା ଘଟଣାରେ ଆଉ ଜଣଙ୍କ ମୃତ୍ୟୁ ହୋଇଯାଇଛି। ଫଳରେ ମୋଟ ମୃତ୍ୟୁ ସଂଖ୍ୟା ୩କୁ ବୃଦ୍ଧି ପାଇଛି। ମୃତକ ହେଲେ ଅଟୋଚାଳକ ଘନଶ୍ୟାମ ପଢ଼ିଆରୀ। ସୂଚନା ଅନୁସାରେ ଗତ ରବିବାର ୭ ଜଣ କାଉଡିଆଙ୍କୁ ନେଇ ନୟାଗଡ଼ ପଟୁ ଆସୁଥିବା ଏକ ଅଟୋ ଶରଣକୁଳ ଥାନା ଅନ୍ତର୍ଗତ କଲ୍ୟାଣପୁର ସ୍କୁଲ ନିକଟରେ ଏକ ପିକ୍‌ଅପ୍ ସହ ଧକ୍କା ହୋଇଥିଲା। ଘଟଣା ସ୍ଥଳରେ କଟରାଝରି ଗ୍ରାମର ପୂଜା ସ୍ୱାଇଁ ନାମକ ଜଣେ କାଉଡିଆଙ୍କୁ ମୃତ୍ୟୁ ହୋଇଥିଲା। ଅନ୍ୟମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଘଟଣାର ୨ ଦିନ ପରେ ବିଟଳଗାଡ଼ିଆ ଗ୍ରାମର ରମା ଦାସଙ୍କ ମୃତ୍ୟୁ ହୋଇଯାଇଥିଲା। ତେବେ ଗତକାଲି ରାତିରେ ଅଟୋ ଚାଳକ ପାଣିପୋଇଲା ଗ୍ରାମର ଘନଶ୍ୟାମ ପଢ଼ିଆରୀଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ଦୁର୍ଘଟଣାରେ ଆହତ ହୋଇଥିବା ଖୋର୍ଦ୍ଧା ସ୍ୱପ୍ନେଶ୍ୱରପୁର ଗ୍ରାମର ଗୀତାଞ୍ଜଳୀ ସୁନ୍ଦରାୟ, ବଡଦେଶ ହରିପୁର ଗ୍ରାମର ଝରଣା ପ୍ରଧାନ ଓ ଦୀପକ ପ୍ରଧାନ, କଟକ ଜିଲ୍ଲା ନରସିଂହପୁରର ରିଙ୍କି ଗୁରୁ, ସିଙ୍ଗାରପୁର ଗ୍ରାମର ସାହିଲ ପ୍ରଧାନ ଏବେ ଚିକିତ୍ସାଧିନ ଥିବା ଜଣାପଡିଛି।

# ଧର୍ମପରାୟଣା ମହିଳାଙ୍କ ପରଲୋକ



ଖଣ୍ଡପଡ଼ା,୨୬।୭(ସମିସ): ଖଣ୍ଡପଡ଼ା ସହରାଞ୍ଚଳ ଅଧୀନ ୨ନଂ. ୱାର୍ଡର ଧର୍ମ ପରାୟଣା ମହିଳା ତଥା ସ୍ୱର୍ଗତ ଅରୁଣ କୁମାର ପ୍ରଧାନଙ୍କ ପତ୍ନୀ ହାରାମଣି ପ୍ରଧାନ (୭୧)ଙ୍କ ଶନିବାର ସକାଳେ ପରଲୋକ ହୋଇଯାଇଛି। ଗତ କିଛିଦିନ ଧରି ସେ ଅସୁସ୍ଥ ଥିଲେ। ପୁରୀ ସ୍ୱର୍ଗଦ୍ୱାର ଠାରେ ଆତ୍ମୀୟସ୍ୱଜନଙ୍କ ଉପସ୍ଥିତରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡ଼ପୁଅ ସୂର୍ଯ୍ୟନାରାୟଣ ପ୍ରଧାନ ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତା ପ୍ରଧାନଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକପ୍ରକାଶ ପାଇଛି।

# ରାଜରାସ୍ତାରେ ବୁଲା ଗାଈଗୋରୁ

ଗଣିଆ,୨୬।୭(ସମିସ): ଗଣିଆରେ ଏବେ ବୁଲା ଗାଈଗୋରୁଙ୍କ ପ୍ରାଦୁର୍ଭାବ ଦେଖିବାକୁ ମିଳିଛି। ଫଳରେ ଯାତାୟାତରେ ବାଧା ସୃଷ୍ଟି ହେଉଛି। ଗାଈଗୋରୁ ରାସ୍ତା ଉପରେ ଶୋଇ ରହିବା ଫଳରେ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ବିଶେଷକରି ଗଣିଆ ବଜାର ଉପରେ ଏହି ସମସ୍ୟା ଲାଗି ରହୁଛି। ଖୋର୍ଦ୍ଧା ଠାରୁ ବଲାଙ୍ଗିର ପର୍ଯ୍ୟନ୍ତ ତିଆରି ହୋଇଥିବା ରାଜ୍ୟ ରାଜପଥ ଗଣିଆ ଦେଇ ଦଶପଲ୍ଲା ସହିତ ସଂଯୋଗ ହୋଇଛି। ଏହି ରାସ୍ତା ଦେଇ ପ୍ରତିଦିନ ଶହ ଶହ ବସ୍, ଟ୍ରକ୍ ଦଶ ଚକିଆ ଯାନ, ଡମ୍ଫର ଆଦି ଯାତାୟାତ କରୁଛି। ତେବେ ଗାଈଗୋରୁ ରାସ୍ତାରେ ଶୋଇ ରହୁଥିବା ହେତୁ ସେମାନଙ୍କୁ ଘଉଡ଼ାଇବା ସମ୍ଭବ ହେଉନାହିଁ। ଅନେକ ସମୟରେ ରାସ୍ତାରେ ଗାଡି ମଟର ଛିଡ଼ାହୋଇ ରାସ୍ତା ଜାମ୍ ହେଉଛି। ଗଣିଆରେ ଦୀର୍ଘ ଦିନ ହେବ କାଞ୍ଜିଆହୁଦା ଭାଙ୍ଗି ଯାଇଥିବାରୁ ରାଜରାସ୍ତା ଏବେ ବୁଲା ଗାଇ ଗୋରୁଙ୍କ ଆଶ୍ରୟସ୍ଥଳୀ ପାଲଟିଛି। ରାତିରେ ଯାଉଥିବା ବସ୍ ଗୁଡିକ ଅନେକ ସମୟରେ ଦୁର୍ଘଟଣାର ଶିକାର ହେଉଛନ୍ତି। ସ୍କୁଲ, କଲେଜ ଯାଉଥିବା ଛାତ୍ର ଛାତ୍ରୀ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ଏବେ ଶ୍ରାବଣ ମାସ ଥିବାରୁ ଗଣିଆର ପ୍ରମୁଖ ଭୋଳେଶ୍ୱର ପୀଠକୁ କାଉଡିଆଙ୍କ ସୁଅ ଛୁଟୁଥିବା ବେଳେ ସେମାନେ ରାସ୍ତାରେ ଗଲା ବେଳେ ଘଣ୍ଟି ଶବ୍ଦ ଶୁଣି ସେମାନଙ୍କୁ ଗୋଡାଉଥିବା ଦେଖିବାକୁ ମିଳିଛି। ପ୍ରଶାସନ ତରଫରୁ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

ଆବଶ୍ୟକତାରୁ ବିକଳ୍ପ ଓ ବିକଳ୍ପରୁ ଜନ୍ମ ପ୍ରକଳ୍ପ

# ପାୱାର ଟିଲରକୁ ନୂଆ ରୂପ ଦେଲେ ଜଗନ୍ନାଥ

ଓଡ଼ଗାଁ,୨୬।୭(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ରୋହିବାଙ୍କ ପଞ୍ଚାୟତ ଭଗବତୀ ପ୍ରସାଦ ଗ୍ରାମର ଚାଷୀ ଜଗନ୍ନାଥ ନାୟକଙ୍କ ଆବଶ୍ୟକତାରୁ ବିକଳ୍ପ ଓ ବିକଳ୍ପରୁ ପ୍ରକଳ୍ପ ନିର୍ମାଣ କରି ସମସ୍ତଙ୍କୁ ଚକିତ କରି ଦେଇଛନ୍ତି। ଚାଷ କାର୍ଯ୍ୟକୁ ସହଜ ସରଳ କରିବା ପାଇଁ ରୋହିବାଙ୍କ ପଞ୍ଚାୟତ ଭଗବତୀ ପ୍ରସାଦ ଗ୍ରାମର ଚାଷୀ ଜଗନ୍ନାଥ ବିଗତ ବର୍ଷ ଗୋଟିଏ ପାୱାର ଟ୍ରିଲର କିଣିଥିଲେ। ଏହାକୁ ଚଳାଇ ଚାଷକାର୍ଯ୍ୟ କରିବା ସମୟରେ ହାଣ୍ଡେଲକୁ ଧରି ବିଲ ମଧ୍ୟରେ ଚାଲିବାକୁ ପଡ଼ିଥିଲା। ଶୁଖିଲା ବିଲଚାଷ କରିବା ଅଲଗା କଥା, ମାତ୍ର ବିଲରେ ଚାଲି ଚାଲି ଜମିକୁ କାଦୁଅ କରିବା ବେଳେ ସେ ହାଲିଆ ହୋଇ ପଡୁଥିଲେ। ଶରୀରକୁ ଅଧିକ କଷ୍ଟ ହେଉଥିଲା। କଷ୍ଟକୁ ଲାଘବ କରିବା ପାଇଁ ତାଙ୍କ ମନରେ ଉଦ୍ୟମ ସୃଷ୍ଟି ହୋଇଥିଲା। ପରିକଳ୍ପିତ ଯୋଜନା



ଅନୁସାରେ କବାଡିଆରୁ ଜଗନ୍ନାଥ ୨ଟି ବାଇକ୍ ଚକ ଆଣି ସେଥିରେ ଟାୟାର ଟିୟୁ ପକାଇ ଲୁହାର ଆଙ୍ଗଲ ଓଲଡିଂ କରି ଏକ ଫ୍ରେମ୍ ପ୍ରସ୍ତୁତ କଲେ। ଫ୍ରେମ୍ ଉପରେ ସିଟ୍ ତିଆରି କରି ତାକୁ ପାୱାର ଟ୍ରିଲର ସହିତ ସଠିକ୍ ଭାବେ ଯୋଡ଼ି ଜମି କାଦୁଅ କାର୍ଯ୍ୟ କଲେ। ଏଥର ଦିନସାରା ଜମିରେ କାଦୁଅ କଲେ ମଧ୍ୟ ଆଉ ହାଲିଆ ହେଲେ ନାହିଁ। ବିନା ଇଞ୍ଜିନିୟରିଂ ଶିକ୍ଷାରେ ନିଜ ଆବଶ୍ୟକତାକୁ ପୂରଣ କରିବା ପାଇଁ ମନରେ ସୃଷ୍ଟି ଉପାୟକୁ ସେ ସାକାର କରିପାରିଛନ୍ତି। ଏଭଳି ସଫଳତା ପ୍ରକାଶ ପାଇବା ପରେ ଏହା ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ପାରିବ ନିଶ୍ଚୟ। ସ୍ଥାନୀୟ ପ୍ରଶାସନ ହେଉ ଅଥବା କୃଷି ବିଭାଗ ଦ୍ୱାରା ତାଙ୍କର ସଫଳତାକୁ ପ୍ରଚାର ପ୍ରସାର କଲେ, ତାହା ଅଧିକ ଲୋକାଭିମୁଖୀ ହୋଇପାରନ୍ତା ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

# ଶିଶୁ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ଓଡ଼ଗାଁ,୨୬।୭(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ସୋଲପଟା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିଶୁ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିଶୁସୁରକ୍ଷା ଅଧିକାରୀ ସିବିୟନ ପ୍ରଧାନଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିଶୁସୁରକ୍ଷା ଅଧିକାରୀ ୧୦୯୮ ଟୋଲ ଫ୍ରି' ନମ୍ବର ବିଷୟରେ ସଚେତନ କରିଥିବା ବେଳେ ଚାଇଲ୍ଡ ହେଲ୍ପ ଲାଇନର କାଉନସିଲର୍ ଚନ୍ଦ୍ରଶେଖର ବେହେରା, କେଶ ୱାର୍କର ଗୌରବ ରାଉତ ୧୦୯୮ ଟୋଲ ଫ୍ରି' ନମ୍ବରର କାର୍ଯ୍ୟକାରିତା, ଶିଶୁ ମାନଙ୍କ ପୃଷ୍ଟପୋଷକତା ଓ ଆଇନର କାର୍ଯ୍ୟକାରିତା ବାଲ୍ୟ ବିବାହ, ଶିଶୁଚାଳନ, ଶିଶୁ ଶ୍ରମିକ, ଆଇନ ସହ ଦ୍ୱନ୍ଦରେ ଥିବା ଶିଶୁମାନଙ୍କର ବିଷୟରେ ଆଲୋକପାତ କରିଥିଲେ। ସୋଲପଟା ସ୍କୁଲର ଶହେରୁ ଅଧିକ ଛାତ୍ର ଛାତ୍ରୀ ମାନଙ୍କୁ ଶିଶୁ ସୁରକ୍ଷା ସମ୍ବନ୍ଧୀୟ ଭିଡ଼ିଓ ପରିବେଷଣ କରାଯାଇଥିଲା। ଛାତ୍ରଛାତ୍ରୀଙ୍କୁ ନେଇ ବାଲ୍ୟ ବିବାହ ନକରିବା ନିମନ୍ତେ ଏକ ଶପଥ ପାଠ କରାଯାଇଥିଲା। ସୋଲପଟା ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ପ୍ରତିମା କୁମାରୀ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଶିକ୍ଷକ ସନ୍ତୋଷ କୁମାର ନନ୍ଦ ସହଯୋଗ କରିଥିଲେ।

# ଡିଜିଟାଲ ମୁଦ୍ରା ବ୍ୟବହାର ସଚେତନତା

ଓଡ଼ଗାଁ,୨୬।୭(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ଗୌଡ଼ପୁଟ ପଞ୍ଚାୟତରେ ସୁଭଦ୍ରା ହିତାଧିକାରୀଙ୍କୁ ନେଇ ଡିଜିଟାଲ ମୁଦ୍ରାର ବ୍ୟବହାର ସଂପର୍କିତ ସଚେତନତା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଓଡ଼ଗାଁ ଷ୍ଟେଟବ୍ୟାଙ୍କ ଶାଖା ପରିଚାଳକ ଲକ୍ଷ୍ମୀଧର ସୁବୁଦ୍ଧି ଏବଂ କ୍ଷେତ୍ରୀୟ ପ୍ରବନ୍ଧକ ଭଗତ୍ ବେହେରା ଯୋଗଦେଇ ଡିଜିଟାଲ ମୁଦ୍ରାର ବ୍ୟବହାର ସଂପର୍କରେ ହିତାଧିକାରୀଙ୍କୁ ଭାବେ ବୁଝାଇଥିଲେ। ସୁଭଦ୍ରା ହିତାଧିକାରୀଙ୍କ ୩ୟ କିସ୍ତି ଅର୍ଥ ଏହି ଆପ ମାଧ୍ୟମରେ ଡିଜିଟାଲ ମୁଦ୍ରା ଭାବେ ସିଧାସଳଖ ପହଁଞ୍ଚିବ। ହିତାଧିକାରୀ ଉକ୍ତ ଆପ ମାଧ୍ୟମରେ ଆସିଥିବା ଅର୍ଥକୁ ଡିଜିଟାଲ ମୁଦ୍ରା ଭାବେ ମୋବାଇଲ ମନିପର୍ସରୁ ଖର୍ଚ୍ଚ କରିପାରିବେ। ଏଥିସହିତ ଉକ୍ତ ଆପ ମାଧ୍ୟମରେ ସୁଭଦ୍ରା ହିତାଧିକାରୀଙ୍କ ୩ୟ କିସ୍ତି ଅର୍ଥ ପହଁଞ୍ଚିଲେ ସେମାନଙ୍କ ପାଇଁ ଅଜଥା ବ୍ୟାଙ୍କ ଝିନଝଟ ରହିବ ନାହିଁ। ଯେଉଁ ହିତାଧିକାରୀ ମାନେ ଏହି ଆପର ବ୍ୟବହାର ଜାଣିପାରିବେ ନାହିଁ, ସେମାନଙ୍କ ନିକଟକୁ ବ୍ୟାଙ୍କ ମାଧ୍ୟମରେ ଅର୍ଥ ପହଁଞ୍ଚିବ। ଆଜିର କାର୍ଯ୍ୟକ୍ରମରେ ଗୌଡ଼ପୁଟ ସରପଞ୍ଚ ତ୍ରିନାଥ ନାଏକ ଯୋଗ ଦେଇଥିବା ବେଳେ କିଓସ୍କ ବ୍ୟାଙ୍କ ଅପରେଟର ପବିତ୍ର କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମଧୁକର୍ଣ୍ଣିକା ପାହାଡ଼ରୁ ଖସୁଛି ମାଟି ଅତଡ଼ା

ଗାର୍ଡୱାଲ୍ ନିର୍ମାଣ ପାଇଁ ଅଞ୍ଚଳବାସୀଙ୍କ ଦାବି

ଖଣ୍ଡପଡ଼ା,୨୬।୭(ସମିସ)

ନୟାଗଡ଼ ଜିଲ୍ଲା ରାଜ୍ୟରେ ପର୍ଯ୍ୟଟନ ସ୍ଥଳୀ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛି। ଜିଲ୍ଲାର କେନ୍ଦ୍ରସ୍ଥଳୀଠାରୁ ଆରମ୍ଭ କରି ଚତୁଃପାର୍ଶ୍ୱରେ ପ୍ରାକୃତିକ ଭରା ଆକର୍ଷଣୀୟ ଚିତ୍ରପଟ ରହିଛି।



ଏହା ସାଙ୍ଗକୁ ପ୍ରମୁଖ ଦେବସ୍ଥଳୀ ଯୋଗୁଁ ଏହି ଜିଲ୍ଲାର ସମ୍ମାନକୁ ଆଉ ପାଦେ ଆଗକୁ ନେଇଛି। ସେହିଭଳି ଜିଲ୍ଲାର ଉତ୍ତର ଦିଗରେ ଥିବା ଖଣ୍ଡପଡା ବ୍ଲକ ଅନ୍ତର୍ଗତ ସିଧାମୂଳା ଗ୍ରାମର ଗୋକୁଳାନନ୍ଦଜୀଉଙ୍କ ମନ୍ଦିର ହେଉଛି ଅନ୍ୟତମ। ଏହି ସ୍ଥାନଟି ଓଡ଼ିଶା ସଂସ୍କୃତି ଓ ପର୍ଯ୍ୟଟନ ବିଭାଗରେ ସ୍ଥାନ ପାଇଥିବାରୁ ଏଠାରେ ପର୍ଯ୍ୟଟକମାନଙ୍କ ରହିବା ଏବଂ ସେମାନଙ୍କୁ ଆକର୍ଷିତ କରିବା ପାଇଁ ନିକଟରେ ଥିବା ଗୋକୁଳାନନ୍ଦ ପାହାଡ ଶିଖରରେ ରାଜ୍ୟ ସରକାର ଏକ ଇକୋ ଟୁରିଜିମ ନିର୍ମାଣ କରିଛନ୍ତି। ଯେଉଁଠାରେ ବର୍ଷସାରା ରାଜ୍ୟ ଏବଂ ରାଜ୍ୟ ବାହାରୁ ଆସୁଥିବା ପର୍ଯ୍ୟଟକ ମାନଙ୍କ ଭିଡ ଦେଖିବାକୁ ମିଳିଥାଏ। ପ୍ରଭୁ ଗୋକୁଳାନନ୍ଦଙ୍କ ପାଦଦେଶରେ ବହିଯାଇଥିବା ମହାନଦୀର ବିସ୍ତୀର୍ଣ୍ଣ ଜଳରାଶି ସାଙ୍ଗକୁ ଏଠିକାର ସବୁଜିମା ପାହାଡ଼ ଜଙ୍ଗଲ ପର୍ଯ୍ୟଟକଙ୍କୁ ବେଶ ଆକୃଷ୍ଟ କରେ। ବହୁ ଦୂରଦୂରାନ୍ତରୁ ଲୋକମାନେ ଏଠାକୁ ଆସି ଠାକୁର ଦର୍ଶନ କରିବା, ଇକୋଟୁରିଜିମରେ ବୁଲାବୁଲି କରିବା ସାଙ୍ଗକୁ ଫୋଟୋ ଉଠାଇବା ସହ ମହାନଦୀ କୂଳରେ ପରିବାର ଓ ସାଙ୍ଗସାଥିଙ୍କ ସହ ମିଶି ଭୋଜିଭାତ କରି ବେଶ ମଜା ନିଅନ୍ତି। ପର୍ଯ୍ୟଟକ ମାନଙ୍କ ସମସ୍ତ ସୁବିଧା ପାଇଁ ରାଜ୍ୟ ସରକାର ଏଠି କୋଟି କୋଟି ଟଙ୍କା ବିନିଯୋଗ କରିଛନ୍ତି। ବର୍ତ୍ତମାନ ଏହି ପ୍ରମୁଖ ପର୍ଯ୍ୟଟନ ସ୍ଥଳୀରେ ଗତ କିଛି ବର୍ଷ ହେଲା ଏକ ମୁଖ୍ୟ ସମସ୍ୟା ଦେଖିବାକୁ ମିଳିଛି। ପୂର୍ବରୁ ଗୋକୁଳାନନ୍ଦଙ୍କ ପୀଠକୁ ଯାତାୟତ କରିବା ପାଇଁ ମହାନଦୀ ପାର୍ଶ୍ୱର ପୂର୍ତ୍ତ ବିଭାଗ ରାସ୍ତା ଠାରୁ ଆରମ୍ଭ ହୋଇଥିବା ବିସ୍ତୀର୍ଣ୍ଣ ପାହାଡକୁ କଟାଯାଇ ରାସ୍ତା ନିର୍ମାଣ କରାଯାଇଛି। ବର୍ତ୍ତମାନ ଏହି ରାସ୍ତାଟି କ୍ରମଶଃ ଦୁର୍ବଳ ହେବା ସହ ପର୍ଯ୍ୟଟକ ମାନଙ୍କ ଠାରୁ ଆରମ୍ଭ କରି ସାଧାରଣ ଲୋକମାନେ ଯାତାୟତ କରିବା ପାଇଁ ବିପଦ ସୃଷ୍ଟି କରିଛି। ବର୍ଷା ଋତୁରେ ହେଉଥିବା ଲଘୁଚାପଜନିତ ବର୍ଷା ଯୋଗୁଁ ଗୋକୁଳାନନ୍ଦ ପାହାଡ଼ରୁ ମାଟି, ପଥର ଧସିବାର ଦେଖା ଦେଇଛି। ଏହା ସାଙ୍ଗକୁ ମୂଲ୍ୟବାନ ଗଛ ସବୁ ଉପୁଡିବାରେ ଲାଗିଛି। ପାହାଡର ସ୍ଥିତି ଯାହା ରହିଛି ଆଗକୁ ଉକ୍ତ କଂକ୍ରିଟ ରାସ୍ତାଟି ମହାନଦୀ ରେ ଲୀନ ହେବାର ବହୁ ସମ୍ଭାବନା ରହିଛି।

ଏଣୁ ଜିଲ୍ଲା ପ୍ରଶାସନ, ସ୍ଥାନୀୟ ବିଧାୟକ ଯଥା ପୂର୍ବରୁ ଏହି ସମସ୍ୟାର ସମାଧାନ ନିମନ୍ତେ ଯତ୍ନବାନ ହେବା ସହିତ ପାହାଡ଼ ପାଦଦେଶକୁ ଲାଗି କଂକ୍ରିଟ ଗାର୍ଡ ୱାଲ ନିର୍ମାଣ କରିବା ପାଇଁ ଅଞ୍ଚଳର ଜନପ୍ରତିନିଧି, ବୁଦ୍ଧିଜୀବୀ ଓ ସାଧାରଣ ଲୋକେ ଦାବି କରିଛନ୍ତି।

# ଉତ୍କଳ ସମ୍ମିଳନୀ ଜିଲ୍ଲା ଶାଖାର ନୂତନ କର୍ମକର୍ତ୍ତା



ନୟାଗଡ଼,୨୬।୭(ସମିସ): ଓଡ଼ିଆ ଭାଷା, ସାହିତ୍ୟ ପାଇଁ ନିରନ୍ତର ବିଭିନ୍ନ କାର୍ଯ୍ୟକ୍ରମ କରି ଆସୁଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଓଡ଼ିଆ ଭାଷା ସାହିତ୍ୟ ପ୍ରତି ଅଧିକ ଆଗ୍ରହ ସୃଷ୍ଟି କରାବା ପାଇଁ ବିଦ୍ୟାଳୟ ତଥା ମହାବିଦ୍ୟାଳୟ ସ୍ତରରେ 'ନୂଆ ସ୍ୱର ନିଆରା କଥା' ପରି କାର୍ଯ୍ୟକ୍ରମ ଆୟୋଜନ କରିବା ସହ ବିଭିନ୍ନ ସେବାମୂଳକ କାର୍ଯ୍ୟ କରି ଆସୁଥିବା ଉତ୍କଳ ସମ୍ମିଳନୀ ନୟାଗଡ ଜିଲ୍ଲା ଶାଖାର ନୂତନ କର୍ମକର୍ତ୍ତା ନିର୍ବାଚିତ କରାଯାଇଛି।

ଉତ୍କଳ ସମ୍ମିଳନୀ ରାଜ୍ୟ ସଂଗଠନର ନିର୍ଦ୍ଦେଶ କ୍ରମେ ଅନୁଷ୍ଠିତ ଏହି ନିର୍ବାଚନରେ ବରିଷ୍ଠ ସଦସ୍ୟ ପ୍ରଫୁଲ୍ଲ କୁମାର ନାୟକ ସମସ୍ତଙ୍କୁ ସ୍ୱାଗତ କରିଥିଲେ ଏବଂ ପର୍ଯ୍ୟବେକ୍ଷକ ହାଡିବନ୍ଧୁ ମହାକୁଡ଼ ଏବଂ ନିର୍ବାଚନ ଅଧିକାରୀ ଭାବେ ଗୋକୁଳ କୁମାର ଷଡ଼ଙ୍ଗୀ ଯୋଗଦେଇ ନୂତନ କର୍ମକର୍ତ୍ତା ନିର୍ବାଚନ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରୁ ପ୍ରଭୁଦତ୍ତ ପ୍ରଧାନ ଓ ଉର୍ମିଳା ବାଳା ମିଶ୍ର ନିର୍ବାଚନ ନିୟମାବଳୀ ବିଷୟରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ ନୂତନ କର୍ମକର୍ତ୍ତାଙ୍କ ମଧ୍ୟରେ ସଭାପତି ଭାବେ ବସିରନ୍ ବିବି, ଉପସଭାପତି ଅରୁଣ କୁମାର ମହାନ୍ତି ଓ ପ୍ରଫେସର ମହମ୍ମଦ ଓମାର ମଲ୍ଲିକ, ସଂପାଦକ ସୁଦର୍ଶନ ପ୍ରଧାନ, ସଂଗଠନ ସଂପାଦକ ପ୍ରଦୀପ କୁମାର ସାହୁ, ଯୁଗ୍ମ ସଂପାଦକ ଗୋପୀନାଥ ସେଠୀ, କୋଷାଧ୍ୟକ୍ଷ ମମତା ମଞ୍ଜରୀ ଦେବୀ ନିର୍ବାଚିତ ହୋଇଛନ୍ତି। ତତ୍ ସହିତ ପନ୍ଦର ଜଣ ସଦସ୍ୟ କାର୍ଯ୍ୟକାରୀ ସମିତିକୁ ମଧ୍ୟ ନିର୍ବାଚିତ ହେଲେ। ଜିଲ୍ଲା ଶାଖା ପ୍ରାକ୍ତନ ସଂପାଦକ ଶରତ ଚନ୍ଦ୍ର ଆଚାର୍ଯ୍ୟ ସମସ୍ତ ନୂତନ କର୍ମକର୍ତ୍ତାଙ୍କୁ ସ୍ୱାଗତ କରିଥିବା ବେଳେ ନିଳୀମା ନନ୍ଦ ଧନ୍ୟବାଦ ପ୍ରଦାନ କରିଥିଲେ।

## ଟ୍ରକ ଧକ୍କାରେ ବାଇକ ଆରୋହୀ ଗୁରୁତର



ପରଜଙ୍ଗ, ୨୬।୭(ସମିସ): ୫୩ନଂ ଜାତୀୟ ରାଜପଥର ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ପିତିରି ଗାଁ ନିକଟରେ ଶନିବାର ଅପରାହ୍ନରେ ଟ୍ରକ ଧକ୍କାରେ ଜଣେ ବାଇକ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ପଥରଖୁମ୍ବ ଗ୍ରାମର ମୁକୁନ୍ଦ ନାୟକଙ୍କ ପୁଅ ସିଦ୍ଧାର୍ଥ ନାୟକ (୨୪)। ବହ୍ଲର ଦିଗରୁ ଆସୁଥିବା ଟ୍ରକ ପିତିରି ଛକରୁ ଓଭର ରାସ୍ତାରେ ଆସୁଥିବା ବେଳେ ପିତିରି ଗାଁର ରାସ୍ତାକୁ ଲାଗି ରହିଥିବା ପୋଖରୀ ନିକଟରେ ଚାଳକ ହଠାତେ ସର୍ଭିସ ରାସ୍ତାକୁ ବୁଲାଇ ଦେଇଥିଲେ। ଏହି ସମୟରେ ତାଳଚେର ଦିଗରୁ ପରଜଙ୍ଗ ଦିଗକୁ ଆସୁଥିବା ସିଦ୍ଧାର୍ଥ ଟ୍ରକ ତଳେ ପଡ଼ିଯାଇ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ପରଜଙ୍ଗ ମେଡିକାଲରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କାମାକ୍ଷାନଗର ମେଡିକାଲ ସ୍ଥାନାନ୍ତର କରାଯାଇଛି।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଜ୍ଞାନ ମେଳା



କାମାକ୍ଷାନଗର, ୨୬।୭(ସମିସ): ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି। ପ୍ରଧାନ ଆଚାର୍ଯ୍ୟ ବିପ୍ରଚରଣ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯନ୍ତାରୀବୋଲ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ମହାନ୍ତି, ବିଶେଷ ଅତିଥି ଭାବେ ଅନୁଗୋଳ ଆରସିସିଏଫ ସଞ୍ଜୟ କୁମାର ସ୍ୱାଇଁ ଯୋଗଦେଇଥିଲେ। ପରିବେଶ ସମ୍ବନ୍ଧୀୟ ଅଧିକ ପ୍ରକଳ୍ପ ଆସିଥିବାରୁ ଅତିଥିମାନେ ଖୁସିବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ ଶିକ୍ଷକ ପବିତ୍ର କୁମାର ରାଉଳ, ବିଦ୍ୟାଳୟ ସମ୍ପାଦକ ଶ୍ରୀକାନ୍ତ ସ୍ୱାଇଁ ଉପସ୍ଥିତ ଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଲକ୍ଷ୍ମୀକାନ୍ତ ମହାନ୍ତ, ଅନ୍ୟତମ ଅତିଥି ଭାବେ ବାଇସିଙ୍ଗା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ସୁରେନ୍ଦ୍ର କୁମାର ବେହେରା, ବରିଷ୍ଠ ଆଇନଜୀବୀ ସଞ୍ଜୟ କୁମାର ମିଶ୍ର, ଏସିଏଫଓ ସତ୍ୟ ନାରାୟଣ ସାହୁ, କୁଞ୍ଜବିହାରୀ ନାୟକ, ରେଞ୍ଜର କୈଳାସ ଚନ୍ଦ୍ର ସାହୁ, କାମାକ୍ଷାନଗର ସାମ୍ବାଦିକ ସଂଘ ସଭାପତି ହିମାଂଶୁ ଶେଖର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜ୍ଞାନବିଜ୍ଞାନ ମେଳା



ଯୋରନ୍ଦା, ୨୬।୭(ସମିସ): ଢେଙ୍କାନାଳ ଜିଲ୍ଲା ଯୋରନ୍ଦା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି। ବିଦ୍ୟାଳୟ ଛାତ୍ରଛାତ୍ରୀମାନେ ୨୫ଟି ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ବିଦ୍ୟାଳୟ କମିଟି ସଭାପତି ପ୍ରସନ୍ନ କୁମାର ରାଉତ, ମୁଖ୍ୟବକ୍ତା ଭାବେ ଜିଲ୍ଲା ସହ ପ୍ରମୁଖ ତଥା ବିଦ୍ୟାଳୟ ପ୍ରଶାସନିକ ଅଧିକାରୀ ମନମୋହନ ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ପ୍ରଶାସନିକ ସଦସ୍ୟ ଧର୍ମାନନ୍ଦ ରାଉତ, ଅଶୋକ ରାଉତ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଭାରପ୍ରାପ୍ତ ପ୍ରଧାନ ଆଚାର୍ଯ୍ୟା ସବିତା ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଚାରକ ଭାବେ ମହିମା ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ନମିତା ନାୟକ ଓ ଶିକ୍ଷୟିତ୍ରୀ ତୃପ୍ତିମୟୀ ସାହୁ ପ୍ରମୁଖ ଯୋଗଦେଇ ପ୍ରକଳ୍ପଗୁଡ଼ିକ ବୁଲି ଦେଖିବା ସହ ମୂଲ୍ୟାଙ୍କନ କରିଥିଲେ। ବିଜ୍ଞାନ ପ୍ରଶ୍ନମଞ୍ଚ, ଗଣିତ ପ୍ରଶ୍ନମଞ୍ଚ, ସଂସ୍କୃତି ଜ୍ଞାନ ପ୍ରଶ୍ନମଞ୍ଚ, ପତ୍ରବାଚନ, କଥାକଥନ, ମୂର୍ତ୍ତିକଳା, ପ୍ରୟୋଗ ଓ ନିବନ୍ଧ ପ୍ରତିଯୋଗିତାରେ ୧୫୦ ଜଣ ଶିଶୁ ଅଂଶଗ୍ରହଣ କରିଥିଲେ। ଧର୍ମାନନ୍ଦ ରାଉତ ଧନ୍ୟବାଦ ଦେଇଥିଲେ।

### ସାଂଗଠନିକ ଶକ୍ତି ବୃଦ୍ଧି ନିମନ୍ତେ ଜିଲ୍ଲା କଂଗ୍ରେସର ବୈଠକ

# ସକ୍ରିୟ ସଦସ୍ୟଙ୍କୁ ନେଇ ସମସ୍ୟା ସମାଧାନ କରାଯିବ

ଢେଙ୍କାନାଳ, ୨୬।୭(ସମିସ)



ସ୍ଥାନୀୟ ଗାନ୍ଧୀ ମନ୍ଦିରରେ ଜିଲ୍ଲା କଂଗ୍ରେସର ସାଂଗଠନିକ ଶକ୍ତି ବୃଦ୍ଧି ନିମନ୍ତେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲା କଂଗ୍ରେସ ସଂଯୋଜକ ଛବିରାଜ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସଦର ବିଧାନସଭା ପ୍ରାର୍ଥିନୀ ସୁସ୍ମିତା ସିଂହଦେଓ ଏବଂ ପୌରାଧ୍ୟକ୍ଷା ପ୍ରାର୍ଥିନୀ ସ୍ମିତାରାଣୀ ସାମଲଙ୍କ ଯୋଗଦେଇଥିଲେ। ପୌରାଞ୍ଚଳର ୨୩ ୱାର୍ଡରେ ଦଳର ସଂଗଠନକୁ ମଜବୁତ କରିବା ନିମନ୍ତେ ବିଭିନ୍ନ ମତ ପ୍ରକାଶ ପାଇଥିଲା। ବିଭିନ୍ନ ୱାର୍ଡରୁ ନିମନ୍ତ୍ରିତ ହୋଇ ଆସିଥିବା ସ୍ଥାନୀୟ ନାଗରିକ ବିଶେଷ କରି ଯୁବବର୍ଗ, ମହିଳା ଏବଂ ବୁଦ୍ଧିଜୀବୀଙ୍କ ସହିତ କଂଗ୍ରେସର ବରିଷ୍ଠ ନେତା ଏବଂ କର୍ମକର୍ତ୍ତା ଆଲୋଚନା କରିଥିଲେ। ପୂର୍ବତନ ଜିଲ୍ଲା ସଭାପତି ସମରେନ୍ଦ୍ର ନନ୍ଦ, ବରିଷ୍ଠ ନେତା ଡା. ତୁଷାରକାନ୍ତି ନାୟକ, ଆଦିତ୍ୟ ମହାପାତ୍ର, ଗୋପାଳ ଚନ୍ଦ୍ର ସାହୁ, ଦ୍ୱିତୀକୃଷ୍ଣ ବରାଳ, ଅଖିଳ ମହାପାତ୍ର, ସରୋଜ ଶତପଥୀ, ରାଜୀବ ଲୋଚନ ସିଂହଦେଓ ପ୍ରମୁଖ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ବିଧାନସଭା ପ୍ରାର୍ଥିନୀଙ୍କ ନେତୃତ୍ୱରେ ବରିଷ୍ଠ ନେତାମାନଙ୍କୁ ନେଇ ଏକ କୋର୍ କମିଟି ଗଠନ କରାଯିବ ଓ ପ୍ରତ୍ୟେକ ୱାର୍ଡରେ କିଛି ସକ୍ରିୟ ସଦସ୍ୟଙ୍କୁ ସାଙ୍ଗରେ ନେଇ ଲୋକସମ୍ପର୍କ ସ୍ଥାପନ କରିବା ସହ ସ୍ଥାନୀୟ ସମସ୍ୟା ସମାଧାନ ନିମନ୍ତେ ପ୍ରଶାସନ ନିକଟରେ ଦାବି କରିବାକୁ ନିଷ୍ପତ୍ତି ନିଆଯାଇଛି। ଡ୍ରେନେଜ୍ ସିଷ୍ଟମ ଏବଂ ବର୍ଷାଜଳ ନିଷ୍କାସନର ସ୍ଥାୟୀ ସମାଧାନ, ପାନୀୟ ଜଳ ଯୋଗାଣ ଅବ୍ୟବସ୍ଥାକୁ ଦୂର କରିବା, ବିଜୁଳି ଉପଭୋକ୍ତାଙ୍କୁ ବିତରଣ କମ୍ପାନୀର ଶୋଷଣରୁ ରକ୍ଷା କରିବା, ବସ୍ତି ବାସିନ୍ଦାଙ୍କ ବିକାଶ ନିମନ୍ତେ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦେବା, ୱାର୍ଡରେ ଅର୍ବାନ ହେଲ୍ଥ ସେଣ୍ଟର ପ୍ରତିଷ୍ଠା ନିମନ୍ତେ ଦାବି କରିବା ଆଦି କାର୍ଯ୍ୟ କରାଯିବ। ବୈଠକରେ ନୁରୁଲ୍ ଇସଲାମ୍, ନିଶାକର ସାହୁ, ପ୍ରିୟବ୍ରତ ଗଡ଼ନାୟକ, ପ୍ରଫୁଲ୍ଲ ମହାନ୍ତି, ରୁମେନା ବେଗମ୍, ସରସ୍ୱତୀ ଘଡ଼ାଇ ପ୍ରମୁଖ ସହଯୋଗ କରିଥିଲେ। ବରିଷ୍ଠ ନେତା ମହମ୍ମଦ ଏର୍ସାଦ ଧନ୍ୟବାଦ ଅର୍ପଣ କରିଥିଲେ।

### ସାଂସଦଙ୍କ ନିହଲପ୍ରସାଦ ଗସ୍ତ

## ବେଗା ଗ୍ରାମରେ ଡାକଘର ସ୍ଥାପନ ପାଇଁ ଦୃଷ୍ଟି ଆକର୍ଷଣ

ଗଁଦିଆ, ୨୬।୭(ସମିସ): ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ଶନିବାର ଗଁଦିଆ ବ୍ଲକ ନିହଲପ୍ରସାଦ ଗସ୍ତ କରି ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ସକାଳ ୯ଟାରେ ସେ ପ୍ରଥମେ ପିଙ୍ଗୁଆ ଛକରେ ପହଞ୍ଚି ପଞ୍ଚାୟତବାସୀଙ୍କ ବିଭିନ୍ନ ସମସ୍ୟା ଶୁଣିବା ସହ ଏହାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ପରେ ବେଗା, ଲାଉଲଇ, ଲେଥକା, ରତନପୁର, ନିହଲପ୍ରସାଦ, କରନ୍ଦା ଓ ପିଙ୍ଗୁଆରେ ଲୋକଙ୍କ ଅଭିଯୋଗ ଶୁଣିବା ସହ ତୁରନ୍ତ ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ସ୍ଥାନୀୟ ଲୋକେ ରାସ୍ତା, ସ୍ୱାସ୍ଥ୍ୟ, ଶିକ୍ଷା ଓ ଧାର୍ମିକ ଅନୁଷ୍ଠାନର ବିକାଶ ସମ୍ପର୍କିତ ଅଭିଯୋଗ କରିଥିଲେ। ବେଗା ଗାଁର ଗ୍ରାମଦେବୀ ମା' ବଡ଼ସାଳ ଠାକୁରାଣୀଙ୍କ ପୀଠର ଉନ୍ନତୀକରଣ, ଲାଉଲଇ ଶିବ ମନ୍ଦିରର ଉନ୍ନତୀକରଣ, ପିଙ୍ଗୁଆ ମହୋତ୍ସବ ପଡ଼ିଆ ଓ ଫାଟକର ଉନ୍ନତୀକରଣ ସହିତ ଜନଜାତି ଛାତ୍ରଛାତ୍ରୀଙ୍କ ପାଇଁ ଧନ୍ଦାମୂଳକ ଶିକ୍ଷାର ପ୍ରସାର ନିମନ୍ତେ ବେଗା ପଞ୍ଚାୟତ ନେହେରା ଗ୍ରାମରେ ଛାତ୍ରାବାସ ଓ ଧନ୍ଦାମୂଳକ ଏକଲବ୍ୟ ବିଦ୍ୟାଳୟ ସ୍ଥାପନ କରିବାକୁ ସ୍ଥାନୀୟ ୮ ପଞ୍ଚାୟତର ଜନପ୍ରତିନିଧି ଓ ବୁଦ୍ଧିଜୀବୀ ସାଂସଦଙ୍କୁ ଲିଖିତ ଭାବେ ଦୃଷ୍ଟି ଆକର୍ଷଣ କରିଥିଲେ। ଆଜି ପର୍ଯ୍ୟନ୍ତ ବେଗା ପଞ୍ଚାୟତରେ ସ୍ଥାୟୀ ଡାକଘର ନ ଥିବାରୁ ସ୍ଥାନୀୟ ଲୋକେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଏ ସମ୍ପର୍କରେ ଅବଗତ ହେବା ପରେ ସାଂସଦ ଏଠାରେ ଡାକଘର ସ୍ଥାପନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ପିଙ୍ଗୁଆଠାରେ ଏକ ପଥପ୍ରାନ୍ତ ଗୃହ ଅଥବା ଡାକବଙ୍ଗଳା ନିର୍ମାଣ ନିମନ୍ତେ ଲୋକେ ନିବେଦନ କରିଥିଲେ। ସ୍ଥାନୀୟ ଅଞ୍ଚଳରେ ହାତୀ ଉତ୍ପାତ ଦିନକୁ ଦିନ ବଢ଼ି ଚାଲିଛି। ଏହାର ତୁରନ୍ତ ପ୍ରତିକାର ବ୍ୟବସ୍ଥା କରିବାକୁ ସାଂସଦଙ୍କୁ ଲୋକେ ଜଣାଇଥିଲେ।



ସାଂସଦଙ୍କ ସହ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ଉପସଭାପତି ରାମଚନ୍ଦ୍ର ପାତ୍ର, ପୂର୍ବତନ ଜିଲ୍ଲା ସଭାପତି ନରେଶ ଚନ୍ଦ୍ର ମହାପାତ୍ର, ମନ୍ତ୍ରୀଙ୍କ ପ୍ରତିନିଧି ରତିକାନ୍ତ ସାହୁ, ମଣ୍ଡଳ ସଭାପତି ଆନନ୍ଦ ଚନ୍ଦ୍ର ସାହୁ, ପୂର୍ବତନ ସରପଞ୍ଚ ପ୍ରଦୀପ କୁମାର ଦାସ, ସାଂସଦଙ୍କ ପ୍ରତିନିଧି ବୁଲୁ ତ୍ରିପାଠୀ, ଲଳିତ ଦାସ, ସ୍ଥାନୀୟ ନେତୃତ୍ୱ ସଜଳେନ୍ଦ୍ର ଜେନା, ଚିତ୍ତରଞ୍ଜନ ମହାନ୍ତି, ସୁଧାକର ସାହୁ ରବି ପରିଡ଼ା, ପୂର୍ବତନ ସରପଞ୍ଚ ବାବାଜୀ ସ୍ୱାଇଁ, ହଳଧର ରାଉତ, ଶରତ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

## କାମାକ୍ଷାନଗର ସାମ୍ବାଦିକ ସଂଘ ପକ୍ଷରୁ ଚାରାରୋପଣ



କାମାକ୍ଷାନଗର, ୨୬।୭(ସମିସ): ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଏନଏସି ସାରଙ୍ଗଧର ସ୍କୁଲ ହଷ୍ଟେଲ ପରିସରରେ କାମାକ୍ଷାନଗର ସାମ୍ବାଦିକ ସଂଘ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ସ୍ଥାନୀୟ ସରସ୍ୱତୀ ଶିଶୁ ମନ୍ଦିର ପଡ଼ିଆରେ ସାମ୍ବାଦିକ ସଂଘ ସଭାପତି ହିମାଂଶୁ ଶେଖର ମହାପାତ୍ରଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ବିଧାୟକ ଶତ୍ରୁଘ୍ନ ଜେନା, ସ୍ୱତନ୍ତ୍ର ଅତିଥି ଭାବେ ଅନୁଗୋଳ ଆରସିସିଏଫ ସଞ୍ଜୟ କୁମାର ସ୍ୱାଇଁ ଯୋଗଦେଇ ସାମ୍ବାଦିକ ସଂଘର ଏହି ମହତ୍ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଢେଙ୍କାନାଳ ବନଖଣ୍ଡରେ ଚଳିତ ବର୍ଷ ୧୦ ଲକ୍ଷ ଚାରା ରୋପଣ କରାଯିବ ବୋଲି ଆର୍‌ସିସିଏଫ୍ ସ୍ୱାଇଁ କହିଥିଲେ। ସମ୍ମାନିତ ଅତିଥି ଭାବେ ଢେଙ୍କାନାଳ ଜିଲ୍ଲା ବିଜେପି ସଭାପତି ରାସବିହାରୀ ବେହେରା, ବରିଷ୍ଠ ଆଇନଜୀବୀ ସଞ୍ଜୟ ମିଶ୍ର, ସାମ୍ବାଦିକ ସଂଘ ମୁଖ୍ୟ ଆଇନ ପରାମର୍ଶଦାତା ଧର୍ମାନନ୍ଦ ମଲ୍ଲିକ, ଏସିଏଫଓ ସତ୍ୟନାରାୟଣ ସାହୁ, କୁଞ୍ଜବିହାରୀ ନାୟକ, ରେଞ୍ଜର କୈଳାସ ସାହୁ, ସୁଶାନ୍ତ କୁମାର ପାତ୍ର ପ୍ରମୁଖ ଯୋଗଦେଇଥିଲେ। ଅଁଳା, ପିଜୁଳି, ପଣସ, ଲେମ୍ବୁ, ଆତ, ବଉଳ ଆଦି ବିଭିନ୍ନ ପ୍ରଜାତିର ଚାରା ଲଗାଯାଇଥିଲା। ସମସ୍ତେ ନିଜ ନିଜ ବାଡ଼ିବଗିଚାରେ ଗୋଟିଏ ଗୋଟିଏ ଗଛ ଲଗାଇବାକୁ ଅତିଥିମାନେ ଆହ୍ୱାନ କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ସାମ୍ବାଦିକ, ବନ ବିଭାଗ କର୍ମଚାରୀ ଓ ଅନ୍ୟମାନେ ସହଯୋଗ କରିଥିଲେ।

## ସାମାଜିକ ଅନୁଷ୍ଠାନର ମିଳିତ ବୈଠକ

ଢେଙ୍କାନାଳ, ୨୬।୭(ସମିସ): ବିଜୁ ପଟ୍ଟନାୟକ ସାଂସ୍କୃତିକ ପରିଷଦ, ଦୈନିକ ଖବରକାଗଜ ଆଗେଇବା, ଆମ ପ୍ରତିଭା ଆମ ସମ୍ମାନ ଓ ଆମ ଗୋଶାଳାର କର୍ମକର୍ତ୍ତାମାନେ ମିଳିତ ହୋଇ ଅନୁଷ୍ଠାନର ଉନ୍ନତି ଓ ପରିବର୍ତ୍ତେ ପଦକ୍ଷେପ ଉପରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ମିଳିତ ବୈଠକରେ ଅନୁଷ୍ଠାନର ପ୍ରତିଷ୍ଠାତା ତଥା ପୂର୍ବତନ ସାଂସଦ ମହେଶ ସାହୁ ଅଧ୍ୟକ୍ଷତା କରିଥିଲେ। ପ୍ରାୟ ସବୁ ସଂଗଠନରୁ ମୋଟ ୧୭ଜଣ ସଭ୍ୟ ଯୋଗଦେଇ ଆଗାମୀ କାର୍ଯ୍ୟକ୍ରମ ଓ ରୀତିମତ ବୈଠକ କରି ବ୍ୟାଙ୍କରେ ଆକାଉଣ୍ଟ ଖୋଲିବା ନିଷ୍ପତ୍ତି ନିଆଯାଇଥିଲା। ନନ୍ଦିନୀ ଦେବୀଙ୍କ ଶ୍ରାଦ୍ଧ ଦିବସ ପାଳନ ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଆମ ଗୋଶାଳାରେ ସଭ୍ୟ ସଂଖ୍ୟା ବୃଦ୍ଧି ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ମାସକୁ ୪ଦିନ ଉପରୋକ୍ତ ସାମାଜିକ ସଂଗଠନ ପାଇଁ ସମୟ ଦେବା ନିମନ୍ତେ ସାହୁ ପ୍ରକାଶ କରିଥିଲେ। ବରିଷ୍ଠ ସଭ୍ୟ ବାଦଲ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

### ରୋଟ୍ରାକ୍ଟ କ୍ଲବ୍ ନୂତନ କର୍ମକର୍ତ୍ତା

## ପ୍ରେମଜିତ୍ ସଭାପତି ଓ ପୁଷ୍ପାଞ୍ଜଳି ସମ୍ପାଦକ





ଢେଙ୍କାନାଳ, ୨୬।୭(ସମିସ): ବିଶ୍ୱର ୨୧୫ରୁ ଊର୍ଦ୍ଧ୍ୱ ଦେଶରେ ସମାଜସେବା କ୍ଷେତ୍ରରେ ପରିବ୍ୟାପ୍ତ ରୋଟାରୀ ଇଣ୍ଟରନ୍ୟାସନାଲ୍ ଦ୍ୱାରା ପ୍ରାୟୋଜିତ ତଥା ଅନ୍ତର୍ଜାତୀୟ ଯୁବ ନେତୃତ୍ୱ ବୃଦ୍ଧି, ବିଶ୍ୱ ଭ୍ରାତୃତ୍ୱ ପ୍ରତିଷ୍ଠା ଓ ଗୋଷ୍ଠୀଗତ ସମାଜ ସେବା ପ୍ରଦାନ ଲକ୍ଷ୍ୟରେ ପ୍ରତିଷ୍ଠିତ ରୋଟ୍ରାକ୍ଟ କ୍ଲବ୍, ଢେଙ୍କାନାଳ ପକ୍ଷରୁ ରୋଟାରୀ ବର୍ଷ ୨୦୨୫-୨୬ ନିମନ୍ତେ ନୂତନ କର୍ମକର୍ତ୍ତା ମନୋନୟନ ହୋଇଯାଇଛି। ରୋଟ୍ରାକ୍ଟର ଶିବ ପ୍ରସାଦ ସ୍ୱାଇଁ ଓ ରୋଟ୍ରାକ୍ଟର ଅବିନାଶ ସାହୁ ମନୋନୟନ ପ୍ରକ୍ରିୟା ପରିଚାଳନା କରିଥିଲେ। ସର୍ବସମ୍ମତି କ୍ରମେ ରୋଟ୍ରାକ୍ଟର ପ୍ରେମଜିତ୍ ରାଜ୍-ସଭାପତି ଓ ରୋଟ୍ରାକ୍ଟର ପୁଷ୍ପାଞ୍ଜଳି ରାଉତ ସମ୍ପାଦିକା ଭାବେ ମନୋନୀତ ହୋଇଥିଲେ। ରୋଟ୍ରାକ୍ଟର ଅମିଶା ନାୟକ ପୂର୍ବ ସଭାପତି ଭାବେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ରୋଟ୍ରାକ୍ଟର ରଞ୍ଜନ, କାଦମ୍ବରୀ, ସୌମ୍ୟବ୍ରତ, ମୁକୁନ୍ଦ ରାଜ, ପ୍ରଜ୍ଞା, ଅନିଶ, ଆଶୀର୍ବାଦ, ଇନ୍ଦ୍ରଜିତ୍, କୁନାଲ, ବିନୟ, ସ୍ୱପ୍ନା, ସଞ୍ଚିତା, ବୈଶାଖୀ ପ୍ରମୁଖ କାର୍ଯ୍ୟକାରୀ କମିଟିକୁ ମନୋନୀତ ହୋଇଛନ୍ତି। ରୋଟାରୀ କ୍ଲବ୍, ଢେଙ୍କାନାଳର ପୂର୍ବ ସଭାପତି ତଥା ରୋଟାରୀ ଡିଷ୍ଟ୍ରିକ୍ଟ ୩୨୬୨ର ପୂର୍ବ ଆସିଷ୍ଟାଂଟ୍ ଗଭର୍ଣ୍ଣର ରୋଟାରିଆନ୍ ରାଜ କିଶୋର ବେହେରା ଚଳିତ ରୋଟାରୀ ବର୍ଷ ନିମନ୍ତେ ରୋଟ୍ରାକ୍ଟ କ୍ଲବ୍‌ର ଅଧ୍ୟକ୍ଷ ଭାବେ ମନୋନୀତ ସମସ୍ତ କର୍ମକର୍ତାମାନଙ୍କୁ ପଦମର୍ଯ୍ୟାଦା ରକ୍ଷା, ଶୃଙ୍ଖଳା ଓ ସମୟାନୁବର୍ତୀତା ସହ ନିଜର ଦାୟିତ୍ୱ ସମ୍ପାଦନ କରି ସୁନାମ ବୃଦ୍ଧି କରିବାକୁ ପରାମର୍ଶ ଦେଇଥିଲେ। ରୋଟାକ୍ଟ କ୍ଲବ୍ ଢେଙ୍କାନାଳ ପକ୍ଷରୁ ଚଳିତ ବର୍ଷ ବ୍ୟାପକ ଚାରା ରୋପଣ, ପ୍ଲାଷ୍ଟିକ୍ ମୁକ୍ତ ପରିବେଶ ସଚେତନତା, ଯୁବ ବର୍ଗଙ୍କ କୌଶଳ ବିକାଶ ଓ ଧନ୍ଦାମୂଳକ ପ୍ରଶିକ୍ଷଣ, ଏଡ୍ସ ଓ କ୍ୟାନସର ରୋଗର ନିରାକରଣ ସମ୍ପର୍କରେ ସଚେତନତା, ଶରୀର ଓ ଅଙ୍ଗଦାନ ଅଭିଯାନ, ବସ୍ତିରେ ଥିବା ଶିଶୁମାନଙ୍କ ମୌଳିକ ସମସ୍ୟା ସମାଧାନ, ଆନ୍ତର୍ଜାତିକ ସ୍ତରରେ ସାଂସ୍କୃତିକ ଓ ଭାବଗତ ବନ୍ଧୁତା ସ୍ଥାପନ ପୂର୍ବକ ଏକ ବିକଶିତ ସମାଜ ପ୍ରତିଷ୍ଠା ଲକ୍ଷ୍ୟ ରଖାଯାଇଛି। ରୋଟାରୀ କ୍ଲବ୍‌ର ଅଧ୍ୟକ୍ଷ ବିନୋଦ ଅଗ୍ରୱାଲ, ସଭାନେତ୍ରୀ ରୋଟାରିଆନ୍ ସାଗରିକା ମିଶ୍ର, ସମ୍ପାଦକ ରୋଟାରିଆନ୍ ତପନ ପାଲ୍, ଇନର୍ ହୁଇଲ୍ କ୍ଲବ୍‌ର ସଭାନେତ୍ରୀ ଅଳକାନନ୍ଦା ସିଂହଦେଓ ଓ ସମ୍ପାଦିକା ମିନଲ କୁମାରୀ ସିଂହଦେଓ ପ୍ରମୁଖ ମନୋନୀତ ସମସ୍ତ କର୍ମକର୍ତାମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ନିଶାମୁକ୍ତି କ୍ୟାମ୍ପସ ସମ୍ବନ୍ଧୀୟ ପାଠଚକ୍ର ଅନୁଷ୍ଠିତ



ଢେଙ୍କାନାଳ, ୨୬।୭(ସମିସ): ଢେଙ୍କାନାଳ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପରିସରରେ ଜାତୀୟ ସେବା ଯୋଜନା ତରଫରୁ ନିଶାମୁକ୍ତି କ୍ୟାମ୍ପସ ସମ୍ବନ୍ଧୀୟ ଏକସଚେତନତା ମୂଳକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ନୋଡାଲ ଅଧିକାରୀ ଏବଂ ଓଡ଼ିଶା ଉଚ୍ଚ ଶିକ୍ଷା ବିଭାଗର ଉପନିର୍ଦ୍ଦେଶକ ଡ.ରମେଶ ଚନ୍ଦ୍ର ବେହେରା ଯୋଗଦେଇ ଛାତ୍ରଛାତ୍ରୀ, ସ୍ୱେଚ୍ଛାସେବୀ ଓ କର୍ମଚାରୀମାନଙ୍କୁ ମହାବିଦ୍ୟାଳୟର ପରିସରକକୁ କିପରି ନିଶାମୁକ୍ତ ରଖାଯିବ ସେ ସମ୍ପର୍କରେ ସଚେତନ କରିଥିଲେ। ମାନ ପୋର୍ଟାଲ ସମ୍ପର୍କରେ କ୍ୟାମ୍ପସରେ ସଚେତନତା କାର୍ଯ୍ୟକ୍ରମ କରିବା ଉପରେଗୁରୁତ୍ୱ ପ୍ରଦାନ କରିବା ଉପରେଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ ଏବଂ ମାଇ ଗର୍ଭ ପ୍ଲାଟ ଫର୍ମ ମାଧ୍ୟମରେ ଆଣ୍ଟି ଡ୍ରଗସ ଉପରେ ଶପଥ ପାଠ କରିବା ପାଇଁ ସମସ୍ତଙ୍କୁ ସଚେତନ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ଚିତ୍ତଚିତ୍ତ ରଞ୍ଜନ ସାହୁ ପାଠଚକ୍ରରେ ଅଧ୍ୟକ୍ଷତା କରି ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ କ୍ୟାମ୍ପସରେ ନିଶା ସେବନ ନକରିବା ପାଇଁ ପରାମର୍ଶ ଦେବା ସହିତ ଏକ ସୁସ୍ଥ ବାତାବରଣରେ ସହାୟକ ହେବା ପାଇଁ ପ୍ରବର୍ତ୍ତାଇଥିଲେ। ମହାବିଦ୍ୟାଳୟ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଡ.ଉଇଲସନ ଭତ୍ରା ଅତିଥି ପରିଚୟ ପ୍ରଦାନ ସହିତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ପାଠଚକ୍ରରେ ଡ୍ରଗସ ବ୍ୟବହାର ସମ୍ପର୍କିତ ଅଭିଯୋଗ ଦାଖଲ କରିବା ପାଇଁ ହେଲପଲାଇନ ନମ୍ବର ୧୯୩୩ ଏବଂ ମୋବାଇଲ ଆପ ଉମଙ୍ଗ ମାଧ୍ୟମରେ ତଥ୍ୟ ପ୍ରଦାନ ନିମନ୍ତେ ଛାତ୍ରଛାତ୍ରୀଙ୍କୁ ସଚେତନ କରାଯାଇଥିଲା। ଗଣିତ ବିଭାଗର ଅଧ୍ୟାପିକା ବିଦୁଷୀ ମଧୁସ୍ମିତା ଧନ୍ୟବାଦ ଅର୍ପଣ କରିଥିଲେ। ପାଠଚକ୍ରରେ ଶତାଧିକ ଛାତ୍ରଛାତ୍ରୀ, ସ୍ୱେଚ୍ଛାସେବୀ ଓ କର୍ମଚାରୀମାନେ ଯୋଗଦେଇଥିଲେ।

### ଅଶ୍ଳୀଳତା ସାମାଜିକ ବ୍ୟାଧି

## ପାର୍ଲାମେଣ୍ଟରେ ଆଇନ ସତ୍ତ୍ୱେ ସଚେତନତା ଆବଶ୍ୟକ

ଢେଙ୍କାନାଳ, ୨୬।୭(ସମିସ)



ପାର୍ଲିଆମେଣ୍ଟରେ ଅଶ୍ଳୀଳତା ବିରୋଧୀ ଆଇନ ଗୃହୀତ ହୋଇଛି। ଆଇନ ହେଲେ ବି ଲୋକମାନଙ୍କ ମଧ୍ୟରେ ସଚେତନତା ଆବଶ୍ୟକ ସାମାଜିକ ଗଣମାଧ୍ୟମରେ ସଚେତନତା ଆବଶ୍ୟକ। ସାମାଜିକ ଗଣମାଧ୍ୟମ ରେ ତଥା ୟୁଟ୍ୟୁବ ରେ ଭଲ ତଥ୍ୟ ଲୋକ ଲୋଚନ କୁ ଆସୁଛି ପୁଣି ମିଥ୍ୟା ଓ ଖରାପ ଖବର ମଧ୍ୟ ପରିବେଶଣ ହେଉଛି। ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମ ଲୋକମାନଙ୍କ ମଧ୍ୟରେ ଅଶ୍ଳୀଳତା ବିରୋଧ ରେ ସଚେତନ କରିବା ସହ ପାର୍ଲିଆମେଣ୍ଟ ରେ ଗୃହୀତ ଆଇନ ସମ୍ପର୍କରେ ଲୋକମାନଙ୍କୁ ଜାଗ୍ରତ କରିବା ଆବଶ୍ୟକ। ମିଥ୍ୟାପ୍ରଚାର ମଧ୍ୟ ବନ୍ଦ ହେବା ଆବଶ୍ୟକ ସେନ୍ସସନ କରିବା ଖବରକୁ ଅତିରଞ୍ଜିତ କରିବା ଦ୍ୱାରା ସମାଜ ରେ ଖରାପ ପ୍ରଭାବ ପଡ଼ିଛି ବୋଲି ଢେଙ୍କାନାଳ ସାଂସଦ ତଥା ବିଜେପି ର ବରିଷ୍ଠ ନେତା ରୁଦ୍ରନାରାୟଣ ପାଣି ସୂଚନା ଦେଇଥିଲେ। ବସଷ୍ଟାଣ୍ଡ ଠାରେ ଥିବା ମିଶନ ରିକନଷ୍ଟ୍ରକ୍ସନ, ରେଡ଼ିଓ ରିଲେ କେନ୍ଦ୍ର କାର୍ଯ୍ୟାଳୟ ରେ ସଂସ୍ଥା ତରଫରୁ ଏକ ୟୁଟ୍ୟୁବ ଚାନେଲ ମିଶନ ନିୟୁଜ ନାମରେ ଶୁଭାରମ୍ଭ କରିଥିଲେ ମିଶନ ନିୟୁଜ ଚାନେଲ କୁ କମ୍ପୁଟର ରେ ଅନଲାଇନ ମାଧ୍ୟମରେ ଶୁଭାରମ୍ଭ କରିଥିଲେ। ଏହି ମିଶନ ନିୟୁଜ ୟୁଟ୍ୟୁବ ଚାନେଲ ରେ ଅପରାଧ ଓ ଗଭୀର ରାଜନୈତିକ ଖବର ଛାଡି ଅନ୍ୟ ସବୁ ଖବର ଯଥା ଉନ୍ନୟନ, ବାର୍ତ୍ତାଳାପ, ପୋଡକାଷ୍ଟ, ସାକ୍ଷାତକାର, ସାମ୍ବାଦିକତା, ଓ ଗବେଷଣାଧର୍ମୀ ନିୟୁକ୍ତି, ଇତ୍ୟାଦି ଖବର ପରିବେଷଣ ହେବ। ଉଦବୋଧନ ଦେଇ ସାଂସଦ କହିଲେ ରାଜନୀତିରେ ରହି ପ୍ରବଳ ରାଜନୈତିକ ଲୋଭ ରଖିବା ଠିକ ନୁହେଁ। ଗଣମାଧ୍ୟମ ରେ କାର୍ଯ୍ୟକରୀ ରାଜନୀତି ରେ ଅଧିକ କ୍ଷମତା ଲୋଭ ଠିକ ନୁହେଁ ବୋଲି ସାଂସଦ କହିଥିଲେ। ୭୫ ବର୍ଷ ପୂର୍ବରୁ ଗଣତାନ୍ତ୍ରିକ ପଦ୍ଧତି ରେ ଭୋଟ ପାଇଥିଲେ। ୭୫ ବର୍ଷ ପରେ ମଧ୍ୟ ସେ କ୍ଷମତା ରେ ରହିପାରିବେ। ବିଜେପି ବରିଷ୍ଠ ନେତା ଅଟଳବିହାରୀ ବାଜପେୟୀ ଓ ଲାଲ କୃଷ୍ଣ ଆଡ଼ଭାନୀ ୭୫ ବର୍ଷ ପରେ କ୍ଷମତା ରେ ରହି ଦେଶ ସେବା କରିଥିଲେ। ମୋଦି ଙ୍କ ଜନପ୍ରିୟତା ଦିନକୁ ଦିନ ବଢ଼ିଥିବାରୁ ୨୦୨୯ରେ ହେବାକୁ ଥିବା ନିର୍ବାଚନରେ ତାଙ୍କ ନାମରେ ବହୁ ଭୋଟ ମ୍ୟାଣ୍ଡେଟ ରହିଛି। ଏହି କାର୍ଯ୍ୟକ୍ରମରେ ମିଶନ ରିକନଷ୍ଟ୍ରକ୍ସନ ଅଧ୍ୟକ୍ଷ ଡ. ବିଜୟ କୁମାର ମହାପାତ୍ର, ଉପଦେଷ୍ଟା ବିରଞ୍ଚି ନାରାୟଣ ପାଣି, ବ୍ରହ୍ମାକୁମାରୀ ସଂସ୍ଥାର ମୁଖ୍ୟ ସଞ୍ଚାଳିକା ବିକେ ଉଷା, ସଂସ୍ଥାର ସାଧାରଣ ସମ୍ପାଦକ ମନୋଜ ପଟ୍ଟନାୟକ ଉପସ୍ଥିତ ରହି ସକାରାତ୍ମକ ଖବର ଉପରେ ଆଲୋଚନା କରିଥିଲେ।

## ଭକ୍ତି ସାହିତ୍ୟରେ କବି ଦୀନକୃଷ୍ଣ ଦାସ ଆଲୋଚନାଚକ୍ର



ଢେଙ୍କାନାଳ, ୨୬।୭(ସମିସ): ସ୍ଥାନୀୟ ଗୋପବନ୍ଧୁ ଟାଉନହଲ ପରିସରରେ ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ ନାଟ୍ୟ ଅନୁଷ୍ଠାନ କଳାପରିଷଦ ମିଳିତ ସହଯୋଗରେ ଓଡ଼ିଆ ଭକ୍ତି ସାହିତ୍ୟରେ କବି ଦୀନକୃଷ୍ଣ ଦାସ ସମ୍ପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। କଳାପରିଷଦ ସଭାପତି ନାଟ୍ୟକାର ଦିଲେଶ୍ୱର ମହାରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ପୁରୀ ଶ୍ରୀମନ୍ଦିରର ପୂର୍ବତନ ପ୍ରଶାସକ ରଞ୍ଜନ କୁମାର ଦାସ ଯୋଗଦେଇ ଓଡ଼ିଆ ଭକ୍ତି ସାହିତ୍ୟରେ ଦୀନକୃଷ୍ଣ ଅନନ୍ୟ ପ୍ରଚଣ୍ଡ ପ୍ରତିଭାଧାରୀ ଥିଲେ ବୋଲି କହିଥିଲେ। ରସକଲ୍ଲୋଳ ତାଙ୍କ ଅନନ୍ୟ ସୃଷ୍ଟି ବୋଲି କହିବା ସହ ଓଡ଼ାପଡ଼ା ବ୍ଲକ ଏକଘରିଆ ତାଙ୍କ ସାଧନ କ୍ଷେତ୍ର ଥିଲା ବୋଲି କହିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ଡ. ଦୁର୍ଗାମାଧବ ପୃଷ୍ଟି ଯୋଗଦେଇ କବିଙ୍କ ପ୍ରଚଣ୍ଡ ପ୍ରଭିତା ଏବଂ କଳାକୃତି ସମ୍ପର୍କରେ ଆଲୋଚନା କରିଥିଲେ। କଳାପରିଷଦର ସମ୍ପାଦକ ଇଂ. ଅଶୋକ କୁମାର ଦାଶ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବାବେଳେ ଉପସଭାପତି ଶତ୍ରୁଘ୍ନ ମାଟି ଧନ୍ୟବାଦ ଅର୍ପଣ କରିଥିଲେ। ସଙ୍ଗଠନ ସମ୍ପାଦକ ଅବନୀ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ କବି ନିର୍ମଳା ମହାପାତ୍ରଙ୍କ ଦ୍ୱାରା କବିତା ପାଠ ଅନୁଷ୍ଠିତ ହୋଇଥିଲା। ବିନୋଦ ମହାନ୍ତି, ପ୍ରବୀର ମହାନ୍ତି, ଦ୍ୱିତୀକୃଷ୍ଣ ମଲ୍ଲିକ, ମନ୍ମଥ ପଟ୍ଟନାୟକ, ସୁରେଶ ମିଶ୍ର, ଲକ୍ଷ୍ମୀକାନ୍ତ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ‘ସ୍ୱାଧୀନତା ସଂଗ୍ରାମରେ ମାଳତୀ ଚୌଧୁରୀଙ୍କ ଭୂମିକା ଚିରସ୍ମରଣୀୟ’



ଜଗତସିଂହପୁର,୨୬ା୭ (ସମିସ): ନାରୀନେତ୍ରୀ ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ସହଧର୍ମିଣୀ ମାଳତୀ ଚୌଧୁରୀଙ୍କ ୧୨୧ତମ ଜୟନ୍ତୀ କାଦୁଅପଡାସ୍ଥ ଗାଦିବ୍ରହ୍ମ ଉଚ୍ଚବିଦ୍ୟାଳୟରେ ଜଗତସିଂହପୁର ସାରସ୍ୱତ ପରିଷଦ ପକ୍ଷରୁ ପାଳିତ ହୋଇଯାଇଛି । ପରିଷଦର ସଭାପତି ତଥା ସ୍ତମ୍ଭକାର ହିମାଂଶୁ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଅନୁଷ୍ଠାନର ଅଧ୍ୟକ୍ଷ ଅଜିଜ୍ ଅଲ୍ଲୀ ଯୋଗଦେଇ ଜଣେ ସଂଗ୍ରାମୀ ଭାବେ ଅସହଯୋଗ ଆନ୍ଦୋଳନ, ଲବଣ ସତ୍ୟାଗ୍ରହ ଓ ଭାରତ ଛାଡ ଆନ୍ଦୋଳନରେ ସାମିଲ ହୋଇ କାରାବରଣ କରିଥିବା ମାଳତୀ ଚୌଧୁରୀଙ୍କ ତ୍ୟାଗ ଓ ଦେଶପ୍ରେମର ପଟାନ୍ତର ନାହିଁ ବୋଲି ମତବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଦୁଷ୍ମନ୍ତ ରାଉତ, ଅଶୋକ ସାମନ୍ତସିଂହାର, ସରୋଜ ଦାସ, ପ୍ରଶାନ୍ତ ପଟ୍ଟନାୟକ, ଅଧ୍ୟାପିକା ଅଞ୍ଜଳି ରାଉତ, କବିତା ସାହୁ, ଆରତୀ ପଣ୍ଡା ଓ ରେଣୁକା ଦାସ ପ୍ରମୁଖ ଯୋଗଦେଇ ସ୍ୱାଧୀନତା ସଂଗ୍ରାମରେ ମାଳତୀ ଚୌଧୁରୀଙ୍କ ଭୂମିକା ତାଙ୍କୁ ଚିରସ୍ମରଣୀୟ କରି ରଖିବ ବୋଲି ପ୍ରକାଶ କରିବା ସହିତ ତାଙ୍କର ବିପ୍ଳବୀ ଚିନ୍ତାଧାରା ଓ ତ୍ୟାଗପୂତ ଜୀବନାଦର୍ଶ ସମ୍ପର୍କରେ ଆଲୋଚନା କରିଥିଲେ । ଏ ଅବସରରେ ବକୁଳ ବନର କୋକିଳ କବି ଗୋଦାବରୀଶ ମିଶ୍ରଙ୍କ ୬୯ତମ ଓ ସାରସ୍ୱତ ସାଧକ ନୀଳମଣି ବିଦ୍ୟାରତ୍ନଙ୍କ ୧୦୧ତମ ତିରୋଧାନ ଦିବସରେ ଏହି ଦୁଇ ଯୋଗଜନ୍ମା ବରପୁତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ସହ ସେମାନଙ୍କ କୃତି ଓ କୃତିତ୍ୱ ସମ୍ପର୍କରେ ଆଲୋଚନା କରାଯାଇଥିଲା । ବରିଷ୍ଠ ସହାୟକ ସୁମନ୍ତ ଭୂଷଣ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ମାଳତୀ ଚୌଧୁରୀଙ୍କ ଜୟନ୍ତୀ ପାଳିତ



ଜଗତସିଂହପୁର,୨୬ା୭ (ସମିସ): ଜଗତସିଂହପୁର ସହରର ଚାତ୍ରାସ୍ଥ ଅଳକା ଆଶ୍ରମରେ ସ୍ୱାଧୀନତା ସଂଗ୍ରାମୀ ଅଗ୍ନିକନ୍ୟା ମାଳତୀ ଚୌଧୁରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଅବସରପ୍ରାପ୍ତ ଅଧ୍ୟାପକ ଭଗବାନ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ ଅତୁଲ ବିକ୍ରମ ପ୍ରଧାନ, ମୁଖ୍ୟବକ୍ତା ଭାବେ ଅଧ୍ୟାପକ ପ୍ରତାପ ଲେଙ୍କା ଓ ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ଶରତ ଚନ୍ଦ୍ର ବାରିକ ପ୍ରମୁଖ ଯୋଗଦେଇ ମାଳତୀ ଚୌଧୁରୀଙ୍କ ଦେଶପ୍ରେମ, ତ୍ୟାଗ ଓ ଜୀବନାଦର୍ଶ ସମ୍ପର୍କରେ ଆଲୋଚନା କରିଥିଲେ । ଭାରତର ସ୍ୱାଧୀନତା ସଂଗ୍ରାମରେ ମାଳତୀ ଚୌଧୁରୀ ଓ ଚୌଧୁରୀ ପରିବାରର ସଂଗ୍ରାମୀ ଭୂମିକା ସମ୍ପର୍କରେ ସଭାରେ ଆଲୋଚନା କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ସଂଗଠକ ଲାଲା ସଂଗ୍ରାମ କେଶରୀ ରାୟ, ସାମ୍ବାଦିକ ଶଶାଙ୍କ ଶେଖର ପଣ୍ଡା, ସାମ୍ବାଦିକ ଶୁଭକାନ୍ତ ପଡିଆରୀ, ସବିତା ମହାନ୍ତି ଓ ଅଜୟ ଗୋଚ୍ଛାୟତ ପ୍ରମୁଖ ଯୋଗଦେଇ ମାଳତୀ ଚୌଧୁରୀଙ୍କ ସଂଗ୍ରାମୀ ଜୀବନ ଓ ସମାଜରେ ଚାଲିଥିବା କୁସଂସ୍କାର ଓ ଅନ୍ଧବିଶ୍ୱାସର ବିଲୋପ ପାଇଁ ତାଙ୍କର ବଳିଷ୍ଠ ଭୂମିକା ବିଷୟରେ ଆଲୋଚନା କରିଥିଲେ । ଶିକ୍ଷାବିତ ବିଜୟ କୁମାର ରଥ ଧନ୍ୟବାଦ ଅର୍ପଣ କରିଥିଲେ ।

## ଉଦୟବଟ ମହନ୍ତଙ୍କ ଶ୍ରାଦ୍ଧ ଉତ୍ସବ



ପାରାଦୀପ,୨୬ା୭ (ସମିସ): ପାରାଦୀପ ଉଦୟ ବଟର ସର୍ବକନିଷ୍ଠ ମହନ୍ତ ଭାବଗ୍ରାହୀ ଦାସ (ତନୁବାବା) ଙ୍କ ଦ୍ୱିତୀୟ ଶ୍ରାଦ୍ଧ ଉତ୍ସବ ପାଳିତ ହୋଇଯାଇଛି । ଗୋପିଆକୁଦ ପଞ୍ଚାୟତର କାଳିଆପାଟ (ତାଳଦଣ୍ଡା) ଗ୍ରାମରେ ସ୍ୱର୍ଗତ ମହନ୍ତ ତନୁବାବାଙ୍କ ଦ୍ୱାରା ପ୍ରତିଷ୍ଠିତ ହରିହର କ୍ଷେତ୍ରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ ତଥା ବିଶିଷ୍ଟ ସ୍ତମ୍ଭକାର ଅକ୍ଷୟ ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ସ୍ମୃତିସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନ ସାଂସଦ ଡଃ କୁଳମଣି ସାମଲ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଶିକ୍ଷୟିତ୍ରୀ ମିନର୍ଭା ସ୍ୱାଇଁ ଯୋଗଦେଇ ଦିବଂଗତ ମହନ୍ତ ତନୁବାବାଙ୍କ ସାଧନାମୟ ଜୀବନର ସ୍ମୃତିଚାରଣ କରିଥିଲେ । ପୁରୁଷୋତ୍ତମ ବାରିକ, ରବୀନ୍ଦ୍ର ପଣ୍ଡା, ଅଶୋକ କୁମାର ସେଠୀ, ରାଧାଶ୍ୟାମ ସୂତାରଙ୍କୁ ମୁଖ୍ୟଅତିଥି ଡଃ ସାମଲ ସମ୍ବର୍ଦ୍ଧିତ କରିଥିଲେ । ପଙ୍କଜ କୁମାର ମହାପାତ୍ର, ରଞ୍ଜିତ ମହାପାତ୍ର ଓ ଶୋଭାରାଣୀ ସାମଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

**ବିଧାୟକଙ୍କ ଚିଠି ପରେ ବି ହେଉନି ଜିଲ୍ଲା ମହୋତ୍ସବ ସମୀକ୍ଷା ବୈଠକ**

# ବିବାଦରେ ଜିଲ୍ଲା ସଂସ୍କୃତି ବିଭାଗ; ବଢୁଛି ଅସନ୍ତୋଷ

ଜଗତସିଂହପୁର,୨୬ା୭ (ସମିସ)

ଗତ ଏପ୍ରିଲ ୧ରୁ ୫ ତାରିଖ ପର୍ଯ୍ୟନ୍ତ ଜଗତସିଂହପୁର ଜିଲ୍ଲା ସଂସ୍କୃତି ପରିଷଦ ଆନୁକୂଲ୍ୟରେ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମରେ ଆୟୋଜିତ ହୋଇଥିଲା ଜିଲ୍ଲା ଉତ୍ସବ ‘କଲ୍ଲୋଳ-୨୦୨୫’ । ଇତିମଧ୍ୟରେ ଉତ୍ସବ ସରିବାର ୩ ମାସ ବିତିବାକୁ ବସିଥିବାବେଳେ ନାନା ବିବାଦ ଓ ଅବ୍ୟବସ୍ଥା ମଧ୍ୟରେ ଆୟୋଜିତ ଏହି ଉତ୍ସବର ସମୀକ୍ଷା ବୈଠକ କାହିଁକି ଡକାଯାଉନାହିଁ, ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସମୀକ୍ଷା ବୈଠକ ଡାକିବାକୁ ଗତ ଜୁଲାଇ ୧୮ ତାରିଖରେ ଜିଲ୍ଲା ମହୋତ୍ସବ ଆୟୋଜନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଜଗତସିଂହପୁର ସଦର ବିଧାୟକ ଅମରେନ୍ଦ୍ର ଦାସ ଜିଲ୍ଲାପାଳଙ୍କୁ ଚିଠି ମାଧ୍ୟମରେ ଜଣାଇଛନ୍ତି । ଇତିମଧ୍ୟରେ ଏକ ସପ୍ତାହରୁ ଅଧିକ ସମୟ ବିତିଥିଲେ ମଧ୍ୟ କେବେ ଏହି ସମୀକ୍ଷା ବୈଠକ ହେବ, ତାହା ଅସ୍ପଷ୍ଟ ରହିଛି । ଏ ସମ୍ପର୍କରେ ଜିଲ୍ଲାପାଳ ଜେ. ସୋନାଲଙ୍କ ପ୍ରତିକ୍ରିୟା ମିଳି ନ ଥିବାବେଳେ ଅଗଷ୍ଟ ପ୍ରଥମ ସପ୍ତାହ ମଧ୍ୟରେ ଜିଲ୍ଲା ମହୋତ୍ସବର ସମୀକ୍ଷା ବୈଠକ ପାଇଁ ଯୋଜନା ଚାଲିଥିବା ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲ୍ଲୀପ ଜେନା ସୂଚନା ଦେଇଛନ୍ତି ।

ଚଳିତବର୍ଷ ଜିଲ୍ଲା ମହୋତ୍ସବ ଆୟୋଜନରେ ଚରମ ବିଶୃଙ୍ଖଳା ଓ ପ୍ରଶାସନିକ ଅଧିକାରୀଙ୍କ ମନମାନୀ ପ୍ରତିଫଳିତ ହୋଇଥିବା ପରିଲକ୍ଷିତ ହୋଇଥିଲା । ଏହି ଉତ୍ସବ ପାଇଁ ଗଠିତ ବିଭିନ୍ନ ସବ୍-କମିଟିର ନିଷ୍ପତ୍ତିକୁ ଉପେକ୍ଷା କରି ମନଇଚ୍ଛା କାର୍ଯ୍ୟକ୍ରମ ପ୍ରସ୍ତୁତ ହୋଇଥିବା ସେ ସମୟରେ ଅଭିଯୋଗ ଉଠିଥିଲା । ସାଂସ୍କୃତିକ ସବ୍-କମିଟିରେ ଗ୍ରହଣ କରାଯାଇଥିବା ନିଷ୍ପତ୍ତି ଅନୁସାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣର ପରମ୍ପରା ଚାଲି ଆସିଥିବାବେଳେ ଚଳିତବର୍ଷ ଏଥିରେ ଘୋର ବ୍ୟତିକ୍ରମ ପରିଲକ୍ଷିତ ହୋଇଥିଲା । ଏପରିକି ଉତ୍ସବର ଶେଷ ପର୍ଯ୍ୟାୟରେ ଖୋଦ ଜିଲ୍ଲା ସଂସ୍କୃତି ଅଧିକାରୀ ଓ ଅନ୍ୟ ୨ ଜଣ କର୍ମଚାରୀ ମଦ୍ୟପାନ କରି ଅଶାଳୀନ ବ୍ୟବହାର ପ୍ରଦର୍ଶନ ଅଭିଯୋଗରେ ଥାନାରେ ଅଟକ ରହିବା ଭଳି ପୀଡାଦାୟକ ଘଟଣା ଘଟିଥିଲା । ସେହିପରି ଏହି ଜିଲ୍ଲାସ୍ତରୀୟ ଉତ୍ସବ ଅବସରରେ ପ୍ରକାଶ ପାଇଥିବା ସ୍ମରଣିକାରେ କେତେକ କମିଟି ସଦସ୍ୟଙ୍କ ନାମ ନ ଥିବା ଦେଖାଯାଇଥିଲା । ଜିଲ୍ଲା ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ସମେତ ବହୁ ଭିଭିଆଇପି ଓ ଭିଆଇପି ଯୋଗ ଦେଇଥିବାବେଳେ ଆଖିବୁଜା ଅର୍ଥ ଖର୍ଚ୍ଚ କରାଯାଇଥିଲା । ଏହାସତ୍ତ୍ୱେ ଜିଲ୍ଲା ଉତ୍ସବ ସେତେଟା ଆକର୍ଷଣୀୟ ହୋଇପାରି ନ ଥିବା ସାଧାରଣରେ ଚର୍ଚ୍ଚା ହୋଇଥିଲା । ତେଣୁ ତୁରନ୍ତ ଜିଲ୍ଲା ଉତ୍ସବର ସମୀକ୍ଷା ବୈଠକ ଡକାଇ ସମସ୍ତ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ସହିତ ଆୟବ୍ୟୟ ବିବରଣୀ ସାର୍ବଜନୀନ କରିବା ପାଇଁ ବିଭିନ୍ନ ମହଲରେ ଦାବି କରାଯାଇଛି ।

## ବିପଦରେ ସିଆଳି ଗାଁ, ସି ୱାଲ୍ ନିର୍ମାଣ ଦାବି



ଏରସମା,୨୬ା୭ (ସମିସ): ସିଆଳି ଗାଁ ପାଇଁ ସମୁଦ୍ର ବିପଦ ସୃଷ୍ଟି କରିଛି । ସମୁଦ୍ର ମାଡ଼ି ଆସି ଓଟିଡିସିଠାରୁ ୫୦୦ ମିଟର ଦୂରରେ ରହିଛି । ନିକଟରେ ଥିବା ଚାଷ ଜମିରେ ମଧ୍ୟ ଲୁଣା ପାଣି ପସିବାକୁ ଲାଗିଲାଣି । ଅମାବାସ୍ୟା ଥିବାରୁ ବଙ୍ଗୋପସାଗର ପ୍ରକୋପ ବୃଦ୍ଧି ପାଇଛି । ଆଜି ଲହଡା ପାଣି କୂଳ ଲଘିଂବା ସହ ଆଗକୁ ମାଡି ଆସିଛି । ସମୁଦ୍ରକୁ ଲାଗିରହିଥିବା ଗ୍ରାମର ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି । ପୂର୍ବରୁ ଅନେକବାର ସମୁଦ୍ର କୂଳେ କୂଳେ ତଥା ହାୱାଖାନାରୁ ଜଟାଧାରୀ ମୁହାଁଣ ପର୍ଯ୍ୟନ୍ତ ପଥର ବନ୍ଧ ନିର୍ମାଣ ପାଇଁ ଏରସମାବାସୀ ଦାବି କରିଆସିଛନ୍ତି । ତୁରନ୍ତ ସି ୱାଲ ନିର୍ମାଣ କରିବା ପାଇଁ ସମାଜସେବୀ ସଞ୍ଜୀବ ବିଶ୍ୱାଳ ଦାବି କରିଛନ୍ତି ।

## ଧର୍ମପ୍ରାଣ ବ୍ୟକ୍ତିଙ୍କ ପରଲୋକ



ନାଉଗାଁ,୨୬ା୭ (ସମିସ): ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ୍ ଅନ୍ତର୍ଗତ ଜାମୁଗାଁ ପଞ୍ଚାୟତ ନନ୍ଦିଗ୍ରାମର ଘନଶ୍ୟାମ ପାଢୀ (୮୦) ଙ୍କ ପରଲୋକ ଘଟିଛି । ସ୍ୱର୍ଗତ ପାଢୀ ଉତ୍କଳ ବିଶ୍ୱବିଦ୍ୟାଳୟର ଦୂରନିରନ୍ତର ଶିକ୍ଷା ନିର୍ଦ୍ଦେଶାଳୟରେ ସମ୍ପ୍ରସାରଣ ଅଧିକାରୀ ଭାବେ ଅବସର ନେଇଥିଲେ । ସେ ଜଣେ ଧର୍ମପରାୟଣ, ସମାଜସେବୀ, ପରୋପକାରୀ ବ୍ୟକ୍ତି ଥିଲେ । ତାଙ୍କ ପରଲୋକରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ଓଡ଼ିଶା ସାଧୁସନ୍ଥ ସମାଜର ସଭାପତି ଚିନ୍ତାମଣି ପର୍ବତ ଗୋସ୍ୱାମୀ, ତିହୁଡା ଗୁରୁକୃପା କୁଟୀରର ବ୍ରହ୍ମଚାରୀ ବାବା ସତ୍ୟାନନ୍ଦ ଦାସମହାରାଜ, ଡା. ଲଲାଟେନ୍ଦୁ ମହାପାତ୍ର, ପୂର୍ବତନ ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି, ପୂର୍ବତନ ବିଧାୟକ ଚିରଞ୍ଜିବୀ ବିଶ୍ୱାଳ, ପୂର୍ବତନ ବିଧାୟକ ଜ୍ୟୋତିଷ ଚନ୍ଦ୍ର ଦାସ, ସମିତି ଅଧ୍ୟକ୍ଷା ତୃଷ୍ଣା ଲେଙ୍କା, ଜାମୁଗାଁ ସରପଞ୍ଚ ଶୁଭ୍ରସ୍ମୃତି ପରିଡା, ଡାବର ସମିତି ସଭ୍ୟ ସୁବଳ ବେହେରା ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି ।

## ‘ମହିଳା ଅଭିଯୋଗ ପ୍ରତିକାର ପ୍ରକୋଷ୍ଠ ପୋର୍ଟାଲ’ କର୍ମଶାଳା



ତିର୍ତ୍ତୋଲ, ୨୬ା୭ (ସମିସ): ପ୍ରଦେଶ କଂଗ୍ରେସ ନାରୀଙ୍କ ସୁରକ୍ଷା ପାଇଁ ଲଢ଼େଇ କରିଆସୁଛି । ରାଜ୍ୟରେ ପ୍ରତ୍ୟେକ ଦିନ ନାରୀ ନିର୍ଯାତନାର ଶିକାର ହେଉଛନ୍ତି । ପୀଡ଼ିତାଙ୍କ ଅଭିଯୋଗ କେହି ଶୁଣୁନାହାନ୍ତି । ଶେଷରେ ଆତ୍ମହତ୍ୟା କରିବାକୁ ବାଧ୍ୟ ହେଉଛନ୍ତି । ଅନେକ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି । ସେହି ମହିଳାଙ୍କୁ ସାହାଯ୍ୟ କରିବା ପାଇଁ କଂଗ୍ରେସ ପକ୍ଷରୁ ପିସିସି ସଭାପତି ଭକ୍ତ ଚରଣ ଦାସ ଓ ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତିଙ୍କ ନେତୃତ୍ୱରେ ଗତ ଦୁଇଦିନ ତଳେ ୨୪ ଘଣ୍ଟିଆ ମହିଳା ଅଭିଯୋଗ ପ୍ରତିକାର ପ୍ରକୋଷ୍ଠର ଶୁଭାରମ୍ଭ ହୋଇ ୧୦ଜଣ ଆଇନଜୀବୀଙ୍କୁ ନିଯୁକ୍ତ କରାଯାଇଛି । ଜିଲ୍ଲା ସ୍ତରରେ ମଧ୍ୟ ଏହି ଅଭିଯୋଗ ପ୍ରତିକାର ପ୍ରକୋଷ୍ଠ ନିମନ୍ତେ ଆଇନଜୀବୀଙ୍କୁ ନିଯୁକ୍ତ କରାଯିବ । ନିର୍ଯାତନାର ଶିକାର ହେଉଥିବା ପୀଡ଼ିତାଙ୍କୁ କଂଗ୍ରେସ ଯଥାସମ୍ଭବ ସହଯୋଗ ଯୋଗାଇ ଦେବ ବୋଲି ପିସିସି ସଭାପତି ଘୋଷଣା କରିଛନ୍ତି । ଏହି କ୍ରମରେ ଆଜି ହିମାଂଶୁ ଭୂଷଣ ମଲ୍ଲିକ ଓ ପିସିସି ସଭ୍ୟ ଦେବପ୍ରସାଦ ନାୟକଙ୍କ ପରାମର୍ଶକ୍ରମେ ପ୍ରଶିକ୍ଷକଙ୍କ ଦ୍ୱାରା ତିର୍ତ୍ତୋଲ ନିର୍ବାଚନମଣ୍ଡଳୀର ବିଭିନ୍ନ ପଞ୍ଚାୟତରେ କର୍ମଶାଳା ଅନୁଷ୍ଠିତ କରାଯାଇ ମହିଳାଙ୍କୁ ଏହି ପୋର୍ଟାଲରେ କିପରି ସେମାନେ ନିଜେ ଅଭିଯୋଗ ଦାଖଲ କରିପାରିବେ ଓ ପରେ କିପରି କଂଗ୍ରେସ ପକ୍ଷରୁ ସେମାନଙ୍କୁ ସହାୟତା କରାଯିବ ସେ ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ଭାବେ ବୁଝାଇଥିଲେ । ପ୍ରାରମ୍ଭରେ ତିର୍ତ୍ତୋଲ ବ୍ଲକର ମୂଳିସିଂ, ରଘୁନାଥପୁର ବ୍ଲକର ଏରଡଙ୍ଗା ଓ ବିରିଡି ବ୍ଲକର ଅରଣା ପଞ୍ଚାୟତରେ ଏହି କର୍ମଶାଳା ଅନୁଷ୍ଠିତ ହୋଇଛି । ଆଗକୁ ଅନ୍ୟ ପଞ୍ଚାୟତରେ ଏହି କର୍ମଶାଳା ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି । ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ସଭାପତି ସଫି ଆଜମ, ରଘୁନାଥପୁର ବ୍ଲକ କଂଗ୍ରେସ ସଭାପତି ଆର୍ତ୍ତତ୍ରାଣ ପଣ୍ଡା, ସୁଶୀଲ ଦାସ, ପ୍ରତ୍ୟୁଷ ନାୟକ, ପୁଷ୍ପାଞ୍ଜଳି ଦାସ, ବିବେକାନନ୍ଦ ବେହେରା, ପଦମନ ସେଠୀ, ପ୍ରଦୀପ୍ତ ଦାସ, ପତିତପାବନ ସେଠୀ ପ୍ରମୁଖ ପୋର୍ଟାଲର କାର୍ଯ୍ୟକାରିତା ସମ୍ବନ୍ଧରେ ମହିଳାଙ୍କୁ ସୂଚନା ଦେଇଥିଲେ ।

## ଭଗବାନ ଦାସ ସ୍ମୃତି ସମ୍ମାନ ପ୍ରଦାନ ଉତ୍ସବ



ତିର୍ତ୍ତୋଲ, ୨୬ା୭ (ସମିସ): ତିର୍ତ୍ତୋଲ ବ୍ଲକ୍ ଅନ୍ତର୍ଗତ କଟରା ପଞ୍ଚାୟତ ବେଗୁନିଆ ଗ୍ରାମର ଧର୍ମ ଗୁରୁ ତଥା ପାରାଦୀପ ଉଦୟ ବଟରେ ଜଗନ୍ନାଥ ତତ୍ତ୍ୱ ଶ୍ରମର ପ୍ରତିଷ୍ଠାତା ଭଗବାନ ଦାସଙ୍କ ୨୫ତମ ଶ୍ରାଦ୍ଧୋତ୍ସବରେ ବେଗୁନିଆଠାରେ ଭଗବାନ ଦାସ ସ୍ମୃତି ସମ୍ମାନ ପ୍ରଦାନ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ଡଃ ରାଜେନ୍ଦ୍ର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନାମ ସଂକୀର୍ତ୍ତନ, ପ୍ରବଚନ, ଝଙ୍କଡ଼ଶ୍ରୀ ସାଂସ୍କୃତିକ ପରିଷଦର ସଙ୍ଗୀତ ନିର୍ଦ୍ଦେଶକ ମହେଶ ଚନ୍ଦ୍ର ନାୟକଙ୍କ ସଂଯୋଜନାରେ କୁନି କଳାକାରଙ୍କ ଦ୍ୱାରା ଓଡ଼ିଶୀ ଓ ସମ୍ବଲପୁରୀ ନୃତ୍ୟ ସହ ଗୀତିନାଟ୍ୟ ମାୟା ଶବରୀ ପ୍ରଦର୍ଶିତ ହୋଇଥିଲା । ଆୟୋଜକ ଯଶୋବନ୍ତ ରାଉତ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବାବେଳେ ସମ୍ପାଦକ ଦେବବ୍ରତ ନାୟକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ପ୍ରତିଭାଧର ବ୍ୟକ୍ତିବିଶେଷ ଜଗତସିଂହପୁର ପିତେଇପୁରର ଜନାର୍ଦ୍ଦନ ଦାସ (ବାବୁଲି ବାବା), ଆଦର୍ଶ ଶିକ୍ଷକ ଭାଗବତ ସ୍ୱାଇଁ, ଜଗଦୀଶ ମଲ୍ଲ, ବାଦ୍ୟ ସଙ୍ଗୀତ ଗୁରୁ ଦୋଳଗୋବିନ୍ଦ ସାହୁ, ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ପ୍ରତ୍ୟାଶା ପ୍ରିୟଦର୍ଶିନୀ ନାୟକ ଓ ଶିଶୁ ଚିତ୍ରଶିଳ୍ପୀ ରିୟାନସା ନାୟକଙ୍କୁ ଗୁରୁ ଭଗବାନ ଦାସ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା । କାର୍ଯ୍ୟକ୍ରମକୁ ପାରାଦୀପ ଜଗନ୍ନାଥ ତତ୍ତ୍ୱାଶ୍ରମ ସଭାପତି ବସନ୍ତ ନାୟକ, ନଗେନ୍ଦ୍ର ନାୟକ, ଆବାହକ ପଦ୍ମନାଭ ରାଉତଙ୍କ ସମେତ ଗ୍ରାମବାସୀ ପରିଚାଳନା କରିଥିଲେ ।

## ଆହତ ଷଣ୍ଢର ଚିକିତ୍ସା କରାଇଲେ ସ୍ୱେଚ୍ଛାସେବୀ



ଜଗତସିଂହପୁର,୨୬ା୭ (ସମିସ): ଜଗତସିଂହପୁର ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଶୀର୍ବାଦ ସେବା ସଂଗଠନ କର୍ମକର୍ତ୍ତା ଏକ ଗୁରୁତର ଆହତ ଷଣ୍ଢର ଚିକିତ୍ସା କରିଛନ୍ତି । ଜଗତସିଂହପୁର ପୌରାଞ୍ଚଳର ବଡ଼ବାଗ ଗ୍ରାମରେ ଏକ ଷଣ୍ଢ ରକ୍ତାକ୍ତ ଅବସ୍ଥାରେ ଛଟପଟ ହେଉଥିଲା । ଷଣ୍ଢର ପଛପଟେ ଗଭିର କ୍ଷତ ହେବା ସହିତ ଏଥିରୁ ରକ୍ତସ୍ରାବ ହେଉଥିଲା । ଖବର ପାଇ ଆଶୀର୍ବାଦ ସେବା ସଂଗଠନ ସଭାପତି ଜଗନ୍ନାଥ ବେହେରା ଓ ସିଦ୍ଧାର୍ଥ ଦାସ ଆହତ ଷଣ୍ଢ ନିକଟରେ ପହଞ୍ଚି ଆନିମଲ୍ ହେଲ୍ପଲାଇନକୁ ଯୋଗାଯୋଗ କରିଥିଲେ । ଆନିମଲ୍ ହେଲ୍ପଲାଇନ ଗାଡ଼ି ସହଞ୍ଚି ଆହତ ଷଣ୍ଢର ଚିକିତ୍ସା କରିଥିଲା ।

## କୁଜଙ୍ଗ ମହାବିଦ୍ୟାଳୟରେ ଯୌନ ଉତ୍ପୀଡ଼ନ ସଚେତନତା ଶିବିର



କୁଜଙ୍ଗ,୨୬ା୭ (ସମିସ): ମହିଳା ହୁଅନ୍ତୁ କି ଛାତ୍ରୀ, କେଉଁଠାରେ ବି ଅଶାଳୀନ ବ୍ୟବହାର କିମ୍ବା ଯୌନ ଉତ୍ପୀଡ଼ନର ଶିକାର ହେବେନି । ଏହି ସମସ୍ୟାର ସମାଧାନ ପାଇଁ ସଚେତନତା ଓ ଜଗୁରୁକତା ଏକ ପ୍ରମୁଖ ଆୟୁଧ । ତେବେ ଯୌନ ଉତ୍ପୀଡନ ନିରୋଧ ଆଇନ କ'ଣ, ଏଭଳି ଅପରାଧ ଜଣଙ୍କ ପ୍ରତି ହେଉଛି; ତାହା ଜାଣିବେ କେମିତି, ଯଦି ହେଉଥାଏ ତାହାକୁ ଗୋପନ ନ ରଖି କେଉଁ ସ୍ଥାନରେ ଅଭିଯୋଗ କରିବେ ସେ ନେଇ ଏକ ସଚେତନତା ଶିବିର କୁଜଙ୍ଗ ମହାବିଦ୍ୟାଳୟରେ ଅଧ୍ୟକ୍ଷ ଶିଶିର ଚନ୍ଦ୍ର ସ୍ୱାଇଁଙ୍କ ପୌରୋହିତ୍ୟରେ ଆୟୋଜିତ ହୋଇଯାଇଛି । ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ତଥା ଲବ୍ଧ ପ୍ରତିଷ୍ଠିତ ଲେଖକ ଅଧ୍ୟାପକ ଚିତ୍ତରଞ୍ଜନ ସାହୁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ଅଧ୍ୟାପିକା ଡଃ ଶୁଭଲକ୍ଷ୍ମୀ ମହାନ୍ତି, ଡଃ ସସ୍ମିତା ସାହୁ, ଡଃ ଅନୁପମା ସୂତାର, ସୂର୍ଯ୍ୟକାନ୍ତ ନନ୍ଦ, ଇତିଶ୍ରୀ ଦାସ, ଅଜୟ କୁମାର ରାଉତ, ସଲୋମନ ସାହୁ, ଶୁଭଶ୍ରୀ ବିଶ୍ୱାଳ ଓ ଭୃଗୁ କୁମାର ପାତ୍ର ପ୍ରମୁଖ ଯୋଗଦେଇ ଏହି ମହାବିଦ୍ୟାଳୟ ଛାତ୍ରୀ ଯେପରି କିପରି ପୀଡ଼ିତ ନ ହେବେ ଓ ଯଦି ଏହି ସମସ୍ୟା ଭୋଗିଲେ ତେବେ କେଉଁ ପଦକ୍ଷେପ ନେବେ ସେ ନେଇ ସଚେତନ କରାଇଥିଲେ । ସାହସ ସହ ସମସ୍ୟା କିପରି ମୁକାବିଲା ହେବ ଓ ପୋସ୍ ଆକ୍ଟ ୨୦୧୩, ଆଇସିସି କମିଟି ଗଠନ, ଅନ୍ୟାନ୍ୟ ଆଇନ ବିଷୟରେ ଆଲୋଚନା କରିବା ସହ ପ୍ରଶିକ୍ଷଣ ପ୍ରଦାନ କରିଥିଲେ ।

## ମତ୍ସ୍ୟଜୀବୀଙ୍କ ଦକ୍ଷତା ବିକାଶ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ପାରାଦୀପ,୨୬ା୭ (ସମିସ)



ସମୁଦ୍ରରେ ମାଛ ଧରୁଥିବା ମତ୍ସ୍ୟଜୀବୀଙ୍କ ଚାଲିଥିବା ତିନିଦିନିଆ ଦକ୍ଷତା ବିକାଶ ପ୍ରଶିକ୍ଷଣ ଶିବିର ଆଜି ଉଦ୍‌ଯାପିତ ହୋଇଯାଇଛି । ପାରାଦୀପ ମାଛଧରା ବନ୍ଦର ପରିସରରେ ଆୟୋଜିତ ଏହି ଶିବିରକୁ ରାଜ୍ୟ ମତ୍ସ୍ୟ ନିର୍ଦ୍ଦେଶାଳୟ ଓ କେନ୍ଦ୍ରୀୟ ମତ୍ସ୍ୟ ନୌଚାଳନା ଓ ଇଞ୍ଜିନିୟରିଂ ପ୍ରଶିକ୍ଷଣ ସଂସ୍ଥାନ (ସିଫନେଟ୍) ବିଶାଖାପାଟଣମ୍‌ଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ ହୋଇଥିଲା । ପାରାଦୀପର ୫୦ରୁ ଊର୍ଦ୍ଧ୍ୱ ମତ୍ସ୍ୟଜୀବୀ ଏହି ଶିବିରରେ ଯୋଗଦେଇ ପ୍ରଶିକ୍ଷଣ ନେଇଥିବାବେଳେ ମୁଖ୍ୟତଃ ସମୁଦ୍ର ମଝିରେ ଯନ୍ତ୍ରଚାଳିତ ଡଙ୍ଗା କିମ୍ବା ବୋଟ୍‌ର ଯାନ୍ତ୍ରିକ ତ୍ରୁଟି ହେଲେ ତାକୁ କିଭଳି ସହଜରେ ମରାମତି କରାଯାଇପାରିବ, ସେନେଇ ମତ୍ସ୍ୟଜୀବୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା । ମତ୍ସ୍ୟଜୀବୀ ଏହି ପ୍ରଶିକ୍ଷଣ ପାଇବା ପରେ ବୋଟ୍ କିମ୍ବା ଟ୍ରଲରର ଯେକୌଣସି ଅସୁବିଧାର ସମ୍ମୁଖୀନ ହୋଇଥିଲେ ମଧ୍ୟ ସେସବୁକୁ ନିଜେ ମରାମତି କରିବା ସହିତ ସୁରକ୍ଷିତ ଭାବେ କୂଳକୁ ଫେରିବେ ବୋଲି ତାଲିମ ଦେଉଥିବା ବିଶାଖାପାଟନମ୍‌ର ସିଫନେଟ୍ ଅଧିକାରୀ ପ୍ରକାଶ କରିଛନ୍ତି । ଏହି ପ୍ରଶିକ୍ଷଣ ଶିବିରର ପ୍ରଥମ ଦିବସରେ ଓଡ଼ିଶା ମତ୍ସ୍ୟ ଉତ୍ପାଦକ ସଂଘ ସଭାପତି ଶ୍ରୀକାନ୍ତ ପରିଡା ଓ ସାଧାରଣ ସମ୍ପାଦକ ଅରବିନ୍ଦ ସ୍ୱାଇଁଙ୍କ ସମେତ ସମସ୍ତ ବେନିଫିସାରି ଓ ସିଫନେଟ୍ ଅଧିକାରୀ ଉପସ୍ଥିତ ଥିଲେ । ଡଙ୍ଗା ଇଞ୍ଜିନର ତ୍ରୁଟି ସଂଶୋଧନ ଓ ରକ୍ଷଣାବେକ୍ଷଣ ନେଇ ରାଜ୍ୟ ଓ କେନ୍ଦ୍ର ସରକାର ମିଳିତ ଭାବେ ଏହି ତିନିଦିନିଆ ଦକ୍ଷତା ବିକାଶ ପ୍ରଶିକ୍ଷଣ ଶିବିର ଆୟୋଜନ କରିଛନ୍ତି । ଯଦ୍ୱାରା ମତ୍ସ୍ୟଜୀବୀ ସମୁଦ୍ର ମଧ୍ୟରେ ଅସୁବିଧାର ସମ୍ମୁଖୀନ ହୋଇଥିଲେ ମଧ୍ୟ ତାଲିମ ପାଇଥିବା ମତ୍ସ୍ୟଜୀବୀ ବୋଟ୍ ସହ ସୁରକ୍ଷିତ କୂଳକୁ ଫେରିପାରିବେ । ଆଜି ଉଦଯାପନୀ କାର୍ଯ୍ୟକ୍ରମରେ ଭେଙ୍କେଟେଶ ଏଲ୍ ପୁଜା ରାଓ, ଇଞ୍ଜିନିୟରିଂ ବିଭାଗ ମୁଖ୍ୟ, ସିଫନେଟ, ବିଶାଖାପାଟନମ୍, ଅତିରିକ୍ତ ମତ୍ସ୍ୟ ଅଧିକାରୀ ମେରାଇନ, କୁଜଙ୍ଗ ତୁଷାର କାନ୍ତ ମହାପାତ୍ର, ସହକାରୀ ମତ୍ସ୍ୟ ଅଧିକାରୀ, ମେରାଇନ, ପାରାଦୀପ ମାଛଧରା ବନ୍ଦର ତପନ ମହାପାତ୍ର, ଓଡ଼ିଶା ସାମୁଦ୍ରିକ ମତ୍ସ୍ୟ ଉତ୍ପାଦକ ସଂଘର ସାଧାରଣ ସମ୍ପାଦକ ଅରବିନ୍ଦ ସ୍ୱାଇଁ, କୋଷାଧ୍ୟକ୍ଷ ପୁରନ୍ଦର ବିଶ୍ୱାଳ, ବିଶାଖାପାଟଣା ସିନିଅର ଇନଷ୍ଟ୍ରକଟର, ମେରାଇନ ଇଞ୍ଜିନିଅରିଂ ବି ଏଲ ପୂଜାର, ଇନଷ୍ଟ୍ରକଟର ମେରାଇନ ଇଞ୍ଜିନିୟର ହରନାଦ ରାଓ ଓ ଫିଟର ଏମ ଗଙ୍ଗାରାଜୁନ ଓ ସମସ୍ତ ବେନିଫିସରି ଉପସ୍ଥିତ ଥିଲେ ।

## ଆନ୍ତର୍ଜାତିକ ହେନ୍ତାଳ ବଣ ସଂରକ୍ଷଣ ଦିବସ ପାଳିତ




ପାରାଦୀପ, ୨୬ା୭ (ସମିସ): ପାରାଦୀପର ଜଣାଶୁଣା ସ୍ୱେଚ୍ଛାସେବୀ ସଂଗଠନ ସ୍ୱାତ୍ତିକ ସୋଲ ଫାଉଣ୍ଡେଟେସନ ପକ୍ଷରୁ ଆନ୍ତର୍ଜାତିକ ଲୁଣା ଜଙ୍ଗଲ ବା ହେନ୍ତାଳ ବଣ ସଂରକ୍ଷଣ ଦିବସ ପାଳନ କରାଯାଇଛି । ସ୍ଥାନୀୟ ନେହେରୁ ବଙ୍ଗଳାଠାରେ ଆୟୋଜିତ କାର୍ଯ୍ୟକ୍ରମରେ ୧୦୦ଟି ଲୁଣା ଚାରା ରୋପଣ କରାଯାଇଥିଲା । ବାତ୍ୟା, ବନ୍ୟା ଓ ମୃତ୍ତିକା କ୍ଷୟ ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଉପକୂଳବର୍ତ୍ତୀ ଅଞ୍ଚଳ ପାଇଁ ସର୍ବଦା ସୁରକ୍ଷା କବଚ ଭାବେ ହେନ୍ତାଳ ବଣ ବା ଲୁଣା ଜଙ୍ଗଲ ରହିଛି । ଆର୍ଦ୍ରଭୂମିର ସୁରକ୍ଷା, ଜଳବାୟୁ ପରିବର୍ତ୍ତନର ସନ୍ତୁଳନ ବଜାୟ ରଖିବା, ଉଭୟ ସ୍ଥଳ ଓ ଜଳଚର ଜୀବଙ୍କୁ ସୁରକ୍ଷା ଦେବାରେ ଏହି ଲୁଣା ଜଙ୍ଗଲର ଭୂମିକା ଅତୁଳନୀୟ । ଉପକୂଳବର୍ତ୍ତୀ ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କ ଜୀବନ ଜୀବିକାକୁ ଆର୍ଥିକ କ୍ଷେତ୍ରରେ ସୁଦୃଢ଼ କରେ ବୋଲି ସ୍ୱାତ୍ତିକ୍ ସୋଲ୍ ଫାଉଣ୍ଡେସନର ଜିଲ୍ଲା ସଂଯୋଜକ ବିଶ୍ୱଜିତ ସାମଲ ମତ ଦେଇଛନ୍ତି । ଏହି ଚାରା ରୋପଣ କାର୍ଯ୍ୟକ୍ରମରେ ୩ଟି ପ୍ରଜାତିର ଚାରା ବଡରାଇ, ସାନରାଇ ଓ ସିନ୍ଧୁଗାଁର ଚାରା ରୋପଣ କରାଯାଇଛି । ଏହି ଆନ୍ତର୍ଜାତିକ ଲୁଣା ଜଙ୍ଗଲ ବା ହେନ୍ତାଳ ବଣ ସଂରକ୍ଷଣ ଦିବସରେ ସ୍ୱାତ୍ତିକ୍ ସୋଲ୍ ଫାଉଣ୍ଡେସନ୍ ପକ୍ଷରୁ ୨୦୩୦ ସୁଦ୍ଧା ପାରାଦୀପରେ ଏକଲକ୍ଷ ଲୁଣା ଚାରା ରୋପଣ କରିବା ଲକ୍ଷ୍ୟ ରଖାଯାଇଛି । ଏଥିସହିତ ସ୍ୱାତ୍ତିକ୍ ସୋଲ୍ ଫାଉଣ୍ଡେସନ୍ ପକ୍ଷରୁ ନେହେରୁ ବଙ୍ଗଳାବାସୀଙ୍କୁ ଲୁଣା ଜଙ୍ଗଲ ସୁରକ୍ଷା ଓ ରକ୍ଷଣାବେକ୍ଷଣ ବିଷୟରେ ମଧ୍ୟ ସଚେତନତା କାର୍ଯ୍ୟକ୍ରମ କରାଯାଇଛି । ଫଳରେ ବିଲୁପ୍ତ ପ୍ରାୟ ଲୁଣା ଜଙ୍ଗଲ ଅଧିକରୁ ଅଧିକ ପୁନଃନିର୍ମାଣ ଓ ସୁରକ୍ଷିତ ହୋଇପାରିବ । ସ୍ୱାତ୍ତିକ୍ ସୋଲ୍ ଫାଉଣ୍ଡେସନ୍‌ର ଜିଲ୍ଲା ସଂଯୋଜକ ବିଶ୍ୱଜିତ୍ ସାମଲଙ୍କ ନେତୃତ୍ୱରେ ସ୍ୱାତ୍ତିକ୍ ସୋଲ୍ ଫାଉଣ୍ଡେସନ୍‌ର ଅନ୍ୟ ସମସ୍ତ ସଦସ୍ୟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଧର୍ମପଦ ବାଡୋଇ, ଗାୟତ୍ରୀ ସ୍ୱାଇଁ, କୈବଲ୍ୟ କଣିକା ପରିଡା, ଅଞ୍ଜନା ମହାକୁଡ଼, ଶୁଭଲକ୍ଷ୍ମୀ ନାଏକ, ସତ୍ୟରଞ୍ଜନ ନାଏକ, ବନଲତା ପରିଡା, ଅର୍ଚ୍ଚନା ଦାସ, ରଶ୍ମିତା ଖୁଣ୍ଟିଆ, ସୁଜାତା ବେହେରା ଓ କୁନି ନାୟକ ଯୋଗ ଦେଇଥିଲେ ।

# ବ୍ଲାଷ୍ଟିଂରେ ଘର ଭାଙ୍ଗି ଛାରଖାର

## ■ ଅଳ୍ପକେ ବର୍ତ୍ତିଲେ ପରିବାର ଲୋକେ



ତାଳଚେର,୨୬।୭(ସମିସ): ଲିଙ୍ଗରାଜ କୋଇଲା ଖଣିର ଉଚ୍ଚ କ୍ଷମତାସମ୍ପନ୍ନ ଡିନାମାଇଟ୍ ବିସ୍ଫୋରଣ ଯୋଗୁଁ ଶନିବାର ମଦନମୋହନପୁର ଗ୍ରାମର ହେମନ୍ତ ପ୍ରଧାନଙ୍କ ଘର ଆଜବେଷ୍ଟସ ଉପରେ ଏକ ବଡ଼ ପଥର ପଡ଼ିବା ଫଳରେ ଆଜବେଷ୍ଟସ ଭାଙ୍ଗି ଚୂରମାର ହୋଇଯାଇଛି। ବ୍ଲାଷ୍ଟିଂରେ ଘର କାନ୍ଥ ମଧ୍ୟ ଫାଟିଥିବା ଅଭିଯୋଗ ହୋଇଛି। ଏଥିସହ ଘର ଭିତରେ ଥିବା ଆସବାବପତ୍ର ଭାଙ୍ଗିରୁଜି ନଷ୍ଟ ହୋଇଯାଇଛି। ତେବେ ପରିବାର ଲୋକେ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଏହା ପୂର୍ବରୁ ମଧ୍ୟ ସେହି ଗ୍ରାମ ବାସିନ୍ଦା ତଥା ପୂର୍ବତନ ସମିତି ସଭ୍ୟ ଚୈତନ୍ୟ ପ୍ରଧାନ ଓ କାନୁନ ପ୍ରଧାନଙ୍କ ଘର ବ୍ଲାଷ୍ଟିଂରେ ଭାଙ୍ଗିଥିବା ଅଭିଯୋଗ ହୋଇଛି। ଏ ନେଇ ସେଠାରେ ଏକ ଅପ୍ରୀତିକର ପରିସ୍ଥିତ ସୃଷ୍ଟି ହୋଇଥିଲା। ତେବେ ଖଣି କର୍ମଚାରୀ ପହଞ୍ଚି ବୁଝାସୁଝା କରିବା ସହ ଭାଙ୍ଗିଥିବା ଘରଗୁଡ଼ିକୁ ମରାମତି କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି।

# ଲଟକିଛି ତାଳଚେର-ବିମଳାଗଡ଼ ରେଳପ୍ରକଳ୍ପ

ତାଳଚେରସଦର,୨୬।୭(ସମିସ):

ତାଳଚେର-ବିମଳାଗଡ଼ ରେଳପଥ ପାଇଁ ଅନୁଗୋଳରେ ଜମି ଅଧିଗ୍ରହଣ ସରିଲାଣି। କିନ୍ତୁ ଦେବଗଡ଼ରେ ରେଳବାଇକୁ ଏପର୍ଯ୍ୟନ୍ତ ଜମି ହସ୍ତାନ୍ତର ହୋଇନି। ସୁନ୍ଦରଗଡ଼ରେ ବି ସମାନ ସ୍ଥିତି। ଏହି ପ୍ରକଳ୍ପ ପାଇଁ ପ୍ରାୟ ୯୮୫ ବେସରକାରୀ ଜମି ଆବଶ୍ୟକ ଥିବା ବେଳେ ରେଳବାଇକୁ ମିଳିଛି ମାତ୍ର ୫୫୫ ଏକର। ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ପ୍ରମୁଖ ସମସ୍ୟା ଭାବେ ଛିଡ଼ା ହୋଇଥିବା ବେଳେ ଦେବଗଡ଼ ଓ ସୁନ୍ଦରଗଡ଼ରେ ଲାଗି ରହିଥିବା ସମସ୍ୟା ପାଇଁ ପ୍ରକଳ୍ପ ଆହୁରି ବିଳମ୍ବ ହେବା ଆଶଙ୍କା ପ୍ରକାଶ ପାଇଛି।



ଏହି ପ୍ରକଳ୍ପ ରାଉରକେଲା ଓ ଭୁବନେଶ୍ୱର ମଧ୍ୟରେ ଦୂରତା କମାଇବା ସହ ଖଣିଜ ପରିବହନ କ୍ଷେତ୍ରରେ ଏକ ପ୍ରମୁଖ ରୁଟ୍ ପାଲଟିବ। ରାଉରକେଲା ସହିତ ତାଳଚେର-ଅନୁଗୋଳ ଶିଳ୍ପାଞ୍ଚଳକୁ ଏହି ରେଳପଥ ଯୋଡୁଥିବାରୁ ଏହା ରାଜ୍ୟ ଅର୍ଥନୀତିରେ ପ୍ରମୁଖ ଭୂମିକା ଗ୍ରହଣ କରିବ। ସେହିପରି ଅନୁଗୋଳ ଜିଲ୍ଲାରେ ପାଲଲହଡ଼ା ବ୍ଲକ ସମେତ ଦେବଗଡ଼ ଓ ସୁନ୍ଦରଗଡ଼ ଜିଲ୍ଲାର ଅଧିକାଂଶ ଅଞ୍ଚଳ ରେଳ ଲାଇନ୍ ସହ ଯୋଡ଼ି ହେବ। ତେଣୁ ଏହି ପ୍ରକଳ୍ପକୁ ଲୋକେ ଅପେକ୍ଷା କରି ରହିଛନ୍ତି। ୧୫୪ କିମି ରେଳଲାଇନ୍ ନିର୍ମାଣ ପାଇଁ ୨୦୦୩-୦୪ରେ ସରକାରୀ ମଞ୍ଜୁରୀ ମିଳିଥିଲା। ୨୦୦୭ରୁ ରେଳବାଇ ବିଭିନ୍ନ ପର୍ଯ୍ୟାୟରେ ଜମି ବରାଦ କରିବା ପରେ ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏହି ପ୍ରକଳ୍ପରେ ଅନୁଗୋଳର ସବୁଠାରୁ ଅଧିକ ଜମି ଯାଉଥିବାରୁ ଏଠାରେ ଅଧିଗ୍ରହଣ ପ୍ରକ୍ରିୟା ଶେଷ ହୋଇଛି। ରାଜ୍ୟ ସରକାର ଦେଇଥିବା ତଥ୍ୟ ଅନୁସାରେ ଏହି ଜିଲ୍ଲାରେ ୫୪୯.୮୬୫ ଏକର ବେସରକାରୀ ଜମିରୁ ୫୪୩.୬୭୫ ଏକର ଜମି ଅଧିଗ୍ରହଣ କରାଯାଇ ରେଳବାଇକୁ ହସ୍ତାନ୍ତର କରଯାଇଛି। ସେହିପରି ସୁନ୍ଦରଗଡ଼ ଜିଲ୍ଲାରେ ୨୪୭.୬୪୦ ଏକର ବେସରକାରୀ ଜମିରୁ ମାତ୍ର ୧୧.୮୯୦ ଏକର ଜମି ରେଳବାଇକୁ ପ୍ରଦାନ କରାଯାଇଛି। ଦେବଗଡ଼ ଜିଲ୍ଲାରେ ଆବଶ୍ୟକ ୧୮୮.୨୪୦ ଏକର ବେସରାକରୀ ଜମି ଅଧିଗ୍ରହଣ ପ୍ରକ୍ରିୟା ଚାଲିଛି। କିନ୍ତୁ ଲେବାଇକୁ ଜମି ହସ୍ତାନ୍ତର ହୋଇ ନ ଥିବାରୁ କାମ ଆରମ୍ଭ ହୋଇପାରିନି।

ଜମି ଅଧିଗ୍ରହଣ ବିଳମ୍ବ ହେବାର ଏକାଧିକ କାରଣ ଦର୍ଶାଇଛନ୍ତି ରାଜ୍ୟ ସରକାର। ଅନୁଗୋଳ ଜିଲ୍ଲାରେ ପାଲଲହଡ଼ା ମୌଜାର ମାତ୍ର ୬.୧୯୦ ଏକର ବେସରକାରୀ ଜମି ହସ୍ତାନ୍ତର ହୋଇପାରିନି। ସୁନ୍ଦରଗଡ଼ରେ କ୍ଷତିଗ୍ରସ୍ତ ପ୍ରଜାମାନେ ଅଧିକ କ୍ଷତିପୂରଣ ଦାବିକରି ଜମି ଅଧିଗ୍ରହଣ ପକ୍ରିୟାରେ ସହଯୋଗ କରୁନାହାନ୍ତି। ଏପଟେ ଦେବଗଡ଼ ଜିଲ୍ଲାରେ କୋଭିଡ୍ ପାଇଁ ଜମି ଅଧିଗ୍ରହଣ ହୋଇପାରି ନ ଥିଲା। ଏଠାରେ ଭୂଅର୍ଜନ ଅଧିକାରୀ ଅଭାବ ପାଇଁ ଅଧିଗ୍ରହଣରେ ସମସ୍ୟା ହେଉଛି।

ଏହ ରେଳ ପ୍ରକଳ୍ପରେ ଅନୁଗୋଳର ୮୩କମି ରହିଥିବା ବେଳେ ଦେବଗଡ଼ ୩୨କମି ଓ ସୁନ୍ଦରଗଡ଼ ୩୯କିମି ରହିଛି। ଜମି ହସ୍ତାନ୍ତର ପରେ ତାଳଚେର ପଟୁ କାମ ଆରମ୍ଭ ହୋଇଥିଲେ ମଧ୍ୟ ବିମଳାଗଡ଼ ପଟୁ କାମ ଆଗେଇ ପାରୁନି। ତାଳଚେରରୁ ସୁନାଖଣି ପର୍ଯ୍ୟନ୍ତ ୨୦କିମି ରାସ୍ତା ଶେଷ ହେବା ସହ କାର୍ଯ୍ୟକ୍ଷମ ହୋଇସାରିଛି। ସୁନାଖଣିରୁ ପରାବିଲ ପର୍ଯ୍ୟନ୍ତ ଆଉ ୧୬.୩୧ କିମି ରେଳଲାଇନ ନିର୍ମାଣ ଶେଷ ହୋଇଥିବା ବେଳେ ଖମାର ପର୍ଯ୍ୟନ୍ତ କାମ ଚାଲିଛି। ସମ୍ପୂର୍ଣ୍ଣ କାମ ହୋଇସାରିଲେ ତାଳଚେର ଓ ରାଉରକେଲା ମଧ୍ୟରେରେ ଯାତ୍ରୀ ପରିବହନ ସୁଗମ ହୋଇପାରିବ।

## ବିଦ୍ୟୁତ ବିଭାଗ ନାଁରେ ଥାନାରେ ଅଭିଯୋଗ

କିଶୋରନଗର/ବଇଣ୍ଡା,୨୬।୭(ସମିସ): ଅନୁଗୋଳ ଜିଲ୍ଲା କିଶୋରନଗର ଥାନା ହରିଡ଼ାନାଳୀ ଗ୍ରାମର ୫ ବର୍ଷର ଶିଶୁପୁତ୍ର ମଧୁସୂଦନ ଦେହୁରିଙ୍କ ବିଦ୍ୟୁତ ଆଘାତରେ ମୃତ୍ୟୁ ହୋଇଛି। ଏ ନେଇ ମଧୁସୂଦନଙ୍କ ବାପା ବସନ୍ତ ଦେହୁରି ବିଦ୍ୟୁତ୍ ବିଭାଗ ନାଁରେ ଶୁକ୍ରବାର କିଶୋରନଗର ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ଗ୍ରାମରେ ଥିବା ବିଦ୍ୟୁତ ଟ୍ରାନ୍ସଫର୍ମର ସଂସ୍ପର୍ଶରେ ଆସି ମଧୁସୂଦନ ଗୁରୁତର ହୋଇ ପଡ଼ିଥିଲେ। ପରେ କଟକ ବଡ଼ ମେଡ଼ିକାଲରେ ତାଙ୍କ ମୃତ୍ୟୁ ହୋଇଥିଲା। ବିଦ୍ୟୁତ ବିଭାଗର ଅବହେଳା ଯୋଗୁଁ ମଧୁସୂଦନଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି।

## ଅଙ୍ଗନବାଡ଼ି କେନ୍ଦ୍ରରୁ ଚୋରି ଅଭିଯୋଗ

ବଇଣ୍ଡା,୨୬।୭(ସମିସ): ଅନୁଗୋଳ ଜିଲ୍ଲା ହଣ୍ଡପା ଥାନା କୁରୁମଟାପ ଅଙ୍ଗନବାଡ଼ି କେନ୍ଦ୍ରର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ବିଭିନ୍ନ ସାମଗ୍ରୀ ଚୋରି କରିଥିବା କେନ୍ଦ୍ରର ପରିଚାଳିକା ଅରୁଣୀ ସାହୁ ଶୁକ୍ରବାର ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଦୁର୍ବୃତ୍ତମାନେ ଅଙ୍ଗନବାଡ଼ି କେନ୍ଦ୍ରରୁ ଗ୍ୟାସ ଟାଙ୍କି, ମଧ୍ୟାହ୍ନଭୋଜନ ସାମଗ୍ରୀ ସହ ଅନ୍ୟାନ୍ୟ ସାମଗ୍ରୀ ଚୋରି କରି ନେଇଥିବା ଅଭିଯୋଗରେ ଦର୍ଶାଯାଇଛି।

## ଅବକାରୀ ବିଭାଗର ଚଢ଼ଉ; ୩ ଗିରଫ



ପାଲଲହଡ଼ା,୨୬।୭(ସମିସ): ଅନୁଗୋଳ ଜିଲ୍ଲା ପାଲଲହଡ଼ା ଉପଖଣ୍ଡ ଅବକାରୀ ବିଭାଗ ଚଢ଼ଉ କରି ୩ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତଙ୍କଠାରୁ ୪୨ ଲିଟର ଦେଶୀ ମଦ ଜବତ କରିବା ସହ ୬୦ ଲିଟର ପୋଚ ନଷ୍ଟ କରିଛି। ଶନିବାର ଅବକାରୀ ବିଭାଗ ତାଳଚେର ରେଞ୍ଜି ଇନ୍ସପେକ୍ଟର ଉମାକାନ୍ତ ସ୍ୱାଇଁଙ୍କ ନେତୃତ୍ୱରେ ପାଲଲହଡ଼ା ଅବକାରୀ ଅଧିକାରୀ ନିରାକାର ଦେହୁରୀ, ସହକାରୀ ଅଧିକାରୀ ନରେନ୍ଦ୍ର ମହାନନ୍ଦ, ସସ୍ମିତା ସାହୁ ମିଳିତ ଭାବେ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଝରିଆଖମଣ ଗାଁର ରମେଶ ଚନ୍ଦ୍ର ବୋଇପାଇଙ୍କଠାରୁ ୧୨ ଲିଟର ଦେଶୀମଦ ଜବତ କରିବା ସହ ୨୦ ଲିଟର ପୋଚ ନଷ୍ଟ କରିଥିଲେ। ସେହିପରି କରଡ଼ାଖମଣର ପ୍ରଧାନ ପୂର୍ତ୍ତିଙ୍କଠାରୁ ୧୫ ଲିଟର ମଦ ଜବତ କରିବା ସହ ୨୦ ଲିଟର ପୋଚ ନଷ୍ଟ କରିଥିଲେ। କନ୍ତଲା ଗାଁର ଭଞ୍ଜ ନାଏକଙ୍କଠାରୁ ୧୫ ଲିଟର ମଦ ଜବତ ସହ ୨୦ ଲିଟର ଗୁଡ଼ ପୋଚ ନଷ୍ଟ କରିଥିଲେ। ଗିରଫ ତିନିଜଣଙ୍କୁ ଅବକାରୀ ଆଇନ ଅନୁଯାୟୀ କୋର୍ଟ ଚାଲାଣ କରାଯାଇଥିବା ପାଲଲହଡ଼ା ଅବକାରୀ ଥାନା ଅଧିକାରୀ ନିରାକାର ଦେହୁରୀ ସୂଚନା ଦେଇଛନ୍ତି।

## ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ତାଳଚେର,୨୬।୭(ସମିସ): ଭାରତ ସରକାରଙ୍କ ଆୟୁଷ୍ମାନ ଭାରତ ଯୋଜନା ଅନ୍ତର୍ଭୁକ୍ତ ସହରାଞ୍ଚଳ ଆରୋଗ୍ୟ ମନ୍ଦିର ଆନୁକୂଲ୍ୟରେ ସହରାଞ୍ଚଳରେ ବାସ କରୁଥିବା ବରିଷ୍ଠ ନାଗରିକମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ତାଳଚେର ପୌରାଞ୍ଚଳ ୯ ନଂ ୱାର୍ଡ ରାମଚନ୍ଦ୍ର ବଜାର ନିକଟ ପାଟରାସାହି ସ୍କୁଲ ପରିସରରେ ଥିବା ଅଙ୍ଗନବାଡ଼ି କେନ୍ଦ୍ରରେ ଶନିବାର ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ୱାର୍ଡ କାଉନସିଲର ମମତା ରାଉତ ଶିବିରକୁ ଉଦଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ସାମ୍ବାଦିକ ତପନ କୁମାର ମହାରଣା ଯୋଗଦେଇଥିଲେ। ମେଡ଼ିକାଲ ଅଫିସର ଡା. ପ୍ରଦ୍ୟୁମ୍ନ ମହାନ୍ତିଙ୍କ ଦ୍ୱାରା ଶତାଧିକ ବରିଷ୍ଠ ନାଗରିକଙ୍କ ରକ୍ତଚାପ, ମଧୁମେହ, ହିମୋଗ୍ଲୋବିନ ଆଦି ଅନେକ ପ୍ରକାର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ନିଜ ୱାର୍ଡ ତଥା ଘର ପାଖରେ ଏହି ସ୍ୱାସ୍ଥ୍ୟ ପରୀକ୍ଷା ସୁବିଧା ପାଇ ବରିଷ୍ଠ ନାଗରିକମାନେ ବେଶ୍ ଖୁସି ପ୍ରକଟ କରିଛନ୍ତି। ଶିବିରରେ ଫାର୍ମାସିଷ୍ଟ ସୀତାକାନ୍ତ ଖିଲାର, ଲାବୋରେଟରୀ ଟେକ୍ନିସିଆନ ପିଣ୍ଟୁ ବିଶ୍ୱାସ, ଷ୍ଟାଫ୍ ନର୍ସ ପଦ୍ମିନୀ ସାହୁ, ସ୍ୱାଗତିକା ସାହୁ, ଏଏନ୍ଏମ ଜ୍ୟୋତିର୍ମୟୀ ଦେହୁରୀ, ଐଶ୍ୱର୍ଯ୍ୟା ଦେବତା, ଗୌରୀ ବେହେରା, ପିଙ୍କି ସାହୁ, ସ୍ୱାଧୀନତା ସାହୁ, ଆଶାକର୍ମୀ ସତ୍ୟଭାମା ଦାସ, ଅଙ୍ଗନବାଡ଼ି କର୍ମୀ ବନଜ୍ୟୋତ୍ସ୍ନା ସାହୁ, ସମାଜସେବୀ ଲଳିତ ବଲ୍ଲଭ ରାଉତ ପ୍ରମୁଖ ସହଯୋଗ କରିଥିଲେ।




## କାର୍ଗିଲ ବିଜୟ ଦିବସ ପାଳିତ



ଅନୁଗୋଳ,୨୬।୭(ସମିସ): ଭାରତ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରାଳୟ ଓ ମେରା ଯୁବା ଭାରତ ଅନୁଗୋଳ ଜିଲ୍ଲା ତରଫରୁ ନାଲକୋନଗର ଦିଲ୍ଲୀ ପବ୍ଲିକ ସ୍କୁଲ ପରିସରରେ କାର୍ଗିଲ ବିଜୟ ଦିବସ ପାଳିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ନାଲକୋ ସିଆଇଏସଏଫ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ସିଦ୍ଧାନ୍ତ ଗୋସ୍ୱାମୀ, ସମ୍ମାନିତ ଅତିଥି ଭାବେ ନାଲକୋନଗର ଦିଲ୍ଲୀ ପବ୍ଲିକ ହାଇସ୍କୁଲର ପ୍ରଧାନଶିକ୍ଷକ ମାଧବଚନ୍ଦ୍ର ବେହେରା, ଲାଇଟ୍ ହାଉସର ସଂଯୋଜକ ହିମୁଦ୍ୟୁତ ବେହେରା, ଉତ୍କର୍ଷ ପରିବାର ସଭାପତି ଭୀଷ୍ମ ସାହୁ, ରିମିଟ କଲେଜର ଅନୁପ ଶତପଥୀ ଯୋଗଦେଇଥିଲେ। ଦେଶ ପାଇଁ ପ୍ରାଣବଳି ଓ ତାହାର ମହତ୍ତ୍ୱ ଉପରେ ମୁଖ୍ୟଅତିଥି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଉପସ୍ଥାପନ କରିଥିଲେ। ଦେଶ ଲାଗି କିଛି କରିବା ଲାଗି ଯୁବଗୋଷ୍ଠୀଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଏକ ବକ୍ତୃତା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ମେରା ଯୁବା ଭାରତ, ଅନୁଗୋଳ ଜିଲ୍ଲା ତରଫରୁ ତପନ କୁମାର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଅତିଥିମାନଙ୍କ ଦ୍ୱାରା ଚାରାରୋପଣ କରାଯାଇଥିଲା।

## ମଦ୍ୟପ ଚାଳକ ଗିରଫ; ବାଇକ୍ ଜବତ

ବଇଣ୍ଡା,୨୬।୭(ସମିସ): ହଣ୍ଡପା ଥାନା ପୁଲିସ ଶୁକ୍ରବାର ଗାଡ଼ିମଟର ଯାଞ୍ଚ କରିଥିଲା। ଏହି ସମୟରେ ମଦ୍ୟପାନ କରି ବାଇକ ଚଳାଉଥିବା ଅଭିଯୋଗରେ ଇଚ୍ଛାପୁର ଗ୍ରାମର କାଳିଆ ବେହେରାଙ୍କୁ ଗିରଫ କରିଛି। ଏଥିସହ ତାଙ୍କ ବାଇକ ଜବତ କରାଯାଇଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି।

## ପ୍ରିୟଙ୍କାଙ୍କୁ ରସାୟନ ବିଜ୍ଞାନରେ ପିଏଚ୍‌ଡି



ଅନୁଗୋଳ,୨୬।୭(ସମିସ): ସେଣ୍ଟ୍ରାଲ ୟୁନିଭର୍ସିଟି ଅଫ୍ ଝାଡ଼ଖଣ୍ଡର ରସାୟନ ବିଜ୍ଞାନ ବିଭାଗରେ ଗବେଷଣାରତ ଛାତ୍ରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ସାମଲ ସଫଳତା ସହିତ ତାଙ୍କ ଗବେଷଣା ସମାପ୍ତ କରି ପିଏଚଡି ଡିଗ୍ରୀ ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ତାଙ୍କ ଡକ୍ଟରେଟ୍ କାର୍ଯ୍ୟ ସହାୟକ ପ୍ରଫେସର ଡ. ସୌମେନ୍ ଦେଙ୍କ ନେତୃତ୍ୱରେ ସଫଳତାର ସହ ସମ୍ପନ୍ନ ହୋଇଛି। ଜଳ ଉପଚାର କ୍ଷେତ୍ରରେ ପ୍ରାକୃତିକ ଓ ସିନ୍ଥେଟିକ ସାମଗ୍ରୀର ପ୍ରୟୋଗ ଉପରେ ପ୍ରିୟଙ୍କା ଗବେଷଣା କରିଥିଲେ। ଡ. ପ୍ରିୟଙ୍କାଙ୍କ ଦ୍ୱାରା ୩୦ରୁ ଅଧିକ ଗବେଷଣା ପ୍ରବନ୍ଧ ପ୍ରସିଦ୍ଧ ଅନ୍ତର୍ଜାତୀୟ ଜର୍ଣ୍ଣାଲଗୁଡ଼ିକରେ ପ୍ରକାଶିତ ହୋଇଛି। ବିଭିନ୍ନ ରାଷ୍ଟ୍ରୀୟ ଓ ଅନ୍ତର୍ଜାତୀୟ ସମ୍ମିଳନୀରେ ସେ ତାଙ୍କ ଗବେଷଣାର ନିବନ୍ଧ ପ୍ରସ୍ତୁତ କରି ଉଚ୍ଚ ପ୍ରଶଂସିତ ହୋଇଛନ୍ତି। ଢେଙ୍କାନାଳ ଜିଲ୍ଲା ନିବାସୀ ଶରତ କୁମାର ସାମଲ ଓ ମିନତୀ ସାମଲଙ୍କ ଝିଅ ପ୍ରିୟଙ୍କା ନିଜ ଗବେଷଣା ପାଇଁ ବିଭିନ୍ନ ମହଲରେ ପ୍ରଶଂସିତ ହୋଇଛନ୍ତି। ଡ. ପ୍ରିୟଙ୍କା ସାମଲ ତାଙ୍କର ଏହି ଉପଲବ୍ଧିର ଶ୍ରେୟ ଜଗତରନାଥ ଜଗନ୍ନାଥ, ଗାଇଡ୍ ଡ. ଦେ, ମାତାପିତା, ପରିବାରବର୍ଗ, ଶିକ୍ଷକ, ଗୁରୁଜନ ଓ ସମସ୍ତ ଶୁଭେଚ୍ଛୁଙ୍କୁ ଦେଇଛନ୍ତି। ନିକଟରେ ବିର୍ଲା ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜି, ମେସରାରେ ସେ ପୋଷ୍ଟ ଡକ୍ଟରାଲ ଗବେଷଣା ଜାରି ରଖିଛନ୍ତି।

## ସାପ କାମୁଡ଼ିବା ପରେ ସାପକୁ ଧରି ହସ୍ପିଟାଲ ପହଞ୍ଚିଲେ

ଅନୁଗୋଳ,୨୬।୭(ସମିସ): ଅନୁଗୋଳ ଜିଲ୍ଲା ନିଶା ଥାନା ଅନ୍ତର୍ଗତ କାଳିଆକଟା ଗ୍ରାମର ଜଣେ ଯୁବକ ସାପ କାମୁଡ଼ାର ଶିକାର ହେବାପରେ ଚିକିତ୍ସା ନିମନ୍ତେ ସାପକୁ ଧରି ହସ୍ପିଟାଲ ପହଞ୍ଚିବା ଭଳି ଘଟଣା ଘଟିଛି। କାଳିଆ କଟା ଗ୍ରାମର ବଳଭଦ୍ର ଭୋଇଙ୍କ



ପୁଅ ବବୁଲ ଭୋଇ (୩୪) ଗ୍ରାମରେ ଥିବାବେଳେ ତାଙ୍କ ପିଉସାଙ୍କ ଘରେ ସାପ ପଶିଥିବା ଜାଣିବାକୁ ପାଇଥିଲେ। ସାପକୁ ଘରୁ ବାହାର କରିବା ବେଳେ ସାପ ତାଙ୍କୁ କାମୁଡ଼ି ଦେଇଥିଲା। ବବୁଲ ହାତରେ କପଡ଼ା ବାନ୍ଧିବା ସହ ବିଷ ଝାଡ଼ିବା ପାଇଁ କ୍ଷତ ସ୍ଥାନକୁ କାମୁଡ଼ି ରକ୍ତାକ୍ତ କରିଥିଲେ। ପରେ ଗ୍ରାମବାସୀଙ୍କ ସହାୟତାରେ ସାପକୁ ଧରି ଜିନ୍ଦଲ ହସ୍ପିଟାଲରେ ପହଞ୍ଚିଥିଲେ। ସେଠାରେ ସାପକୁ ଉଦ୍ଧାର କରାଯିବା ସହ ଉନ୍ନତ ଚିକିତ୍ସା ନିମନ୍ତେ ବବୁଲଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି। ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ବବୁଲଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା ସମାଜସେବୀ ଚିନ୍ମୟୀ ସୂଚନା ଦେଇଛନ୍ତି।

## ମାଛର ଓଜନ ୧୭୦ କେଜି

### ● ବ୍ରାହ୍ମଣୀ ନଦୀରୁ ଧରିଲେ ମତ୍ସ୍ୟଜୀବୀ



ତାଳଚେର ସହର,୨୬।୭(ସମିସ): ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ସମଲ ବ୍ୟାରେଜ୍ ତଳମୁଣ୍ଡ ଓପିସିଏଲ୍ ଗେଟ୍ ପାଖରୁ ଶନିବାର ସକାଳେ ଧରାଯାଇଛି ୧୭୦ କେଜି ଓଜନର ବିଶାଳକାୟ ମାଛ। ମାଛଟି ଜାଲରେ ପଡ଼ିଥିବା ଜଣେ ମତ୍ସ୍ୟଜୀବୀ ଦେଖିଥିଲେ। ତେବେ ସେ ଏକୁଟିଆ ଏହି ମାଛକୁ ଧରିବାକୁ ଅକ୍ଷମ ହୋଇଥିଲେ। ଆଉ ତିନି ଜଣଙ୍କୁ ଡାକି ମାଛକୁ ନଦୀ ମଧ୍ୟରୁ ଉପରକୁ ଆଣିଥିଲେ। ତେବେ ଏହି ମାଛକୁ କୋଲକାତା ପଠାଇବାକୁ ମାଛଧରାଳିମାନେ ସୂଚନା ଦେଇଛନ୍ତି।

## ୧୦.୩୧ ଗ୍ରାମ ଧଳାଜହର ଜବତ

ତାଳଚେର,୨୬।୭(ସମିସ): କଳାହୀରା ସହର ତାଳଚେର ଧଳାଜହର କବଳରେ ଜର୍ଜରିତ ହେଉଥିବା ବେଳେ ଶନିବାର ଟାଉନ ଥାନା ପୁଲିସ୍



### ୩ ମହିଳା ସମେତ ୬ ଗିରଫ

ଧଳାଜହର କାରବାରରେ ସମ୍ପୃକ୍ତ ୩ ମହିଳା ସମେତ ୬ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଓମଶୁଭମ ଦାନୀ, ତପନ ବେହେରା, ବାବୁନା ବେହେରା, ସାନଝିଅ ବେହେରା, ସୁଦାନୀ ବେହେରା ଓ ସବିତା ନାଏକ। ଏମାନଙ୍କଠାରୁ ୧୦.୩୧ ଗ୍ରାମ ବ୍ରାଉନସୁଗର ସହ ୪ ହଜାର ଟଙ୍କା, ଗୋଟିଏ ମୋବାଇଲ୍ ଓ ଏକ ହୋଣ୍ଡାସ୍କୁଟି ଜବତ କରାଯାଇଛି। ଜବତ ବ୍ରାଉନସୁଗରର ଆନୁମାନିକ ମୂଲ୍ୟ ୧ ଲକ୍ଷ ୩୦ ହଜାର ଟଙ୍କା ହେବ ବୋଲି ପୁଲିସ କହିଛି। ଶୁକ୍ରବାର ବିଳମ୍ବିତ ରାତିରେ ସହରର ୪ ଓ ୫ନମ୍ବର ୱାର୍ଡରେ ବ୍ରାଉନସୁଗର କାରବାର ଚାଲିଥିବା ସୂଚନା ପାଇ ପୁଲିସ ଚଢ଼ଉ କରିବା ସହ ଅଭିଯୁକ୍ତମାନଙ୍କୁ ଗିରଫ କରିଛି।

# କାରଗିଲ ବିଜୟ ଦିବସରେ ସହିଦଙ୍କୁ ଶ୍ରଦ୍ଧାଞ୍ଜଳି

ଅନୁଗୋଳ,୨୬।୭(ସମିସ):



ସହିଦ ମାନସ ରଞ୍ଜନ ସ୍ମୃତି ପରିଷଦ ପକ୍ଷରୁ ଅନୁଗୋଳ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ କାରଗିଲ ବିଜୟ ଦିବସ ଆୟୋଜିତ ହୋଇଛି। ମୁଖ୍ୟଅତିଥି ଭାବେ ଅନୁଗୋଳ ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର ଯୋଗଦେଇ ସହିଦ ମାନସଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହ ସମାରୋହକୁ ଉଦଘାଟନ କରିଥିଲେ। ଭାରତୀୟ ସେନା ଦେଶର ଅଖଣ୍ଡତା ଓ ସଂହତି ରକ୍ଷା ପାଇଁ ସୀମାନ୍ତରେ ଅହରହ କାର୍ଯ୍ୟ କରୁଛନ୍ତି। ପାକିସ୍ତାନ ସେନା ଯେତେବେଳେ ଭାରତ ଉପରେ ଆକ୍ରମଣ କରିଛି ଆମ ସେନା ଏହାର ଦୃଢ଼ ଜବାବ ଦେଇଛି। ୧୯୯୯ କାରଗିଲ ଯୁଦ୍ଧରେ ଅନୁଗୋଳର ମାନସ ରଞ୍ଜନ ସାହୁ ପାକିସ୍ତାନୀ ସୈନ୍ୟଙ୍କ ଗୁଳିରେ ସହିଦ ହୋଇଥିଲେ। ଦେଶ ପାଇଁ ସୈନିକର ଆତ୍ମବଳି କେବେ ବୃଥା ଯାଏନା ବୋଲି ମୁଖ୍ୟଅତିଥି ମହାପାତ୍ର ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ରୂପେ ଶିଶୁ କଲ୍ୟାଣ ସମିତି ସଦସ୍ୟ କଲ୍ୟାଣ କିଶୋର ମହାନ୍ତି ଯୋଗଦେଇ ଜାତୀୟ ସଂହତି ରକ୍ଷା କରିବାରେ ନାଗରିକର ଭୂମିକା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ରୂପେ ଜେଏସପିଏଲର କର୍ପୋରେଟ କମ୍ୟୁନିକେସନ ବିଭାଗ ଏଜିଏମ ଲକ୍ଷ୍ମୀନାରାୟଣ ପଟ୍ଟନାୟକ ଓ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରିୟରଞ୍ଜନ ପ୍ରଧାନ ଯୋଗଦେଇ କାରଗିଲ ଯୁଦ୍ଧର ପୃଷ୍ଠଭୂମି ଓ ଭାରତୀୟ ସେନାର ସାହସିକତା ସମ୍ପର୍କରେ ଉଲ୍ଲେଖ କରିଥିଲେ। ପୂର୍ବରୁ ଆୟୋଜିତ ପ୍ରବନ୍ଧ ପ୍ରତିଯୋଗିତାର କୃତୀ ଛାତ୍ରୀମାନଙ୍କୁ ସମାରୋହରେ ପୁରସ୍କୃତ କରାଯାଇଥିଲ। ରକ୍ତଦାନ କ୍ଷେତ୍ରରେ ଉତ୍କର୍ଷତା ପାଇଁ ଜେଏସପି ଫାଉଣ୍ଡେସନ ପକ୍ଷରୁ ରକ୍ତଦାତା ଆୟୋଜକ ତାପସ କୁମାର ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ୱେଚ୍ଛାସେବୀ ପର୍ଶୁରାମ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମାରୋହରେ ସଂସ୍ଥାର ସଭାପତି ପ୍ରତାପ ମହାପାତ୍ର ସହିଦ ସ୍ମୃତି କମିଟିର କାର୍ଯ୍ୟାବଳୀ ବର୍ଣ୍ଣନା କରିଥିଲେ। ପର୍ଶୁରାମ ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସଦସ୍ୟ ଅକ୍ଷୟ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପ୍ରାରମ୍ଭରେ କଣ୍ଠଶିଳ୍ପୀ ବିଦ୍ୟାଧର ନାଏକ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରିଥିଲେ। ବିଶ୍ୱରଞ୍ଜନ ପଟ୍ଟନାୟକ ଓ ସୁବ୍ରତ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ପଇଁଚକୁଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରତିଷ୍ଠା ଉତ୍ସବ



ଆଠମଲ୍ଲିକ,୨୬।୭(ସମିସ): ଆଠମଲ୍ଲିକ ବ୍ଲକ ଅଏଡ଼ା ପଞ୍ଚାୟତ ବିନିକେୟୀ ବିହାର ପଇଁଚକୁଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୧୬ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ ଆଠମଲ୍ଲିକ ବିଧାୟକ ନଳିନୀକାନ୍ତ ପ୍ରଧାନ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ସହ ସେମାନଙ୍କ ମୌଳିକ ସୁବିଧା ଅସୁବିଧା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ରକ୍ତଦାନ ଶିବିରକୁ ମୁଖ୍ୟଅତିଥି ପ୍ରଧାନ ଉଦଘାଟନ କରିଥିଲେ। ଜିଲ୍ଲା ପରିଷଦ ଅନୁଦାନରୁ ନିର୍ମିତ ପାଠାଗାରକୁ ମଧ୍ୟ ବିଧାୟକ ପ୍ରଧାନ ଉଦଘାଟନ କରିଥିଲେ। ସାମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧକ୍ଷା ବବିତା ପ୍ରଧାନ, ବ୍ଲକ ଅଧକ୍ଷ ଦୁଃଶାସନ ରାଉଳ, ଏନ୍ଏସି ଅଧକ୍ଷା ଆଶା କୁମାରୀ ସାହୁ, ଜିଲ୍ଲା ପରିଷଦ ସଭ୍ୟା ବବିତା କର୍ଣ୍ଣ, ଜାମୁଡୋଲି ସମିତି ସଭ୍ୟ ଅଖିଳ ପ୍ରଧାନ ଉପସ୍ଥିତ ଥିଲେ। ମାଧ୍ୟମିକ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପୂର୍ବତନ ବ୍ଲକ ଅଧକ୍ଷ ଚିତ୍ତରଞ୍ଜନ କର୍ଣ୍ଣ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସମ୍ପାଦକ ମାଧବ ଚନ୍ଦ୍ର ସାହୁ ବିବରଣୀ ପାଠ କରିଥିଲେ। ଅଧକ୍ଷା କଳ୍ପନା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

■ ବିପଦସଂକୁଳ ରାଜପୁର ବସୁନ୍ଧରା ବ୍ରିଜ୍

## ଲଗାଣ ବର୍ଷାରେ ଧସିଲା ବ୍ରିଜ୍‌ର ସଂଲଗ୍ନ ରାସ୍ତା

ଝାରସୁଗୁଡା,୨୬।୭(ସମିସ): ଝାରସୁଗୁଡା ଜିଲ୍ଲା ସଦର ବ୍ଲକ୍ ଅନ୍ତର୍ଗତ ଗାନ୍ଧିଛକରୁ ବଲଙ୍ଗିବାହାଲ ଦେଇ ସୁନ୍ଦରଗଡ ଜିଲ୍ଲାକୁ ସଂଯୋଗ କରୁଥିବା ରାସ୍ତାର ରାଜପୁର ବସୁନ୍ଧରା ବ୍ରିଜ୍



ବିପଦସଂକୁଳ ଅବସ୍ଥାରେ ରହିଛି। ଏହି ପୋଲ ଉପରେ ପ୍ରତ୍ୟେକ ଦିନ ଲୋଇସିଂହ ଗ୍ରାମପଞ୍ଚାୟତ ସମେତ ସୁନ୍ଦରଗଡ଼ ଜିଲ୍ଲାର ହଜାର ହଜାର ଜନସାଧାରଣ ନିର୍ଭରଶୀଳ ଅଟନ୍ତି। ଗତ ଜୁଲାଇ ୬ ତାରିଖରେ ଲଗାଣ ବର୍ଷା ଓ ଭାରିଯାନ ଯାତାୟାତ ଫଳରେ ଏହା ଉପରେ ଏକ ବିରାଟ ଗର୍ତ୍ତ ସୃଷ୍ଟି ହୋଇଥିଲା। ଯାହାକୁ ମରାମତି କରାଯାଇଥିଲା। ଶନିବାର ପୁଣି ରାଜପୁର ବସୁନ୍ଧରା ବ୍ରିଜ୍‌ର ଗୋଟିଏ ପଟ ବିପଦସଂକୁଳ ହୋଇପଡିଛି। ଝାରସୁଗୁଡା ଜିଲ୍ଲା ଗାନ୍ଧିଛକ ରୁ ବଲଙ୍ଗିବାହାଲ ଦେଇ ସୁନ୍ଦରଗଡକୁ ସଂଯୋଗ କରୁଥିବା ରାସ୍ତାର ରାଜପୁର ବସୁନ୍ଧରା ବ୍ରିଜ୍‌ର ଗୋଟିଏ ପଟ ଧସି ଯାଇଛି। ଫଳରେ ଏହି ରାସ୍ତା ଦେଇ ଜନସାଧାରଣ, ଯାତ୍ରୀବାହୀ ବସ ଏବଂ ଯାନବାହନ ଆଦି ଯାତାୟାତ କରିବା ବିପଦପୂର୍ଣ୍ଣ ହୋଇଛି। ହଜାର ହଜାର ବାଲି ବୋଝେଇ ଟ୍ରକ୍ ସମେତ ଏନ୍‌ଟିପିସି ଓ ବିଭିନ୍ନ ଭାରିଯାନ ଯାତାୟାତ ଫଳରେ ଏପରି ବାରମ୍ବାର ବ୍ରିଜ୍‌ର ଗୋଟିଏ ପଟ ଧସି ଯାଉଥିବା ବେଳେ କୌଣସି ସମୟରେ ଏଠାରେ ବଡ଼ ଦୁର୍ଘଟଣାକୁ ଏଡାଇଦିଆଯାଇନପାରେ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଏହାର ବାରମ୍ବାର ସାମୟିକ ମରାମତି କରାଯାଉଥିଲେ ସୁଦ୍ଧା ଲଗାଣ ବର୍ଷାହେଲେକେତେବେଳେଧସିଯାଇକିମ୍ବା ଗର୍ତ୍ତ ସୃଷ୍ଟି ହୋଇ ବିପଦ ସୃଷ୍ଟି କରୁଥିବାରୁ ଏହାର ସ୍ଥାୟୀ ସମାଧାନ ସହିତ ପୋଲର ମରାମତି କରାଯାଇ ପୋଲର ସ୍ଥାୟୀତ୍ୱ ଦିଗରେ ପୂର୍ତ୍ତ ବିଭାଗ ଓ ଜିଲ୍ଲା ପ୍ରଶାସନ ଧ୍ୟାନ ଦେବାର ଆବଶ୍ୟକତା ରହିଛି ବୋଲି ଅଞ୍ଚଳବାସୀ କହିଛନ୍ତି। ଏଥିସହ କ୍ଷମତାଠାରୁ ଅଧିକ ଓଜନର ଭାରିଯାନ ଚଳାଚଳ ଉପରେ ରୋକ ଲଗାଇବା ପାଇଁ ପ୍ରଶାସନ ପଦକ୍ଷେପ ନେବାକୁ ସ୍ଥାନୀୟ ଜନସାଧାରଣ ଅନୁରୋଧ କରିଛନ୍ତି।

ବର୍ଷା ବିପ୍ଳାତ: ଫୁଲିଲା ମହାନଦୀ ଓ ଇବ୍

# ଚାଷ ଜମିରେ ପଶିଲା ବନ୍ୟାଜଳ; ଭୟରେ ନଦୀକୂଳବାସୀ







ଝାରସୁଗୁଡା,୨୬।୭(ସମିସ): ଲଗାଣ ବର୍ଷାରେ ଫୁଲିଛି ମହାନଦୀ ଏବଂ ଇବ ନଦୀର ଜଳସ୍ତର। ଶନିବାର ଅପରାହ୍ନରୁ ମହାନଦୀ ପାଣି କୂଳ ଲଘିଁ ସେମଲିଆ ଶିବ ମନ୍ଦିର ଭିତରକୁ ପଶିଥିବାବେଳେ ଶିବ ମନ୍ଦିର ରାସ୍ତାରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଚାଷ ଜମି ଜଳମଗ୍ନ ହୋଇ ଧାନ, ପନିପରିବା ଆଦି ପାଣିରେ ବୁଡିଯାଇଛି। ବର୍ଷା ଅଧିକ ହେଲେ ନଦୀକୁଳିଆ ଗାଁ ସେମଲିଆ, ସୁଖାସୋଡା, ଚିଖିଲି, ମୁହୁଦି, ଶରଧା ଆଦି ଗ୍ରାମକୁ ବନ୍ୟା ପାଣି ପଶି ବ୍ୟାପକ କ୍ଷୟକ୍ଷତି ହେବାର ଆଶଙ୍କା ରହିଛି। ଗାଁ ପାଖକୁ ବର୍ଷା ପାଣି ଆସି ସାରିଥିବାରୁ ନଦୀ କୁଳିଆ ଲୋକେ ମଧ୍ୟ ଭୟଭିତ ଅଛନ୍ତି । ତେବେ ଲଖନପୁର ବିଡ଼ିଓ ବିନୟ କୁମାର ପଟେଲଙ୍କ ସହ ଏବିଡିଓ ଏବଂ ଅନ୍ୟ ବ୍ଲକ୍‌ସ୍ତରୀୟ ଅଧିକାରୀମାନେ ଆଜି ସକାଳୁ ମହାନଦୀ ନଦୀ କୁଳିଆ ଗାଁ ଗୁଡିକୁ ଯାଇ ସ୍ଥିତି ତଦାରଖ କରି ଲୋକଙ୍କ ସହ ଆଲୋଚନା କରିଛନ୍ତି। ଏପର୍ଯ୍ୟନ୍ତ ଗାଁ ଭିତରକୁ ପାଣି ପଶି ନଥିବାବେଳେ ଲୋକଙ୍କୁ ସଚେତନ କରାଯାଇଛି। ସୁରକ୍ଷିତ ଏବଂ ନିରାପଦ ରହିବା ପାଇଁ କୁହାଯିବା ସହ ସେମାନଙ୍କ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ପ୍ରଶାସନ ସବୁ ବେଳେ ସଜାଗ ରହିଛି ବୋଲି ଲଖନପୁର ବିଡ଼ିଓ ବିନୟ କୁମାର ପଟେଲ କହିଛନ୍ତି। ଅନ୍ୟପଟେ ଇବ ନଦୀର ଜଳ ମଧ୍ୟ କୂଳଲଙ୍ଘିବାରୁ ବରଘାଟ ଶିବ ମନ୍ଦିର, ମା' ଚଣ୍ଡୀ ମନ୍ଦିରକୁ ବନ୍ୟା ଜଳ ପ୍ରବେଶ କରିଛି। ଏଥିସହ ଇବ୍, ପୁଢ଼ାପାଲି, ଜମେରା, ଜମାପାଲି, ମାରାକୁଟା, ଗଣ୍ଡଘୋରା ପରି ଇବ୍ ନଦୀ କୁଳିଆ ଅଞ୍ଚଳରେ ବନ୍ୟା ପାଣି ପଶିବାର ସ୍ଥିତି ଦେଖାଦେଇଛି। ଯାହାଫଳରେ ଗ୍ରାମବାସୀମାନେ ଭୟଭୀତ ହୋଇ ରହିଛନ୍ତି। ଚାଷ ଜମି ବୁଡିଯାଇ ପନିପରିବା, ଧାନ ଚାଷ ନଷ୍ଟ ହୋଇଥିବା ସୂଚନା ମିଳିଛି।

## ଚୋର ଗିରଫ; ଚୋରି ସାମଗ୍ରୀ ଜବତ

ଝାରସୁଗୁଡା,୨୬।୭(ସମିସ): ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ଥାନା ଗାନ୍ଧୀ ଛକ ଫାଣ୍ଡି ଅନ୍ତର୍ଗତ ଖଲିଆକାନି ଗ୍ରାମର ଜଣକ ଘରୁ ଟଙ୍କା ଓ ମୋବାଇଲ ଚୋରି ଅଭିଯୋଗରେ ଅଭିଯୁକ୍ତ ରଞ୍ଜିତ



ନାୟକ(୨୫)କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନାନୁଯାୟୀ, ବ୍ରଜରାଜନଗର ଥାନା ଗାନ୍ଧୀ ଛକ ଫାଣ୍ଡି ଅନ୍ତର୍ଗତ ଖଲିଆକାନି ଗ୍ରାମର ମିଲି ମହାନନ୍ଦଙ୍କ ଘରୁ ଗତ ୨୨ ତାରିଖରେ ଏକ ମୋବାଇଲ୍ ଫୋନ୍ ଓ ୧୦ ହଜାର ଟଙ୍କା ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ପୁଲିସ ଏକ ମାମଲା ରୁଜୁ କରି ସହରରେ ଲାଗିଥିବା ସିସିଟିଭି କ୍ୟାମେରା ଫୁଟେଜ ଆଧାରରେ ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିଲା। ବ୍ରଜରାଜନଗର ଥାନା ରେମଜା ଗ୍ରାମର ଜଣେ ସମ୍ପର୍କୀୟ ଘରେ ରହୁଥିବା ସୁନ୍ଦରଗଡ଼ ଜିଲ୍ଲା କାଲୋବାହାଲ ଅଞ୍ଚଳର ଅଭିଯୁକ୍ତ ରଞ୍ଜିତ ନାୟକ (୨୫)କୁ ଗିରଫ କରିବା ସହ ତା' ନିକଟରୁ ମୋବାଇଲ ଫୋନ୍ ଓ ଟଙ୍କା ଜବତ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା ଗାନ୍ଧୀ ଛକ ଫାଣ୍ଡି ଅଧିକାରୀ ମଦନମୋହନ ନାୟକ ସୂଚନା ଦେଇଛନ୍ତି।

## ରିଆମାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପ୍ରବେଶ ଉତ୍ସବ



ରିଆମାଲ,୨୬।୭(ସମିସ): ରିଆମାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ନିହାରକାନ୍ତ ମହାନ୍ତିଙ୍କ ସଭାପତିତ୍ୱରେ ନବାଗତ ଛାତ୍ରଛାତ୍ରୀଙ୍କ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଥିଲା। ପ୍ରଧାପକ ଫକୀର ମୋହନ ପ୍ରଧାନ, ଅଧ୍ୟାପକ ବେଣୁଧର ସାହୁ, ଓଡ଼ିଆ ଅଧ୍ୟାପିକା ଅନୁପମା ସାହୁ ମଞ୍ଚାସିନ ରହି ଛାତ୍ରଛାତ୍ରୀଙ୍କୁ ଶିକ୍ଷାର ମହତ୍ୱ ଏବଂ ଭବିଷ୍ୟତରେ କିଭଳି ନିଜର ଲକ୍ଷ୍ୟ ହାସଲ କରିପାରିବେ ସେହି ବିଷୟରେ ମାର୍ଗ ଦର୍ଶନ କରିଥିଲେ। ପ୍ରଥମ ବର୍ଷର ଛାତ୍ରଛାତ୍ରୀଙ୍କୁ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀ ଫୁଲତୋଡ଼ା ଦେଇ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ କଲେଜର ଅଧ୍ୟାପକ ଅଧ୍ୟାପିକା ତଥା କର୍ମଚାରୀମାନେ ସହଯୋଗ କରିଥିଲେ।

## ବିଦ୍ୟାଳୟସ୍ତରୀୟ ବିଦ୍ୱତ୍ ପରିଷଦ ଆଲୋଚନାଚକ୍ର

ଇବଥର୍ମାଲ,୨୬।୭(ସମିସ): ବନ୍ଧବାହାଲ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବନ୍ଧବାହାଲର ମାଧବଭବନ ପରିସରରେ ଶନିବାର ପ୍ରଧାନ ଆଚାର୍ଯ୍ୟ ଅରୁଣ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଅଞ୍ଚଳର ଅବସରପ୍ରାପ୍ତ ଶିକ୍ଷକମାନଙ୍କୁ ନେଇ ବିଦ୍ୟାଳୟସ୍ତରୀୟ ବିଦ୍ୱତ୍ ପରିଷଦ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା।



ଏଥିରେ ମୁଖ୍ୟ ବିଷୟ ଥିଲା "ଏନ୍‌ଇପି ୨୦୨୦ ଆଧାରରେ ୩୬୦ ସମଗ୍ର ବିକାଶ'। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ ଉମାକାନ୍ତ ପଣ୍ଡା ଯୋଗଦେଇ ଆଚାର୍ଯ୍ୟ ଆଚାର୍ଯ୍ୟାଙ୍କୁ ନୂତନ ଶିକ୍ଷା ନୀତି ବିଷୟରେ ବର୍ଣ୍ଣନା କରିଥିଲେ। ଅନ୍ୟାନ୍ୟ ସମ୍ମାନିତ ଅତିଥିଙ୍କ ମଧ୍ୟରେ ଅବସରପ୍ରାପ୍ତ ଶିକ୍ଷକ ରବିନ୍ଦ୍ର ଗିରି, ନବୀନ ଭୋଇ, ବନମାଳୀ ବିଶ୍ୱାଳ ଓ ବିଦ୍ୟାଳୟର ସମ୍ପାଦକ ଅଭିନ ରାଉତ, ସଦସ୍ୟ ମଞ୍ଜୁଲତା ଭୂମିଜ ଯୋଗଦେଇଥିଲେ। ଶେଷରେ ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟ ପାଣ୍ଡବ ସା ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା ସହଯୋଗ କରିଥିଲେ।

## ଟ୍ରକ୍ ମାଲିକ ସଂଘର ସ୍ୱାସ୍ଥ୍ୟ ଶିବିର




ଇବଥର୍ମାଲ,୨୬।୭(ସମିସ): ଝାରସୁଗୁଡ଼ା ଜିଲ୍ଲା ବନ୍ଧବାହାଲ ସ୍ଥିତ ମା' ସମଲେଇ ଟ୍ରକ୍ ମାଲିକ ସଂଘ ପକ୍ଷରୁ ସାଇଡିଂ ଅଞ୍ଚଳରେ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ କେବଳ ଟ୍ରକ୍ ଡ୍ରାଇଭରଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ହେପାଟାଇଟିସ ବି, ହେପାଟାଇଟିସ ସି ସହ ସିଫିଲିସ୍ ଓ ଏଚ୍‌ଆଇଭି ଭଳି ମାରାତ୍ମକ ରୋଗର ପରୀକ୍ଷଣ କରାଯାଇଥିଲା। ମାଇକ୍ରୋ ବାୟୋଲୋଜିଷ୍ଟ ଦେବଜାନୀ ଭଇଁସା, ଏଲ୍‌ଟି ମନିଷା ପାଣ୍ଡେ, ନମିତା ରାଉତ, ସ୍ୱାସ୍ଥ୍ୟ ପ୍ରଶିକ୍ଷକ ହିମାଂଶୁ ଦାନି ପ୍ରମୁଖ ଡ୍ରାଇଭରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଟ୍ରକ୍ ମାଲିକ ସଂଘ ସଭାପତି ଅଖିଳ ସ୍ୱାଇଁ, ଉପସଭାପତି ଗୁରୁନାମ ସିଂହ, ସାଧାରଣ ସମ୍ପାଦକ ସନ୍ତୋଷ ମହାନ୍ତି, ଯୁଗ୍ମ ସଂପାଦକ ପ୍ରଶାନ୍ତ ଭୁୟାଁ, ଶ୍ରୀକାନ୍ତ ରାୟ ସହଯୋଗ କରିଥିବାବେଳେ ମୋଟ ୭୨ ଜଣ ଡ୍ରାଇଭରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା।

## ଆର୍ଥିକ ସଚେତନତା ଓ ଅର୍ନ୍ତଭୁକ୍ତୀକରଣ କାର୍ଯ୍ୟକ୍ରମ

ଝାରସୁଗୁଡା,୨୬।୭(ସମିସ): ଜିଲ୍ଲା ସଞ୍ଚୟ ଓ ଅର୍ଥିକ ସେବା ବିଭାଗ ପକ୍ଷରୁ ଏକ ଆର୍ଥିକ ସଚେତନତା ଓ ଆର୍ଥିକ ଅର୍ନ୍ତଭୁକ୍ତୀକରଣ କାର୍ଯ୍ୟକ୍ରମ ତାଳପଟିଆ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ଠାରେ ଅନୁଷ୍ଠତ ହୋଇଯାଇଛି। ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ସୁମନା ପଣ୍ଡା ପ୍ରକ୍ ସୂଚନା ପ୍ରଦାନ କରିଥିଲେ। ରିଜର୍ଭ ବ୍ୟାଙ୍କର ଅଗ୍ରଣୀ ଜିଲ୍ଲା ଅଧିକାରୀ ତନ୍ମୟ ଜୟସ୍ୱାଲ



କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିବା ଲୋକମାନଙ୍କୁ ସଂକ୍ଷେପରେ ଆର୍ଥିକ ସଚେତନତାର ବାର୍ତ୍ତା ଦେଇଥିଲେ। ଅଗ୍ରଣୀ ଜିଲ୍ଲା ପ୍ରବନ୍ଧକ ଶିରପଣି ନାୟକ ଚିଟଫଣ୍ଡ କମ୍ପାନୀମାନଙ୍କରେ ଟଙ୍କା ବିନିଯୋଗ କରିବାର ଅପକରିତା ବିଷୟରେ ବୁଝାଇଥିଲେ। ଏଥିସହ ବିଭିନ୍ନ ସୁରକ୍ଷିତ ସଞ୍ଚୟ ଯୋଜନା ତଥା ଋଣ ବିଷୟରେ ବୁଝାଇଥିଲେ। ଝାରସୁଗୁଡ଼ା ମୁଖ୍ୟ ଡାକଘରର ପୋଷ୍ଟ ମାଷ୍ଟର ପ୍ରତାପ ଚନ୍ଦ୍ର ଭୋଇ ବିଭିନ୍ନ ସ୍ୱଳ୍ପ ସଞ୍ଚୟ ଯୋଜନା ତଥା ଭାରତ ସରକାରଙ୍କ ଦ୍ୱାରା ପ୍ରଚଳିତ ଜୀବନ ବୀମା ଏବଂ ଅଟଳ ପେନସନ ଯୋଜନା ଉପରେ ଆଲୋକପାତ କରିଥିଲେ। ଇଣ୍ଡିଆନ ପୋଷ୍ଟ ପେମେଣ୍ଟ ବ୍ୟାଙ୍କର ଲୋକ ସମ୍ପର୍କ ଅଧିକାରୀ ସୁମିତ୍ ପରମାଣିକ ଡିଜିଟାଲ କାରବାର ଓ ତଦ୍ ଜନିତ ସାଇବର ଅପରାଧ ସମ୍ପର୍କରେ ଅବଗତ କରାଇଥିଲେ । ସରପଞ୍ଚ ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଜିଲ୍ଲା ସଞ୍ଚୟ ଓ ଆର୍ଥିକ ସେବା ବିଭାଗର କର୍ମଚାରୀ ହେମକାନ୍ତ ବାଗ ଓ ଜଗନ୍ନାଥ ରାଉତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ଶ୍ରୀମତୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଅବସରପ୍ରାପ୍ତ ସେନା ଅଧିକାରୀଙ୍କୁ ସମ୍ବର୍ଦ୍ଧନା

ଝାରସୁଗୁଡା,୨୬।୭(ସମିସ): ଜୁଲାଇ ୨୬ କାରଗିଲ ବିଜୟ ଦିବସ। ଆଜିର ଦିନରେ ପାକିସ୍ତାନ ବିରୋଧରେ ଭାରତର ହୋଇଥିଲା ବଡ଼ ବିଜୟ। ଭାରତର ଯବାନଙ୍କ ଅପୂର୍ବ ତ୍ୟାଗ, ପରାକାଷ୍ଠା, ବଳିଦାନ ଯୋଗୁ କାରଗିଲ ଯୁଦ୍ଧରେ ଭାରତ ବିଜୟ ମୁକୁଟ ପିନ୍ଧିଥିଲା।

ଝାରସୁଗୁଡ଼ା ଜିଲ୍ଲା ଗଉରମାଲ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଠିଆବେର୍ଣ୍ଣା ଗ୍ରାମରେ ମେରା ଯୁବା ଭାରତ ଦ୍ୱାରା ଜୟ ବଜରଙ୍ଗବଳି ଯୁବକ ସଂଘ ଆନୁକୁଲ୍ୟରେ ଶନିବାର କାରଗିଲ ବିଜୟ ଦିବସ ପାଳିତ ହୋଇଯାଇଛି। ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଗଉରମାଲ ସରପଞ୍ଚ ରାଜକୁମାର ସାଏ ଓ ଅବସରପ୍ରାପ୍ତ ସେନା ଲକ୍ଷ୍ମନ ପଟ୍ଟନିଆ ଯୋଗଦେଇ ଗ୍ରାମ ବାସୀ ମାନଙ୍କୁ ଦେଶ ସେବା ଓ ସ୍ୱଚ୍ଛ ଭାରତ କରିବା ପାଇଁ ପ୍ରବର୍ତ୍ତାଇଥିଲେ।

ଅବସରପ୍ରାପ୍ତ ସେନା ଅଧିକାରୀ ଲକ୍ଷଣ ପଟ୍ଟନିଆଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି ଅବସରରେ କାର୍ଗିଲ ଯୁଦ୍ଧରେ ପ୍ରାଣ ହରାଇଥିବା ବିର ଜବାନ ମାନଙ୍କୁ ସ୍ମରଣ କରିବା ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏଥିରେ ଚାରଭାଟି ଯୁବକ ସଂଘର ସଦସ୍ୟ ମଧ୍ୟ ଯୋଗ ଦେଇଥିଲେ। ଶେଷରେ ରାଜକୁମାର ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ।




ହନୁମାନ ସାହିରେ ଜଳ ସଙ୍କଟ

# ଅଚଳ ପାନୀୟ ଜଳ ପ୍ରକଳ୍ପ; ୨୫ ପରିବାରକୁ ସାହା ନାଳ ପାଣି

ଦେବଗଡ଼,୨୬।୭(ସମିସ): ଗ୍ରାମାଞ୍ଚଳରେ ପାନୀୟ ଜଳ ଯୋଗାଣ ପାଇଁ ସରକାର ବିଭିନ୍ନ ଯୋଜନା କରୁଛନ୍ତି। କିନ୍ତୁ କେଉଁଠି ଅସାଧୁ ଅଧିକାରୀ ତ କେଉଁଠି ଅସାଧୁ ରାଜନେତାଙ୍କ କାରଣରୁ ଯୋଜନାର ଲାଭ ପାଇବାରୁ ବଞ୍ଚିତ ରହୁଛନ୍ତି ନିରୀହ ଗ୍ରାମବାସୀ। ଏଭଳି ଏକ ଚିତ୍ର ଦେଖିବାକୁ ମିଳିଛି ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକ୍ ତୁଙ୍ଗାମାଳ ପଞ୍ଚାୟତ ମହକୁମା ହନୁମାନ ସାହିରେ। ଗ୍ରାମରେ ୨୫ରୁ ଉର୍ଦ୍ଧ୍ୱ ପରିବାର ରହିଥିବା ବେଳେ ଜନସଂଖ୍ୟା ପ୍ରାୟ ଦେଢ଼ ଶହ ରହିଛି। ଅଧିକାଂଶ ଗ୍ରାମବାସୀ ଚାଷୀ ମୁଲିଆ ଶ୍ରେଣୀର ରହିଥିବା ବେଳେ ଦେଢ଼ ଶହ ଲୋକଙ୍କ ପାଇଁ ଗ୍ରାମରେ ନାହିଁ ପାନୀୟ ଜଳ ସୁବିଧା। ବସୁଧା ଯୋଜନାରେ ଉକ୍ତ ଗ୍ରାମକୁ ପାଇପ୍ ଯୋଗେ ଜଳ ଯୋଗାଣ ପାଇଁ ପ୍ରକଳ୍ପ ନିର୍ମାଣ କରାଯାଇଥିଲେ ମଧ୍ୟ ତାହା ଅଚଳ ହୋଇପଡିଛି। ପ୍ରକଳ୍ପରୁ ଜଳ ଯୋଗାଣ



ହେଉ ନଥିବାରୁ ଲୋକେ ପାନୀୟ ଜଳ ପାଇଁ ହନ୍ତସନ୍ତ ହେଉଛନ୍ତି। ସେହିପରି ଗ୍ରାମରେ ଗୋଟିଏ ମାତ୍ର ନଳକୂପ ରହିଥିବାବେଳେ ଦୀର୍ଘ ଛଅ ମାସ ହେବ ମରାମତି ପାଇଁ ତାହାକୁ ଖୋଲି ରଖାଯାଇଛି। ଫଳରେ ଗତ ଗ୍ରୀଷ୍ମ ଋତୁରେ ଗ୍ରାମବାସୀମାନେ ଗାଁ ଠାରୁ ପ୍ରାୟ ୧ କିମି ଦୂରରେ ଥିବା ନାଳରେ ଚୁଆ ଖୋଳି ପିଇବା ପାଣି ସଂଗ୍ରହ କରିଥିଲେ। ଏବେ ବର୍ଷା ଋତୁରେ ମଧ୍ୟ ଉକ୍ତ ନାଳ ଉପରେ ଭରଷା କରି ପାନୀୟ ଜଳ ସଂଗ୍ରହ କରିବାକୁ ବାଧ୍ୟ ହୋଇଛନ୍ତି। ବର୍ଷାରେ ନାଳର ଗୋଳିଆ ପାଣି ପିଉଥିବା ବେଳେ ସେହି ଗୋଟିଏ ନାଳରେ ଲୋକେ ଗାଧୁଆ ପାଧୁଆ କରୁଛନ୍ତି। ସେହି ଦୂଷିତ ପାଣି ବ୍ୟବହାର କରୁଥିବାରୁ ଗ୍ରାମରେ ଯେକୌଣସି ସମୟରେ ମହାମାରୀ ଦେଖାଦେବାର ଆଶଙ୍କା ଦେଖାଦେଇଛି। ଏନେଇ ଗ୍ରାମବାସୀମାନେ ବହୁବାର ପଞ୍ଚାୟତ ଓ ବ୍ଲକ୍ ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ପାଇ ପାରିନାହାନ୍ତି। ଏନେଇ ସ୍ଥାନୀୟ ସରପଞ୍ଚ ଶରତ ପ୍ରଧାନଙ୍କୁ ପଚାରିବାରୁ ଗ୍ରାମ୍ୟ ଜଳ ଯୋଗାଣ ପାଇଁ ପ୍ରକଳ୍ପ ନିର୍ମାଣ କିମ୍ବା ମରାମତି ଦାୟିତ୍ୱ ପଞ୍ଚାୟତର ରହିଥିଲେ ମଧ୍ୟ ପଞ୍ଚାୟତ ନିର୍ବାହୀ ଅଧିକାରୀ ଜାଣିଶୁଣି ଲୋକଙ୍କ ଆଖିରେ ସରପଞ୍ଚଙ୍କୁ ନୀଚା ଦେଖେଇବା ପାଇଁ ପଞ୍ଚାୟତ ପାଣ୍ଠିର ଅର୍ଥ ମଞ୍ଜୁର କରୁନଥିବା ଯୋଗୁଁ ଏଭଳି ସମସ୍ୟା ସୃଷ୍ଟି ହେଉଥିବା ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଗ୍ରାମବାସୀ ସେମାନଙ୍କୁ ଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ଗ୍ରାମରେ କୁଅଟିଏ ଖୋଳାଇବାକୁ ଅନୁରୋଧ କରିଛନ୍ତି।



ପାଇପ ଯୋଗେ ଆସୁଛି ଗୋଳିଆ ପାଣି

## ବିଶୁଦ୍ଧ ପାଣି ଯୋଗାଇବା ଦାବିରେ କଂଗ୍ରେସର ପ୍ରତିବାଦ



ଦେବଗଡ଼,୨୬।୭(ସମିସ): ଦେବଗଡ଼ ପୌରାଞ୍ଚଳ ଅନ୍ତର୍ଗତ ୧୦ ନମ୍ବର ୱାର୍ଡର ବେଞ୍ଚାତିନାଳି, ଲାଲାବାହାଲ, ମୁଣ୍ଡା ସାହି ସମେତ ବିଭିନ୍ନ ସାହିରେ ପାଇପ ଯୋଗେ ଜଳଯୋଗାଣ ହେଉଥିବା ପାଣି ଗୋଳିଆ ଆସୁଥିବା ଜିଲ୍ଲା କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି। ଏନେଇ ଆଜି ଜିଲ୍ଲା କଂଗ୍ରେସ ସଂଯୋଜକ ସେମ ହେମ୍ବ୍ରମଙ୍କ ନେତୃତ୍ୱରେ ବହୁ କର୍ମୀ ଜନ ସ୍ୱାସ୍ଥ୍ୟ ବିଭାଗ ଆଗରେ ବିଶୁଦ୍ଧ ପାଣି ଯୋଗାଇବା ଦାବିରେ କଂଗ୍ରେସ ପ୍ରତିବାଦ କରିଛି। ଏନେଇ କଂଗ୍ରେସ ପକ୍ଷରୁ ସହକାରୀ ଯନ୍ତ୍ରୀଙ୍କୁ ଲିଖିତ ଅଭିଯୋଗ ପ୍ରଦାନ କରାଯାଇଛି। ଗୋଳିଆ ପାଣି ଯୋଗାଣ ବନ୍ଦ କରି ତୁରନ୍ତ ଲୋକଙ୍କୁ ବିଶୁଦ୍ଧ ପାଣି ଯୋଗାଇ ଦେବା ପାଇଁ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି।







## ଅନିଶ୍ଚିତତା ମଧ୍ୟରେ ମେଟ୍ରୋ ରେଳ ପ୍ରକଳ୍ପ

# ଗଛ କଟିଲା, ଟଙ୍କା ବି ଖର୍ଚ୍ଚ ହେଲା

ଭୁବନେଶ୍ୱର, ୨୬।୭ (ସମିସ)

ମେଟ୍ରୋ ରେଳ ପ୍ରକଳ୍ପ ପାଇଁ ଟୁଇନ୍‌ସିଟିର ବହୁ ସଂଖ୍ୟାରେ ରାସ୍ତାକଡ଼ର ବଡ଼ବଡ଼ ଗଛକୁ କାଟି ଦିଆଗଲା। ମୃତ୍ତିକା ପରୀକ୍ଷା, ପାଚେରି ନିର୍ମାଣ ବେଳେ ତ୍ରିଶୂଳିଆରୁ ବାରଙ୍ଗ ରାସ୍ତାରେ ଏଭଳି ଗଛ କଟିବା ପରିବେଶବିତଙ୍କ ମନରେ ଆଘାତ ପହଞ୍ଚାଇଥିଲା। ହେଲେ ବିକାଶକୁ ନଜରରେ ସମସ୍ତେ ନିଜକୁ ଏଥିପାଇଁ ବୁଝାଇ ଦେଇଥିଲେ। ପ୍ରକଳ୍ପ କାର୍ଯ୍ୟକାରୀ ହେବା ଯୋଗୁଁ କେବଳ ଗଛ କଟି ନ ଥିଲା ବରଂ ଲୋକଙ୍କର କୋଟି କୋଟି ଟଙ୍କା ସରକାର ଖର୍ଚ୍ଚ କଲେ। ହେଲେ ସରକାରଙ୍କ ଅପାରଗତା ଯୋଗୁଁ ଆରମ୍ଭ ହୋଇଥିବା ଏକ ପ୍ରକଳ୍ପରେ ଆଗକୁ ଯାଇପାରିଲା ନାହିଁ। ସମ୍ପୂର୍ଣ୍ଣ ଭାବେ ଅନିଶ୍ଚିତତା ଭିତରକୁ ଠେଲି ହୋଇଗଲା। ଏହି ସବୁଜିମା ନଷ୍ଟକୁ ସରକାର କିଭଳି ଫେରାଇବେ ସେନେଇ ଏବେ ପରିବେଶବିତମାନେ ପ୍ରଶ୍ନ କରିଛନ୍ତି।

ଅନ୍ୟପକ୍ଷରେ ଦିଲ୍ଲୀ ମେଟ୍ରୋ ରେଳ କର୍ପୋରେସନ ଟେଣ୍ଡର ବାତିଲ କରିବା ପରେ ଠିକାସଂସ୍ଥା କୋର୍ଟଙ୍କ ଦ୍ୱାରସ୍ଥ ହୋଇ କ୍ଷତିପୂରଣ ମାଗିବେ ବୋଲି ଚର୍ଚ୍ଚା ହେଉଛି। ଯଦି ଏହା ସତ ହୁଏ ତେବେ କୋର୍ଟରେ ମାମଲା ଲଢ଼ିବା କିମ୍ବା କ୍ଷତିପୂରଣ ଦେବାକୁ ସରକାର ପୁଣି ଲୋକଙ୍କ ଟଙ୍କା ଖର୍ଚ୍ଚ କରିବେ। ସବୁ କିଛି ଶେଷ ହେବା ପରେ ଏକ ପ୍ରକଳ୍ପର ଟେଣ୍ଡରକୁ ଏଭଳି ଭାବେ ବାତିଲ କରି କାହାକୁ କ'ଣ ଲାଭ ମିଳିଲା ସେ ନେଇ ପ୍ରଶ୍ନ ଉଠିଛି।

ଟୁଇନ୍‌ସିଟି ମେଟ୍ରୋ ପ୍ରକଳ୍ପ ଭୁବନେଶ୍ୱର ବିଜୁ




ଏବେ ଲୋକଙ୍କ ଟଙ୍କାରେ ମାମଲା ଲଢ଼ିବେ ସରକାର !

ପଟ୍ଟନାୟକ ବିମାନବନ୍ଦର ଠାରୁ ତ୍ରିଶୂଳିଆ ପର୍ଯ୍ୟନ୍ତ ବ୍ୟାପିଥିଲା। ଯେଉଁଥିପାଇଁ ରାଜ୍ୟ ସରକାର ୬୨୫୬ କୋଟି ଟଙ୍କା ବ୍ୟୟ କରିଥାନ୍ତେ। ୨୬ କିଲୋମିଟର ବ୍ୟାପି ଏହି ପ୍ରକଳ୍ପରେ ୨୦ ମେଟ୍ରୋ ଷ୍ଟେସନ ହୋଇଥାନ୍ତା। ଏନେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୨୪ ନୂଆ ବର୍ଷ ଦିନ ମେଟ୍ରୋର ଭିତ୍ତିପ୍ରସ୍ତର ସ୍ଥାପନ କରି ସାରିଥିଲେ। ଏନେଇ ଟେଣ୍ଡର ପ୍ରକ୍ରିୟା ଶେଷ ହେବା ସହ ୪ବର୍ଷ ମଧ୍ୟରେ ରାଜ୍ୟବାସୀ ମେଟ୍ରୋ ଗଡ଼ିବାର ସମୟସୀମା ସ୍ଥିର କରାଯାଥିଲା। ତ୍ରିଶୂଳିଆ ଠାରୁ ମାଷ୍ଟର କ୍ୟାଣ୍ଟିନ୍ ପର୍ଯ୍ୟନ୍ତ ମୃତ୍ତିକ ପରିକ୍ଷା କରାଗଲା। ଏଥିପାଇଁ ବିପୁଳ ପରିମାଣରେ ଟଙ୍କା ଖର୍ଚ୍ଚ ହେବା ସହ ବିଭିନ୍ନ ସ୍ଥାନରେ ରାସ୍ତା ଖୋଳାଗଲା। ପୁରୁଣା ନିର୍ମାଣ ଭଙ୍ଗାଗଲା। ହେଲେ ଏସବୁ ଏବେ ମୁଲ୍ୟହୀନ। ଏସମ୍ପର୍କରେ ଅର୍ବାନ ପ୍ଲାନର ଡଃ. ପୀୟୂଷ ରାଉତ କହିଛନ୍ତି ସବୁ କିଛି ହେଲା ହେଲେ ମେଟ୍ରୋ ବନ୍ଦ ହେଲା। ରାଜଧାନୀରେ ମେଟ୍ରୋ ପ୍ରକଳ୍ପ ବନ୍ଦ କରିବା ଏକ ଭୂଲ ନିଷ୍ପତ୍ତି। ଏହାଦ୍ୱାରା ରାଜ୍ୟର ଛବି ଖରାପ ହେବ। ଅନ୍ୟ ସଂସ୍ଥାମାନେ ଓଡ଼ିଶାରେ ନିବେଶ କିମ୍ବା କାମ କରିବାକୁ ଭୟ କରିବେ।

ଅନ୍ୟପକ୍ଷରେ ମେଟ୍ରୋ ରେଳ ଟେଣ୍ଡର ବାତିଲ ହେବା ପରେ ରାଜ୍ୟର ବିଜେପି ସରକାରକୁ କଡ଼ା ସମାଲୋଚନା କରିଛି ବିଜେଡି। ବିଧାୟକ ସାରଦା ଜେନା କଡ଼ା ଭାଷାରେ ଭର୍ତ୍ସନା କରି କହିଛନ୍ତି, ଏହି ସରକାର ଗୋଟିଏ ମିଛୁଆ ସରକାର। ମେଟ୍ରୋ ନେଇ ଲୋକଙ୍କୁ ଭୁଆଁ ବୁଲାଉଛି। ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଥିବା ବେଳେ ସର୍ଭେ କରି ପ୍ରକଳ୍ପ କାମ ଆରମ୍ଭ କରାଯାଇଥିଲା। ଭୁବନେଶ୍ୱରରେ କାମ ଆରମ୍ଭ ହୋଇଥିଲା। ନିଜସ୍ୱ ଅର୍ଥରେ ଓଡ଼ିଶାରେ ମେଟ୍ରୋ ହୋଇଥାନ୍ତା। ହେଲେ ସରକାର ବଦଳିଗଲା। ବିଜେପି ମେଟ୍ରୋ ନେଇ ସାରା ଓଡ଼ିଶାବାସୀଙ୍କୁ ମିଛ କହିଲା।

## ଇପିଏଫ୍‌ଓ ଆୟୁକ୍ତଙ୍କ ସହ ଇପିଏଫ୍ ପେନ୍‌ସନର୍ସ ସଂଘର ଆଲୋଚନା



ଭୁବନେଶ୍ୱର, ୨୬।୭ (ସମିସ): ଅଲ୍ ଓଡ଼ିଶା ଇପିଏଫ୍ ପେନସନର୍ସ ଆସୋସିଏସନର ଏକ ପ୍ରତିନିଧି ଦଳ ଭୁବନେଶ୍ୱର ଆଞ୍ଚଳିକ ଭବିଷ୍ୟନିଧି (ଇପିଏଫ୍‌ଓ) ଆୟୁକ୍ତ ରାଜଶ୍ରୀ ଚକମାଙ୍କୁ ସାକ୍ଷାତକରି ପେନସନ୍ ଭୋଗୀମାନଙ୍କ ସମସ୍ୟା ସମ୍ବନ୍ଧରେ ଆଲୋଚନା କରିଥିଲେ। ବର୍ଦ୍ଧିତ ପେନସନ୍ ପାଇବା ପାଇଁ ଯୋଗ୍ୟ ବ୍ୟକ୍ତିମାନେ ସମ୍ମୁଖୀନ ହେଉଥିବା ଅସୁବିଧାଗୁଡ଼ିକୁ ସାଧାରଣ ସମ୍ପାଦକ ଭାଗ୍ୟଧର ବ୍ରହ୍ମା ଉପସ୍ଥାପନ କରିଥିଲେ। ସେଥିମଧ୍ୟରୁ ମାସ ମାସ ଧରି ଇପିଏଫ୍ ସଂସ୍ଥାର ଦାବି ମୁତାବକ ଅର୍ଥ ଧାର ଉଦ୍ଧାର କରି ଜମା କରିଥିଲେ ମଧ୍ୟ ସେମାନେ ସଂଶୋଧିତ ପିପିଓ ପାଇବାରେ ଅହେତୁକ ବିଳମ୍ବ ଘଟୁଛି। ବିଭିନ୍ନ ସମୟରେ ସେହି ବ୍ୟକ୍ତିମାନେ କାର୍ଯ୍ୟାଳୟକୁ ଖର୍ଚ୍ଚାନ୍ତ ହୋଇ ଆସି ହଇରାଣ ହରକତ ହୋଇ ଫେରୁଛନ୍ତି। ତାହାର ନିରାକରଣ ପାଇଁ ସଂଘ ତରଫରୁ ଅନୁରୋଧ କରାଯାଇଥିଲା। ବିଭିନ୍ନ ଅସୁବିଧା ଯୋଗୁଁ ସେଥିରେ ବିଳମ୍ବ ଘଟିଥିଲେ ମଧ୍ୟ ଅଧିକାଂଶ ପିପିଓ ସଂଶୋଧିତ ହୋଇସାରିଛି। ସେମାନେ ସଂଶୋଧିତ ପେନସନ ପାଇସାରିଲେଣି ବୋଲି ଭବିଷ୍ୟନିଧି ଆୟୁକ୍ତ କହିଥିଲେ। ଅବଶିଷ୍ଟ ଗୁଡିକ ଅଗଷ୍ଟ ମାସ ଶେଷ ସୁଦ୍ଧା ସମ୍ପୂର୍ଣ୍ଣ ହୋଇଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଆସନ୍ତା ସେପ୍ଟେମ୍ବର ମାସ ପ୍ରଥମ ସପ୍ତାହରେ ଆଗାମୀ ବୈଠକ ଅନୁଷ୍ଠିତ ହୋଇ ପେନସନ୍ ଭୋଗୀଙ୍କ ଅନ୍ୟାନ୍ୟ ସମସ୍ୟା ବାବଦରେ ଆଲୋଚନା ହେବ ବୋଲି ସ୍ଥିର ହୋଇଥିଲା। ଏହି ଆଲୋଚନାରେ ରାଜ୍ୟ ସଭାପତି ଇଂ. ବିଜୟ କୁମାର ଜେନା, ଉପଦେଷ୍ଟା ନଟବର ଆଚାର୍ଯ୍ୟ, ପ୍ରଫୁଲ୍ଲ କୁମାର ଦାସ, ସରୋଜକାନ୍ତ ମଲ୍ଲିକ, ପ୍ରକାଶ କୁମାର ପଟ୍ଟନାୟକ, ଧୀରେନ୍ଦ୍ର କୁମାର ପ୍ରତାପ, ଗୀତାଞ୍ଜଳି ପାତ୍ର ଓ ଉର୍ବଶୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଓଡିଏମ୍‌ରେ 'ନଲେଜ୍-କ୍ରଲ୍-୨୦୨୫'

ଭୁବନେଶ୍ୱର, ୨୬।୭ (ସମିସ): ପଟିଆସ୍ଥିତ ଓଡିଏମ୍ ପବ୍ଲିକ୍‌ସ୍କୁଲ ପରିସରରେ ବାର୍ଷିକ ବିଜ୍ଞାନ ପ୍ରଦର୍ଶନୀ 'ନଲେଜ୍ କ୍ରଲ୍ -୨୦୨୫' ଶନିବାର ଦିନ ଅନୁଷ୍ଠିତ ହୋଇଯାଇଛି। ଓଡିଏମ୍ ଶିକ୍ଷାନୁଷ୍ଠାନ ସମୂହର ପ୍ରତିଷ୍ଠାତା ଡ. ସତ୍ୟବ୍ରତ ମୀନକେତନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ବୈଜ୍ଞାନିକ ଡ. ଦେବୀ ପ୍ରସାଦ ମିଶ୍ର, ଅନ୍ୟତମ ଅତିଥି ଟ୍ରାଇଡେଣ୍ଟ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର ସହଯୋଗୀ ପ୍ରଫେସର ଡ. ଶୁଭେନ୍ଦ୍ର କୁମାର ତ୍ରିପାଠୀ ଯୋଗଦେଇ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅତିଥିମାନେ ନିଜ ଅଭିଭାଷଣରେ ପିଲାମାନଙ୍କ ଅନ୍ତଃର୍ନିହିତ ପ୍ରତିଭା ଏବଂ ଦକ୍ଷତାର ବିକାଶ ନିମନ୍ତେ ଉକ୍ତ ପ୍ରଦର୍ଶନୀ ଏଭଳି ଏକ ମଞ୍ଚକୁ ଭୂୟସୀ ପ୍ରଶଂସା କରିଥିଲେ। ପିଲାମାନେ ଏହିଭଳି ନିଜର ଆଗ୍ରହ ଏବଂ ଦୃଢ଼ ଇଚ୍ଛାଶକ୍ତି ଜାରି ରଖିଲେ ଭବିଷ୍ୟତରେ ବିଭିନ୍ନ ସମସ୍ୟାର ସମାଧାନ କରି ଆଗକୁ ଅଗ୍ରସର ହୋଇପାରିବେ ବୋଲି ପ୍ରେରଣା ପ୍ରଦାନ କରିଥିଲେ। ପ୍ରତିଷ୍ଠାତା ଡ. ମୀନକେତନ ପିଲାମାନଙ୍କ ଭିତରେ ଥିବା ଆଗ୍ରହକୁ ସମ୍ମାନ ଦେବା ସହ ସେମାନଙ୍କ ପ୍ରତିଭାର ବିକାଶ ନିମନ୍ତେ ଶୁଭାଶୀର୍ବାଦ ପ୍ରଦାନ କରିଥିଲେ। ଏହି ପ୍ରଦର୍ଶନଟି ବିଜ୍ଞାନ ବିଷୟକୁ ଆଧାରକରି ଆୟୋଜିତ ହୋଇଥିଲା। ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀମାନେ ଏହି ପ୍ରଦର୍ଶନୀରେ ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟର ନିର୍ଦ୍ଦେଶିକା ଇନ୍ଦୁମତୀ ରାୟ ଅତିଥିମାନଙ୍କୁ ସମ୍ବୋଧିତ କରିଥିଲେ। କାର୍ଯ୍ୟକ୍ରମ ଦ୍ୱିତୀୟ ପର୍ଯ୍ୟାୟରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ୧୦୦ରୁ ଉର୍ଦ୍ଧ୍ୱ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ବିଚାରକ ମଣ୍ଡଳୀମାନେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ପ୍ରକଳ୍ପ, ଚାର୍ଟ, ମଡେଲ୍, କ୍ଷୁଦ୍ର ଚଳଚ୍ଚିତ୍ର ଏପରିକି ଶିକ୍ଷାଭିତ୍ତିକ କ୍ଷୁଦ୍ର ଚଳଚ୍ଚିତ୍ର ଫନ୍ ଉଇଥ୍ ସାଇନ୍ସ ମ୍ୟାଡ ଓଭର ମ୍ୟାଥ୍ ରିଲିଭିଙ୍ଗ୍ ଆୱାର ହିଷ୍ଟ୍ରି, ଗୁଡିକୁ ପ୍ରଦର୍ଶନ କରି ମୂଲ୍ୟାୟନ କରିଥିଲେ। ବିଚାରକ ମଣ୍ଡଳୀ ଦ୍ୱାରା ଶ୍ରେଷ୍ଠ ବିବେଚିତ ପ୍ରକଳ୍ପଗୁଡ଼ିକୁ ଚୟନ କରାଯାଇଥିଲା। ଶେଷରେ ଅତିଥିମାନଙ୍କ ଦ୍ୱାରା ଏଆଇ (କୃତ୍ରିମ ବୁଦ୍ଧିମତା), ସନ୍ତୁଳିତ ପରିବେଶ ଏବଂ ବିଜ୍ଞାନର ବିଭିନ୍ନ ଦିଗ ଉପରେ ଏକ କର୍ମଶାଳା ଆୟୋଜିତ ହୋଇଥିଲା। ବିଦ୍ୟାଳୟର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱୟଂ ସତ୍ୟେନ୍ଦ୍ରୁ, ଉପାଧକ୍ଷା ଡ. ସନ୍ଧ୍ୟାରାଣୀ ସ୍ୱାଇଁ, ଶିକ୍ଷା ନିର୍ଦ୍ଦେଶକ ଡ. ଆର୍ତ୍ତତ୍ରାଣ ମିଶ୍ର, ଉପାଧକ୍ଷ ଡ. ରାଜେଶ କୁମାର ପାଢ଼ୀ ଏବଂ ଅଭିଭାବକମାନେ ଏହି ପ୍ରଦର୍ଶନୀ ଗୁଡ଼ିକୁ ପରିଦର୍ଶନ କରିଥିଲେ।




## 'ବର୍ଜ୍ୟରୁ ବୈଭବ' ସମ୍ଭାବନାକୁ ଉନ୍ମୁକ୍ତ କରିବା ପାଇଁ ସିଏସଆଇଆର-ସିଆରଆରଆଇର ଷ୍ଟିଲ୍ ସ୍ଲାଗ୍ ଏଗ୍ରିଗେଟ୍ସ

# ପ୍ରଯୁକ୍ତିବିଦ୍ୟା ଲାଇସେନ୍ସ ହାସଲ କରିବାରେ ଆର୍ସେଲରମିତ୍ତଲ ନିପ୍ପନ ଷ୍ଟିଲ୍ ଇଣ୍ଡିଆ ପ୍ରଥମ

ଭୁବନେଶ୍ୱର, ୨୬।୭ (ସମିସ)

ଆର୍ସେଲରମିତ୍ତଲ ନିପ୍ପନ ଷ୍ଟିଲ ଇଣ୍ଡିଆ (ଏଏମ୍/ଏନ୍‌ଏସ୍ ଇଣ୍ଡିଆ), ଜାତୀୟ ବୈଜ୍ଞାନିକ ଓ ଶିଳ୍ପ ଗବେଷଣା ପରିଷଦ (ସିଏସଆଇଆର) ଏବଂ ଜାତୀୟ ସଡ଼କ ଗବେଷଣା ପ୍ରତିଷ୍ଠାନ (ସିଆରଆରଆଇ) ସହଭାଗିତାରେ ସଡ଼କ ନିର୍ମାଣରେ ପ୍ରାକୃତିକ ଏଗ୍ରିଗେଟ୍ସଗୁଡ଼ିକର ବିକଳ୍ପ ସ୍ୱରୂପ ପ୍ରକ୍ରିୟାକୃତ ଷ୍ଟିଲ ସ୍ଲାଗ୍ ସଡ଼କ ପ୍ରଯୁକ୍ତିବିଦ୍ୟା ବ୍ୟବହାରକୁ ପ୍ରୋତ୍ସାହିତ କରି ଦୀର୍ଘସ୍ଥାୟୀ ଭିତ୍ତିଭୂମି ବିକାଶ ଦିଗରେ ଏକ ପରିବର୍ତ୍ତନକାରୀ ପଦକ୍ଷେପରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି। ଏଏମ୍/ଏନ୍‌ଏସ୍ ଇଣ୍ଡିଆ, ଦେଶର ପ୍ରଥମ କମ୍ପାନୀ ଭାବେ ସଡ଼କ ନିର୍ମାଣ କ୍ଷେତ୍ରରେ ପ୍ରକ୍ରିୟାକୃତ ଷ୍ଟିଲ ସ୍ଲାଗ୍ ଏଗ୍ରିଗେଟ୍ସ ଉତ୍ପାଦନ କରିବା ନିମନ୍ତେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ଅଧୀନରେ କାର୍ଯ୍ୟ କରୁଥିବା ଏକ ପ୍ରମୁଖ ଜାତୀୟ ଗବେଷଣା ପ୍ରତିଷ୍ଠାନ ସିଏସଆଇଆର-ସିଆରଆରଆଇଠାରୁ ଷ୍ଟିଲ ସ୍ଲାଗ୍ ଭେଲରାଇଜେସନ ଟେକ୍ନୋଲୋଜି ପାଇଁ ଏକ ପ୍ରତିଷ୍ଠିତ ଲାଇସେନ୍ସ ହାସଲ କରିଛି।

ଏଏମ୍/ଏନ୍‌ଏସ୍ ଇଣ୍ଡିଆକୁ 'ସଡ଼କ ନିର୍ମାଣରେ ବ୍ୟବହାର ପାଇଁ ହାଜିରାଠାରେ ସ୍ଥିତ ଏଏମ୍/ଏନ୍‌ଏସ୍ ଇଣ୍ଡିଆ କାରଖାନାରେ ପ୍ରକ୍ରିୟାକୃତ ଇଏଏଫ ଷ୍ଟିଲ୍ ସ୍ଲାଗ୍ ଏଗ୍ରିଗେଟ୍ସ ବିକାଶ ପାଇଁ ଷ୍ଟିଲ୍ ସ୍ଲାଗ୍ ଭେଲରାଇଜେସନ ଟେକ୍ନୋଲୋଜି' ଲାଇସେନ୍ସର ପ୍ରମାଣପତ୍ର ମିଳିଛି। ଯାହାଦ୍ୱାରା କମ୍ପାନୀ ସିଏସଆଇଆର-ସିଆରଆରଆଇର ଦ୍ୱାରା ବିକଶିତ ସ୍ୱତନ୍ତ୍ର ପ୍ରଯୁକ୍ତିବିଦ୍ୟାକୁ ଗୁଜରାଟର ହାଜିରାଠାରେ ସ୍ଥିତ ଏହାର ପ୍ରମୁଖ କାରଖାନାରେ ବୈଜ୍ଞାନିକ ପଦ୍ଧତିରେ ଷ୍ଟିଲ୍ ସ୍ଲାଗ୍ ଏଗ୍ରିଗେଟ୍ସ ପ୍ରକ୍ରିୟାକରଣ ପାଇଁ ବ୍ୟବହାର କରିପାରିବ ଯାହା ସଡକ ନିର୍ମାଣ ପ୍ରୟୋଗରେ ବ୍ୟବହାର ହୋଇପାରିବ। ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଦ୍ୱାରା ବାର୍ଷିକ ପ୍ରାୟ ୧.୭୦ ନିୟୁତ ଟନ୍ ଇସ୍ପାତ ସ୍ଲାଗ୍ ଉତ୍ପନ୍ନ ହୋଇଥାଏ, ଯାହାକୁ ବର୍ତ୍ତମାନ ସିଏସଆଇଆର-ସିଆରଆରଆଇର ପ୍ରଯୁକ୍ତିବିଦ୍ୟା ଅନୁସାରେ ପ୍ରକ୍ରିୟାକରଣ କରାଯାଇପାରିବ।




ସିଏସଆଇଆର-ସିଆରଆରଆଇର ବରିଷ୍ଠ ତଥା ପ୍ରମୁଖ ବୈଜ୍ଞାନିକ ଏବଂ ଏହି ପ୍ରଯୁକ୍ତିବିଦ୍ୟାର ଉଦ୍ଭାବକ ସତୀଶ ପାଣ୍ଡେ କହିଛନ୍ତି ଯେ, 'ଷ୍ଟିଲ୍ ସ୍ଲାଗ୍ ସଡକ ପ୍ରଯୁକ୍ତିବିଦ୍ୟା ଭାରତର ସଡକ ଭିତ୍ତିଭୂମି ପାଇଁ ଏକ କ୍ରାନ୍ତିକାରୀ ପଦକ୍ଷେପ। ଆର୍ସେଲରମିତ୍ତଲ ନିପ୍ପନ୍ ଷ୍ଟିଲ୍ ଇଣ୍ଡିଆ (ଏଏମ୍/ଏନ୍‌ଏସ୍ ଇଣ୍ଡିଆ)ର ସେଲ୍ସ ଓ ମାର୍କେଟିଂ ବିଭାଗ ନିର୍ଦ୍ଦେଶକ ଏବଂ ଭାଇସ ପ୍ରେସିଡେଣ୍ଟ ରଞ୍ଜନ ଧର କହିଛନ୍ତି ଯେ 'ଆମେ ଏହି ଅନନ୍ୟ ପ୍ରଯୁକ୍ତିବିଦ୍ୟାର ଲାଇସେନ୍ସ ହାସଲ କରିବାରେ ପ୍ରଥମ କମ୍ପାନୀ ହୋଇଥିବାରୁ ଗର୍ବିତ।

## ଯବାନଙ୍କ ପରିବାର ପାଇଁ ଖୋଲିଲା ଆଇନ ସେବା କ୍ଲିନିକ

ଭୁବନେଶ୍ୱର, ୨୬।୭ (ସମିସ): ଆମ ଦେଶର ଗର୍ବ ବୀର ଯବାନ ଏବଂ ସେମାନଙ୍କ ପରିବାର ବର୍ଗକୁ ଆବଶ୍ୟକସ୍ଥଳେ ଆଇନଗତ ଓ ସାମାଜିକ ସହଯୋଗ ପ୍ରଦାନ କ୍ଷେତ୍ରରେ ସ୍ଥାନୀୟ ରାଜ୍ୟ ସୈନିକ ବୋର୍ଡ ପରିସରରେ ଏକ ଆଇନ ସେବା କ୍ଲିନିକ ଉଦଘାଟିତ ହୋଇଛି। ଜାତୀୟ ଆଇନ ସେବା ପ୍ରାଧିକରଣଙ୍କ ପକ୍ଷରୁ ଏହାକୁ ଲୋକାର୍ପିତ କରାଯାଇଛି। ସୁପ୍ରିମକୋର୍ଟର ମାନ୍ୟବର ବିଚାରପତି ତଥା ଜାତୀୟ ଆଇନ ସେବା ପ୍ରାଧିକାରଣ କାର୍ଯ୍ୟକାରୀ ଅଧ୍ୟକ୍ଷ ନ୍ୟାୟମୂର୍ତ୍ତି ସୂର୍ଯ୍ୟ କାନ୍ତ ଭଟ୍ଟୁଆଲ ମାଧ୍ୟମରେ ଏହାକୁ ଉଦଘାଟନ କରିଛନ୍ତି। ବୀର ଯବାନ ମାନଙ୍କ ପ୍ରତି ସମ୍ମାନର ସହ ଆବଶ୍ୟକୀୟ ତ୍ୱରିତ ଆଇନ ସେବା ପ୍ରଦାନ ସୁବିଧା ନିମନ୍ତେ ଏହି ଆଇନ ସେବା କ୍ଲିନିକ କାର୍ଯ୍ୟ କରିବ।



ରାଜ୍ୟ ସୈନିକ ବୋର୍ଡ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲ୍ଲା ଦୌରା ଜଜ୍ ଓ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାନ୍ତି, ଓଡ଼ିଶା ଆଇନ ସେବା ପ୍ରାଧିକରଣ ସଦସ୍ୟ ସଚିବ ଅରବିନ୍ଦ ପଟ୍ଟନାୟକ, ଅବସରପ୍ରାପ୍ତ ଜେନେରାଲ ଜେ. କେ. ମହାନ୍ତି, ଏୟାର ମାର୍ଶାଲ ଜେ. ଏନ୍. ବର୍ମା, ରାଜ୍ୟ ସୈନିକ ବୋର୍ଡ ସମ୍ପାଦକ ଘନଶ୍ୟାମ ଓଝା, ଓଡ଼ିଶା ଆଇନ ସେବା ପ୍ରାଧିକରଣ ଉପସଚିବ ଚିତ୍ତରଞ୍ଜନ ମିଶ୍ର, ଖୋର୍ଦ୍ଧା ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ସଲୋମୀ ସାହୁ, ଓଡ଼ିଶା ଆଇନ ସେବା ପ୍ରାଧିକରଣ ଆସିଷ୍ଟାଣ୍ଟ ସେକ୍ରେଟାରୀ ବିବେକ ସାସମଲ ପ୍ରମୁଖ ଉପସ୍ଥିତ ଥିଲେ।

### ଷଷ୍ଠ ସମର୍ପଣ ସମାରୋହ

## ଅରୁଣା ମହାନ୍ତିଙ୍କୁ 'ଗୁରୁ ସମର୍ପଣ ସମ୍ମାନ'



ଭୁବନେଶ୍ୱର, ୨୬।୭ (ସମିସ): 'ନୃତ୍ୟନିଳୟ' ଓ 'ନୃତ୍ୟାଙ୍କିତା' ପକ୍ଷରୁ 'ସମର୍ପଣ ସମାରୋହ ୨୦୨୫' ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ଅପରାହ୍ଣ ଅଧିବେଶନରେ ଅତିଥି ଭାବେ ଗୁରୁ ଧନେଶ୍ୱର ସ୍ୱାଇଁ, ନିରଞ୍ଜନ ରାଉତ, ଅନୀତା ସିଂହଦେଓ, ସୁକାନ୍ତ କୁଣ୍ଡୁ, ମୃତ୍ୟୁଞ୍ଜୟ ରଥ ପ୍ରମୁଖ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଏହିପରି ସନ୍ଧ୍ୟା ଅଧିବେଶନରେ ମୁଖ୍ୟ ଅତିଥି ଭାବେ 'ବିକାଶ ଫାଉଣ୍ଡେସନ'ର ଅଧ୍ୟକ୍ଷା ମୃଦୁଳା ଠାକୁର ପ୍ରଧାନ, ସମ୍ମାନିତ ଅତିଥି ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ବିଧାୟକ ଅଶୋକ ମହାନ୍ତି, ବିଧାୟକ ଅଗସ୍ତି ବେହେରା, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମିର ସଚିବ ଚନ୍ଦ୍ରଶେଖର ହୋତା, ଗୁରୁ ଦୁର୍ଗାଚରଣ ରଣବୀର, 'ନୃତ୍ୟନିଳୟ'ର ଉପଦେଷ୍ଟା ହେମନ୍ତ କୁମାର ଦାଶ, 'ଆନନ୍ଦ ଗ୍ରାନାଇଟ୍ ଏକ୍ସପୋର୍ଟ'ର ସିଇଓ ଚିନ୍ନାପମ ସନମୁଗମ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଜୀବନବ୍ୟାପୀ ସାଧନା ପାଇଁ ଓଡ଼ିଶୀ ନୃତ୍ୟ ଗୁରୁ ଅରୁଣା ମହାନ୍ତିଙ୍କୁ 'ଗୁରୁ ସମର୍ପଣ ସମ୍ମାନ ୨୦୨୫' ପ୍ରଦାନ କରାଯାଇଥିଲା। ବିଭିନ୍ନ ନୃତ୍ୟାନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ପୁଣ୍ୟ ଦର୍ଶନ ସାହୁ ମଞ୍ଚ ପରିଚାଳନା କରିଥିଲା ବେଳେ ସ୍ୱପ୍ନାରାଣୀ ସିହ୍ନା ଓ ଅଙ୍କିତା ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କ୍ୟୁବା ପ୍ରତି ସଂହତି ଜଣାଇ ରାଜ୍ୟସ୍ତରୀୟ ସମ୍ମିଳନୀ

ଭୁବନେଶ୍ୱର, ୨୬।୭ (ସମିସ)




ଓଡ଼ିଶାରେ ସମାଜବାଦୀ କ୍ୟୁବା ପ୍ରତି ସଂହତି ଜଣାଇ ଏକ ରାଜ୍ୟସ୍ତରୀୟ ଆଲୋଚନାସଭା ଲୋହିଆ ଏକାଡେମୀ ଠାରେ ଅନୁଷ୍ଠିତ ହୋଇ ଯାଇଛି। ଯୁକ୍ତରାଷ୍ଟ୍ର ଆମେରିକା କ୍ୟୁବା ଉପରେ ଜାରି ରଖିଥିବା ଅର୍ଥନୈତିକ ଅବରୋଧ, ପର୍ଯ୍ୟଟନ ଉପରେ କଟକଣା, ବିଦ୍ୟୁତ୍ ଯୋଗାଣର ଭିତ୍ତିଭୂମି ଏବଂ ଅନ୍ୟାନ୍ୟ ପ୍ରଯୁକ୍ତି ଶିଳ୍ପ ଉପରେ କଟକଣା ଯୋଗୁଁ କ୍ୟୁବାର ଅର୍ଥନୀତି ଗଭୀର ଭାବେ ପ୍ରଭାବିତ ହୋଇଛି ଏବଂ ଅର୍ଥିକ ସଂକଟ ତୀବ୍ରତର ହେଉଛି। କ୍ୟୁବାବାସୀ ଖାଦ୍ୟ, ଔଷଧ, ଇନ୍ଧନ ଏବଂ ପରିବହନ ଉପକରଣ ଇତ୍ୟାଦି ରେ ବ୍ୟାପକ ଅଭାବ ସାମ୍ନା କରୁଛନ୍ତି। ଯୁକ୍ତ ରାଷ୍ଟ୍ର ଆମେରିକାର ଏହି ଅମାନବୀୟ କଟକଣାର ତୀବ୍ର ପ୍ରତିବାଦ କରାଯାଇଛି ଏବଂ କ୍ୟୁବା କୁ ସଂହତି ଜଣାଇ ପ୍ରସ୍ତାବ ଗୃହୀତ ହୋଇଛି। କ୍ୟୁବା ପାଇଁ ଅର୍ଥ ଆଦାୟ କରି ଜାତୀୟ ସଂହତି କମିଟିକୁ ପ୍ରଦାନ କରିବା ପାଇଁ ଆହ୍ୱାନ ଦିଆଯିବା ସହ ସମ୍ମିଳନୀ ଗୃହରେ ୧୦, ୫୩୦ ଟଙ୍କା ତତ୍କାଳ ଆଦାୟ ହୋଇଛି। ଏହି ସମ୍ମିଳନୀକୁ ସର୍ବ ସାଥୀ ଡାକ୍ତର ପ୍ରଶାନ୍ତ କୁମାର ମିଶ୍ର, ବିଷ୍ଣୁ ମହାନ୍ତି, ଶଶୀ ଭୂଷଣ ସ୍ୱାଇଁ, ସରୋଜ ନାୟକ, ପ୍ରଭାବତୀ ଦାସ ଏବଂ ମିନତୀ ପାଣିଗ୍ରାହୀଙ୍କୁ ନେଇ ଗଠିତ ସଭାପତି ମଣ୍ଡଳୀ ପରିଚାଳନା କରିଥିଲେ। ସି ପି ଆଇ ରାଜ୍ୟ ସମ୍ପାଦକ ଆଶିଷ କାନୁନଗୋ, ସି ପି ଆଇ (ଏମ୍) ରାଜ୍ୟ ସମ୍ପାଦକ ସୁରେଶ ଚନ୍ଦ୍ର ପାଣିଗ୍ରାହୀ ସମ୍ମିଳନୀ ରେ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସମ୍ମିଳନୀରେ ଏକ ୨୧ଜଣିଆ କ୍ୟୁବା ସଂହତି, ଓଡ଼ିଶା ରାଜ୍ୟ କମିଟି ନିର୍ବାଚିତ ହୋଇଛି। ଜନାର୍ଦ୍ଦନ ପତି ଏବଂ ଡାକ୍ତର ପ୍ରଶାନ୍ତ କୁମାର ମିଶ୍ର ଏହି କମିଟିର ଯୁଗ୍ମ ଆବାହକ ଭାବେ ନିର୍ବାଚିତ ହୋଇଛନ୍ତି। ସଭାପତି ମଣ୍ଡଳୀ ତରଫରୁ ବିଷ୍ଣୁ ମହାନ୍ତି ସଂହତି ପ୍ରସ୍ତାବ ଅଗତ କରିଥିଲେ। ଏହି ସମ୍ମିଳନୀରେ ବିଭିନ୍ନ ଗଣ ସଂଗଠନ ତରଫରୁ ବକ୍ତବ୍ୟ ରଖି କ୍ୟୁବା ପ୍ରତି ସଂହତି ଜଣାଇଥିଲେ। ସାରା ରାଜ୍ୟରେ କ୍ୟୁବା ସଂହତି ସମ୍ମିଳନୀ ଏବଂ ସଂହତି ପାଣ୍ଠି ଆଦାୟ ପାଇଁ ରାଜ୍ୟବାସୀଙ୍କୁ ଆହ୍ୱାନ ଦିଆଯାଇଛି। ଏହି କମିଟି ରେ ଦୁଇ ଜଣ ଯୁଗ୍ମ ଆବାହକଙ୍କ ସହିତ ଆଶିଷ କାନୁନଗୋ ଏବଂ ସୁରେଶ ଚନ୍ଦ୍ର ପାଣିଗ୍ରାହୀ ସମେତ ଅଖିଳ ଭାରତ କୃଷି ଶ୍ରମିକ ୟୁନିୟନ୍, ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି, ଅଖିଳ ଭାରତ କୃଷକ ସଭା, ଓଡ଼ିଶା କୃଷକ ସଭା, ଅଖିଳ ଭାରତ ଆଇନଜିବୀ ସଙ୍ଘ ସହ ଅହୁରି ଅନେକ ସଂଗଠନ ମାନେ ସାମିଲ ହୋଇଛନ୍ତି। ଆଗାମୀ ଦିନରେ ସାମ୍ରାଜ୍ୟବାଦ ବିରୋଧରେ ଲଢୁଥିବା ସବୁ ସମଭାବାପନ୍ନ ସଂଗଠନ ଏବଂ ବ୍ୟକ୍ତିବିଶେଷଙ୍କୁ ଏହି ଅଭିଯାନରେ ସାମିଲ୍ କରିବା ପାଇଁ ଘୋଷଣା କରାଯାଇଛି।

## ପୁସ୍ତକ ଉନ୍ମୋଚନ ଓ ସମ୍ବର୍ଦ୍ଧନା ଉତ୍ସବ

ଭୁବନେଶ୍ୱର, ୨୬।୭ (ସମିସ): ଓଡ଼ିଶା ସାହିତ୍ୟ ଏକାଡେମୀ ଓ କାବ୍ୟାଞ୍ଜଳିର ମିଳିତ ଆନୁକୂଲ୍ୟରେ ଆୟୋଜିତ ପୁସ୍ତକ ଉନ୍ମୋଚନ ଓ ସମ୍ବର୍ଦ୍ଧନା ଉତ୍ସବ ଗୀତଗୋବିନ୍ଦ ସଦନରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ସୁସାହିତ୍ୟିକା ତଥା ଅନୁବାଦିକା ଡ. ଶକୁନ୍ତଳା ବଳିୟାରସିଂ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବରେ ଡ. ହରିହର କାନୁନ୍‌ଗୋ, ଓଡ଼ିଶା ସାହିତ୍ୟ ଓ ନାଟକ ଏକାଡେମୀର ସଚିବ ଡ. ଚନ୍ଦ୍ରଶେଖର ହୋତା, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗର ମୁଖ୍ୟା ଡ. ସଂଘମିତ୍ରା ଭଞ୍ଜ, ଭାଷାବିତ୍ ଡ. ଦେବାଶିଷ ମହାପାତ୍ର ଯୋଗ ଦେଇଥିଲେ। ଲେଖିକା କାନନବାଳା ପଟ୍ଟନାୟକଙ୍କର ଅନୁବାଦ, ଗଳ୍ପ, କବିତା ଓ ଶିଶୁ ସାହିତ୍ୟ ଇତ୍ୟାଦି ବିଭିନ୍ନ ବିଭାଗରେ ଚାରୋଟି ପୁସ୍ତକ ଉନ୍ମୋଚିତ ହୋଇଥିଲା। ଜୀବନ ଜ୍ୟାମିତି ନାମକ ଗଳ୍ପ ସଂକଳନ, ବରଣମାଳା ନାମକ କୁନ୍ତଳାକୁମାରୀ ସାବତ, ହିନ୍ଦୀ ପୁସ୍ତକର ଅନୁବାଦ ପୁସ୍ତକ ଭକ୍ତିଅର୍ଘ୍ୟ କବିତା ପୁସ୍ତକ ଓ ଜୀବନଜ୍ୟାମିତି କବିତା ପୁସ୍ତକ ଉନ୍ମୋଚିତ ହୋଇଥିଲା। କାରଗିଲ୍ ଦିବସ ଉପଲକ୍ଷେ ରବିକୁମାର ମାତୃ ସମର୍ପିତ ଭକ୍ତିକବିତା ଗାନ କରିଥିଲେ। ସବିତାରାଣୀ ବେହେରା, ରମେଶଚନ୍ଦ୍ର ପାଣି, ଡ. ସଚ୍ଚିଦାନନ୍ଦ ତ୍ରିପାଠୀ, ପଞ୍ଚାନନ ନାୟକ, ସଞ୍ଜୟ ଛୁଆଳସିଂ ପ୍ରଭୃତି ୧୩ ଜଣ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଡାକ୍ତରବାଞ୍ଜିରି ଗ୍ରାମ ବିକ୍ରି ହେବା ଘଟଣା

# ତତ୍କାଳୀନ ଜିଲ୍ଲାପାଳଙ୍କୁ ଦାୟୀକଲେ ପୂର୍ବତନ ବିଧାୟକ

**ଜିଲ୍ଲାପାଳ ଗଲା ପରେ କାହିଁକି ଚର୍ଚ୍ଚା ହେଲା ପ୍ରଶ୍ନବାଚୀ**

**ଗାଁରେ ବିଜେପି ନେତାଙ୍କ ପାଦ ନପଡ଼ିବା ନେଇ ଅସନ୍ତୋଷ**

ପାରଳାଖେମୁଣ୍ଡି,୨୬ ।୭ (ସମିସ)

ବହୁ ଚର୍ଚ୍ଚିତ ଗଜପତି ଜିଲ୍ଲା ଗୋଷାଣି ବ୍ଲକ କତଳକଇଠା ଅନ୍ତର୍ଗତ ତଥା ପାରଳାଖେମୁଣ୍ଡି ସହର ଉପକଣ୍ଠସ୍ଥ ଡାକ୍ତରବାଞ୍ଜିରି ଗ୍ରାମ ବିକ୍ରି ଘଟଣା ନେଇ ପୂର୍ବତନ ଜିଲ୍ଲାପାଳ ବିଜୟ କୁମାର ଦାଶଙ୍କ ନାମରେ ଅଭିଯୋଗ ଆଣିଛନ୍ତି ପାରଳାଖେମୁଣ୍ଡିର ପୂର୍ବତନ ବିଧାୟକ ତଥା ବିଜେପି ନେତା କେ. ନାରାୟଣ ରାଓ। ଆଜି ପାରଳାଖେମୁଣ୍ଡି ସହରର ଯେର୍ଦ୍ଦଲା ସାହିରେ ଥିବା ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ଗ୍ରାମ ବିକ୍ରି ଘଟଣା ସମ୍ପର୍କରେ କହିଛନ୍ତି। ଶ୍ରୀ ରାଓ କହିଛନ୍ତି ଯେ, ଖାତା ନମ୍ବର ୫୧ ଅନ୍ତର୍ଗତ ମୋଟ ୪୨.୯୭୪୩ ଏକର ଜମି ବିକ୍ରି ହୋଇଛି। ଏଥିମଧ୍ୟରେ ୧୬୨ ପ୍ଲଟରେ ୫୦ରୁ ଊର୍ଦ୍ଧ୍ୱ ଘର ଓ ୧୬୬ ପ୍ଲଟରେ ବିଦ୍ୟାଳୟ ରହିଛି। ଗ୍ରାମବାସୀଙ୍କୁ ସରକାରଙ୍କ ତରଫରୁ ଆବାସିକ ଯୋଜନାରେ ଘର ସମେତ ବିଦ୍ୟୁତ, ପାଇପ ଯୋଗେ ଜଳ ଯୋଗାଣ ଆଦି ଆନୁଷଙ୍ଗିକ ବ୍ୟବସ୍ଥା ହୋଇଛି। ହେଲେ ପୂର୍ବତନ ଜିଲ୍ଲାପାଳ ଶ୍ରୀ ଦାଶ ଏହି ଗ୍ରାମକୁ ରେଜିଷ୍ଟ୍ରାର ଅଫିସରେ ନିଜେ ଉପସ୍ଥିତ ରହି ବିକ୍ରି କରିଦେଇଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ଜମି ମାଲିକ ମାଟୁରୁ ଚନ୍ଦ୍ରଶେଖର ରାଓ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ ମଧ୍ୟ ତାଙ୍କୁ ପୁଲିସ ସୁରକ୍ଷାରେ ଆମ୍ବୁଲାନ୍ସ ଯୋଗେ ପାରଳାଖେମୁଣ୍ଡି ସ୍ଥିତ ରେଜିଷ୍ଟ୍ରେସନ କାର୍ଯ୍ୟାଳୟକୁ ଅଣାଯାଇଥିଲା। ପ୍ରକୃତରେ ଏକାକୀ ମାଟୁରୁ ଚନ୍ଦ୍ରଶେଖର ଜମି ମାଲିକ ନୁହଁନ୍ତି। ତାଙ୍କର ଭାଇ-ଭଉଣୀ ରହିଥିଲେ ମଧ୍ୟ ଆଇନଗତ ଉତ୍ତରାଧିକାରୀ ବା ଲିଗାଲ ହେୟାରରେ ସେ ଏକାକୀ ଦାବିଦାର ବୋଲି ଦର୍ଶାଇ ତଞ୍ଚକତା କରାଯାଇଥିବା ଶ୍ରୀ ରାଓ କହିଛନ୍ତି। ଏପରି ଜନଭରା ବସତି ସହ ବିଦ୍ୟାଳୟ, ଚର୍ଚ୍ଚ ଆଦି ରହିଥିଲେ ମଧ୍ୟ କିପରି ଏହା ଦୃଷ୍ଟିଗୋଚର ହୋଇନଥିଲା ତାହା ତଦନ୍ତ ସାପେକ୍ଷ ବୋଲି କହିଛନ୍ତି। ଏଥିରେ ପୂର୍ବତନ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳଙ୍କଠାରୁ ଆରମ୍ଭ କରି ପଞ୍ଚାୟତର କେତେକ ନେତାଙ୍କ ସହ ଆଉ କେତେଜଣ ଏଥିରେ ଜଡିତ ଥିବା ସେ ଅଭିଯୋଗ କରିଛନ୍ତି। ଏପରି ଜମି କେଳେଙ୍କାରୀ ସମସ୍ତେ ମିଳିମିଶି କରିଥିବା ପ୍ରକାଶ କରିଛନ୍ତି। ଟ୍ରେସିଂ ମ୍ୟାପ୍‌ରେ ଆର୍‌ଆଇଙ୍କ ଦସ୍ତଖତ ହୋଇନଥିବା ବେଳେ ତାଙ୍କୁ ତୁରନ୍ତ ବଦଳି କରିବା, ମ୍ୟାପିଂକୁ ତହସିଲଦାର ପ୍ରସ୍ତୁତ କରି ପ୍ରଦାନ କରିବା ଆଦିକୁ ଦେଖିଲେ ଏହା ଏକ ମହାଘଟୋଲା ଭଳି ମନେ ହେଉଥିବା ସେ କହିଛନ୍ତି। ଏହାର ଉଚ୍ଚସ୍ତରୀୟ ତଦନ୍ତ କଲେ ସମସ୍ତ ଘଟଣାର ସତ୍ୟାସତ୍ୟ ପଦାକୁ ଆସିବ ଏବଂ ଏପରି କୁଚକ୍ରାନ୍ତରେ ଲିପ୍ତଥିବା ଅଧିକାରୀ, ନେତାଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ବୋଲି ପୂର୍ବତନ ବିଧାୟକ ଶ୍ରୀ ରାଓ ସୂଚନା ଦେଇଛନ୍ତି। ଗ୍ରାମ ବିକ୍ରି ଘଟଣାରେ ବିଜେପି ନେତାଙ୍କ ସମ୍ପୃକ୍ତିର ପ୍ରଶ୍ନର ଉତ୍ତରରେ ଶ୍ରୀ ରାଓ କହିଥିଲେ ଯେ ମୁଁ ଜାଣିନି, ଯଦି କେହି ସମ୍ପୃକ୍ତି ଥିବା ଜଣାପଡ଼େ ତାହାହେଲେ ତଦନ୍ତ ହେବା ଆବଶ୍ୟକ। ଅନ୍ୟପକ୍ଷରେ ଏପରି ଏକ ସମ୍ବେଦନଶୀଳ ଘଟଣାର ୧ମାସ ବିତିଯାଇଥିଲେ ମଧ୍ୟ ପୂର୍ବତନ ପାରଳା ବିଧାୟକ ଏବଂ ବିଜେପି କିପରି ଜାଣିପାରିଲା ନାହିଁ, ଜିଲ୍ଲାପାଳ ଶ୍ରୀ ଦାଶ ଜିଲ୍ଲାରେ ଥିବାବେଳେ କାହିଁକି ଉଠାଗଲା ନାହିଁ, ବର୍ତ୍ତମାନ ସୁଦ୍ଧା ଡାକ୍ତରବାଞ୍ଜିରି ଗ୍ରାମକୁ ନଯିବା, ସେଠାକାର ଆଦିବାସୀ ପରିବାରଙ୍କ ଦୁଃଖ ନବୁଝିବା ଆଦିକୁ ନେଇ ଆଲୋଚନା ହେଉଥିବା ବେଳେ କୁମ୍ଭକର୍ଣ୍ଣ ନିଦ୍ରାରେ ରହିଥିବା ବିଜେପି ଏବେ କାହିଁକି କୁମ୍ଭୀର କାନ୍ଦଣା କାନ୍ଦୁଛି ବୋଲି ବିଜେଡି ମହଲରେ ଚର୍ଚ୍ଚା ହେଉଛି।

## ଦୁର୍ଗମ ଅଞ୍ଚଳରେ ବୟସ୍କ ବ୍ୟକ୍ତିଙ୍କୁ ଦ୍ୱାର ସମ୍ମୁଖରେ ଚିକିତ୍ସା



ଫୁଲବାଣୀ,୨୬।୭ (ସମିସ): ବାର୍ଦ୍ଧକ୍ୟ ସମୟର ଚିକିତ୍ସା ସୁଯୋଗ ନିମନ୍ତେ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ନେଉଥିବା ବେଳେ ଦୁର୍ଗମ ଗ୍ରାମରେ ସଚେତନତାର ଅଭାବ ଓ ଆନୁଷ୍ଠାନିକ ସୁବିଧା ସୁଯୋଗ ଅପହଞ୍ଚ ଥିବାରୁ ବହୁ ବୟସ୍କ ବ୍ୟକ୍ତି ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ଏହାକୁ ଆଖିଆଗରେ ରଖି ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ କନ୍ଧମାଳ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ବୟସ୍କ ବ୍ୟକ୍ତିଙ୍କୁ ଦ୍ୱାରଦେଶରେ ଚିକିତ୍ସା ଯୋଗାଇବା ପାଇଁ ପ୍ରୟାସ ଆରମ୍ଭ କରିଛି। ସାରଙ୍ଗଗଡ, ବେଲଘର, ଫିରିଙ୍ଗିଆ, ଇନ୍ଦ୍ରଗଡ ଭଳି ଅବହେଳିତ ଅଞ୍ଚଳର ଗ୍ରାମରେ ଷ୍ଟାଫ୍‌ନର୍ସ ପହଞ୍ଚି ରୋଗରେ ଆକ୍ରାନ୍ତ ବୟସ୍କ ବ୍ୟକ୍ତିଙ୍କ ଚିକିତ୍ସା କରାଇବା ସହିତ ସେମାନଙ୍କର ରକ୍ତଚାପ ଓ ସ୍ପନ୍ଦନ ମାପିବା ଏବଂ ପରାମର୍ଶ ଜନିତ ସେବା ଦେବା ଭଳି କାର୍ଯ୍ୟ କରୁଛନ୍ତି। ଏଥିସହିତ ଆଶାକର୍ମୀ ଓ ଏଏନ୍‌ଏମ୍‌ଙ୍କୁ ସେବା ପାଇଁ ନେଇ ସେମାନଙ୍କ ଦ୍ୱାର ଦେଶରେ ପହଞ୍ଚାଇ ପାରୁଛନ୍ତି। ବିଗତ ଦିନରେ ପ୍ରସବ ଯାନରେ କାର୍ଯ୍ୟରତ ଥିବା ଏହି କର୍ମଚାରୀ ପ୍ରସବ ଯାନ ବନ୍ଦ ହେବା ପରେ ବୃତ୍ତି ହରାଇ କରି ଆସୁଥିବା ସେବାକୁ ଜାରି ରଖିବା ପାଇଁ ଚେଷ୍ଟା କରୁଛନ୍ତି। ଅନୁଷ୍ଠାନ ତରଫରୁ ସସ୍ମିତା ନାୟକ, ଅର୍ଚ୍ଚିତା ମଲ୍ଲିକ, ସତରୁପା ବେହେରା, ମଧୁସ୍ମିତା ଜାନୀ, ଯସୋଦା ମଲ୍ଲିକ, ଯୋତ୍ସନା କହଁର, ସ୍ୱାଗତିକା ନାୟକ, ପ୍ରିୟଦର୍ଶନୀ ଦିଗାଲ, ଜସ୍ମିତା ଜାନି, ଅଲିଭା କହଁର ଓ ରଶ୍ମିନୀ ଦିଗାଲ ସହଯୋଗ କରୁଛନ୍ତି।

## ରକ୍ତଦାନ ଶିବିର; ୮୦ ୟୁନିଟ୍ ସଂଗୃହୀତ



ଜି.ଉଦୟଗିରି,୨୬।୭ (ସମିସ): ଜି.ଉଦୟଗିରି ସ୍ଥିତ ମୁର୍ସହେଡ ମେମୋରିଆଲ ଖ୍ରୀଷ୍ଟିଆନ ହସ୍ପିଟାଲରେ ଖ୍ରୀଷ୍ଟିଆନ ଜନ କଲ୍ୟାଣ ସମାଜ ଜି .ଉଦୟଗିରି ଶାଖା ପକ୍ଷରୁ ପ୍ରଥମ ଥର ପାଇଁ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଏଥିରେ ୮୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଫୁଲବାଣୀ ରକ୍ତ ଭଣ୍ଡାରର ଡା. ଡ.ଜୟଦୀପ ଘୋଷଙ୍କ ନେତୃତ୍ୱରେ ରକ୍ତ ସଂଗ୍ରହ କରାଯାଇଥିଲା। ହସ୍ପିଟାଲର ଏଏନ୍‌ଏମ୍ ଓ ଜିଏନ୍‌ଏମ୍ ତାଲିମ ନେଉଥିବା ଛାତ୍ରଛାତ୍ରୀଙ୍କ ଦ୍ୱାରା ଉପସ୍ଥିତ ଅତିଥିଙ୍କୁ ସ୍ୱାଗତ କରାଯାଇଥିଲା। ଖ୍ରୀଷ୍ଟିଆନ୍ ଜନ କଲ୍ୟାଣ ସଭାପତି ପ୍ରଶାନ୍ତ କୁମାର୍ ଦାସ ପରିଚାଳନା କରିଥିବା ବେଳେ ଅତିଥି ଭାବରେ ଫାଦର୍ ଦୃଷ୍ଟାନ୍ତ ନାୟକ ଓ ଏସଡ଼ିପିଓ ବିଜୟ କୁମାର ବିଶି ଉପସ୍ଥିତ ଥିଲେ। ସ୍ଥାନୀୟ ଏସ୍‌ଡିପିଓ ରକ୍ତ ଦାନର ମହତ୍ତ୍ୱ ବିଷୟରେ ପ୍ରକାଶ କରି ରକ୍ତଦାନ ପାଇଁ ଉତ୍ସାହିତ କରିଥିଲେ। ଆମୋଦ ଚନ୍ଦ୍ର ନାୟକ, ସୂର୍ଯ୍ୟକାନ୍ତ ନାୟକ, ଭୀମସେନ ନାୟକ, ଫିରୋଜ ଦିଗାଲ, ଆମନ ନାୟକ, ଗଗନ କୁମାର ପ୍ରଧାନ, ସାମନ୍ତ ଶେଖର ନାୟକ, ଅନନ୍ତ ପ୍ରଧାନ, ଅଚ୍ୟୁତ ନାୟକ, ହେରୋଦ ନାୟକ, ହେରୋଦ ଦିଗାଲ, ଆଞ୍ଜୁମ ଅହମ୍ମଦ, ଦେବରାଜ ଦାସ, ବିଭୁ ନନ୍ଦନ ଦିଗାଲ, ଆଲୋକ ନାୟକ, ନଳିନୀ ଦିଗାଲ, ସ୍ନିଗ୍ଧାରାଣୀ ନାୟକ ଶିବିର ପରିଚାଳନା କରିଥିଲେ।

## ମୋହିନୀଙ୍କ ଚିକିତ୍ସା ପାଇଁ ସହାୟତାର ହାତ ବଢ଼ାଇଲେ ବିଧାୟକ



ପାରଳାଖେମୁଣ୍ଡି,୨୬ ।୭ (ସମିସ): ଗଜପତି ଜିଲ୍ଲା ପାରଳଖେମୁଣ୍ଡି ପୌରପରିଷଦ ୧୪ନମ୍ବର ୱାର୍ଡ ସଞ୍ଜୟଗାନ୍ଧୀ କଲୋନୀର ମୋହିନୀ ଅଜଣା ରୋଗରେ ପୀଡିତ ହୋଇ ରୋଗଶଯ୍ୟାରେ ପଡିଛନ୍ତି। ଚିକିତ୍ସା ପାଇଁ ଅର୍ଥର ଅଭାବ ଏବଂ ଆୟୁଷ୍ମାନ ସ୍ୱାସ୍ଥ୍ୟ କାର୍ଡ ନଥିବା ହେତୁ ମୋହିନୀଙ୍କ ଚିକିତ୍ସା ହୋଇପାରୁ ନଥିଲା। ଏନେଇ ଖବର ଗଣମାଧ୍ୟମରେ ପ୍ରକାଶ ପରେ ପାରଳାଖେମୁଣ୍ଡି ବିଧାୟକ ଇଂ.ରୂପେଶ କୁମାର ପାଣିଗ୍ରାହୀ ମୋହିନୀଙ୍କ ଘରକୁ ଯାଇ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଦେଖି ଦୁଃଖ ପ୍ରକାଶ କରିଥିଲେ ଓ ତାଙ୍କୁ କିଛି ଆର୍ଥିକ ସହାୟତା ଦେଇଥିଲେ। ଏହାସହ ବିଧାୟକ ଶ୍ରୀ ପାଣିଗ୍ରାହୀ ମୋହିନୀଙ୍କୁ ତୁରନ୍ତ ଭୁବନେଶ୍ୱର ସ୍ଥିତ ହାଇଟେକ୍ ମେଡିକାଲ୍ ନେଇ ମାଗଣାରେ ଚିକିତ୍ସା କରିବେ ବୋଲି ତାଙ୍କ ପରିବାର ଲୋକଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ବିଧାୟକ ଶ୍ରୀ ପାଣିଗ୍ରାହୀଙ୍କ ସହ ଜିଲ୍ଲା ବିଜେଡି ସଭାପତି ପ୍ରଦୀପ କୁମାର ନାୟକ ଓ ପାରଳାଖେମୁଣ୍ଡି ପୌରାଧ୍ୟକ୍ଷା ନିର୍ମଳା ସେଠୀ ଉପସ୍ଥିତ ଥିଲେ। ସୂଚନା ପ୍ରକାରେ ମୋହିନୀ ବିବାହିତ। ତାଙ୍କର ଅଜଣା ରୋଗ ହେବାପରେ ସ୍ୱାମୀ ଆଣି ବାପଘରେ ଛାଡ଼ିଦେଇ ଚାଲିଯାଇଛନ୍ତି।

## ଖାଲି ପଡ଼ିଛି ଭେଣ୍ଡିଂ ଜୋନ୍; ସ୍ଥାନାନ୍ତର ଦାବି

କାଶୀନଗର,୨୬।୭ (ସମିସ)

ଗଜପତି ଜିଲ୍ଲା କାଶୀନଗର ଏନ୍‌ଏସି ୧୧ ନମ୍ବର ୱାର୍ଡସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର



ନିକଟରେ୭ ବର୍ଷ ପୂର୍ବେ ଭେଣ୍ଡିଂ ଜୋନ୍ ପାଇଁ ୧୦ ଟିଣ ରୁମ୍ ନିର୍ମାଣ କରାଯାଇଥିଲା। ମାଛମାଂସ ଓ ପନିପରିବା ବିକ୍ରେତା ଆବେଦନ କଲେ ସେମାନଙ୍କୁ ରୁମ୍ ଦିଆଯିବ ବୋଲି କୁହାଯାଇଥିଲା। କିନ୍ତୁ କେହି ବିକ୍ରେତା ଆବେଦନ କଲେନାହିଁ। ଉକ୍ତ ଭେଣ୍ଡିଂଜୋନ ଛକ ଜାଗାରେ ନ ଥିବା କାରଣରୁ ବ୍ୟବସାୟ ପ୍ରତି ତାହା ଅନୁକୂଳ ନୁହେଁ ଭାବି ସମ୍ଭବତଃ ରୁମ୍ ସକାଶେ ବ୍ୟବସାୟୀ ଏଯାଏଁ ଆବେଦନ କରୁନାହାନ୍ତି।

ଏହାଛଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ବ୍ଲକ୍ ଓ ଏନ୍‌ଏସି କାର୍ଯ୍ୟାଳୟ ଅତି ନିକଟରେ ଥିବା ବ୍ୟବସାୟୀଙ୍କ ଅନାଗ୍ରହର ଅନ୍ୟତମ କାରଣ ହୋଇପାରେ ବୋଲି କୁହାଯାଉଛି। ଟିକସଦାତାଙ୍କ ଅର୍ଥର ଅପବ୍ୟୟ କରି ଏହା ନିର୍ମାଣ କରାଯିବାର ଆବଶ୍ୟକତାକୁ ନେଇ ପ୍ରଶ୍ନ ଉଠିଥିବା ବେଳେ ଉଦଘାଟନ ସମୟର ଉକ୍ତ ଭେଣ୍ଡିଂଜୋନ ପାଶ୍ୱର୍ରେ ଲାଗିଥିବା ଫଳକକୁ କେହି ଭାଙ୍ଗି ଦେଇଥିବା ଦେଖାଯାଇଛି। ସତ୍ୟସମର୍ପ୍ପା ରାଉତ ଏନ୍‌ଏସିର ନିର୍ବାହୀ ଅଧିକାରୀ ଥିବାବେଳେ ମୁଖ୍ୟମନ୍ତ୍ରୀ କର୍ମତତ୍ପର ଅଭିଯାନ ଉପବିଭାଗ ପକ୍ଷରୁ ଏହା ନିର୍ମାଣ କରାଯାଇଥିବା ଫଳକର ଭଗ୍ନାବଶେଷରୁ ଜଣାପଡିଛି। ଏନ୍‌ଏସି ପରିସରରେ ସରକାରୀ ଜାଗାର ଅଭାବ ଦର୍ଶାଇ ବିଭିନ୍ନ ଅଫିସ ଓ କୋର୍ଟର ନୂଆ କୋଠା ଏନ୍‌ଏସି ଠାରୁ ଦୂରରେ ପଞ୍ଚାୟତ ଅଞ୍ଚଳରେ ନିର୍ମାଣ କରାଯାଉଥିବା ବେଳେ ଅବ୍ୟବହୃତ ହୋଇ ପଡିରହିଥିବା ଉକ୍ତ ଦୋକାନ ସ୍ଥାନାନ୍ତର ପାଇଁ ଦାବି ହୋଇଛି। କାଶୀନଗର ନାଗରିକ ମହାସଭା ସଭାପତି ପ୍ରଶାନ୍ତ ମିଶ୍ର ଏହା ସ୍ଥାନାନ୍ତର ପରେ ସେହି ସ୍ଥାନରେ ସରକାରୀ ପାଠାଗାର ଓ ଅତିଥି ଭବନ ନିର୍ମାଣ କରାଗଲେ ତାହା ବିକାଶର ଅଗ୍ରଗତିରେ ସହାୟକ ହେବା ସଂଗେ ସଂଗେ ଏନ୍‌ଏସିର ଦୁଇଟି ଜରୁରୀ ଆବଶ୍ୟକତା ବି ପୂରଣ ହୋଇପାରିବ ବୋଲି କହିଛନ୍ତି।

## କୋଟଗଡ ବ୍ଲକ୍ ବିଜେପିରେ କନ୍ଦଳ

# ଥାନାରେ ପହଞ୍ଚିଲା ସାଂସଦ ପ୍ରତିନିଧି ଓ ବ୍ଲକ୍ ସଭାପତିଙ୍କ କଳି

କୋଟଗଡ,୨୬।୭ (ସମିସ): କନ୍ଧମାଳ ଜିଲ୍ଲା କୋଟଗଡ ବ୍ଲକରେ ବିଜେପିର ଗୋଷ୍ଠୀ କନ୍ଦଳ ଦାଣ୍ଡରେ ପଡ଼ି ହାଟରେ ଗଡୁଛି। ଝଗଡା ଓ ବିଶୃଙ୍ଖଳାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି ଦଳର ବରିଷ୍ଠ କର୍ମୀ। କିଛିଦିନ ପୂର୍ବରୁ ଦଳରେ ବ୍ଲକ ସଭାପତି ଚୟନକୁ ନେଇ ଅନେକ ବାଦ ବିବାଦ ପ୍ରକାଶ ପାଇଥିଲା। ଉକ୍ତ ବିବାଦ ଆଜି ଭୟଙ୍କର ରୂପ ନେଇଥିବା ଦେଖିବାକୁ ମିଳିଛି। ସାଂସଦ ପ୍ରତିନିଧି ଓ ବ୍ଲକ ସଭାପତି ହାତାହାତି ହୋଇ ଥାନାରେ ମାମଲା ପହଞ୍ଚିଛି।

ସୂଚନା ଅନୁଯାୟୀ, ଶୁକ୍ରବାର କୋଟଗଡ଼ ମଣ୍ଡଳ ସଭାପତି ଗୋପାଳ ବେହେରା ଓ ସାଂସଦ ପ୍ରତିନିଧି ସୋନୁ ପ୍ରଧାନଙ୍କ ମଧ୍ୟରେ ହାତାହାତି ପରିସ୍ଥିତି ସୃଷ୍ଟି ହୋଇଥିଲା। ଏନେଇ ଉଭୟ କୋଟଗଡ଼ ଥାନାରେ ଲିଖିତ ଏତଲା ଦେଇଛନ୍ତି। ଉଭୟଙ୍କ ଅଭିଯୋଗ ପତ୍ରରେ ଭିନ୍ନ ଭିନ୍ନ ଅଭିଯୋଗ ରହିଛି। ଏହା ଦଳ ପାଇଁ ଚିନ୍ତାର ବିଷୟ ପାଲଟିଛି। ସୋନୁ ପ୍ରଧାନଙ୍କ ଅଭିଯୋଗ ଅନୁଯାଇ ଶୁକ୍ରବାର ରାତି ୭ଟାରେ ମଣ୍ଡଳ ସଭାପତି ଗୋପାଳ ବେହେରା ତାଙ୍କ ହୋଟେଲକୁ କୌଣସି ଏକ କାମରେ ଯାଇଥିଲେ। ସେଠାରେ ତାଙ୍କ ବାପା ରହିଥିବା ବେଳେ ଶ୍ରୀ ବେହେରା ସୋନୁଙ୍କୁ ମାରିବା ପିଟିବା ନେଇ ଧମକ ଦେଇଥିଲେ। ଏହି କଥା ବାପା ସୋନୁଙ୍କୁ ଜଣାଇଥିଲେ। ସେ ଗୋପାଳଙ୍କୁ ଫୋନରେ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ। କିନ୍ତୁ ତାହା ହେଇପାରିନଥିଲା। ପରେ ସେ ଗୋପାଳଙ୍କ ବାସଭବନକୁ ଯାଇଥିଲେ। ସେଠାରେ ମଧ୍ୟ ଶ୍ରୀ ବେହେରା ତାଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ ସହ ଗାଳିଗୁଲଜ କରିଥିଲେ। ଏଥିରେ ଅପମାନିତ ହୋଇଛନ୍ତି। ଅନ୍ୟପକ୍ଷରେ ଗୋପାଳ ବେହେରାଙ୍କ ଅଭିଯୋଗ ଅନୁଯାୟୀ, ସୋନୁ ଓ ତାଙ୍କ ସାନ ଭାଇ ତାଙ୍କ ଘରକୁ ଯାଇ ଧସେଇ ପଶି ତାଙ୍କୁ ଆକ୍ରମଣ କରିଥିଲେ। ପଡୋଶୀ ବନ୍ଧୁ ଆସି ତାଙ୍କୁ ସୋନୁ ଓ ତାଙ୍କ ଭାଇଙ୍କ କବଳରୁ ରକ୍ଷା କରିଥିଲେ। ବିଜେପିର ଦୁଇ କର୍ମକର୍ତ୍ତାଙ୍କ ମଧ୍ୟରେ ଏଭଳି ମାରପିଟ ଘଟଣାକୁ ନେଇ ଦଳୀୟ କର୍ମୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ପରିଶେଷରେ ଦୁଇ ଗୋଷ୍ଠୀ ନ୍ୟାୟ ପାଇବାକୁ କୋଟଗଡ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଥାନାରେ ଦୁଇ ପକ୍ଷରୁ ମାମଲା ରୁଜୁ ହେଇଥିବା ଜଣାପଡିଛି।

## କାରଗିଲ ବିଜୟ ଦିବସ ପାଳିତ



ପାରଳାଖେମୁଣ୍ଡି,୨୬ ।୭ (ସମିସ): ଗଜପତି ଜିଲ୍ଲା ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ତରଫରୁ ପାରଳାଖେମୁଣ୍ଡିରେ କାରଗିଲ ବିଜୟ ଦିବସ ପାଳିତ ହୋଇଯାଇଛି। ୧୯୯୯ ମସିହା ଆଜିର ଦିନରେ ଭାରତ-ପାକିସ୍ତାନ ସେନା ଓ ସମର୍ଥିତ ଆତଙ୍କବାଦୀଙ୍କୁ କାରଗିଲ ମାଟିରୁ ତଡି ବିଜୟଧ୍ୱଜା ଉଡ଼ାଇବାରେ ସହିଦ ହୋଇଥିବା ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ଏହାସହ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯିବାସହ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ଏଥିରେ ବହୁ ସଂଖ୍ୟକ ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## କାର୍‌ଗିଲ୍ ବିଜୟ ଦିବସରେ ରକ୍ତଦାନ ଶିବିର



ପାରଳାଖେମୁଣ୍ଡି,୨୬ ।୭ (ସମିସ): ସେଞ୍ଚୁରିୟନ୍ ବିଶ୍ୱବିଦ୍ୟାଳୟ ପାରଳାଖେମୁଣ୍ଡିରେ ଆଜି କାର୍ଗିଲ ବିଜୟ ଦିବସ ଅବସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ଛାତ୍ରଛାତ୍ରୀ, ଅଧ୍ୟାପକ ଓ କର୍ମଚାରୀ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ଯୁବ ରେଡ୍‌କ୍ରସର ଛାତ୍ର ସେବକମାନେ ଲୋକଙ୍କ ମଧ୍ୟରେ ରକ୍ତର ଅଭାବ ଏବଂ ରକ୍ତଦାନର ମହତ୍ୱପୂର୍ଣ୍ଣ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହା ଏକ ସାମାଜିକ ସେବା ଓ ଦାୟିତ୍ୱ ବୋଲି କୁହାଯାଇଥିଲା। ଶିବିରକୁ ସିୟୁଟିଏମ୍‌ର ରେଜିଷ୍ଟ୍ରାର ଡ. ଅନିତା ପାତ୍ର ଏବଂ ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ମୁଖ୍ୟଚିକିତ୍ସାଳୟର ଡା. ରମ୍ୟାଜୟନ ମିଳିତ ଭାବେ ଉଦ୍‌ଘାଟନ କରିଥିବା ବେଳେ ସ୍କୁଲ ଅଫ ମ୍ୟାନେଜମେଣ୍ଟର ଆସୋସିଏଟ୍ ଡିନ୍ ଡ. ପ୍ରଜ୍ଞା ପାଣି ଓ ନର୍ସିଂ ବିଭାଗର ଉପାଧ୍ୟକ୍ଷ ପ୍ରଫେସର ଏସ୍. ଏନ୍. ସନ୍ଧ୍ୟା ଉପସ୍ଥିତ ଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ରକ୍ତଭଣ୍ଡାରର ଖଗେଶ୍ୱର ବେହେରାଙ୍କ ନେତୃତ୍ୱରେ ଟେକ୍ନିସିଆନ୍ ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ। ଶିବିରରେ ୪୧ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଶିବିରକୁ ୟୁଥ୍ ରେଡକ୍ରସ୍‌ର କାଉନସେଲର ଡ. ସୁଶାନ୍ତ କୁମାର ପଟ୍ଟନାୟକ ପରିଚାଳନା କରିଥିବା ବେଳେ ସିୟୁଟିଏମ୍‌ର ଛାତ୍ର କଲ୍ୟାଣ ଡିନ୍ ଡ. ରିତେଶ କୁମାର ସହଯୋଗ କରିଥିଲେ।

## ଶଙ୍କରାଖୋଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସ୍ୱାଗତ ଉତ୍ସବ



ଚକାପାଦ,୨୬।୭ (ସମିସ): ଚକାପାଦ ବ୍ଲକ ଶଙ୍କରାଖୋଲସ୍ଥିତ ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟରେ ଯୁକ୍ତ ଦୁଇର ନୂତନ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରାଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଡ଼. ସନ୍ତୋଷ କୁମାର ପ୍ରଧାନ ଅଧ୍ୟକ୍ଷତା କରିବା ସହ ସମସ୍ତ ଅଧ୍ୟାପକ ନିଜ ନିଜର ପରିଚୟ ଦେଇଥିଲେ। ବିଦ୍ୟାଳୟର ନୀତିନିୟମ, ସମସ୍ତ ସୁବିଧା, ଅଧ୍ୟୟନ, ଶୃଙ୍ଖଳା, କ୍ରୀଡ଼ା, ସାଂସ୍କୃତିକ କାର୍ଯ୍ୟକ୍ରମ,ଶ୍ରେଣୀର ୭୫ ପ୍ରତିଶତ ଉପସ୍ଥାପନ ରହିବା ପାଇଁ ଜଣେଇଥିଲେ ଏବଂ ବିଦ୍ୟାଳୟ ପରିସରରେ ରାଗିଂ, ନିର୍ଯାତନା, ଅଶ୍ଳୀଳତା, ଆଦି ଘଟଣା ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବା ପାଇଁ ସୂଚନା ଦେଇଥିଲେ। ଅଧ୍ୟାପକ ଡ଼. ବାବୁଲା ପଟ୍ଟଯୋଶୀ ଉତ୍ସବର ବିବରଣୀ ପଠନ କରିଥିବା ବେଳେ ଅଧ୍ୟାପକ ରାମକୃଷ୍ଣ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ଜୀବନଜ୍ୟୋତି ମହାବିଦ୍ୟାଳୟରେ ପ୍ରବେଶ ଉତ୍ସବ

ରାଇକିଆ,୨୬।୭ (ସମିସ): ରାଇକିଆ ଜୀବନ ଜ୍ୟୋତି ମହାବିଦ୍ୟାଳୟରେ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ନୂତନ ଭାବେ ନାମ ଲେଖାଇଥିବା ଯୁକ୍ତ ୨ କଳା ଓ ବିଜ୍ଞାନ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅଧ୍ୟାପିକା ମଞ୍ଜୁଳା ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ଅଧ୍ୟକ୍ଷ ଭୁବନ ମୋହନ ସାହୁ ଯୋଗଦେଇ ଛାତ୍ର ଜୀବନରେ ଶୃଙ୍ଖଳା ହିଁ ସଫଳ ଶିକ୍ଷାର୍ଥୀଙ୍କ ମାପ କାଠି ଭାବେ ଗ୍ରହଣ କରାଯାଇଥାଏ ବୋଲି ମତ ରଖିଥିଲେ। ଅଧ୍ୟାପକ ବେଣୁପାଣୀ ମହାପାତ୍ର, ବିଶ୍ୱବିହାରୀ ଦଳେଇ, ଅଧ୍ୟାପିକା ଲିଜାଲିନ୍ ଭୋଇଙ୍କ ସମେତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ସମେତ କର୍ମଚାରୀ ଉପସ୍ଥିତ ଥିଲେ। ନବାଗତ ଛାତ୍ରଛାତ୍ରୀଙ୍କୁ ଉତ୍ତମ ଭବିଷ୍ୟତ ପାଇଁ ଶୁଭେଚ୍ଛା ଜଣାଇବା ସହ ମହାବିଦ୍ୟାଳୟର ଶୃଙ୍ଖଳା ତଥା ସମସ୍ତ କାର୍ଯ୍ୟାବଳୀର ସୂଚନା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ଇତିହାସ ବିଭାଗର ବରିଷ୍ଠ ଅଧ୍ୟାପକ ଜଗନ୍ନାଥ ଦାସ ଧନ୍ୟବାଦ ଜ୍ଞାପନ କରିଥିଲେ।

## ଶ୍ରାମୁଗୁଡା ପ୍ରାଥମିକ ବିଦ୍ୟାଳୟରେ ତାଲା

# ଆସିଲେନି ଶିକ୍ଷୟିତ୍ରୀ; ଉପାସରେ ଫେରିଗଲେ ଛାତ୍ରଛାତ୍ରୀ

ଫିରିଙ୍ଗିଆ,୨୬।୭ (ସମିସ)

ଫିରିଙ୍ଗିଆ ବ୍ଲକ ପକାରୀ ପଞ୍ଚାୟତ ଶ୍ରାମୁଗୁଡା ପ୍ରାଥମିକ ବିଦ୍ୟାଳୟରେ ଦୀର୍ଘ ବର୍ଷରୁ ଅବ୍ୟବସ୍ଥା ସହ ଶିକ୍ଷକ/ଶିକ୍ଷୟତ୍ରୀ ଆସୁନଥିବା ଅଭିଯୋଗ ହୋଇ ଆସୁଥିବା ବେଳେ ପୁଣି ଶନିବାର ଦିନ ବିଦ୍ୟାଳୟକୁ କେହି ଶିକ୍ଷକ/ଶିକ୍ଷୟିତ୍ରୀ ଆସି ନ ଥିବାରୁ ବିଦ୍ୟାଳୟରେ ତାଲା ପଡ଼ିଥିବା ବେଳେ ମଧ୍ୟାହ୍ନଭୋଜନ ମଧ୍ୟ ରୋଷେଇ ହୋଇ ନଥିଲା। ବିଦ୍ୟାଳୟକୁ ଆସିଥିବା କିଛି ଛାତ୍ରଛାତ୍ରୀ ଦୀର୍ଘ ସମୟ ଅପେକ୍ଷା କରିବା ଉପାସରେ ଫେରିଯାଇଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ।

ଆଜି ଶନିବାର ସକାଳୁଆ ସ୍କୁଲ ଥିଲେ ମଧ୍ୟ ପ୍ରଧାନଶିକ୍ଷୟିତ୍ରୀ ରେଣୁବାଳା ପତି କିମ୍ବା ସହକାରୀ ଶିକ୍ଷକ ମନୋରଞ୍ଜନ ମଲିକ ବିଦ୍ୟାଳୟକୁ ଆସିନଥିଲେ। ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀରେ ୧୫ ଜଣ ଛାତ୍ରଛାତ୍ରୀ ଅଛନ୍ତି। ଆଜି ବିଦ୍ୟାଳୟକୁ କେହି ଶିକ୍ଷକ/ଶିକ୍ଷୟିତ୍ରୀ ନ ଆସିବାରୁ ଛାତ୍ରଛାତ୍ରୀ ନଖାଇ ଫେରି ଯାଇଥିବା ଗ୍ରାମବାସୀ ଅଭିଯୋଗ କରିବା ସହ ମଧ୍ୟାହ୍ନ ଭୋଜନ ରୋଷେଇ ହୋଇ ନଥିବାରୁ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ଅଭିଭାବକ। ବିଦ୍ୟାଳୟର ପାଚିକା ସହାୟିକା ସୁକାନ୍ତି କହଁରଙ୍କୁ ପଚାରିବାରୁ ପ୍ରଧାନଶିକ୍ଷୟିତ୍ରୀ ନ ଆସିବାରୁ ଓ ଛାତ୍ରଛାତ୍ରୀ ଆସିନଥିବାରୁ ମଧ୍ୟାହ୍ନଭୋଜନ ରୋଷେଇ



ହୋଇ ନ ଥିବା କହିଛନ୍ତି। ବିଦ୍ୟାଳୟ ସଭାପତି ଗୌରାଙ୍ଗ କହଁର ମଧ୍ୟ ଶିକ୍ଷକ କିମ୍ବା ଶିକ୍ଷୟିତ୍ରୀ ଆସିନଥିବା କହିଛନ୍ତି। ପୂର୍ବରୁ ଶ୍ରାମୁଗୁଡା ପ୍ରାଥମିକ ବିଦ୍ୟାଳୟର ଅବ୍ୟବସ୍ଥା ଓ ବିଦ୍ୟାଳୟକୁ ଶିକ୍ଷୟିତ୍ରୀ ଆସୁନଥିବା ଅଭିଯୋଗ ହେଉଥିବା ବେଳେ ବିଭିନ୍ନ ଗଣ ମାଧ୍ୟମରେ ପ୍ରକାଶ ପାଇଥିଲେ ମଧ୍ୟ ଶିକ୍ଷା ବିଭାଗୀୟ ଅଧିକାରୀ ଗୁରୁତ୍ୱ ଦେଉନଥିବା ଅଭିଯୋଗ ହେଉଛି।

ଏ ସମ୍ପର୍କରେ ଦାୟିତ୍ୱରେ ଥିବା ସିଆରସି ଦିଲୀପ ବେହେରାଙ୍କୁ ଯୋଗାଯୋଗ କରାଯିବାରେ ବିଦ୍ୟାଳୟକୁ ଶିକ୍ଷୟିତ୍ରୀ କିମ୍ବା ଶିକ୍ଷକ ଆସିନଥିବାକୁ ସ୍ୱୀକାର କରିବା ସହ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବେ ବୋଲି କହିଛନ୍ତି। ସ୍ଥାନୀୟ ଗୋଷ୍ଠୀ ଶିକ୍ଷା ଅଧିକାରୀ ଆଲୋକ ପ୍ରଧାନଙ୍କୁ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ହେଁ ସେ ଫୋନ ଉଠାଇନଥିଲେ।

# ମନରେଗା କାମରେ ଶିଶୁ ଶ୍ରମିକ

କାଳିମେଳା, ୨୬।୭ (ସମିସ)



ମାଲକାନଗିରି ଜିଲ୍ଲା କାଳିମେଳା ବ୍ଲକ ଲୁଗେଲ ପଞ୍ଚାୟତରେ ମନରେଗା କାମର ବାସ୍ତବ ଚିତ୍ରକୁ ନେଇ ପୁଣି ଉଠିଛି ପ୍ରଶ୍ନ। ବର୍ଷକୁ ପ୍ରତ୍ୟେକ ବ୍ୟକ୍ତିଙ୍କ ଶହେ ଦିନର ମଜୁରୀକୁ ସ୍ପଷ୍ଟ କରିବା ଆଳ ଦେଖାଇ ଶିଶୁ ଶ୍ରମିକଙ୍କୁ ମଧ୍ୟ ନିୟୋଜିତ

● ରାତିରେ ବି ଚାଲିଛି ନିର୍ମାଣ କାମ

କରାଯାଇଥିବା ଭଳି ଚିତ୍ର ସମ୍ମୁଖକୁ ଆସିଛି। ଯେଉଁଥିରେ ଶିଶୁ ଶ୍ରମିକ ନିୟୋଜିତ ଥିବା ଦର୍ଶାଇ ଫୋଟ ଏନଏମଏମଏସ କରାଯାଇଥିବାର ସ୍ପଷ୍ଟ ଚିତ୍ର ଦେଖିବାକୁ ମିଳିଛି। ସୂଚନା ମୁତାବକ ଲୁଗେଲ ପଞ୍ଚାୟତର ଲୁଗେଲ ଗ୍ରାମ ଠାରୁ ଫୁଲକାନକୋଣ୍ଡା ଗ୍ରାମ ପର୍ଯ୍ୟନ୍ତ ନିର୍ମାଣାଧିନ ରହିଥିବା ରାସ୍ତାର ଉନ୍ନତିକରଣ ପାଇଁ ଲଗାଣ ବର୍ଷା ମଧ୍ୟରେ ଶ୍ରମିକଙ୍କୁ ନିୟୋଜିତ କରାଯିବା ସହ ଏଥିରେ ଶିଶୁ ଶ୍ରମିକ ନିୟୋଜିତ କରାଯାଇଛି। ଯାହାର ସ୍ପଷ୍ଟ ପ୍ରମାଣ ଶୁକ୍ରବାର ଦିନ ଏହି ନିର୍ମାଣ କାର୍ଯ୍ୟର ଏନଏମଏମଏସ ବେଳେ ସ୍ପଷ୍ଟ ବାରି ହୋଇପଡୁଛି। ଜଣେ ଶିଶୁ ଶ୍ରମିକଙ୍କୁ କାମରେ ନିୟୋଜନ କରିବା ମନରେଗା କାମର ଗାଇଡ୍‌ଲାଇନକୁ ଖିଲାପ୍ କରିବା ସହ କାର୍ଯ୍ୟର ବାସ୍ତବତା ଉପରେ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଏଥିସହ ଏହି ନିର୍ମାଣ କାର୍ଯ୍ୟ ରାତ୍ରି ଆଠଟା ବେଳେ କରାଯାଉଥିବା ମଧ୍ୟ ଏନଏମଏମଏସ ପୋର୍ଟାଲରୁ ଜଣାପଡ଼ିଛି। ଏହି କାର୍ଯ୍ୟରେ ନିୟୋଜିତ ଶିଶୁ ଶ୍ରମିକ ଓ ରାତ୍ରିରେ ନିର୍ମାଣ କାର୍ଯ୍ୟ ବାବଦରେ ଉକ୍ତ ପଞ୍ଚାୟତର ଆକାଉଣ୍ଟାଣ୍ଟଙ୍କୁ ପଚାରିବାରୁ ସେ ଘଟଣା ବାବଦରେ ଅବଗତ ନଥିବା ବେଳେ ତଦନ୍ତ କରି ଘଟଣା ବାବଦରେ ଜଣାଇବେ ବୋଲି କହିଛନ୍ତି। ଏପରି ସ୍ଥିତିରେ ଏହି ନିର୍ମାଣାଧିନ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଓ ନିୟୋଜିତ ଶ୍ରମିକଙ୍କ ପ୍ରକୃତ ତଥ୍ୟ ଯାଞ୍ଚ କଲେ ଏକ ବଡ ଧରଣର ଦୁର୍ନୀତି ପଦାକୁ ଆସିବା ସହ ମନରେଗା କାମରେ ଚାଲିଥିବା ବାଟମାରଣା ନୀତି ପଦାକୁ ଆସିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

# ଏଟିଏମ୍‌ରୁ ଲୁଟ୍ ଯୋଜନା ପଣ୍ଡ: ୩ ଗିରଫ



ମୁନିଗୁଡ଼ା, ୨୬।୭ (ସମିସ): ଅମ୍ବାଦଳା ପୁଲିସକୁ ଆଉ ଏକ ବଡ଼ ସଫଳତା ମିଳିଥିବା ବେଳେ ଏଟିଏମ୍ ଲୁଟ୍ ଯୋଜନାକୁ ପଣ୍ଡ କରିବାରେ ସଫଳ ହୋଇଛି। ଏହି କେଶରେ ତିନି ଜଣଙ୍କୁ ଗିରଫ ସହ ସେମାନଙ୍କ ଠାରୁ ଶାବଳ, କାତି, ପ୍ଲାସ, ଦୁଇଟି ମୋବାଇଲ୍, ମୋଟର ସାଇକଲ ଜବତ କରିବାରେ ସଫଳ ହୋଇଛି। ଗତକାଲି ବିଳମ୍ବିତ ରାତିରେ ଅମ୍ବାଦଳା ପୋଲିସ ପାଟ୍ରୋଲିଂ କରି ଫେରିବା ସମୟରେ ଇନ୍ଦିରାପଡ଼ା ଢ଼ାବା ନିକଟ ବାଲିଯୋଡ଼ିକୁ ଯିବା ରାସ୍ତାରେ ତିନି ଜଣ ଯୁବକ ପୁଲିସଙ୍କୁ ଦେଖି ଦୌଡ଼ି ପଳାଇ ଯିବାକୁ ଚେଷ୍ଟା କରିଥିଲେ। ସନ୍ଦେହ ହେବାରୁ ଅମ୍ବାଦଳା ପୁଲିସ ଉକ୍ତ ତିନି ଜଣ ଯୁବକଙ୍କୁ ଧରି ଥାନାକୁ ନେଇ ଥାନା ଅଧିକାରୀ କଳ୍ପନା ବେହେରାଙ୍କ ନେତୃତ୍ୱରେ ପଚରାଉଚୁରା କରିବା ପରେ ଜଣାପଡ଼ିଲା, ଏମାନେ ଅମ୍ବାଦଳା ଟାଉନ୍ ଭିତରେ ଥିବା ଏକ ଏଟିଏମ୍ ଲୁଟ କରିବା ପାଇଁ ଯୋଜନା କରିଥିଲେ। ସେମାନଙ୍କଠାରୁ ଏଟିଏମ୍ ଲୁଟ ପାଇଁ ରଖିଥିବା ଗୋଟିଏ ଶାବଳ, ଗୋଟିଏ କାତି, ଗୋଟିଏ ପ୍ଲାସ ସହ ଦୁଇଟି ମୋବାଇଲ ଓ ଗୋଟିଏ ମୋଟର ସାଇକେଲ ଜବତ କରିଥିବା ମୁନିଗୁଡ଼ା ଏସ୍‌ଡିପିଓ ସନ୍ତୋଷିନୀ ଓରାମ ସୂଚନା ଦେଇଛନ୍ତି। ଅଭିଯୁକ୍ତ ମାନେ ହେଲେ ଆମ୍ବାଦଳା ଥାନା ଅନ୍ତର୍ଗତ ବାଲିଯୋଡ଼ି ଗ୍ରାମର ଅମ୍ବିକା ବାଗ ଓ ସାଙ୍କୁଳି ପଦର ଗ୍ରାମର ଲକିରାମ କୁଲେଶିକା ଓ ବିଶମ୍ବର ପ୍ରାସ୍କାକା। ଆଜି ଅଭିଯୁକ୍ତ ତିନି ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ତେବେ ପୁଲିସର ଏହି ପେଟ୍ରୋଲିଂ ବେଳେ ଅମ୍ବାଦଳା ଥାନା ଆଇଆଇସି କଳ୍ପନା ବେହେରାଙ୍କ ସମେତ ଏସଆଇ ମନୋଜ କୁମାର ମାଝି, ଏଏସଆଇ ପ୍ରଶାନ୍ତ କୁମାର ପାଢ଼ୀ, କନେଷ୍ଟବଳ ସୁନୀଲ କୁମାର ସାହୁଙ୍କ ସମେତ ଜଗନ୍ନାଥ ନାୟକ ଓ ପ୍ରଦୀପ ନାୟକ ଉପସ୍ଥିତ ରହିଥିଲେ।

■ ବର୍ଷାରେ ଗଛ ପଡ଼ି ରାସ୍ତା ଅବରୋଧ

# କାଟି ସଫା କଲା ଅଗ୍ନିଶମ ବାହିନୀ



କୋରୁକୋଣ୍ଡା, ୨୬।୭ (ସମିସ): ମାଲକାନଗିରି ଜିଲ୍ଲାରେ ଗତ କିଛିଦିନ ର ଲଗାଣ ବର୍ଷାରେ ଜିଲ୍ଲାର ସ୍ଥିତି ବେହାଲ ହୋଇଥିବା ବେଳେ ଆଜି ବାଲିମେଳା ସହରର ୯ନଂ ୱାର୍ଡ ସ୍ଥିତ ଟିଣ ସାହିରେ ଏକ ପୁରାତନ ତେନ୍ତୁଳି ଗଛ ପଡ଼ି ସାହିର ମୁଖ୍ୟ ରାସ୍ତା ଅବରୋଧ ହୋଇଥିବା ଦେଖିବାକୁ ମିଳିଥିଲା। କିଛି ସମୟ କଲୋନୀରେ ଯାତାୟାତ ବାଧାପ୍ରାପ୍ତ ହୋଇଥିବା ବେଳେ ଲୋକେ ବାଧ୍ୟହୋଇ କୋରୁକୋଣ୍ଡା ଅଗ୍ନିଶମ ବାହିନୀକୁ ସୂଚନା ଦେଇଥିଲେ। ଅଗ୍ନିଶମ ବିଭାଗର ଏଲଏଫଏଫ ବାସୁଦେବ ବିଶ୍ୱାଳଙ୍କ ନେତୃତ୍ୱରେ ଏକ ଟିମ ଘଟଣା ସ୍ଥଳରେ ପହଞ୍ଚି ଅଳ୍ପ କିଛି ସମୟ ମଧ୍ୟରେ ପୁରାତନ ଗଛଟିକୁ କାଟି ରାସ୍ତା ସଫା କରିଥିଲେ। ଏହି ଗଛଟି ପଡ଼ି ଯାଇଥିବା ହେତୁ ଅଳ୍ପ ସମୟ ପାଇଁ କଲୋନୀରେ ବିଦ୍ୟୁତ ସଂଯୋଗ ବନ୍ଦ ରହିଥିଲା। ବର୍ତ୍ତମାନ ଯାତାୟାତ ସ୍ୱାଭାବିକ ହୋଇଥିବା ଜଣାପଡ଼ିଛି।

● ଖେଳିବା ବେଳେ ଶିଶୁ ମୁଣ୍ଡରେ ପଶିଗଲା ଗରା

# ଦୁଇ ଘଣ୍ଟା ପରେ ବାହାର କଲେ ଅଗ୍ନିଶମ ବିଭାଗ



ମାଲକାନଗିରି/କୋରୁକୋଣ୍ଡା, ୨୬।୭ (ସମିସ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ସଦର ମହକୁମା ପ୍ରଦୀପ ବିଶ୍ୱାସଙ୍କ ତିନି ବର୍ଷର ପୁଅ ତନ୍ମୟ ଖେଳୁଥିବା ବେଳେ ତାଙ୍କ ମୁଣ୍ଡ ଅଚାନକ ଭାବରେ ଏକ ଷ୍ଟିଲ ଗରା ଭିତରେ ଫସିଯାଇଥିଲା। ପରିବାର ଲୋକେ ଅନେକ ଚେଷ୍ଟା କରିଥିଲେ ମଧ୍ୟ ଗରାଟି ବାହାର କରିପାରିନଥିଲେ। ପରେ ସେମାନେ କୋରୁକୋଣ୍ଡା ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲେ। ବିଭାଗର ଟିମ୍ ଘଟଣାସ୍ଥଳକୁ ପହଞ୍ଚି ଚେଷ୍ଟା କଲେ ମଧ୍ୟ ଗରା ବାହାରିଲା ନାହିଁ। ଅଗ୍ନିଶମ ବିଭାଗର ଗାଡ଼ି ଦ୍ୱାରା ଶିଶୁଟିକୁ ମାଲକାନଗିରି ଜିଲ୍ଲା ଅଗ୍ନିଶମ ବିଭାଗ ମୁଖ୍ୟାଳୟକୁ ନିଆଯାଇଥିଲା। ସେଠାରେ ପ୍ରାୟ ଦୁଇ ଘଣ୍ଟାରୁ ଅଧିକ ସମୟ ଧରି ଆବଶ୍ୟକ ଉପକରଣ ସହାୟତାରେ ସାବଧାନତା ସହିତ ଗରାକୁ କାଟି ବାହାର କରାଯାଇଥିଲା। ଏହି ଉଦ୍ଧାର କାର୍ଯ୍ୟରେ ମାଲକାନଗିରି ଅଗ୍ନିଶମ ବିଭାଗର ଏଏଫଓ କମଳ କୁମାର ଗଉଡ, କୋରୁକୋଣ୍ଡା ବିଭାଗର ଏଲଏଫଏଫ ବାସୁଦେବ ବିଶ୍ୱାଳଙ୍କ ସହ ବିଭାଗର ସମସ୍ତ କର୍ମଚାରୀଙ୍କୁ ଶିଶୁର ପରିବାର ଓ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି।

# ଆଇନ୍ ସଚେତନତା କାର୍ଯ୍ୟକ୍ରମ

ବିଷମକଟକ, ୨୬।୭ (ସମିସ): ରାୟଗଡ଼ା ଜିଲ୍ଲା ବିଷମକଟକ ବ୍ଲକର ତାଲୁକ୍ ଆଇନ୍ ସେବା କମିଟି ତରଫରୁ ଆଇନ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ସଚେତନତା କାର୍ଯ୍ୟକ୍ରମରେ ଶିଶୁ ସୁରକ୍ଷା ଅଧିନିୟମ, ବାଧ୍ୟତାମୂଳକ ଶିକ୍ଷା ଅଧିନିୟମ, ଯୌନ ନିର୍ଯାତନା ନିବାରଣ ଅଧିନିୟମ, ହରିଜନ ଆଦିବାସୀ ଅଧିନିୟମ ଉପରେ ସଚେତନା କରାଯାଇଥିଲା। ଚାଟିକଣା ସଦର ପଞ୍ଚାୟତର ଆରିସାକାନି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ତାଲୁକ୍ ଆଇନ୍ ସେବା କମିଟି ତରଫରୁ ସଚେତନା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ତାଲୁକ୍ ଆଇନ୍ ସେବା କମିଟିର ଅଧ୍ୟକ୍ଷା ତଥା ସ୍ଥାନୀୟ କୋର୍ଟର ବରିଷ୍ଠ ଦେୱାନୀ ବିଚାରପତି ତଥା ସହକାରୀ ଦୌରା ଜଜ୍ ସୁନୀତା କୁମାରୀ ଖଣ୍ଡେଲ୍ ୱାଲ୍ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବରେ ସ୍ଥାନୀୟ କୋର୍ଟର ଅତିରିକ୍ତ ଜିଲ୍ଲା ଦୌରଜଜ ସିଦ୍ଧାର୍ଥ ସାହୁ ଯୋଗଦାନ କରିଥିଲେ। ସମ୍ମାନିତ ଅତିଥି ଭାବରେ ସ୍ଥାନୀୟ ବିଷମକଟକ ବାର୍ ଏସୋସିଆସନ୍‌ର ସରକାରୀ ଓକିଲ ପ୍ରଶାନ୍ତ କୁମାର ରଥ, ବଡ଼ କୁମାର ଗୌଡ଼ ତତ୍ ସହିତ ଲିଗାଲ୍ ଏଡ୍ ରିଟେନର୍ ଅଧିବକ୍ତା ରାଜ୍ କିଶୋର ସାହୁ ଏବଂ ଓକିଲ ବିଶିକେଶନ ଟାକ୍ରୀ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ତଥା ଅଧ୍ୟକ୍ଷ ସୁରେନ୍ଦ୍ର ଆଚାର୍ଯ୍ୟ ଏବଂ ଶିକ୍ଷକବୃନ୍ଦ ସହଯୋଗ କରି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ।

# ବିଦ୍ୟାଳୟସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା



ରାୟଗଡ଼ା, ୨୬।୭ (ସମିସ): ଶନିବାର ଦିନ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଗାୟତ୍ରୀ ନଗର, ରାୟଗଡ଼ାଠାରେ ବିଦ୍ୟାଳୟସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଥିଲା। ଏଥିରେ ମୋଟ ୧୨୬ ଜଣ ଶିଶୁ ଅଂଶ ଗ୍ରହଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶଶୀ ଭୂଷଣ ପଟ୍ଟନାୟକ ଓ ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଅବସର ପ୍ରଧାନ ଶିକ୍ଷକ ଜଗଦୀଶ ଚନ୍ଦ୍ର ଦୋରା ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ଏଥି ସହିତ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ମାଙ୍ଗିଲାଲ ଜୈନ, ସଦସ୍ୟା ସସ୍ମିତା ପାଢ଼ୀ ଓ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ମନୋରଞ୍ଜନ ଦାସ ମଞ୍ଚାସୀନ ଅତିଥି ରୂପେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥିଙ୍କ ଦ୍ୱାରା ଦୀପ ପ୍ରଜ୍ୱଳନ ପରେ ପ୍ରଧାନ ଆଚାର୍ଯ୍ୟ ଅତିଥିଙ୍କ ପରିଚୟ ପ୍ରଦାନ କରି କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ କହିଥିଲେ। ଏହାପରେ ପଞ୍ଚମ ଶ୍ରେଣୀର ଭଉଣୀ ଶର୍ମିଷ୍ଠା ପ୍ରିୟଦର୍ଶିନୀ ବିଜ୍ଞାନ ଆଧାରିତ ବ୍ୟକ୍ତିଗତ ସଙ୍ଗୀତ ଗାନ କରିଥିଲେ। ଶେଷରେ ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟ ଶ୍ରୀକାନ୍ତ ରାଉତଙ୍କ ଦ୍ୱାରା ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରି କାର୍ଯ୍ୟକ୍ରମ ସମାପ୍ତ କରାଯାଇଥିଲା। ପରିଚାଳନା ସମିତିର ସଦସ୍ୟ, ପ୍ରଧାନ ଆଚାର୍ଯ୍ୟ, ସମସ୍ତ ଗୁରୁଜୀ ଗୁରୁମା ଓ ସେବିକା ତଥା ଶିଶୁଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସଫଳ ହୋଇ ପାରିଥିଲା।

# ଛାତ୍ରୀନିବାସ ଅରିତିକ୍ତ କୋଠରୀରେ ରହୁଛନ୍ତି ଠିକା ଶ୍ରମିକ



କଲ୍ୟାଣସିଂହପୁର, ୨୬।୭ (ସମିସ): ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ମାଝୀଗୁଡା ପଞ୍ଚାୟତ ସଦରରେ ଥିବା ସରକାରୀ ଉଚ୍ଚ ଆବାସିକ ବିଦ୍ୟାଳୟର ଅରିତିକ୍ତ କୋଠରୀରେ ଠିକା ଶ୍ରମିକ ରହିଥିବା ଦେଖିବାକୁ ମିଳିଛି। ଉକ୍ତ ଶ୍ରମିକ ମାନେ ବିଦ୍ୟାଳୟ ପରିସରରେ ନୂତନ କୋଠା ନିର୍ମିତ କରୁଥିବାରୁ ସେହିମାନଙ୍କୁ ଆଶ୍ରମର ଅତିରିକ୍ତ ଘରେ ରଖାଯାଇଛି। ସେହି ନିକଟରେ ଅଷ୍ଟମ, ନବମ ଓ ଦଶମ ଶ୍ରେଣୀର ପ୍ରାୟ ୧୦୦ଜଣ ଛାତ୍ରୀ ମାନେ ରହୁଥିବା ନଜରକୁ ଆସିଛି। ବର୍ତ୍ତମାନ ରାଜ୍ୟରେ ନାରୀ ନିର୍ଯାତନା, ଛାତ୍ରୀଙ୍କୁ ଦୁଷ୍କର୍ମ, ଯୌନ ନିର୍ଯାତନା ଭଳି ଘଟଣା ଚର୍ଚ୍ଚାର ବିଷୟ ଥିବା ବେଳେ ପ୍ରଧାନ ଶିକ୍ଷକ କମଳେନ୍ଦୁ ଗେଇନ କିପରି ଠିକା ଶ୍ରମିକ ମାନଙ୍କୁ ଆଶ୍ରୟ ଦେଇଛନ୍ତି ତାହା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ବିଷୟରେ ପ୍ରଧାନ ଶିକ୍ଷକଙ୍କୁ ପଚାରିବାରୁ କିଛି ଦିନ ମଧ୍ୟରେ ସେମାନଙ୍କୁ ବାହାର କରିଦେବି ବୋଲ ଗଣମାଧ୍ୟମକୁ ପ୍ରକାଶ କରିଥିଲେ। କିନ୍ତୁ ଆଜକୁ ୧୨ଦିନ ହେବ ସେହି ଠିକା ଶ୍ରମିକ ମାନଙ୍କୁ ଆଶ୍ରୟ ଦେଇଛନ୍ତି। ଉକ୍ତ ଶ୍ରମିକ ମାନେ କାର୍ଯ୍ୟ ସାରି ନିଶାସକ୍ତ ଅବସ୍ଥାରେ ରହୁଛନ୍ତି। କେତେବେଳେ କୌଣସି ଅପ୍ରୀତିକର ଘଟଣା ଘଟିଲେ କିଏ ଦାୟୀ ରହିବେ ବୋଲି ଗ୍ରାମବାସୀ ଅଭିଯୋଗ କରୁଛନ୍ତି। ତୁରନ୍ତ ଏହି ଶ୍ରମିକ ମାନଙ୍କୁ ସେହି ସ୍ଥାନରୁ ବାହାର କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ବେଆଇନ ହୋର୍ଡିଙ୍ଗ୍ ଉଚ୍ଛେଦ ଅଭିଯାନ



ରାୟଗଡ଼ା, ୨୬।୭ (ସମିସ): ରାୟଗଡ଼ା ପୌର ପରିଷଦ ପରିସରରେ ବେଆଇନ ଭାବରେ ଲଗାଯାଇଥିବା ହୋର୍ଡିଙ୍ଗ ଉଚ୍ଛେଦ କାର୍ଯ୍ୟ ଚାଲିଥିବା ଦେଖିବାକୁ ମିଳିଛି। କିଛି ବେଆଇନ ସଂସ୍ଥା ତଥା ଅସାଧୁ ବ୍ୟବସାୟୀ ନିଜର ସ୍ୱାର୍ଥ ସାଧନ ପାଇଁ ବିନା ଅନୁମତିରେ ସରକାରଙ୍କ ନିୟମକୁ ଉଲ୍ଲଂଘନ କରି ବିଭିନ୍ନ ସ୍ଥାନରେ ହୋର୍ଡିଙ୍ଗ, ବ୍ୟାନର ତଥା ପୋଷ୍ଟର ମାରୁଛନ୍ତି। ଯାହାଦ୍ୱାରା ପରିଷଦର ଟିକସ ହାନି ହେବା ସହିତ ସହରର ପରିଚ୍ଛନ୍ନତା ତଥା ସୌନ୍ଦର୍ଯ୍ୟ ନଷ୍ଟ ହେଉଛି। ପରିଷଦର ବିନା ଅନୁମତିରେ ସହରର କୌଣସି ସ୍ଥାନରେ ବେଆଇନ ଭାବରେ ହୋର୍ଡିଙ୍ଗ, ବ୍ୟାନର କିମ୍ବା ପୋଷ୍ଟର ମରାଗଲେ ଦୋଷୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହିତ ଉଚିତ ଜରିମାନା ଆଦାୟ କରାଯିବ ବୋଲି ପରିଷଦର ଅଧ୍ୟକ୍ଷ ପି.ମହେଶ ପଟ୍ଟନାୟକ ଦୃଢୋକ୍ତି ପ୍ରକାଶ କରିଛନ୍ତି। ସାଧାରଣ ଜନନତା ସଚେତନ ରହିବା ସହିତ ଦୋଷୀଙ୍କ ବିରୋଧରେ ପରିଷଦକୁ ଅବଗତ କରାଇବା ପାଇଁ ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ କୁଳଦୀପ କୁମାର ସ୍ଥାନୀୟ ଅଧିବାସୀ ମାନଙ୍କୁ ଅପିଲ କରିଛନ୍ତି।

# ମାଲକାନଗିରି ଓ ପୋଟେରୁ ଲ୍ୟାମ୍ପ୍‌ସ ପରିଦର୍ଶନ କଲେ ବିଧାୟକ



ମାଲକାନଗିରି, ୨୬।୭ (ସମିସ): ମାଲକାନଗିରି ବିଧାୟକ ନରସିଂହ ମାଡ଼କାମି ମାଲକାନଗିରି ଓ ପୋଟେରୁ ବୃହଦାକାର ଆଦିବାସୀ ବହୁମୁଖୀ ସମବାୟ ସମିତି ତଥା ଲ୍ୟାମ୍ପ୍‌ସ ପରିଦର୍ଶନ କରି ବିଭିନ୍ନ ବିଷୟରେ ସମୀକ୍ଷା କରିଛନ୍ତି। ବର୍ତ୍ତମାନ ଖରିଫ ଋତୁ ୨୦୨୫-୨୬ ପାଇଁ ଚାଷୀ ପଞ୍ଜୀକରଣ କାର୍ଯ୍ୟ ୧୯ ଜୁଲାଇରୁ ଆରମ୍ଭ ହୋଇଛି। ଏହା ଆସନ୍ତା ୨୦ ଅଗଷ୍ଟ ୨୦୨୫ ପର୍ଯ୍ୟନ୍ତ ଚାଲିବ। ଏହି ପ୍ରକ୍ରିୟାରେ ଇ-କେଇସି ବାଧ୍ୟତାମୂଳକ ଥିବା ବେଳେ ଚାଷୀମାନେ ନିଜର ଜମି ରେକର୍ଡ (ପଟ୍ଟା), ଆଧାର କାର୍ଡ ଓ ମୋବାଇଲ ନମ୍ବର ସହିତ ଲ୍ୟାମ୍ପସ୍‌ରେ ନାମ ଲେଖାଇ ପଞ୍ଜୀକରଣ କରିବେ। ତେଣୁ ଏହି କାର୍ଯ୍ୟ କିପରି ରୂପେ ଜାରି ରହିଛି, ତାହାର ତଦାରଖ ଓ ସମୀକ୍ଷା କରିବା ପାଇଁ ବିଧାୟକ ଶ୍ରୀ ମାଡକାମୀ ଏହି ଦୁଇଟି ଲ୍ୟାମ୍ପସ୍ ପରିଦର୍ଶନ କରିଥିଲେ। ବିଭିନ୍ନ ବିଷୟରେ ସମୀକ୍ଷା ସହ ବିଧାୟକ ଚାଷୀ ଓ ଅଧିକାରୀଙ୍କ ସହ ଆଲୋଚନା କରି ସବ୍‌ସିଡି ଏବଂ ଅନ୍ୟାନ୍ୟ ସରକାରୀ ଲାଭ ଲାଗି ସୁଗମ ପ୍ରବେଶ ନିଶ୍ଚିତ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଚାଷୀମାନେ ମଧ୍ୟ ବିଧାୟକଙ୍କ ଏହି ପଦକ୍ଷେପକୁ ସ୍ୱାଗତ କରି ତାଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିଛନ୍ତି।

# ୱାକର୍ସ କ୍ଲବ୍ ସଭ୍ୟଙ୍କ ବିଦେଶ ଭ୍ରମଣ




ରାୟଗଡ଼ା, ୨୬।୭ (ସମିସ): ଇଣ୍ଟରନ୍ୟାସନାଲ ୱାକର୍ସ ମାର୍ଗଦର୍ଶିକା ଅନୁଯାୟୀ କ୍ଲବ୍ ସଭ୍ୟସଭ୍ୟା ଚଳିତ ମାସ ୨୨ ରୁ ୨୭ତାରିଖ ପର୍ଯ୍ୟନ୍ତ ସିଙ୍ଗାପୁର ଭ୍ରମଣ କରିଛନ୍ତି। ଭ୍ରମଣକାରୀ ଦଳରେ ଲାଲ ବିହାରୀ ଲେଙ୍କା, ଦାଶରଥି ରାଜଗୁରୁ, ଆର୍ତ୍ତତ୍ରାଣ ମହାନ୍ତି, ଶଙ୍କର୍ଷଣ ମଙ୍ଗରାଜ, ଅରୁଣ ନାଏକ, କେ.ରବି, ଜଳନ୍ଧର ପୁସିକାଙ୍କ ପରିବାରର ୨୦ ସଭ୍ୟ ସଭ୍ୟା ପରିଭ୍ରମଣରେ ଅଂଶ କରିଛନ୍ତି।

# ଜ୍ଞାନ ବିଜ୍ଞାନ ମେଳା



ପଦ୍ମପୁର, ୨୬।୭ (ସମିସ): ରାୟଗଡ଼ା ଜିଲ୍ଲାର ପଦ୍ମପୁର ସରସ୍ୱତୀ ଶିଶୁ ମନ୍ଦିର ପ୍ରାଙ୍ଗଣରେ ମହାଆଡମ୍ବରରେ ବିଦ୍ୟାଳୟସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଜ୍ଞାନ ମେଳାରେ ମୁଖ୍ୟ ଅତିଥି ଅଜିତ କୁମାର ଚୌଧୁରୀ, ବିଜ୍ଞାନ ଶିକ୍ଷକ (ସିଆରସି) ରୂପେ ଯୋଗ ଦେଇ ଦୀପ ପ୍ରଜ୍ୱଳନ କରିଥିଲେ। ଏଥିସହ ବିଜ୍ଞାନ ଶିକ୍ଷକ ପି ରବି କୁମାର ଓ ବିଜ୍ଞାନ ଶିକ୍ଷକ ନୀଳ ମାଧବ ପାଣିଗ୍ରାହୀ ଉପସ୍ଥିତ ରହି ଆଜିର ବିଜ୍ଞାନ ମେଳାର ପରିଚାଳନା କରିଥିଲେ। ଅନୁଷ୍ଠାନର ପରିଚାଳନା ସମିତିର କୋଷାଧ୍ୟକ୍ଷ ଗୋପାଳ ଚନ୍ଦ୍ର ସାହୁ ଉପସ୍ଥିତ ରହିଥିଲେ। ଏହି ବିଜ୍ଞାନ ମେଳାରେ ୩ୟ ଶ୍ରେଣୀ ଠାରୁ ୮ମ ଶ୍ରେଣୀର ଶିଶୁ ଭାଇ ଭଉଣୀମାନେ ବୈଜ୍ଞାନିକ ଗୁଣ ଧର୍ମକୁ ଆଧାର କରି ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶନୀ କରିଥିଲେ। ବିଚାର କରି ପ୍ରଥମ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଶିଶୁଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରି ସ୍ୱାଗତ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ରାଧାକୃଷ୍ଣ ସାହୁ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଅଜିତ କୁମାର ଚୌଧୁରୀ ବିଜ୍ଞାନ ବିଷୟରେ ଶିଶୁଙ୍କୁ ମାର୍ଗ ଦର୍ଶନ କରିଥିଲେ। ଅନୁଷ୍ଠାନର କିଶୋର ଗୁରୁଜୀ ଓ ବରଷ୍ଠ ଗୁରୁମା ରୁନୁ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଚକ୍ଷୁ ପରୀକ୍ଷଣ ଶିବିର ଓ ଚଷମା ବଣ୍ଟନ

ରାୟଗଡ଼ା, ୨୬।୭ (ସମିସ): ରାୟଗଡ଼ା ଜିଲ୍ଲା ଜେକେ କାଗଜ କଳ, ଜେକେପୁର ତରଫରୁ ଏଲ୍‌ଭି ପ୍ରସାଦ ଚକ୍ଷୁ ଅନୁଷ୍ଠାନ ସହଯୋଗରେ କୋଲନରା ବ୍ଲକର ପୀତେଶ ଗ୍ରାମରେ ଏକ ଚକ୍ଷୁ ପରୀକ୍ଷଣ ଶିବିର ଆୟୋଜନ କରାଯାଇଥିଲା। ଏଥିରେ ୫୯ ଜଣଙ୍କର ପରୀକ୍ଷା କରାଯାଇଥିଲା। ୯ ଜଣ ମୋତିଆବିନ୍ଦୁ ରୋଗୀ, ୫ ଜଣ ଟେରୀଜିମ୍ ଓ ୨୫ ଜଣ ଦୃଷ୍ଟି ଦୋଷ ରୋଗୀ ଚିହ୍ନଟ ହୋଇଥିଲେ। ପ୍ରଥମ ପର୍ଯ୍ୟାୟରେ ୧୪ ଜଣଙ୍କୁ ଏଲ୍‌ଭି ପ୍ରସାଦ ଚକ୍ଷୁ ଅନୁଷ୍ଠାନକୁ ଅସ୍ତ୍ରୋପଚାର ପାଇଁ ପଠାଯାଇଥିଲା। ସେହିପରି ଆଜି ୨୫ ଜଣ ଦୃଷ୍ଟି ଦୋଷ ରୋଗୀଙ୍କୁ ଚଷମା ପ୍ରଦାନ କରାଯାଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ଅସ୍ତ୍ରୋପଚାର ରୋଗୀଙ୍କୁ ଚଷମା ପ୍ରଦାନ କରାଯିବ ବୋଲି କର୍ତ୍ତୃପକ୍ଷ କହିଛନ୍ତି। ସାମାଜିକ ଦାୟତ୍ୱ ବିଭାଗର ଅଧିକାରୀ ହରିହର ଖମାରି ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଜେକେ କାଗଜକଳର ଏହି ଉଦ୍ୟମକୁ ପୀତେଶ ଗ୍ରାମବାସୀ ପ୍ରଶଂସା କରିଛନ୍ତି।

୩ ବର୍ଷ ହେଲା ସରୁନି ରାସ୍ତା ନିର୍ମାଣ

# ପୋଲର ଉଭୟ ପାର୍ଶ୍ୱ ରାସ୍ତା ମରଣଯନ୍ତା

କୋରୁକୋଣ୍ଡା, ୨୬।୭ (ସମିସ)



ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ପୋଟ୍ରେଲ ପଞ୍ଚାୟତ ଅଧିନସ୍ତ ଚିତାପାରି ଗ୍ରାମ ଠାରୁ ଏମଭି-୩୭ ଗାଁ ପର୍ଯ୍ୟନ୍ତ ମୋଟ ୬ କିମି ରାସ୍ତା ନିର୍ମାଣ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଟେଣ୍ଡର କରାଯାଇ ଏସଏମବି ନାମକ ଠିକା ସଂସ୍ଥାକୁ ବିଭାଗ ପକ୍ଷରୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ୨୦୨୧ ନଭେମ୍ବର ୧୧ରେ କାମ ଆରମ୍ଭ କରି ଗତ ୧୦ ଅଗଷ୍ଟ ମାସ ୨୨ରେ ଶେଷ କରିବା ପାଇଁ ବିଭାଗ ସହ ଚୁକ୍ତି ହୋଇଥିଲା। କିନ୍ତୁ ବିଡମ୍ବନାର ବିଷୟ ଠିକା ସଂସ୍ଥା ପକ୍ଷରୁ ଆଜି ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ଶେଷ ହୋଇ ପାରିନାହିଁ। ଫଳରେ ଗତ କିଛିଦିନ ଧରି ଅଞ୍ଚଳରେ ଲଗାଣ ବର୍ଷା ଜାରି ରହିଥିବା ଯୋଗୁଁ ବର୍ତ୍ତମାନ ଏହି ରାସ୍ତା ଦେଇ ଯାତାୟତ କରୁଥିବା ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ସୂଚନା ମୁତାବକ ଠିକା ସଂସ୍ଥା ପକ୍ଷରୁ ଗତ ମାର୍ଚ୍ଚ ମାସରେ ଏହି ରାସ୍ତାରେ ନିର୍ମାଣ ହେବାକୁ ଥିବା ଏକ ପୋଲ କାମ ଆରମ୍ଭ ହୋଇ ଅପ୍ରେଲ ମାସରେ ଶେଷ ହୋଇଥିଲା। ଉକ୍ତ ପୋଲ କାର୍ଯ୍ୟ ଅତି ନିମ୍ନମାନର ହୋଇଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଖାଲି ଏତିକି ନୁହେଁ, ଉକ୍ତ ପୋଲକୁ ସଂଯୋଗ କରୁଥିବା ଉଭୟ ପାର୍ଶ୍ୱର ରାସ୍ତାକୁ ନିର୍ମାଣ ନକରି ସେଠାରେ କେବଳ କିଛି ମାଟି ପକାଇ ଛାଡି ଦେଇଛନ୍ତି। ଲଗାଣ ବର୍ଷା ଜାରି ରହିଛି। ଏଥିଯୋଗୁଁ ଉକ୍ତ ପୋଲର ଉଭୟ ପାର୍ଶ୍ୱ ରାସ୍ତାରେ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇ ଆଣ୍ଠୁଏ ଲେଖାଏଁ କାଦୁଅ ଭର୍ତି ହୋଇ ରହିଛି। ଏହି କାମ ସରିବାର କିଛି ଦିନ ମଧ୍ୟରେ ରାସ୍ତାର ବିଭିନ୍ନ ସ୍ଥାନରେ ପିଚୁ ଉଠି ଅବସ୍ଥା ଶୋଚନୀୟ ହୋଇଯାଇଛି। ଏହି ରାସ୍ତା ଦେଇ ଯାତାୟତ କରିବା ସମୟରେ ସ୍ଥାନୀୟ ଗ୍ରାମବାସୀ, ସ୍କୁଲ କଲେଜ ଯାଉଥିବା ଛାତ୍ରଛାତ୍ରୀ ଓ ଅଞ୍ଚଳବାସୀ ନାହିଁ ନଥିବା ଦୁର୍ଦଶା ଭୋଗୁଛନ୍ତି। ଖାଲ ଖମା ଓ କାଦୁଅ ଯୋଗୁଁ ଅନେକ ସମୟରେ ଦୁର୍ଘଟଣା ଘଟି ବହୁ ଧନ ଜୀବନ ନଷ୍ଟ ହେଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ସହ ଠିକା ସଂସ୍ଥା ପକ୍ଷରୁ ଦୁଇ ତିନି ବର୍ଷ ପୂର୍ବେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ନିର୍ମାଣ ହୋଇଥିବା ରାସ୍ତା ଏବଂ ତିନି ଚାରି. ମାସ ପୂର୍ବେ ଏହି ରାସ୍ତାରେ ନିର୍ମାଣ ହୋଇଥିବା ପୋଲ ନିର୍ମାଣ କାର୍ଯ୍ୟର ଭିଜିଲାନ୍ସ ତଦନ୍ତ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷ ଏବଂ ପ୍ରଶାସନ ପକ୍ଷରୁ ତୁରନ୍ତ ରାସ୍ତା ନିର୍ମାଣ କରିବାକୁ ଚିତାପାରି ଗ୍ରାମର ଭକ୍ତରାମ ଦୋରା, ସୁବାସ ପୂଜାରୀ, କୁନି ପୂଜାରୀ, ଲଳିତା ପୂଜାରୀ, ପର୍ଶୁ ଖିଲ, ପର୍ଶୁରାମ ଭତ୍ରା, ମଙ୍ଗୁଳି ପାତାଲ, ଶୁକ୍ରୀ ଖରା, ବାସନ୍ତୀ ପୂଜାରୀ, ମଧୁ ପୂଜାରୀ ଏବଂ ଏମଭି-୧୦୮ ଗ୍ରାମର କୁମରେଶ ସର୍ଦ୍ଦାର, ଜୟଦେବ ଘୋଷ, କ୍ରିତି ସୁନ୍ଦର ସରକାର, ସଞ୍ଜୟ କର୍ମକାର, ଦେବ କୁମାର ଘୋଷ, ତପନ ବାଇନଙ୍କ ସମେତ ବହୁ ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗର ଏସ୍‌ଡିଓ ଅସିତ ପାତ୍ରଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ସୋମବାର ଦିନ ସେଠାକୁ ଯାଇ ସେ କାମ ଦେଖିବେ। ତୁରନ୍ତ ରାସ୍ତା କାମ କରାଯିବ ବୋଲି ସେ କହିଛନ୍ତି।

# ଅବିଶ୍ରାନ୍ତ ବର୍ଷା ୪ ପଞ୍ଚାୟତ ସହ ଠାକୁରମୁଣ୍ଡାକୁ ରାସ୍ତା ବିଚ୍ଛିନ୍ନ







■ ଉଛୁଳୁଛି ଦେଓ, ତେଲ ନଦୀ
■ ଗାଡ଼ିମୋଟର ଚଳାଚଳ ବ୍ୟାହତ
■ ବିଭିନ୍ନ ସ୍ଥାନରେ କାନ୍ଥ ଧସିଲା

ଠାକୁରମୁଣ୍ଡା, ୨୬।୭(ସମିସ): କେନ୍ଦୁଝର ଜିଲ୍ଲାସାରା ଶୁକ୍ରବାର ଅପରାହ୍ନରୁ ରାତିସାରା ଅବିଶ୍ରାନ୍ତ ବର୍ଷା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ଉପର ମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ବିଭିନ୍ନ ନଦୀ ନାଳର ଜଳସ୍ରୋତ ବୃଦ୍ଧି ପାଇଛି। ଚମ୍ପୁଆଠାରେ ୯୫ ମିଲିମିଟର ବର୍ଷା ଏବଂ ପାଟଣାଠାରେ ୭୬.୦୪ ମିଲିମିଟର, ସାହାରପଡାରେ ୬୭.୦୪ ମିଲିମିଟର ବର୍ଷା ରେକର୍ଡ ହୋଇଥିବା କେନ୍ଦ୍ରୀୟ ଜଳ ଆୟୋଗ ପକ୍ଷରୁ ସୂଚନା ମିଳିଛି। ସେହିପରି ମୟୂରଭଞ୍ଜ ଜିଲ୍ଲା ଶିମିଳିପାଳ ଅଞ୍ଚଳରେ ପ୍ରବଳ ବର୍ଷା ଯୋଗୁଁ ସାହାରପଡା ବ୍ଲକ ଦାମାହୁଦା ଦେଇ ବୋହିଯାଇଥିବା କୁମୁଳାବାହାଳି ତେଲ ନଦୀ ପୋଲ ଉପରେ ୩ ଫୁଟର ବନ୍ୟାଜଳ ପ୍ରବାହିତ ହେଉଛି। ଉକ୍ତ ରାସ୍ତାରେ ଗାଡ଼ିମୋଟର ଚଳାଚଳ ବ୍ୟାହତ ହୋଇ ଦାମାହୁଦାଠାରୁ ଠାକୁରମୁଣ୍ଡା ଅଞ୍ଚଳକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ଆଗକୁ ବର୍ଷା ଲାଗି ରହିଲେ ବୈତରଣୀ ନଦୀର ତଳିଆ ଅଞ୍ଚଳରେ ବନ୍ୟାସ୍ଥିତି ଉପୁଜିବା ନେଇ ଆଶଙ୍କା କରାଯାଉଛି। ଏଥିସହ ପ୍ରବଳ ବର୍ଷା ଯୋଗୁଁ ବୈତରଣୀ ନଦୀରେ ବନ୍ୟା ଆସି କପୁଣ୍ଡୀ ପଇଦା ନାଳ ଉପରେ ୩ ଫୁଟର ବନ୍ୟାଜଳ ପ୍ରବାହିତ ଯୋଗୁଁ ପାଟଣା ମୁଖ୍ୟାଳୟରୁ କପୁଣ୍ଡି, ମିରିଗିଖୋଜି, କୁଣ୍ଡଳା, ବନବୀର ଠାକୁରମୁଣ୍ଡା ରାସ୍ତାରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ପୋଲ ଉପରେ ପାଣି ଯୋଗୁଁ ଶନିବାର ସକାଳୁ ଉକ୍ତ ରାସ୍ତାରେ ଗାଡି ଚଳାଚଳ ଠପ୍ ହୋଇପଡିଛି। ଲକ୍ଷ୍ମୀ ବସ ସାଙ୍ଗକୁ ସ୍କୁଲ ବସ ସହ ଅନ୍ୟ ଗାଡି ମୋଟର ଯାଇ ପାରି ନାହିଁ। ଫଳରେ ପାଟଣା ମୁଖ୍ୟାଳୟରୁ ୪ ପଞ୍ଚାୟତକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି।

ସେପଟେ ଲଗାଣ ବର୍ଷା ଫଳରେ ସାହାରପଡା ବ୍ଲକ ଅଞ୍ଚଳରେ ଜଳାର୍ଣ୍ଣବ ସ୍ଥିତି ଦେଖିବାକୁ ମିଳିଛି। ଦେଓ ନଦୀର ଜଳସ୍ରୋତ ବୃଦ୍ଧି ପାଇ କୂଳ ଲଂଘୁଛି। ଦୁଇଦିନ ଧରି ବର୍ଷା ଲାଗି ରହିଥିବାରୁ ଦେଓ ନଦୀର ଜଳସ୍ରୋତ ବୃଦ୍ଧି ପାଇଛି। ଉଭୟ କେନ୍ଦୁଝର ଜିଲ୍ଲାର ସାହାରପଡା ଓ ମୟୂରଭଞ୍ଜ ଜିଲ୍ଲାର କରଞ୍ଜିଆ ସୀମାନ୍ତ ଦେଇ ପ୍ରବାହିତ ହେଉଥିବା ଦେଓ ନଦୀରେ ବନ୍ୟା ଜଳ ପ୍ରବାହିତ ହେଉଥିବା ଯୋଗୁଁ ନଦୀ କୂଳ ଲଂଘୁଛି। ନଦୀ କୂଳରେ ଥିବା ଆଦର୍ଶ ଶ୍ମଶାନ ଘରଟି ବନ୍ୟାଜଳରେ ବୁଡି ଯାଇଛି। ସାହାରପଡା ବ୍ଲକର ତଳିଆ ଅଞ୍ଚଳର କିଛି ଗ୍ରାମରେ ବନ୍ୟାଜଳ ପଶିଥିବା ଜଣାପଡିଛି। ଲଗାଣ ବର୍ଷା ଯୋଗୁଁ ସାହାରପଡା ବ୍ଲକ ମାଛଗଡ ପଞ୍ଚାୟତର ମାଛଗଡ ଗାଁର ଆନନ୍ଦ ମହାନ୍ତ, ସାହେବ ମହାନ୍ତ, ରାଇଡିହା ଗ୍ରାମର ମଦନ ନାଏକ, କମାରମରା ଗାଁର ଜେଠୁ ମହାନ୍ତଙ୍କ ଘରର କାନ୍ଥ ପଡିଯିବାରୁ ଘରର ଆଜବେଷ୍ଟସ ଭାଙ୍ଗି ଯିବା ସହ ଧାନ ଚାଉଳ ଓ ଜିନିଷପତ୍ର ନଷ୍ଟ ହୋଇଯାଇଛି। ଖୁଣ୍ଟାପଡା ପଞ୍ଚାୟତ ଗୁଣ୍ଡୁରିପଶି ଗ୍ରାମର ରଞ୍ଜିତା ନାଏକଙ୍କ ଘରଟି ସମ୍ପୂର୍ଣ୍ଣ ଭାଙ୍ଗି ମାଟିରେ ମିଶି ଯାଇଛି। ଦୁଧିନାଳି ଗ୍ରାମର ଗଙ୍ଗାଧର ମୁଣ୍ଡାଙ୍କ ଘର ମଧ୍ୟ ଭାଙ୍ଗିଛି।

## ବନ୍ୟାଞ୍ଚଳରେ ଜିଲ୍ଲା ପ୍ରଶାସନ

ଆନନ୍ଦପୁର, ୨୬।୭(ସମିସ): ହାଟଡିହି ବ୍ଲକର ବନ୍ୟାଞ୍ଚଳରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ ବନ୍ୟା ପ୍ରଭାବିତ ରାଘବପୁର ଆଇତିପୁର ଅମୃତପୁର ଗିରୀଗାଁ ଅଞ୍ଚଳ ପରିଦର୍ଶନ କରି ଆବଶ୍ୟକୀୟ ସତର୍କତା ମୂଳକ ପଦକ୍ଷେପ ଗ୍ରହଣ କରିବା ପାଇଁ ବ୍ଲକ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ପରେ ବିଭିନ୍ନ ସ୍ଥାନରେ ଥିବା ବାତ୍ୟା ଆଶ୍ରୟସ୍ଥଳ ପରିଦର୍ଶନ କରି ପ୍ରଭାବିତ ଲୋକଙ୍କ ଅବସ୍ଥା ଅନୁଧ୍ୟାନ କରିଥିଲେ। ପରିଦର୍ଶନ କାଳରେ ଉପଜିଲ୍ଲାପାଳ ନୀଳମାଧବ ସୁନା ହାଟଡିହି ବିଡ଼ିଓ ଉପସ୍ଥିତ ଥିଲେ।



## କାନ୍ଥ ଭୁଶୁଡ଼ି ଦମ୍ପତି ଗୁରୁତର; ମାଟି ତଳୁ ଉଦ୍ଧାର





ଚମ୍ପୁଆ, ୨୬।୭(ସମିସ): ଲଘୁଚାପଜନିତ ଲଗାଣ ବର୍ଷା ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଇଥିବା ବେଳେ ଗତରାତି ଚମ୍ପୁଆ ବ୍ଲକ କାଂଜିଆଶୂଳା ଛକ ନିକଟରେ ଘଟିଯାଇଛି ଏକ ଅଭାବନୀୟ ଘଟଣା। ଏକପ୍ରକାର ଜଳବନ୍ଦୀ ରହିଥିବା ଘରର କାନ୍ଥ ଭୁଶୁଡ଼ି ପଡ଼ିବାରୁ ଗୃହକର୍ତ୍ତା ଓ ତାଙ୍କ ପତ୍ନୀ ଗୁରୁତର ଆହତ ହୋଇ ଚମ୍ପୁଆ ଡାକ୍ତରଖାନାରେ ଚିକିତ୍ସା ହେଉଛନ୍ତି। ଗତ ରାତ୍ରୀ ପ୍ରାୟ ୧୦ଟା ବେଳେ ୬୫ ବର୍ଷିୟ ବେଣୁଧର ଦାସ ଓ ତାଙ୍କ ପତ୍ନୀ କାନ୍ତ ଦାସ ଖାଇସାରି ଶୋଇଥିବା ବେଳେ ଶୋଇବା ଘରର କାନ୍ଥ ଉଭୟଙ୍କ ଉପରେ ଭୁଶୁଡ଼ି ପଡିଥିଲା। ଅନ୍ୟ ଏକ ଘରେ ଶୋଇଥିବା ତାଙ୍କ ପୁଅ ସୁଶାନ୍ତ ଓ ବୋହୂ ରିତାରାଣୀ ଶବ୍ଦ ଶୁଣି ଦୌଡ଼ି ଆସିବା ସହିତ ବାପା ଏବଂ ମା'ଙ୍କୁ କାନ୍ଥ ଚାପିଦେଇଥିବା ଦେଖିଥିଲେ। ପ୍ରାୟ ୧ ଘଣ୍ଟା ଧରି ମାଟି ସଫା କରି ଉଭୟଙ୍କୁ ଉଦ୍ଧାର କରି ଡାକ୍ତରଖାନା ଆଣିଥିଲେ ବୋଲି ପୁଅ ସୁଶାନ୍ତ ସୂଚନା ଦେଇଛନ୍ତି। ଖବର ପାଇ ଚମ୍ପୁଆ ତହସିଲଦାର ସଜତ ମାର୍କେ ଡାକ୍ତରଖାନା ଯାଇ ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଥିଲେ।

## ଅତଡ଼ା ଖାଉଛି ନଦୀ; ଗ୍ରାମବାସୀ ଭୟଭୀତ



ରାମଚନ୍ଦ୍ରପୁର, ୨୬।୭(ସମିସ): ଲଘୁଚାପଜନିତ ପ୍ରବଳ ବର୍ଷା ପ୍ରଭାବରେ ଶନିବାରଠାରୁ ଆନନ୍ଦପୁର ନିକଟରେ ବୈତରଣୀ ନଦୀର ଜଳସ୍ତର ବୃଦ୍ଧି ପାଇଛି। ଦୁଇ ଦିନ ଧରି ଉପର ମୁଣ୍ଡରେ ପ୍ରବଳ ବର୍ଷା ଜାରି ରହିଥିବା ଫଳରେ ବୈତରଣୀରେ ବନ୍ୟା ଆଶଙ୍କା ଦେଖାଦେଇଛି। ଯାହାକୁ ନେଇ ନଦୀ ତଳିଆ ଅଞ୍ଚଳର ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି। ଘସିପୁରା ବ୍ଲକ ଶାଳଦେଇ ପଞ୍ଚାୟତ ଓଡପଡା ଗାଁ ଲୋକେ ଅଧିକ ଭୟଭୀତ ଅବସ୍ଥାରେ ଅଛନ୍ତି। ଦିନତମାମ୍ ନଦୀର ଜଳସ୍ତର ବୃଦ୍ଧି ପାଇବା ସଙ୍ଗେସଙ୍ଗେ ଗାଁ ନିକଟରେ ନଦୀ ଅତଡା ଖାଇବା ଆରମ୍ଭ କଲାଣି। କୌଣସି ଅଘଟଣ ଆଶଙ୍କା କରି ଗ୍ରାମବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି। ସନ୍ଧ୍ୟା ପର୍ଯ୍ୟନ୍ତ ବ୍ଲକ ପ୍ରଶାସନ ପକ୍ଷରୁ କୌଣସି ସତର୍କ ସୂଚନା କିମ୍ବା ଆଗୁଆ ପଦକ୍ଷେପ ନିଆଯାଇ ନଥିବାରୁ ଗ୍ରାମବାସୀ କ୍ଷୋଭ ପ୍ରକାଶ କରିଛନ୍ତି।

## ବଢ଼ି ପାଣିରୁ ଛେଳି, ଗୋରୁ ଓ ଚରାଳି ଉଦ୍ଧାର





ହାଟଡ଼ିହୀ, ୨୬।୭(ସମିସ): ଶନିବାର ଦିନ ୧୧ଟା ସମୟର ରେକର୍ଡ ଅନୁସାରେ, ବୈତରଣୀ ନଦୀରେ ୩୮.୭୪୦ ମି. ଜଳସ୍ତର ପ୍ରବାହିତ ହୋଇଥିଲା। ଦିବା ପ୍ରାୟ ୧୨ଟା ସମୟରେ ଲଇଛଣପୁର ଗ୍ରାମର ପାକନ ଦେହୁରୀ, ଖୁସି ଦେହୁରୀ, କାଳି ଦେହୁରୀ, ଲଳିତା ଦେହୁରୀ, ସଅଁରା ଦେହୁରୀ, ସତ୍ୟଭାମା ଦେହୁରୀ, ତୁଳା ଦେହୁରୀ, ସୁଭଦ୍ରା ଦେହୁରୀ, ଗୁଣ୍ଡୁଣୀ ଦେହୁରୀ, ଅନ୍ନପୂର୍ଣ୍ଣା ବେହେରା, ବିଳାସ ଖଟୁଆ, ମଙ୍ଗୁଳି ଦେହୁରୀ, ଜଟିଆ ଖଟୁଆ, କୋଦଣ୍ଡ ଦେହୁରୀ ୧ ଶହରୁ ଉର୍ଦ୍ଧ୍ୱ ଗୋରୁ, ଛେଳି ନେଇ ନଦୀ ତଟା ନିକଟରେ ଚରାଉଥିବା ବେଳେ ହଠାତ୍ ବୈତରଣୀ ନଦୀରେ ପାଣି ମାଡ଼ି ଆସିଥିଲା। ପାଣିକୁ ଦେଖି ସେମାନେ କିଛି ଗୋରୁ, ଛେଳିଙ୍କୁ ଉଦ୍ଧାର କରିଥିବା ବେଳେ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଛେଳି ଓ ୨୫ରୁ ଉର୍ଦ୍ଧ୍ୱ ଗୋରୁ ସହ ୧୪ ଜଣ ଚରାଳି ନଦୀ ଗର୍ଭରେ ଫସି ଯାଇଥିଲେ। ଖବର ପାଇ ଅଗ୍ନିଶମବାହିନୀ ସ୍ଥାନୀୟ ଯୁବକଙ୍କ ସହାୟତାରେ ଫସି ରହିଥିବା ଗୋସମ୍ପଦ ସହ ୧୪ ଜଣ ପୁରୁଷ ଓ ମହିଳା ଚରାଳିଙ୍କୁ ଉଦ୍ଧାର କରିଥିଲା। ଆମ୍ରୋ ଗ୍ରାମର ମନୋରଞ୍ଜନ ପଣ୍ଡା, ବନୋଜ ମହାପାତ୍ର, ଲଇଛଣପୁର ଗ୍ରାମର ପ୍ରଦୀପ ମହାରଣା, ୱାର୍ଡସଭ୍ୟ ସରୋଜ ମହାକୁଡ଼ ଉଦ୍ଧାର କାର୍ଯ୍ୟରେ ସହଯୋଗ କରିଥିଲେ। ହାଟଡ଼ିହୀ ବିଡିଓ ରଞ୍ଜନ ପରିଡ଼ା, ସାଂସଦ ପ୍ରତିନିଧି ଜ୍ଞାନରଞ୍ଜନ ସାମନ୍ତସିଂହାର, ବିଜେପି ନେତା ଯୁଧିଷ୍ଠିର ମଲ୍ଲିକ, କନିଷ୍ଠଯନ୍ତ୍ରୀ କ୍ଷେତ୍ରମୋହନ ମାରାଣ୍ଡି, ପିଇଓ ତୁଳାରାମ ମୁର୍ମୁ ମଧ୍ୟ ନିୟୋଜିତ ହୋଇଥିଲେ





ଆନନ୍ଦପୁର: ବନ୍ୟା ପ୍ରଭାବିତ ଅଞ୍ଚଳରେ ଉପଜିଲ୍ଲାପାଳ, ବନ୍ୟା ମୁକାବିଲା ପାଇଁ ରିଲିଫ୍ ବୋଟ୍ ଅଚଳ ପଡିଛି

## ରେଳ ଧାରଣାରୁ ମୃତଦେହ ଉଦ୍ଧାର

ଯୋଡ଼ା, ୨୬।୭(ସମିସ) ଯୋଡା ବ୍ଲକ୍ ପଳଶା ପଞ୍ଚାୟତର ଉଁଚବାଲି ରେଳ ଧାରଣାରେ ଟ୍ରେନ ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି। ମୃତ ବ୍ୟକ୍ତି ହେଲେ ଝୁମ୍ପୁରା ବ୍ଲକ ବସନ୍ତପୁର ପଞ୍ଚାୟତର ଜଳିପଦା ଗାଁର କନ୍ଧା ଦେହୁରୀ(୬୦)। ମସ୍ତିଷ୍କ ବିକୃତ ଥିବା କନ୍ଧା ଦେହୁରୀ ତାଙ୍କ ଭଉଣୀ ଘର ଯୋଡା ବ୍ଲକ ବଳଦା ପଞ୍ଚାୟତର ବଳଦା ଗାଁକୁ ଯାଇଥିବା ବେଳେ ସେଠାରେ ମାତ୍ର ଗୋଟେ ଦିନ ରହିବା ପରେ ଦୀର୍ଘ ସାତଦିନ ହେବ ନିଖୋଜ ଥିଲେ। ଶନିବାର ପଳସା ପଞ୍ଚାୟତର ଉଁଚବାଲିଠାରେ ଥିବା ରେଳଧାରଣାରେ ଟ୍ରେନ ଧକ୍କା ହୋଇ ତାଙ୍କ ମୃତ୍ୟୁ ଘଟିଛି। ରେଳବାଇ ପୁଲିସ ଏକ ଅପମୃତ୍ୟୁ ମାମଲାରେ ତଦନ୍ତ ଆରମ୍ଭ କରିଛି।

## ଅଜଣା ମୃତଦେହ ଜବତ; ତଦନ୍ତ ଜାରି

ବଡ଼ବିଲ,୨୬।୭(ସମିସ): ବଡ଼ବିଲ ଥାନା ଅନ୍ତର୍ଗତ କାର କୋଲା ଚାତମ୍ବା ସାହି ନିକଟରୁ ଶୁକ୍ରବାର ଅପରାହ୍ଣ ସମୟରେ। ଏକ ଅଜଣା ପୁରୁଷଙ୍କ ମୃତଦେହ ଜବତ କରିଛି ପୁଲିସ। ସ୍ଥାନୀୟ ଲୋକେ ମୃତଦେହ ଦେଖି ପୁଲିସକୁ ଖବର ଦେଲାପରେ ଘଟଣାସ୍ଥଳକୁ ପହଞ୍ଚିମୃତଦେହ ଜବତ ପରେ ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶବ ବ୍ୟବଚ୍ଛେଦ କରାଯାଇଛି। ମୃତକଙ୍କ ବୟସ ୫୦ ବର୍ଷ ହୋଇପାରେ ବୋଲି ଅନୁମାନ କରାଯାଇଛି। ପରିଚୟ ମିଳିପାରିନାହିଁ। ପୁଲିସ ଅଧିକ ତଦନ୍ତ ଜାରି ରଖିଛି।

## ବେଆଇନ ପାର୍କିଂ ଉଚ୍ଛେଦକଲା ପ୍ରଶାସନ

ବଡ଼ବିଲ, ୨୬।୭(ସମିସ): କେନ୍ଦୁଝର ଜିଲ୍ଲା ଦେଇ ଯାଇଥିବା ୫୨୦ ନଂ ଜାତୀୟ ରାଜପଥର ବିଭିନ୍ନ ଛକ, ଜନଗହଳିପୂର୍ଣ୍ଣ ସ୍ଥାନ ଏବଂ ଓଭରବ୍ରିଜରେ ଭାରୀ ଯାନଗୁଡିକ ବେଆଇନ ପାର୍କିଂ ଯୋଗୁଁ ଜନସାଧାରଣ ନାହିଁ ନ ଥିବା ହଇରାଣ ହେଉଥିବା ବେଳେ ପ୍ରତିଦିନ ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଥିବାରୁ ଅଞ୍ଚଳବାସୀଙ୍କ ତରଫରୁ ବାରମ୍ବାର ଅଭିଯୋଗ ହେବା ପରେ ପ୍ରଶାସନ ପକ୍ଷରୁ ବେଆଇନ ପାର୍କିଂ ଉଚ୍ଛେଦକୁ ବ୍ୟାପକ କରାଯାଇଛି। ସେହିପରି ବଡ଼ବିଲ ଥାନାଞ୍ଚଳରେ ଥିବା ଜନଗହଳିପୂର୍ଣ୍ଣ ଭଦ୍ରାସାହି ଛକଠାରୁ ରୋଇଡା ଛକ ଏବଂ ବିଆରପିଏଲ ଛକ ମଧ୍ୟରେ ହେଉଥିବା ବେଆଇନ ପାର୍କିଂକୁ ଉଚ୍ଛେଦ କରିବାକୁ ବଡ଼ବିଲ ଥାନା ପୁଲିସ ଓ ପରିବହନ ବିଭାଗ ତରଫରୁ ବ୍ୟାପକ ବ୍ୟବସ୍ଥା କରାଯିବା ସହ ରାସ୍ତାକଡ଼ରେ ଥିବା ଚକା ମରାମତି ଦୋକାନ ଓ ଜଳଖିଆ ଦୋକାନ ପାଖରେ ଭାରୀ ଯାନଗୁଡିକୁ ଛିଡ଼ା ନ କରାଇବାକୁ ତାଗିଦ କରାଯାଇଛି। ଏହିକ୍ରମରେ ବଡ଼ବିଲ ଆଞ୍ଚଳିକ ପରିବହନ ଅଧିକାରୀ ଦୁର୍ଗାପ୍ରସାଦ ରାଓ, ପରିବହନ ଅଧିକାରୀ ଅରୁଣ କୁମାର ସାହୁ ଓ ବଡ଼ବିଲ ଥାନାଧିକାରୀ ଅଶୋକ କୁମାର ସାହୁଙ୍କ ନେତୃତ୍ୱରେ ଯାଞ୍ଚକୁ କଡାକଡି କରି ପ୍ରାୟ ଏକ ଲକ୍ଷ ଟଙ୍କା ଜରିମାନା କରିବା ସହ ଅନେକ ଗାଡିକୁ ଜବତ କରାଯାଇଥିବା ଜଣାପଡିଛି। ଆଗାମୀ ଦିନରେ ଏଭଳି ପ୍ରକ୍ରିୟାକୁ ନିୟମିତ କରିବାକୁ ମତ ପ୍ରକାଶ ପାଇଛି।



## ଶିକ୍ଷା ଓ ସ୍ୱଚ୍ଛତା କିଟ୍ ବଣ୍ଟନ

ତେଲକୋଇ, ୨୬।୭(ସମିସ): ରମାଦେବୀ ଗ୍ରାମ୍ୟ ବିକାଶ ସଂଗଠନ (ଆରଭିଡିଓ) ଦ୍ୱାରା ଓ ଚାଇଲ୍ଡଫଣ୍ଡ ସହାୟତାରେ ତେଲକୋଇ ବ୍ଲକର ୩୫ଟି ଗ୍ରାମର ୧୮୦୭ ଶିଶୁଙ୍କୁ ଶିକ୍ଷା ଓ ସ୍ୱଚ୍ଛତା କିଟ୍ ବଣ୍ଟନ କରାଯାଇଛି। ଜନ୍ମରୁ ୫ ବର୍ଷ ଶିଶୁଙ୍କୁ ୩୬ଟି କିଟ୍, ୬ରୁ ୧୪ ବର୍ଷ ଶିଶୁଙ୍କୁ ୧୦୪୫ଟି କିଟ୍, ୧୫ରୁ ୨୪ ବର୍ଷର ଶିଶୁଙ୍କୁ ୩୬୯ କିଟ୍ ଓ କିଶୋରୀ ବାଳିକାଙ୍କୁ ଋତୁସ୍ରାବ ସ୍ୱଚ୍ଛତା କିଟ୍ ୩୬୫ଟି ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ସଲେଇକେନା ଓ କଳାପୋଖରୀ ଗ୍ରାମର ୧୭୨ ଶିଶୁଙ୍କୁ ବିଭିନ୍ନ ପ୍ରକାର କିଟ୍ ଅତିଥିଙ୍କ ଦ୍ୱାରା ବଣ୍ଟନ କରାଯାଇଥିଲା। ସଲେଇକେନା ସରପଞ୍ଚ ପାଙ୍ଗେଲା ମୁଣ୍ଡା, ଅଙ୍ଗନବାଡ଼ି ସୁପରଭାଇଜର ପୁଷ୍ପଲତା ନାୟକ ଓ ସ୍ଥାନୀୟ ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷକ ଉଦୟନାଥ ପ୍ରଧାନ ଉପସ୍ଥିତ ଥିଲେ। କ୍ଷେତ୍ର ଅଧିକାରୀ ପ୍ରଣୟ ବିଶ୍ୱାଳ କିଟ ଉପକାରିତା ଓ ତାହାର ବ୍ୟବହାର ଉପରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ସମସ୍ତ କର୍ମୀ ସହଯୋଗ କରିଥିଲେ।



## କନକ ମଞ୍ଜରୀ ବାଲ୍ ଶିକ୍ଷା ସଂସ୍ଥାନର ପ୍ରତିଷ୍ଠା ଦିବସ



ଆନନ୍ଦପୁର, ୨୬।୭ (ସମିସ): ଅଗ୍ରଣୀ ଘରୋଇ ଶିକ୍ଷାନୁଷ୍ଠାନ କନକ ମଞ୍ଜରୀ ବାଲ୍ ଶିକ୍ଷା ସଂସ୍ଥାନର ୩୮ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ପ୍ରଧାନଆଚାର୍ଯ୍ୟ ମନମୋହନ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ଶ୍ରୀଧର ମହାରଣା ମୁଖ୍ୟଅତିଥି ଭାବେ ପତାକା ଉତ୍ତୋଳନ କରିଥିଲେ। ପରେ ବିଦ୍ୟାଳୟକୁ କିପରି ସଂଘର୍ଷ କରି ଆରମ୍ଭ କରାଯାଇଥିଲା ଏବଂ ୩୮ ବର୍ଷର ଅନୁଭୂତି ବଖାଣିଥିଲେ। ସେହି ବିଶ୍ୱାସ ଭରସାକୁ ବଜାୟ ରଖିବା ପାଇଁ ଅନୁରୋଧ କରିଥିଲେ। ଉପ ପ୍ରଧାନଆଚାର୍ଯ୍ୟ ସଂଗ୍ରାମ କେଶରୀ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। ଆଚାର୍ଯ୍ୟ ଶ୍ରୀଲୋଚନ ପୁହାଣ, ରବିନ୍ଦ୍ର ସାହୁ, ସତ୍ୟଜିତ ସାହୁ, କାଳନ୍ଦୀ ମହାରଣା, ନଟବର ସାହୁ, ଚିତ୍ରସେନ ସାହୁ, ଆଚାର୍ଯ୍ୟା ରୋନାଲୀ ଜେନା, ଜ୍ୟୋସ୍ନାମୟୀ ନାୟକ, ସନ୍ଧ୍ୟାରାଣୀ ପଟ୍ଟନାୟକ, ରଶ୍ମିତା ସିଂ, ଚିନ୍ମୟୀ ରାଉତ, ସ୍ନିଗ୍ଧା ସରିତା ମହାରଣା, ପଦ୍ମିନୀ ରାଉତ, ଶ୍ରୀୟାଶ୍ରୀ ମହାରଣା, ଦୀପ୍ତିମୟୀ ବେହେରା, ସେବକ ଶଙ୍କର୍ଷଣ ରାଉତ ସେବିକା ଶାନ୍ତି ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



## ଅନିଶ୍ଚିତତାରେ କ୍ୟାପିଟାଲ୍ ହସ୍ପିଟାଲ୍ ଏଆର୍‌ସି କାର୍ଯ୍ୟ

# ପୁଣି ହେବ ଟେଣ୍ଡର୍; ସେବା ନ ପାଇ ନିରାଶ ଦିବ୍ୟାଙ୍ଗ

ଭୁବନେଶ୍ୱର, ୨୬।୭ (ସମିସ)




ଦିବ୍ୟାଙ୍ଗ ମାନଙ୍କ ଅକ୍ଷମତା ଦୂର ପାଇଁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ କ୍ୟାପିଟାଲ ହସ୍ପିଟାଲ ପରିସରରେ ଅତ୍ୟାଧୁନିକ ପୁର୍ନବାସ କେନ୍ଦ୍ର (ଆଡଭାନ୍ସ ରିହାବିଲିଟେସନ୍ ସେଣ୍ଟର-ଏଆର୍‌ସି) ପ୍ରତିଷ୍ଠା କରାଯାଇଛି। ରାଜ୍ୟର ପ୍ରଥମ ଏଆର୍‌ସି ଭାବେ ଏହା ରାଜଧାନୀରେ ଥିବା ସତ୍ତ୍ୱେ ପ୍ରାୟ ବର୍ଷେ ହେବ ବନ୍ଦ ରହିଛି। ପୂର୍ବରୁ ଏହାକୁ ଏକ ଘରୋଇ ସଂସ୍ଥା ଦ୍ୱାରା ପରିଚାଳିତ କରାଯାଉଥିବା ବେଳେ ଏହାର ଏଗ୍ରିମେଣ୍ଟ ଅବଧି ଶେଷ ହେବା ପରେ ବିଭାଗ ଏହାକୁ ନିଜେ ପରିଚାଳନା କରିବାକୁ ନିଷ୍ପତ୍ତି ନେଇଥିଲା। ପୂର୍ବରୁ ପରିଚାଳନା କରୁଥିବା ସଂସ୍ଥା ସେମାନଙ୍କର ସମସ୍ତ ଜିନିଷ ନେଇଯାଇଥିବା ବେଳେ ନୂତନ ମେସିନ୍‌ଗୁଡ଼ିକ ସ୍ଥାପନା କରାଯିବାକୁ ବି ଆରମ୍ଭ ହୋଇଥିଲା ପ୍ରୟାସ। କିଛିଦିନ ଏହା ଖୋଲାଯାଇଥିବା ବେଳେ ପୁଣି ତାଲା ଝୁଲୁଛି। ବିଭାଗ ପୁଣି ଥରେ ଟେଣ୍ଡର କରିବାକୁ ଯୋଜନା କରିଥିବା ଜଣାପଡ଼ିଛି। ତେବେ ଏଥିପାଇଁ କେବେ ଟେଣ୍ଡର ହେବ ଏବଂ ପୁଣି କେବେ ଏଆର୍‌ସି ଖୋଲିବ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଦୂରଦୂରାନ୍ତରୁ ଚିକିତ୍ସା ପାଇଁ ଆସୁଥିବା ଭିନ୍ନକ୍ଷମ ବ୍ୟକ୍ତିଙ୍କ ନିମନ୍ତେ ରହିଥିବା ଏସଆଇଡିଆର ବିଲଡିଂରେ ରହିଥିବା ବେଡ୍ ମଧ୍ୟ ଫାଙ୍କା ପଡ଼ିଛି।

ସୂଚନା ଅନୁସାରେ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ୨୦୧୯ ମସିହା ମାର୍ଚ୍ଚ ମାସରେ ଏହି ଅତ୍ୟାଧୁନିକ ପର୍ନବାସ କେନ୍ଦ୍ର ବା ଏଆର୍‌ସି ନିର୍ମାଣ କରାଯାଇଥିଲା। ପ୍ରାୟ ୨୦କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ଅତ୍ୟାଧୁନିକ ପୁର୍ନବାସ କେନ୍ଦ୍ରରେ ରୋବୋଟିକ୍ ମେସିନ୍ ମାଧ୍ୟମରେ ରୋଗୀଙ୍କ ଚିକିତ୍ସା କରାଯାଇଥାଏ। ହୃଦ୍‌ଘାତର ଶିକାର ହୋଇ ଗୋଡ଼ କିମ୍ବା ହାତ ଅଚଳ ହୋଇଯାଇ ଥିବା ବ୍ୟକ୍ତିଙ୍କ ଠାରୁ ଆରମ୍ଭ କରି ସ୍ନାୟୁ ଜନିତ ସମସ୍ୟା, ଟ୍ରୋମାଟିକ୍ ବ୍ରେନ୍ ଇଞ୍ଜୁରି (ମସ୍ତିଷ୍କ ଆଘାତ ଯୋଗୁଁ ଅଙ୍ଗ ପ୍ରତ୍ୟେଙ୍ଗ ଅକାମି ହୋଇଯିବା), ସ୍ପର୍ଶ ଅନୁଭବ କରିନପାରିବା, ଗୋଡ଼ କିମ୍ବା ହାତ ବଙ୍କା ହୋଇଯିବା, ଅନ୍ୟର କଥୋପକଥନକୁ ବୁଝି ନପାରିବା, ପୋଲିଓ, ଭଳି ରୋଗର ଶିକାର ହେଉଥିବା ପିଲାଙ୍କ ଠାରୁ ବୟସ୍କଙ୍କୁ ଏଠାରେ ଚିକିତ୍ସା ଦିଆଯାଇଥାଏ। ଏହି ଅତ୍ୟାଧୁନିକ ରୋବୋଟିକ୍ ମେସିନ୍ ଚାଲି ପାରୁନଥିବା ରୋଗୀର ଶରୀର ଓଜନକୁ ନିଜେ ଉଠାଇବା ସହ ଗାଇଡାନ୍ସ ଫୋର୍ସ ଦେଇଥାଏ। ଯାହାଦ୍ୱାରା ରୋଗୀ ହାତ, ଗୋଡ଼ ଚଳାଇବା ସହ ଧିରେ ଧିରେ ଚାଲିବାକୁ ଆରମ୍ଭ କରେ। ସବୁଠାରୁ ବଡ଼କଥା ହେଉଛି, ବିଭିନ୍ନ କାରଣରୁ ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ ହରାଇଥିବା ବ୍ୟକ୍ତିଙ୍କୁ ଏଠାରେ କୃତ୍ରିମ ଅଙ୍ଗ ଯୋଗାଇ ଦିଆଯାଇଥାଏ। ଯେଉଁଥିପାଇଁ ପ୍ରତିଦିନ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଏଠାରୁ କୃତ୍ରିମ ଅଙ୍ଗ ଲଗାଇବା ସହ ଏହାକୁ ବଦଳାଇବା, ଯଦି କିଛି ସମସ୍ୟା ଉପୁଜିଥାଏ ତାହାର ଚିକିତ୍ସା କରିବା ଏବଂ ଆବଶ୍ୟକ ଉପକରଣ ନେବାକୁ ଆସିଥାନ୍ତି। ହେଲେ ଦୀର୍ଘ ବର୍ଷେ ହେଲା ଏହି ସୁବିଧା ନ ପାଇ ନିରାଶ ହେଉଛନ୍ତି ଲୋକେ।

ସୂଚନା ଅନୁସାରେ, ରାଉରକେଲା ଠାରେ ଯଦିଓ ରାଜ୍ୟର ଦ୍ୱିତୀୟ ଏଆର୍‌ସି ରହିଛି, କିନ୍ତୁ ଉକ୍ତ ଏଆରସି ଉପରେ ସେଠାକାର ୫ଟି ଜିଲ୍ଲାର ଲୋକ ନିର୍ଭର କରୁଥିବା ବେଳେ ଭୁବନେଶ୍ୱର ଏଆର୍‌ସି ଉପରେ ଅଧିକାଂଶ ଜିଲ୍ଲାର ଲୋକ ନିର୍ଭର କରିଥାନ୍ତି। ମାଗଣା ସେବା ସହ ରୋଗୀ ଏବଂ ସେମାନଙ୍କ ଆଟେଣ୍ଡାଣ୍ଟଙ୍କ ରହିବା ସୁବିଧା ମଧ୍ୟ ଏସଆଇଡିଆରରେ ରହିଛି।

## ଶ୍ରାଦ୍ଧ ଦିବସରେ ନୀଳମଣି ବିଦ୍ୟାରତ୍ନଙ୍କୁ ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର, ୨୬।୭ (ସମିସ): ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ପକ୍ଷରୁ ଥିଲେ ନୀଳମଣି ବିଦ୍ୟାରତ୍ନ ୧୦୨ତମ ଶ୍ରାଦ୍ଧ ବାର୍ଷିକ ଅନୁଷ୍ଠିତ ହୋଇଯାଇଛି। ସେ ଓଡ଼ିଆ ଭାଷା, ସାହିତ୍ୟ, ସ୍ୱାଧୀନତା ସଂଗ୍ରାମ, ସାମ୍ବାଦିକତାର ଅତୁଳନୀୟ ପ୍ରତିଭା ଥିଲେ ବୋଲି ସଭାରେ ମତ ପ୍ରକ।।ଶ ପାଇଥିଲା। ଏହା ସହିତ ଶିକ୍ଷାବିତ, ସଂଗ୍ରାମୀ, ସାହିତ୍ୟିକ, ପ୍ରାକ୍ତନମନ୍ତ୍ରୀ ସ୍ୱର୍ଗତ ଗୋଦାବରୀଶ ମିଶ୍ରଙ୍କ ୭୦ତମ ଶ୍ରାଦ୍ଧବାର୍ଷିକ ସ୍ଥାନୀୟ ଜୟଦେବ ବିହାର ଓ ମହାଡାକପାଳଙ୍କ ପ୍ରତିମୂର୍ତ୍ତିସ୍ଥଳରେ ପୁଷ୍ପମାଲ୍ୟ ଅର୍ପଣ ସହ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଭିଯାନର ଅଧ୍ୟକ୍ଷ, ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀଙ୍କ ମାର୍ଗଦର୍ଶନରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ସଂଯୋଜକ ନାରାୟଣ ଓଝା, ସରୋଜିନୀ ମିଶ୍ର, ମୁଖପାତ୍ର ଅରବିନ୍ଦ ତ୍ରିପାଠୀ, ମନୋଜ କୁମାର ସାହୁ, ସଂଯୁକ୍ତା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଉତ୍କଳ ଦୀପିକା, ପ୍ରଜାବନ୍ଧୁ ଖବରକାଗଜର ପ୍ରମୁଖ ବଳିଷ୍ଠ ସମ୍ପାଦନା କରିବା ଜଣେ ମହାନ ଶିକ୍ଷାବିତ, ସଂଗ୍ରାମୀ, ପ୍ରାକ୍ତନ ମନ୍ତ୍ରୀ, ସାହିତ୍ୟିକ, ଓଡ଼ିଆଙ୍କ ଆଦର୍ଶ ଭାବେ ଚିର ସ୍ମରଣୀୟ ରହିବେ ବୋଲି ଗୋଦାବରୀଶ ମିଶ୍ର ଶ୍ରଦ୍ଧାଞ୍ଜଳି ସଭାରେ ମତବ୍ୟକ୍ତ କରାଯାଇଥିଲା।

## ସଂସ୍କୃତି ବିଶ୍ୱବିଦ୍ୟାଳୟରେ ସାରଳା ସାହିତ୍ୟ ସଂକ୍ରାନ୍ତ ଆଲୋଚନାଚକ୍ର

ଭୁବନେଶ୍ୱର, ୨୬।୭ (ସମିସ): ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ସାରଳା ଦାସ ଚେୟାର ଆନୁକୂଲ୍ୟରେ ସାରଳା ଦାସଙ୍କ କୃତି ଓ କୃତିତ୍ୱ ସମ୍ପର୍କରେ ଏକଦିବସୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସାରଳା ଦାସ ଚେୟାର ପ୍ରଫେସର ପ୍ରେମାନନ୍ଦ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଆଲୋଚନାଚକ୍ରରେ ଗବେଷକ ହେମନ୍ତ ବିଶ୍ୱାଳ ଆଦିକବିଙ୍କ ସମ୍ପର୍କରେ ପ୍ରବନ୍ଧ ଉପସ୍ଥାପନା କରିଥିଲେ। ଅନ୍ୟତମ ଗବେଷକ ନୀତେଶ ରାଉତରାୟ, ପ୍ରଫେସର ପ୍ରେମାନନ୍ଦ ମହାପାତ୍ର ପ୍ରବନ୍ଧ ଉପସ୍ଥାପନା କରିଥିଲେ। ଓଡ଼ିଆ ବିଭାଗର ଅଧ୍ୟାପକ ଡ. ଜ୍ଞାନରଞ୍ଜନ ପଣ୍ଡା ଆଲୋଚନାଚକ୍ରର ସଞ୍ଚାଳନ କରିଥିଲା ବେଳେ ସ୍ନାତକୋତ୍ତର ପରିଷଦର ମୁଖ୍ୟ ଡ. ଚକ୍ରଧର ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଡ. ଶମ୍ଭୁ ଶୋଭରା, ଡ. ଧୀରଜ ମହାପାତ୍ର, ଡ. ଆଶିଷ ମହାପାତ୍ର, ଅଞ୍ଜନ କୁମାର ସାହୁଙ୍କ ସମେତ ଓଡ଼ିଆ ବିଭାଗର ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ।

## ନବଗୁଞ୍ଜରର ପକ୍ଷରୁ 'ଗୁରୁ ପରମ୍ପରା ଓ ଆମ ସଂସ୍କୃତି ଆଲୋଚନାଚକ୍ର'




ଭୁବନେଶ୍ୱର, ୨୬।୭ (ସମିସ): ଭାରତୀୟ ସଂସ୍କୃତିରେ ଗୁରୁ ଶିଷ୍ୟ ସମ୍ପର୍କକୁ ନେଇ ଏକ ଆଭାସୀ ଆଲୋଚନାଚକ୍ର ନବଗୁଞ୍ଜର ସଂସ୍କୃତି ମଞ୍ଚ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଏହି ଆଭାସୀ ଆଲୋଚନାରେ ସ୍ୱାଗତ ଭାଷଣ ପୂର୍ବକ ପି.ଆଇ.ବି ର ପୂର୍ବତନ ନିର୍ଦ୍ଦେଶକ ଡ. ଉମାକାନ୍ତ ମିଶ୍ର ଶିଷ୍ୟ ଜୀବନରେ ଗୁରୁଙ୍କ ଭୂମିକା ଏବଂ ଆବଶ୍ୟକତା ଉପରେ ବକ୍ତବ୍ୟ ରଖିଥିଲେ। ସେହିପରି ସଭା ସଂଯୋଜକ ଏବଂ ଭାଷା, ସାହାତ୍ୟ ଓ ସଂସ୍କୃତିପ୍ରେମୀ ପ୍ରଶାନ୍ତ କୁମାର ଭୂୟାଁ ଅତିଥି ପରିଚୟ ପ୍ରଦାନ କରିବା ସହ ଗୁରୁ, ଜ୍ଞାନ ଏବଂ ମୁକ୍ତ କିପରି ପରସ୍ପର ମଧ୍ୟରେ ଜଡିତ ସେ ବିଷୟରେ ଆଲୋଚନା କରିଥିଲେ। ଏହା ସହ ସେ କହିଥିଲେ ଗୁରୁତତ୍ତ୍ୱ ହେଉଛି ଏକ ଗଭୀର ତତ୍ତ୍ୱ। ଗୁରୁଙ୍କ କଥା ଶୁଣି ତାକୁ କାର୍ଯ୍ୟରେ ଲଗାଇବା ହିଁ ତାଙ୍କ ପ୍ରତି ଆମର ଯଥେଷ୍ଟ ସମ୍ମାନ ବୋଲି ବିଭିନ୍ନ ଉଦାହରଣ ମାଧ୍ୟମରେ ଆଲୋଚନା କରିଥିଲେ। ପରେ ପରେ ସଭାର ମୁଖ୍ୟବକ୍ତା ଭାବେ ବରିଷ୍ଠ ସଂସ୍କୃତି ଗବେଷକ ଡ. ଶାନ୍ତନୁ କୁମାର ରଥ ଶିଷ୍ୟ ଜୀବନରେ ଗୁରୁଙ୍କ ଭୂମିକା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଯେଉଁଥିରେ ସେ ଉଦାହରଣ ଦେଇ କହିଥିଲେ ଭାରତୀୟ ସଂସ୍କୃତି ତତ୍ତ୍ୱ ଓ ତଥ୍ୟକୁ ନେଇ ଆରମ୍ଭ। ଯେପରି ଏକ ଐତିହ୍ୟସ୍ଥଳରେ ଜଣେ ଗାଇଡ ଆମକୁ ସ୍ଥାନର ବିଶେଷତ୍ୱ ଜଣାଇବା ସହ ଭ୍ରମଣରେ ସାହାଯ୍ୟ କରନ୍ତି ଏବଂ ତଥ୍ୟ ପ୍ରଦାନ କରନ୍ତି ଗୁରୁ ମଧ୍ୟ ଆମ ଜୀବନରେ ସେହିପରି ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥାନ୍ତି। ଏହା ଆଭାସୀ ଆଲୋଚନାରେ ବିଭିନ୍ନ ସ୍ଥାନରୁ ପାଖାପାଖି ୩୦ ଜଣ ବ୍ୟକ୍ତି ବିଶେଷ ଅଂଶଗ୍ରହଣ କରି ପ୍ରଶ୍ନୋତ୍ତର ମାଧ୍ୟମରେ ଗୁରୁ ପରମ୍ପରା ଏବଂ ସଂସ୍କୃତି ସମ୍ବନ୍ଧରେ ଆଲୋଚନା କରିଥିଲେ।

## ସରିଲା ଦିନ; ଘରକୁ ମନ



ବରମୁଣ୍ଡା ଅଞ୍ଚଳରେ ନିର୍ମାଣ କାମ ସାରି ଦିନର ଶେଷାର୍ଦ୍ଧରେ ଘରକୁ ଲେଉଟିଛନ୍ତି ଶ୍ରମିକ (ଫଟୋ: ସନ୍ତୋଷ)

## ମଧ୍ୟାହ୍ନ ଭୋଜନ ସାମଗ୍ରୀ ଚୋରି

ଯାଁଳା, ୨୬।୭ (ସମିସ): ଜଟଣୀ ବ୍ଲକ ଅଧୀନସ୍ଥ ଗଙ୍ଗପଡ଼ା ପଞ୍ଚାୟତ ଭାତଖୁରୀ ପ୍ରାଥମିକ ବିଦ୍ୟାଳୟରେ ଗତକାଲି ରାତିରେ ମଧ୍ୟାହ୍ନ ଭୋଜନ ସାମଗ୍ରୀ ଚୋରି ହୋଇଯାଇଛି। ସୂଚନା ଆଉ କି ଆଜି ଶିକ୍ଷକ ସ୍କୁଲ ତାଲା ଖୋଲିବା ବେଳେ ଦେଖିଲେ ରୋଷେଇ ଶାଳରେ ତାଲା ଭଙ୍ଗା ହୋଇ ପଡ଼ିଥିଲା। ରୋଷେଇ ଶାଳରେ କୌଣସି ଜିନିଷପତ୍ର ନ ଥିଲା। ଦୁଇଟି ଗ୍ୟାସ୍ ଟାଙ୍କି ସମେତ ଗ୍ୟାସ୍ ଚୁଲା, ପିଲାଙ୍କ ଖାଇବା ପାତ୍ର, ରୋଷେଇ ସାମଗ୍ରୀରେ ବ୍ୟବହୃତ ହୋଇଥିବା ହଣ୍ଡା, ହାଣ୍ଡି ଓ ଦେଢ଼ କ୍ୱିଣ୍ଟାଲ୍‌ରୁ ଅଧିକ ଚାଉଳ ଚୋରି ହୋଇଯାଇଥିବା ଜଣାପଡ଼ିଥିଲା। ଏହି ବାବଦରେ ପ୍ରଧାନ ଶିକ୍ଷକ ଇନ୍‌ଫୋଭ୍ୟାଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

### 'ଶିଷ୍ୟଙ୍କ ପ୍ରଗତିରେ ଗୁରୁଙ୍କ ଭୂମିକା' ଶୀର୍ଷକ ଆଲୋଚନାଚକ୍ର

## ଗୁରୁ ଓ ଶିଷ୍ୟଙ୍କ ସମ୍ପର୍କ ଆଧ୍ୟାତ୍ମିକତାର ଏକ ପବିତ୍ର ବନ୍ଧନ

ଭୁବନେଶ୍ୱର, ୨୬।୭ (ସମିସ)

ଗୁରୁ ଓ ଶିଷ୍ୟଙ୍କ ମଧ୍ୟରେ ଥିବା ସମ୍ପର୍କ ସାଧାରଣ ମାନବିକ ସମ୍ପର୍କ ନୁହେଁ ବରଂ ଏହା ଆଧ୍ୟାତ୍ମିକତାର ଏକ ପବିତ୍ର ବନ୍ଧନ। ଭାରତରେ ଗୁରୁ ଶିଷ୍ୟଙ୍କ ସମ୍ବନ୍ଧ ଆଧ୍ୟାତ୍ମିକ, ସାମାଜିକ ଓ ଜାତୀୟ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ବୋଲି ବେଲୁଡ ମଠ, କୋଲକାତାରୁ ଆସିଥିବା ସନ୍ନ୍ୟାସୀ ସ୍ୱାମୀ ବାଣୀଶାନନ୍ଦଜୀ କହିଛନ୍ତି। ରାମକୃଷ୍ଣ ମିଶନରେ ସହସମ୍ପାଦକ ସ୍ୱାମୀ ମହେଶାତ୍ମାନନ୍ଦଜୀଙ୍କ ଅଧ୍ୟକ୍ଷତାରେ 'ଶିଷ୍ୟଙ୍କ ପ୍ରଗତିରେ ଗୁରୁଙ୍କ ଭୂମିକା' ଶୀର୍ଷକ ଆଲୋଚନାଚକ୍ରରେ ମୁଖ୍ୟବକ୍ତା ଭାବେ ବେଲୁଡ ମଠ, କଲିକତାରୁ ଆସିଥିବା ସନ୍ନ୍ୟାସୀ ସ୍ୱାମୀ ବାଣୀଶାନନ୍ଦଜୀ ଯୋଗଦେଇ କହିଛନ୍ତି ଯେ, ଗୁରୁ ଆଧ୍ୟାତ୍ମିକ ମାର୍ଗର ଜଣେ ଅଗ୍ରଣୀ ବ୍ୟକ୍ତିତ୍ୱ ହୋଇଥିବାରୁ ସେ ଶିଷ୍ୟର ଅନ୍ତର୍ନିହିତ ଯନ୍ତ୍ରଣା, ଦ୍ୱିଧା ଏବଂ ଅଜ୍ଞତାକୁ ଜାଣିପାରି ତାହା ଦୂର କରିବାରେ ସାହାଯ୍ୟ କରନ୍ତି। ଶିଷ୍ୟ ବିନୟୀ ହୋଇ ଗୁରୁଙ୍କ ନିକଟରୁ ପ୍ରଜ୍ଞା ଓ ପଥପ୍ରଦର୍ଶନ ଚାହେଁ ଓ ଗୁରୁ ସ୍ନେହ, ସହାନୁଭୂତିରେ ଶିଷ୍ୟକୁ ସାହାଯ୍ୟ କରନ୍ତି। ସ୍ୱାମୀ ମହେଶାତ୍ମାନନ୍ଦଜୀ କହିଥିଲେ ଯେ, ଗୁରୁଙ୍କ ଆର୍ଶୀବାଦ ଶିଷ୍ୟ ଭିତରେ ଆଧ୍ୟାତ୍ମିକତା ସଞ୍ଚାର କରେ, ଯେପରି ଗୁରୁ ଶ୍ରୀ ରାମକୃଷ୍ଣ, ଶିଷ୍ୟ ବିବେକାନନ୍ଦଙ୍କ ଭିତରେ ଆଧ୍ୟାତ୍ମିକ ଜ୍ଞାନର ଜାଗରଣ କରାଇଥିଲେ। ସ୍ୱାମୀ ବିବେକାନନ୍ଦ ତାଙ୍କ ଗୁରୁଙ୍କ ନିକଟରେ ଆତ୍ମସମର୍ପଣ କରିବା ଫଳରେ ତାଙ୍କୁ ରାମକୃଷ୍ଣଙ୍କ ନିକଟରୁ ଆଧ୍ୟାତ୍ମିକ ପୁନର୍ଜନ୍ମ ସହିତ ସମାଜସେବାର ଦାୟିତ୍ୱ ମିଳିଥିଲା। ଏହି ସଭାରେ ସ୍ୱାମୀ ଅଦ୍ୱିୟାନନ୍ଦ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ପରମେଶ୍ୱର ଧଳ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଜିତେନ୍ଦ୍ର ରଣା, ରମେଶ ପ୍ରଧାନ, ବୃନ୍ଦାବନ ପଣ୍ଡା, ଅଭିମନ୍ୟୁ ନାୟକ ପ୍ରମୁଖ ପରିଚାଳନା କରିଥିଲେ।

## ମହାପ୍ରଭୁଙ୍କ ଶରଣାଶ୍ରିତ ହୋଇ ଧନ୍ୟବାଦ ଜଣାଇଲେ ନବକଳେବର ଟିମ୍



ଭୁବନେଶ୍ୱର, ୨୬।୭ (ସମିସ): ଶ୍ରୀଜଗନ୍ନାଥଙ୍କ ନବକଳେବରକୁ ନେଇ ନିର୍ମିତ ହୋଇଥିବା ଓଡ଼ିଆ ଚଳଚ୍ଚିତ୍ର ସାରା ଓଡ଼ିଶାରେ ଚହଳ ସୃଷ୍ଟି କରି ଇତିହାସ ରଚିଛି। ମୁକ୍ତିଲାଭ ହେବାର ୨୧ଦିନ ପରେ ମଧ୍ୟ ସବୁଠି ହାଉସଫୁଲ୍। ସାକ୍ଷାତ ଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ ପ୍ରେକ୍ଷାଳୟରେ ଭକ୍ତଙ୍କର ଭିଡ଼ ଜମିବାରେ ଲାଗିଛି। ଜଗନ୍ନାଥଧାମ ପୁରୀରୁ ଆରମ୍ଭ ହୋଇଥିବା ନବକଳେବରର ଅଡିଓ ରିଲିଜ୍ ମାଧ୍ୟମରେ ଚଳଚ୍ଚିତ୍ରର ପ୍ରଚାର ଓ ପ୍ରସାର ଆରମ୍ଭ ହୋଇଥିଲା। ଆଜି ୨୧ ଦିନରେ ପ୍ରଯୋଜିକା ତଥା ନିର୍ଦ୍ଦେଶିକା ବିନି ସାମଲ, କାର୍ଯ୍ୟକାରୀ ପ୍ରଯୋଜକ ପ୍ରଣୟ ଜେଠୀ, ଅଭିନେତା ଶ୍ରୀତମ ଦାସ, ଅଭିନେତ୍ରୀ ପିଙ୍କି ପ୍ରଧାନ, ଅଭିନେତା ଅଂଶୁମାନ, ଅଭିନେତା ଶମ୍ଭୁ ଖୁଣ୍ଟିଆ ପ୍ରମୁଖ ପ୍ରଭୁଙ୍କ ଶରଣାଶ୍ରିତ ହୋଇ ଧନ୍ୟବାଦ ଅର୍ପଣ କରିଥିଲେ। ଚଳଚ୍ଚିତ୍ରର ମାର୍ଗଦର୍ଶକ ଡ. ଚନ୍ଦ୍ରଭାନୁ ଶତପଥୀଙ୍କୁ ମଧ୍ୟ ଟିମ୍ ତରଫରୁ ଧନ୍ୟବାଦ ଅର୍ପଣ କରାଯାଇଛି। ଏହି ଅବସରରେ ଚଳଚ୍ଚିତ୍ରର ଟିମ୍ ଟିମ୍ ନୟାଗଡ଼ରେ ପହଞ୍ଚିଥିଲେ। ସ୍ଥାନୀୟ ବିଧାୟକ ଅରୁଣ କୁମାର ସାହୁଙ୍କ ସମେତ ଅଭିନେତା ଅଭିନେତ୍ରୀ ନବକଳେବରର ପୂରା ଟିମ୍ ଦର୍ଶକମାନଙ୍କ ସହିତ ଏକାଠି ବସି ସମ୍ପୂର୍ଣ୍ଣ ଚଳଚ୍ଚିତ୍ର ଦେଖିଥିଲେ।

## ଗଠନ ହେଲା ପୁରାତନ ଛାତ୍ର ମହାସଂଘ



ଭୁବନେଶ୍ୱର, ୨୬।୭ (ସମିସ): ଭୁବନେଶ୍ୱର ବିଭିନ୍ନ ଶିକ୍ଷାନୁଷ୍ଠାନର ପୁରାତନ ଛାତ୍ର ସଂଘର କର୍ମକର୍ତ୍ତାମାନଙ୍କୁ ନେଇ ଏକ ବୈଠକ ୟୁନିଟ ୧ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଆଇନଜୀବୀ ଡ. ମଧୁ ମାଧବ ଜେନାଙ୍କ ଅଧ୍ୟକ୍ଷତାରେ ପୁରାତନ ଛାତ୍ର ମହାସଂଘ ଗଠିତ ହୋଇଛି। ଶିକ୍ଷାନୁଷ୍ଠାନଗୁଡ଼ିକରେ ଶିକ୍ଷାର ମାନବୃଦ୍ଧି, ସୁସ୍ଥ ଓ ଶୃଙ୍ଖଳିତ ପରିବେଶ, ବିଶୁଦ୍ଧ ପାଣି, ସ୍ୱାସ୍ଥ୍ୟକର ଖାଦ୍ୟ, ଶିକ୍ଷକ ଛାତ୍ରଙ୍କ ସମ୍ପର୍କରେ ସୁଧାର ଆଣିବା ପ୍ରମୁଖ ଏହାର ଉଦ୍ଦେଶ୍ୟ ରହିଛି। ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନର ପୁରାତନ ଛାତ୍ରଛାତ୍ରୀଙ୍କୁ ନେଇ ଏକ ପୂର୍ଣ୍ଣାଙ୍ଗ ବୈଠକ ଖୁବ ଶୀଘ୍ର ଅନୁଷ୍ଠିତ ହେବ ବୋଲି ସ୍ଥିର କରାଯାଇଛି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସୂର୍ଯ୍ୟ ନାରାୟଣ ଦାସ, ପ୍ରତାପ ଜେନା, ଅତିସ ମହାନ୍ତି, ସତ୍ୟ ରଞ୍ଜନ ସେନାପତି ପ୍ରମୁଖ ଯୋଗ ଦେଇଥିଲେ।

## କ୍ଷମତା ଅନୁବାଦ ପାଇଁ ନିର୍ଦ୍ଦେଶ ଦେଇଆସିଛି



### ଅନୁବାଦର ରାଜନୀତି ଏବେ ମଧ୍ୟ ବଳବତ୍ତର ଅଛି

ଭୁବନେଶ୍ୱର, ୨୬।୭ (ସମିସ): ବିଶ୍ୱାୟନ ପରିପ୍ରେକ୍ଷୀରେ ଅନୁବାଦର ସ୍ଥିତି ନୂଆ ପାଠକ ବଜାର ଖୋଜୁଛି। ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ପକ୍ଷରୁ ଆୟୋଜିତ 'ସାହିତ୍ୟ ମାସିକୀ' କାର୍ଯ୍ୟକ୍ରମରେ ଅନୁବାଦକ ଓ ସମାଲୋଚକ ପ୍ରଫେସର ଯତୀନ୍ଦ୍ର ନାୟକ ଯୋଗ ଦେଇ କ୍ଷମତା ସବୁବେଳେ ଅନୁବାଦ ପାଇଁ ନିର୍ଦ୍ଦେଶ ଦେଇଆସିଛି। ଓଡ଼ିଆରେ ୧୯୯୦ ବେଳକୁ ପ୍ରାୟ ୫ ହଜାର ବହିର ଓଡ଼ିଆ ଅନୁବାଦ ହୋଇଥିବା ବେଳେ ଇଂରାଜୀକୁ ପ୍ରାୟ ଶହେରୁ କମ୍ ଅନୁବାଦ ହୋଇଥିଲା। ରାଜନୈତିକ ନିଷ୍ପତ୍ତି ମଧ୍ୟ ଅନୁବାଦକୁ ପ୍ରଭାବିତ କରିଆସିଛି ବୋଲି କହିଥିଲେ। ଅନୁଷ୍ଠାନର ସଭାପତି ସୂର୍ଯ୍ୟ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ ସଭାପତି ରକ୍ଷକ ନାୟକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। 'ଏ ମାସର କଥାକାର' ଭାବରେ ଯୁବ ଗାଳ୍ପିକା ଭୁବନେଶ୍ୱରୀ ପଣ୍ଡା ସ୍ୱରଚିତ ଗଳ୍ପ ପାଠ କରିଥିଲେ। ପରେ ଅଧ୍ୟାପିକା ମାନିନୀ ଜେନା ଓ ମିନତି ମିଶ୍ରଙ୍କ ମିଳିତ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ଇତିଶ୍ରୀ ପତି, ମନମୋହନ ମିଶ୍ର, ସୁସ୍ମିତା ଶତପଥୀ ପ୍ରମୁଖ କବିତା ପାଠ କରିଥିଲେ। ସର୍ବଶ୍ରୀ ପ୍ରଦୀପ୍ତ ବାରିକ, ନନ୍ଦ କିଶୋର ବିଶ୍ୱାଳ, ରମେଶ ପଟ୍ଟନାୟକ, ରମଣ ଆଗ୍ରୱାଲ, ଆଭାସ ବରାଳ କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ। ଶେଷରେ ଅନୁଷ୍ଠାନର ଉପସଭାପତି ବିଭୂତି ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

# କର୍ମକ୍ଷେତ୍ରରେ ପିତାମାତା; ପିଲାଙ୍କ ହାତରେ ମୋବାଇଲ୍

**ଆଜି ଜାତୀୟ ପିତାମାତା ଦିବସ**

ଭୁବନେଶ୍ୱର, ୨୬।୭ (ସମିସ)

ଯୁଗ ବଦଳିବା ସହିତ ବଦଳିଗଲେଣି ଲୋକମାନେ। ଯେଉଁ ଅଭିଭାବକମାନେ ନିଜେ ଛୋଟ ଥିବା ବେଳେ ବାଲି ଧୂଳିରେ ଖେଳୁଥିଲେ, ମାଟିରେ ସୁନ୍ଦର ସୁନ୍ଦର ଖେଳନା ତିଆରି କରୁଥିଲେ ଏବେ ସେହି ଲୋକମାନେ ଏବେ ପିଲାମାନଙ୍କୁ ଏସବୁରୁ ଦୂରେଇ ରଖିଛନ୍ତି। ପିଲାଟି ଏକାକୀ ଘର ଭିତରେ ରହିଯାଉଛି। ଏବଂ ମୋବାଇଲ ସହିତ ଅଧିକ ସମୟ ବିତାଉଛନ୍ତି। ଯଦି ଦେଖିବା ତେବେ ଦୁଇବର୍ଷରୁ ୫ବର୍ଷର ପିଲାମାନେ ଅଧିକାଂଶ ଏକେଲାପଣର ଶିକାର ହେଉଛନ୍ତି ବୋଲି ଡାକ୍ତରମାନେ ମତ ଦିଅନ୍ତି।

ସହରରେ ମଧ୍ୟ ଅନେକ ପିଲାଙ୍କ ବାପା, ମା କର୍ମଜୀବୀ ହୋଇଥିବାରୁ ପିଲାକୁ ଅଧିକ ସମୟ ଦେଇ ପାରନ୍ତି ନାହିଁ। ଯେଉଁଥିପାଇଁ ପିଲାଟି ମୋବାଇଲ ଉପରେ ନିର୍ଭର କରିଥାଏ। ୨.୫ବର୍ଷ ରୁ ୫ ବର୍ଷର ପ୍ରାୟ ୯୦ ପ୍ରତିଶତ ପିଲା ମୋବାଇଲ ସାଙ୍ଗରେ ସମୟ ବିତାଉଛନ୍ତି। କ୍ୟାପିଟାଲ ହସ୍ପିଟାଲର ସାଇକ୍ୟାଟ୍ରିକ୍ ବିଭାଗକୁ ପ୍ରତିଦିନ ୧୫ ରୁ ୨୦ ଜଣ ୧୪ ବର୍ଷରୁ କମ ଶିଶୁ ନିଜର ସ୍ୱାସ୍ଥ୍ୟ ଦେଖାଇବାକୁ ଆସୁଥିବା ଜଣା ପଡ଼ିଛି। ଶିଶୁମାନେ ମୋବାଇଲ ଦେଖିବା ସମସ୍ୟା ଗାଁ ରୁ ନେଇ ସହର ପର୍ଯ୍ୟନ୍ତ ସବୁଠି ଦେଖଯାଉଛି। ଅତ୍ୟାଧିକ ମୋବାଇଲ ଦେଖିବା ଦ୍ୱାରା ଶିଶୁର ମାନସିକ ଓ ଶାରୀରିକ ଭାବରେ ବୌଦ୍ଧିକ ବିକାଶ ହେଉନାହିଁ। ମୋବାଇଲ ସହ ପିଲା ଏତେ ଅଭ୍ୟସ୍ତ ହୋଇଯାଇଥାନ୍ତି ମୋବାଇଲରେ ଭିଡ଼ିଓ ଗେମ୍, ଅଶିଳ୍ପ ଭିଡ଼ିଓ ଦେଖିବାରେ ଅଭ୍ୟସ୍ତ ହୋଇଯାଆନ୍ତି। ଯେଉଁଥିପାଇଁ



ବିଭିନ୍ନ ସମୟରେ କିଛି କଥାରେ ଚିଡ଼ିଚିଡ଼ା ପଣ ଓ ଆତ୍ମହତ୍ୟା କରିବା ପାଇଁ ଧମକ ଦେବା ସହ ଅତ୍ମହତ୍ୟା କରୁଥିବାର ଦେଖାଯାଉଛି।

ଶିଶୁମାନେ ଖାଇବା ବେଳେ ଅଧିକ ଅଝଟ ହୋଇଥାନ୍ତି ଯେଉଁଥିପାଇଁ ଘରଲୋକ ମୋବାଇଲର ସାହାର୍ଯ୍ୟ ନେଇଥାନ୍ତି। ଏହି ସମୟରୁ ମୋବାଇଲ ଶିଶୁର ମୋବାଇଲ ଦେଖା ଆରମ୍ଭ ହୁଏ। କିନ୍ତୁ ଏହି ସମୟରେ ଟିଭି ଦେଖାଇବା ସହ ଘର ଆଖପାଖର ଲୋକଙ୍କ ସଂସ୍ପର୍ଶରେ ଛୁଆକୁ ଯେତେ ଅଧିକ ମିଶାଇବା ଶିଶୁଟିଏ ମୋବାଇଲ ଠାରୁ ଦୂରେଇବା ଆରମ୍ଭ କରିବ। ସ୍କୁଲ ଯିବା ସମୟରେ ପାଠ ସହିତ ଅନ୍ୟ ସୃଜନଶୀଳତାକୁ ଗୁରୁତ୍ୱ ଦେବା ଏବଂ ଛୁଟି ଦିନରେ ଶିଶୁମାନଙ୍କ ସହିତ ଯେତେ ଅଧିକ ସମୟ ବିତାଇବା ସେମାନେ ମୋବାଇଲଠାରୁ ସମ୍ପୂର୍ଣ୍ଣ ଭାବରେ ଦୂରେଇ ରହିବେ ବୋଲି କ୍ୟାପିଟାଲ ହସ୍ପିଟାଲର ସାଇକୋଲୋଜିଷ୍ଟ ଡ଼ ସୁସେଣ ନାୟକ କହିଛନ୍ତି।

# ଖାଦ୍ୟ ଯୋଗାଣ ମନ୍ତ୍ରୀଙ୍କ ତେନ୍ତୁଳିଖୁଣ୍ଟି ବ୍ଲକ୍ ଗସ୍ତ



ତେନ୍ତୁଳିଖୁଣ୍ଟି, ୨୬।୭ (ସମିସ): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ଗସ୍ତ କରିଛନ୍ତି ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ତଥା ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର। ତେନ୍ତୁଳିଖୁଣ୍ଟି ବ୍ଲକରେ ଆୟୋଜିତ 'ମା ପାଇଁ ଗଛଟିଏ କାର୍ଯ୍ୟକ୍ରମରେ ଯୋଗଦେଇ ମନ୍ତ୍ରୀ ଚାରାରୋପଣ କରିଥିଲେ। ତେନ୍ତୁଳିଖୁଣ୍ଟି ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଆୟୋଜିତ ନୂତନ ଖାଉଟି କାର୍ଡ ବଣ୍ଟନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସେ କାର୍ଡ ବଣ୍ଟନ କରିଥିଲେ। ସରକାର ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରିବା ଲକ୍ଷ୍ୟରେ କାର୍ଯ୍ୟ କରୁଥିବା ସେ କହିବା ସହ ସମସ୍ତେ କାର୍ଡ ପାଇଁ ଆବେଦନ କରିବା ପାଇଁ ମନ୍ତ୍ରୀ ଶ୍ରୀ ପାତ୍ର ନିବେଦନ କରିଥିଲେ। ନିର୍ବାଚନ ପୂର୍ବରୁ ବିଜେପି ଦେଇଥିବା ସମସ୍ତ ପ୍ରତିଶ୍ରୁତି ପୂରଣ ହୋଇଥିବା କହିବା ସହ ଚାଷୀଙ୍କୁ ଇନ୍‌ପୁଟ ସବ୍‌ସିଡି ସହ କ୍ୟୁଣ୍ଟାଲ ପିଛା ୩୧୦୦ ଟଙ୍କା ପ୍ରଦାନ କରାଯାଇଥିବା ଏବଂ ସୁଭଦ୍ରା ଯୋଜନାରେ ମହିଳାଙ୍କୁ ୫୦୦୦୦ ଟଙ୍କା ପର୍ଯ୍ୟନ୍ତ ପ୍ରଦାନ କରାଯାଉଥିବା କହିଥିଲେ। ଯେମିତି ଜଣେ ମଧ୍ୟ ଯୋଗ୍ୟ ହିତାଧିକାରୀ କାର୍ଡରୁ ବଞ୍ଚିତ ହେବେନାହିଁ, ସେଥିପ୍ରତି ସରକାର ବେଶ୍ ଯତ୍ନବାନ ଥିବା ପ୍ରକାଶ କରିଥିଲେ। ମନ୍ତ୍ରୀଙ୍କ ଏହି ଗ୍ରସ୍ତ ସମୟରେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ଉପସ୍ଥିତ ସରକାରଙ୍କ ସମସ୍ତ ଜନାଭିମୁଖୀ ଯୋଜନା ଘରେ ଘରେ ପହଞ୍ଚାଇବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ବିଶ୍ୱଜିତ ବର୍ମନ, ତେନ୍ତୁଳିଖୁଣ୍ଟି ସାଂସଦ ପ୍ରତିନିଧି ସନ୍ତୋଷ କୁମାର ପାତ୍ର, ଜିଲ୍ଲା ଯୋଗାଣ ଅଧିକାରୀ ଦେବାଶିଷ ମହାପାତ୍ର, ତେନ୍ତୁଳିଖୁଣ୍ଟି ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ କୁମାର ପାଣିଗ୍ରାହୀ, ତେନ୍ତୁଳିଖୁଣ୍ଟି ବ୍ଲକ ଅଧକ୍ଷା ନିଁଳେନ୍ଦ୍ରି ନାୟକ, ଉପାଧକ୍ଷ ରାଜେନ୍ଦ୍ର ବିଶୋଇ ପ୍ରମୁଖ ମଞ୍ଚାସୀନ ଥିଲେ। ଉପାଧକ୍ଷ ଶ୍ରୀ ବିଶୋଇ ଧନ୍ୟବାଦ ଅର୍ପଣ କରିଥିଲେ।

**ଲଘୁଚାପର ପ୍ରଭାବ**

# ୪୮ ଘଣ୍ଟାରେ ୮୦୬ ମିଲିମିଟର ବର୍ଷା

କୋରାପୁଟ, ୨୬।୭ (ସମିସ)



କୋରାପୁଟ ଜିଲ୍ଲାରେ ଲଘୁଚାପ ପ୍ରଭାବରେ ଲଗାଣ ବର୍ଷା ଜାରି ରହିଛି। ଲଗାଣ ବର୍ଷା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ୪୮ ଘଣ୍ଟା ମଧ୍ୟରେ ଜିଲ୍ଲାରେ ୮୦୬.୯ ମିଲିମିଟର ବର୍ଷା ରେକର୍ଡ଼ କରାଯାଇଥିବା ଜିଲ୍ଲା ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଦୁଇ ଦିନରେ ଜିଲ୍ଲାର ସର୍ବାଧିକ କୋଟପାଡ଼ ବ୍ଲକରେ ୧୪୯ ମିଲିମିଟର ବର୍ଷା ରେକର୍ଡ଼ କରାଯାଇଛି। ଜିଲ୍ଲାର ୧୪ ଟି ବ୍ଲକ ମଧ୍ୟରେ ବନ୍ଧୁଗାଁ

**■ ଜନଜୀବନ ଅସ୍ତବ୍ୟସ୍ତ**

ବ୍ଲକରେ ୨୫, ବୈପାରିଗୁଡା ୯୭, ବୋରିଗୁମ୍ମା ୨୮.୬, ଦଶମନ୍ତପୁର ୯୩, ଜୟପୁର ୭୫, କୋରାପୁଟ ୭୫, କୁନ୍ଦୁରା ୫୭.୬, ଲମତାପୁଟ ୭୧.୨, ଲକ୍ଷ୍ମୀପୁର ୧୫, ନନ୍ଦପୁର ୪୨.୩, ନାରାୟଣପାଟଣା ୧୧.୮, ପଟ୍ଟାଙ୍ଗୀ ୧୧.୪ ଓ ସେମିଳିଗୁଡା ବ୍ଲକରେ ୫୫.୦ ମିଲିମିଟର ବର୍ଷା ରେକର୍ଡ଼ କରାଯାଇଛି। କୋରାପୁଟ ଜିଲ୍ଲାକୁ ରାଜ୍ୟ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପ୍ରବଳ ବର୍ଷା ନେଇ ୱାର୍ନିଂ ଜାରି କରା ଯାଇଥିବା ବେଳେ ଦିନତମାମ ବର୍ଷା ଲାଗି ରହିଛି। ଜିଲ୍ଲାର ବିଭିନ୍ନ ଜଳଭଣ୍ଡାରରେ ଜଳସ୍ତର ବୃଦ୍ଧି ହେବାର ଲାଗିଥିବା ବେଳେ ତଳିଆ ଅଞ୍ଚଳରେ ପାଣି ଜମିବା ଆଶଙ୍କା ରହିଛି। ପ୍ରଶାସନ ପକ୍ଷରୁ ସମସ୍ତ ବ୍ଲକର ତହସିଲଦାର ଓ ବିଡ଼ିଓ ମାନଙ୍କୁ ସଜାଗ ରହିବା ସହ ଭୂସ୍ଖଳନ ଅଞ୍ଚଳ ଉପରେ ତୀକ୍ଷ୍ଣ ନଜର ରଖା ଯାଇଥିବା ଜିଲ୍ଲା ଜରୁରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଯେକୌଣସି ପରିସ୍ଥିତିର ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଇଥିବା ସୂଚନା ରହିଛି। ଲଘୁଚାପ ପ୍ରଭାବରେ ଜିଲ୍ଲାରେ ଦିନତମାମ ବର୍ଷା ଲାଗି ରହିଥିବା ବେଳେ କୋରାପୁଟ ସହରରେ ପ୍ରବଳ ବର୍ଷା ହୋଇଛି। ଲଗାଣ ବର୍ଷାରେ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡ଼ିଛି। ରାସ୍ତାଘାଟ ଜଳମୟ ହୋଇଯାଇଥିବା ବେଳେ ପଥଚାରୀ ଏବଂ ଉଠାଦୋକାନୀ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହୋଇଥିଲେ। ବର୍ଷା ଜନିତ କ୍ଷୟକ୍ଷତି ପାଇଁ ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ସଜାଗ ଥିବା ବେଳେ ବ୍ଲକ ବିଡିଓ ଓ ତହସିଲଦାର ମାନଙ୍କୁ ସତର୍କ ରହିବା ପାଇଁ କୁହାଯାଇଛି। ପ୍ରବଳ ବର୍ଷା ସମ୍ଭାବନା ଥିବା ଯୋଗୁଁ ପାହାଡ଼ିଆ ଅଞ୍ଚଳରେ ମଧ୍ୟ ପ୍ରଶାସନିକ ପ୍ରସ୍ତୁତି ହୋଇଥିବା ବିଭାଗ ପକ୍ଷରୁ କୁହାଯାଇଛି। ପାହାଡିଆ ପାଖ ଅଞ୍ଚଳରେ କଚ୍ଚା ଘରେ ରହୁଥିବା ଲୋକମାନେ ପାଖରେ ଥିବା ଆଶ୍ରୟସ୍ଥଳୀରେ ରହିବା ପାଇଁ ପ୍ରଶାସନ ତରଫରୁ ସମସ୍ତ ବ୍ୟବସ୍ଥା କରାଯାଇଛି। ଯେକୌଣସି ପରିସ୍ଥିତିକୁ ସାମ୍ନା କରିବା ପାଇଁ ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବା ବିଭାଗ ପକ୍ଷରୁ କୁହାଯାଇଛି।

# ଯୌନ ନିର୍ଯାତନା ନିବାରଣ ସଚେତନତା ବୈଠକ




ରାୟଗଡ଼ା, ୨୬।୭ (ସମିସ): ରାୟଗଡ଼ା କମ୍ୟୁନିଟି ରେଡିଓ ପକ୍ଷରୁ ବିଶ୍ୱ ପ୍ରସାରଣ ଦିବସ ପାଳନ ଅବସରରେ ସ୍ଥାନୀୟ ସେଞ୍ଚୁରିୟାନ ଶିକ୍ଷାନୁଷ୍ଠାନରେ ଯୌନ ନିର୍ଯାତନ ନିବାରଣ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜାତୀୟ ସାମାଜି ଅଡିଟ କାଉନସିଲର ଡ.ଏନ.କେ.ମିଶ୍ର, ଆଇସିସି ନିର୍ଦ୍ଦେଶକ ଡ.କାମାଖି ପ୍ରସାଦ ଦାଶ, ଶେଷଖାଲ ଥାନା ଆଇଆଇସି ମୁନି ଆଚାରି, ରାୟଗଡ଼ା କମ୍ୟୁନିଟି ରେଡିଓ ସହକାରୀ ନିର୍ଦ୍ଦେଶକ ବ୍ୟୋମକେଶ ମହାନ୍ତି ଓ ଷ୍ଟେସନ ମ୍ୟାନେଜର ପ୍ରିନ୍ସ ପ୍ରିୟଦର୍ଶିନୀ ମାଝି ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଯୌନ ନିର୍ଯାତନା ନିବାରଣ ବିଷୟରେ ସଚେତନତା ବୃଦ୍ଧି କରିବା ଏବଂ ମର୍ଯ୍ୟାଦା ଏବଂ ସମ୍ମାନର ସଂସ୍କୃତିକୁ ପ୍ରୋତ୍ସାହିତ କରିବା ଏହି ବୈଠକର ମୂଳ ଉଦ୍ଦେଶ୍ୟ ଥିଲା। ଉପସ୍ଥିତ ବକ୍ତାମାନେ ଏହି ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମ ଆୟୋଜନ କରିଥିବାରୁ ସମସ୍ତେ ରାୟଗଡ଼ା କମ୍ୟୁନିଟି ରେଡିଓ କର୍ମକର୍ତ୍ତାଙ୍କ ପ୍ରଶଂସା କରିଥିଲେ।

**■ ବନ୍ଧୁଗାଁ ବ୍ଲକ ବିଜେଡି ସଭାପତି ଅସୁସ୍ଥ**

# ଚିକିତ୍ସା ପାଇଁ ବିଶାଖାପାଟଣା ମେଡିକାଲରେ ଭର୍ତ୍ତି



ବନ୍ଧୁଗାଁ, ୨୬।୭ (ସମିସ): ବନ୍ଧୁଗାଁ ବ୍ଲକ ବିଜେଡି ସଭାପତି ବାଲା ନାଗ ଦୀର୍ଘ ଦିନ ଧରି ଅସୁସ୍ଥ ହୋଇ ବିଶାଖାପାଟଣା ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଛନ୍ତି। ସୂଚନା ଅନୁଯାୟୀ

**■ କାମ କରୁନି ଆୟୁଷ୍ମାନ କାର୍ଡ**

ଚଳିତ ମାସ ୧୫ ତାରିଖରୁ ଭୀଷଣ ଜ୍ୱର ହେଉଥିବାରୁ ବନ୍ଧୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସେ ଦୀର୍ଘ ୬ ଦିନ ଧରି ଚିକିତ୍ସିତ ହେଉଥିଲେ। ପରେ ଜ୍ୱର ନ କମିବା, କାଶ ସହିତ ନିଶ୍ୱାସ ପ୍ରଶ୍ୱାସ ନେବାରେ ବାଧା ସୃଷ୍ଟି ହେବାରୁ ବିଶାଖାପାଟଣା ଆପଲା ଆରିଲୋଭା ନିକଟସ୍ଥ ବର୍ମା ହସ୍ପିଟାଲରେ ସେ ଚିକିତ୍ସିତ ହେଉଛନ୍ତି। ବର୍ତ୍ତମାନ ତାଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ରହିଛି। ଚିକିତ୍ସା ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ଆୟୁଷ୍ମାନ ସ୍ୱାସ୍ଥ୍ୟ କାର୍ଡ କାମ କରୁ ନ ଥିବା ଅଭିଯୋଗ ହେଉଛି।

**ଡ୍ରେନ୍ ଭିତରେ ପାନୀୟ ଜଳଯୋଗାଣ ପାଇପ୍**

# ଫଟା ପାଇପ୍ ଦେଇ ଘରକୁ ଯାଉଛି ଡ୍ରେନ୍ ପାଣି



କୋଟପାଡ଼, ୨୬।୭ (ସମିସ): କୋଟପାଡ଼ ଏନ୍‌ଏସିରେ ଜନସ୍ୱାସ୍ଥ୍ୟ ବିଭାଗ ତରଫରୁ ଜନସାଧାରଣଙ୍କୁ ବିଶୁଦ୍ଧ ପାଣି ବଦଳରେ ନର୍ଦ୍ଦମା ପାଣି ଯୋଗାଣ ହେଉଥିବା ଅଭିଯୋଗ ହେଉଛି। ସହର ଦେଇ ଯାଇଥିବା ଜାତୀୟ ରାଜପଥ ପାର୍ଶ୍ୱ ଦେଇ ଯାଇଥିବା ମୁଖ୍ୟ ପାଇପ୍‌ଟି ଫାଟି ଯାଇଥିବା ଯୋଗୁଁ ପିଇବା ପାଣି ସବୁ ପାର୍ଶ୍ୱ ନାଳରେ ବହୁଛି। ମୁଖ୍ୟ ପାଇପ୍‌ଟି ଡ୍ରେନ୍ ଉପରେ ଯାଇଥିବାରୁ ବର୍ଷା ଦିନେ ଡ୍ରେନରେ ପାଣି ଭରିବା ଯୋଗୁଁ ପାଇପ୍‌ଟି ପାଣିରେ ବୁଡି ହୋଇ ରହୁଛି। ଫଳରେ ଫଟା ପାଇପ୍ ଦେଇ ଆବର୍ଜନା ପାଣି ଲୋକଙ୍କ ଘରକୁ ଆସୁଛି। ଡ୍ରେନ ଭିତରେ ଥିବା ପାଇପ୍‌ରୁ ଅଧିକାଂଶ ପାଇପ୍‌ରେ ଜଳଯୋଗାଣ କରାଯାଉଛି। ଲୋକଙ୍କ ଘରକୁ ସଂଯୋଗ ପାଣି ପାଇପ କେଉଁଠି ନର୍ଦ୍ଦମା ଭିତରୁ ଯାଇଛି ତ ଆଉ କେଉଁଠି ସେପ୍‌ଟିକ ନାଳ ଭିତରୁ ଯାଇ ଘରେ ପଶିଛି। ଅନେକ ପାଇପ ଲାଇନ୍ ଭୂତଳ ନର୍ଦ୍ଦମା ଦେଇ ମଧ୍ୟ ଯାଇଛି। ଏହି ପାଇପ ଦେଇ ପାନୀୟ ଜଳ ଯୋଗାଣ ହେଉଥିବା ପାଣିର ବିଶୁଦ୍ଧତାକୁ ନେଇ ଲୋକଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଛି। ନର୍ଦ୍ଦମା ଭିତରେ ଅତି ବିପଦ୍‌ଜନକ ଭାବରେ ପାଇପ୍ ଗୁଡ଼କ ଥିବାରୁ ପାନୀୟ ଜଳ ପ୍ରଦୂଷଣ ହେବାର ଯଥେଷ୍ଟ ଆଶଙ୍କା ରହିଛି। ପୂର୍ବରୁ ମଧ୍ୟ ଅନେକ ଥର ଏଭଳି ପାନୀୟ ଜଳ ପ୍ରଦୂଷିତ ହୋଇ ବହୁ ଲୋକ ଜଣ୍ଡିସ ରୋଗରେ ସଂକ୍ରମିତ ହୋଇଛନ୍ତି। ଏହି ମୌସୁମୀ ଋତୁରେ ନାଳ ଭିତର ଦେଇ ଯାଉଥିବା ପାନୀୟ ଜଳ ପାଇପର ପାଣି ପ୍ରଦୂଷିତ ହୋଇ ବିଭିନ୍ନ ରୋଗ ବ୍ୟାପୀବାର ଆଶଙ୍କା ଥିବାରୁ କର୍ତ୍ତୃପକ୍ଷ ସ୍ୱତନ୍ତ୍ର ଅନୁଧ୍ୟାନ କରି ନାଳ ମଧ୍ୟରେ ଥିବା ପାଇପ୍ ଲାଇନ୍ ଗୁଡ଼ିକୁ ତୁରନ୍ତ ବଦଳାଇବାକୁ ଦାବି ହେଉଛି।

**■ ନନ୍ଦପୁରରେ ଜିଓ ନେଟୱର୍କ ସମସ୍ୟା**

# ତିନି ମାସର ରିଚାର୍ଜ ଟଙ୍କା ଫେରାଇବା ପାଇଁ ଦାବି



ନନ୍ଦପୁର, ୨୬।୭ (ସମିସ): ମୋବାଇଲ୍ ଫୋନ୍ ଏବେ ଲୋକଙ୍କର ଅତ୍ୟାବଶ୍ୟକ ସାମଗ୍ରୀ ମଧ୍ୟରୁ ଗୋଟିଏ କହିଲେ ଅତ୍ୟୁକ୍ତି ହେବ ନାହିଁ। ଯୋଗାଯୋଗ ସହ ପାଠପଢ଼ା, ଚିକିତ୍ସା ସୁବିଧା, ବ୍ୟାଙ୍କ କାର୍ଯ୍ୟ ଭଳି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାମ ପାଇଁ ମୋବାଇଲ୍ ଫୋନର ଜରୁରୀ ଆବଶ୍ୟକତା ରହିଛି। ତେବେ ନନ୍ଦପୁର ଅଞ୍ଚଳରେ ମୋବାଇଲ୍ ନେଟ୍‌ୱର୍କ ସମସ୍ୟା ଲୋକଙ୍କ ବିଭିନ୍ନ କାର୍ଯ୍ୟକୁ ପ୍ରଭାବିତ କରୁଛି। ଗତ ଏକ ମାସ ହେଲା ନନ୍ଦପୁର ବ୍ଲକର ବିଭିନ୍ନ ପଞ୍ଚାୟତରେ ନେଟୱର୍କ ସମସ୍ୟା ଲାଗି ରହିଛି। ହୀକୀମପୁଟ ଗ୍ରାମରେ ଘର ଦ୍ୱାରମୁହଁକୁ ପହଞ୍ଚି ପାରୁନି ଜିଓ ନେଟୱର୍କ ସିଗନାଲ। ଏହି ସମସ୍ୟା ଯେ ଦିନକର, ତାହା ନୁହେଁ। ଲୋକଙ୍କ କହିବା ଅନୁସାରେ ଏକ ମାସରୁ ଅଧିକ ସମୟ ହେବ ଏହି ସମସ୍ୟା ଲାଗି ରହିଛି। ତେଣୁ ତିନି ମାସର ରିଚାର୍ଜ ଟଙ୍କା ଉପଭୋକ୍ତାଙ୍କୁ ଫେରାଇବାକୁ ଲୋକେ ଜିଓ କମ୍ପାନୀଠାରେ ଦାବି କରିଛନ୍ତି। ୨୩ ଗୋଟି ଗ୍ରାମ ପଞ୍ଚାୟତରେ ଜିଓ ନେଟୱର୍କ ସମସ୍ୟା ଲାଗି ରହିଛି। ତୁରନ୍ତ କର୍ତ୍ତୃପକ୍ଷ ଏହାର ସମାଧାନ କରିବାକୁ ଦାବି ହେଉଛି।

# କୁଶ ମହାନନ୍ଦିଆଙ୍କୁ ରାଜ୍ୟସ୍ତରୀୟ ପୁରସ୍କାର



ସୁନାବେଡ଼ା, ୨୬।୭ (ସମିସ): ସୁନାବେଡ଼ା ମ୍ୟୁନିସିପାଲିଟିର ସଫେଇ କର୍ମଚାରୀ କୁଶ ମହାନନ୍ଦିଆ ଶ୍ରେଷ୍ଠ କର୍ମଚାରୀ ଭାବେ ପୁରସ୍କୃତ ହୋଇଛନ୍ତି। ଏହି ସମ୍ମାନ ଭୁବନେଶ୍ୱରର ଲୋକସଭା ଭବନରେ ଆୟୋଜିତ ସଫେଇ କର୍ମଚାରୀଙ୍କ ପାଇଁ କାର୍ଯ୍ୟକାରୀ ହେଉଥିବା 'ଗରିମା' ଯୋଜନା ସମ୍ପର୍କୀତ ଜାତୀୟ କର୍ମଶାଳାରେ ଶ୍ରୀ ମହାନନ୍ଦିଆଙ୍କୁ ଦିଆଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ସମେତ ବହୁ ରାଜ୍ୟ ସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ। ଶ୍ରୀ କୁଶଙ୍କ ଏହି ସଫଳତା ସୁନାବେଡ଼ା ଅଞ୍ଚଳ ପାଇଁ ଗର୍ବର ବିଷୟ ହୋଇଛି। ସେ ଗତ କିଛି ବର୍ଷ ଧରି ସ୍ୱଚ୍ଛତା ରଖିବା ଓ ନିଷ୍ଠାପର ସେବା ପ୍ରଦାନ କରି ଆସିଛନ୍ତି। ତାଙ୍କର ଏହି ପରିଶ୍ରମ ଓ ନିବେଦନକୁ ଦୃଷ୍ଟିରେ ରଖି ସରକାର ଏହି ପୁରସ୍କାର ଦେଇ ସମ୍ମାନିତ କରିଛନ୍ତି। ଶ୍ରୀ ମହାନନ୍ଦିଆଙ୍କୁ ଏହି ପୁରସ୍କାର ମିଳିବା ପରେ ସେ କହିଛନ୍ତି ଆଗାମୀ ଦିନରେ ଆହୁରି ଅଧିକ ନିଷ୍ଠାର ସହିତ କାମ କରିବେ। ସୁନାବେଡା ପୌର ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁଜିତ କୁମାର ଚୌଧୁରୀ, ବରିଷ୍ଠ କର୍ମଚାରୀ ଲକ୍ଷ୍ମୀଧର ମହାପାତ୍ର ଓ ଅନ୍ୟ କର୍ମଚାରୀମାନେ ଶ୍ରୀ କୁଶଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଦୁଇ ଟ୍ରକ୍ ମୁହାଁମୁହିଁ ଧକ୍କା, ଚାଳକ ଗୁରୁତର



ପଟ୍ଟାଙ୍ଗି, ୨୬।୭ (ସମିସ): କୋରାପୁଟ ଜିଲ୍ଲା ଓଡ଼ିଶା ସୀମାନ୍ତ ସୁଙ୍କି ଥାନା ଅନ୍ତର୍ଗତ ପନସାମଗୁଡ଼ି ଗ୍ରାମ ନିକଟରେ ଟ୍ରକ୍ ସହ ଟ୍ରକ୍ ମୁହାମୁହିଁ ଧକ୍କାରେ ଚାଳକ ଗୁରୁତର ହୋଇ ଆନ୍ଧ୍ର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛି। ସୂଚନା ଅନୁଯାୟୀ ଓଡ଼ିଶା ଠାରୁ ଆନ୍ଧ୍ର ଅଭିମୁଖେ ଯାଉଥିବା ଏପି ୩୯ ୟୁଡ଼ି ୮୩୩୯ ଟ୍ରକ ସହ ଆନ୍ଧ୍ରରୁ ଓଡ଼ିଶା ଅଭିମୁଖେ ଆସୁଥିବା ଏକ ଟ୍ରକ ସିଜି ୦୪ କ୍ୟୁଜି ୦୫୯୭ ସହ ମୁହାମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣାରେ ଆନ୍ଧ୍ର ଅଭିମୁଖେ ଯାଉଥିବା ଟ୍ରକ୍ ଡ୍ରାଇଭର ନିଜ ଟ୍ରକ ଭିତରେ ଚାପି ହୋଇ ରହି ଯାଇଥିଲେ। ଡ୍ରାଇଭରଙ୍କ ଭେଙ୍କେଟ ରାମଣା ଜାମ୍ପା ବୋଲି ଜଣାପଡ଼ିଛି। ପୁଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କ ସହ ମିଶି ଡ୍ରାଇଭର ଜଣଙ୍କୁ ଉଦ୍ଧାର କରି ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ସେଠାରେ ତାଙ୍କୁ ପ୍ରାଥମିକ ଚିକିତ୍ସା କରିବା ସହ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ପଠାଯାଇଥିଲା। କିନ୍ତୁ ତାଙ୍କୁ ଆନ୍ଧ୍ର ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିବା ଜଣାପଡଛି।

## କାହା ସ୍ୱାର୍ଥରେ ଜଙ୍ଗଲ ଭିତରେ ମାର୍କେଟ୍ କମ୍ପ୍ଲେକ୍ସ

ପୋଡ଼ାଗଡ଼, ୨୬।୭ (ସମିସ): ଲୋକଙ୍କ ସୁବିଧା ପାଇଁ ଅନେକ ସ୍ଥାନରେ ମାର୍କେଟ କମ୍ପେଲକ୍ସ ତିଆରି କରାଯାଇଛି। ଚାଷୀ, ବ୍ୟବସାୟୀ ଅଥବା ସ୍ଥାନୀୟ ଜନସାଧାରଣଙ୍କ ଉପକାରରେ ଯଦି ଏହା ନ ଆସେ ତାହାହେଲେ, ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କା ପାଣିରେ ପଡ଼ିବ। ଏହିପରି ଏକ ଦୃଶ୍ୟ ଦେଖିବାକୁ ମିଳିଛି କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକର ଏ ମାଲକାନଗିରି ପଞ୍ଚାୟତ ଅନ୍ତର୍ଗତ ଜଗି ମାଲିଗୁଡ଼ା ନିକଟରେ। ଆଦର୍ଶ ବିଦ୍ୟାଳୟରୁ ପ୍ରାୟ ୧୦୦ ମିଟର ଦୂର ଜଙ୍ଗଲ ରାସ୍ତାରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା କୋରାପୁଟ ପକ୍ଷରୁ ପ୍ରାୟ ୫୫୦୦୦୦ ଟଙ୍କା ବିନିମୟରେ ୨୦୨୩-୨୪ ଆର୍ଥିକ ବର୍ଷରେ ଏହା ନିର୍ମାଣ କରାଯାଇଛି। ଏହା ଜିଗ ମାଲିଗୁଡାର ଚାଷୀ ମାନଙ୍କ ପାଇଁ, କାଉଗୁଡାର ଷ୍ଟ୍ରବେରି ଚାଷୀ ମାନଙ୍କ ପାଇଁ ନିର୍ମାଣ କରାଯାଇଥିବା ସ୍ଥାନୀୟ ଲୋକେ କହିଛନ୍ତି। କିନ୍ତୁ କାଉଗୁଡା ଗ୍ରାମ ନିକଟରେ ଏହି ମାର୍କେଟ କମ୍ପେଲକ୍ସ ହେବା କଥା। କିନ୍ତୁ କାଉଗୁଡାରୁ ପ୍ରାୟ ପାଞ୍ଚ କିଲୋମିଟର ଦୂରରେ ଏକ ଜଙ୍ଗଲ ନିକଟରେ ଏହି ମାର୍କେଟ କମ୍ପେଲକ୍ସଟି ହୋଇଥିବାରୁ ଚାଷୀ ମାନଙ୍କ କିମ୍ବା କୌଣସି ଲୋକର ଉପକାର ହେଉନଥିବା ଦେଖାଦେଇଛି। କାଉଗୁଡା ଗ୍ରାମବାସୀ କହିବା ମୁତାବକ କାହାର ସ୍ୱାର୍ଥ ବା କାହାର ନିର୍ଦ୍ଦେଶରେ ଉକ୍ତ ଜଙ୍ଗଲ ରାସ୍ତାରେ ନିର୍ମାଣ କରାଯାଇଛି ତାହା ଲୋକଙ୍କୁ ଚକିତ କରିଛି। ଠିକାଦାର ଓ ବିଭାଗୀୟ ଯନ୍ତ୍ରୀ କାମ କରି ମାଲାମାଲ। କିନ୍ତୁ ଚାଷୀର ଯେଉ ଅବସ୍ଥାକୁ ସେହି ଅବସ୍ଥା। ଏହାର ତଦନ୍ତ କରାଯିବାକୁ ଦାବି ହେଉଛି।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଜ୍ଞାନ ମେଳା

ଲକ୍ଷ୍ମୀପୁର, ୨୬।୭ (ସମିସ)

କୋରାପୁଟ ଲକ୍ଷ୍ମୀପୁର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶନିବାର ଦିନ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଆୟୋଜନ କରାଯାଇଥିଲା। ଏଥିରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ସରୋଜ କୁମାର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଶୁଭାରମ୍ଭ କରାଯାଇଥିଲା। ବିଜ୍ଞାନ ପ୍ରମୁଖ ଅନୁପମା ତୁରୁକ୍ ଉଦ୍ଦେଶ୍ୟ ଜ୍ଞାପନ ଓ ଆରତୀ ପ୍ରିୟଦର୍ଶିନୀ ସାହୁ ବନ୍ଦନା ପରିଚାଳନା କରିଥିଲେ। ବିଚାରକ ଭାବରେ ସରକାରୀ ଆବାସିକ ବାଳିକା ଉଚ୍ଚ ବିଦ୍ୟାଳୟ ମିନାପାଇର ବିଜ୍ଞାନ ଶିକ୍ଷକ ଦୁର୍ଗା ପ୍ରସାଦ ହୋତା ଯୋଗ ଦେଇଥିଲେ। ପୂଜାର୍ଚ୍ଚନା ସହ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରାଯାଇଥିଲା। ଉକ୍ତ ବିଜ୍ଞାନ ମେଳାରେ ଚଳଚମ୍ପି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଦୁର୍ଗା ପ୍ରସାଦ ଆଚାର୍ଯ୍ୟ, କେସ୍କାପାଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବିଜ୍ଞାନ ଶିକ୍ଷୟିତ୍ରୀ ରୀନା ପରିଡ଼ା ଓ ବିଜ୍ଞାନ ଛାତ୍ର ରାକେଶ କୁମାର ଜେନା ନିୟୋଜିତ ହୋଇଥିଲେ। ପରିଚାଳନା ସମିତିର ଉପ ସଭାପତି ମୌତୁସି ପ୍ରଧାନ, ସମ୍ପାଦକ ଏକଲବ୍ୟ ଚୌଧୁରୀ, ଯୁଗ୍ମ ସମ୍ପାଦକ ହେମନ୍ତ କୁମାର ସାହୁ ଓ କୋଷାଧ୍ୟକ୍ଷ ଧନେଶ୍ୱର ରାଉତ ଉପସ୍ଥିତ ଥିଲେ। ଶିଶୁ ବାଟିକା ଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୮୫ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଶିଶୁ ବର୍ଗର ଶକ୍ତି ସଂରକ୍ଷଣ ଉପରେ ଆଧାରିତ ନମୂନାରେ ସଂସ୍କୃତି ନାଗ ପ୍ରଥମ, ପ୍ରତ୍ୟୁଷ ଶତପଥୀ ଦ୍ୱିତୀୟ ଓ ରୋହନ ସାହୁ ତୃତୀୟ ସ୍ଥାନରେ ରହିଥିଲେ। ସେହିପରି କୃଷି ଉପରେ ଆଧାରିତ ନମୂନାରେ ପ୍ରଜ୍ଞା ପରିମିତା ଜୁଆଡି ପ୍ରଥମ, ଡିଲେଶ୍ୱରୀ ବିଶୋଇ (ଖ) ଦ୍ୱିତୀୟ ଓ ଶୁଭମ୍ ହିକକା ତୃତୀୟ ହୋଇଥିଲେ। ଆବର୍ଜନା ପ୍ରବନ୍ଧନା ଉପରେ ଆଧାରିତ ନମୂନା ରେ ଦିପ୍ତାଂଶୁ ଦାସ ପ୍ରଥମ, ଗୋବିନ୍ଦ ବିଶୋଇ ଦ୍ୱିତୀୟ ଓ ସତ୍ୟନାରାୟଣ ପଟ୍ଟନାୟକ ତୃତୀୟ ହୋଇଥିଲେ। ବଳର ପ୍ରକାର ଉପରେ ଆଧାରିତ ନମୂନାରେ ପ୍ରଜ୍ଞାଶ୍ରୀ ବେହେରା ପ୍ରଥମ ହୋଇଥିଲେ। ନୂତନ ପ୍ରୟୋଗ ନମୂନା ରେ ଅନନ୍ୟା ଅନୁପ୍ରୀୟା ଗରଡ଼ା ପ୍ରଥମ, ପ୍ରୀୟଂଶୁ ବାରିକ୍ ଦ୍ୱିତୀୟ ଓ ଜୟପ୍ରକାଶ ସାହୁ ତୃତୀୟ ହୋଇଥିଲେ। ବାଲ୍ ବର୍ଗର ସମ୍ବେଦକ ଉପରେ ଆଧାରିତ ନମୂନାରେ ପ୍ରହଲ୍ଲାଦ ଆଚାରୀ ପ୍ରଥମ, ବିଭାଶ ଭୋଇଁସା ଦ୍ୱିତୀୟ ଓ ମନୋଜ କୁମାର ସୁବୁଦ୍ଧି ତୃତୀୟ ହୋଇଥିଲେ। ଶିଶୁ ବାଟିକା ଠାରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଶିଶୁଙ୍କୁ ଶାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରତ୍ୟେକ ବିଷୟର ପ୍ରକଳ୍ପରେ ପ୍ରଥମ ହୋଇଥିବା ଶିଶୁ ଆସନ୍ତା ଅଗଷ୍ଟ ମାସ ୧୨ ତାରିଖରେ ସେମିଳିଗୁଡାରେ ହେବାକୁ ଥିବା ସଙ୍କୁଳସ୍ତରୀୟ ବିଜ୍ଞାନ ମେଳାରେ ଭାଗ ନେବେ ବୋଲି ପ୍ରଧାନ ଆଚାର୍ଯ୍ୟ ସୂଚନା ପ୍ରଦାନ କରିଥିଲେ। ଆଚାର୍ଯ୍ୟ ଗୋପୀନାଥ ମହାପାତ୍ର ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ମିଳିତ ଶିକ୍ଷକ ସଂଘର ବୈଠକ



ଡାବୁଗାଁ, ୨୬।୭ (ସମିସ): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ ସଦର ମହକୁମା ଜୟନ୍ତୀ ନଗର ସ୍ଥିତ ଶ୍ରୀରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ବ୍ଲକ ମିଳିତ ଶିକ୍ଷକ ସଂଘର ଏକ ବୈଠକ ଶନିବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସରକାରଙ୍କ ଗଣଶିକ୍ଷା ବିଭାଗ ଦ୍ୱାରା ପ୍ରଚଳିତ ୟୁନିଫାଏଡ୍ ଅଟୋମେଟିକ୍ ସିଷ୍ଟମ ମାଧ୍ୟମରେ ଶିକ୍ଷକମାନେ ଉପସ୍ଥାନ ଦେବା ପ୍ରକ୍ରିୟାକୁ ବିରୋଧ କରାଯାଇଥିଲା। ଏହାର ପ୍ରତିବାଦରେ ଆସନ୍ତା ୨୯ ତାରିଖ ମଙ୍ଗଳବାର ଦିନ ବ୍ଲକରେ କାର୍ଯ୍ୟରତ ସମସ୍ତ ବର୍ଗର ଶିକ୍ଷୟିତ୍ରୀ ଶିକ୍ଷକ ମିଳିତ ହୋଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିବେ। ଅଗଷ୍ଟ ୨ ତାରିଖ ଶନିବାର ଦିନ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳ ଓ ଜିଲା ଶିକ୍ଷା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯିବ ବୋଲି ବୈଠକରେ ନିଷ୍ପତି ହୋଇଥିଲା। ଏଥିରେ ମିଳିତ ଶିକ୍ଷକ ସଂଘର ଦିବାକର ବାରିକ, କୃଷ୍ଣଚନ୍ଦ୍ର ପଣ୍ଡା, ରତିକାନ୍ତ ନାୟକ, ଧନସିଂ ତନ୍ତି, ଦୟାନିଧି ବଞ୍ଜାରା, ମୋହନସିଂ ଗଣ୍ଡ, ବିକାଶ ରଞ୍ଜନ ନିଶଙ୍କ, ସୁରେଶ ଚନ୍ଦ୍ର ବେହେରା, ବଲ୍ଲଭ ନାରାୟଣ ପଣ୍ଡା, ଜିତେନ୍ଦ୍ର କୁମାର ମାଝି, ନରସିଂ ମାଝି, ବିଶ୍ୱେଶ କୁମାର ତ୍ରିପାଠୀ, ପ୍ରଦୀପ କୁମାର ପାଢ଼ୀ, ଉମେଶ ଚନ୍ଦ୍ର ପାତ୍ର ଓ ଶିକ୍ଷକ ମାନେ ଉପସ୍ଥିତ ଥିଲେ।

■ ଦୋକାନରୁ ସଟର ଭାଙ୍ଗି ଲୁଟ୍ ଘଟଣା

# ଅଭିଯୁକ୍ତ ଗିରଫ, ଟଙ୍କା ଜବତ

ଜଟଣୀ, ୨୬।୭ (ସମିସ): ଜଟଣୀ ଥାନା ଅନ୍ତର୍ଗତ ତରାବୋଇ ପଥରଚକଡ଼ା ସାହିରୁ ଏକ ଦୋକାନରୁ ସଟର ଓ ଛାତ ତାଡ଼ି ଟଙ୍କା ଲୁଟ୍ ଘଟଣାରେ ପୁଲିସ ଅଭିଯୁକ୍ତକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲା ତରାବୋଇ ପଥରଚକଡ଼ା ସାହିର ଶ୍ରୀମନ୍ତ ବରାଳ ଓରଫ ମାନସ (୩୦)। ତା' ନିକଟରୁ ନଗଦ ୧୦ ହଜାର ଟଙ୍କା ଜବତ କରିଛି ପୁଲିସ। ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ଜଳନ୍ଧର ବରାଳ ଓ ଅଭିଯୁକ୍ତ ମାନସ ଉଭୟ ଗୋଟିଏ ଗାଁର ଲୋକ। ଉଭୟଙ୍କ ମଧ୍ୟରେ କିଛିଦିନ ହେଲା ବିବାଦ ଲାଗି ରହି ଆସିଥିଲା। ଗତ ୨୫ ତାରିଖ ମଧ୍ୟାହ୍ନ ସମୟରେ ମାନସ ଜଳନ୍ଧର ବରାଳଙ୍କ ଦୋକାନର ସଟର ଓ ଛାତ ତାଡ଼ି ଦୋକାନ ଭିତରୁ ୧୦ ହଜାର ଟଙ୍କା ଲୁଟି ନେଇ ପଳାଇଥିଲେ। ଦୋକାନ ଭାଙ୍ଗି ଲୁଟ୍ ହୋଇଥିବା ଜାଣି ମାଲିକ ଜଳନ୍ଧର ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଘଟଣାର ତଦନ୍ତ କରୁଥିବାବେଳେ ତରାବୋଇ ବୁଲି ବଜାର ନିକଟରେ ଅଭିଯୁକ୍ତ ବୁଲୁଥିବା ଖବର ପାଇ ପୁଲିସ ଚଢ଼ଉ କରି ତାକୁ ଗିରଫ କରିଥିଲା। ଏ ନେଇ ଥାନାରେ ଏକ (ନଂ ୩୩୩/୨୫) ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି ପୁଲିସ।

# ଜାତୀୟ ବନ୍ଧୁକ ଚାଳନାରେ ସତ୍ୟମ୍‌ଙ୍କୁ ବ୍ରୋଞ୍ଜ

ବେଗୁନିଆ, ୨୬।୭ (ସମିସ): ବେଗୁନିଆ ସଦର ମହକୁମାସ୍ଥିତ ଜଣାଶୁଣା ବ୍ୟବସାୟୀ ଅଧିକାରୀ ବିଷୋଇଙ୍କ ମଧ୍ୟମ ପୁତ୍ର ସାମ୍ବାଦିକ ସୁଶାନ୍ତଙ୍କ ପୁଅ ସତ୍ୟମ୍ ଜାତୀୟ ବନ୍ଧୁକ ଚାଳନାରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏଥିରେ ବେଗୁନିଆ ଅଞ୍ଚଳ ପାଇଁ ଗର୍ବ ଓ ଗୌରବ ଅର୍ଜନ କରିଥିବାରୁ ଶୁଭେଚ୍ଛୁ ତଥା ଆତ୍ମୀୟସ୍ୱଜନମାନେ ପ୍ରଶଂସା କରିଛନ୍ତି।



ସୂଚନା ଅନୁଯାୟୀ, ସୁଶାନ୍ତ ବିଷୋୟୀ ଓ ସ୍ୱାତୀଙ୍କ ପୁତ୍ର ସତ୍ୟମ୍ ଭୁବନେଶ୍ୱରସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ ୟୁନିଟ୍ ୩ରେ ସପ୍ତମ ଶ୍ରେଣୀରେ ଅଧ୍ୟୟନରତ ଅଛନ୍ତି। ତେବେ ବାପା ଓ ମାଆଙ୍କ ପ୍ରେରଣାରେ ପଞ୍ଜାବ ରାଜ୍ୟର ଫୁଗ୍‌ୱାରା ବିଶ୍ୱବିଦ୍ୟାଳୟ ପରିସରରେ ୫୪ତମ ଜାତୀୟ ବନ୍ଧୁକ ଚାଳନା ଖେଳରେ ଭାଗ ନେଇ ତୃତୀୟ ସ୍ଥାନ ଅଧିକାର କରି ବ୍ରୋଞ୍ଜ ପଦକ ସହ ୫ ହଜାର ଟଙ୍କା ନଗଦ ଅର୍ଥ ପାଇଛନ୍ତି। ବିଧାୟକ ପ୍ରଦୀପ କୁମାର ସାହୁ ତାଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି।

# ନୌସେନା ତାଲିମ କେନ୍ଦ୍ରରେ କାର୍ଗିଲ ବିଜୟ ଦିବସ



ବାଲୁଗାଁ, ୨୬।୭ (ସମିସ): ୧୯୯୯ ମସିହା କାର୍ଗିଲ ଯୁଦ୍ଧରେ ଭାରତୀୟ ବୀର ଯବାନଙ୍କ ଦେଶ ପ୍ରେମ, ଅଦମ୍ୟ ସାହସିକତା ଏବଂ ଉତ୍ସର୍ଗୀକୃତ ବଳିଦାନ ସମ୍ମାନାର୍ଥେ ଭାରତୀୟ ନୌସେନା ତାଲିମ କେନ୍ଦ୍ର ଚିଲିକା ଶାଖା ପକ୍ଷରୁ ପ୍ରତି ବର୍ଷ ଏହି ଦିବସରେ କାର୍ଗିଲ ବିଜୟ ଦିବସ ପାଳିତ ହୋଇଆସୁଛି। ଚଳିତ ବର୍ଷ ମଧ୍ୟ ନୌସେନା ପ୍ରଶିକ୍ଷଣ କେନ୍ଦ୍ର ଚିଲିକା ପରିସରରେ ଶନିବାର କାର୍ଗିଲ ବିଜୟ ଦିବସ ପାଳିତ ହୋଇଯାଇଛି। ଆୟୋଜିତ ଉତ୍ସବରେ ନାଭାଲ କମୋଡର ବି. ଦୀପକ ଅନିଲ ପ୍ରଶିକ୍ଷଣ କେନ୍ଦ୍ର ପରିସରସ୍ଥିତ ଅମର ଯବାନ ସ୍ମୃତିସ୍ତମ୍ଭରେ ପୁଷ୍ପ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଏହି ବିଜୟ ଦିବସ ଦେଶ ସୁରକ୍ଷାରେ ନିୟୋଜିତ ସାମୁଦ୍ରିକ ଯୋଦ୍ଧାଙ୍କୁ ଅନୁପ୍ରାଣିତ କରି ମନୋବଳକୁ ସୁଦୃଢ଼ କରିବା ସହ ସାହସ ଯୋଗାଇବ ବୋଲି ମତବ୍ୟକ୍ତ କରିଥିଲେ। ଉକ୍ତ ସମାରୋହରେ ନୌସେନାର ସମସ୍ତ ଉଚ୍ଚପଦସ୍ଥ ଅଧିକାରୀ ସାମିଲ ହୋଇଥିଲେ।

# ଶ୍ରୀଜଗନ୍ନାଥ ମହାବିଦ୍ୟାଳୟରେ ପୁସ୍ତକ ଲୋକାର୍ପିତ

ନିରାକାରପୁର, ୨୬।୭ (ସମିସ): ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ କାଇପଦର, ଖୋର୍ଦ୍ଧା ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟରେ ଭି.କେ. ଗ୍ଲୋବାଲ, ନୂଆଦିଲ୍ଲୀ ଦ୍ୱାରା ପ୍ରକାଶିତ ଓ ଅଧ୍ୟାପକ ଜନ୍ମେଜୟ ଚୌଧୁରୀଙ୍କ ଦ୍ୱାରା ରଚିତ ଜାତୀୟ ଶିକ୍ଷାନୀତି ଏନ୍‌ଇପି ଅନୁସାରେ ଯୁକ୍ତ ୩ ଦ୍ୱିତୀୟ ଶ୍ରେଣୀ ନିମନ୍ତେ ଭାରତ ଇତିହାସ ୩ (ଖ୍ରୀ.ପୂ. ୭୫୦ରୁ ୧୨୦୬) ପୁସ୍ତକଟି ଅଧ୍ୟକ୍ଷ ପ୍ରତାପ କିଶୋର ଛୋଟରାୟଙ୍କ କରକମଳରେ ଲୋକାର୍ପିତ ହୋଇଛି। ଏହି ଅବସରରେ ପ୍ରକାଶକ ଅଧିକାରୀ ସୁଦର୍ଶନ ବେହେରା, ଲେଖକ ଡ. ଜନ୍ମେଜୟ ଚୌଧୁରୀ, ଉପାଧ୍ୟକ୍ଷା ସଚଳା ସାମନ୍ତରାୟ, ଅଧ୍ୟାପିକା ଅନୁପମା ଚମ୍ପତିରାୟ, ଅଧ୍ୟାପିକା ଡ. ସଂଯୁକ୍ତା ପଟ୍ଟନାୟକ, ଅଧ୍ୟାପିକା ଅନିତା ଦାଶ, ଅଧ୍ୟାପକ ମାନସ କୁମାର ଜୟସିଂହ, ଅଧ୍ୟାପକ ଡ. ସୁମନ୍ତ ଦେହେରୀ, ଅଧ୍ୟାପକ ମନ ସତ୍‌ନାମୀ ସମେତ ଅନେକ ଅଭିଭାବକ ଓ ଛାତ୍ରଛାତ୍ରୀ ଉପସ୍ଥିତ ରହି ଏହି ଉପାଦେୟ ପୁସ୍ତକଟି ପ୍ରତି ମହାବିଦ୍ୟାଳୟରେ ଗ୍ରହଣୀୟ ହେବ ବୋଲି ମତବ୍ୟକ୍ତ କରିଥିଲେ।

# ବ୍ୟାପୁଛି ଫାଟୁଆ, ବଜବଜିଆ, ସାହାଣ; ଚିନ୍ତାରେ ଚାଷୀ

ଖୋର୍ଦ୍ଧା, ୨୬।୭ (ସମିସ)

ଗ୍ରାମାଞ୍ଚଳଗୁଡ଼ିକରେ ଗୋ-ପାଳକମାନଙ୍କ ବିକାଶ ପାଇଁ ସରକାର ବିଭିନ୍ନ ଯୋଜନା ମାଧ୍ୟମରେ ପ୍ରୋତ୍ସାହନ ରାଶି ଯୋଗାଇ ଦେଉଛନ୍ତି। ଗୋରୁଙ୍କ ଚିକିତ୍ସା ପାଇଁ ମାଗଣାରେ ଟୀକାକରଣଠାରୁ ଆରମ୍ଭ କରି ବିନା ମୂଲ୍ୟରେ ଔଷଧ ଆଦି ପ୍ରଦାନ କରାଯାଉଛି। ଗୋ-ସମ୍ପଦର ବିକାଶ ପାଇଁ

● ଟୀକାକରଣରେ ସହଯୋଗ କରିବାକୁ ନିବେଦନ କଲେ ସିଡିଭିଓ

ଅତ୍ୟାଧୁନିକ ଜ୍ଞାନ କୌଶଳ ପ୍ରୟୋଗ କରି ଚାଷୀମାନେ ବେଶ୍ ଲାଭବାନ ହୋଇପାରୁଛନ୍ତି। ପୂର୍ବାପେକ୍ଷା ଜିଲ୍ଲାର ବିଭିନ୍ନ ଗ୍ରାମାଞ୍ଚଳରେ ଦେଶୀ ଗାଈଙ୍କ ଚାହିଦା ରହିଥିବାବେଳେ ସେମାନଙ୍କ ବଂଶ ବିପଦ ଆଡ଼କୁ ଠେଲି ହୋଇଯାଉଛି। ସେହିପରି ଶଙ୍କର ଜାତୀୟ ଗାଈ



ଚାଷ କରି ଦୁଗ୍ଧ ଉତ୍ପାଦନ ବୃଦ୍ଧି ଦ୍ୱିଗୁଣିତ ହେଉଛି। ଏହି ଗୋ-ପାଳନ କରି ଗାଁ ଲୋକମାନେ ବେଶ୍ ଦୁଇ ପଇସା ରୋଜଗାର କରି ପରିବାର ପ୍ରତିପୋଷଣ କରୁଛନ୍ତି। ମାତ୍ର ବର୍ଷାଦିନେ ଗୋରୁଙ୍କଠାରେ ବ୍ୟାପୁଛି ଫାଟୁଆ, ଚଉଆ, ବଜବଜିଆ, ସାହାଣ ଆଦି ରୋଗ। ଶହ ଶହ ଗୋରୁଗାଈ ଏଥିରେ ଆକ୍ରାନ୍ତ ହେଉଛନ୍ତି। ଏନଇ ପ୍ରାଣୀ ଚିକିତ୍ସା ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହେଉଛି। ଗୋରୁଙ୍କଠାରେ ଏହି ରୋଗ ଗାଁକୁ ଗାଁ ବ୍ୟାପିବାରେ ଲାଗିଛି। ଅକାଳରେ ଗୋରୁଙ୍କ ଜୀବନ ଚାଲିଯାଉଛି। ଫଳରେ ଗୋ-ଚାଷୀଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗି ଯିବାକୁ ବସିଛି।

ପ୍ରକାଶ ଥାଉକି, ଗୃହପାଳିତ ପଶୁମାନେ ବର୍ଷାଦିନିଆ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁମୁଖରେ ପଡୁଛନ୍ତି। ଏଇ ଦିନ କେଇଟା ମଧ୍ୟରେ ଫାଟୁଆ, ଚଉଆ, ବଜବଜିଆ, ସାହାଣ ଆଦି ରୋଗରେ ଅନେକ ଗୋରୁ ଆକ୍ରାନ୍ତ ହେଲେଣି। ପ୍ରତି ଗାଁରେ ଏହି ରୋଗ ଏବେ ଗୋରୁଙ୍କଠାରେ ଦେଖାଦେଉଥିବା ଅଭିଯୋଗ ହେଉଛି। ଏ ରୋଗ ସବୁ ବାୟୁବାହିତ। ବିଶେଷକରି କଅଁଳା ବାଛୁରୀମାନଙ୍କୁ ଟିକା ଦିଆଯାଇ ନ ଥିବାରୁ ଏହି ରୋଗର ଶିକାର ହେଉଥିବା ନଜର ରହିଛି। ଏ ଦିଗରେ ବିଭାଗ ପକ୍ଷରୁ ଆବଶ୍ୟକୀୟ ସଚେତନତା କରାଯାଉ ନ ଥିବା ଅଭିଯୋଗ ହେଉଛି। ଗୋରୁଗାଈ ମାଲିକମାନେ ପ୍ରାଣୀଧନ ବିଭାଗ ସମୟକୁ ଅପେକ୍ଷା ନ କରି ବରଂ ଆକ୍ରାନ୍ତ ପ୍ରାଣୀଙ୍କୁ ଘରୋଇ ଉପାୟରେ ଚିକିତ୍ସା କରୁଛନ୍ତି। ବିଭାଗ ପକ୍ଷରୁ ମାଗଣା ଔଷଧ ଓ ସଚେତନତା ଶିବିର ଜରିଆରେ ଏ ନେଇ ଗୋ-ରକ୍ଷକଙ୍କୁ ସଚେତନ କରାଇବାକୁ ସାଧାରଣରେ ଦାବି ହେଉଛି।

ଏ ନେଇ ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡା. ରବିନାରାୟଣ ପଟ୍ଟନାୟକଙ୍କୁ ପଚାରିବାରେ ସେ କୁହନ୍ତି, ବର୍ଷାଦିନରେ ଏହି ରୋଗ ହେଉଛି। ଏହାର ପ୍ରଭାବ କିଛିଦିନ ରହିବ। ଏ ଦିଗରେ ଗୋରୁଗାଈଙ୍କୁ ଯତ୍ନ ନିଆଯିବା ସହ ଔଷଧ ପ୍ରଦାନ କଲେ ରୋଗ ଭଲ ହୋଇଯିବ। ଚଉଆ ଏକ ଅଢ଼େଇଦିନିଆ ଜ୍ୱର। ସାହାଣ ନେଇ କୌଣସି ଅଭିଯୋଗ ଆସିନି। ସମସ୍ତ ରୋଗ ପାଇଁ ଟୀକାକରଣ ଜାରି ରହିଛି। ତେବେ ଫାଟୁଆ ମାରାତ୍ମକ ରୋଗ ହୋଇଥିବାରୁ ଏହାକୁ ବିଶେଷ ଗୁରୁତ୍ୱ ଦିଆଯାଇ ଟୀକାକରଣ କରାଯାଉଛି। ପ୍ରତ୍ୟେକ ଅଞ୍ଚଳରେ ଟୀକାକରଣ ସରିଛି। ଭ୍ରାମ୍ୟମାଣ ଗାଡ଼ି ଯୋଗେ ସାହାଣ ଓ ବଜବଜିଆ ଟିକା ମଧ୍ୟ ଦିଆଯାଉଛି। ଚାଷୀମାନେ ପ୍ରାଣୀଧନ କର୍ମଚାରୀଙ୍କୁ ଟୀକାକରଣରେ ସହଯୋଗ କରନ୍ତୁ ବୋଲି ସେ ନିବେଦନ କରିଛନ୍ତି।

# ଖବର ପ୍ରକାଶ ପରେ ଚେତିଲା ପୌର ପ୍ରଶାସନ

ଖୋର୍ଦ୍ଧା, ୨୬।୭ (ସମିସ): ଖୋର୍ଦ୍ଧା ପୌରାଞ୍ଚଳ ୧୪ନମ୍ବର ୱାର୍ଡ ବରୁଣେଇସାହିରେ ହୋଇଥିବା ପେଭର୍ ବ୍ଲକ ରାସ୍ତା କାମ ନିମ୍ନମାନର ସମ୍ପର୍କିତ ଖବର ପ୍ରକାଶ ପରେ ତତ୍ପରତା ଦେଖାଇଛି ପୌର ପ୍ରଶାସନ। ପୌରନିର୍ବାହୀ ଅଧିକାରୀ ରିଜିୱାନା କଅକବଙ୍କ ନିର୍ଦ୍ଦେଶକ୍ରମେ ଉକ୍ତ ରାସ୍ତାକୁ ଶନିବାର ଠିକାଦାର ମରାମତି କରିଛନ୍ତି। ଭାଙ୍ଗିଯାଇଥିବା ଗାର୍ଡୱାଲ୍ ନୂଆ ନିର୍ମାଣ କରିବା ସହ ସମ୍ପୂର୍ଣ୍ଣ ଇଟା ଉଠାଯାଇ ପୁନର୍ବାର ପକାଯାଇଛି। ବାରମ୍ବାର ଅଭିଯୋଗ ସତ୍ତ୍ୱେ କାମ ହେଉ ନ ଥିବାବେଳେ 'ସକାଳ'ରେ ଖବର ପ୍ରକାଶ ପରେ ପ୍ରଶାସନର ତତ୍ପରତା ଯୋଗୁଁ ଦୈନିକ 'ସକାଳ' ପରିବାରକୁ ସ୍ଥାନୀୟ



ଲୋକ ସାଧୁବାଦ ଜଣାଇଛନ୍ତି।

ସୂଚନାଯୋଗ୍ୟ, ୧୪ନମ୍ବର ୱାର୍ଡ ବରୁଣେଇସାହିରେ ହୋଇଥିବା ପେଭର୍ ବ୍ଲକ ରାସ୍ତା ନିମ୍ନମାନର ନେଇ ଶନିବାର ଖବର ପ୍ରକାଶିତ ହୋଇଥିଲା। ଖବର ପ୍ରସାରଣର କେଇ ଘଣ୍ଟା ମଧ୍ୟରେ ପୌର ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ରାସ୍ତା ସମ୍ପୂର୍ଣ୍ଣ ମରାମତି ସହ ସର୍ବସାଧାରଣଙ୍କ ସୂଚନା ନିମନ୍ତେ ଲାଗିଥିବା ସୂଚନାଫଳକକୁ ପୁନର୍ବାର ଲଗାଇବାକୁ ପୌରନିର୍ବାହୀ ଅଧିକାରୀ ରିଜିୱାନା କଅକବ ନିର୍ଦ୍ଦେଶ ଦେଇଥିବା ପ୍ରକାଶ କରିଛନ୍ତି। ମରାମତି କାର୍ଯ୍ୟ ତୁରନ୍ତ କରାନଗଲେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ପରେ ସମ୍ପୃକ୍ତ ଠିକାଦାର ତରବରିଆ ଭାବେ ପୁନର୍ବାର ରାସ୍ତା ମରାମତି କାର୍ଯ୍ୟ କରିଥିବା ଦେଖାଯାଇଛି।

# ଦମ୍ପତିଙ୍କୁ ଆକ୍ରମଣ ଘଟଣା; ଦୁଇ ଗିରଫ

ଜଟଣୀ, ୨୬।୭ (ସମିସ): ଜଟଣୀ ଥାନା ଅନ୍ତର୍ଗତ ରାଜାବଜାର ଅଞ୍ଚଳରେ କାମରେ ଯୋଗ ନ ଦେବାକୁ ନେଇ ସ୍ୱାମୀ ଓ ତାଙ୍କ ସ୍ତ୍ରୀଙ୍କୁ ଆକ୍ରମଣ ଘଟଣାରେ ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି ପୁଲିସ। ଗିରଫ ଦୁଇ ଅଭିଯୁକ୍ତ ହେଲେ ଜଟଣୀ ରାଜାବଜାର ଗଜପତି ନଗରର ରାଜୁ ଗୋପାଳ ଧଳ (୩୩) ଓ ସୋମନାଥ ଜେନା ଓରଫ ଲାଣ୍ଡୁ (୧୯)। ଆଉଜଣେ ପିତା ମହାନ୍ତି ଫେରାର୍ ହୋଇଯାଇଛି। ଆକ୍ରମଣର ଶିକାର ହୋଇଥିବା ଅଭିଯୋଗକାରିଣୀଙ୍କ ସ୍ୱାମୀ ଗୁରୁତର ଅବସ୍ଥାରେ ଭୁବନେଶ୍ୱର ଏମ୍ସରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ ଯେ, ଅଭିଯୋଗକାରିଣୀ ଲଳିତା ନାୟକ ଓ ତାଙ୍କ ସ୍ୱାମୀ ଉଭୟ ଶ୍ରମିକ ଭାବେ କାମ କରନ୍ତି। ଗତ ୨୧ ତାରିଖ ସକାଳେ ଉଭୟ ଦମ୍ପତି କାମକୁ ଯାଇନଥିଲେ। ଯାହାକୁ ନେଇ ଫେରାର ଅଭିଯୁକ୍ତ ପିତା ମହାନ୍ତି ଓ ତାଙ୍କ ଭଉଣୀ କାମକୁ କାହିଁକି ଯାଇ ନ ଥିଲ ବୋଲି ପଚରାଉଚରା କରିଥିଲେ। ସେମାନେ ଅଟୋ ନ ଉଠାଇବା କାରଣରୁ ଯାଇ ନ ଥିଲେ ବୋଲି କହିଥିଲେ। ଏହାପରେ ଅଭିଯୁକ୍ତ ପିତା ଓ ତାଙ୍କ ଭଉଣୀ ଅଭିଯୋଗକାରିଣୀ ଲଳିତାଙ୍କୁ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲେ। ପରେ ଲଳିତାଙ୍କ ସ୍ୱାମୀ ବିରୋଧ କରିବାରୁ ପିତା ମହାନ୍ତି, ତାଙ୍କ ବନ୍ଧୁ ଗିରଫ ଅଭିଯୁକ୍ତ ଲାଣ୍ଡୁ, ଲାଣ୍ଡୁର ଭାଇ ଓ ତାଙ୍କର ସହଯୋଗୀ ୬ଜଣ ମିଶି ଆକ୍ରମଣ କରିଥିଲେ। ପରେ ତାଙ୍କ ମୁଣ୍ଡକୁ ପଥରରେ ଛେଚି ଦେଇଥିଲେ। ଫଳରେ ସେ ଅଚେତ୍ ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ଉଦ୍ଧାର କରି ଭୁବନେଶ୍ୱର ଏମ୍ସରେ ଭର୍ତ୍ତି କରିଥିଲେ। ଏ ନେଇ ଅଭିଯୋଗ ପରେ ପୁଲିସ ତଦନ୍ତ କରୁଥିବାବେଳେ ଶନିବାର ରାଜାବଜାର ଅଞ୍ଚଳରୁ ଉଭୟ ଅଭିଯୁକ୍ତଙ୍କୁ ଗିରଫ କରିଥିଲା ପୁଲିସ। ଏ ନେଇ ଥାନାରେ ଏକ (ନଂ ୩୩୧/୨୫) ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି ପୁଲିସ। ଅନ୍ୟପଟେ ଗିରଫ ଦୁଇ ଜଣ ପେଷାଦାର ଅପରାଧୀ ହୋଇଥିବାବେଳେ ସେମାନଙ୍କ ନାଁରେ ପୂର୍ବରୁ ଜଟଣୀ ଥାନାରେ ଅପରାଧିକ ମାମଲା ରହିଥିବା ଜଣାପଡ଼ିଛି।

# ବିଜେବି ଉଚ୍ଚ ବିଦ୍ୟାଳୟରେ କାର୍ଗିଲ୍ ବିଜୟ ଦିବସ

ଖୋର୍ଦ୍ଧା, ୨୬।୭ (ସମିସ): ସ୍ଥାନୀୟ ବିଜେବି ଉଚ୍ଚ ବିଦ୍ୟାଳୟ ପରିସରରେ କାର୍‌ଗିଲ୍ ବିଜୟ ଦିବସ ଉପଲକ୍ଷେ ଏକ ଗର୍ବପୂର୍ଣ୍ଣ ଓ ସ୍ମୃତିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଦିନରେ ଭାରତୀୟ ସେନାର ବୀରତା ଓ ବଳିଦାନକୁ ସ୍ମରଣ କରାଯାଇଥାଏ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବିଭୁ ପ୍ରସାଦ ସେନାପତି କାର୍‌ଗିଲ୍ ଯୁଦ୍ଧରେ ବଳିଦାନ ଦେଇଥିବା ଯବାନମାନଙ୍କୁ ସ୍ମରଣ କରିବା ତଥା ନିଜ ମନ ଭିତରେ ଦେଶପ୍ରେମ ଜାଗ୍ରତ କରିବା ପାଇଁ ତାଙ୍କ ବକ୍ତବ୍ୟରେ ମତପୋଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଏନ୍‌ସିସି, ସ୍କାଉଟ୍ସ ତଥା ଅନ୍ୟାନ୍ୟ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟର ଶିକ୍ଷକ ଚନ୍ଦ୍ରକାନ୍ତ ଦାସ, ଶ୍ରୀରାମ ଭୂୟାଁ, ଚିନ୍ମୟ ମାର୍ଥା, ଜଗନ୍ନାଥ ରାଉତ ତଥା ଶିକ୍ଷୟିତ୍ରୀ ନିବେଦିତା ଛୁଆଳସିଂହ, ପୁଷ୍ପଲତା ପାତ୍ର, ଅନୁପମା ସାହୁ, ରୋଜାଲିନ ରାଉତରାୟ, ବିଷ୍ଣୁପ୍ରିୟା ସାହୁ, ଜ୍ୟୋତିର୍ମୟୀ ପଣ୍ଡା, ଇଫତ୍ ଜାହାନ,




ସୀମାରାଣୀ ବେହେରା, ସ୍ନିଗ୍ଧାମୟୀ ଦାସ, ପ୍ରିୟଦର୍ଶିନୀ ସାହୁ, ସୌଦାମିନୀ ବାରିକ ତଥା ବିଦ୍ୟାଳୟର ସମସ୍ତ ଶିକ୍ଷା କର୍ମଚାରୀ ସକ୍ରିୟ ଅଂଶ ଗ୍ରହଣ କରିଥିଲେ।

# ତରାବୋଇ ଗ୍ରାମରେ ସିରିଜ୍ ଲୁଟ୍

ଜଟଣୀ, ୨୬।୭ (ସମିସ): ଜଟଣୀ ଥାନା ଅନ୍ତର୍ଗତ ତରାବୋଇ ଗ୍ରାମ ପଞ୍ଚାୟତ ବାବଜାସାହିରେ ଶୁକ୍ରବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଏକାଧିକ ଘରର କବାଟ ଭାଙ୍ଗି ଲକ୍ଷାଧିକ ମୂଲ୍ୟର ଦାମୀ ସୁନା ଗହଣା ଚୋରି କରିବା ସହ ନଗଦ ଟଙ୍କା ଚୋରି କରିଛନ୍ତି। ଏହା ସହିତ ଘରେ ଥିବା ରନ୍ଧାଖାଦ୍ୟ ମଧ୍ୟ ନେଇ ଚାଲିଯାଇଥିବାବେଳେ କିଛି ସାମଗ୍ରୀକୁ ରାସ୍ତାରେ ଫିଙ୍ଗି ପଳାଇଛନ୍ତି। ଗ୍ରାମର ଗୋପବନ୍ଧୁ ଷେଣ୍ଢଙ୍କ ଘରୁ ନଗଦ ୮୦ ହଜାର ଟଙ୍କା ସହିତ ସୁନା ଗହଣା ନେଇଯାଇଥିବା ବେଳେ ଜ୍ୟୋତ୍ସ୍ନାମୟୀ ରଥ ଓ ଶାନ୍ତିଲତା ରଥଙ୍କ ଘରୁ ମଧ୍ୟ ଅନୁରୂପ ଭାବେ ଟଙ୍କା ଏବଂ ସୁନା ଅଳଙ୍କାର ଘରର କବାଟ ଭାଙ୍ଗି ଲୁଟ୍ କରିଛନ୍ତି। ଲୁଟ୍ ସାମଗ୍ରୀଗୁଡ଼ିକ ମଧ୍ୟରୁ କିଛି ସାମଗ୍ରୀକୁ ରାସ୍ତାରେ ଫିଙ୍ଗି ଦିଆଯାଇଥିବା ଦେଖିବାକୁ ମିଳିଥିଲା। ଏହା ବ୍ୟତୀତ ଉକ୍ତ ପରିବାର ଲୋକଙ୍କ ପାଇଁ ରହିଥିବା ରନ୍ଧାଖାଦ୍ୟକୁ ମଧ୍ୟ ନେଇ ଚମ୍ପଟ୍ ମାରିଛନ୍ତି।

# ଜନ୍ମମାଟିରେ ପଣ୍ଡିତ ଗୋଦାବରୀଶଙ୍କୁ ଶ୍ରଦ୍ଧାଞ୍ଜଳି

ବାଣପୁର, ୨୬।୭ (ସମିସ): ପୁଣ୍ୟଶ୍ଳୋକ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ୬୯ତମ ଶ୍ରାଦ୍ଧ ଦିବସ ଅବସରରେ ଶନିବାର ଜନ୍ମମାଟି ବାଣପୁରରେ ଅଞ୍ଚଳବାସୀଙ୍କ ତରଫରୁ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଓ ବହୁ ବ୍ୟକ୍ତିବିଶେଷ ସାମିଲ୍ ହୋଇ ପଣ୍ଡିତଙ୍କ ସ୍ମୃତିଚାରଣ କରି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଆୟୋଜିତ ଶ୍ରାଦ୍ଧୋତ୍ସବରେ ଚିଲିକା ସାହିତ୍ୟ ସମାଜର ସଭାପତି ବାଳମୁକୁନ୍ଦ ଦାସ, ଗାଳ୍ପିକ ଶିବ ମିଶ୍ର, କବି ପୁରୁଷୋତ୍ତମ ମହାପାତ୍ର, ଶିକ୍ଷାବିତ୍ ସଂଗ୍ରାମ କେଶରୀ ସାହୁ, ଡ. ନୃସିଂହ ପ୍ରଧାନ, ଭବାନୀ ଶଙ୍କର ହୋତା, ସର୍ବେଶ୍ୱର ଷଡ଼ଙ୍ଗୀ, ଡ. ଚିନ୍ତାମଣି ମିଶ୍ର, ରାଜେନ୍ଦ୍ର ପ୍ରସାଦ ରଥ, ସମାଜସେବୀ ସନ୍ଧ୍ୟା ଦେବୀ, ଅନନ୍ତ ଚରଣ ଖଟେଇ, ସୁଶାନ୍ତ ଦାଶ, ଶେଷଦେବ ମହାରଣା ଓ ସାମ୍ବାଦିକ ଅନନ୍ତ ଚରଣ ବାରିକି ପ୍ରମୁଖଙ୍କ ସମେତ ବାଣପୁର ମାଟିର ବହୁ ବୁଦ୍ଧିଜୀବୀ, ଶିକ୍ଷାବିତ୍, ସାହିତ୍ୟିକ, ସାମ୍ବାଦିକ ଓ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତାମାନେ ସାମିଲ ହୋଇ ପ୍ରତ୍ୟୁଷରୁ ପୁଷ୍କରିଣୀରେ ତିଳତର୍ପଣ ପରେ ବାଣପୁର ବଜାରସ୍ଥିତ ଗୋଦାବରୀଶ ଶିଶୁ ଉଦ୍ୟାନରେ ଥିବା ପଣ୍ଡିତଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ ପୂର୍ବକ ତାଙ୍କର ବହୁମୁଖୀ ପ୍ରତିଭାର ସ୍ମୃତିଚାରଣ କରିଥିଲେ। ବାଣପୁର ସହରର ମଧ୍ୟଭାଗରେ ପଣ୍ଡିତ ଗୋଦାବରୀଶଙ୍କ ଏକ ସୁନ୍ଦର ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥାପନ କରିବା ପାଇଁ ସରକାରଙ୍କୁ ଅନୁରୋଧ କରିଛନ୍ତି।

# ଏଜି ମିଶନ ବିଦ୍ୟାଳୟରେ କାର୍ଗିଲ୍ ଦିବସ

ଟାଙ୍ଗୀ, ୨୬।୭ (ସମିସ): ଅଗ୍ରଣୀ ଶିକ୍ଷାନୁଷ୍ଠାନ ଚାନ୍ଦପୁର ଏଜି ମିଶନ ବିଦ୍ୟାଳୟରେ କାର୍ଗିଲ୍ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସହିଦ୍‌ମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଭାରତର ଏହି ବିଜୟ ଦିବସ ଉପଲକ୍ଷେ ଆଜିର ପ୍ରାର୍ଥନା ସଭାରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଏମ୍. ମାର୍ଟିନ୍ ଶିକ୍ଷକଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇ ଭାରତର କାର୍ଗିଲ୍ ଇତିହାସକୁ ଉପସ୍ଥାପନା କରିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ଏକ ଦେଶାତ୍ମବୋଧ ଗୀତିନାଟିକା ପ୍ରସ୍ତୁତ କରାଯାଇଥିଲା। ବିଦ୍ୟାଳୟର ସପ୍ତମ ଶ୍ରେଣୀର ଛାତ୍ର ଅବିନାଶ ଛୋଟରାୟ ଅଭିଭାଷଣ ଦେବା ସହ ଦଶମ ଶ୍ରେଣୀର ଛାତ୍ରୀ ସାଇ ଶାଳିନୀ ସାହୁ ସ୍ୱରଚିତ ଦେଶାତ୍ମବୋଧ କବିତା ପରିବେଷଣ କରିଥିଲେ। ଏହି ଦିବସଟି ଏ.ଜି. ମିଶନ୍ ପରିବାରର ସମସ୍ତ ସଦସ୍ୟଙ୍କ ହୃଦୟରେ ଦେଶପ୍ରେମବୋଧ ଜାଗ୍ରତ କରିଥିଲା। ବିଦ୍ୟାଳୟର ଶିକ୍ଷୟିତ୍ରୀ ପୁଷ୍ପଲତା ମହାପାତ୍ର, କ୍ରୀଡ଼ା ଶିକ୍ଷକ ବିକାଶ କୁମାର ଦଳାଇଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମଟି ପରିଚାଳିତ ହୋଇଥିଲା।

ବରିଷ୍ଠ ନାଗରିକ ମଞ୍ଚ ତରଫରୁ କାର୍ଗିଲ୍ ବିଜୟ ଦିବସ ପାଳିତ

# ୩୨ ଜଣ ସେନାନୀଙ୍କୁ ସମ୍ବର୍ଦ୍ଧନା

ଟାଙ୍ଗୀ, ୨୬।୭ (ସମିସ)

ଟାଙ୍ଗୀ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ତରଫରୁ କାର୍‌ଗିଲ୍ ବିଜୟ ଉତ୍ସବ କୁହୁଡ଼ିସ୍ଥିତ ପୂର୍ବତନ ସେନାନୀ ସଂଘ କାର୍ଯ୍ୟାଳୟଠାରେ ପାଳିତ ହୋଇଯାଇଛି। ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ସଭାପତି ନାରାୟଣ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଖୋର୍ଦ୍ଧା ଜିଲ୍ଲାପାଳ ତଥା ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଡ. ନିରଞ୍ଜନ ସାହୁ ଯୋଗଦେଇ ଦେଶମାତୃକାର ସୁରକ୍ଷା ଦାୟିତ୍ୱରେ ଥିବା ସମସ୍ତ ସେନା କର୍ମଚାରୀ ଆମର ନମସ୍ୟ। ସେମାନେ ସେମାନଙ୍କର ଜୀବନକୁ ଉତ୍ସର୍ଗ କରି ଦେଶପ୍ରେମରେ ଅନୁପ୍ରାଣିତ ହୋଇ ଦିବାରାତ୍ର ଦେଶର ସୁରକ୍ଷା କବଚ ପାଲଟିଛନ୍ତି। କାର୍‌ଗିଲ୍ ଯୁଦ୍ଧରେ ଅଂଶ ଗ୍ରହଣ



କରିଥିବା ସମସ୍ତ ସେନାନୀଙ୍କୁ ଯେତେ ପ୍ରଶଂସା କଲେ ବି କମ୍ ପଡ଼ିବ ବୋଲି ମନ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ଭାବେ ଅଧ୍ୟାପକ ତଥା ବିଶିଷ୍ଟ ମଞ୍ଚ ଉପସ୍ଥାପକ ଡ. ମୃତ୍ୟୁଞ୍ଜୟ ରଥ ଯୋଗଦେଇ କାର୍‌ଗିଲ୍ ଯୁଦ୍ଧରେ ସହିଦ୍ ହୋଇଥିବା ୫୨୭ ଜଣଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ସେମାନଙ୍କ ପରିବାର ସଦସ୍ୟଙ୍କୁ ଯଥୋଚିତ ସମ୍ମାନ ଜଣାଇବା ସମସ୍ତଙ୍କର କର୍ତ୍ତବ୍ୟ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ସେନାନୀ ସଂଘ ସଭାପତି ଶ୍ରୀବତ୍ସ ବୈରୀଗଞ୍ଜନ, ଉପଦେଷ୍ଟା କ୍ୟାପ୍‌ଟେନ୍ ମନ୍ମଥ କୁମାର ସିଂ, ଚାନ୍ଦପୁର ଥାନା ଆଇଆଇସି ଦିଲ୍ଲୀପ କୁମାର ସ୍ୱାଇଁ, ସବ୍ ଇନ୍ସପେକ୍ଟର ଶ୍ରଦ୍ଧା ନାୟକ ପ୍ରମୁଖ ଯୋଗଦେଇ ସହିଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ବିଜୟ କୁମାର ରାଉତ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସହସମ୍ପାଦକ ରବୀନ୍ଦ୍ର କୁମାର ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ପୂର୍ବତନ ସେନାନୀ ସଂଘ ଚିଲିକା ଶାଖାର ୩୨ ଜଣ ସଦସ୍ୟଙ୍କୁ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉପଦେଷ୍ଟା ରଘୁନାଥ ସାହୁ ଧନ୍ୟବାଦ ଦେଇଥିଲେ। କୃଷ୍ଣ ଚନ୍ଦ୍ର ପ୍ରଧାନ, ସାରଙ୍ଗଧର ପାଲଟାସିଂ, ନିମାଇଁ ଚରଣ ସାହୁ, ଅରୁଣ ରଞ୍ଜନ ମହାନ୍ତି, ଘନଶ୍ୟାମ ମହାନ୍ତି, ଲକ୍ଷ୍ମୀଧର ପାଇକରାୟ, ଦିଲ୍ଲୀପ କୁମାର ନାଥ, ଗଙ୍ଗାଧର ପ୍ରଧାନ, ତାରାପ୍ରସାଦ ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ଛୋଟରାୟ, କେଦାରେଶ୍ୱର ପାତାଳ ସିଂ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଗୋଦାବରୀଶ ମହାବିଦ୍ୟାଳୟର ପ୍ରତିଷ୍ଠା ଉତ୍ସବ

ବାଣପୁର, ୨୬।୭ (ସମିସ): ଓଡ଼ିଶାର ଅନ୍ୟତମ ବରପୁତ୍ର ତଥା ବାଣପୁର ମାଟିର ଗୌରବ ପଣ୍ଡିତ ଗୋଦାବରୀଶଙ୍କ ୬୯ତମ ଶ୍ରାଦ୍ଧବାର୍ଷିକୀ ତଥା ମହାବିଦ୍ୟାଳୟର ୬୨ତମ ପ୍ରତିଷ୍ଠା ଉତ୍ସବ ଶନିବାର ମହାବିଦ୍ୟାଳୟ ଅଡିଟୋରିୟମ୍ ହଲ୍‌ରେ ପାଳିତ ହୋଇଯାଇଛି। ପ୍ରତ୍ୟୁଷରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀମାନେ ପଣ୍ଡିତ ଗୋଦାବରୀଶଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ତିଳତର୍ପଣ କରି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ବିନାୟକ ହୋତାଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ତଥା ଖୋର୍ଦ୍ଧା ଉପଜିଲ୍ଲାପାଳ କିଶୋର କୁମାର ପଣ୍ଡା, ମୁଖ୍ୟବକ୍ତା ଭାବେ ମହାବିଦ୍ୟାଳୟ ଓଡ଼ିଆ ବିଭାଗର ପ୍ରାକ୍ତନ ପ୍ରାଧ୍ୟାପକ ଡ. ଚାନ୍ଦ କିଶୋର ତ୍ରିପାଠୀ, ସମ୍ମାନିତ ଅତିଥି ତଥା ପୁରାତନ ଛାତ୍ର ସଂଘର ସଭାପତି ଜିତେନ୍ଦ୍ର ଭୋଳ, ଯୁକ୍ତ ୨ର



ପୂର୍ବତନ ଅଧ୍ୟକ୍ଷ ଲକ୍ଷ୍ମୀ ପ୍ରସାଦ ମିଶ୍ର ପ୍ରମୁଖ ଯୋଗଦେଇ ଶିକ୍ଷାକ୍ଷେତ୍ରରେ ଗୋଦାବରୀଶ ମହାବିଦ୍ୟାଳୟର ଅବଦାନ ସମ୍ପର୍କରେ ଆଲୋକପାତ କରି ମହାବିଦ୍ୟାଳୟର ଉତ୍ତରୋତ୍ତର ଉନ୍ନତି କାମନା କରିବା ସହ ଛାତ୍ରଛାତ୍ରୀମାନଙ୍କୁ ମହାବିଦ୍ୟାଳୟର ସୁନାମ ବଜାୟ ରଖିବା ପାଇଁ ପରାମର୍ଶ ଦେଇଥିଲେ। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ. ସୁର ପ୍ରତାପ ନରେନ୍ଦ୍ର ସିଂ ବର୍ମା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ସହ ପ୍ରଶାସନିକ ଅଧିକାରୀ ଡ. ସୁଜାତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଅଧ୍ୟାପିକା ମିକି ମନସ୍ୱିନୀ, ପ୍ରଯୋଷ୍ଣା ମିଶ୍ର, ଅଧ୍ୟାପକ ଅରବିନ୍ଦ ନାୟକ, ହିଟ୍‌ଲର ବେହେରାଙ୍କ ଉପସ୍ଥାପନାରେ ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଅଧ୍ୟାପକ ଆଦିତ୍ୟ ସାରଥୀ ବେଦମଣ୍ଡା, ଗୁରୁକିଶୋର ନାୟକ, ସତ୍ୟାନନ୍ଦ ମହାରଣାଙ୍କ ସମେତ ଏନ୍‌ସିସି, ରେଞ୍ଜ ରୋଭର, ଯୁବ ରେଡ୍‌କ୍ରସ୍ ଓ ଜାତୀୟ ସେବା ସଂସ୍ଥାର ସ୍ୱେଚ୍ଛାସେବୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏଥିରେ ମହାବିଦ୍ୟାଳୟର ବହୁ ପୁରାତନ କର୍ମଚାରୀ ଓ ସମସ୍ତ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ।

# କେନାଲ ପାର୍ଶ୍ୱ ରାସ୍ତା କାମରେ ଅନିୟମିତତା

**ଟିଟିଲାଗଡ଼, ୨୬।୭(ସମିସ)**



ଟିଟିଲାଗଡ଼ ବାଞ୍ଜିପଦର ପଞ୍ଚାୟତ ଅନ୍ତର୍ଗତ ମାଥନପଲା ପ୍ରକଳ୍ପର କେନାଲ ରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ ମାଥନପଲା ପ୍ରକଳ୍ପ ଅନ୍ତର୍ଗତ କେନାଲ ପାର୍ଶ୍ୱ ରାସ୍ତା ନିର୍ମାଣ ପାଇଁ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ଜାନୁଆରୀ ୨୦୨୪ ରେ ୭୫ ଲକ୍ଷ ଟଙ୍କା ଅଟକଳରେ ଟେଣ୍ଡର କରାଯାଇଥିଲା। ପାୟଲ ନାଗପୁରୀ ନାମକ ଜଣେ ଠିକାଦାର ଟେଣ୍ଡର ପାଇ କାମ କରାଇଥିଲେ। ତେବେ ୭୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ରାସ୍ତାକାମ ଅତି ନିମ୍ନମାନର ହୋଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। କାମ ସମ୍ପୂର୍ଣ୍ଣ ହେବାର କିଛି ମାସ ନ ପୂରୁଣୁ ସମ୍ପୃକ୍ତ ରାସ୍ତାର ସ୍ଥିତି ଶୋଚନୀୟ ହୋଇ ପଡ଼ିଥିବା ଦେଖିବାକୁ ମିଳିଛି। ସମ୍ପୃକ୍ତ ଠିକାଦାର କାର୍ଯ୍ୟର ବିଲ ଉଠାଇ ସାରିଥିବା ବେଳେ ବିଭାଗୀୟ ଅଧିକାରୀ ମଧ୍ୟ ଏଥିପ୍ରତି ଦୃଷ୍ଟି ନ ଦେବା ସ୍ଥାନୀୟ ମହଲରେ ଅସନ୍ତୋଷ ଦେଖାଦେଇଛି। ଘଟଣାକୁ ନେଇ ବିଭାଗୀୟ ସହାୟକ ଯନ୍ତ୍ରୀ ମୁରଲୀଧର ମହାଲିକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବା ବେଳେ ସେ ସ୍ଥିତି ଅନୁଧ୍ୟାନ କରି ପଦକ୍ଷେପ ନେବେ ଏବଂ ସମ୍ପୃକ୍ତ ରାସ୍ତାର ଆଉ ଗୋଟିଏ ଲେୟର କାମ ବାକିଥିବା କହିଛନ୍ତି।

# ଟ୍ରାନ୍ସଫର୍ମରରେ ଲାଗିଲା ସୁରକ୍ଷା ବାଡ଼

**ବଙ୍ଗୋମୁଣ୍ଡା, ୨୬।୭(ସମିସ):** ବଙ୍ଗୋମୁଣ୍ଡା ବ୍ଲକ ସଦର ଆଦର୍ଶ ପଡ଼ା ନିକଟରେ ଥିବା ମୁକୁଳା ବିଦ୍ୟୁତ୍ ଟ୍ରାନ୍ସଫର୍ମର ଯାହା ଦିନକୁ ଦିନ ଜଣସାଧାରଣ ପାଇଁ ବିପଦ ସୃଷ୍ଟି କରୁଥିଲା। ସେଥିପାଇଁ 'ସକାଳ'ରେ ଗତ ମାସରେ ଖବର ପ୍ରକାଶ ହେଇଥିଲା। ଖବର ପ୍ରକାଶ ପରେ ବିଦ୍ୟୁତ୍ ବିଭାଗ ଲୋକେ ଜାଗୃତ ହୋଇଛନ୍ତି। ଟ୍ରାନ୍ସଫର୍ମରକୁ ବର୍ତ୍ତମାନ ପାଚେରୀ ଘେରି ଦିଆଯାଇଛି ଯାହା ଦ୍ୱାରା ସ୍ଥାନୀୟ ଲୋକଙ୍କୁ ବର୍ତ୍ତମାନ ବିପଦରୁ ରକ୍ଷା ମିଳିଛି। ପୂର୍ବରୁ ଟ୍ରାନ୍ସଫର୍ମର ପାଖରେ ଥିବା ସ୍ଥାନୀୟ ଲୋକ ଆତଙ୍କରେ ଥିଲେ। ଏକ ଛୋଟ ଅସାବଧାନତା ଯେକୌଣସି ଦୁର୍ଘଟଣା ଘଟାଇପାରିଥାନ୍ତି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ 'ସକାଳ'ଖବର ପ୍ରକାଶ ପାଇବା ପରେ ବିଦ୍ୟୁତ୍ ବିଭାଗ ତତ୍ପରତା ଦେଖାଇଛି। ସ୍ଥାନୀୟ ବାସିନ୍ଦା ଏହି ପଦକ୍ଷେପ ପାଇଁ ସନ୍ତୋଷ ପ୍ରକାଶ କରି 'ସକାଳ'କୁ ଧନ୍ୟବାଦ ଜଣାଇଛନ୍ତି।



ସକାଳ ପ୍ରଭାବ

## କଂଗ୍ରେସ ରାଜ୍ୟ କିଷାନ ସଭାପତିଙ୍କୁ ସମ୍ବର୍ଦ୍ଧନା

# ଚାଷୀଙ୍କୁ ପ୍ରତାରଣା କରୁଛି ଡବଲ ଇଞ୍ଜିନ ସରକାର

**ପାଟଣାଗଡ଼, ୨୬।୭ (ସମିସ):** ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ଶନିବାର ଆୟୋଜିତ ସଭାରେ ନବ ନିର୍ବାଚିତ ରାଜ୍ୟ କିଶାନ କଂଗ୍ରେସ ସଭାପତ ଅଭୟ ସାହୁଙ୍କୁ



ଜିଲ୍ଲା କଂଗ୍ରେସ ତରଫରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି।ପରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ କଂଗ୍ରେସ ଜିଲ୍ଲା ଆବାହକ ଅନୀଲ ମେହେରଙ୍କ ନେତୃତ୍ୱରେ ସମସ୍ତ ନିର୍ବାଚନ ମଣ୍ଡଳୀର ବରିଷ୍ଠ ନେତୃବୃନ୍ଦ ଓ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା ଉପସ୍ଥିତ ରହି ଚାଷୀମାନଙ୍କ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ରାଜ୍ୟ କିଷାନ ସେଲ ସଭାପତି ଶ୍ରୀ ସାହୁ ରାଜ୍ୟର ଚାଷୀମାନଙ୍କ ବିଭିନ୍ନ ସମସ୍ୟା ଯଥା ଧାନର କଟ୍‌ନୀ ଛଟନୀ, ଧାନର ଅଭାବି ବିକ୍ରି, ସାର କଳାବଜାରୀ ସହ ଚାଷୀଙ୍କ ଅନ୍ୟାନ୍ୟ ସମସ୍ୟା ଉପରେ ଡବଲ ଇଞ୍ଜିନ ସରକାର ଚାଷୀମାନଙ୍କ ପ୍ରତି ଯେଉଁ ପ୍ରତାରଣା କରି ଚାଲିଛି ତାକୁ କେବେବି ବରଦାସ୍ତ କରାଯିବ ନାହିଁ। କଂଗ୍ରେସ କିଷାନ ସେଲ ତରଫରୁ ଆଗାମୀ ଦିନରେ ଚାଷୀଙ୍କ ହିତ ପାଇଁ ଆନ୍ଦୋଳନକୁ ଆହୁରି ଜୋରଦାର କରାଯିବ ବୋଲି ଆହ୍ୱାନ ଦେଇଛନ୍ତି। ସେହିପରି ଜିଲ୍ଲା ଆବାହକ ଶ୍ରୀ ମେହେର ଜିଲ୍ଲାର ଚାଷୀଙ୍କ ମୁଖ୍ୟ ଚାଷ ଧାନ ଏବଂ କପା ହୋଇଥିଲେ ମଧ୍ୟ ଚାଷୀ ଅଭାବି ବିକ୍ରିର ଶିକାର ହେଉଛନ୍ତି।ଚଳିତ ଖରିଫ ଅମଳ ସମୟରେ ମଣ୍ଡି ଗୁଡିକର ଅବ୍ୟବସ୍ଥା ଓ ମିଲର ରାଜକୁ ତୀବ୍ର ବିରୋଧ କରାଯିବ ବୋଲି କହିଥିଲେ। ସଭାରେ ପୂର୍ବତନ କିଷାନ ସେଲ ସଭାପତି ସାନନ୍ଦ ମିଶ୍ର, ପତିତପାବନ ପଧାନ, ସାଧୁ ମେହେର, କୌଶିକ ମେହେର, ଆକବର ଖାନ, ଟିଟିଲାଗଡ଼ ବିଧାୟକ ପ୍ରାର୍ଥୀ ବିରେନ୍ଦ୍ର ବାଗ, ରାଜ୍ୟ କମିଟୀ ସଦସ୍ୟ ସିତିକାନ୍ତ ମହାନ୍ତି, ତପନ କୁମାର ମିଶ୍ର, ଅରୁଣ କୁମାର ଜେନା, ରତ୍ନାକର ନାଏକଙ୍କ ସହ କଂଗ୍ରେସ ଦଳର ଅନେକ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଭାରସାମ୍ୟ ହରାଇ ଓଲଟିଲା ବସ୍



**ବଙ୍ଗୋମୁଣ୍ଡା, ୨୬।୭ (ସମିସ):** ବଙ୍ଗୋମୁଣ୍ଡା ବ୍ଲକ ସିନ୍ଦେଧକେଲା ଚାନ୍ଦିଲି ପାହାଡ ନିକଟରେ ଚକାଡୋଳା ନାମକ ଏକ ଘରୋଇ ବସ୍ ଭାରସାମ୍ୟ ହରାଇ ଓଲଟି ପଡ଼ିଛି। ସୂଚନା ଅନୁଯାୟୀ ବସ୍ କୌଣସି କାରଣରୁ ଭାରସାମ୍ୟ ହରାଇ ଚାନ୍ଦୀଲି ପାହାଡ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇ ଓଲଟି ପଡ଼ିଥିଲା। ଏଥିରେ ତିନି ଜଣ ଆହତ ହୋଇଥିବା ସୂଚନା ମିଳିଛି।

# ଶ୍ରମଦାନ କରି କାର୍ଗିଲ ସହିଦଙ୍କୁ ଶ୍ରଦ୍ଧାଞ୍ଜଳି

**ବଲାଙ୍ଗିର, ୨୬।୭ (ସମିସ):** କାରଗିଲ ବିଜୟକୁ ଶନିବାର ଛବିଶ ବର୍ଷ ପୁରିଛି। ଏହି ପରିପେକ୍ଷୀରେ ନିଆରା ଢଙ୍ଗରେ କାରଗିଲ ବିଜୟ ଦିବସ ପାଳନ କରିଛି ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ବିଙ୍ଗ ହ୍ୟୁମାନ ଫାଉଣ୍ଡେସନ। ଜୟ ଯବାନ ଜୟ କିସାନ ନାରା ଦେଇ ଲୋଇସିଂହା ବ୍ଲକ ବାଦୀମୁଣ୍ଡା ପଞ୍ଚାୟତ କୁଟୁରାପାଲି ଗ୍ରାମର ଜଣେ ଚାଷୀଙ୍କ ଜମିରେ



ଅନୁଷ୍ଠାନର ସଦସ୍ୟମାନେ ପଲହାରୋପଣ କରି ବୀର ସହିଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି।ସେମାନେ କହିଛନ୍ତି କାରଗିଲ ଯୁଦ୍ଧରେ ଦୀର୍ଘ ୨ ମାସରୁ ଉର୍ଦ୍ଧ୍ୱ ଲଢେଇ କରି ଆମ ବୀର ସୈନିକମାନେ ପରାକ୍ରମ ଦେଖାଇ ବିଜୟ ବାନା ଉଡେଇଥିଲେ। ଆଜିଦିନଟି ଆମ ପାଇଁ ଗର୍ବ ଏବଂ ଗୌରବର ଦିନଟିଏ। ସୈନିକଙ୍କ ପରି କୃଷକ ମଧ୍ୟ କ୍ଷେତରେ ଖଟୁଛି। ଲାଭ କ୍ଷତି ବିଚାର ନକରି ହାଡଭଙ୍ଗା ପରିଶ୍ରମ କରି ନିଜକୁ ବଳିଦାନ ଦେଇ ସାରା ଦୁନିଆକୁ ଖାଦ୍ୟ ଯୋଗାଉଛି। ସେଥିପାଇଁ ଜଣେ ସୈନିକଙ୍କ ବିଚାର ନେଇ ବଞ୍ଚୁଥିବା ଚାଷୀର କ୍ଷେତରେ ଶ୍ରମଦାନ କରି କାରଗିଲ ସହିଦଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି। କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରତିଷ୍ଠାତା ସୋମନାଥ ମିଶ୍ର, ବୁଲୁ ମହାକୁର, ଧ୍ରୁବ ଥନାପତି, ବୀରେନ୍ଦ୍ର ସାହୁ, ତପନ ଜାଲ, ବିକୁ ଦଳାଇ, ରଞ୍ଜିତ ପଧାନ, ଗୋପଳ ସାହୁ, ପ୍ରହଲ୍ଲାଦ ଖମାରି, କାହ୍ନୁ ବଗର୍ତି, ଶୁଭମ ସାହୁ, ଦିଲେଶ୍ୱର ସାହୁ, ଶୁଭ୍ରାନ୍ତ ନନ୍ଦ ପ୍ରମୁଖ ଶ୍ରମଦାନ କରିଥିଲେ।

# ମଦ୍ୟପ ଯୁବକଙ୍କ ଆତ୍ମାହୁତି ଉଦ୍ୟମ

**ରାଉରକେଲା, ୨୬।୭ (ସମିସ) :** ସ୍ଥାନୀୟ ମାଲଗୋଦାମ ଅଞ୍ଚଳର ଜଣେ ମଦ୍ୟପ ଯୁବକ ଆତ୍ମାହୁତି ଉଦ୍ୟମ କରିଥିବା ଜଣାପଡ଼ିଛି। ଉଦିତନଗର ଥାନା ପୁଲିସ ତାଙ୍କୁ ଥାନାରେ ଅଟକ ରଖି ତଦନ୍ତ କରୁଥିବା ଜଣାପଡ଼ିଛି। ରାତି ପ୍ରାୟ ୯ଟା ୪୫ ମିନିଟରେ ଉକ୍ତ ଯୁବକ ପ୍ରଚୁର ମଦ୍ୟପାନ କରି ନିଜ ଦେହରେ ଡିଜେଲ ଢାଳି ଆତ୍ମାହୁତି ଉଦ୍ୟମ କରୁଥିବାବେଳେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଉଦିତନଗର ପୁଲିସକୁ ଜିମା ଦେଇଥିଲେ। ପୁଲିସ ତାକୁ ଅଟକ ରଖି ପଚରାଉଚରା କରୁଥିବା ସୂଚନା ମିଳିଛି।

# କାରଗିଲ ବିଜୟ ଦିବସ ଉପଲକ୍ଷେ ତ୍ରିରଙ୍ଗା ଦୌଡ଼

**ରାଉରକେଲା, ୨୬।୭(ସମିସ):** କାରଗିଲ ବିଜୟ ଦିବସ ଉପଲକ୍ଷେ ଅରିଜିନାଲ୍ ପାୱାର କ୍ଲବ ଓ ଅଲଟ୍ରା ରନର ସୁମିତ ସିଂଙ୍କ ମିଳିତ ଉଦ୍ୟମରେ ତ୍ରିରଙ୍ଗା ଦୌଡ଼ ଶନିବାର ଅନୁଷ୍ଠିତ ହୋଇଛି। ଏହି କ୍ରମରେ ବିର୍ସାମୁଣ୍ଡା ଷ୍ଟାଡିୟମ୍ ନିକଟରୁ ଶୋଭାଯାତ୍ରା ବାହାରି ଡେଲି ମାର୍କେଟ ଦେଇ ଉଦିତନଗର ସୁଭାଷ ଚନ୍ଦ୍ର ବୋଷ ପାର୍କ ଠାରେ ଶେଷ ହୋଇଥିଲା। ମୁଖ୍ୟଅତିଥି ଭାବେ ଏସ୍‌ପି ନିତେଶ ୱାଧୱାନୀ ଓ ରନର ଉର୍ମିଳା ଦାସ ଯୋଗ ଦେଇଥିଲେ। ଏହି ଦୌଡ଼ ରାଉରକେଲାର ବିର୍ସାମୁଣ୍ଡା ଛକରୁ ଆରମ୍ଭ ହୋଇ ମହାନଗର ନିଗମ ସମ୍ମୁଖସ୍ଥ ସୁଭାଷ ଚନ୍ଦ୍ର ବୋଷ ଫିଟନେସ୍ ପାର୍କରେ ଶେଷ ହୋଇଥିଲା। ଦୌଡ଼ରେ ସାମିଲ ହୋଇଥିବା ସମସ୍ତଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇ ଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିର୍ସାମୁଣ୍ଡା ଷ୍ଟାଡିୟମ, ରାଉରକେଲା ଫିଜିକାଲ୍ ଏକାଡେମୀ, ଅଲିମ୍ ଫିଜିକାଲ୍ ଏକାଡେମୀର ଖେଳାଳିମାନେ ଭାଗ ନେଇଥିଲେ।



# ଲଗାଣ ବର୍ଷା ଯୋଗୁଁ ବାହ୍ୟଜଗତରୁ ବିଚ୍ଛିନ୍ନ ଗୋପିସାହି





**କୋଇଡ଼ା, ୨୬।୭(ସମିସ):** ଲଗାଣ ବର୍ଷା ଯୋଗୁଁ କୋଇଡ଼ା ବ୍ଲକ ମାଲଦା ପଞ୍ଚାୟତ ଅଡାଘାଟ ଗ୍ରାମର ଗୋପିସାହି ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଯାଇଛି। ବର୍ଷ ତମାମ୍ ନାଳ ପାର ହେଲେ ଗ୍ରାମକୁ ଯାଆନ୍ତି ଲୋକେ। ଲଗାଣ ବର୍ଷା ହେଲେ ଫୁଲି ଉଠେ ସୁନାନାଳ। ଫଳରେ ବିଚ୍ଛିନ୍ନ ହୋଇଯାଏ ଗାଁ। ଅପରପାର୍ଶ୍ୱରେ ରହିଛି ଅଙ୍ଗନବାଡ଼ି। ଲଗାଣ ବର୍ଷା ପରେ ୨ ଦିନ ହେଲା ପୁଣି ବାହ୍ୟ ଜଗତରୁ ବିଚ୍ଛିନ୍ନ ଗୋପିସାହି। ପ୍ରବଳ ବର୍ଷା ହେବା ଫଳରେ ନଦୀ ପାର ହୋଇପାରୁନାହାନ୍ତି ଗ୍ରାମ ଲୋକେ। ଯିଏ ନାଳ ଏପଟେ ଆସିଥିଲା ସିଏ ଏପଟେ ହିଁ ରହି ଯାଇଛି। ସେପଟେ ଲୋକେ ୨ ଦିନ ହେଲା ଆସିପରୁନାହାନ୍ତି। ଅନ୍ୟପଟେ ଗାଁରେ ଦୁଇଦିନ ହେଲା ଜଣେ ବୃଦ୍ଧା ବାର୍ଦ୍ଧକ୍ୟଜନିତ ସମସ୍ୟାରେ ପୀଡ଼ିତ ହୋଇ ପଡ଼ିରହିଛନ୍ତି। ଭରା ନାଳ ପାଇଁ ମେଡିକାଲ୍ ନେଇ ପାରୁନାହାନ୍ତି ପାରିବାର ଲୋକେ।

# ମାହେଶ୍ୱରୀ ସଂଗଠନର କେନ୍ଦ୍ରୀୟ କମିଟି ବୈଠକ



**ବଲାଙ୍ଗିର, ୨୬।୭ (ସମିସ):** ବଲାଙ୍ଗିର ଖୁଜେନପାଲସ୍ଥିତ ବେବି ବବୁଲ୍ସ ପ୍ଲେ ସ୍କୁଲରେ ମାହେଶ୍ୱରୀର ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ରୀୟକମିଟି ବୈଠକ ଅନୁଷ୍ଠିତ ହୋଇଛି। ସଭାରେ ବଲାଙ୍ଗିର ଜିଲ୍ଲାର ଆଗଲପୁର, ଲୋଇସିଂହା, ଦେଓଗାଁ, ଟିଟିଲାଗଡ଼, ଖପ୍ରାଖୋଲ, ପାଟଣାଗଡ଼, ବଲାଙ୍ଗିର ସଦର ଏବଂ ସୁବର୍ଣ୍ଣପୁର ଜିଲ୍ଲାର ତରଭାର ବ୍ଲକ ଅଧ୍ୟକ୍ଷ ଓ ସଂଯୋଜକମାନେ ଉପସ୍ଥିତ ଥିଲେ। ବୈଠକରେ ମାହେଶ୍ୱରୀ ସଂଗଠନର ସାଂଗଠାନିକ ବୃଦ୍ଧି, ଯୁବ ଶକ୍ତିର ସଠିକ୍ ଦିଗରେ ପ୍ରବାହ ଓ ସମାଜକୁ ଉନ୍ନତିର ପଥରେ ଆଗେଇନେବା ବିଷୟରେ ଚର୍ଚ୍ଚା ହୋଇଥିଲା। ଚଳିତ ବର୍ଷ ମଧ୍ୟରେ ଗୋଟିଏ ବଡ ରୂପରେ ରକ୍ତଦାନ ଶିବିର, ବୃକ୍ଷରୋପଣ, ନାରୀ ସଶକ୍ତିକରଣ ଅଭିଯାନ ଓ ସଚେତନତା କାର୍ଯ୍ୟକ୍ରମ ବିଭିନ୍ନ ବ୍ଲକରେ ଅନୁଷ୍ଠିତ କରାଯିବା ନିଷ୍ପତ୍ତି ହୋଇଛି। ବିଶେଷ ଭାବରେ ପଞ୍ଚାୟତସ୍ତରରେ ଯୁବମାନେ ଅଗ୍ରଣୀ ଭୂମିକା ନିର୍ବାହ କରିବେ। ସଭାରେ ମାହେଶ୍ୱରୀ ପରିବାରର ମୁଖ୍ୟ ନେତୃତ୍ୱ ପରିଚାଳନା ନିର୍ଦ୍ଦେଶକ ଅଙ୍କୁଶ କୁମାର ପାଣ୍ଡିଆ, ସଭାପତି ଶୋଭନ କୁମାର ଅଗ୍ରୱାଲ ଓ ସବୁ ବ୍ଲକ ସଭାପତି ଏବଂ ସଂଯୋଜକମାନେ ସଂଗଠନର ଭବିଷ୍ୟତ ନୀତି ଓ କାର୍ଯ୍ୟ ପ୍ରଣାଳୀ ବିଷୟରେ ମନ୍ତବ୍ୟ ରଖିଥିଲେ।

# ଲୋଇସିଂହା ପୁଲିସ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

**ଲୋଇସିଂହା, ୨୬।୭(ସମିସ):** ବଲାଙ୍ଗିର ଜିଲ୍ଲା ଲୋଇସିଂହା ପୁଲିସ ପକ୍ଷରୁ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଲୋଇସିଂହା ଥାନା ଅଧିକାରୀ ଯାଜ୍ଞସେନୀ ନାୟକ ଯୋଗ ଦେଇ ନାବାଳିକା, ବାଳିକାମାନଙ୍କ ପ୍ରତି ବଢୁଥିବା ନିର୍ଯାତନା ଓ ଏହାର ଆଇନ ଦିଗ ଉପରେ ଛାତ୍ରୀମାନଙ୍କୁ ସଚେତନ କରାଇଥିଲେ। ବିଶେଷ କରି ଶିକ୍ଷାନୁଷ୍ଠାନମାନଙ୍କରେ ନିର୍ଯାତନା ବୃଦ୍ଧି ପାଉଥିବାରୁ ସେଠାରୁ ନିବୃତ୍ତ ରହିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୁଲିସ ଏସଆଇ ମନୋଜ ମୁଣ୍ଡା, ସ୍କୁଲପ୍ରଧାନ ଶିକ୍ଷା ସମେତ ଅନ୍ୟ ଶିକ୍ଷୟତ୍ରୀମାନେ ମଧ୍ୟ ଉପସ୍ଥିତ ଥିଲେ।




# ସଂସ୍କୃତ ପରିଷଦର ମାସିକ ଅଧିବେଶନ

**ବଲାଙ୍ଗିର, ୨୬।୭(ସମିସ):** ନୃସିଂହ ମନ୍ଦିର ପରିସରରେ ସଂସ୍କୃତ ପରିଷଦ ବଲାଙ୍ଗିରର ମାସିକ ଅଧିବେଶନ ସଭାପତି ଆଇନଜୀବୀ ଜୟରାମ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟବକ୍ତା ଭାବରେ ଡ.ପ୍ରେମଚାନ୍ଦ ମହାନ୍ତି ଯୋଗଦାନ କରି ବିଦେଶରେ ସଂସ୍କୃତ ଭାଷାର ଆଦର ଓ ବେଦର ସାରମର୍ମ ବିଷୟରେ ସାର ଗର୍ଭକ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ପାଦକ ରାଜକିଶୋର ପଣ୍ଡା ଗତ ଅଧିବେଶନର ବିବରଣୀ ପାଠ କରିଥିବା ବେଳେ ଉପସଭାପତି କେଶବ ଚନ୍ଦ୍ର ମିଶ୍ର ନିଜସ୍ୱ ମତ ପ୍ରକଟ କରିଥିଲେ। ଅଧିବଶେନରେ ମଧୁ ସୁଦନ ନାୟକ, କପିଳ ପତି, ପର୍ଶୁରାମ ନାୟକ, ଆଶୁତୋଷ ମିଶ୍ର, ମଦନ ମୋହନ ରଥ, ବନମାଳି ନନ୍ଦ, ପୁରୁଷୋତ୍ତମ ପଣ୍ଡା ଯୋଗ ଦେଇଥିଲେ। କୋଷାଧ୍ୟକ୍ଷ ବ୍ରଜ କିଶୋର ପଣ୍ଡା ଆୟ ବ୍ୟୟ ସୂଚନା ଦେଇଥିବା ବେଳେ ସହସମ୍ପାଦକ ସିତାଂଶୁ ଶେଖର ନାୟକ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।



# ଟିକ୍ରାପଡ଼ା ବ୍ରିଗେଡ଼ ସ୍କୁଲରେ କାର୍ଗିଲ ବିଜୟ ଦିବସ

**ସଇଁତଳା, ୨୬।୭(ସମିସ):** ସଇଁତଳା ବ୍ଲକ ଟିକ୍ରାପଡ଼ା ସ୍ଥିତ ଓଡ଼ିଶା ଷ୍ଟେଟ ବ୍ରିଗେଡ଼ ସ୍କୁଲରେ ଅଧ୍ୟକ୍ଷ ଚନ୍ଦ୍ରମଣି ରାଜପଲିଆଙ୍କ ଅଧ୍ୟକ୍ଷତାରେ କାର୍ଗିଲ ବିଜୟ ଦିବସ ପାଳିତ ହୋଇଯାଇଛି। ଛାତ୍ରୀ ଅମ୍ରିତା ରାଜପଲିଆଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଶିକ୍ଷୟିତ୍ରୀ ବୈଜୟନ୍ତୀ ମହାକୁର, ଶ୍ରଦ୍ଧାଞ୍ଜଳି ଦାଶ, ଲକ୍ଷ୍ମୀ ନାଗ, ଶିକ୍ଷକ ଦିଲ୍ଲୀପ ମିର୍ଦ୍ଧା, ନବକିଶୋର ନାଗ ବକ୍ତବ୍ୟ ପ୍ରଦାନ କରିଥିଲେ। ଲତିକା କଲେତ, ରୁତିକା ରାଜପଲିଆ, ଆରୋହୀ ରାଜପଲିଆ, ତୃପ୍ତିମୟୀ ମେହେର, ଅର୍ମାନ ବାଗ, ଅମ୍ରିତ ମାହାର, ଯୋଗମୟ ବାଗ, ଶୁଭମ ବାରିକ, କନିଷ୍କ ରାଜପଲିଆ, ପରିତୋଷ ନାଏକ ପ୍ରମୁଖ ଛାତ୍ରଛାତ୍ରୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବନ୍ଦନା ରଣା ଅତିଥି ପରିଚୟ ଓ ସାବିତ୍ରୀ ରାଜପଲିଆ ଧନ୍ୟବାଦ ଅର୍ପଣ କରିଥିଲେ। ସଙ୍ଗୀତା ବାଗ, ଭାର୍ଗବୀ ରାଜପଲିଆ, ପ୍ରହ୍ଲାଦ ସିନ୍ଧ୍ରୀଆ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।





# ଜେଆଇଟିଏମ୍‌ରେ ଯୁଥ୍ ପାର୍ଲାମେଣ୍ଟ

**ବଲାଙ୍ଗିର, ୨୬।୭(ସମିସ)**

ଭାରତୀୟ ଗଣତନ୍ତ୍ର ହେଉଛି ପୃଥିବୀର ସର୍ବ ବୃହତ ଗଣତନ୍ତ୍ର। ଏଠାରେ ସଂସଦୀୟ ଗଣତନ୍ତ୍ରର ବ୍ୟବସ୍ଥା ରହିଛି। ଗଣତନ୍ତ୍ରର ମୂଳ ମନ୍ତ୍ର ହେଲା ଶିକ୍ଷା। ଗଣତାନ୍ତ୍ରିକ ମୂଲ୍ୟବୋଧର ଶିକ୍ଷା ଓ ବ୍ୟବସ୍ଥା ବିଷୟରେ ଛାତ୍ରଛାତ୍ରୀମାନଙ୍କୁ ସଚେତନ କରିବା ପାଇଁ ସେଞ୍ଚୁରିଅନ ବିଦ୍ୟାଳୟର କର୍ତ୍ତୃପକ୍ଷ ଯୁଥ ପାର୍ଲିଆମେଣ୍ଟର ପରିକଳ୍ପନା କରିଥିଲେ। ଯାହାକି ଶନିବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ଅନୁଷ୍ଠାନର ଆଞ୍ଚଳିକ ନିର୍ଦ୍ଦେଶକ ଡ଼ ପ୍ରଦୀପ ଷଡ଼ଙ୍ଗୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। କାର୍ଯ୍ୟକ୍ରମ ବିଦ୍ୟାଳୟର ଉପାଧକ୍ଷା ଡ଼ ପୂର୍ଣ୍ଣତୋୟା ବିଶ୍ୱାଳଙ୍କ ସଫଳ ପରିଚାଳନା ଦ୍ୱାରା ସମ୍ପାଦିତ ହୋଇଥିଲା ବିଦ୍ୟାଳୟର ଅଧ୍ୟକ୍ଷ ତମାଳ ଚକ୍ରବର୍ତ୍ତୀ, ସିଏସ୍‌ଏସଇ ବିଭାଗର ଅଧ୍ୟକ୍ଷ ଡ଼ ଅନଙ୍ଗ ଉଦୟ ନାୟକ, ଉପାଧକ୍ଷା ଡ଼.ଅଙ୍କିତା ଶୁଭ୍ରସ୍ମିତା ଗଡ଼ତ୍ୟା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବିଦ୍ୟାଳୟର ଅଧ୍ୟାପକ ପୂର୍ଣ୍ଣ ମୂର୍ତ୍ତି କ୍ରାଷ୍ଟ ଦାସ, ଶିରୀସା ପତି ଓ ରମେଶ ମାଝୀ ଛାତ୍ରଛାତ୍ରୀଙ୍କୁ ମାର୍ଗ ଦର୍ଶନ ଓ ପ୍ରସଙ୍ଗ ଉପସ୍ଥାପନାରେ ସହାୟତା କରିଥିଲେ। ବିଦ୍ୟାଳୟର ପ୍ରାୟ ୬୦ରୁ ଅଧିକ ଛାତ୍ରଛାତ୍ରୀ ଅଷ୍ଟମ ଶ୍ରେଣୀରୁ ଏକାଦଶ ଶ୍ରେଣୀ ( ଉଭୟ କଳା ଓ ବିଜ୍ଞାନ)ର ଭାଗ ନେଇଥିଲେ। ସମସ୍ତ ଛାତ୍ର ଛାତ୍ରୀ ଶାସକ ଦଳ ଓ ବିପକ୍ଷ ପରି ଦୁଇ ଦଳରେ ବିଭକ୍ତ ହୋଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସଂସଦରେ ଅନୁସୃତ ହେଉଥିବା ସମସ୍ତ କାର୍ଯ୍ୟକ୍ରମ ପର୍ଯ୍ୟାୟକ୍ରମେ ଅନୁଷ୍ଠିତ ହୋଇଥିଲା। ଏଥିରେ ସାଂସଦ ମାନଙ୍କରେ ସ୍ୱାଗତ, ପରିଚୟ ପ୍ରଦାନ, ଶପଥ ସମାରୋହ, ଶୂନ୍ୟ କାଳ, ପ୍ରଶ୍ନ କାଳ, ବିଦେଶୀ ଅତିଥିଙ୍କର ସ୍ୱାଗତ, ବିଭିନ୍ନ ବିଲ ଆଗତର ପ୍ରକ୍ରିୟା, ମିଡ଼ିଆ କର୍ମୀଙ୍କର ସ୍ୱାଗତ, ଶ୍ରେଷ୍ଠ ସାଂସଦର ଘୋଷଣା ପରି ପର୍ଯ୍ୟାୟ ଅନ୍ତର୍ଭୁକ୍ତ ଥିଲା। ଶେଷରେ ବାଚସ୍ପତି ସଂସଦ ସମାପ୍ତିର ଘୋଷଣା କରିଥିଲେ। ସଂସଦର ଆଲୋଚନାର ମୁଖ୍ୟ ବିଷୟ ଗୁଡିକ ଥିଲା, ଭାରତର ପହେଲାଗାଓଁ ଆକ୍ରମଣ ଉପରେ ଅପେରସନସିନ୍ଦୂରର ପ୍ରସଙ୍ଗ, ଚାଷୀ ଆସହତ୍ୟା, ନୂତନ ଶିକ୍ଷା ନୀତି, ଭାରତର ଭିତ୍ତିଭୂମିର ବିକାଶ ( ସଡ଼କ, ଗମନାଗମନ ଓ ପରିବହନ ବ୍ୟବସ୍ଥା ) ଯାହା ଦର୍ଶକଙ୍କ ଦ୍ୱାରା ଖୁବ ପ୍ରଶଂସିତ ହୋଇଥିଲା। ଛାତ୍ରଛାତ୍ରୀଙ୍କର ଚିତ୍ତାକର୍ଷକ ସଂଳାପ ଓ ନେତୃତ୍ୱର ଭୂମିକା ସମସ୍ତଙ୍କୁ ଆକର୍ଷିତ କରିଥିଲା। ଶେଷରେ ବିଦ୍ୟାଳୟର ଅଧ୍ୟାପିକା ଶିରୀସା ପତି ଓ ରମେଶ କୁମାର ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

### ସମଲେଇ ମନ୍ଦିରରରେ ଇନ୍‌ଫ୍ଲୁଏନସରଙ୍କ ଲାଗି ନିୟମ ଫୁ

# ମୁଖଶାଳାରେ ପ୍ରସାଦ ସେବନକୁ ଜୋରଦାର ବିରୋଧ

ସମ୍ବଲପୁର, ୨୬ ।୭ (ସମିସ)

ସମଲେଶ୍ୱରୀ ମନ୍ଦିରରେ ଇନ୍‌ଫ୍ଲୁଏନସର ମାନଙ୍କ ପାଇଁ ନିୟମ କୋହଳ। ମନ୍ଦିର ମୁଖଶାଳାରେ କିଛି ୟୁଟ୍ୟୁବର ପ୍ରସାଦସେବନ କରୁଥିବା ଭିଡ଼ିଓ ଭାଇରାଲ ହୋଇଛି। ମନ୍ଦିର ପରିସର ଭିତରକୁ ପ୍ଲାଷ୍ଟିକ, ପଲିଥିନ ବ୍ୟାନ କରାଯାଇଛି। ମନ୍ଦିରର ସ୍ୱଚ୍ଛତାକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି। ମନ୍ଦିରର ମୁଖଶାଳାରେ ମୋବାଇଲ ବ୍ୟବହାର ମନା କରାଯାଇଛି। କିନ୍ତୁ କେଉଁ ପରିସ୍ଥିତିରେ ମନ୍ଦିର ମୁଖ ଶାଳାରେ ପଲିଥିନରେ ଭୋଗ ନେଇ ସେବନ କରାଯାଉଛି ଓ ତାହା ମୋବାଇଲ ମାଧ୍ୟମରେ ଭିଡ଼ିଓ ଉତ୍ତୋଳନ କରି ସୋସିଆଲ ମିଡ଼ିଆରେ ଉପଲୋଡ ମଧ୍ୟ କରାଯାଇଛି। ତାହାକୁ ନେଇ ସମ୍ବଲପୁରର ବିଭିନ୍ନ ଲୋକ କ୍ଷୋଭ ପ୍ରକାଶ କରିଛନ୍ତି। ସୋସିଆଲ ମିଡ଼ିଆରେ ଭିଡ଼ିଓ ଭାଇରାଲ ପରେ ବୁଦ୍ଧିଜୀବୀମାନେ ନିଜର ଅସନ୍ତୋଷ ପ୍ରକାଶ କରିଛନ୍ତି। ଏପରିକି 'ସମ୍ବଲପୁରିଆ' ହ୍ୱାଟସଅପ ଗ୍ରୁପରେ ଏହାକୁ ତୀବ୍ର ନିନ୍ଦା କରାଯାଇଛି। ସୂଚନା ଅନୁସାରେ ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଇଙ୍କ ପୀଠର ବିକାଶ



କରାଗଲା। ବିକାଶ ପରେ ପ୍ରସାଦସେବନ ପାଇଁ ସ୍ୱତନ୍ତ୍ର ଭୋଗ ମଣ୍ଡପ ତିଆରି ମଧ୍ୟ କରାଯାଇଛି। ଦୂରଦୁରାନ୍ତ ତଥା ସମ୍ବଲପୁର ବାସୀ ସହଜରେ ମନ୍ଦିରରୁ ଭୋଗ ଗ୍ରହଣ କରିପାରିବେ। ଏହାକୁ ନଜରରେ ରଖି ଭୋଗ ବ୍ୟବସ୍ଥା ଆରମ୍ଭ କରାଯାଇଥିଲା। ମନ୍ଦିରର ମୁଖ ଶାଳାରେ କେହି ମୋବାଇଲ ବ୍ୟବହାର କରିପାରିବେ ନାହିଁ ବୋଲି କୁହାଯାଇଛି। ଯଦି କେହି ଅବମାନନା କରେ ତାହାଲେ ବାରଣ ମଧ୍ୟ କରାଯାଇଥାଏ। ଭାଇରାଲ ଭିଡ଼ିଓରେ

**ସୋସିଆଲ ମିଡ଼ିଆରେ ମନ୍ଦିର ପ୍ରଶାସନକୁ ତାଚ୍ଛଲ୍ୟ**

**ପଲିଥିନ ବ୍ୟାନ୍ ସତ୍ତ୍ୱେ ଭିତରକୁ ଗଲା କେମିତି**

୩ ଜଣ ସମେତ ଜଣେ ପୂଜକ ରହିଛନ୍ତି। ମୁଖଶାଳାର ଏକ ପାର୍ଶ୍ୱରେ ବସି ପଲିଥିନରୁ ଭୋଗ କାଢି ସେବନ କରୁଛନ୍ତି। ଏହାକୁ ତୀବ୍ର ବିରୋଧ କରାଯାଇଛି ସମ୍ବଲପୁରିଆ ହ୍ୱାଟସଅପ ଗ୍ରୁପରେ। ମନ୍ଦିରରେ କଡ଼ା ନିୟମ ଥିବା ସତ୍ତ୍ୱେ କିପରି ଏମାନଙ୍କୁ ଛଡାଯାଇଛି। ମନ୍ଦିରର ପ୍ରଶାସନ ଠିକ ଭାବେ ପରିଚାଳନା କରିପାରୁନାହିଁ ବୋଲି ମତ ପ୍ରକାଶ ପାଇଛି। ସମ୍ବଲପୁରର ବିପ୍ଳବ ଡନସେନ କହିଛନ୍ତି, ସହରବାସୀ ତଥା ବାହାରୁ ଭକ୍ତ ଆସିଲେ ସେମାନଙ୍କୁ ମନ୍ଦିର ଭିତରେ ଭୋଗ ସେବନ ମନାଥାଏ। ଏପରିକି ମୋବାଇଲ ମଧ୍ୟ ବ୍ୟବହାର କରିନଥାନ୍ତି। କିନ୍ତୁ ୟୁଟ୍ୟୁବର ବୋଲି ବୋଧେ ଏମାନଙ୍କ ପାଇଁ ନିୟମ ଭାଙ୍ଗିଯାଇଛି। ତେଣୁ ସିସିଟିଭି ତଥା ଏହି ଘଟଣାକୁ ତଦନ୍ତ କରିବାକୁ ସେ ଦାବି କରିଛନ୍ତି। ମୁଖ ଶାଳାରେ ଭୋଗ କରିବା ଅର୍ଥାତ ସେ ସ୍ଥାନ ଅଇଁଠା ହୋଇଯାଇଛି। ତେଣୁ ବ୍ୟକ୍ତିଗତ ଭାବେ ମୁ ଏହାକୁ ତୀବ୍ର ବିରୋଧ କରିବା ସହ ନିନ୍ଦା କରୁଛି ବୋଲି ସେ କହିଛିନ୍ତି।

ଏହି ଘଟଣାକୁ ବିରୋଧ ପରେ ୟୁଟ୍ୟୁବର ନିଜର ଦୋଷ ସ୍ୱିକାର କରିଛନ୍ତି। ମନ୍ଦିରର ନିୟମ ବିଷୟରେ ସେ ଅବଗତ ନଥିଲେ। ପୂଜାରୀ ମାଙ୍କ ଭୋଗ ଖାଇଲେ କିଛି ହେବନାହିଁ ବୋଲି କହିଥିଲେ। ତେଣୁ ଆମେ ଖାଇଥିଲୁ। ଏଥି ପାଇଁ ମନ୍ଦିର ପ୍ରଶାସନ ଜିଲ୍ଲା ପ୍ରଶାସନ ଓ ସମସ୍ତ ଭକ୍ତଙ୍କୁ ସେ କ୍ଷମା ପାର୍ଥନା କରିଛନ୍ତି।

## ବିରଳ ବମ୍ବେ ଗ୍ରୁପ୍ ରକ୍ତଦାନ କଲେ ଛତିଶଗଡ଼ର ସତୀଶ

**ସମ୍ବଲପୁର, ୨୬।୭ (ସମିସ):** ସମ୍ବଲପୁରର ଜଣେ ଯୁବକ ଏମ୍‌ଡି ଅନାୟତ ଗତ ୧୯ ତାରିଖ ସଡ଼କ ଦୁର୍ଘଟଣାରେ ଗୁରୁତର ଆହତ ହୋଇ ପ୍ରଥମେ ଭିମସାର ଓ ପରେ କଟକ ମେଡିକାଲକୁ ସ୍ଥାନାନ୍ତରିତ ହୋଇଥିଲେ। ଦୁର୍ଘଟଣାରେ



ତାଙ୍କ ଗୋଟିଏ ଗୋଡ଼ ସମ୍ପୂର୍ଣ୍ଣ ନଷ୍ଟ ହେଇଯାଇଥିଲା। ତେଣୁ ଡାକ୍ତର ତାଙ୍କର ଅପରେସନ ପାଇଁ ୩ ରୁ ୪ ୟୁନିଟ୍ ରକ୍ତ ଯୋଗାଡ଼ କରିବା ପାଇଁ କହିଥିଲେ। ଆହତଙ୍କ ରକ୍ତ ହେଉଛି ବିରଳ ଓ ପଜିଟିଭ୍ ବମ୍ବେ ଗ୍ରୁପ୍। ଯାହାକି ଅତି ବିରଳ ଗ୍ରୁପ ଏବଂ ସାରା ଓଡ଼ିଶାରେ କେବଳ ୨୫ ରୁ ୩୦ ଜଣ ଏହି ରକ୍ତ ଗ୍ରୁପ୍‌ର ଅଛନ୍ତି। ରୋଗୀଙ୍କ ରକ୍ତ ୪.୬% କୁ ଖସିଯାଇଥିଲା। ବିନା ରକ୍ତରେ ରୋଗୀର ଅପରେସନ ଅସମ୍ଭବ ବୋଲି ଡାକ୍ତର କହିଥିଲେ। ରୋଗୀ ସମ୍ପର୍କୀୟଙ୍କଠାରୁ ଖବରପାଇ 'ସମ୍ବଲ' ଅନୁଷ୍ଠାନର ଉପଦେଷ୍ଟା ରାମଦାସ ପଣ୍ଡା ଛତିଶଗଡ଼ର ସତୀଶ ସିଂଙ୍କୁ ଯୋଗାଯୋଗ କରିଥିଲେ। ସତୀଶ କଟକ ନ ଯାଇ ସମ୍ବଲପୁରରେ ଆସି ରକ୍ତଦେବା ପାଇଁ ରାଜିହେଲେ। ତେଣୁ କଟକରୁ ରୋଗୀ ସମ୍ପର୍କୀୟମାନେ ରିକ୍ୟୁଜିସନ ଫର୍ମ ଏବଂ ରକ୍ତ ସାମ୍ପୁଲ ଆଣି ସମ୍ବଲପୁର ମୁଖ୍ୟ ଚିକିତ୍ସାଳୟକୁ ଆସିଥିଲେ। ଶୁକ୍ରବାର ରାତି ସାଢ଼େ ୮ଟା ସମୟରେ ସତୀଶ ୩୮୫ କିଲୋମିଟର ଦୂରରୁ ଆସି ରକ୍ତଦାନ କରିଥିଲେ। ସଦର ରକ୍ତଭଣ୍ଡାର ଅଧିକାରୀ ଡା. କଲ୍ପେଶ କକ୍କଡ଼ ଏବଂ ଅନ୍ୟ କର୍ମଚାରୀମାନେ ରକ୍ତସଂଗ୍ରହ କରିଥିଲେ। ଗତକାଲି ଆଉ ଦୁଇଜଣ ରକ୍ତଦାତା ମଧ୍ୟ କଟକରେ ରକ୍ତଦାନ କରିଥିଲେ। ତେଣୁ ଗତକାଲି ସନ୍ଧ୍ୟାରେ ରୋଗୀଙ୍କ ଅପରେସନ ହୋଇପାରିଛି। ଏତେଦୂରରୁ ଜଣେ ଭାଇ ଆସି ଅନ୍ୟ ଜଣେ ଭାଇର ଜୀବନ ବଞ୍ଚେଇବା ପାଇଁ ରକ୍ତଦାନ କରିଥିବାରୁ ସତୀଶଙ୍କୁ ଉତ୍ତରୀୟ ଏବଂ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା। ଏହି ଅବସରରେ 'ସମ୍ବଲ'ର ସୁବ୍ରତ ପଣ୍ଡା, ଦେବାଶିଷ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

## ପୁସ୍ତକ 'ଜଷ୍ଟିସ୍' ଉନ୍ମୋଚିତ

**ସମ୍ବଲପୁର, ୨୬।୭ (ସମିସ):** ସମ୍ବଲପୁର ଜିଲ୍ଲା ଓକିଲ ସଂଘ ପାଠାଗାର ପ୍ରେକ୍ଷାଳୟରେ ବରିଷ୍ଠ ଆଇନଜୀବୀ ପ୍ରମୋଦ କୁମାର ସାହୁଙ୍କ ଦ୍ୱାରା ଲିଖିତ ପୁସ୍ତକ 'ଜଷ୍ଟିସ୍' ଆଜି ଉନ୍ମୋଚିତ ହୋଇଯାଇଛି। ଜିଲ୍ଲା ଓ ଦୌରା ଜଜ୍ ପ୍ରଜ୍ଞା ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ପୁସ୍ତକଟି ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ଜିଲ୍ଲା ବିଚାରପତି ଓ ଅନ୍ୟ ବିଚାରପତିମାନେ ଉପସ୍ଥିତ ଥିଲେ। ଜିଲ୍ଲା ଓକିଲ ସଂଘ ସଭାପତି ପ୍ରଦୀପ ବହିଦାର, ଉପସଭାପତି ଅରବିନ୍ଦ ନାୟକ,




ସମ୍ପାଦକ ପ୍ରଦ୍ୟୋତ କୁମାର ଶର୍ମା, ଯୁଗ୍ମ ସମ୍ପାଦକ ମହେନ୍ଦ୍ର କୁମାର ବଡ଼େଇ, ସହକାରୀ ସମ୍ପାଦକ ପ୍ରଦୀପ ସୂପକାର ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ସତ୍ୟ ନାରାୟଣ ପଣ୍ଡା, ଦେବ କୁମାର ଆଜମେରିଆ ପ୍ରମୁଖ ଶତାଧିକ ଆଇନଜୀବୀ ଯୋଗ ଦେଇଥିଲେ।

## ଇଟାମାଡ଼ରେ ଯୁବକଙ୍କ ମୁଣ୍ଡ ଫାଟିଲା

**ସମ୍ବଲପୁର, ୨୬।୭ (ସମିସ):** ସମ୍ବଲପୁର କ୍ଷେତରାଜପୁର ଥାନା ଅନ୍ତର୍ଗତ ଚନ୍ଦନ ନଗରରେ ଇଟା ମାଡ଼ରେ ଜଣେ ଯୁବକର ମୁଣ୍ଡ ଫାଟି ଯାଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଆଜି ରାତି ୮ ଟା ସମୟରେ ନିରଜ ବିଶ୍ୱକର୍ମା କୌଣସି ଏକ କାମରେ ନିଜ ଘରୁ ବାହାରଙ୍କୁ ଯାଉଥିବା ସମୟରେ କେହିଜଣେ ତାଙ୍କ ଉପରକୁ ଏକ ଇଟା ଫିଙ୍ଗି ଦେଇଥିଲା। ଫଳରେ ତାଙ୍କ ମୁଣ୍ଡ ଫାଟି ରକ୍ତସ୍ରାବ ହୋଇଥିଲା। ତେବେ କିଏ ଇଟା ଫିଙ୍ଗିଛି ତାହା ଜଣାପଡ଼ିନାହିଁ। ଏନେଇ କ୍ଷେତରାଜପୁର ଥାନାରେ କୌଣସି ଅଭିଯୋଗ ହୋଇନଥିବା ସୂଚନା ମିଳିଛି।

## ଛିନ୍‌ତାଇ ଅଭିଯୋଗରେ ଜଣେ ଗିରଫ

**ସମ୍ବଲପୁର, ୨୬ ।୭ (ସମିସ):** ଭିମସାର ଟିକେଟ କାଉଣ୍ଟର ପାଖରେ ମୋବାଇଲରେ କଥା ହେବା ସମୟରେ ଜଣେ ଦୁର୍ବୃତ୍ତ ଛଡ଼ାଇ ଫେରାର ହୋଇଥିଲା। ବୁର୍ଲା ଥାନାରେ ଅଭିଯୋଗ ପରେ ପୁଲିସ ଅଭିଯୁକ୍ତ ଗୋପାଲମାଲର ମାଧବ ମହାନନ୍ଦ(୨୪) କୁ ଗିରଫ କରିଛି। ଶୁକ୍ରବାର ରାତିରେ ଅଭିଯୁକ୍ତ ସାଇକଲ ଦୋକାନରୁ ମଧ୍ୟ ଚୋରି କରିଥିଲା। ପୁଲିସ ଚୋରି ମୋବାଇଲ ସହ ଅନ୍ୟାନ ସାମଗ୍ରୀ ଉଦ୍ଧାର କରିଛି।

## ଡକାୟତି ଉଦ୍ୟମ ଅଭିଯୋଗରେ ଦୁଇ ଗିରଫ

**ସମ୍ବଲପୁର, ୨୬ ।୭ (ସମିସ):** ଛୁରି ଦେଖାଇ ଟଙ୍କା ମାଗିବା ଅଭିଯୋଗରେ ବୁର୍ଲା ଥାନା ଦୁଇ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସୁମିତ ସାହୁ ଓ ଆଲମ ଖାନ। ବୁର୍ଲା ଏନ୍‌ଏସିକଲେଜ ସମ୍ମୁଖରେ ଜଣେ ଯୁବତୀ ଛିଡ଼ା ହେବା ସମୟରେ ୩ ଜଣ ଦୁର୍ବୃତ୍ତ ଛୁରି ଦେଖାଇ ଟଙ୍କା ମାଗିଥିଲେ। ପୁଲିସ ତଦନ୍ତ ପରେ ପ୍ରଥମେ ସୁମିତକୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ଆଜି ଆଲମକୁ ଗିରଫ ପରେ କୋର୍ଟକୁ ପଠାଇ ଦେଇଛି।

## ମାନ୍ଧାତା ବାବା ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟର ପ୍ରତିଷ୍ଠା ଦିବସ

**ସମ୍ବଲପୁର, ୨୬।୭ (ସମିସ):** ମାନେଶ୍ୱରସ୍ଥିତ ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟର ୩୦ତମ ପ୍ରତିଷ୍ଠା ଦିବସ ଆଜି ଅନୁଷ୍ଠିତ ହୋଇଯାଇଛି। ରାଜନୀତି ବିଜ୍ଞାନ ଅଧ୍ୟାପକ ସତ୍ୟ ନାରାୟଣ ଚୌଧୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ




କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅନ୍ୟତମ ପ୍ରତିଷ୍ଠାତା ସଦସ୍ୟ ହୀରାଲାଲ ବାରିକ ମୁଖ୍ୟଅତିଥି ଓ ବରିଷ୍ଠ ସାମ୍ବାଦିକ ଶିବ ଶଙ୍କର ନନ୍ଦ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଶ୍ରୀ ନନ୍ଦ ନିଜ ବକ୍ତବ୍ୟରେ କହିଲେ ଯେ, ବିକାଶ ହେଉଛି ମଣିଷର ସହଜାତ ଗୁଣ। ଏହାକୁ ମନେରଖି ନିଜକୁ ବିକାଶ କରିବା ସଙ୍ଗେ ସଙ୍ଗେ ଦେଶକୁ ମଧ୍ୟ ବିକଶିତ କରିବାରେ ସହଯୋଗ କରିବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ସମାଜରେ ସମସ୍ତଙ୍କ ଭିତରେ କିପରି ସମତା ବଜାୟ ରହିପାରିବ, ଭେଦଭାବମୁକ୍ତ ସମାଜ ପ୍ରତିଷ୍ଠା ହୋଇ ପାରିବ ସେଦିଗରେ ଆମେ କାର୍ଯ୍ୟ କରିବା ଉଚିତ। ମୁଖ୍ୟ ଅତିଥି ଶ୍ରୀ ବାରିକ ଅନୁଷ୍ଠାନର ୩୦ ବର୍ଷର କ୍ରମବିକାଶ ଉପରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ଗଣ୍ଡାରାମ ଘଡିଏଲ ବାର୍ଷିକ ବିବରଣୀ ପାଠ କରିଥିଲେ। ଇତିହାସ ଅଧ୍ୟାପକ ଡ. ସତ୍ୟ ନାରାୟଣ ଠାକୁର କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଓଡ଼ିଆ ଅଧ୍ୟାପକ ତୋଷଧର ବାରିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଇଂରାଜୀ ଅଧ୍ୟାପିକା ଚିନ୍ମୟୀ ମିଶ୍ର ପୁରସ୍କାର ବିତରଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରେ ଅର୍ଥନୀତି ବିଭାଗ ଅଧ୍ୟାପକ ଧର୍ମେନ୍ଦ୍ର କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ଚୋରି ଅଭିଯୋଗରେ ଜଣେ ଗିରଫ

**ସମ୍ବଲପୁର, ୨୬ ।୭ (ସମିସ):** ବୁର୍ଲା ପୁଲିସ ସିସିଟିଭି ଚୋରି ଅଭିଯୋଗରେ ଜଣେ ଅଭିଯୁକ୍ତକୁ ଗିରଫ କରିଛି। ସେ ହେଉଛି ବୁର୍ଲା ଥାନା ଶକ୍ତି ନଗରର ସୁଦନ ମୁଣ୍ଡା(୨୦) ଶୁକ୍ରବାର ରାତିରେ ୨ଟି ସିସିଟିଭି ଚୋରି ହୋଇଥିବା ନେଇ ଏମଡି ଆଜାଦ ଅଭିଯୋଗ କରିଥିଲେ। ପୁଲିସ ତଦନ୍ତ ପରେ ୨ଟି ସିସିଟିଭି ଉଦ୍ଧାର ସହ ଅଭିଯୁକ୍ତକୁ ଗିରଫ ପରେ କୋର୍ଟ ଚାଲାଣ କରିଛି।

## ମା'ପାଇଁ ଗଛଟିଏ କାର୍ଯ୍ୟକ୍ରମ

**ନାକଟିଦେଉଳ, ୨୬ ।୭ (ସମିସ):** ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମା' ପାଇଁ ଗଛ ଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରଧାନଶିକ୍ଷକ ବ୍ରଜଚନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଇକୋ କ୍ଲବର ଇନ୍‌ଚାର୍ଜ ଶିକ୍ଷକ ସୁଭାଷ ଚନ୍ଦ୍ର ନାୟକ, ବିଦ୍ୟାଳୟର ସହକାରୀ ଶିକ୍ଷକ ବାବୁଲାଲ ବିଶି, ହରେକୃଷ୍ଣ ବିଶି, ମହାଶ୍ୱେତା ସିଂ ଯୋଗଦେଇ କହିଥିଲେ କି ବୃକ୍ଷ ହିଁ ଜୀବନ, ବୃକ୍ଷ ବିନା ଜୀବ ବଞ୍ଚିବା କଷ୍ଟକର ସହ ପରିବେଶକୁ ବଞ୍ଚାଇ ରଖିବା ଓ ପ୍ରକୃତିର ଭରସ୍ୟାମ ରଖିବାକୁ ହେଲେ ବୃକ୍ଷରୋପଣ କରିବାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ମା' ପାଇଁ ଗଛ ଟିଏ ଚାରାରୋପଣରେ ସମସ୍ତ ଛାତ୍ର ଛାତ୍ରୀ ଓ ଶିକ୍ଷକଶିକ୍ଷୟିତ୍ରୀ ସହଯୋଗ କରିଥିଲେ।



ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ନୃସିଂହ ଗୁରୁଙ୍କ ନାତୁଣୀ ବୋହୂ କଳ୍ପନା ଦାଶ ସମ୍ପୂର୍ଣ୍ଣ ଅଙ୍ଗଦାନ କରିଛନ୍ତି। ଆଜି ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଉତ୍ସର୍ଗ'କୁ ସତ୍ୟପାଠ ଦେବାସହ ସେ ସମ୍ମତିପତ୍ର ମଧ୍ୟ ପ୍ରଦାନ କରିଛନ୍ତି।

## ବରଗାଁ ଉଚ୍ଚ ବିଦ୍ୟାଳୟରେ ପରିବେଶ ସୁରକ୍ଷା

**ସମ୍ବଲପୁର, ୨୬।୭ (ସମିସ):** ସମ୍ବଲପୁର ଜିଲ୍ଲା ମାନେଶ୍ୱର ବ୍ଲକ ଅନ୍ତର୍ଗତ ବରଗାଁ ବୀର ସୁରେନ୍ଦ୍ର ସାଏ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟଠାରେ ପ୍ରଧାନଶିକ୍ଷକ ଅରବିନ୍ଦ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ପରିବେଶ ସୁରକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ରାଧେଶ୍ୟାମ ପଣ୍ଡା ଓ ଶିକ୍ଷକ ବିଲାଲସେନ ଅମାତ ଛାତ୍ରଛାତ୍ରୀ ମାନଙ୍କୁ ପରିବେଶ ସୁରକ୍ଷାର ଆବଶ୍ୟକତା ବିଷୟରେ ଅବଗତ କରିଥିଲେ। ଖେଳ ଶିକ୍ଷକ ତଥା ଇକୋ କ୍ଲବ ନିର୍ବାହୀ ରାମନିବାସାହୁ ବୃକ୍ଷରୋପଣର ଆବଶ୍ୟକତା ବିଷୟରେ ଆଲୋକପାତ କରିଥିଲେ। ଛାତ୍ରଛାତ୍ରୀମାନେ ବିଦ୍ୟାଳୟ ପରିସରରେ ବେଲ, ଲେମ୍ବୁ, ଦେବଦାରୁ, ୟୁକାଲିପଟାସ, ପଣସ, ସଜନା ଆଦି ଚାରାରୋପଣ କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ଇପ୍ସିତା ସାହୁ, କ୍ରିଷ୍ଟା ସିଂ, ସମର୍ପଣର ଟିକେଶ୍ୱର ପ୍ରଧାନ ଓ ଆଲୋକ ଦାସ ପ୍ରମୁଖ ସହଯୋଗ କରିଥିଲେ।

## ଜିଲ୍ଲା ସ୍କୁଲରେ ହସ୍ତଶିଳ୍ପ ପ୍ରଦର୍ଶନ ଓ ସଚେତନତା କାର୍ଯ୍ୟକ୍ରମ

**ସମ୍ବଲପୁର, ୨୬।୭ (ସମିସ):** ସମ୍ବଲପୁରର ସର୍ବପୁରାତନ ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲରେ ଏକ ଆକର୍ଷଣୀୟ ଦ୍ୱିତୀୟ ହସ୍ତଶିଳ୍ପ ପ୍ରଦର୍ଶନ ଓ ସଚେତନତା କାର୍ଯ୍ୟକ୍ରମ (ସିଡିପିଏ) ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସାମ୍ପ୍ରଦୟିକ ହସ୍ତଶିଳ୍ପ ପ୍ରତି ଆଗ୍ରହ, ସଂସ୍କୃତି ଓ ପରମ୍ପରା ପ୍ରତି ସଚେତନତା ସୃଷ୍ଟି କରିବା। ବିଦ୍ୟାଳୟର ପ୍ରଧାନଶିକ୍ଷକ ଲୋକିତା ଦାଶ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ହସ୍ତଶିଳ୍ପର ସହକାରୀ ନିର୍ଦ୍ଦେଶକ, ହସ୍ତଶିଳ୍ପ ପ୍ରଶିକ୍ଷକ, ବରିଷ୍ଠ ଶିକ୍ଷକ ଶିକ୍ଷୟିତ୍ରୀ ତଥା ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ। ଚାରୋଟି ବିଭାଗ ଯଥା - ଚିତ୍ରକଳା, ମୃତ୍ତିକାଶିଳ୍ପ, କଷିଦାକାରୀ ଓ ହାତଛପା ବସ୍ତ୍ର ଆଦି ଛାତ୍ରଛାତ୍ରୀ ମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଏହାପରେ ଛାତ୍ରଛାତ୍ରୀମାନେ ନିଜେ ହସ୍ତଶିଳ୍ପ କରି ଦେଖାଇଥିଲେ। ଏହା ବିଦ୍ୟାଳୟ ପରିବେଶକୁ ନୂତନ ଉତ୍ସାହ ଓ ସୃଜନାତ୍ମକତାରେ ପରିପୂର୍ଣ୍ଣ କରିଥିଲା।



## ନାଳରେ ପଡ଼ି ଯୁବକ ମୃତ

**ଜମନକିରା, ୨୬ ।୭ (ସମିସ):** ଜୁନାପାଏଁନ୍ ନାଳ ରେ ମୁହଁମାଡ଼ି ପଡ଼ିଯାଇ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକଙ୍କ ନାଁ ଦୂତୀଆ ସିଂ (୪୬)। ସୂଚନାରୁ ପ୍ରକାଶ ଯେ, ଜମନକିରା ଥାନା ବଡ଼ଖଲିଆଗାଁର ଦୂତୀଆ ଶନିବାର ସକାଳେ ଧାନ ପଲ୍‌ହା ଟେର ଧୋଇ ସଫା କରୁଥିବା ବେଳେ ତାଙ୍କର ମୁଣ୍ଡ ବୁଲାଇ ଦେବାରୁ ଜୁନାପାଏଁନ୍ ନାଳରେ ମୁହଁମାଡ଼ି ହୋଇ ପଡ଼ି ଯାଇଥିଲେ। ଅପର ପାର୍ଶ୍ୱରେ ଧାନ ପଲ୍‌ହା ଲଗାଉ ଥିବା ଦୂତୀଆଙ୍କ ସ୍ତ୍ରୀ କଳାବତି ଓ ବାପା ଇନ୍ଦ୍ର ସିଂ ପୁଅର ବିଳମ୍ବ ଦେଖି ନାଳ ପର୍ଯ୍ୟନ୍ତ ଯାଇ ଦେଖିବାରୁ ପାଣିରେ ବୁଡ଼ି ମରିଥିବା ଦେଖିଥିଲେ। ଏ ସମ୍ପର୍କରେ ପୁଲିସ ସୂଚନା ପାଇ ଘଟଣାସ୍ଥଳକୁ ପହଞ୍ଚି ପାରିପାର୍ଶ୍ୱିକ ତଦନ୍ତ କରି ଶବକୁ ଜବତ୍ ପରେ କୁଚିଣ୍ଡା ଡାକ୍ତରଖାନାକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। କୁଚିଣ୍ଡାରେ ଶବ ବ୍ୟବଚ୍ଛେଦ ହେବା ପରେ ବଡ଼ଖଲିଆ ଗାଁ ଶ୍ମଶାନରେ ଶବ ଦାହ କରାଯାଇଥିଲା। ଜିଲ୍ଲା ପ୍ରଶାସନ ମୃତକଙ୍କ ବିଧବା ପତ୍ନୀ ଓ ବିଭିନ୍ନ ସ୍କୁଲ୍ ରେ ପାଠ ପଢୁଥିବା ନାବାଳକ ତିନି ପୁଅ ଝିଅଙ୍କୁ ତୁରନ୍ତ ଆର୍ଥିକ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

## ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତିର ଆନ୍ଦୋଳନ ସଜବାଜ

**ସମ୍ବଲପୁର, ୨୬।୭ (ସମିସ):** ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ଆହ୍ୱାନରେ ଅଗଷ୍ଟ ୧୬ରେ ହେବାକୁ ଥିବା ମହାସମାବେଶ ପାଇଁ ସମ୍ବଲପୁର ଜିଲ୍ଲା ଓଷ୍ଟା ସଂଘ ତରଫରୁ ଏକ ପ୍ରସ୍ତୁତି ବୈଠକ ଝାଙ୍କରପାଲି ସ୍ଥିତ ଜଗନ୍ନାଥ ହାଇସ୍କୁଲଠାରେ ଅନୁଷ୍ଠିତ ହୋଇଯାଇଛି। ଓଷ୍ଟା ସମ୍ବଲପୁର ଜିଲ୍ଲା ଶାଖା ସଭାପତି କ୍ଷୀରୋଦ ପଣ୍ଡାଙ୍କ




ସଭାପତିତ୍ୱରେ ଆୟୋଜିତ ବୈଠକରେ ସମ୍ପାଦକ ବିଭୂତି ଭୂଷଣ ଚାନ୍ଦ, ପୂର୍ବତନ ଜିଲ୍ଲା ସଭାପତି କୁଳଧର ପ୍ରଧାନ, ଜିଲ୍ଲା ଉପସଭାପତି ପ୍ରେମାନନ୍ଦ ଖମାରୀ ଓ ଯୁଗ୍ମ ସମ୍ପାଦକ ବିଶ୍ୱାମିତ୍ର ଦୀପ ମଞ୍ଚାସୀନ ଥିଲେ। ଦୀର୍ଘଦିନ ଧରି ଅସମାହିତ ବିଭିନ୍ନ ନ୍ୟାୟସଂଗତ ଦାବୀଗୁଡ଼ିକର ତୁରନ୍ତ ସମାଧାନ ପାଇଁ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତିର ଆହ୍ୱାନରେ ଆନ୍ଦୋଳନ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ବୈଠକରେ ବିଭନ୍ନ ଦାବି ଉପରେ ଆଲୋଚନା ହୋଇଥିଲା। ପର୍ଯ୍ୟାୟକ୍ରମେ ଆନ୍ଦୋଳନରେ ଅଗଷ୍ଟ ୨ ତାରିଖ ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଏବଂ ୮ ତାରିଖ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଦାବିପତ୍ର ପ୍ରଦାନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି।

ଦାବିଗୁଡ଼ିକ ମଧ୍ୟରେ ଅନୁଦାନ ଆଶାୟୀ ସମସ୍ତ ଯୋଗ୍ୟ ବିବେଚିତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡିକୁ ଅନୁଦାନ ପ୍ରଦାନ, ସମସ୍ତ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡିକରୁ ଅବସର ନେଇଥିବା ଓ ଅବସର ହେବାକୁ ଥିବା ଶିକ୍ଷକ ଓ କର୍ମଚାରୀ ମାନଙ୍କୁ ଚାକିରି ସର୍ତ୍ତାବଳୀ ସହ ପେନସନ ଓ ଅବସର କାଳୀନ ସୁବିଧା ସୁଯୋଗ ପ୍ରଦାନ, ଅବସର ସମୟ ସୀମା ୬୦ ରୁ ୬୨ ବର୍ଷକୁ ବୃଦ୍ଧି କରିବା ଓ ଗ୍ରେଡ୍ ପେ'ରେ ଥିବା ଅସଙ୍ଗତି ଦୂରୀକରଣ, ସମସ୍ତ ନୂତନ ଓ ପୂର୍ଣ୍ଣ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡିକୁ ସରକାରୀ କରଣ ଏବଂ ଶିକ୍ଷକ ନିଯୁକ୍ତି, ନୂତନ ପେନସନ୍ ପରିବର୍ତ୍ତେ ପୁରାତନ ପେନସନ୍ ଯୋଜନାର ପୁନଃ ପ୍ରଚଳନ ଓ ୨୦୦୪ ରୁ ୨୦୧୩ ମଧ୍ୟରେ ନିଯୁକ୍ତି ପାଇଥିବା ଚୁକ୍ତିଭିତ୍ତିକ ଶିକ୍ଷକମାନଙ୍କୁ ୬ଟି ନୋସନାଲ୍ ଇନକ୍ରିମେଣ୍ଟ ସହିତ ଚାକିରୀ କ୍ଷେତ୍ରରେ ବରିଷ୍ଠତା ପ୍ରଦାନ ଆଦି ରହିଛି। ଏଥିରେ ସମ୍ବଲପୁର ଜିଲ୍ଲା ଓଷ୍ଟା ସଂଘର ସମସ୍ତ ଶିକ୍ଷକ ଯୋଗ ଦେଇଥିଲେ। ସଭା ପରିଚାଳନାରେ ଆନନ୍ଦ ଦଣ୍ଡସେନା, ସସ୍ମିତା ଦାଶ, ସମୀର ନାଥ, ରତନଲାଲ ସିଂ ସହଯୋଗ କରିଥିଲେ।

### ପାଣିରେ ବୁଡ଼ି ଭିମସାର ଛାତ୍ରଛାତ୍ରୀଙ୍କ ମୃତ୍ୟୁ ଘଟଣା

# ନୋଟିସ୍ ଜାରିକରି କାମ ସାରିଦେଉଛନ୍ତି କର୍ତ୍ତୃପକ୍ଷ

ସମ୍ବଲପୁର, ୨୬।୭ (ସମିସ)

ସମ୍ବଲପୁର ସମ୍ପ୍ରତି ଶିକ୍ଷାର ହବ୍ ହେଇଛି। ଏଠାରେ ଜାତୀୟ ଅନୁଷ୍ଠାନ ଆଇଆଇଏମ୍ ସମ୍ବଲପୁର ସହିତ ବୈଷୟିକ ବିଶ୍ୱବିଦ୍ୟାଳୟ ଭିସୁଟ୍, ଚିକିତ୍ସା ଗବେଷଣା ପ୍ରତିଷ୍ଠାନ ଭିମସାର, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ଆଦି ରହିଛି। ଛାତ୍ରଛାତ୍ରୀମାନେ ବିଭିନ୍ନ ପିକ୍‌ନିକ୍ ସ୍ପଟ୍‌କୁ ଯାଉଥିବା ବେଳେ ପହଁରା ଜାଣିନଥିବା କିମ୍ବା ଅସାବଧାନତା ଯୋଗୁଁ ପ୍ରାଣ ହରାଉଛନ୍ତି। ଏଠାରେ ପ୍ରଶ୍ନ ଉଠୁଛି ଯେ, ଛାତ୍ରଛାତ୍ରୀମାନେ ହଷ୍ଟେଲରୁ ଯିବାବେଳେ ଅନୁମତି କିଏ ଦେଉଛି ଏବଂ ଯଦି ସେମାନେ ଅନୁମତି ନେଉନାହାନ୍ତି ତେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି କି? ବିଭିନ୍ନ ଅନୁଷ୍ଠାନ କର୍ତ୍ତୃପକ୍ଷ ସେମାନଙ୍କ ଉତ୍ତରଦାୟିତ୍ୱ ଠିକ୍‌ଭାବେ ନିର୍ବାହ କରୁ ନଥିବା ସାଧାରଣରେ ଅଭିଯୋଗ ହେଉଛି। କୌଣସି ଘଟଣା ଘଟିଲେ କର୍ତ୍ତୃପକ୍ଷ କେବଳ ଏକ ନୋଟିସ ଜାରି କରି କାମ ସାରିଦେଉଛନ୍ତି।

ଗତ ଏପ୍ରିଲ ୧୦ ତାରିଖ ହୀରାକୁଦ ଜଳଭଣ୍ଡାର ଫିସେରୀ ଅଞ୍ଚଳକୁ ୬ ଜଣ ସାଙ୍ଗଙ୍କ ସହ ଭୋଜି କରିବାକୁ ଯାଇ ଗାଧୋଇବା ସମୟରେ ଭିସୁଟ୍ ଇଲେକ୍ଟ୍ରିକାଲ ଇଂଜିନିୟରିଂ ବିଭାଗ ଶେଷବର୍ଷ ଛାତ୍ରୀ ଶାଶ୍ୱତୀ ଭୋଇଙ୍କ ପାଣିରେ ବୁଡ଼ି ମୃତ୍ୟୁ ହୋଇଥିଲା। ଏହାପୂର୍ବରୁ ମାର୍ଚ୍ଚ ୧୩ ତାରିଖ ୧୮ ହଜାର ପାୱାର କେନାଲରେ ସାଙ୍ଗମାନଙ୍କ ସହ ଯାଇ ଗାଧୋଇବା ବେଳେ ଭିସୁଟର ସିଭିଲ ଇଂଜିନିୟରିଂ ବିଭାଗର ପ୍ରଥମବର୍ଷର ଛାତ୍ର ପ୍ରିୟାଂଶୁ ପ୍ରକାଶ ବେହେରାଙ୍କ ମୃତ୍ୟୁ ହୋଇଥିଲା। ଏହାପରେ ମାର୍ଚ୍ଚ ୧୭ ତାରିଖ ଭିସୁଟ୍ କର୍ତ୍ତୃପକ୍ଷ ଏକ ନୋଟିସ ଜାରି କରିଥିଲେ। ଯେଉଁଥିରେ ଭିସୁଟ୍ ଛାତ୍ରଛାତ୍ରୀଙ୍କୁ ୭ଟି ସ୍ଥାନ-ପାୱାର କେନାଲ, ମହାନଦୀ, ସାଇଫନ ସ୍ପିଲୱେ, ଅଠର ହଜାର ପଏଣ୍ଟ, ରାଇଟ୍ ଡାଇକ୍, ଝାଙ୍କରାଣୀ ମନ୍ଦିର ଓ ଫିସେରୀ ପଏଣ୍ଟ ଯିବା ଉପରେ କଟକଣା ଲଗାଯାଇଥିଲା। ଏହି ସତର୍କତାକୁ ଉଲ୍ଲଂଘନ କରୁଥିବା ଛାତ୍ରଛାତ୍ରୀଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନୋଟିସରେ ଉଲ୍ଲେଖ ରହିଥିଲା। ଆଗକୁ ହୋଲି ଥିବାରୁ ଏହାକୁ କଡ଼ାକଡ଼ି କରାଯିବ ବୋଲି ୱେବ୍‌ସାଇଟ୍‌ରେ ଅପ୍‌ଲୋଡ ହୋଇଥିବାବେଳେ ଏହାର ପ୍ରାୟ ୨୩ ଦିନ ପରେ ଅଘଟଣ ଘଟିଥିଲା।

ସେହିପରି ଗତ ୧୦ ତାରିଖ ଭିମସାର କର୍ତ୍ତୃପକ୍ଷ ଡାକ୍ତରୀ ଛାତ୍ରଛାତ୍ରୀଙ୍କ ପାଇଁ ଏକ ନୋଟିସ ଜାରି କରିଥିଲେ। ସେଥିରେ ଭିମସାର ଛାତ୍ରଛାତ୍ରୀଙ୍କୁ ୮ଟି ସ୍ଥାନ-ପାୱାର କେନାଲ, ମହାନଦୀ, ସାଇଫନ ସ୍ପିଲୱେ, ଅଠର ହଜାର ପଏଣ୍ଟ, ରାଇଟ୍ ଡାଇକ୍ ଓ ଲେଫ୍ଟ ଡାଇକ୍, ଝାଙ୍କରାଣୀ ମନ୍ଦିର, ଫିସେରୀ ପଏଣ୍ଟ ଓ ଚିପିଲିମା ପାୱାର ହାଉସ୍ ଆଇରନ୍ ବ୍ରିଜ୍ ସହ ନଦୀ, ପୋଖରୀ, ବନ୍ଧ ଆଦି ଜଳାଶୟ (ୱାଟର୍ ବଡିଜ୍) ଗୁଡ଼ିକୁ ଯିବା ଉପରେ କଟକଣା ଲଗାଇଥିଲେ। ଏହି ସତର୍କତାକୁ ଉଲ୍ଲଂଘନ କରୁଥିବା ଛାତ୍ରଛାତ୍ରୀଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନୋଟିସରେ ଉଲ୍ଲେଖ ରହିଥିଲା। ତେବେ, ତାହାର ମାତ୍ର ୧୫ ଦିନ ପରେ ଆଜି ସମ୍ବଲପୁରଠାରୁ ପ୍ରାୟ ୪୪ କିଲୋମିଟର ଦୂର ଯୁଯୋମୁରା ବ୍ଲକ ଅନ୍ତର୍ଗତ ଦେବଝରଣ ଜଳପ୍ରପାତକୁ ୬ ଜଣ ଶେଷବର୍ଷ ଛାତ୍ରଛାତ୍ରୀ ଯାଇ ଗାଧୋଇବା ସମୟରେ ସେମାନଙ୍କ ମଧ୍ୟରୁ ଦୁଇଜଣ ମୃତ୍ୟୁବରଣ କରିଛନ୍ତି। ଆଉ କେଇମାସ ପରେ ସେମାନେ ଡାକ୍ତର ହୋଇ ଲୋକଙ୍କ ସେବା କରିଥାନ୍ତେ। କିନ୍ତୁ ଏଥିପାଇଁ କେବଳ ଛାତ୍ରଛାତ୍ରୀଙ୍କୁ ଦାୟୀ କରିହେବ ନାହିଁ, ଏହାସହିତ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷଙ୍କ ମଧ୍ୟ ଉତ୍ତରଦାୟିତ୍ୱ ରହିଛି।

ଏନେଇ ଭିମସାର ଡିନ୍ ଡା ପ୍ରଦୀପ କୁମାର ମହାନ୍ତିଙ୍କ ମତାମତ ମିଳିପାରିନାହିଁ। ସମାଜସେବୀ ସୁଧୀର ପୂଜାରୀ କହିଛନ୍ତି, ଶିକ୍ଷାନୁଷ୍ଠାନମାନଙ୍କରେ ହଷ୍ଟେଲ ୱାର୍ଡେନ, ହଷ୍ଟେଲ ସୁପରିନ୍‌ଟେଣ୍ଡେଣ୍ଟ ରହୁଛନ୍ତି, ସେମାନେ ଛାତ୍ରଛାତ୍ରୀଙ୍କ ପ୍ରତି ସତର୍କ ଓ ସମ୍ବେଦନଶୀଳ ହେଲେ ସେମାନଙ୍କ ଯିବାଆସିବା ଓ କାର୍ଯ୍ୟକଳାପ ଜାଣିପାରିବେ। ମଝି ମଝିରେ ହଷ୍ଟେଲରେ ଏକ ସଚେତନତା ବୈଠକ ମଧ୍ୟ କରିବା କଥା। ବର୍ଷା ସମୟରେ ପାଣି ହଠାତ୍ ବଢ଼ିଯାଏ ବୋଲି ଡାକ୍ତରୀଛାତ୍ରମାନେ ଜାଣିଥିଲେ ହୁଏତ ଏହି ଅଘଟଣ ଘଟିନଥାନ୍ତା। ଏଥିରେ କାହାରିକୁ ଦାୟୀକରି କିଛି ଲାଭନାହିଁ, ଆଗାମୀ ଦିନରେ ପାଣିରେ ବୁଡ଼ି ଯେଭଳି କୌଣସି ଇଞ୍ଜିନିୟରିଂ ବା ମେଡିକାଲ ଛାତ୍ରଛାତ୍ରୀ ମୃତ୍ୟୁବରଣ କରିବେ ନାହିଁ ତାହାର ଉଦ୍ୟମ ଜିଲ୍ଲା ପ୍ରଶାସନ ଓ କଲେଜ କର୍ତ୍ତୃପକ୍ଷ ଆଜିଠୁ ଆରମ୍ଭ କରିବା ଉଚିତ।

# ବରଗଡ଼ ସୀମାନ୍ତ ହରିଶଙ୍କରର ରାସ୍ତା ଶୋଚନୀୟ

**ପାଇକମାଳ, ୨୬।୭ (ସମିସ):** ବରଗଡ଼ ଜିଲ୍ଲା ପାଇକମାଳ ବ୍ଲକ ଜାମସେଠ ପଞ୍ଚାୟତ ଡୁଡୁକିଝରିଆ ଗାଁ ଶେଷ ମୁଣ୍ଡରୁ ଏକ ରାସ୍ତା ରହିଛି ଯାହା ବଲାଙ୍ଗିର ଜିଲ୍ଲା ପ୍ରସିଦ୍ଧ ହରିଶଙ୍କରର ପୀଠକୁ ସଂଯୋଗ କରୁଛି। ସେହି ରାସ୍ତା ଅବସ୍ଥା ଏବେ ଶୋଚନୀୟ ହୋଇ ପଡ଼ିଛି। ଗନ୍ଧମାର୍ଦ୍ଦନ ପାଦଦେଶରେ ଥିବା ନୃସିଂହନାଥ ଓ ହରିଶଙ୍କର ପୀଠ ସାରା ଓଡ଼ିଶାରେ ପରିଚିତ। ଏହି ମନ୍ଦିରକୁ କେବଳ ଓଡ଼ିଶା ନୁହେଁ ଛତିଶଗଡ଼, ମଧ୍ୟପ୍ରଦେଶ ସହ ଅନ୍ୟାନ୍ୟ ବହୁ ରାଜ୍ୟର ପର୍ଯ୍ୟଟକ ଆସିଥାନ୍ତି। ଏକା ସହ ଦୁଇଟି ମନ୍ଦିର ଦର୍ଶନ କରିବା ପାଇଁ ଗୋଟିଏ ରାସ୍ତା ରହିଛି। ଯାହା ବରଗଡ଼ ଓ ବଲାଙ୍ଗିର ଜିଲ୍ଲା ସୀମାନ୍ତକୁ ସଂଯୋଗ କରୁଛି। ପାଇକମାଳ ବ୍ଲକ ଜାମସେଠ ପଞ୍ଚାୟତ ଡୁଡୁକିଝରିଆ ଗାଁ ଶେଷ ମୁଣ୍ଡରୁ ଘଞ୍ଚ ଜଙ୍ଗଲ ମଧ୍ୟ ଦେଇ ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ରେଙ୍ଗାଲି ପଞ୍ଚାୟତର ଆମ୍ବିବାହାଲି ଗାଁ ସୀମାନ୍ତ ଗାଁରେ ସଂଯୋଗ ହୋଇ ହରିଶଙ୍କର ମନ୍ଦିରକୁ ସିଧା ରାସ୍ତା ରହିଛି। ବହୁ ପର୍ଯ୍ୟଟକ ପ୍ରତିଦିନ ଏହି ରାସ୍ତା ଦେଇ ଯିବାଆସିବା କରୁଛନ୍ତି। ହେଲେ ବର୍ଷା ସମୟରେ ରାସ୍ତାଟିର ଅବସ୍ଥା ଶୋଚନୀୟ ହୋଇ ପଡୁଛି। ଏବେ ଶ୍ରାବଣ ମାସ ଯୋଗୁଁ ଶହ ଶହ କାଉଡିଆଙ୍କ ଭିଡ ଲାଗିରହିଛି। ପୁଣି ବହୁ ଗାଡିମଟର ଯିବାଆସିବା କରୁଛି। ହେଲେ ରାସ୍ତା ଅବସ୍ଥା କାଦୁଅ ପଚପଚ ହେଉଥିବାରୁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତାରେ ସ୍ଥାନେ ସ୍ଥାନେ ବର୍ଷା ପାଣି ଜମି ରହିଛି। ପୁଣି ଖାଲଖମା ଭରି ରହିଥିବାରୁ ଶ୍ରଦ୍ଧାଳୁ ତଥା ଜନସାଧାରଣ ଯିବା ଆସିବାରେ ବହୁ ଅସୁବିଧା ଭୋଗୁଛନ୍ତି। ଏଣୁ ଦୁଇ ଜିଲ୍ଲା ଡିଏଫଓ ଦୃଷ୍ଟି ଦେଇ ଜିଲ୍ଲା ପ୍ରଶାସନ ଡୁଡୁକିଝରିଆ ଜଙ୍ଗଲ ଆରମ୍ଭରୁ ଆମ୍ବିବାହାଲି ଜଙ୍ଗଲ ଯାଏଁ ଦୁଇ ପାର୍ଶ୍ୱରେ ଡାଇଭରସନ କରି ପକ୍କା ରାସ୍ତା ତିଆରି କରାଗଲେ ଜନସାଧାରଣ ତଥା ପର୍ଯ୍ୟଟକମାନେ ଉପକୃତ ହୋଇପାରନ୍ତେ ବୋଲି ଦୁଇ ଜିଲ୍ଲାର ଜନସାଧାରଣ ଅନୁରୋଧ କରିଛନ୍ତି।



# ଫାଇନାନ୍ସ କମ୍ପାନୀ ଟଙ୍କା ହଡ଼ପ ଘଟଣା; ଫେରାର କର୍ମଚାରୀ ଗିରଫ

**ସୋହେଲା, ୨୬।୭ (ସମିସ):** ଫାଇନାନ୍ସ କମ୍ପାନୀର ଟଙ୍କା ହଡ଼ପ ଫେରାର ଥିବା କମ୍ପାନୀର ଜନୈକ ପୂର୍ବତନ କର୍ମଚାରୀକୁ ସୋହେଲା ପୁଲିସ ଆଜି ସମ୍ବଲପୁରରୁ ଗିରଫ କରି କୋର୍ଟ ଚାଲାଣ କରିଛି। ଘଟଣାରୁ ପ୍ରକାଶ, ସୋହେଲାରେ ଥିବା ଭାରତ ଫାଇନାନ୍ସ କମ୍ପାନୀରେ ଫିଲ୍ଡ ଆସିଷ୍ଟାନ୍ସ ଭାବେ କାର୍ଯ୍ୟ କରୁଥିବା ସୋନପୁର ଜିଲ୍ଲା ତରଭା ଥାନା ପୋଲବନ୍ଧ ଗ୍ରାମର ଗୋପାଳ ନାଗ ଗତ ୨୦୨୨ ମେ ୧୭ ତାରିଖରେ କମ୍ପାନୀର ପ୍ରାୟ ୯ ଲକ୍ଷ ୮୯ ହଜାର ଋଣ ଟଙ୍କା ଅସୁଲି କରି ଫେରାର ହୋଇଯାଇଥିଲା। ଏ ଘଟଣା ସମ୍ପର୍କରେ କମ୍ପାନୀର ଶାଖା ପ୍ରବନ୍ଧକ ଭୋଜରାଜ ସାହୁ ସୋହେଲା ଥାନାରେ ଅଭିଯୋଗ କରିଥିଲେ। ସୋହେଲା ପୁଲିସ ଏ ସମ୍ପର୍କରେ ୯୨/୨୦୨୨ରେ ଆଇପିସିର ଧାରା ୪୨୦, ୪୦୮ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିଲେ। ଫେରାର ମୁଖ୍ୟ ଅଭିଯୁକ୍ତ ଗୋପାଳ ନାଗ ସମ୍ବଲପୁରରେ ଥିବା ନେଇ ସୋହେଲା ଥାନା ଆଇଆଇସି ହରିଶ କୁମାର ଭୋଇ ସୂଚନା ପାଇଥିଲେ। ଘଟଣାର ପ୍ରାୟ ତିନି ବର୍ଷ ପରେ ସୋହେଲା ପୁଲିସ ଅଭିଯୁକ୍ତକୁ ଆଜି ସମ୍ବଲପୁରରୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୋହେଲା ଥାନା ମହିଳା ସବ୍ ଇନ୍ସପେକ୍ଟର ଅନିମା ଏକ୍କା ତଦନ୍ତକାରୀ ଅଫିସର ଭାବେ ଅଧିକ ତଦନ୍ତ ଜାରି ରଖିଛନ୍ତି।



## ଶିକ୍ଷୟିତ୍ରୀଙ୍କ ପରିବେଶ ପ୍ରେମ

# ହଜାର ହଜାର ଔଷଧୀୟ ଚାରା ଲଗାଇ ଚର୍ଚ୍ଚାରେ ସ୍ନିଗ୍ଧା

**ବରଗଡ଼, ୨୬।୭ (ସମିସ)**

ବରଗଡ଼ ସଦର ମହକୁମା ଠାରୁ ୬୫ କିମି ଦୂର ଗାଇସିଲେଟ ଗାଁର ସ୍ନିଗ୍ଧା ଦାଶ ହଜାରେ ଔଷଧୀୟ ଚାରା ଲଗାଇ ଚର୍ଚ୍ଚାକୁ ଆସିଛନ୍ତି। ପେଶାରେ ସେ ଜଣେ ଶିକ୍ଷୟିତ୍ରୀ। ଗାଇସିଲେଟ ବାଳିକା ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନ ବିଷୟରେ ପାଠ ପଢ଼ାଇଥାନ୍ତି। ପିଲାଟି ଦିନରୁ ପରିବେଶ ପ୍ରତି ସଚେତନ ଥିବା ସ୍ନିଗ୍ଧା ନିଜ ଘର ବାଡିରେ ଥିବା ଚାରି ଡିସ୍‌ମିଲ ଜାଗାରେ ଗୋଟିଏ ଉଦ୍ୟାନ କରିଛନ୍ତି। ସେଥିରେ ଲଗାଇଛନ୍ତି ପ୍ରାୟ ୧୫ ଶହରୁ ଊର୍ଦ୍ଧ୍ୱ ଗଛ ଚାରା। ସେଥି ମଧ୍ୟରେ ଅନେକ ଔଷଧୀୟ ବୃକ୍ଷ ରହିଛି। ବିନା ରାସାୟନିକ ସାର ଓ କୀଟନାଶକ ଔଷଧ ବ୍ୟବହାର କରି ଜୈବିକ ପଦ୍ଧତିରେ ନିୟମିତ ବୃକ୍ଷର ଚାରା ଲଗାଇବା ସହିତ ତାର ଯତ୍ନ ନେଉଛନ୍ତି। କରୋନା ସମୟରେ ଅମ୍ଳଜାନ ପାଇଁ ଲୋକେ ହନ୍ତସନ୍ତ ହେଉଥିବା ବେଳେ ମାଗଣାରେ ମିଳୁଥିବା ଅମ୍ଳଜାନ ପାଇଁ ବୃକ୍ଷରୋପଣ ହିଁ ଏକମାତ୍ର ପନ୍ଥା ବୋଲି ସେ କହନ୍ତି। ସ୍ନିଗ୍ଧା ଲଗାଇଥିବା ଗଛ ଗୁଡିକ ମଧ୍ୟରେ ଲମ୍ବଙ୍ଗ, ଅଳେଇଚ, ଡାଲଚିନି, ତେଜପତ୍ର, ଗୋଲମରିଚ, ଅନାସଫୁଲ ମସଲା, ପଦ୍ମ, କଇଁ, ସ୍ୱର୍ଣ୍ଣ ଚମ୍ପା, ବିଭିନ୍ନରଙ୍ଗର ଅପରାଜିତା, ୨୫ ପ୍ରକାର ମନ୍ଦାର, ୩୦ ପ୍ରକାର ଗୋଲାପ, ୧୫ ପ୍ରକାର ଜରବେରା, ୫ ପ୍ରକାର କେଦାର ଗୌରୀ, ୧୦ ପ୍ରକାର କାଗିଜି, ଅନେକ ପ୍ରକାର ସେବତୀ, ଲିଲି, ଫୁଟବଲ ଲିଲି, ବହୁତ୍ କ୍ରାଇନମ ଲିଲି, ଧଳା, ହଳଦିଆ, ଗୋଲାପି, ଖଇରିଆ ରଜନୀଗନ୍ଧା, ୧୦ ପ୍ରକାର ଏଗ୍ଲୋନେମା, ବିଭିନ୍ନ ପ୍ରକାର ପାମ୍, ବୃଦ୍ଧ ବାମ୍ବୋ, କାଲାଥିଆ, କାଜୁରିନା, କାଲିଡିଅମ୍, କୋଲିଅସ, ସ୍ପାଇଡର ପ୍ଲାଣ୍ଟ, ସେନସିଭାରିଆ, ବ୍ରୋମିଲଏଡ ଇତ୍ୟାଦି ରହିଛି। ସ୍ନିଗ୍ଧା ତାଙ୍କ ଦରମାରୁ ଅର୍ଦ୍ଧେକ ଅଂଶ ଚାରାରୋପଣ ଓ ତାର ଯତ୍ନରେ ଖର୍ଚ୍ଚ କରୁଥିବା ସେ କହିଛନ୍ତି। ସମୟର ସଦୁପଯୋଗ କରି ସମସ୍ତେ କିଛି କିଛି ଚାରା ରୋପଣ କଲେ, ଅର୍ଥ ଏଥିରେ ବାଧକ ସାଜିବ ନାହିଁ ବୋଲି ସ୍ନିଗ୍ଧା କହନ୍ତି।



# ବ୍ଲକ୍‌ସ୍ତରୀୟ ମହିଳା ଯୌନ ଉତ୍ପୀଡ଼ନ ତାଲିମ ଶିବିର

**ବରଗଡ଼, ୨୬।୭ (ସମିସ):** ଝାରବନ୍ଧ ପଞ୍ଚାୟତ ସମିତି ଜୁନିୟର କଲେଜ ପରିସରରେ ବ୍ଲକସ୍ତରୀୟ ମହିଳା ଉତ୍ପୀଡନ ନିବାରଣ ଆଇନ ସଚେତନ ତାଲିମ ଶିବିର ଗୋଷ୍ଠୀ ଶିକ୍ଷା ଅଧିକାରୀ ଶୁଭମ ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ଏହି ଶିବିରରେ ମୁଖ୍ୟଅତିଥି ଭାବେ ଝାରବନ୍ଧ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପର୍ଶୁରାମ ପଣ୍ଡା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଝାରବନ୍ଧ ତହସିଲଦାର ଅଲେଖ ଘୁଟା, ସିଡିପିଓ ସୁଷମା ପଟେଲ, ଜଗଦଲପୁର ଥାନା ଅଧିକାରୀ ଅଭିମନ୍ୟୁ ଦୁର୍ଗା, ଅଧ୍ୟକ୍ଷ ପ୍ରମୋଦ ସାହୁ ଯୋଗ ଦେଇଥିଲେ। ବିଭିନ୍ନ ଶିକ୍ଷା ଅନୁଷ୍ଠାନ ତଥା କାର୍ଯ୍ୟାଳୟରେ ହେଉଥିବା ମହିଳାଙ୍କ ପ୍ରତି ଯୌନ ଉତ୍ପୀଡନ ତଥା ଅତ୍ୟାଚାରକୁ ଏହି ଆଇନ ଅନୁସାରେ କିପରି ଭାବେ ବନ୍ଦ କରାଯାଇ ପାରିବ ସେ ବିଷୟରେ ଆଲୋଚନା ହୋଇଥିଲା। ମହିଳା ଯୌନ ଉତ୍ପୀଡନ ନିବାରଣ ଆଇନ-୨୦୧୩ ସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀ ଶୁଭମ ପତି ତାଲିମ ପ୍ରଦାନ କରିଥିଲେ। ଝାରବନ୍ଧ କ୍ଲଷ୍ଟର ସିଆରସିସି ଗୋପାଳ ହରିଜନ ମଞ୍ଚ ପରିଚାଳନା କରିଥିଲେ।

# କେରାଣ୍ଡି ଜୋର ସଂଯୋଗୀ କେନାଲରେ ପାଣି ଛାଡ଼ିବାକୁ ଦାବି

**ରେଢ଼ାଖୋଲ, ୨୬।୭ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଅଞ୍ଚଳର ଚାଷୀମାନେ ଏକତ୍ରିତ ହୋଇ ରେଢ଼ାଖୋଲ ଉପଜିଲ୍ଲାପାଳ କାର୍ଯ୍ୟାଳୟକୁ ଯାଇ କେରାଣ୍ଡି ଜୋର ସଂଯୋଗୀ କେନାଲରେ ପାଣି ଛାଡିବାକୁ ଦାବିପତ୍ର ପ୍ରଦାନ କରିଛନ୍ତି। ଚଳିତ ବର୍ଷ ଖରିଫ ଚାଷ ପାଇଁ ଜୁଲାଇ ମାସ ଶେଷ ହେବାକୁ ବସିଥିବା ବେଳେ କେରାଣ୍ଡି ଜୋର ସଂଯୋଗୀ କେନାଲରେ ପାଣି ଛଡ଼ା ଯାଇନାହିଁ। ତେଣୁ ଅଞ୍ଚଳର ଚାଷୀମାନଙ୍କ ଚାଷ କାର୍ଯ୍ୟରେ ସମସ୍ୟା ସୃଷ୍ଟି କରିଛି। ଯେଉଁ ଚାଷୀ ଚାଷ କାର୍ଯ୍ୟ ସାରିଛନ୍ତି, ତାଙ୍କ ଚାଷ ଜମିରେ ପାଣି ନାହିଁ, ତେଣୁ ଫସଲ ନଷ୍ଟ ହେବାର ସମ୍ଭାବନା ଦେଖା ଦେଇଛି। ଏଥିରେ ଯଥା ଶୀଘ୍ର ପଦକ୍ଷେପ ଗ୍ରହଣ କରି ତୁରନ୍ତ କେନାଲରେ ପାଣି ଛାଡିବାକୁ ଦାବି କରିଛନ୍ତି। ନଚେତ ବାଧ୍ୟ ହୋଇ ଜାତୀୟ ରାଜପଥ ଅବରୋଧ କରିବାକୁ ଚେତାବନୀ ଦେଇଛନ୍ତି। ଏଥିରେ ସରୋଜ କୁମାର ପୁରୋହିତ, ବସିଷ୍ଟ ରାଉତ, ନବରଞ୍ଜନ ମିରୀ, ନଟବର ମେହେର, ବଟ କିଶୋର ସାହୁ, ଲଳିତ ସାହୁ, ଜଳନ୍ଧର ପ୍ରଧାନ, କୃପାସିନ୍ଧୁ ପ୍ରଧାନ, ବୁଲୁ ପ୍ରମୁଖ ସମେତ ବହୁ ଚାଷୀ ସାମିଲ ଥିଲେ।

# 'ହେପାଟାଇଟିସ' ଦିବସ ଉପଲକ୍ଷେ ତର୍କ ପ୍ରତିଯୋଗିତା

**ବରଗଡ଼, ୨୬।୭ (ସମିସ):** ସ୍ଥାନୀୟ ରାଣା ପ୍ରତାପ ସ୍କୁଲ ପରିସରରେ 'ହେପାଟାଇଟିସ ଦିବସ' ଉପଲକ୍ଷେ ତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଦୀପ ରଥଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓ ଜିଲ୍ଲା ତଥ୍ୟ ପ୍ରବନ୍ଧକ ଅଜିତ ମେହେର ଓ ସ୍ୱାସ୍ଥ୍ୟ ପରିଦର୍ଶକ ତେଜ ଭାନୁ ସାହୁଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ବିଚାରକ ଭାବେ ଡ. ଡୋଳା ମଣି ଶତପଥି, ଅବସରପ୍ରାପ୍ତ ଶିକ୍ଷକ କପିଳ ବାଗ ପ୍ରମୁଖ ଯୋଗ ଦେଇଥିଲେ। ପ୍ରତିଯୋଗିତାରେ ଅଷ୍ଟମ ଶ୍ରେଣୀ ଛାତ୍ରୀ ସାଲିନି ସା ପ୍ରଥମ ସ୍ଥାନ ଓ ଦଶମ ଶ୍ରେଣୀ ଛାତ୍ରୀ ଧରିତ୍ରୀରାଉତ ଦ୍ୱିତୀୟ ଓ ଦଶମ ଶ୍ରେଣୀ ଛାତ୍ରୀ ପ୍ରାଚୀ ଭୋସାଗର ତୃତୀୟ ସ୍ଥାନ ଅଧିକାର କରିଥିଲେ। ଆସନ୍ତା ୨୮ ତାରିଖରେ ହେପାଟାଇଟିସ ଦିବସ ପାଳନ ଅବସରରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ ବୋଲି ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଓ ଜନ ସ୍ୱାସ୍ଥ୍ୟ ବିଭାଗ ତରଫରୁ ସୂଚାଯାଇଛି।

# ଗାନ୍ଧୀ ସ୍ମୃତି ପାଠାଗାରର ମାସିକ ଆଲୋଚନାଚକ୍ର

**ବରଗଡ଼, ୨୬।୭ (ସମିସ):** ବରଗଡ଼ ଗାନ୍ଧୀ ସ୍ମୃତି ପାଠାଗାରର ମାସିକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଛି। 'ନାଟ୍ୟକାରଙ୍କ ସାମାଜିକ ଦାୟିତ୍ୱବୋଧ' ଶୀର୍ଷକ ଉପରେ ଆୟୋଜିତ ଆଲୋଚନା ଚକ୍ରରେ ପାଠାଗାରର ସଭାପତି ଅରୁଣ ମହାନ୍ତି ସଭାପତିତ୍ୱ କରିଥିଲେ। ଏଥିରେ ବିଶିଷ୍ଟ ନାଟ୍ୟକାର ଓ ନାଟ୍ୟ ନିର୍ଦ୍ଦେଶକ କେଶରଞ୍ଜନ ପ୍ରଧାନ ନାଟକ ଏକ କାଳଜୟୀ ବୋଲି କହିବା ସହ ନାଟ୍ୟକାର ଯୁଗର ପରିବର୍ତ୍ତନ ସହ ଖାପ ଖୁଆଇ ପରିବର୍ତ୍ତିତ ପରିସ୍ଥିତି ଅନୁସାରେ ନାଟକ ରରଚନା କରିଥାଏ ବୋଲି କହିଥିଲେ। ଅନ୍ୟତମ ଅତିଥି ବକ୍ତା ଭାବେ ନାଟ୍ୟକାର ଓ ନାଟ୍ୟ ନିର୍ଦ୍ଦେଶକ ଅଶୋକ ବହିଦାର ଯୋଗଦେଇ ନାଟକ ଗୋଟିଏ ଅଞ୍ଚଳର ଭାଷା, ସଂସ୍କୃତି ପରମ୍ପରାକୁ ପ୍ରଦର୍ଶନ କରିବାର ପ୍ରକୃଷ୍ଟ ମାଧ୍ୟମ ବୋଲି କହିଥିଲେ। ପାଠାଗାରର ବରିଷ୍ଠ ସଦସ୍ୟ ମନୋରଞ୍ଜନ ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉଭୟ ଅତିଥିଙ୍କୁ ପାଠାଗାର ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ସମ୍ବଲପୁରରେ କାର୍‌ଗିଲ ବିଜୟ ଦିବସ




**ସମ୍ବଲପୁର, ୨୬।୭ (ସମିସ):** ହୀରାଖଣ୍ଡ ପଶ୍ଚିମ ଓଡ଼ିଶା ପୂର୍ବତନ ସୈନିକ ସଂଘ ପକ୍ଷରୁ ଆଜି ଜିଲ୍ଲା ପ୍ରେକ୍ଷାଳୟ 'ତପସ୍ୱିନୀ'ଠାରେ କାରଗିଲ୍ ବିଜୟ ଦିବସ ପାଳିତ ହୋଇଯାଇଛି। ସୁବେଦାର ମେଜର ଶିବ ନାରାୟଣ ବେହେରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମକୁ କାର୍ତ୍ତିକ ପ୍ରସାଦ ବହିଦାର ପରିଚାଳନା କରିଥିଲେ। ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ମୁଖ୍ୟଅତିଥି, କର୍ଣ୍ଣେଲ ନିର୍ମଳ ଚନ୍ଦ୍ର ପତି ମୁଖ୍ୟବକ୍ତା ଏବଂ କର୍ଣ୍ଣେଲ ପ୍ରଭାତ କୁମାର ପଣ୍ଡା ଓ କର୍ଣ୍ଣେଲ ପ୍ରସାଦ କଦମ ସମ୍ମାନିତ ଅତିଥି ଥିଲେ। ଏହି ଅବସରରେ ବୀର ନାରୀ ଦେିସେହ୍ରୀ ଟପ୍ପୋ, ଶୌର୍ଯ୍ୟଚକ୍ର କ୍ୟାପଟେନ ପ୍ରଦୀପ ବେଗ, କର୍ଣ୍ଣେଲ ପ୍ରଭାତ ପଣ୍ଡା, କ୍ୟାପଟେନ ନବୀନ ପ୍ରଧାନ, ସୁବେଦାର ମେଜର ଶିବ ନାରାୟଣ ବେହେରା, ବୀର ମାତା ବିନୋଦିନୀ ବାଗ, ବୀର ପିତା ଋଷି ବାଗ, ହାବିଲଦାର ସରୋଜ ଦେଓ ପ୍ରମୁଖଙ୍କୁ ସଂଘ ପକ୍ଷରୁ ଉତ୍ତରୀୟ ଓ ସ୍ମୃତିଚିହ୍ନ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ସମାରୋହରେ ଅଙ୍କନ ସ୍କୁଲ ଓ ଲେଡିଲୁଇସ ବାଳିକା ହାଇସ୍କୁଲର ଛାତ୍ରଛାତ୍ରୀ ଏବଂ ଲିଙ୍କିତା ଓ ଅମ୍ରିତା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସାଧାରଣ ସମ୍ପାଦକ ସୁବେଦାର ମେଜର ବିକାଶ ଚନ୍ଦ୍ର ପଣ୍ଡା ସ୍ୱାଗତ ବକ୍ତବ୍ୟ ପ୍ରଦାନ କରିଥିବାବେଳେ ସହ-ସମ୍ପାଦକ ପ୍ରବୀଣ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବୀରକିଶୋର ବେହେରା, ହୃଷିକେଶ ପାଢ଼ୀ, ଅନିଲ ମିଶ୍ର, ସୁକୁମାର ପାଢ଼ୀ, ରବୀନ୍ଦ୍ର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। କାରଗିଲ ବିଜୟ ଦିବସ ସମାରୋହରେ ପଶ୍ଚିମ ଓଡ଼ିଶାର ଶହ ଶହ ପୂର୍ବତନ ସୈନିକ ଓ ପରିବାର ଯୋଗ ଦେଇଥିଲେ।

**ନାକଟିଦେଉଳ:** ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧିନସ୍ଥ ମେରା ଯୁବା ଭାରତ ସମ୍ବଲପୁର ପକ୍ଷରୁ ନାକଟିଦେଉଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ କାରଗିଲ ବିଜୟ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ହେମାନନ୍ଦ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶୌରଚକ୍ର ବିଜେତା ଅବସରପ୍ରାପ୍ତ ଯବାନ ଗୋବର୍ଦ୍ଧନ ସାହୁ, ନାକଟିଦେଉଳ ଥାନା ସବ ଇନିସପେକ୍ଟର ହୀରାଧର ବେହେରା, ସିଆଇ ହାବିଲଦାର ପ୍ରକାଶ ଚନ୍ଦ୍ର ବାରିକ, ସ୍ୱେଚ୍ଛାସେବୀ ପ୍ରଦୀପ କୁମାର ବିଶ୍ୱାଳ, ଅଧ୍ୟାପକ ଉମାକାନ୍ତ ବିଶ୍ୱାଳ ପ୍ରମୁଖ ଯୋଗଦେଇ କାରଗିଲ ଯୁଦ୍ଧରେ ଦେଶ ପାଇଁ ବଳିଦାନ ଦେଇ ଥିବା ସହିଦ ଯବାନ ମାନଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଦେଶର ସୁରକ୍ଷା ପାଇଁ ଆମେ ସମସ୍ତେ ଯତ୍ନବାନ ହେବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଆୟୋଜିତ ସଙ୍ଗୀତ ପ୍ରତିଯୋଗିତାରେ ସାଗରିକା ଧଳ ପ୍ରଥମ, ମନୀଷା ବାନାର୍ଜୀ ଦିତୀୟ ଓ ବଂଶୀକା ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଶେଷରେ ପୁରୁଷୋତ୍ତମ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

**ସମ୍ବଲପୁର:** ନେତାଜୀ ସୁଭାଷ ଚନ୍ଦ୍ର ବୋଷ ମହାବିଦ୍ୟାଳୟ ଏବିଭିପି ଶାଖା ପକ୍ଷରୁ କାରଗିଲ ବିଜୟ ଦିବସ ପାଳନ କରାଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଦୀପ କୁମାର ହରିପାଲ, ଇତିହାସ ବିଭାଗର ମୁଖ୍ୟ ଦୁର୍ଲଭ କୁମାର ସା, ଓଡ଼ିଆ ବିଭାଗର ମୁଖ୍ୟ ଶ୍ୟାମ ଭୋଇ, ଇଂରାଜୀ ବିଭାଗର ମୁଖ୍ୟ ହରିହର ମଲ୍ଲିକ, ଏବିଭିପି ଶାଖା ସମ୍ପାଦକ ବି.ପୱନ୍ ତେଜା, କ୍ୟାମ୍ପସ କାର୍ଯ୍ୟକାରିଣୀ ସଦସ୍ୟ ଶୁଭମ୍ ପୃଷ୍ଟି, କ୍ୟାମ୍ପସ କର୍ମକର୍ତ୍ତା ସୁମିତ୍ ସୁନା, ଆକାଶ ଧାରୁଆ, ରଜନୀ କାନ୍ତ ମହାପାତ୍ର, ଜ୍ୟୋତି ପ୍ରକାଶ କର୍ଣ୍ଣ ଏବଂ କଲେଜର ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ଯୌନ ଉତ୍ପୀଡ଼ନ ଆଇନ ସଚେତନତା କାର୍ଯ୍ୟକ୍ରମ

**ରେଢାଖୋଲ, ୨୬।୭ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରସ୍ଥ ଭୀମଭୋଇ ମହାବିଦ୍ୟାଳୟ ପରିସରରେ ଅଧ୍ୟକ୍ଷ ଅମୂଲ୍ୟ କୃଷ୍ଣ ପାଢ଼ୀଙ୍କ ଅଧ୍ୟକ୍ଷତାରେ ମହିଳାଙ୍କ ଉପରେ ଯୌନ ଉତ୍ପୀଡନ (ନିବାରଣ, ନିଷେଧ ଓ ପ୍ରତିକାର) ଆଇନ ୨୦୧୩ ବିଷୟରେ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବୈଠକର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଛାତ୍ରଛାତ୍ରୀ, ଶିକ୍ଷକ ଓ କର୍ମଚାରୀମାନଙ୍କ ମଧ୍ୟରେ ଆଇନ ବିଷୟରେ ସଚେତନତା ବୃଦ୍ଧି କରିବା, ତାଙ୍କର ଅଧିକାର, ଦାୟିତ୍ୱ ଓ ତତ୍ ଅନ୍ତର୍ଗତ ପ୍ରତିକାର ପ୍ରଣାଳୀ ବିଷୟରେ ଆଲୋକପାତ କରିବା ଏବଂ ଏକ ସୁରକ୍ଷିତ, ସମ୍ମାନଜନକ ଓ ସମାବେଶ ମୂଳକ ପରିବେଶ ସୃଷ୍ଟି କରିବା ପାଇଁ ପ୍ରେରିତ କରିବା। ବୈଠକ ପ୍ରାରମ୍ଭରେ ଆଭ୍ୟନ୍ତରୀଣ ଅଭିଯୋଗ ସମିତିର ଅଧ୍ୟକ୍ଷା ଶ୍ରୀମତୀ ଏସକେ ମଲ୍ଲିକ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ସେ ଆଇନର ମୂଳନୀତି, ଆଭିମୁଖ୍ୟ, କାର୍ଯ୍ୟସ୍ଥଳ ଓ ତାହାର ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ। ବୈଠକରେ କଲେଜର ବରିଷ୍ଠ ଅଧ୍ୟାପକ ଓ ଅଧ୍ୟାପିକାମାନେ ତାଙ୍କର ଅଭିଜ୍ଞତା ଓ ମତାମତ ଦେଇଥିଲେ। ଆଇନ ଅନୁଯାୟୀ ଯୌନ ଉତ୍ପୀଡ଼ନର ଅର୍ଥ, ଅଭିଯୋଗ କରିବା ଓ ତାହାର ପ୍ରତିକାର ପ୍ରଣାଳୀ ବିଷୟରେ ବିଶେଷ ଗୁରୁତ୍ୱ ପ୍ରଦାନ କରିଥିଲେ। କଲେଜ ପରିବେଶରେ ଏହି ଆଇନ କେମିତି ପ୍ରୟୋଗ କରାଯାଇ ପାରିବ ଓ କେମିତି ଏକ ଆଦର୍ଶ ଓ ସୁରକ୍ଷିତ ପରିବେଶ ଗଢ଼ି ତୋଳାଯିବ ଅବଗତ କରିଥିଲେ। ଆଇନର ତିନିଟି ମୂଳଉଦ୍ଦେଶ୍ୟ ଉପରେ ବିଶେଷ ଭାବରେ ଆଲୋକପାତ କରାଯାଇଥିଲା: ସେ ଗୁଡିକ ହେଲା ନିବାରଣ, ନିଷେଧ ଓ ପ୍ରତିକାର। କର୍ମଶାଳାର ମୂଳ ଉଦ୍ଦେଶ୍ୟ ଥିଲା ଆଇନ ୨୦୧୩ ବିଷୟରେ ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବ, କେଉଁଠି ଯୌନ ଉତ୍ପୀଡ଼ନ ହୁଏ, କିପରି ଚିହ୍ନଟ କରିବେ, ଅଭିଯୋଗ କରିବା ଓ ସୁରକ୍ଷା ମିଳିବା ବିଷୟରେ ଅବଗତ କରାଯିବା ଏବଂ ସମ୍ମାନ, ସମତା ଓ ନ୍ୟାୟ ରେ ଆଧାରିତ ପରିବେଶ ସୃଷ୍ଟି କରିବ। ଅନ୍ତିମ ଚରଣରେ ଛାତ୍ରଛାତ୍ରୀ, ଶିକ୍ଷକ ଓ କର୍ମଚାରୀ ମିଶି ଆଇନ ଅନୁଯାୟୀ ଶପଥ ଗ୍ରହଣ କରିଥିଲେ। ପରିଶେଷରେ ଅଧ୍ୟାପକ ଡ. ଦିବ୍ୟଲୋଚନ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

# ସମ୍ବଲପୁରରେ ତିଜ ମେଳା

**ସମ୍ବଲପୁର, ୨୬।୭ (ସମିସ):** ଅଖିଳ ଭାରତୀୟ ମାରୱାଡି ମହିଳା ସମିତି ସମ୍ବଲପୁର ଶାଖା ଓଡ଼ିଶା ପ୍ରଦେଶ ପକ୍ଷରୁ ତିଜ ମେଳା ଆଜି ସମ୍ବଲପୁରଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ମେଳାର ମୁଖ୍ୟ ଉଦ୍ଦେଶ୍ୟ ଗୋଟିଏ ସ୍ଥାନରେ ବିଭିନ୍ନ ରାଜ୍ୟର ଘରୋଇକରଣ ବ୍ୟବହାରିକ ସାମଗ୍ରୀ ଉପଲବ୍ଧ କରାଇବା ସହ ମହିଳା ସଶକ୍ତିକରଣ ସହ ମହିଳାଙ୍କୁ ସ୍ୱାବଲମ୍ବୀ କରାଇବା। ଆୟୋଜିତ ତିଜ ମେଳାରେ ଓଡ଼ିଶା ତଥା ବାହାର ରାଜ୍ୟ କୋଲକାତା, ଜୟପୁର, ରାୟପୁର, ଝାଡ଼ଖଣ୍ଡ ଆଦି ରାଜ୍ୟର ବହୁ ମହିଳା ଯୋଗଦେଇ ନିଜ ନିଜ ସାମଗ୍ରୀ ପ୍ରଦର୍ଶନ ଏବଂ ବିକ୍ରୟ କରିଥିଲେ। ମେଳାକୁ ଅଧ୍ୟକ୍ଷା ପୂଜା ପଟୱାରୀ ପରିଚାଳନା କରିଥିବାବେଳେ ଅଖିଳ ଭାରତୀୟ ମାରୱାଡି ମହିଳା ସମିତି ସମ୍ବଲପୁର ଶାଖାର ସଦସ୍ୟାମାନେ ସହଯୋଗ କରିଥିଲେ।



# ସରକାରୀ ଉଚ୍ଚ ମଧ୍ୟମିକ ବିଦ୍ୟାଳୟରେ ପ୍ରବେଶ ଉତ୍ସବ

**ଭେଡେନ, ୨୬।୭ (ସମିସ):** ଭେଡେନ ବ୍ଲକ ଅନ୍ତର୍ଗତ ରକ୍ଷୁଡା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଭାରପ୍ରାପ୍ତ ଅଧ୍ୟକ୍ଷ ଫକୀରମୋହନ ସାହୁଙ୍କ ଅଧ୍ୟକ୍ଷତାରେ ଏକାଦଶ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କ ପାଇ ଏକ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ତଥା ବିଶିଷ୍ଟ ଶିକ୍ଷାବିତ୍ ଡ. ସହଦେବ ରଥ ଯୋଗଦେଇଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ସହଯୋଗ କରିଥିଲେ। ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ଗୁରୁଚରଣ ମୁଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କାର୍ଯ୍ୟକ୍ରମ

**ଭେଡେନ, ୨୬।୭ (ସମିସ):** ଭେଡେନ ସ୍ଥିତ ଆଞ୍ଚଳିକ ମହାବିଦ୍ୟାଳୟ ପରିସରରେ ଯୁକ୍ତ ଦୁଇ ଓ ବିଜ୍ଞାନ ବିଭାଗର ନବାଗତ ଛାତ୍ରଛାତ୍ରୀଙ୍କ ସ୍ୱାଗତ, ପ୍ରବେଶ ଓ ପରିଚୟ ପ୍ରଦାନ କାର୍ଯ୍ୟକ୍ରମ ମହାବିଦ୍ୟାଳୟର ଅଧ୍ୟକ୍ଷା ମଞ୍ଜୁଳା ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ସାହୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ନୀତିନିୟମ ଓ ଛାତ୍ରଛାତ୍ରୀଙ୍କ ଶୃଙ୍ଖଳା ସମ୍ପର୍କରେ ଅବଗତ କରିଥିଲେ। ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରେମପ୍ରକାଶ ପୁରୋହିତ, ଅଧ୍ୟାପକ ବିନୋଦ ବିହାରି ଭୋଇ ଉପସ୍ଥିତ ଥିଲେ। ଶେଷରେ ଅଧ୍ୟାପକ ସୁରେନ୍ଦ୍ର ମିଶ୍ର ଧନ୍ୟବାଦ ଦେଇଥିଲେ।

# ସାଇବର ଅପରାଧ ସଚେତନତା ସେମିନାର

**ବରଗଡ଼, ୨୫।୭ (ସମିସ):** ଇନର ହ୍ୱିଲ୍ କ୍ଲବ୍ ଅଫ୍ ବରଗଡ଼ ପକ୍ଷରୁ ତୋରା ଜୁନିଅର କଲେଜରେ 'ଅନଲାଇନ୍ ସୁରକ୍ଷିତ ରୁହନ୍ତୁ: ସାଇବର ଅପରାଧ' ସଚେତନତା ଉପରେ ଏକ ସେମିନାର ଅନୁଷ୍ଠିତ ହୋଇଥିଲା। ଏଥିରେ ସମ୍ମାନିତ ଅତିଥି ଭାବେ ତୋରା ଜୁନିଅର କଲେଜର ଅଧ୍ୟକ୍ଷ ଶ୍ରୀରାମ କର ଏବଂ ମୁଖ୍ୟବକ୍ତା ଭାବେ ଥିଲେ ଜିଲ୍ଲା ସାଇବର ସେଲ୍‌ଫ ବରଗଡ଼ର ପ୍ରଭାରୀ ସବ୍-ଇନ୍ସପେକ୍ଟର ମଙ୍ଗଳ କିସ୍କୁ ଯୋଗଦେଇ ସାଇବର ବିପଦର ବିଭିନ୍ନ ଦିଗ ଏବଂ ପ୍ରତିରୋଧକ ପଦକ୍ଷେପ ଉପରେ କହିଥିଲେ। ପ୍ରୋଜେକ୍ଟ ଅଧ୍ୟକ୍ଷା ମିନାକ୍ଷୀ କର ଏହି ସେମିନାରକୁ ସଂଯୋଜନା କରିଥିଲେ। ୧୧୦ରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରଧାନଶିକ୍ଷକ ଶ୍ରୀରାମ କର, କ୍ଲବ୍ ସଭାପତି ଆଶିମା ବିସୋଇ, ପୂଜା ଅଗ୍ରୱାଲଙ୍କ ସଚିବ ଏବଂ ପୂର୍ବତନ ଜିଲ୍ଲା ଅଧ୍ୟକ୍ଷା ମମତା ପୁରୋହିତଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଥିଲା। ସଦସ୍ୟ ରତ୍ନ ସାସନ, ପ୍ରତିଭା ବାରିକ, ଚେକୁରୀ ଦୁର୍ଗା ମଧ୍ୟ ଉପସ୍ଥିତ ଥିଲେ।

## ମହାନଗର ନିଗମ ଘୋଷଣାକୁ ୧୩ ବର୍ଷ ପୂର୍ତ୍ତି

# କେବେ ଅତ୍ୟାଧୁନିକ ହେବ ସମ୍ବଲପୁର ଟ୍ରାଫିକ୍ ସିଗନାଲ୍

**ସମ୍ବଲପୁର, ୨୬।୭ (ସମିସ)**

ସମ୍ବଲପୁର ଏକ ବିକଶିତ ସହର। କିନ୍ତୁ ହାତ ଦେଖାଇ ଟ୍ରାଫିକ ପରିଚାଳନା ଏବେ ମଧ୍ୟ ଚାଲିଛି। କିନ୍ତୁ ଅଧିକାଂଶ ସ୍ଥାନରେ ଟ୍ରାଫିକ୍ ପୋଷ୍ଟ ନାହିଁ କି କର୍ମଚାରୀଙ୍କ ଦେଖାନାହିଁ। ସୂଚନା ଅନୁସାରେ ସମ୍ବଲପୁର ସହର ମହାନଗର ନିଗମ ଭାବେ ଘୋଷଣା ହେବାକୁ ୧୩ ବର୍ଷ ଇତି ମଧ୍ୟରେ ବିତି ଗଲାଣି। ସହର ବିଭିନ୍ନ ଦିଗରେ ଉନ୍ନତି କଲାଣି। ବିଶେଷ ଭାବେ ପର୍ଯ୍ୟଟନ ଦିଗରେ ବେଶ ଲୋକପ୍ରିୟ ସାଉଁଟି ସାରିଛି। କିନ୍ତୁ ଟ୍ରାଫିକ ପରିଚାଳନାରେ ସୁଧାର ଆସିପାରି ନାହିଁ। ଲୋକେ ଏବେ ମଧ୍ୟ ଟ୍ରାଫିକ ପୁଲିସର ହାତକୁ ଦେଖି ଗାଡ଼ି ଚାଳନା କରୁଛନ୍ତି। ଜନଗହଳିପୂର୍ଣ୍ଣ ଲକ୍ଷ୍ମୀ ଟକିଜ୍‌ରେ ଟ୍ରାଫିକ ପୋଷ୍ଟ ଟିଏ ଥିଲା। ଲୋକଙ୍କୁ ହାତ ହଲାଇ ବାଟ ଦେଖାଉଥିଲେ ଟ୍ରାଫିକ ପୁଲିସ। କିନ୍ତୁ ଉକ୍ତ ପୋଷ୍ଟକୁ ଏସ୍‌ଏମ୍‌ସି ପକ୍ଷରୁ ବିକଶିତ କରାଗଲା। ଏବେ କର୍ମଚାରୀଙ୍କ ଛିଡା ହେବା ପାଇଁ ସ୍ଥାନ ଟିଏ ନାହିଁ। ଓଭର ବ୍ରିଜ୍ ତଳକୁ ଛିଡା ହୋଇ ଟ୍ରାଫିକ ନିୟନ୍ତ୍ରଣ କରୁଛନ୍ତି। ଯାହା କିଛି ଲୋକଙ୍କୁ ଦେଖା ଯାଇ ଥାଏ। ଫଳରେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଥିବା ଚିତ୍ର ସାମ୍ନାକୁ ଆସିଛି।

ସହର ଦେଇ ଜାତୀୟ ରାଜପଥ ଓ ରାଜ୍ୟ ରାଜପଥ ଗୁଡ଼ିକ ଯାଇଛି। ଅନେକ ସ୍ଥାନରେ ଜନଗହଳିପୂର୍ଣ୍ଣ, ଗୁରୁତ୍ୱପୂର୍ଣ୍ଣ ଛକ ରହିଛି, ଯାହାକି ଜାତୀୟ ଓ ରାଜ୍ୟ ରାଜପଥକୁ ସଂଯୋଗ କରୁଛି। ତେଣୁ ପ୍ରାୟ ସମୟରେ ଟ୍ରାଫିକ୍ ସମସ୍ୟା ଲାଗିରହିଥାଏ। ଟ୍ରାଫିକ୍ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ୧୦ବର୍ଷ ପୂର୍ବରୁ ଅଟୋମେଟିକ୍ ସିଗ୍‌ନାଲ ମେସିନ ଛକ ଗୁଡ଼ିକରେ ଖଞ୍ଜା ଯାଇଥିଲା। ପୁଲିସ କର୍ମଚାରୀଙ୍କୁ ସହାୟତା କରିବ ଓ କମ୍ କର୍ମଚାରୀରେ ଟ୍ରାଫିକ୍ ନିୟନ୍ତ୍ରଣ ହୋଇଯିବ ସେ ନେଇ ଲକ୍ଷ୍ୟ ରଖାଯାଇଥିଲା। ହେଲେ କିଛିମାସ ଚାଲିବା ପରେ ଏହି ସିଗ୍‌ନାଲ ପୋଷ୍ଟ ଗୁଡ଼ିକ କାମ ଦେଲାନାହିଁ। ଏବେ ମଧ୍ୟ ଟ୍ରାଫିକ୍ ପୁଲିସ୍ ହାତରେ ବାଡ଼ି ଓ ବୋର୍ଡ ଧରି ଟ୍ରାଫିକ ନିୟନ୍ତ୍ରଣ କରୁଛନ୍ତି। ବ୍ୟବସ୍ଥାରେ ଏତେ ସୁଧାର ଆସିବା, ଜ୍ଞାନକୌଶଳ ଯୋଗାଇ ଦେବା ପରେ ମଧ୍ୟ ସ୍ୱ ପରିଚାଳନାରେ ଟ୍ରାଫିକ ବ୍ୟବସ୍ଥା ନାହିଁ। ସେହି ପରୁଣା ଢାଞ୍ଚାରେ ପୁଲିସ କର୍ମଚାରୀମାନେ ସିଗନାଲ ବୋର୍ଡ ଧରି ଛକରେ ଛିଡ଼ା ରହୁଛନ୍ତି। ଏଥିଯୋଗୁଁ କାର୍ଯ୍ୟରତ ଟ୍ରାଫିକ୍ କର୍ମଚାରୀଙ୍କୁ ସମସ୍ୟା ହେବା ସହ ଯାତ୍ରୀ ତଥା ଚାଳକ ମଧ୍ୟ ସମସ୍ୟାରେ ପଡୁଛନ୍ତି। ଏଭଳି ସ୍ଥିତିରେ ସହରର ଟ୍ରାଫିକ୍ ବ୍ୟବସ୍ଥା ଏକ ପ୍ରକାର ଫେଲ୍ ହୋଇଯାଇଛି। ସବୁଠି ଟ୍ରାଫିକ୍ ସମସ୍ୟା ଦେଖାଦେଇଛି।



**ଅଧିକାଂଶରେ ଟ୍ରାଫିକ୍ ପୋଷ୍ଟ ନାହିଁ**

**ଲକ୍ଷ୍ମୀଟକିଜ୍ ଛକରେ ଟ୍ରାଫିକ ପୁଲିସ ଛିଡ଼ା ହେବାକୁ ଜାଗା ନାହିଁ**

କର୍ମଚାରୀ କମ୍ ଥିବାରୁ ସବୁ ସ୍ଥାନରେ ଟ୍ରାଫିକ ସମସ୍ୟାରେ ସୁଧାର ଆଣି ପାରୁ ନଥିବା ଅଭିଯୋଗ ହୋଇଛି। ବାରମ୍ବାର ରାସ୍ତା ଜାମ, ଦୁର୍ଘଟଣା ଘଟୁଛି। ହେଲେ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉନାହିଁ। ସମ୍ବଲପୁର ଜିଲ୍ଲା ପ୍ରଶାସନ ଓ ପୁଲିସ୍ ପ୍ରଶାସନ ଏହି ସମସ୍ୟାରେ ସୁଧାର ଆଣିବା ପାଇଁ ସର୍ଭେ ପରେ ସର୍ଭେ କରୁଛନ୍ତି। ହେଲେ ସେହି ପ୍ରକଳ୍ପ କେବଳ ଫାଇଲ୍ ତଳେ ହଜିଯାଉଛି। ସମ୍ବଲପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଅନେକ ଥର ଜିଲ୍ଲା ରୋଡ୍ ସେଫ୍‌ଟି କମିଟି ବୈଠକ ବସିଛି। ଏଠାରେ ବି ଚିରାଚରିତ ଢଙ୍ଗରେ ସିସିଟିଭି, ସିଗନାଲ୍ ଲାଇଟ୍ ଆଦି ତମାମ୍ ପ୍ରସଙ୍ଗ ଉପରେ ଆଲୋଚନା ହେଉଛି। ମାତ୍ର ସବୁଥର ବୈଠକରେ ହିଁ ଯୋଜନା ସୀମିତ ରହୁଥିବା ଅଭିଯୋଗ ହୋଇଛି।

ସମ୍ବଲପୁର ସହର ଦେଇ ୨ଟି ଜାତୀୟ ରାଜପଥ ଓ ୨ଟି ରାଜ୍ୟ ରାଜପଥ ଯାଇଛି। ଏହି ରାଜପଥଗୁଡ଼ିକରେ ଦୈନିକ ହଜାର ହଜାର ଭାରୀଯାନ ଚଳାଚଳ କରୁଛି। କିନ୍ତୁ ସୁବ୍ୟବସ୍ଥିତ ଟ୍ରାଫିକ୍ ବ୍ୟବସ୍ଥା ନଥିବାରୁ ଜାତୀୟ ରାଜପଥରେ ନିତିଦିନ ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଛି। ନିକଟରେ ଲଗାତାର ଭାବେ ଅଇଁଠାପାଲି ଛକ, ରେମେଡ଼ ଛକରେ ଦୁର୍ଘଟଣା ଘଟି ଲୋକଙ୍କ ଅକାରଣେ ମୃତ୍ୟୁ ଘଟିଛି। କେବଳ ଯେ ଜାତୀୟ ରାଜପଥ ନୁହେଁ ବରଂ ସହରର ସମ୍ବେଦନଶୀଳ ତଥା ବ୍ୟସ୍ତବହୁଳ ଲକ୍ଷ୍ମୀଟକିଜ ଛକ, ଚର୍ଚ୍ଚ ଛକ, ଜେଲ୍ ଛକ, ଜିଲ୍ଲା ସ୍କୁଲ ଛକ, ଧନୁପାଲି ଛକରେ ବି ଅନୁରୂପ ଅବସ୍ଥା। କେଇବର୍ଷ ତଳେ ସହରର ଛକ ଜାଗାମାନଙ୍କରେ ସିଗନାଲ୍ ଲାଇଟ୍ ଲଗାଯାଇଥିଲା। ମାତ୍ର ପ୍ରଶାସନର ଅବହେଳା ଯୋଗୁଁ ଉକ୍ତ ଲାଇଟ୍‌ଗୁଡ଼ିକ ଅଚଳ ହେବା ପରେ ତାକୁ ମରାମତି କରାଗଲାନି। ପରବର୍ତ୍ତୀ ସମୟରେ ଉକ୍ତ ଲାଇଟ୍ ଖୁଣ୍ଟ ସହ ବି କୁଆଡ଼େ ଗାଏବ୍ ହୋଇଗଲା। ସ୍ଥିତି ଏପରି ହୋଇଛି ଯେ ସହରର ଗୁରୁତ୍ୱପୂର୍ଣ୍ଣ ଛକ ଜାଗାମାନଙ୍କରେ ଷ୍ଟ୍ରିଟ୍ ଲାଇଟ୍ ଅଚଳ ହୋଇଥିବା ବେଳେ ଷ୍ଟପ୍ ପ୍ଲେଟ୍ ଧରି ପୁଲିସ୍ ଛିଡ଼ା ହେଲେ ଗାଡ଼ି ଚାଳକଙ୍କୁ ବି ଦିଶୁନି। ଏପରିସ୍ଥଳେ ସମସ୍ତ ପୁଲିସ୍‌ଙ୍କ ପାଇଁ ଆବଶ୍ୟକ କିଛି ହ୍ୟାଣ୍ଡ ଲାଇଟ୍ ବି ମିଳିପାରୁ ନଥିବା ଜଣାପଡ଼ିଛି।

ସେପଟେ ବରେଇପାଲି ଓ ଅଇଁଠାପାଲି ଛକ ସ୍ଥିତି ପୁରା ଜଟିଳ। ଟ୍ରାଫିକ ପୁଲିସ ରହିବା ପାଇଁ ସ୍ଥାନ ନାହିଁ। ଯେଉଁଠି ରହିଛି କର୍ମଚାରୀଙ୍କ ଦେଖା ନାହିଁ। ପ୍ରାୟ ସମୟରେ ଉଭୟ ଛକରେ ଟ୍ରାଫିକ ସମସ୍ୟା ଦେଖା ଦେଇଥାଏ। ତେଣୁ ଖୁବ ଶୀଘ୍ର ଏଥିରେ ସୁଧାର ଆଣିବାକୁ ସାଧାରଣରେ ଦାବି ହୋଇଛି।

# କେନାଲ ପାର୍ଶ୍ୱ ରାସ୍ତା କାମରେ ଅନିୟମିତତା

**ଟିଟିଲାଗଡ଼, ୨୬।୭ (ସମିସ)**



ଟିଟିଲାଗଡ଼ ବାଙ୍ଗିପଦର ପଞ୍ଚାୟତ ଅନ୍ତର୍ଗତ ମାଥନପଲା ପ୍ରକଳ୍ପର କେନାଲ ରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ ମାଥନପଲା ପ୍ରକଳ୍ପ ଅନ୍ତର୍ଗତ କେନାଲ ପାର୍ଶ୍ୱ ରାସ୍ତା ନିର୍ମାଣ ପାଇଁ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ଜାନୁଆରୀ ୨୦୨୪ ରେ ୭୫ ଲକ୍ଷ ଟଙ୍କା ଅଟକଳରେ ଟେଣ୍ଡର କରାଯାଇଥିଲା। ପାୟଲ ନାଗପୁରୀ ନାମକ ଜଣେ ଠିକାଦାର ଟେଣ୍ଡର ପାଇ କାମ କରାଇଥିଲେ। ତେବେ ୭୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ରାସ୍ତାକାମ ଅତି ନିମ୍ନମାନର ହୋଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। କାମ ସମ୍ପୂର୍ଣ୍ଣ ହେବାର କିଛି ମାସ ନ ପୁରୁଣୁ ସମ୍ପୃକ୍ତ ରାସ୍ତାର ସ୍ଥିତି ଶୋଚନୀୟ ହୋଇ ପଡ଼ିଥିବା ଦେଖିବାକୁ ମିଳିଛି। ସମ୍ପୃକ୍ତ ଠିକାଦାର କାର୍ଯ୍ୟର ବିଲ ଉଠାଇ ସାରିଥିବା ବେଳେ ବିଭାଗୀୟ ଅଧିକାରୀ ମଧ୍ୟ ଏଥିପ୍ରତି ଦୃଷ୍ଟି ନ ଦେବା ସ୍ଥାନୀୟ ମହଲରେ ଅସନ୍ତୋଷ ଦେଖାଦେଇଛି। ଘଟଣାକୁ ନେଇ ବିଭାଗୀୟ ସହାୟକ ଯନ୍ତ୍ରୀ ମୂରଲୀଧର ମହାଲିକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବା ବେଳେ ସେ ସ୍ଥିତି ଅନୁଧ୍ୟାନ କରି ପଦକ୍ଷେପ ନେବେ ଏବଂ ସମ୍ପୃକ୍ତ ରାସ୍ତାର ଆଉ ଗୋଟିଏ ଲେୟର କାମ ବାକିଥିବା କହିଛନ୍ତି।

# ଟ୍ରାନ୍ସଫର୍ମରରେ ଲାଗିଲା ସୁରକ୍ଷା ବାଡ଼

**ବଙ୍ଗୋମୁଣ୍ଡା, ୨୬।୭ (ସମିସ):** ବଙ୍ଗୋମୁଣ୍ଡା ବ୍ଲକ ସଦର ଆଦର୍ଶ ପଡ଼ା ନିକଟରେ ଥିବା ମୁକୁଳା ବିଦ୍ୟୁତ୍ ଟ୍ରାନ୍ସଫର୍ମର ଯାହା ଦିନକୁ ଦିନ ଜଣସାଧାରଣ ପାଇଁ ବିପଦ ସୃଷ୍ଟି କରୁଥିଲା। ସେଥିପାଇଁ 'ସକାଳ'ରେ ଗତ ମାସରେ ଖବର ପ୍ରକାଶ ହେଇଥିଲା। ଖବର ପ୍ରକାଶ ପରେ ବିଦ୍ୟୁତ୍ ବିଭାଗ ଲୋକେ ଜାଗୃତ ହୋଇଛନ୍ତି। ଟ୍ରାନ୍ସଫର୍ମରକୁ ବର୍ତ୍ତମାନ



ସକାଳ THE SAKALA ପ୍ରଭାବ

ପାଚେରୀ ଘେରି ଦିଆଯାଇଛି ଯାହା ଦ୍ୱାରା ସ୍ଥାନୀୟ ଲୋକଙ୍କୁ ବର୍ତ୍ତମାନ ବିପଦରୁ ରକ୍ଷା ମିଳିଛି। ପୂର୍ବରୁ ଟ୍ରାନ୍ସଫର୍ମର ପାଖରେ ଥିବା ସ୍ଥାନୀୟ ଲୋକ ଆତଙ୍କରେ ଥିଲେ। ଏକ ଛୋଟ ଅସାବଧାନତା ଯେକୌଣସି ଦୁର୍ଘଟଣା ଘଟାଇପାରିଥାନ୍ତି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ 'ସକାଳ'ଖବର ପ୍ରକାଶ ପାଇବା ପରେ ବିଦ୍ୟୁତ୍ ବିଭାଗ ତତ୍ପରତା ଦେଖାଇଛି। ସ୍ଥାନୀୟ ବାସିନ୍ଦା ଏହି ପଦକ୍ଷେପ ପାଇଁ ସନ୍ତୋଷ ପ୍ରକାଶ କରି 'ସକାଳ'କୁ ଧନ୍ୟବାଦ ଜଣାଇଛନ୍ତି।

### କଂଗ୍ରେସ ରାଜ୍ୟ କିଷାନ ସଭାପତିଙ୍କୁ ସମ୍ବର୍ଦ୍ଧନା

# ଚାଷୀଙ୍କୁ ପ୍ରତାରଣା କରୁଛି ଡବଲ ଇଞ୍ଜିନ ସରକାର

**ପାଟଣାଗଡ଼, ୨୬।୭ (ସମିସ):** ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ଶନିବାର ଆୟୋଜିତ ସଭାରେ ନବ ନିର୍ବାଚିତ ରାଜ୍ୟ କିଶାନ କଂଗ୍ରେସ ସଭାପତ ଅଭୟ ସାହୁଙ୍କୁ



ଜିଲ୍ଲା କଂଗ୍ରେସ ତରଫରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି।ପରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ କଂଗ୍ରେସ ଜିଲ୍ଲା ଆବାହକ ଅନୀଲ ମେହେରଙ୍କ ନେତୃତ୍ୱରେ ସମସ୍ତ ନିର୍ବାଚନ ମଣ୍ଡଳୀର ବରିଷ୍ଠ ନେତୃବୃନ୍ଦ ଓ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା ଉପସ୍ଥିତ ରହି ଚାଷୀମାନଙ୍କ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ରାଜ୍ୟ କିଷାନ ସେଲ ସଭାପତି ଶ୍ରୀ ସାହୁ ରାଜ୍ୟର ଚାଷୀମାନଙ୍କ ବିଭିନ୍ନ ସମସ୍ୟା ଯଥା ଧାନର କଟ୍‌ନୀ ଛଟନୀ, ଧାନର ଅଭାବି ବିକ୍ରି, ସାର କଳାବଜାରୀ ସହ ଚାଷୀଙ୍କ ଅନ୍ୟାନ୍ୟ ସମସ୍ୟା ଉପରେ ଡବଲ ଇଞ୍ଜିନ ସରକାର ଚାଷୀମାନଙ୍କ ପ୍ରତି ଯେଉଁ ପ୍ରତାରଣା କରି ଚାଲିଛି ତାକୁ କେବେବି ବରଦାସ୍ତ କରାଯିବ ନାହିଁ। କଂଗ୍ରେସ କିଷାନ ସେଲ ତରଫରୁ ଆଗାମୀ ଦିନରେ ଚାଷୀଙ୍କ ହିତ ପାଇଁ ଆନ୍ଦୋଳନକୁ ଆହୁରି ଜୋରଦାର କରାଯିବ ବୋଲି ଆହ୍ୱାନ ଦେଇଛନ୍ତି। ସେହିପରି ଜିଲ୍ଲା ଆବାହକ ଶ୍ରୀ ମେହେର ଜିଲ୍ଲାର ଚାଷୀଙ୍କ ମୁଖ୍ୟ ଚାଷ ଧାନ ଏବଂ କପା ହୋଇଥିଲେ ମଧ୍ୟ ଚାଷୀ ଅଭାବି ବିକ୍ରିର ଶିକାର ହେଉଛନ୍ତି।ଚଳିତ ଖରିଫ ଅମଳ ସମୟରେ ମଣ୍ଡି ଗୁଡିକର ଅବ୍ୟବସ୍ଥା ଓ ମିଲର ରାଜକୁ ତୀବ୍ର ବିରୋଧ କରାଯିବ ବୋଲି କହିଥିଲେ। ସଭାରେ ପୂର୍ବତନ କିଷାନ ସେଲ ସଭାପତି ସାନନ୍ଦ ମିଶ୍ର, ପତିତପାବନ ପଧାନ, ସାଧୁ ମେହେର, କୌଶିକ ମେହେର, ଆକବର ଖାନ, ଟିଟିଲାଗଡ଼ ବିଧାୟକ ପ୍ରାର୍ଥୀ ବିରେନ୍ଦ୍ର ବାଗ, ରାଜ୍ୟ କମିଟୀ ସଦସ୍ୟ ସିତିକାନ୍ତ ମହାନ୍ତି, ତପନ କୁମାର ମିଶ୍ର, ଅରୁଣ କୁମାର ଜେନା, ରତ୍ନାକର ନାଏକଙ୍କ ସହ କଂଗ୍ରେସ ଦଳର ଅନେକ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଭାରସାମ୍ୟ ହରାଇ ଓଲଟିଲା ବସ୍



**ବଙ୍ଗୋମୁଣ୍ଡା, ୨୬।୭ (ସମିସ):** ବଙ୍ଗୋମୁଣ୍ଡା ବ୍ଲକ ସିନ୍ଦେ୍ଧକେଲା ଚାନ୍ଦିଲି ପାହାଡ ନିକଟରେ ଚକାଡୋଳା ନାମକ ଏକ ଘରୋଇ ବସ୍ ଭାରସାମ୍ୟ ହରାଇ ଓଲଟି ପଡ଼ିଛି। ସୂଚନା ଅନୁଯାୟୀ ବସ୍ କୌଣସି କାରଣରୁ ଭାରସାମ୍ୟ ହରାଇ ଚାନ୍ଦୀଲି ପାହାଡ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇ ଓଲଟି ପଡ଼ିଥିଲା। ଏଥିରେ ତିନି ଜଣ ଆହତ ହୋଇଥିବା ସୂଚନା ମିଳିଛି।

# ଶ୍ରମଦାନ କରି କାର୍ଗିଲ ସହିଦଙ୍କୁ ଶ୍ରଦ୍ଧାଞ୍ଜଳି

**ବଲାଙ୍ଗିର, ୨୬।୭ (ସମିସ):** କାରଗିଲ ବିଜୟକୁ ଶନିବାର ଛବିଶ ବର୍ଷ ପୁରିଛି। ଏହି ପରିପେକ୍ଷୀରେ ନିଆରା ଢଙ୍ଗରେ କାରଗିଲ ବିଜୟ ଦିବସ ପାଳନ କରିଛି ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ବିଙ୍ଗ ହ୍ୟୁମାନ ଫାଉଣ୍ଡେସନ। ଜୟ ଯବାନ ଜୟ କିସାନ ନାରା ଦେଇ ଲୋଇସିଂହା ବ୍ଲକ ବାଦୀମୁଣ୍ଡା ପଞ୍ଚାୟତ କୁଟୁରାପାଳି ଗ୍ରାମର ଜଣେ ଚାଷୀଙ୍କ ଜମିରେ



ଅନୁଷ୍ଠାନର ସଦସ୍ୟମାନେ ପଲହାରୋପଣ କରି ବୀର ସହିଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି।ସେମାନେ କହିଛନ୍ତି କାରଗିଲ ଯୁଦ୍ଧରେ ଦୀର୍ଘ ୨ ମାସରୁ ଉର୍ଦ୍ଧ୍ୱ ଲଢେଇ କରି ଆମ ବୀର ସୈନିକମାନେ ପରାକ୍ରମ ଦେଖାଇ ବିଜୟ ବାନା ଉଡେଇଥିଲେ। ଆଜିଦିନଟି ଆମ ପାଇଁ ଗର୍ବ ଏବଂ ଗୌରବର ଦିନଟିଏ। ସୈନିକଙ୍କ ପରି କୃଷକ ମଧ୍ୟ କ୍ଷେତରେ ଖଟୁଛି। ଲାଭ କ୍ଷତି ବିଚାର ନକରି ହାଡଭଙ୍ଗା ପରିଶ୍ରମ କରି ନିଜକୁ ବଳିଦାନ ଦେଇ ସାରା ଦୁନିଆକୁ ଖାଦ୍ୟ ଯୋଗାଉଛି। ସେଥିପାଇଁ ଜଣେ ସୈନିକଙ୍କ ବିଚାର ନେଇ ବଞ୍ଚୁଥିବା ଚାଷୀର କ୍ଷେତରେ ଶ୍ରମଦାନ କରି କାରଗିଲ ସହିଦଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି। କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରତିଷ୍ଠାତା ସୋମନାଥ ମିଶ୍ର, ବୁଲୁ ମହାକୁର, ଧ୍ରୁବ ଥନାପତି, ବୀରେନ୍ଦ୍ର ସାହୁ, ତପନ ଜାଲ, ବିକୁ ଦଳାଇ, ରଞ୍ଜିତ ପଧାନ, ଗୋପଳ ସାହୁ, ପ୍ରହଲ୍ଲାଦ ଖମାରି, କାହ୍ନୁ ବଗର୍ତି, ଶୁଭମ ସାହୁ, ଦିଲେଶ୍ୱର ସାହୁ, ଶୁଭ୍ରାନ୍ତ ନନ୍ଦ ପ୍ରମୁଖ ଶ୍ରମଦାନ କରିଥିଲେ।

# ତାଲୁକ୍ ଆଇନ ସେବା କମିଟି ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ




**କଣ୍ଟାବାଞ୍ଜି, ୨୬।୭ (ସମିମ):** ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ତାଲୁକ ଆଇନ ସେବା କମିଟି ପକ୍ଷରୁ ବାର ଆସୋସିଏସନ ହଲରେ ମଧ୍ୟସ୍ଥତା ଉପରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିଥିଲା। ବିକଳ୍ପ ବିବାଦ ସମାଧାନ ବ୍ୟବସ୍ଥାକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ କାର୍ଯ୍ୟକ୍ରମରେ ପରାମର୍ଶଦାତା ପ୍ରଫୁଲ୍ଲ କୁମାର ନାୟକ, କାନନ ପଣ୍ଡା ଏବଂ ଆଇନଗତ ଭ୍ରାତୃତ୍ୱର ସଦସ୍ୟମାନେ ଯୋଗ ଦେଇଥିଲେ।ଅତିରିକ୍ତ ଜିଲ୍ଲା ଜଜ୍ ଏବଂ ତାଲୁକ୍ ଆଇନ ସେବା କମିଟି ଅଧ୍ୟକ୍ଷ ରାଜେଶ କୁମାର ନାୟାର ବିବାଦ ସମାଧାନରେ ମଧ୍ୟସ୍ଥତାର ଗୁରୁତ୍ୱ ଏବଂ ଲାଭ ଉପରେ ଏକ ଉପସ୍ଥାପନା ପ୍ରଦାନ କରିଥିଲେ। ସେ କୋର୍ଟ ଉପରେ ବୋଝ ହ୍ରାସ କରିବା ଏବଂ ପକ୍ଷମାନଙ୍କ ମଧ୍ୟରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମାଧାନକୁ ପ୍ରୋତ୍ସାହିତ କରିବାରେ ମଧ୍ୟସ୍ଥତାର ଭୂମିକା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ଅଂଶଗ୍ରହଣ କାରୀମାନଙ୍କୁ ମଧ୍ୟସ୍ଥତାର ଧାରଣା ଏବଂ ବିଭିନ୍ନ ପ୍ରସଙ୍ଗରେ ଏହାର ପ୍ରୟୋଗ ସହିତ ଜଡିତ ହେବା ପାଇଁ ଏକ ମଞ୍ଚ ପ୍ରଦାନ କରିଥିଲା। ଏହା ନ୍ୟାୟ ପାଇଁ ପ୍ରବେଶକୁ ପ୍ରୋତ୍ସାହିତ କରିବା ଏବଂ ଆଇନଗତ ସଚେତନତା ଏବଂ ଶିକ୍ଷା ମାଧ୍ୟମରେ ନାଗରିକଙ୍କୁ ସଶକ୍ତ କରିବା ପାଇଁ ତାଲୁକ୍ ଆଇନ ସେବା କମିଟିର ପ୍ରତିବଦ୍ଧତାକୁ ମଧ୍ୟ ଗୁରୁତ୍ୱାରୋପ କରିଥିଲା।

# ଡେଙ୍ଗ ବିଦ୍ୟାଳୟରେ ଚାରା ରୋପଣ

**ସଇଁତଲା, ୨୬।୭ (ସମିସ):** ବଲାଙ୍ଗିର ଜିଲ୍ଲା ସଇଁତଲା ବ୍ଲକ ଅନ୍ତର୍ଗତ ଡେଙ୍ଗ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ସଇଁତଳାର ଗୋଲାପି ଫାଉଣ୍ଡେସନ ଓ ବିଦ୍ୟାଳୟର ମିଳିତ ଉଦ୍ୟମରେ ବିଦ୍ୟାଳୟ ପରିସରରେ ଶତାଧିକ ଚାରା ରୋପଣ କରାଯାଇଛି। ପ୍ରଧାନଶିକ୍ଷୟିତ୍ରୀ ରେଣୁକା ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ପ୍ରାକ୍ତନ ପ୍ରଧାନଶିକ୍ଷକ ଚାଣ୍ଡାଳ ମିଶ୍ର ଯୋଗ ଦେଇଥିଲେ। ଗୋଲାପୀ ଫାଉଣ୍ଡେସନର ଅଧ୍ୟକ୍ଷ ତଥା ସଇଁତଲା ସରପଞ୍ଚ ସୁବ୍ରତ ନାଗ ଚାରା ରୋପଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପରେ ସମ୍ମାନିତ ଅତିଥି, ଫାଉଣ୍ଡେସନର ସଦସ୍ୟ, ଶିକ୍ଷକ ଶିକ୍ଷୟିତ୍ରୀ, ଗ୍ରାମବାସୀ ତଥା ଛାତ୍ରଛାତ୍ରୀମାନେ ଚାରାରୋପଣ କରିଥିଲେ।




ଫାଉଣ୍ଡେସନର ସଦସ୍ୟ ଲୋଚନ ସାହୁ, କମଳ ସାହୁ, ନୀତେଶ ସାହୁ, ବୈଭବ ସାହୁ, ହିମାଂଶୁ ରଣା, ଶିକ୍ଷକ କୃପାସିନ୍ଧୁ ମିଶ୍ର, ଦେବେଶ ହୋତା, ସୁଦର୍ଶନ ଦାଶ, ଲିଙ୍ଗରାଜ ନନ୍ଦ, ସମୀର ସେଠି, ଦୀପକ ସେନ ଧରୁଆ, ଅବିନାଶ ଭୋଇ, ହିମାଂଶୁ ଶେଖର ବିଶ୍ୱାଳ, ଶିକ୍ଷୟିତ୍ରୀ ତପସ୍ୱିନୀ ପଟେଲ, ଗାୟତ୍ରୀ ବାରିକ, କାନ୍ତି ଭୋଇ, ଦ୍ରୌପଦୀ ଭୋଇ, ଶିବାନୀ ମଲ୍ଲିକ ପ୍ରମୁଖ କାର୍ଯକ୍ରମରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ରାମ ନାରାୟଣ ଦାଶ ସଂଯୋଜନା କରିଥିବା ବେଳେ ଶିକ୍ଷକ ମନରଞ୍ଜନ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

# ଲୋଇସିଂହା ପୁଲିସ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ




**ଲୋଇସିଂହା, ୨୬।୭ (ସମିସ):** ବଲାଙ୍ଗିର ଜିଲ୍ଲା ଲୋଇସିଂହା ପୁଲିସ ପକ୍ଷରୁ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଲୋଇସିଂହା ଥାନା ଅଧିକାରୀ ଯାଜ୍ଞସେନୀ ନାୟକ ଯୋଗ ଦେଇ ନାବାଳିକା, ବାଳିକାମାନଙ୍କ ପ୍ରତି ବଢୁଥିବା ନିର୍ଯାତନା ଓ ଏହାର ଆଇନ ଦିଗ ଉପରେ ଛାତ୍ରୀମାନଙ୍କୁ ସଚେତନ କରାଇଥିଲେ। ବିଶେଷ କରି ଶିକ୍ଷାନୁଷ୍ଠାନମାନଙ୍କରେ ନିର୍ଯାତନା ବୃଦ୍ଧି ପାଉଥିବାରୁ ସେଠାରୁ ନିବୃତ୍ତ ରହିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୁଲିସ ଏସଆଇ ମନୋଜ ମୁଣ୍ଡା, ସ୍କୁଲପ୍ରଧାନ ଶିକ୍ଷା ସମେତ ଅନ୍ୟ ଶିକ୍ଷୟତ୍ରୀମାନେ ମଧ୍ୟ ଉପସ୍ଥିତ ଥିଲେ।

# ମାହେଶ୍ୱରୀ ସଂଗଠନର କେନ୍ଦ୍ରୀୟ କମିଟି ବୈଠକ



**ବଲାଙ୍ଗିର, ୨୬।୭ (ସମିସ):** ବଲାଙ୍ଗିର ଖୁଜେନପାଲସ୍ଥିତ ବେବି ବବୁଲ୍ସ ପ୍ଲେ ସ୍କୁଲରେ ମାହେଶ୍ୱରୀର ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ରୀୟ କମିଟି ବୈଠକ ଅନୁଷ୍ଠିତ ହୋଇଛି। ସଭାରେ ବଲାଙ୍ଗିର ଜିଲ୍ଲାର ଆଗଲପୁର, ଲୋଇସିଂହା, ଦେଓଗାଁ, ଟିଟିଲାଗଡ଼, ଖପ୍ରାଖୋଲ, ପାଟଣାଗଡ଼, ବଲାଙ୍ଗିର ସଦର ଏବଂ ସୁବର୍ଣ୍ଣପୁର ଜିଲ୍ଲାର ତରଭାର ବ୍ଲକ ଅଧ୍ୟକ୍ଷ ଓ ସଂଯୋଜକମାନେ ଉପସ୍ଥିତ ଥିଲେ। ବୈଠକରେ ମାହେଶ୍ୱରୀ ସଂଗଠନର ସାଂଗଠାନିକ ବୃଦ୍ଧି, ଯୁବ ଶକ୍ତିର ସଠିକ୍ ଦିଗରେ ପ୍ରବାହ ଓ ସମାଜକୁ ଉନ୍ନତିର ପଥରେ ଆଗେଇନେବା ବିଷୟରେ ଚର୍ଚ୍ଚା ହୋଇଥିଲା। ଚଳିତ ବର୍ଷ ମଧ୍ୟରେ ଗୋଟିଏ ବଡ ରୂପରେ ରକ୍ତଦାନ ଶିବିର, ବୃକ୍ଷରୋପଣ, ନାରୀ ସଶକ୍ତିକରଣ ଅଭିଯାନ ଓ ସଚେତନତା କାର୍ଯ୍ୟକ୍ରମ ବିଭିନ୍ନ ବ୍ଲକରେ ଅନୁଷ୍ଠିତ କରାଯିବା ନିଷ୍ପତ୍ତି ହୋଇଛି। ବିଶେଷ ଭାବରେ ପଞ୍ଚାୟତସ୍ତରରେ ଯୁବମାନେ ଅଗ୍ରଣୀ ଭୂମିକା ନିର୍ବାହ କରିବେ। ସଭାରେ ମାହେଶ୍ୱରୀ ପରିବାରର ମୁଖ୍ୟ ନେତୃତ୍ୱ ପରିଚାଳନା ନିର୍ଦ୍ଦେଶକ ଅଙ୍କୁଶ କୁମାର ପାଣ୍ଡିଆ, ସଭାପତି ଶୋଭନ କୁମାର ଅଗ୍ରୱାଲ ଓ ସବୁ ବ୍ଲକ ସଭାପତି ଏବଂ ସଂଯୋଜକମାନେ ସଂଗଠନର ଭବିଷ୍ୟତ ନୀତି ଓ କାର୍ଯ୍ୟ ପ୍ରଣାଳୀ ବିଷୟରେ ମନ୍ତବ୍ୟ ରଖିଥିଲେ।

# ସଂସ୍କୃତ ପରିଷଦର ମାସିକ ଅଧିବେଶନ

**ବଲାଙ୍ଗିର, ୨୬।୭ (ସମିସ):** ନୃସିଂହ ମନ୍ଦିର ପରିସରରେ ସଂସ୍କୃତ ପରିଷଦ ବଲାଙ୍ଗିରର ମାସିକ ଅଧିବେଶନ ସଭାପତି ଆଇନଜୀବୀ ଜୟରାମ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟବକ୍ତା ଭାବରେ ଡ.ପ୍ରେମଚାନ୍ଦ ମହାନ୍ତି ଯୋଗଦାନ କରି ବିଦେଶରେ ସଂସ୍କୃତ ଭାଷାର ଆଦର ଓ ବେଦର ସାରମର୍ମ ବିଷୟରେ ସାର ଗର୍ଭକ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ପାଦକ ରାଜକିଶୋର ପଣ୍ଡା ଗତ ଅଧିବେଶନର ବିବରଣୀ ପାଠ କରିଥିବା ବେଳେ ଉପସଭାପତି କେଶବ ଚନ୍ଦ୍ର ମିଶ୍ର ନିଜସ୍ୱ ମତ ପ୍ରକଟ କରିଥିଲେ। ଅଧିବଶେନରେ ମଧୁ ସୁଦନ ନାୟକ, କପିଳ ପତି, ପର୍ଶୁରାମ ନାୟକ, ଆଶୁତୋଷ ମିଶ୍ର, ମଦନ ମୋହନ ରଥ, ବନମାଳି ନନ୍ଦ, ପୁରୁଷୋତ୍ତମ ପଣ୍ଡା ଯୋଗ ଦେଇଥିଲେ। କୋଷାଧ୍ୟକ୍ଷ ବ୍ରଜ କିଶୋର ପଣ୍ଡା ଆୟ ବ୍ୟୟ ସୂଚନା ଦେଇଥିବା ବେଳେ ସହସମ୍ପାଦକ ସିତାଂଶୁ ଶେଖର ନାୟକ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।



# ଟିକ୍ରାପଡ଼ା ବ୍ରିଗେଡ଼ ସ୍କୁଲରେ କାର୍ଗିଲ ବିଜୟ ଦିବସ

**ସଇଁତଲା, ୨୬।୭ (ସମିସ):** ସଇଁତଲା ବ୍ଲକ ଟିକ୍ରାପଡ଼ା ସ୍ଥିତ ଓଡ଼ିଶା ଷ୍ଟେଟ ବ୍ରିଗେଡ଼ ସ୍କୁଲରେ ଅଧ୍ୟକ୍ଷ ଚନ୍ଦ୍ରମଣି ରାଜପଲିଆଙ୍କ ଅଧ୍ୟକ୍ଷତାରେ କାର୍ଗିଲ ବିଜୟ ଦିବସ ପାଳିତ ହୋଇଯାଇଛି। ଛାତ୍ରୀ ଅମ୍ରିତା ରାଜପଲିଆଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଶିକ୍ଷୟିତ୍ରୀ ବୈଜୟନ୍ତୀ ମହାକୁର, ଶ୍ରଦ୍ଧାଞ୍ଜଳି ଦାଶ, ଲକ୍ଷ୍ମୀ ନାଗ, ଶିକ୍ଷକ ଦିଲ୍ଲୀପ ମିର୍ଦ୍ଧା, ନବକିଶୋର ନାଗ ବକ୍ତବ୍ୟ ପ୍ରଦାନ କରିଥିଲେ। ଲତିକା କଲେତ, ରୁତିକା ରାଜପଲିଆ, ଆରୋହୀ



ରାଜପଲିଆ, ତୃପ୍ତିମୟୀ ମେହେର, ଅର୍ମାନ ବାଗ, ଅମ୍ରିତ ମାହାର, ଯୋଗମୟ ବାଗ, ଶୁଭମ ବାରିକ, କନିଷ୍କ ରାଜପଲିଆ, ପରିତୋଷ ନାଏକ ପ୍ରମୁଖ ଛାତ୍ରଛାତ୍ରୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବନ୍ଦନା ରଣା ଅତିଥି ପରିଚୟ ଓ ସାବିତ୍ରୀ ରାଜପଲିଆ ଧନ୍ୟବାଦ ଅର୍ପଣ କରିଥିଲେ। ସଙ୍ଗୀତା ବାଗ, ଭାର୍ଗବୀ ରାଜପଲିଆ, ପ୍ରହ୍ଲାଦ ସିନ୍ଧୀଆ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଜେଆଇଟିଏମ୍‌ରେ ୟୁଥ୍ ପାର୍ଲାମେଣ୍ଟ

**ବଲାଙ୍ଗିର, ୨୬।୭ (ସମିସ)**

ଭାରତୀୟ ଗଣତନ୍ତ୍ର ହେଉଛି ପୃଥିବୀର ସର୍ବ ବୃହତ ଗଣତନ୍ତ୍ର। ଏଠାରେ ସଂସଦୀୟ ଗଣତନ୍ତ୍ରର ବ୍ୟବସ୍ଥା ରହିଛି। ଗଣତନ୍ତ୍ରର ମୂଳ ମନ୍ତ୍ର ହେଲା ଶିକ୍ଷା। ଗଣତାନ୍ତ୍ରିକ ମୂଲ୍ୟବୋଧର ଶିକ୍ଷା ଓ ବ୍ୟବସ୍ଥା ବିଷୟରେ ଛାତ୍ରଛାତ୍ରୀମାନଙ୍କୁ ସଚେତନ କରିବା ପାଇଁ ସେଞ୍ଚୁରିଅନ ବିଦ୍ୟାଳୟର କର୍ତ୍ତୃପକ୍ଷ ୟୁଥ ପାର୍ଲିଆମେଣ୍ଟର ପରିକଳ୍ପନା କରିଥିଲେ। ଯାହାକି ଶନିବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ଅନୁଷ୍ଠାନର ଆଞ୍ଚଳିକ ନିର୍ଦ୍ଦେଶକ ଡ଼ ପ୍ରଦୀପ ଷଡ଼ଙ୍ଗୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। କାର୍ଯ୍ୟକ୍ରମ ବିଦ୍ୟାଳୟର ଉପାଧ୍ୟକ୍ଷା ଡ଼ ପୂର୍ଣ୍ଣତୋୟା ବିଶ୍ୱାଳଙ୍କ ସଫଳ ପରିଚାଳନା ଦ୍ୱାରା ସମ୍ପାଦିତ ହୋଇଥିଲା ବିଦ୍ୟାଳୟର ଅଧ୍ୟକ୍ଷ ତମାଳ ଚକ୍ରବର୍ତ୍ତୀ, ସିଏଚ୍ଏସଇ ବିଭାଗର ଅଧ୍ୟକ୍ଷ ଡ଼ ଅନଙ୍ଗ ଉଦୟ ନାୟକ, ଉପାଧ୍ୟକ୍ଷା ଡ଼.ଅଙ୍କିତା ଶୁଭସ୍ମିତା ଗଡ଼ତ୍ୟା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବିଦ୍ୟାଳୟର ଅଧ୍ୟାପକ ପୂର୍ଣ୍ଣ ମୂର୍ତ୍ତି କ୍ରୀଷ୍ଟ ଦାସ, ଶିରୀସା ପତି ଓ ରମେଶ ମାଝୀ ଛାତ୍ରଛାତ୍ରୀଙ୍କୁ ମାର୍ଗ ଦର୍ଶନ ଓ ପ୍ରସଙ୍ଗ ଉପସ୍ଥାପନାରେ ସହାୟତା କରିଥିଲେ। ବିଦ୍ୟାଳୟର ପ୍ରାୟ ୬୦ରୁ ଅଧିକ ଛାତ୍ରଛାତ୍ରୀ ଅଷ୍ଟମ ଶ୍ରେଣୀରୁ ଏକାଦଶ ଶ୍ରେଣୀ ( ଉଭୟ କଳା ଓ ବିଜ୍ଞାନ)ର ଭାଗ ନେଇଥିଲେ। ସମସ୍ତ ଛାତ୍ର ଛାତ୍ରୀ ଶାସକ ଦଳ ଓ ବିପକ୍ଷ ପରି ଦୁଇ ଦଳରେ ବିଭକ୍ତ ହୋଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସଂସଦରେ ଅନୁସୃତ ହେଉଥିବା ସମସ୍ତ କାର୍ଯ୍ୟକ୍ରମ ପର୍ଯ୍ୟାୟକ୍ରମେ ଅନୁଷ୍ଠିତ ହୋଇଥିଲା। ଏଥିରେ ସାଂସଦ ମାନଙ୍କରେ ସ୍ୱାଗତ, ପରିଚୟ ପ୍ରଦାନ, ଶପଥ ସମାରୋହ, ଶୂନ୍ୟ କାଳ, ପ୍ରଶ୍ନ କାଳ, ବିଦେଶୀ ଅତିଥିଙ୍କର ସ୍ୱାଗତ, ବିଭିନ୍ନ ବିଲ ଆଗତର ପ୍ରକ୍ରିୟା, ମିଡ଼ିଆ କର୍ମୀଙ୍କର ସ୍ୱାଗତ, ଶ୍ରେଷ୍ଠ ସାଂସଦର ଘୋଷଣା ପରି ପର୍ଯ୍ୟାୟ ଅନ୍ତର୍ଭୁକ୍ତ ଥିଲା। ଶେଷରେ ବାଚସ୍ପତି ସଂସଦ ସମାପ୍ତିର ଘୋଷଣା କରିଥିଲେ। ସଂସଦର ଆଲୋଚନାର ମୁଖ୍ୟ ବିଷୟ ଗୁଡିକ ଥିଲା, ଭାରତର ପହେଲାଗାଓଁ ଆକ୍ରମଣ ଉପରେ ଅପେରସନସିନ୍ଦୂରର ପ୍ରସଙ୍ଗ, ଚାଷୀ ଆତ୍ମହତ୍ୟା, ନୂତନ ଶିକ୍ଷା ନୀତି, ଭାରତର ଭିତ୍ତିଭୂମିର ବିକାଶ ( ସଡ଼କ, ଗମନାଗମନ ଓ ପରିବହନ ବ୍ୟବସ୍ଥା ) ଯାହା ଦର୍ଶକଙ୍କ ଦ୍ୱାରା ଖୁବ ପ୍ରଶଂସିତ ହୋଇଥିଲା। ଛାତ୍ରଛାତ୍ରୀଙ୍କର ଚିତ୍ତାକର୍ଷକ ସଂଳାପ ଓ ନେତୃତ୍ୱର ଭୂମିକା ସମସ୍ତଙ୍କୁ ଆକର୍ଷିତ କରିଥଲା। ଶେଷରେ ବିଦ୍ୟାଳୟର ଅଧ୍ୟାପିକା ଶିରୀସା ପତି ଓ ରମେଶ କୁମାର ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।



## ଦୁର୍ଘଟଣାରେ ସାମ୍ବାଦିକ ରାଜକୁମାର ମାହାଣାଙ୍କ ମୃତ୍ୟୁ

**ତରଭା, ୨୬।୭(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ତରଭା ଅଞ୍ଚଳର ବରିଷ୍ଠ ସାମ୍ବାଦିକ ତଥା ବଲାଙ୍ଗୀର ଜିଲ୍ଲା ପୁଇଁତଲା ଥାନା ବୈରାସର ନିବାସୀ ରାଜକୁମାର ମାହାଣା (୭୫) ଆଉ ନାହାନ୍ତି। ଶନିବାର ସକାଳେ ଏକ ପିକ୍ଅପ୍ (ଓଡି ୩୧ ଏଚ ୮୧୨୯) ଧକ୍କାରେ ତାଙ୍କର ମୃତ୍ୟୁ ଘଟିଛି। ସକାଳେ ଶ୍ରୀ ମାହାଣା ତାଙ୍କ ପଡୋଶୀ ପ୍ରଦୀପ ଅଗ୍ରୱାଲଙ୍କ ସହ ଚା ପିଇବା ପାଇଁ ବାଇକ୍‌ରେ ବୈରାସର ବସଷ୍ଟାଣ୍ଡକୁ ଆସିଥିଲେ। ଚା ଦୋକାନ ସମ୍ମୁଖରେ ଶ୍ରୀ ମାହାଣା ବାଇକରୁ ଓହ୍ଲାଉଥିବା ବେଳେ ବଲାଙ୍ଗୀରରୁ ସୋନପୁର ପଟକୁ ଦ୍ରୁତ ଗତିରେ ଆସୁଥିବା ଏକ ପିକ୍ଅପ୍ ବାଇକକୁ ପଛପଟୁ ଧକ୍କା ଦେଇ ପଳାଇଥିଲା। ଏହାଫଳରେ ଶ୍ରୀ ମାହାଣା ରାସ୍ତା ଉପରେ ଛିଟିକି ପଡ଼ିଥିଲେ। ତାଙ୍କ ଡାହାଣ ଜଙ୍ଘ ଓ ବାମ ଆଣ୍ଠୁ ଉପରେ ଗାଡିଟି ଚଢି ଯାଇଥିଲା।



ଗୁରୁତର ଅବସ୍ଥାରେ ରାଜକୁମାରଙ୍କୁ ଆମ୍ବୁଲାନ୍ସ ଯୋଗେ ବଲାଙ୍ଗୀର ଭୀମଭୋଇ ମେଡ଼ିକାଲ କଲେଜ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପକ୍ଷେ ସାମାନ୍ୟ ଆହତ ହୋଇଥିବା ପ୍ରଦୀପଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡି ଦିଆଯାଇଛି। ତେବେ ରାଜକୁମାରଙ୍କ ମରଶରୀର ବ୍ୟବଚ୍ଛେଦ ପରେ ତାଙ୍କ ବାସଭବନକୁ ଅଣାଯାଇଥିଲା। ତରଭା ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଏକମାତ୍ର ପୁତ୍ର ଜିତେନ୍ଦ୍ର ମାହାଣା ମୁଖାଗ୍ନି ଦେଇଥିଲେ। ଏହି ଘଟଣା ପରେ ତାଙ୍କ ପତ୍ନୀ, ପୁଅ ଓ ୨ ଝିଅ ଭାଙ୍ଗି ପଡ଼ିଛନ୍ତି। ତାଙ୍କ ବିୟୋଗ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ଏହି ଘଟଣାରେ ପୁଲିସ ଗାଡି ଚାଳକ ସୁବଳୟାର କୃପାସିନ୍ଧୁ ବଗର୍ତ୍ତୀକୁ ଅଟକ ରଖିଛି।

# ଫୁଲୁଛି ମହାନଦୀ: ନଦୀ କୂଳିଆ ଲୋକେ ଆତଙ୍କିତ

**ବିନିକା, ୨୬।୭(ସମିସ)**

କିଛି ଦିନ ଧରି ଲଗାଣ ବର୍ଷା ଓ ହୀରାକୁଦ ଜଳଭଣ୍ଡାରରୁ ୨୦ଟି ଗେଟ୍ ଖୋଲାଯିବା ପରେ ବିନିକା ଦେଇ ପ୍ରବାହିତ ଚିରସ୍ରୋତା ମହାନଦୀରେ ଅତାଳତାଳ ପାଣି ପ୍ରବାହିତ ହେଉଛି। ମହାନଦୀ ଫୁଲି ଉଠିଛି। ଏହାଫଳରେ ମହାନଦୀରେ ସଂଯୋଗ କରୁଥିବା ନଦୀନାଳରେ ପାଣି ବଢ଼ିବାରେ ଲାଗିଛି। ଏଥିପାଇଁ ବିଶେଷ କରି ମହାନଦୀ କୂଳରେ ବସବାସ କରୁଥିବା ଗାଁ ଲୋକେ ଏକ ପ୍ରକାର ଆତଙ୍କିତ ଅବସ୍ଥାରେ ଜୀବନ ବିତାଉଥିବା ଜଣାପଡ଼ିଛି। ବର୍ଷା ଲାଗି ରହିଥିବା ଯୋଗୁଁ ବର୍ତ୍ତମାନ ଚାଷ ଜମିରେ ମଧ ପାଣିର ଭ୍ରମ ସୃଷ୍ଟି କରିଛି। ସେହିପରି ସହର ଓ ଗ୍ରାମାଞ୍ଚଳର ରାସ୍ତା ତଥା ବିଭିନ୍ନ ଖାଲ ସ୍ଥାନରେ ପାଣି ଜମି ରହି ପୋଖରୀ ସଦୃଶ ପାଲଟିଛି। ପାଣି ନିଷ୍କାସନ



ଠିକ୍ ଭାବେ ହୋଇ ନ ପାରିବା ଓ ଏହି ସମୟରେ ମହାନଦୀରେ ବନ୍ୟା ପାଣି ପ୍ରବାହିତ ହୋଇ ତଳିଆ ଅଞ୍ଚଳକୁ ମାଡ଼ି ଯିବା ଯୋଗୁଁ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଥାଏ। ପାପକ୍ଷୟ, ରହିଲା, ଗୋଲାପଡ଼ା, ଭମରପାଲି ଓ ବ୍ଲକ ଅଞ୍ଚଳର ସେଲେଡି ଝରାପଡ଼ା, ମନିଗାଁ, ଗଣେଶପୁର, ଅରିଗାଁ, ଡୁଲୁଣ୍ଡୁ ପାଲି, ଗରିଆପାଲି, କର୍ଡଙ୍ଗ, ଘୋଡାଧାର, ପଣ୍ଡକିଟାଳ ଆଦି ଗ୍ରାମଗୁଡିକ ନଦୀ କୂଳରେ ରହିଥିବାରୁ ବନ୍ୟା ପାଣି ପଶି ବ୍ୟାପକ କ୍ଷତିଗ୍ରସ୍ତ ହୋଇଥାଏ। ଅନ୍ୟ ପକ୍ଷରେ ମହାନଦୀକୁ ସଂଯୋଗ କରିଥିବା ମୁରମୁରି ଜୋର, ମଙ୍ଗର କୁନ୍ଦା, ନଳିଆ, ଚୌକି ଜୋରରେ ମହାନଦୀର ବନ୍ୟା ପାଣି ଆସି ଗମନାଗମନ କ୍ଷେତ୍ରରେ ବ୍ୟାହତ ସୃଷ୍ଟି କରିବା ସହ ପାଖରେ ଥିବା ଚାଷ ଜମି ଗୁଡ଼ିକୁ ଜଳମଗ୍ନ କରିଥାଏ। ଏହାଫଳରେ ଚାଷୀ କ୍ଷତିଗ୍ରସ୍ତ ହୁଏ। ସେହିପରି ମହାନଦୀ ଓ ଅଙ୍ଗନଦୀ ମୁହାଣରେ ଥିବା ଗ୍ରାମବାସୀଙ୍କ ଅବସ୍ଥା କହିଲେ ନ ସରେ। ତେବେ ମହାନଦୀର ମଧମ ସ୍ଥଳରେ ଶୋଭା ପାଉଥିବା ବାଇକାନୀ ମନ୍ଦିର ମୁଣ୍ଡି ପାଣିରେ ବୁଡି ବନ୍ୟା ପାଣି ଧ୍ୱଜା ନିକଟତର ହୁଏ ତେବେ ସମ୍ପ୍ରତି ବିନିକା ଅଞ୍ଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥାଏ ବୋଲି ଲୋକ ମୁଖରୁ ଶୁଣିବାକୁ ମିଳେ। ଚଳିତ ବର୍ଷ କିନ୍ତୁ ସେଭଳି ପରିସ୍ଥିତି ସୃଷ୍ଟି ହୋଇ ନ ଥିଲେ ମଧ ଯଦି ଅନବରତ ବର୍ଷା ଲାଗି ରହେ ଓ ହୀରାକୁଦ ଜଳଭଣ୍ଡାରରୁ ଅଧିକ ଗେଟ୍ ଖୋଲାଯାଏ ତେବେ ବିନିକା ଅଞ୍ଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହେବ ଏଥିରେ ସନ୍ଦେହ ନାହିଁ। ତେଣୁ ନଦୀ କୂଳରେ ବସବାସ କରୁଥିବା ଗାଁ ଲୋକେ ସତର୍କ ରହିବା ଆବଶ୍ୟକ ଜରୁରି।

## ବୌଦ୍ଧ ପ୍ରେସ୍ କ୍ଲବ୍ ପ୍ରତିଷ୍ଠା ଦିବସରେ ୨୬ ୟୁନିଟ୍ ରକ୍ତ ସଂଗ୍ରହ



**ବୌଦ୍ଧ, ୨୬।୭(ସମିସ):** ବୌଦ୍ଧ ଜିଲ୍ଲା ପ୍ରେସ୍ କ୍ଲବ୍‌ର ପ୍ରତିଷ୍ଠା ଦିବସ ଅବସରରେ ସ୍ଥାନୀୟ ରକ୍ତଭଣ୍ଡାରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୁରୁଣାକଟକସ୍ଥିତ ମା' ଭୈରବୀଙ୍କ ପୀଠରେ ବିଶ୍ୱର ମଙ୍ଗଳ କାମନା କରି ଅଖଣ୍ଡ ଦୀପ ପ୍ରଜ୍ୱଳନ କରାଯାଇଥିଲା। ବୌଦ୍ଧ ରକ୍ତଭଣ୍ଡାରଠାରେ ଅନୁଷ୍ଠିତ ଶିବିରରେ ମୁଖ୍ୟଅତିଥି ଭାବରେ ଡା ଶାନ୍ତନୁ ମିଶ୍ର ଯୋଗଦେଇ ଶିବିରକୁ ଶୁଭରମ୍ଭ କରିଥିଲେ। ରକ୍ତ ଭଣ୍ଡାରର ଡା ହେମ୍ବ୍ରମ ଓ କର୍ମଚାରୀ ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ। ଜିଲ୍ଲା ପ୍ରେସ୍ କ୍ଲବର ସଭାପତି ପ୍ରଦୋଷ ମିଶ୍ର, ସାଧାରଣ ସମ୍ପାଦକ ରଘୁନାଥ ଷଡ଼ଙ୍ଗୀ, ସହ ସମ୍ପାଦକ ଦୁର୍ଯ୍ୟୋଧନ ବିଶି, ସଦସ୍ୟ ଶମ୍ଭୁ ପ୍ରସାଦ ମିଶ୍ର, ଦିବ୍ୟରଞ୍ଜନ ପଟ୍ଟନାୟକ, ଉପସଭାପତି ସମରେଶ ମିଶ୍ର, ସଞ୍ଜୀବ ମହାକୁଳ ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା, ସାମ୍ବାଦିକ, ବ୍ୟବସାୟୀ, ମହିଳା ରକ୍ତଦାନ କରିଥିଲେ। ସମୁଦାୟ ୨୬ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା।

## ୧୨ ଦିନ ପରେ ପାଣି ପାଇଲେ ଡିମିରିମୁଣ୍ଡା ଗ୍ରାମବାସୀ

**ଶଗଡ଼ା, ୨୩।୭(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଯୋଗିନ୍ଦ୍ରପୁର ପଞ୍ଚାୟତ ଡିମିରିମୁଣ୍ଡା ଗ୍ରାମରେ ୧୩୦ ପରିବାର ୧୨ ଦିନ ପରେ ପିଇବା ପାଣି ପାଇଛନ୍ତି। ପାଣିଟାଙ୍କିରେ ଜଳ ଯୋଗାଣ ପାଇଁ ଲାଗିଥିବା ଟ୍ରାନ୍ସଫର୍ମରର ଫ୍ୟୁଜ୍ ଖରାପ ହୋଇ ଯାଇଥିଲା। ବାରମ୍ବାର ବିଦ୍ୟୁତ ବିଭାଗର ଅଧିକାରୀଙ୍କୁ ଅଭିଯୋଗ ସତ୍ତ୍ୱେ ସେମାନେ ଶୁଣୁ ନ ଥିବା ଗ୍ରାମର ମୁକ୍ତେଶ୍ୱର ପ୍ରଧାନ, ସୁଶାନ୍ତ ବେହେରା, କୁହୁଡୁ ଭୋଇ, ମନୋରଞ୍ଜନ ପ୍ରଧାନ, ଅଚ୍ୟୁତ ପ୍ରଧାନ, ଚକାନୟ ସେଠୀ ପ୍ରମୁଖ ଅଭିଯୋଗ କରିଥିଲେ। ଏ ନେଇ 'ସକାଳ'ରେ ଖବର ପ୍ରକାଶ ପାଇଥିଲା। ବରଗଡ଼ ଜିଲ୍ଲାର ରମେଶ ମେହେର ଓ ବିନୋଜ କନ୍ଧେର, ସୁବର୍ଣ୍ଣପୁର ଜିଲ୍ଲାର ସର୍ଜନ ପାଣ୍ଡେ, ବୌଦ୍ଧ ଜିଲ୍ଲାର ମାନଧର କର୍ମୀ, କେନ୍ଦୁଝର ଜିଲ୍ଲାର ବିକ୍ରମ କେଶରୀ ମହନ୍ତ ମୁଖ୍ୟମନ୍ତ୍ରୀ, ବିଭାଗୀୟ ଅଧିକାରୀଙ୍କୁ 'ଏକ୍ସ'ରେ ଏ ସମ୍ପର୍କରେ ଅଭିଯୋଗ କରିଥିଲେ। ଶେଷରେ ମରାମତି କରାଯାଇ ଗ୍ରାମରେ ଜଳ ଯୋଗାଣ କରାଯାଇଛି। ଲୋକେ ଖୁସି ବ୍ୟକ୍ତ କରିବା ସହ ସକାଳକୁ ଧନ୍ୟବାଦ ଜଣାଇଛନ୍ତି।

## ଟାଙ୍ଗିଆରେ ହାଣି ସ୍ତ୍ରୀକୁ ହତ୍ୟା

**ବୌଦ୍ଧ, ୨୬।୭ (ସମିସ):** ବୌଦ୍ଧ ଜିଲ୍ଲା ପୁରୁଣାକଟକ ଥାନା ପଛପଟ ବସ୍ତିରେ ଏକ ଅଭାବନୀୟ ଘଟଣା ଘଟିଛି। ସ୍ୱାମୀର ଟାଙ୍ଗିଆ ଚୋଟରେ ସ୍ତ୍ରୀର ମୃତ୍ୟୁ ଘଟିଛି। ମୃତ୍ୟୁ ଘଟିଥିବା



ମହିଳା ଜଣକ ହେଲେ ସାର୍ଜନ ପ୍ରଧାନଙ୍କ ସ୍ତ୍ରୀ କୁନି ପ୍ରଧାନ। ଶୁକ୍ରବାର ରାତିରେ ଉଭୟଙ୍କ ମଧ୍ୟରେ କଳି ହୋଇଥିଲା। ଏଥିରେ ରାଗିଯାଇ ସାର୍ଜନ ପାଖରେ ଥିବା ଟାଙ୍ଗିଆରେ କୁନିଙ୍କୁ ହାଣି ଦେଇଥିଲା। କୁନି ଚିତ୍କାର କରି ତଳେ ପଡ଼ି ଯାଇଥିଲେ। ଏହା ଦେଖି ସାର୍ଜନ ଘରେ ତାଲା ପକାଇ ନିକଟସ୍ଥ ଥାନାରେ ଆତ୍ମସମର୍ପଣ କରିଥିଲେ। ପୁଲିସ ପହଞ୍ଚି କୁନିଙ୍କୁ ଭ୍ୟାନରେ ପୁରୁଣାକଟକ ହସ୍ପିଟାଲ ନେଇଥିଲା। ସେଠାର ବୌଦ୍ଧ ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଥିଲା। ଅଧିକ ରକ୍ତସ୍ରାବ ପାଇଁ ଅଧାରାସ୍ତାରେ କୁନି ଆଖି ବୁଜିଥିଲେ।

## ତାମିଲନାଡୁରେ ଓଡ଼ିଆ ଯୁବକଙ୍କ ମୃତ୍ୟୁ

**ମ.ରାମପୁର, ୨୬।୭(ସମିସ):** କଳାହାଣ୍ଡି ଜିଲ୍ଲା ମ.ରାମପୁର ବ୍ଲକ ମାଣିକେରା ପଞ୍ଚାୟତ ଟାପରେଙ୍ଗ ଗ୍ରାମର ଜମଧର ନାଗ(୨୪)ଙ୍କ ପୁଅ ଥମାସ ନାଗଙ୍କ ତାମିଲନାଡୁରେ ମୃତ୍ୟୁ ଘଟିଛି। ନିକଟରେ ସେ ସେଠାକୁ କାମ କରିବାକୁ ଯାଇଥିଲେ। ତେବେ ମୃତ୍ୟୁର କାରଣ ସ୍ପଷ୍ଟ ଜଣା ପଡ଼ିନାହିଁ। ରବିବାର ଗାଁରେ ଶବ ପହଞ୍ଚିବ। ରୋଜଗାରକ୍ଷମ ପୁଅକୁ ହରାଇ ପରିବାର ଲୋକେ ଭାଙ୍ଗି ପଡ଼ିଛନ୍ତି।

## ଶଗଡ଼ା ସିଦ୍ଧେଶ୍ୱର ବାବା ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରତିଷ୍ଠା ଦିବସ

**ମନମୁଣ୍ଡା, ୨୬।୭(ସମିସ):** ବୌଦ୍ଧ ବ୍ଲକ ସିଦ୍ଧେଶ୍ୱର ବାବା ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୧୬ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧକ୍ଷା ସୁମିତ୍ରା ଭଟ୍ଟାଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଦ୍ୟାଳୟ ପରିଚାଳନା ପରିଷଦର ସଭାପତି ନବୀନ ମହାକୁଡ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବାବେଳେ ସଭ୍ୟ କୃପାସିନ୍ଧୁ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଅଧ୍ୟାପକ ବିଭୀଷଣ ବସ୍ତିଆ, ଅଧ୍ୟାପକ ଶେଷଦେବ ପର୍ଡ଼ିଆ ବିଭିନ୍ନ ଦାୟିତ୍ୱ ନିର୍ବାହ କରିଥିଲେ।

## ଇନ୍ଦ୍ରାବତୀ ପାୱାର ଚ୍ୟାନେଲରେ ନିଖୋଜ ଦିବ୍ୟାଙ୍ଗ ଯୁବକଙ୍କ ଶବ ଉଦ୍ଧାର

**ଜୟପାଟଣା, ୨୬।୭(ସମିସ):** କଳାହାଣ୍ଡି ଜିଲ୍ଲା ଜୟପାଟଣା ଥାନା ମଙ୍ଗଳପୁର ପଞ୍ଚାୟତ ଜୁନାପାଣି ଗ୍ରାମର ଦିବ୍ୟାଙ୍ଗ ଯୁବକ ମାଗୁ ମାଝୀ(୨୮)ଙ୍କ ଶବ ଉଦ୍ଧାର ହୋଇଛି। ଶୌଚ ପାଇଁ ସେ ଇନ୍ଦ୍ରାବତୀ ପାୱାର ଚ୍ୟାନେଲକୁ ଯାଇ ଗୁରୁବାର ସନ୍ଧ୍ୟାରୁ ନିଖୋଜ ହୋଇଥିଲେ। କେନାଲ ନିକଟରେ ତାଙ୍କ ଚପଲ ଓ ଠେଙ୍ଗା ପଡ଼ିଥିବା ଦେଖିବାକୁ ମିଳିଥିଲା। ଅଗ୍ନିଶମ ବିଭାଗ ଖୋଜାଖୋଜି କରିଥିଲେ ହେଁ ବିଫଳ ହୋଇଥିଲା। ଶନିବାର ଧନସୁଲି ବ୍ରିଜ ନିକଟରେ ସ୍ଥାନୀୟ ଲୋକେ ଏକ ଶବ ଭାସୁଥିବା ଦେଖି ପୁଲିସକୁ ଖବର ଦେଇଥିଲେ। ଅଗ୍ନିଶମ ବିଭାଗ କର୍ମଚାରୀ ଶବ ଉଦ୍ଧାର କରିବା ପରେ ପୁଲିସ ଜୟପାଟଣା ଡାକ୍ତରଖାନାକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

## ଥାନାଧିକାରୀଙ୍କୁ ଭେଟିଲେ ବିଜେପି ପ୍ରତିନିଧି ମଣ୍ଡଳୀ



**କଲମପୁର, ୨୬।୭(ସମିସ):** କଳାହାଣ୍ଡି ଜିଲ୍ଲା କଲମପୁର ଥାନାରେ ବିଶ୍ୱମ୍ବର କହଁର ନୂତନ ଥାନାଧିକାରୀ ଭାବେ ଯୋଗ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଘନଶ୍ୟାମ ନାଏକ, ଚେରୁ ନାଏକ, ସୁଶୀଲ ଜୈନ, ପିଣ୍ଟୁ ବେହେରା, ବିଜୟ ପଣ୍ଡା, ସୁଶାନ୍ତ ରାଉତ, କମଲ ବାଗ, ସୁଶୀଲ ପତି, ମୁକୁନ୍ଦ ତେଣ୍ଡକାରି, ହରେକୃଷ୍ଣ ସାହୁ, ଶିବାଜୀ ଚିନ୍ଦା, ଟୁନା ପତି ପ୍ରମୁଖ କଲମପୁର ବ୍ଲକ ବିଜେପି ପ୍ରତିନିଧି ମଣ୍ଡଳୀ ଶ୍ରୀ କହଁରଙ୍କୁ ଭେଟିଛନ୍ତି।

## ଶ୍ରୀସାଇ କଲେଜରେ ବିତ୍ତୀୟ ସାକ୍ଷରତା କାର୍ଯ୍ୟକ୍ରମ

**ନୂଆପଡ଼ା, ୨୬।୭(ସମିସ):** ନୂଆପଡ଼ା ଜିଲ୍ଲା କୁରୁମପୁରିସ୍ଥିତ ଶ୍ରୀସାଇ କଲେଜରେ ରିଜର୍ଭ ବ୍ୟାଙ୍କ ଓ ଧନ ଫାଉଣ୍ଡେସନର ସହଯୋଗରେ ଛାତ୍ରଛାତ୍ରୀଙ୍କ ପାଇଁ ବିତ୍ତୀୟ ସାକ୍ଷରତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କଲେଜ ଅଧକ୍ଷ ଡ.ଅଶୋକ ପଟ୍ଟନାୟକ ସଭାପତିତ୍ୱ କରିଥିବାବେଳେ ନୂଆପଡ଼ା ଷ୍ଟେଟ ବ୍ୟାଙ୍କ ଶାଖାର ପରିଚାଳକ ହରିଶଙ୍କର ନିଆଲ, ବିତ୍ତୀୟ ସାକ୍ଷରତା କାଉନସେଲର ରମେଶ କୁମାର ଠାକୁର, ସହଯୋଗୀ ନରେଶ ଜଗତ ପ୍ରମୁଖ ଯୋଗ ଦେଇଥିଲେ। ଡିଜିଟାଲ ଦେଣନେଣ ସମୟରେ ହେଉଥିବା ଠକାମି, ବିଭିନ୍ନ ବ୍ୟାଙ୍କ ଋଣ, ବୀମା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସମାଜ ବିଜ୍ଞାନ ଅଧ୍ୟାପିକା ତପସ୍ୱିନୀ ନାଥ, ପୁନମ ଭୁସାଗର, ପ୍ରିୟମ୍ବଦା ବିଶି, ଭାଗୀରଥି ଭୋଇ, ଆଲୋକ ନିଆଲ ପ୍ରମୁଖ ସହଯୋଗ କରିଥିଲେ।

## ସିଆରପିଏଫ୍ ପକ୍ଷରୁ ଚାରାରୋପଣ




**ଲାଞ୍ଜିଗଡ଼, ୨୬।୭ (ସମିସ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ବିଜେପୁରସ୍ଥିତ ସିଆର୍ ପିଏଫ୍ କ୍ୟାମ୍ପ ପରିସରରେ ଚାରାରୋପଣ କରାଯାଇଛି। ଇ/୦୪ କମ୍ପାନୀ କମାଣ୍ଡର ଟି.ରାଧାକ୍ରିଷ୍ଣାଙ୍କ ନେତୃତ୍ୱରେ ପୁଲିସ ବାହିନୀ ଓ ଅଧିକାରୀଙ୍କ ଦ୍ୱାରା ବିଭିନ୍ନ ପ୍ରକାରର ୨୫୦ରୁ ଅଧିକ ଚାରାରୋପଣ କରାଯାଇଥିଲା। ବିଜେପୁର ବନପାଳ ପଦ୍ମଲୋଚନ ଶବର, ବାଟାଲିୟନ୍ ପୁଲିସ ବାହିନୀର ସେକେଣ୍ଡ କମାଣ୍ଡର ପି. ଆପାରାଓ, ବିଜେପୁର ହାଇସ୍କୁଲ ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ସମେତ ସମସ୍ତ ଯବାନ ଏଥିରେ ଅଂଶଗ୍ରହଣ କରିଥିଲେ।

## ସ୍ୱାମୀ ବିବେକାନନ୍ଦ ପବ୍ଲିକ ସ୍କୁଲରେ କାର୍ଗିଲ ବିଜୟ ଦିବସ

**ଭବାନୀପାଟଣା, ୨୬।୭(ସମିସ):** ସ୍ଥାନୀୟ ତାରିଣୀ ମନ୍ଦିର ରୋଡ଼ସ୍ଥିତ ସ୍ୱାମୀ ବିବେକାନନ୍ଦ ପବ୍ଲିକ ସ୍କୁଲରେ କାର୍ଗିଲ ବିଜୟ ଦିବସ ପାଳିତ ହୋଇଛି। ୧୯୯୯ ମସିହା ଜୁଲାଇ ୨୬ରେ ବଳିଦାନ ଦେଇଥିବା ଭାରତୀୟ ଯବାନଙ୍କ ସ୍ମୃତି ତଥା ସମ୍ମାନରେ କାର୍ଗିଲ ବିଜୟ ଦିବସ ପାଳନ କରାଯାଉଛି। ସ୍କୁଲର ପ୍ରତିଷ୍ଠାତା ତଥା ଅଧକ୍ଷ ଶିବରାମ ନାୟକ ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇଥିଲେ। ଦେଶ ପାଇଁ ଅଦମ୍ୟ ସାହସ ଓ ଦୃଢ଼ ସଂକଳ୍ପ ସହ କାରଗିଲ ଯୁଦ୍ଧରେ ଲଢ଼ି ଶହୀଦ ହୋଇଥିବା ଭାରତ ମାତାର ବୀର ସେନାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ ପରେ ସଭା ଆରମ୍ଭ ହୋଇଥିଲା। ଶିକ୍ଷୟିତ୍ରୀ ଚନ୍ଦ୍ରପ୍ରଭା ମିଶ୍ର, ସରିତା ବାଗେଲ, ପ୍ରିୟଙ୍କା ମହାରଣା, ଧନମନ୍ତ ବେମାଲ, ଦୁଲେଶ୍ୱର ଶବର ଓ ବୃଷଭ ଦାଶ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶିକ୍ଷକ ପବିତ୍ର ମହାନନ୍ଦ ଧନ୍ୟବାଦ ଦେଇଥିଲେ।

## ବରିଷ୍ଠ ନାଗରିକ ସଂଗଠନ କାର୍ଯ୍ୟାଳୟରେ କାର୍ଗିଲ ବିଜୟ ଦିବସ

**ବୀରମହାରାଜପୁର, ୨୬।୭ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ସଦର ମହକୁମାସ୍ଥିତ ବରିଷ୍ଠ ନାଗରିକ ସଂଗଠନ



କାର୍ଯ୍ୟାଳୟ ପରିସରରେ କାର୍ଗିଲ ବିଜୟ ଉତ୍ସବ ପାଳିତ ହୋଇଛି। ସଂଗଠନର ସଭାପତି ଡକ୍ଟର ପ୍ରଫୁଲ୍ଲ ରଥଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବିଜୟ ଉତ୍ସବ ସମାରୋହରେ କାର୍ଗିଲ୍ ଯୋଦ୍ଧା ଅବସରପ୍ରାପ୍ତ ସେନା କ୍ୟାପ୍‌ଟେନ୍ ବସୁଦେବ ମହାକୁର ମୁଖ୍ୟ ଅତିଥି, ପୂର୍ବତନ ସଭାପତି କୃଷ୍ଣଚନ୍ଦ୍ର ପାଢ଼ୀ ମୁଖ୍ୟବକ୍ତା ଓ ଶିକ୍ଷାବିତ୍ ଭୂଷଣ ପାତ୍ର ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ସୂର୍ଯ୍ୟ ନାରାୟଣ ପାଣିଗ୍ରାହୀ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଉପ ସଭାପତି ସୌମିତ୍ରୀ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ବାସୁଦେବ ପଣ୍ଡା, ଚମରା ମହାକୁର, ଭଗବାନ ମିଶ୍ର, ଦିଲ୍ଲୀପ ମିଶ୍ର, ସୁରୁ ସାହୁ, ସନ୍ତୋଷ ଷଡ଼ଙ୍ଗୀ, ବଳରାମ କାଣ୍ଡ, ଅକ୍ଷୟ ମିଶ୍ର, ନାରାୟଣ ପ୍ରସାଦ ନାୟକ, ନିତ୍ୟାନନ୍ଦ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ରସାୟନ ବିଜ୍ଞାନ ବିଭାଗର ସାପ୍ତାହିକ ଆଲୋଚନାଚକ୍ର

**ଭବାନୀପାଟଣା, ୨୬।୭ (ସମିସ):** ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗ ଓ ଆଇକ୍ୟୁଏସି ସେଲ୍‌ର ମିଳିତ ଉଦ୍ୟମରେ ଶନିବାର ସାପ୍ତାହିକ ଆଲୋଚନାଚକ୍ର 'ଅନ୍ୱେଷା' ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଡ. ନିବେଦିତା ନାଥ ଅଧ୍ୟକ୍ଷତା କରିଥିଲେ। ମଣିଷ ଜୀବନ କିପରି ଧାତୁ ଓ ଧାତୁ ପଦାର୍ଥର ଏକ ମୌଳିକ ସମିଶ୍ରଣ ସେ ସମ୍ପର୍କରେ ସେ ନିଜର ଅଭିମତ ପ୍ରକାଶ କରିଥିଲେ। ଆଲୋଚନାଚକ୍ରରେ କୁଳସଚିବ ଡ. ଗୁଣନିଧି ନାଏକ ଉପସ୍ଥିତ ଥିଲେ। ରସାୟନ ବିଜ୍ଞାନ ବିଭାଗର ମୁଖ୍ୟ ସୁଚିତ ମଣ୍ଡଳି ବକ୍ତାଙ୍କ ପରିଚୟ ପ୍ରଦାନ କରିଥିଲେ। ଖ୍ୟାତି ସମ୍ପନ୍ନ ରସାୟନବିତ୍ ପ୍ରଫେସର ପଙ୍କଜ ପାଢ଼ୀ ଯୋଗଦେଇ ଧାତୁଗୁଡ଼ିକୁ ଭୂମିରୁ ଖନନ ପରେ ଶୋଧନ ଓ ଶୁଦ୍ଧିକରଣ କରାଯାଇ କିପରି ସେଗୁଡିକୁ ଶିଳ୍ପ, ଔଷଧ, ଇଲେକ୍ଟ୍ରୋନିକ୍ସ ଓ ନୂତନ ବିଜ୍ଞାନରେ ବ୍ୟବହାର କରାଯାଉଛି ସେ ସମ୍ପର୍କରେ ଆଲୋଚନା କରିଥିଲେ। ଏହା ସହିତ ଧାତୁ ଆଧାରିତ ଉପାଦାନମାନେ କିପରି ଅପାର ସମ୍ଭାବନା ନେଇଥାଆନ୍ତି ଓ ରସାୟନ ବିଜ୍ଞାନ ଏବଂ ପ୍ରଯୋଗ ମିଶି ମଣିଷ ପାଇଁ ଏକ ଉଜ୍ୱଳ ଭବିଷ୍ୟତ ଗଢିଥାଆନ୍ତି ସେ ବିଷୟରେ ବ୍ୟାଖ୍ୟା କରିଥିଲେ। ଅଧ୍ୟାପିକା ଦୀପ୍ତିମୟୀ ନଲ୍ଲା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ବିଭାଗୀୟ ଅଧ୍ୟାପକ ସୁଗନ୍ଧରାଜ ପ୍ରଧାନୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଡୁଣ୍ଡଲାରେ ବାଲ୍ ସଭା କାର୍ଯ୍ୟକ୍ରମ

**କେସିଙ୍ଗା, ୨୬।୭(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ଡୁଣ୍ଡଲା ଗ୍ରାମରେ ଶିଶୁ ଅନୁକୂଳ ପଞ୍ଚାୟତ ଗଠନ ଉଦ୍ଦେଶ୍ୟରେ ବାଲ୍ ସଭା ଅନୁଷ୍ଠିତ କରାଯାଇଛି। ସରପଞ୍ଚ ସରୋଜ ସେଠ, ପିଇଓ ପାର୍ଥ ରଣାଙ୍କ ସମେତ ଶିକ୍ଷା, ସ୍ୱାସ୍ଥ୍ୟ, ଆଇସିଡ଼ିଏସ ବିଭାଗର ଅଧିକାରୀଙ୍କ ସହ ୪୦ ଜଣ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ, ପୋଷଣ, ପରିମଳ ବିଷୟରେ ଆଲୋଚନା କରାଯାଇଥିଲା।

# ଟ୍ରକ୍ ସମ୍ମୁଖକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ

**ନୂଆପଡ଼ା, ୨୬।୭(ସମିସ)**

ନୂଆପଡ଼ା ଜିଲ୍ଲା ଖରିଆରରୋଡ ଜୋଙ୍କ ଥାନା ଅନ୍ତର୍ଗତ ସହର ମଧ୍ୟରେ ଫରେଷ୍ଟ ଅଫିସ ସମ୍ମୁଖରେ ଏକ ଚଳନ୍ତା ଟ୍ରକ୍ ଆଗକୁ ଜଣେ ଯୁବକ ଡେଇଁ ଆତ୍ମହତ୍ୟା ଉଦ୍ୟମ କରୁଥିବା ବେଳେ ଅଳ୍ପକେ ବର୍ତ୍ତି ଯାଇଛି। ତାଙ୍କୁ ଖରିଆରରୋଡ ଜୋଙ୍କ ଥାନା ପୁଲିସ ଉଦ୍ଧାର କରି ପ୍ରଥମେ ଖରିଆରରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ ଜିଲ୍ଲାମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରି ଚିକିତ୍ସା କରାଯାଉଛି। ଶନିବାର ମଧ୍ୟାହ୍ନ ଦେଢଟା ବେଳେ ଜାତୀୟ ରାଜପଥ ୩୫୩ ଖରିଆରରୋଡ ଫରେଷ୍ଟ ରେଞ୍ଜ କାର୍ଯ୍ୟାଳୟ ସମ୍ମୁଖରେ ଜଣେ ଯୁବକ ଛିଡା ଥିଲେ। ରାସ୍ତା ପ୍ରାୟ ଶୂନ ଶାନ। ଟ୍ରକ୍ ୨୦/୩୦ କିଲୋମିଟର ପ୍ରତି ଘଣ୍ଟା ବେଗରେ ରହିଥିଲା। ଏହି ସମୟରେ ଯୁବକ ଜଣକ ହଠାତ ଟ୍ରକ୍ ଆଗ ଚକ ଆସିବାବେଳକୁ ଡେଇଁ ପଡ଼ିଥିଲେ କିନ୍ତୁ ଟ୍ରକ୍ ଚାଲିଯାଇଥିଲା। ହେଲେ ଯୁବକ ଜଣକ ବେହୋସ ହୋଇ ପଡ଼ି ରହିଥିଲେ। ସ୍ଥାନୀୟ ଲୋକେ ଆସି ତାଙ୍କୁ ଉଦ୍ଧାର କରି ପୁଲିସକୁ ଖବର ଦେଇଥିଲେ। ପରେ ତାଙ୍କୁ ହସପିଟାଲକୁ ନେଇ ଭର୍ତ୍ତି କରାଯାଇଥିଲା। ଯୁବକଙ୍କ ପକେଟରେ ଥିବା ମୋବାଇଲ ଫୋନରୁ ତାଙ୍କର ଫୋନ କଲକୁ ଭିତ୍ତି କରି ନିକଟରେ ଫୋନ କରିଥିବା ନମ୍ବରରେ ଫୋନ କରିବାରୁ ତାଙ୍କର ଭାଇ ଆସି ପହଞ୍ଚିଥିଲେ। ସେ କୁଆଡେ ଟ୍ରେନରେ ଖରିଆରରୋଡ ରେଳ ଷ୍ଟେସନରେ

**ଯୁବକ ଗୁରୁତର ଭାବେ ଚିକିତ୍ସିତ**



ଆସି ଓହ୍ଲାଇଥିଲେ। ସେଠାରୁ ଚାଲି ଚାଲି ଯାଉଥିଲେ। ପୁଲିସ ତରଫରୁ ଖଞ୍ଜାଯାଇଥିବା ସିସିଟିଭିରୁ ଜଣାପଡ଼ିଲା ଯେ ଯୁବକ ଜଣକ ଟ୍ରକ୍ ସମ୍ମୁଖରେ ଦୌଡି ଆତ୍ମହତ୍ୟା ଉଦ୍ୟମ କରୁଥିଲେ। ଏହାକୁ ନେଇ ସେଭଳି କୌଣସି ଅଭିଯୋଗ ଆସିନାହିଁ। ତଥାପି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ ଯୁବକଙ୍କ ଘର କଳାହାଣ୍ଡି ଜିଲ୍ଲା କେଗାଁର ବୋଲି ଜଣାପଡ଼ିଛି। ତାଙ୍କର କୌଣସି ପାରିବାରିକ ସମସ୍ୟାକୁ ନେଇ ଏଭଳି ପଦକ୍ଷେପ ନେଉଥିବା ଅନୁମାନ କରାଯାଉଥିବା ଥାନାଧିକାରୀ ପ୍ରଦୀପ କୁମାର ଧରୁଆ ସୂଚନା ଦେଇଛନ୍ତି।

## ସର୍ବଶ୍ରୀର 'ଶ୍ରାବଣଜ' କାର୍ଯ୍ୟକ୍ରମ



**ଭବାନୀପାଟଣା, ୨୬।୭ (ସମିସ):** ସର୍ବଶ୍ରୀ ସବାଖିଆ ସାହିତ୍ୟ ସଂସଦର ଧାରାବାହିକ-୨୨୨ ସଂଖ୍ୟା ସାରସ୍ୱତ ପର୍ବ 'ଶ୍ରାବଣଜ' ପାଳିତ ହୋଇଛି। ସ୍ଥାନୀୟ ସ୍ୱାମୀ ଶିବାନନ୍ଦ ବାଳ ବିକାଶ କେନ୍ଦ୍ର ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସହସମ୍ପାଦିକା କବି ସ୍ୱର୍ଣ୍ଣକାନ୍ତି ବୈକାର ପୌରୋହିତ୍ୟ କରିଥିଲେ। ସାରସ୍ୱତ ସାଧକ ଡ. ସାଧୁ ଚରଣ ପଣ୍ଡା ଅତିଥି ଭାବେ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ୨୬ତମ କାର୍ଗିଲ ବିଜୟ ଦିବସର ସ୍ମୃତିଚାରଣ ସହ ସହିଦଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ସକିତ ରତେ, ପ୍ରକାଶ ନିଶଙ୍କ, ଆନନ୍ଦିନୀ ପାତ୍ର, ଅଶୋକ ଖମାରୀ, ସାଗର ବୈଠାରୁ, ସଞ୍ଜୀବ କୁମାର ପଣ୍ଡା, ଦୀପ୍ତି ମୁଣ୍ଡ, କିଶୋର ମହାନନ୍ଦ, କାଜଲ ମହାରଣା, ଦୀପ୍ତିମୟୀ ସିଂ, ସ୍ୱର୍ଣ୍ଣକାନ୍ତି ବୈକାର, ପ୍ରତାପ ପଣ୍ଡା, ଆଶୁଧନ ପୁରୋହିତ, ରଚିତା ମେହେର, ଲିଙ୍ଗରାଜ ବୈକାର, ବିନା ମୁଣ୍ଡ ପ୍ରମୁଖ କବିତା ଆବୃତ୍ତି ସହ ଗଳ୍ପ ପାଠ କରିଥିଲେ। ପ୍ରତାପ ଚନ୍ଦ୍ର ପଣ୍ଡା ଆସର ପରିଚାଳନା ଓ ସଂଯୋଜନା କରିଥିଲେ। ସମ୍ପାଦକ ବିରଞ୍ଚି ନାରାୟଣ ମୁଣ୍ଡ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲାପାଳଙ୍କ ଜନଶୁଣାଣିରେ ଅଭିଯୋଗ ସତ୍ତ୍ୱେ ମିଳୁନି ନ୍ୟାୟ

ବାଲେଶ୍ୱର,୨୬ ।୭ (ସମିସ)

ସଦର ଥାନା ଅର୍ନ୍ତଗତ ସାରଗାଁ ଖେରଣା ଅଞ୍ଚଳରେ ଜଣେ ଅସହାୟ ବ୍ୟକ୍ତିଙ୍କ ୩୩ ଡେସିମିଲ ଜମିକୁ ବାଲିଆପାଳ ଅଞ୍ଚଳରେ ଜଣେ ବ୍ୟକ୍ତି ପଦ୍ମଲୋଚନ କୌଣସି ଅର୍ଥ ନ ଦେଇ ସମ୍ପୂର୍ଣ୍ଣ ଭାବେ ତଞ୍ଚକତା କରି ଠକେଇ କରିନେଇଛନ୍ତି । ହେଲେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ସେଇ ଜମିରେ ୨୦୨୦-୨୧ଆର୍ଥିକ ବର୍ଷରେ ତାଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପାଇଁ ୱାର୍କ ଅର୍ଡର ହୋଇ ଘର ନିର୍ମାଣ ହୋଇଥିବା ବେଳେ ୨୦୨୪ମସିହାରେ ଆରଆଇ କିନ୍ତୁ ସେଇ ସ୍ଥାନରେ କୌଣସି ଘର ନାହିଁ ବୋଲି ଦର୍ଶାଇଥିବା ନେଇ ପଦ୍ମଲୋଚନଙ୍କ ପତ୍ନୀ ବାସନ୍ତୀ ହାଜରା ଚଳିତ ମାସ ୭ତାରିଖରେ ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣୀ ପ୍ରକୋଷ୍ଠରେ ଅଭିଯୋଗ କରିଥିଲେ। ହେଲେ ଆଜି ପର୍ଯ୍ୟନ୍ତ ଜିଲ୍ଲା ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ବାସନ୍ତୀ ହାଜିରାଙ୍କ ଅଭିଯୋଗ ଅନୁସାରେ,୨୦୨୦-୨୧ମସିହାରେ ତାଙ୍କ ସ୍ୱାମୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର କରି ରହିଆସୁଥିଲେ। ଏପରିକି ତାଙ୍କ ସ୍ୱାମୀଙ୍କ ନାମରେ ୩୩.୫ଡେସିମିଲ ଜମି ଖେରଣା ମୌଜାର ଖତିଆନ କ୍ରମିକ ନମ୍ବର୧୭୫/୬୬ରେ ରହିଥିଲା। ତାଙ୍କ ସ୍ୱାମୀ ଅଧିକ ନିଶା କରି ତାଙ୍କୁ ମାରପିଟ କରୁଥିବାରୁ ସେ ବାଧ ହୋଇ ଅନ୍ୟତ୍ର ଯାଇ ଲୋକମାନଙ୍କ ଘରେ କାମ କରି ଚଳୁଥିଲେ। ତାଙ୍କ ସ୍ୱାମୀ ରିକ୍ସା ଚଳାଇ ଉକ୍ତ ଘରେ ରହୁଥିଲେ। ଏହାରି ମଧ୍ୟରେ ବାଲିଆପାଳ ଥାନା ଅର୍ନ୍ତଗତ ତାପଣ୍ଡିଆ ଗ୍ରାମର ସଞ୍ଜୟ ସାହୁ ତାଙ୍କ ସ୍ୱାମୀ ଓ ତାଙ୍କ ଦିଅର ଘନଶ୍ୟାମ ହାଜିରା ପାଖକୁ ଆସି ତୁମ ଜାଗରେ ଅଡୁଆ ରହିଛି ଏବଂ ଜମି ଭାଗ କରିଦେବ କହି ତାଙ୍କ ଦିଅର ପାଖରୁ ଜମି ନେଇଥିଲେ। ସେହି ଜାଗାକୁ ରାସ୍ତା ନ ଥିବାରୁ ସଞ୍ଜୟ ତାଙ୍କ ସ୍ୱାମୀଙ୍କୁ ରାସ୍ତା ପାଇଁ ଜମି ମାଗିଥିଲେ। ତାଙ୍କର ଏକମାତ୍ର ଝିଅ ଓ ତାଙ୍କ ପତ୍ନୀଙ୍କୁ ନ ଜଣାଇ ଉକ୍ତ ବ୍ୟକ୍ତି ଜଣଙ୍କ ପଦ୍ମଲୋଚନଙ୍କୁ ନିଶା ଖୁଆଇ ତାଙ୍କର ସମସ୍ତ ଘରବାଡି ସମ୍ପତ୍ତି ବିନା ପଇସାରେ ତାଙ୍କ ନାମରେ କରାଇନେଇଛନ୍ତି। ଏପରିକି ତାଙ୍କର ସବୁ ଜମି ଓ ସେଇଠି ଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଘର ଓ ପାଇଖାନା ଚଂଚକତା କରି ଠକି ନେଇଛନ୍ତି। ଏ ନେଇ ସେ ତାଙ୍କୁ ଟଙ୍କାଟିଏ ମଧ୍ୟ ଦେଇନାହାନ୍ତି। ଅନ୍ୟପଟେ ବର୍ତମାନ ପ୍ରତିଦିନ ସଞ୍ଜୟ ଉକ୍ତ ପ୍ରଧାନମନ୍ତ୍ରୀ ଆବାସ ଘରୁ ବାହାରିଯିବା ପାଇଁ କହୁଥିବା ବେଳେ ଧମକ ମଧ୍ୟ ଦେଉଛି। ଏପରିକି ଘର ନ ବାହାରିଲେ ଜୀବନରୁ ମାରିଦେବାକୁ ଧମକ ଦେଉଛି। ଏହାଛଡା ୨୦୨୪ମସିହାରେ ଚିଠି ନମ୍ବର ୮୦ତା ୬/୮/୨୪ରେ ଆରଆଇ ସାରଗାଁ ଏବଂ ଚିଟି ନମ୍ବର ୬୧୨୧ତା ୮/୮/୨୪ରେ ତହସିଲଦାର ରିପୋର୍ଟ ଦେଇଛନ୍ତି ଯେ ସେହିସ୍ଥାନରେ ପଦ୍ମଲୋଚନ ହାଜିରାଙ୍କ ନାମରେ କୌଣସି ଘର, ଇଲେକ୍ଟ୍ରି. ପାଇଖାନା ଘର ଆଦି ନାହିଁ ଯାହାକି ସମ୍ପୂର୍ଣ୍ଣ ମିଥ୍ୟ ବୋଲି ବାସନ୍ତୀ ଅଭିଯୋଗ କରିଛନ୍ତି। ଏହାଛଡା ବର୍ତମାନ ସଦର ବ୍ଲକ ପକ୍ଷରୁ ପଦ୍ମଲୋଚନଙ୍କ ସେଠାରେ ପ୍ରଧାନମନ୍ତ୍ରୀ ଘର ଥିବା ସୂଚନା ଦେଇଛନ୍ତି। ଏଣୁ ସେ ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ କରିଥିଲେ ଯେ ଏହି ଘଟଣାକୁ ସଠିକ ଭାବେ ତଦନ୍ତ କରି ସଞ୍ଜୟ ସାହୁ, ତାଙ୍କ ଦିଅରଙ୍କ ଠାରୁ ଆରମ୍ଭ କରି ଆରଆଇ,ତହସିଲଦାର ଏଥିରେ ଅନ୍ୟମାନେ ଯେଉଁମାନେ ଜଡିତ ରହିଛନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ସଞ୍ଜୟ ଚଂଚକତା କରି କରି ତାଙ୍କ ନାମକୁ ନେଇ ଜମି କାଗଜପତ୍ରକୁ ରଦ୍ଦ କରିବା ପାଇଁ ଦାବି କରିଛନ୍ତି। ଅନ୍ୟପଟେ ସେ ଏହି ଘଟଣାକୁ ନେଇ ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ କରିବାକୁ୧୯ଦିନ ହୋଇଯାଇଥିଲେ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଅନ୍ୟପଟେ ଏହି ଘଟଣାକୁ ନେଇ ସେ ସଦର ଥାନାରେ ଅଭିଯୋଗ କରିଥିଲେ ସୁଦ୍ଧା ପୁଲିସ ଆପୋସ ସମାଧାନ କରିବ କରି ରହିଯାଇଛି।

## ଓଆରଏସ ସପ୍ତାହ ପାଳନ




ବାଲେଶ୍ୱର,୨୬ ।୭ (ସମିସ): ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଆହ୍ୱାନ କ୍ରମେ ଓଆରଏସ ସପ୍ତାହ ପାଳନ ଅବସରରେ ଇଣ୍ଡିଆନ ଏକାଡେମୀ ଅଫ ପେଡିଆଟ୍ରିକ୍ସ ବାଲେଶ୍ୱର ଚାପ୍ଟର ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ସ୍ଥାନୀୟ ଓଟି ରୋଡର ଶୋଭାରାମପୁର ଛକସ୍ଥିତ କିଡ୍‌ଜ ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ବରିଷ୍ଠ ଶିଶୁରୋଗ ବିଶେଷଜ୍ଞ ଡାକ୍ତର ଅରୁଣ କୁମାର ଗିରି, ଫକୀର ମୋହନ ମେଡିକାଲ କଲେଜର ଆସିଷ୍ଟାଣ୍ଟ ପ୍ରଫେସର ଡାକ୍ତର ତ୍ରିଲୋଚନ ମୁର୍ମୁ ଓ ଡାକ୍ତର ସ୍ନିଗଧା ରାଣୀ ଦେଓ ପ୍ରମୁଖ ଯୋଗଦେଇ ଓଆରଏସ ପାନୀୟର ଆବଶ୍ୟକତା ଓ ଉପାଦେୟତା ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲେ। ଇଣ୍ଡିଆନ ଏକାଡେମୀ ଅଫ ପେଡିଆଟ୍ରିକ୍ସ ବାଲେଶ୍ୱର ଚାପ୍ଟରର ସମ୍ପାଦକ ତଥା ସୁପ୍ରସିଦ୍ଧ ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ପ୍ରତୀକ ଦେ ଏହି କାର୍ଯ୍ୟକ୍ରମ ପରିଚାଳନା ସହ ଓଆରଏସର ଉପକାରିତା ସମ୍ପର୍କରେ କହିଥିଲେ । ଇଣ୍ଡିଆନ ଏକାଡେମୀ ଅଫ ପେଡିଆଟ୍ରିକ୍ସ ବାଲେଶ୍ୱର ଚାପ୍ଟରର କୋଷାଧ୍ୟକ୍ଷ ଡାକ୍ତର ପ୍ରୀତମ ଘୋଷାଲ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା।

## କାରଗିଲ ବିଜୟ ଦିବସ ଏବଂ ଆନ୍ତର୍ଜାତିକ ହେନ୍ତାଳ ବଣ ଦିବସ ପାଳିତ

ବାଲେଶ୍ୱର,୨୬।୭ (ସମିସ): ରେମୁଣା ବ୍ଲକ ଅନ୍ତର୍ଗତ ତାଳପଦା ପଞ୍ଚାୟତସ୍ଥିତ ଉଚ୍ଚ ବିଦ୍ୟାଳୟରେ ସାମାଜିକ ସଂଗଠନ 'ରେ ଅଫ ହୋପସ୍' ଆନୁକୂଲ୍ୟରେ କାରଗିଲ ବିଜୟ ଦିବସ ଏବଂ ଆନ୍ତର୍ଜାତିକ ହେନ୍ତାଳବଣ ଦିବସ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଓଡ଼ିଶା କୃଷି ଓ ପ୍ରଯୁକ୍ତି ବିଦ୍ୟା ବିଶ୍ୱବିଦ୍ୟାଳୟର ଯୁଗ୍ମ ନିର୍ଦ୍ଦେଶକ ଡ. ଉମାଶଙ୍କର ନାୟକ, ରିଲେଆନ୍ସ ଫାଉଣ୍ଡେସନ୍ ର ଦିବ୍ୟକାନ୍ତ ନାୟକ, ତାଳପଦା ସରପଞ୍ଚ ହରେନ୍ଦ୍ର ମଲ୍ଲିକ, ପିଇଓ ଅଟଳ ବିହାରୀ ନାୟକ, ଉଚ୍ଚ ବିଦ୍ୟାମନ୍ଦିରର ପ୍ରଧାନ ଶିକ୍ଷକ ସୂର୍ଯ୍ୟକାନ୍ତ ପାଲ, ସମାଜସେବୀ ଅନିରୁଦ୍ଧ ଦାସ ଏବଂ 'ରେ ଅଫ ହୋପସ୍'ର ସଭାପତି ସସ୍ମିତା ମାଝୀ ପ୍ରମୁଖ ଉପସ୍ଥିତ ରହି କାରଗିଲ ବିଜୟ ଦିବସ ପାଳନର ତାତ୍ପର୍ଯ୍ୟ ଏବଂ ହେନ୍ତାଳ ଜଙ୍ଗଲର



ଉପଯୋଗିତା ବିଷୟରେ ମନ୍ତବ୍ୟ ରଖିଥିଲେ। ଏହି ଅବସରରେ ସ୍କୁଲ ପିଲାଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା, ମାନବ ଶୃଙ୍ଖଳା ଏବଂ ଲୋଣା ଜଙ୍ଗଲ ଭ୍ରମଣ ଆଦି କାର୍ଯ୍ୟକ୍ରମ ରଖାଯାଇଥିଲା। ଏଥିସହିତ ଆଗାମୀ ଦିନରେ ବନ୍ୟ ଗଛ ଯେପରିକି କାଜୁ, କରଞ୍ଜ, ନିମ୍ବ ଇତ୍ୟାଦି ବୃକ୍ଷରୋପଣ ମାଧ୍ୟମରେ ସ୍ଥାନୀୟ ଲୋକମାନଙ୍କର ଜୀବିକାକୁ ପ୍ରୋତ୍ସାହନ ଦେବାକୁ ସଂଗଠନ ତରଫରୁ ପ୍ରୟାସ କରାଯିବ ବୋଲି ସଂକଳ୍ପ ନିଆଯାଇଛି। ଏହି ଅବସରରେ ତାଳପଦା ସରପଞ୍ଚ ଏହି ଅଞ୍ଚଳରେ ହେନ୍ତାଳବଣ ପର୍ଯ୍ୟଟନ ଉପରେ କାମ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ରିଲେଆନ୍ସ ଫାଉଣ୍ଡେସନ୍ ତରଫରୁ ଯୁବ ସହଭାଗିତା ଏବଂ ସମନ୍ୱିତ ପ୍ରତିକ୍ରିୟା ଉପରେ କାର୍ଯ୍ୟ କରିବା ପାଇଁ ସଂକଳ୍ପ ନେଇଥିଲେ।

## ବନ୍ୟାବେଳେ ୧୨ ହଜାର ପଶୁଙ୍କୁ ଖାଦ୍ୟ ଯୋଗାଣ

ବାଲେଶ୍ୱର,୨୬।୭ (ସମିସ): ଭୋଗରାଇ ଓ ବାଲିଆପାଳ ବ୍ଲକର ବନ୍ୟା ପ୍ରପୀଡିତଙ୍କୁ ହ୍ୟୁମାନ୍ ୱାର୍ଲ୍ଡ ଫର୍ ଆନିମଲ୍ସ ଇଣ୍ଡିଆ ତରଫରୁ ଶତାଧିକ ପ୍ରାଣୀଙ୍କୁ ଜରୁରୀକାଳୀନ ସହାୟତା ପ୍ରଦାନ କରିଥିଲା। ପ୍ରତି ବ୍ୟକ୍ତିଙ୍କ ଛେଳି ଏବଂ ଗାଈ ଖାଦ୍ୟ ବାବଦରେ ଗାଈ ଓ ଛେଳି ପିଛା ୩ କେଜି ହିସାବରେ ୭ ହଜାର ରୁ ଊର୍ଦ୍ଧ୍ୱ ପରିବାରଙ୍କୁ ସର୍ବମୋଟ ୩୫ ହଜାର କିଲୋଗ୍ରାମରୁ ଅଧିକ ଖାଦ୍ୟ ଯୋଗାଇଥିଲା। ସ୍ଥାନୀୟ ସଂଗଠନ ଯୁବ ବିକାଶ ଫାଉଣ୍ଡେସନ୍ ସହିତ ମିଶି ୩୫ ହଜାର କିଲୋଗ୍ରାମରୁ ଅଧିକ ଜରୁରୀକାଳୀନ ଖାଦ୍ୟ ଯୋଗାଇଛି, ଯାହା ବାଲିଆପାଳ ଏବଂ ଭୋଗରାଇର ସର୍ବାଧିକ ପ୍ରଭାବିତ ବ୍ଲକରେ ୧୨ ହଜାର ପଶୁଙ୍କ ନିକଟରେ ପହଞ୍ଚିଛି।

## ହାଇଲ୍ୟାଣ୍ଡ ଆଗ୍ରୋ ଫୁଡ୍ ପ୍ରାଇଭେଟ୍ ଲିମିଟେଡ ପକ୍ଷରୁ ରକ୍ତଦାନ ଶିବିର

ବାଲେଶ୍ୱର,୨୬।୭ (ସମିସ): କାରଗିଲ ବିଜୟ ଦିବସ ଉପଲକ୍ଷେ ଏବଂ ସାଂପ୍ରତିକ ସ୍ଥିତିରେ ବାଲେଶ୍ୱର ଜିଲ୍ଲା ରକ୍ତ ଭଣ୍ଡାରରେ ରକ୍ତର ଅଭାବକୁ ପରିଲକ୍ଷିତ କରି ଶନିବାର ଦିନ ହାଇଲ୍ୟାଣ୍ଡ ଆଗ୍ରୋ ଫୁଡ୍ ପ୍ରାଇଭେଟ୍ ଲିମିଟେଡ ପକ୍ଷରୁ ଖନ୍ତାପଡ଼ା ସ୍ଥିତ କମ୍ପାନୀ ପରିସରରେ ଏକ ରକ୍ତଦାନ ଶିବିର ର ଆୟୋଜନ କରାଯାଇଥିଲା। କମ୍ପାନୀର ଅଧ୍ୟକ୍ଷ ରବୀନ୍ଦ୍ର କୁମାର ଜେନା ରକ୍ତଦାନ ଶିବିରକୁ ଉଦଘାଟନ କରି ରକ୍ତଦାତାମାନଙ୍କୁ ଉତ୍ସାହିତ କରିବା ସହିତ କହିଥିଲେ ଯେ ସମ୍ପ୍ରତି ବାଲେଶ୍ୱର ଜିଲ୍ଲାରେ ରକ୍ତର ଅଭାବ ଦେଖାଦେଇଛି ତେଣୁ ସମାଜର ସବୁ ବର୍ଗର ଲୋକ ରକ୍ତଦାନ ଭଳି ମହତ ଦାନ ପାଇଁ ଆଗେଇ ଆସିବା ଉଚିତ୍। ବାଲେଶ୍ୱର ବ୍ଲଡ ବ୍ୟାଙ୍କର ଅଧିକାରୀ ଡାକ୍ତର ବସନ୍ତ କୁମାର ଉପାଧ୍ୟାୟ ଏହି ଶିବିରରେ ଯୋଗଦାନ କରି ହାଇଲ୍ୟାଣ୍ଡ ଆଗ୍ରୋର ଏଭଳି ଉଦ୍ୟମକୁ



ପ୍ରଶଂସା କରିଥିଲେ। ଏହି ଶିବିରରେ ୭୮ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। କମ୍ପାନୀର ବରିଷ୍ଠ ଅଧିକାରୀ ସୁଶାନ୍ତ ରାଉତ, ଜୟଦେବ ନାୟାର, ଯଜ୍ଞଦତ୍ତ ତ୍ରିପାଠୀ, ସୁବାସ ଚନ୍ଦ୍ର ଗିରି, ଜଗନ୍ନାଥ ନାୟକ, ସ୍ନେହଲତା ପ୍ରଧାନ, ସ୍ମୃତିକ୍ରିଷ୍ଟା ଦାସ, ରଶ୍ମିରଂଜନ ମହାନ୍ତି, ବଳରାମ ଜେନା, ବିଶାଳ ଦାସ, ଅମିୟ ଜେନା, ଅଶୋକ ମହାନ୍ତି, ପ୍ରଶାନ୍ତ ଜେନା, ସ୍ମୃତିରେଖା ନାୟକ ଏବଂ ସୀତାକାନ୍ତ ପଣ୍ଡୁଆ ପ୍ରମୁଖ ପରିଚାଳନା କରିଥିଲେ। ଭବିଷ୍ୟତରେ ନିୟମିତ ବ୍ୟବଧାନରେ ଏଭଳି ମହତ୍ କାର୍ଯ୍ୟ ଜାରି ରହିବ ବୋଲି କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ପ୍ରତୀକ ଜେନା ମତବ୍ୟକ୍ତ କରିଥିଲେ।

## ଦିବଙ୍ଗତ ସାମ୍ବାଦିକ ସ୍ମୃତି କମିଟି ଗଠିତ

ବାଲେଶ୍ୱର,୨୬ ।୭ (ସମିସ): ଦିବଙ୍ଗତ ସାମ୍ବାଦିକ ସ୍ମୃତି କମିଟି ଗଠନ ପାଇଁ ସ୍ଥାନୀୟ ସାମ୍ବାଦିକ ପ୍ରକୋଷ୍ଠରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଶେଷ କରି ଯେଉଁ ବୟସ୍କ ଓ କନିଷ୍ଠ ବ୍ୟକ୍ତିମାନେ ଗଣମାଧ୍ୟମରେ ତୃଣମୂଳ ସ୍ତରରେ ସାମ୍ବାଦିକତା କରି ପରଲୋକ ଗମନ କରୁଛନ୍ତି ସେମାନଙ୍କ ସ୍ମୃତିରେ ଗଠିତ ଦିବଙ୍ଗତ ସାମ୍ବାଦିକ ସ୍ମୃତି କମିଟି ବାଲେଶ୍ୱର ପକ୍ଷରୁ ଏକ କମିଟି ଗଠିତ ହୋଇଯାଇଛି। ବରିଷ୍ଠ ସାମ୍ବାଦିକ ବିପ୍ଳବ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଗଠିତ ଏହି କମିଟି ବୈଠକରେ ଅତିଥି ଭାବେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରାଜେଶ ପ୍ରୀୟଦର୍ଶୀ ଉପସ୍ଥିତ ଥିଲେ। ଏଥିରେ କମିଟିର ଉଦଦେଷ୍ଟା ଭାବେ ଶ୍ରୀ ମହାନ୍ତିଙ୍କ ସମେତ ରଞ୍ଜନ କୁମାର ବାଗ, ଉଜ୍ଜଳ କର, ଅପର୍ଣ୍ଣା ମହାପାତ୍ର, ଶିବଦାସ କୁଣ୍ଡ, ବ୍ରହ୍ମନାଥ ରଥ, ସୁମନା ପରିଡା, ଗଙ୍ଗାଧର ରାଉତ, ହିମାଂଶୁ ଦାସ, ରବି ରାଉତ, ନିରଞ୍ଜନ ଦାସ, କିସାନ ସାହା, ରତିକାନ୍ତ ପାତ୍ର, ସପନ ବିଶ୍ୱାଳ ରହିଛନ୍ତି। ସେହିପରି ୧୧ଜଣିଆ କମିଟିରେ ସଭାପତି ଭାବେ ଦେବବ୍ରତ ପାଣିଗ୍ରାହୀ, ଉପସଭାପତି ଭାବେ ସନ୍ଦୀପ୍ତ ଦାସ, ସମ୍ପାଦକ ଭାବେ ଗଗନ ସେଠୀ ରହିଥିବା ବେଳେ ଧୀରଜ ଦାସ, ବାସୁଦେବ ରାଉଳ, ଆଲୋକ ବାରିକ, ମଲ୍ଲିକ ରିଜୁଆନ, ତ୍ରିଲୋଚନ ଉପାଧ୍ୟାୟ, ଶରତ ବାରିକ, ଭଗବାନ ଦାସ, ଶିବଶଙ୍କର ଭୋଇ ରହିଛନ୍ତି। ଏହାଛଡା ଏହି ସଙ୍ଗଠନରେ ପାଖାପାଖି ୬୦ଜଣ ସଦସ୍ୟ,ସଦସ୍ୟା ରହିଛନ୍ତି।

**ସହିଦ ଗଙ୍ଗାରାମ ଦାସ ସ୍ମୃତି ପରିଷଦ ପକ୍ଷରୁ କାରଗିଲ ବିଜୟ ଦିବସ ପାଳିତ**

## କୁରୁଡା-ପଳାଶପୁର ରାସ୍ତାକୁ ଗଙ୍ଗାରାମଙ୍କ ନାମରେ ନାମିତ ଦାବି

ବାଲେଶ୍ୱର,୨୬।୭ (ସମିସ): ସଦର ବ୍ଲକ ଖାନନଗର ପଞ୍ଚାୟତ ହରିଡା ଗ୍ରାମସ୍ଥ ସହିଦ ଗଙ୍ଗାରାମ ଦାସଙ୍କ ବାସଭବନ ପରିସରରେ ସହିଦ ଗଙ୍ଗାରାମ ଦାସ ସ୍ମୃତି ପରିଷଦ ପକ୍ଷରୁ କାରଗିଲ ବିଜୟ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସାଧାରଣ ସଭା ଜାତୀୟ ସଂଗୀତ ଗାନରୁ ଆରମ୍ଭ ହୋଇଥିଲା। ସଂଗଠନ ସଭାପତି ବିଜୟ କୁମାର ଦାସଙ୍କ ଅଧ୍ୟକ୍ଷତା କରିଥିବା ବେଳେ କର୍ଣ୍ଣେଲ କ୍ଷେତ୍ରମୋହନ ମହାପାତ୍ର ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ସହିଦଙ୍କ ତ୍ୟାଗ ସମର୍ପଣର ଅମରଗାଥା ବଖାଣିଥିଲେ। ମୁଖ୍ୟବକ୍ତା ଭାବେ



ଅବସରପ୍ରାପ୍ତ ଅଧ୍ୟାପକ ପ୍ରଭାତ କୁମାର ପରିଡା, ସମ୍ମାନିତ ଅତିଥି ଭାବରେ ଏବିଏ କଲେଜର ଅଧ୍ୟକ୍ଷା ଡ. ସଂଗୀତା ମହାନ୍ତି , ନୀଳକଣ୍ଠ ଡିଗ୍ରୀ ଓ କଲେଜରୁ ଅଧ୍ୟକ୍ଷା ପ୍ରଣତୀ ପ୍ରିୟଦର୍ଶନୀ ମିଶ୍ର, ଜୁନିୟର କଲେଜର ଅଧ୍ୟକ୍ଷ ଶଶୀଭୂଷଣ କର, ମାନବାଧିକାର କର୍ମୀ ସୁଧାକର ସେଠୀ, ସ୍ଥାନୀୟ ସରପଞ୍ଚ ଅଞ୍ଜନ କୁମାର ନାୟକ ସହିଦଙ୍କ ପରିବାରରୁ ପିତା ଶ୍ୟାମସୁନ୍ଦର ଦାସ, ଧର୍ମପତ୍ନୀ ମଣିମାଳା ଦାସ ପ୍ରମୁଖ ଉପସ୍ଥିତ ରହି ସ୍ମୃତି ଚାରଣ କରିବା ସହ କାର୍ଗିଲ ବିଜୟର ଜୟଗାଥା ଅଭିଭାଷଣରେ ରଖିଥିଲେ। ପରିଷଦର ସଂପାଦକ ଜନନେତା କାର୍ତ୍ତିକ ଗିରି ପ୍ରାକକଥନ ରଖିଥିବା ବେଳେ ରଞ୍ଜନ ନାୟକ ଶେଷକଥା ରଖିଥିଲେ। ପରିଷଦ ଦ୍ୱାରା ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ ବିଭିନ୍ନ କଲେଜରୁ ଛାତ୍ରଛାତ୍ରୀମାନେ ଭାଗନେଇଥିଲେ। ସେମାନଙ୍କ ମଧ୍ୟରୁ ଭାବଭଞ୍ଜନ ପଣ୍ଡା ପ୍ରଥମ, ଦ୍ୱିତୀୟ ଅନୀଶା ପ୍ରୀୟଦର୍ଶନୀ ନାୟକ, ତୃତୀୟ ପବିତ୍ର କୁମାର ବାରିକ ହୋଇ ସାର୍ଟିଫିକେଟ ଓ ଟ୍ରଫି ଲାଭକରିଥିବା ବେଳେ ଶ୍ରୀୟା ସନ୍ଦିପ୍ତା ପଣ୍ଡା ,ଶୁଭଦ୍ରା ଖିଲାର,ଅର୍ଚ୍ଚିତା ପୁହାଣ ସାନ୍ତ୍ୱନା ମୂଳକ ପୁରସ୍କାର ଲାଭ କରିଥିଲେ। ସହିଦଙ୍କ ଅନ୍ତିମ ଯାତ୍ରାର ମୂକ ସାକ୍ଷୀ କୁରୁଡା ଛକଠାରୁ ପଳାଶପୁର ଛକ ପର୍ଯ୍ୟନ୍ତ ସହିଦଙ୍କ ସ୍ମୃତି ବାହକ ରାସ୍ତାକୁ ସହିଦଙ୍କ ନାମରେ ନାମିତ କରିବା ସହ ସହିତ ସ୍ମାରକୀ ତୋରଣ, ସ୍ମୃତି ସଦନ , ପାଠାଗାର ଓ ସ୍ମୃତି ସଂଗ୍ରାହାଳୟ ସ୍ଥାପନ ପାଇଁ ସମସ୍ତେ ଦାବି ରଖିଥିଲେ। ଅବହେଳିତ ହୋଇ ପଡିଥିବା ସହିଦଙ୍କ ଶ୍ମଶାନକୁ ନବୀକରଣ ପାଇଁ ମଧ୍ୟ ସାର୍ବଜନୀନ ଦାବି ହୋଇଥିଲା। ସୁବେଦାର ତରୁଣ କୁମାର ବିଶ୍ୱାଳ, ନିରାକାର ଭୂୟାଁ, ଜିତେନ୍ଦ୍ର କୁମାର ଦାସ, ଉତ୍ତମ ରାଉତ, ଶୈଳେନ୍ଦ୍ର ମହନ୍ତ, ଧର୍ମେନ୍ଦ୍ର ସାହୁ, ରିତେଶ ରାଉତ, ସତ୍ୟବ୍ରତ ସ, ଆର.କେ ମହାପାତ୍ର, ଗୋପାଳ କୃଷ୍ଣ ବୁଗୁଡେଇ, ଗୌତମ ପାଣି ପ୍ରମୁଖ ସହଯୋଗ କରିଥିଲେ।

## ଓୟୁଜେ ପକ୍ଷରୁ କାରଗିଲ ବିଜୟ ଦିବସ




ବାଲେଶ୍ୱର,୨୬ ।୭ (ସମିସ): ସାମ୍ବାଦିକ ସଙ୍ଗଠନ ଓଡ଼ିଶା ୟୁନିୟନ ଅଫ ଜର୍ଣ୍ଣାଲିଷ୍ଟ (ଓୟୁଜେ) ବାଲେଶ୍ୱର ଶାଖା ପକ୍ଷରୁ କାରଗିଲ ବିଜୟ ଦିବସ ପାଳିତ ହୋଇଯାଇଛି। ବାଲେଶ୍ୱର ସହରର ଶହୀଦ ପାର୍କରେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ସଭାପତି ଗଙ୍ଗାଧର ରାଉତଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ, କାଉନସିଲର ସଞ୍ଜୀବ କୁମାର ଦାସ ଓ ପୌରପାଳିକା ସ୍ୱାସ୍ଥ୍ୟ ପରିଦର୍ଶକ କମଳ ପାତ୍ର ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ସଙ୍ଗଠନର ସାଧାରଣ ସମ୍ପାଦକ ବିବେକାନନ୍ଦ ଦାସ, ବିବେକାନନ୍ଦ ଦାସ, କୋଷାଧ୍ୟକ୍ଷ ସୁରେଶ ଚନ୍ଦ୍ର ଦାସ, ବରିଷ୍ଠ ସଦସ୍ୟ ଲକ୍ଷ୍ମୀଧର ଗାଆଣ, କହ୍ନେଇ ଚରଣ ପ୍ରଧାନ, ଶେଖ ନଜୀମ, ଆଜିମ ବାଲେଶ୍ୱରୀ, ଜିତେନ୍ଦ୍ର ମହାନ୍ତି, ସୋମନାଥ ସାହୁ ପ୍ରମୁଖ ଯୋଗଦେଇ ଥିଲେ। ଟାଉନ ସଂଯୋଜକ ହାଇଦର ଖାନ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିବା ବେଳେ ବରିଷ୍ଠ ସଦସ୍ୟ ଅଜିତ କୁମାର ମହାନ୍ତି ଧନ୍ୟବାଦ ଦେଇଥିଲେ ।

## ଓଡ଼ିଶା ଦୁର୍ନୀତିମୁକ୍ତ ବାଲେଶ୍ୱର ଶାଖା ପକ୍ଷରୁ ବୃକ୍ଷରୋପଣ

ବାଲେଶ୍ୱର,୨୬ ।୭ (ସମିସ): ଓଡ଼ିଶା ଦୁର୍ନିତିମୁକ୍ତ ବାଲେଶ୍ୱର ଶାଖା ପକ୍ଷରୁ ଗୁଡୁ ଗ୍ରାମପଂଚାୟତ ଅର୍ନ୍ତଗତ ଶ୍ରୀ ହରେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଶେଖପାଟଣା ଗ୍ରାମ୍ୟ କମିଟି ଅନୁରୋଧ କ୍ରମେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ବାଲେଶ୍ୱର ଶାଖାର ସମ୍ପାଦକ ମହେଶ୍ୱର ପ୍ରଧାନ ବୃକ୍ଷରୋପଣ ଶୁଭାରମ୍ଭ କରିଥିଲେ। ପରେ ସଙ୍ଗଠନର ସଭ୍ୟ ସଞ୍ଜୀବ କୁମାର ଖଟୁଆ ଓ ରବିନ୍ଦ୍ର କୁମାର ବାରିକ ବୃକ୍ଷ ରୋପଣ କରିବା ସହ ଶେଖପାଟଣା ଗ୍ରାମ୍ୟ କମିଟିର କର୍ମକର୍ତ୍ତା ନାରାୟଣ ବେହେରା, ରବୀନ୍ଦ୍ର ବାରିକ, ରାଜୀବ ଲୋଚନ ପତି, ସନ୍ୟାସୀ ବାରିକ, ଜଗତ କୁମାର ଦାସ ପ୍ରମୁଖ ଯୋଗଦେଇ ବୃକ୍ଷରୋପଣ କରିଥିଲେ।

## ନୟନା ମନ୍ତ୍ରୀ ପ୍ରତିଭା ସମ୍ମାନ ସମାରୋହ

ବାଲେଶ୍ୱର,୨୬ ।୭ (ସମିସ): ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ଫୁଲାଡିସ୍ଥିତ ଆନନ୍ଦମାର୍ଗ ଆବାସିକ ବିଦ୍ୟାଳୟ ପରିସରରେ ନୟନା ମନ୍ତ୍ରୀ ସ୍ମାରକୀ ଚାରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ପ୍ରତିଭା ସମ୍ମାନ୨୦୨୫ଅନୁଷ୍ଠିତ ହୋଇଯାଇଛି। ଆନନ୍ଦମାର୍ଗ ଆବାସିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁମାର ପାତ୍ରଙ୍କ ପୌରହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରତିଷ୍ଠାତା ସଭ୍ୟ ତଥା ବାଲେଶ୍ୱର ଆଂଚଳିକ ସମବାୟ ବିପଣନ ସମିତି ସଭାପତି ସର୍ବେଶ୍ୱର ମହାନ୍ତି ମୁଖ୍ୟଅତିଥି ଓ ପଂଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଶୁଭଶ୍ରୀ ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଛାତ୍ରୀଛାତ୍ରୀଙ୍କ ପ୍ରତିଭା ବିକାଶ ନିମନ୍ତେ ଟ୍ରଷ୍ଟର ଉଦ୍ୟମକୁ ପ୍ରଶଂସା କରିଥିଲେ। ଉତ୍କଳ ସମାଜ ସଙ୍ଗଠନର ସମ୍ପାଦକ ଡ. ଭାସ୍କର ଜେନା କାର୍ଯ୍ୟକ୍ରମ ସଂଯୋଜନା କରିବା ସହିତ ପ୍ରତିଭା ସମ୍ମାନ ରୂପକ ପ୍ରୋତ୍ସାହନ ପ୍ରଦାନ ମାଧ୍ୟମରେ ଗ୍ରାମାଂଚଳର ଛାତ୍ରଛାତ୍ରୀଙ୍କ ଉତ୍ସାହ ଆଶାତୀତ ବୃଦ୍ଧି ପାଇଛି ବୋଲି କହିଥିଲେ। ସ୍ୱର୍ଗତାଃ ମନ୍ତ୍ରୀଙ୍କ ସ୍ୱାମୀ ଷ୍ଟେଟ ବ୍ୟାଙ୍କର ଅବସରପ୍ରାପ୍ତ ଅଧିକାରୀ ଜଗବନ୍ଧୁ ମନ୍ତ୍ରୀ, କନ୍ୟା ଶ୍ୱେତା ପ୍ରିୟଦର୍ଶିନୀ ଓ ଭଣଜା ବିଜୟ କୁମାର ନାୟକ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ପ୍ରତିଭା ସମ୍ମାନ ପ୍ରଦାନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଚଳିତ ବର୍ଷ ପଂଚାୟତ ହାଇସ୍କୁଲର ଛାତ୍ର ଗୌରବ ବେହେରାଙ୍କୁ ପ୍ରଥମ ପୁରସ୍କାର ଭାବେ ୧୦ହଜାର ଟଙ୍କା



ପ୍ରଦାନ କରାଯାଇଥିଲା। ସେହିପରି ଦ୍ୱିତୀୟ ପୁରସ୍କାର ଭାବେ ମା ମଙ୍ଗଳା ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ପ୍ରିତି ଅଭିପ୍ସା କରଙ୍କୁ ୫ହଜାର ଟଙ୍କା ଓ ତୃତୀୟ ପୁରସ୍କାର ଭାବେ ଜ୍ୟୋତିପ୍ରଭା ମହାନ୍ତିଙ୍କୁ ୩ହଜାର ଟଙ୍କା ସହ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ନଗ୍ରମ ସ୍ଥିତ ମାଁ ମଙ୍ଗଳା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଶିକ୍ଷୟତ୍ରୀ ଉଷାରାଣୀ ଦାସ,ମନୋରମା ବେହେରା, ଲିପି ହାଁସଦା,ଫୁଲାଡି ସ୍ଥିତ ପଂଚାୟତ ହାଇସକୁଲର ଶିକ୍ଷୟତ୍ରୀ ଇପସିତା ରଣା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ

## ବାଲେଶ୍ୱର କ୍ରିକେଟର୍ସ ଏକାଡେମୀର ଦ୍ୱିତୀୟ ପ୍ରଶିକ୍ଷଣ କେନ୍ଦ୍ର ଉଦ୍‌ଘାଟିତ

ବାଲେଶ୍ୱର,୨୬।୭ (ସମିସ)

ରେମୁଣା ବ୍ଲକ ବାଲିଆ ସ୍ଥିତ କୁକୁଡାପଦା ଠାରେ ବାଲେଶ୍ୱର କ୍ରିକେଟର୍ସ ଏକାଡେମୀ (ବିସିଏ)ର ଦ୍ୱିତୀୟ ପ୍ରଶିକ୍ଷଣ କେନ୍ଦ୍ର ଉଦଘାଟିତ ହୋଇଯାଇଛି। ରାଜ୍ୟ ଶାସକ ଦଳ ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ପ୍ରଶିକ୍ଷଣ କେନ୍ଦ୍ରକୁ ଉଦଘାଟନ କରିଥିଲେ। ଆଗାମୀ ଦିନରେ କୁକୁଡାପଦା ଖେଳ ପଡିଆର ଉନ୍ନତି ସହ ଖେଳାଳିମାନଙ୍କୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ପ୍ରଦାନ ନେଇ ସେ ପ୍ରତିଶୃତି ଦେଇଥିଲେ। ଜିଲ୍ଲା ଆଥଲେଟିକ୍ ଆସୋସିଏସନର ସାଧାରଣ ସମ୍ପାଦକ ଅଭୟ ମହାପାତ୍ର ଯୋଗଦେଇ ଆସୋସିଏସନ ସହଯୋଗରେ ସ୍ଥାନୀୟ ପରମିଟ ପଡିଆରେ ପ୍ରଥମ ପ୍ରଶିକ୍ଷଣ କେନ୍ଦ୍ର ସଫଳତାର ସହ ପରିଚାଳିତ ହେଉଥିବା ବେଳେ ସହର ଉପକଣ୍ଠ ଖେଳାଳିଙ୍କ ପ୍ରତିଭା ବିକାଶରେ ଦ୍ୱିତୀୟ କେନ୍ଦ୍ରଟି ମଧ୍ୟ ସଫଳ ହେବ ବୋଲି ଶ୍ରୀ



ମହାପାତ୍ର ଆଶା ପ୍ରକାଶ କରିଥିଲେ। ବିସିଏର ଚେୟାରମ୍ୟାନ ରାଜେଶ ମହାପାତ୍ର ଉପସ୍ଥିତ ରହି ନୂତନ ପ୍ରଶିକ୍ଷଣ କେନ୍ଦ୍ରର ଉପାଦେୟତା ସମ୍ପର୍କରେ ଆଲୋଚନା କରିଥିଲେ। ପୂର୍ବରୁ ବାଲେଶ୍ୱର ସହରରେ ପରିଚାଳିତ ବିସିଏର ଏକମାତ୍ର ପ୍ରଶିକ୍ଷଣ କେନ୍ଦ୍ରକୁ ଯିବା ପାଇଁ ସହର ଉପକଣ୍ଠ ତଥା ରେମୁଣା ଅଞ୍ଚଳର ଉଦୀୟମାନ କ୍ରିକେଟ ଖେଳାଳିଙ୍କୁ ବହୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଥିଲା। ନୂତନ ଭାବେ କୁକୁଡାପଦା ଖେଳ ପଡିଆଠାରେ ଆରମ୍ଭ ହୋଇଥିବା ପ୍ରଶିକ୍ଷଣ କେନ୍ଦ୍ରରେ ଗୋଟିଏ କଂକ୍ରିଟ ପିଚ୍ ନିର୍ମାଣ ହୋଇଥିବା ବେଳେ ଖେଳାଳିଙ୍କ ସୁବିଧା ପାଇଁ ଆଗାମୀ ଦିନରେ ଟର୍ଫ ଓ ସାଧାରଣ ପିଚ୍ ମଧ୍ୟ ନିର୍ମାଣ କରାଯିବ ବୋଲି ରାଜେଶ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଆଥଲେଟିକ୍ ଆସୋସିଏସନର ସମ୍ପାଦକ ସୁଜୟ ଆଚାର୍ଯ୍ୟ, ବିସିଏ ସମ୍ପାଦକ ସପନ ଖିଲାର, ସଦସ୍ୟ ସୁରଜଂକାର ସେଠୀ, ବାଲିଆ ସରପଂଚ ନିତାଇ ଚନ୍ଦ୍ର ନାୟକ, ସ୍ଥାନୀୟ ୱାର୍ଡମେମ୍ବର ତପନ ଦାସ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ମୁଖ୍ୟ କୋଚ ଦିଲ୍ଲୀପ କୁମାର ଦାସ ଏଥିରେ ନୂତନ ପ୍ରଶିକ୍ଷଣ କେନ୍ଦ୍ର ସ୍ଥାପନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। କେନ୍ଦ୍ରର ସହ ସଂସ୍ଥାପକ ଦିବ୍ୟ ପ୍ରକାଶ ମହାନ୍ତି ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ମହିଳା କୋଚ ଶୁଭଶ୍ରୀ ଟୁଡୁ, ସହ କୋଚ୍ ଭୂମିକା ଦାସ ଓ ଦେବବ୍ରତ ନନ୍ଦୀ, ପ୍ରକାଶ କୁମାର ବାରିକ, ଏସବି ସିମରନ, ଏସବି ଲୋରେନ୍ସ, ଅବିନାଶ ପ୍ରଧାନ, ଗୋକୁଳ ଦାସ, ସମୀର ଖାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ସକାଳ THE SAKALA



# ନିର୍ମାଣାଧୀନ ପ୍ରକଳ୍ପରେ ଲହଡ଼ି ଭାଙ୍ଗୁଛି ବନ୍ୟାଜଳ

● କ'ଣ ହେବ ହାଇଜେନିକ ମାଛ ମାର୍କେଟର ଭାଗ୍ୟ



ବସ୍ତା ବ୍ଲକ, ୨୬।୭ (ସମିସ): ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ବାହାର୍ଦ୍ଦା ସରକାରୀ କୃଷି ଫାର୍ମରେ ନିର୍ମାଣ ଚାଲିଛି ହାଇଜେନିକ୍ ମାଛ ମାର୍କେଟ। କୋଟି କୋଟି ଟଙ୍କା ବ୍ୟୟ ଅଟକଳ ମୂଲ୍ୟରେ ଏହି ମାର୍କେଟ ନିର୍ମାଣ ଚାଲିଛି। ମାତ୍ର ଜଳକା ନଦୀରେ ବନ୍ୟା ଆସିଲେ ବାହାର୍ଦ୍ଦା କୃଷି ଫାର୍ମ ଜଳ ଘେରରେ ଥାଏ। ସେହି ଫାର୍ମ ଭିତରୁ ଜମି ଚିହ୍ନଟ କରି ଏହି ମାଛ ମାର୍କେଟ ନିର୍ମାଣ ଚାଲିଛି। ଯେତେବେଳେ ଏହି ମାଛ ମାର୍କେଟ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଯିବ ତାପରେ ବନ୍ୟା ଆସିଲେ ପରିସ୍ଥିତି କ'ଣ ହେବ ତାକୁ ନେଇ ଚର୍ଚ୍ଚା ଜୋର ଧରିଛି। ଯଦି ବନ୍ୟା ଜଳ ନିଷ୍କାସନର ସ୍ଥାୟୀ ସମାଧାନ କରା ନ ଯାଏ ତାହାଲେ ଏହି ପ୍ରକଳ୍ପର ଭାଗ୍ୟ କ'ଣ ହେବ ତାହାକୁ ନେଇ ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

# ଖରିଫ ଧାନ ବିକ୍ରି ପଞ୍ଜୀକରଣ କଟକଣାରେ ଚାଷୀ ନୟାନ୍ତ

ସୋର,୨୬।୭ (ସମିସ)

ଆଗାମୀ ଖରିଫ ଧାନ ବିକ୍ରି ପାଇଁ ଚାଷୀ ନିଜର ନାମ ଓ ଜମିର ପରିମାଣ ପଞ୍ଜୀକରଣ କରିବା ନିମନ୍ତେ ସରକାର ଚଳିତ ଜୁଲାଇ ୧୯ରୁ ଅଗଷ୍ଟ ୨୦ ତାରିଖ ଯାଏ ସମୟ ନିରୂପଣ କରିଛନ୍ତି। ଏହି ସମୟସୀମା ମଧ୍ୟରେ ଚାଷୀ ନିଜ ଅଞ୍ଚଳର ଥିବା ସେବା ସମବାୟ ସମିତି, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ଲ୍ୟାମ୍ପସ ନିକଟରେ ନାମ ପଞ୍ଜୀକରଣ କରିବାକୁ ଚିଠିରେ ନିର୍ଦ୍ଦେଶନାମା ଜାରି କରିଛନ୍ତି। ମାତ୍ର ପଞ୍ଜୀକରଣ କରିବା ନିମନ୍ତେ ସରକାର ଯେଉଁ କଟକଣା ଜାରି କରିଛନ୍ତି ତାହା ଚାଷୀମାରଣ ନୀତି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଚାଷୀଙ୍କ ନିମନ୍ତେ ଧାନବିକ୍ରୀ ପାଇଁ ପଞ୍ଜୀକରଣକୁ ସରଳୀକରଣ ନକରି ବରଂ ଜଟିଳ କରିଥିବାରୁ ଚାଷୀ ତହସିଲରୁ ସେବାସମବାୟ ସମିତିକୁ ଦୌଡ଼ିବାକୁ ପଡୁଛି। ସରକାରଙ୍କ ଏହି ନୂଆ ନିୟମ ଯୋଗୁଁ ସୋର ବ୍ଲକର ୨୪ଟି ପଞ୍ଚାୟତ ଓ ମ୍ୟୁନିସପାଲଟିର ଥିବା ୧୯ଟି ୱାର୍ଡରେ ଥିବା ୭ଟି ସେବା ସମବାୟ ସମିତି ଅଧୀନରେ ଥିବା ଚାଷୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ କୁହୁଳିବାକୁ ଲାଗିଛି। ରାଜ୍ୟ ସରକାର ପଞ୍ଜୀକରଣର ଏହି ନିୟମକୁ ପରିବର୍ତ୍ତନ ନ କଲେ ବାଧ୍ୟ ହୋଇ ଚାଷୀ ରାଜରାସ୍ତାକୁ ଆସିବେ ବୋଲି ନଦୀଗାଁ ଗ୍ରାମର ଚାଷୀ ଶ୍ରୀକାନ୍ତ ବାରିକଙ୍କ ସମେତ ବହୁ ଚାଷୀ ଚେତାବନୀ ଦେଇଛନ୍ତି। ୨୦୨୫-୨୬ର ଖରିଫ ଧାନ ସରକାରଙ୍କୁ ସେବାସମବାୟ ସମିତି ଜରିଆରେ ବିକ୍ରୀ କରିବା ପାଇଁ ଆସିଥିବା ନିର୍ଦ୍ଦେଶନାମାରେ ମୃତ ଚାଷୀଙ୍କ ନାମରେ ଥିବା ଜମିର ଉତ୍ତରାଧିକାରୀର ପ୍ରମାଣପତ୍ର ଦାଖଲ କରିବାକୁ ହେବ। ଏହି ପ୍ରମାଣପତ୍ର ତହସିଲରୁ ବାହାର କରିବାକୁ ପଡୁଥିବାରୁ ଚାଷୀ ତହସିଲରୁ ଆର୍‌ଆଇ ଅଫିସ ଆଦିକୁ ଦୌଡ଼ିବାକୁ ପଡୁଛି। ଯାହାକି ବାସ୍ତବପକ୍ଷେ ବହୁମାତ୍ରାରେ ସମୟ ସାପେକ୍ଷ ଅଟେ। ଏପରିକି ଏହି ଉତ୍ତରାଧିକାରୀ

**ନିୟମ ପରିବର୍ତ୍ତନ ଦାବି**

ପ୍ରମାଣପତ୍ର ପାଇଁ ଅନେକ କ୍ଷେତ୍ରରେ ପରିବାରର ସଦସ୍ୟମାନଙ୍କର ଅନୁମତି ଆବଶ୍ୟକ ଥିବାରୁ ତାହା ମଧ୍ୟ କଷ୍ଟକର ଅଟେ। ପରିବାରର ସଦସ୍ୟଙ୍କ ମଧ୍ୟରୁ କେହି ନା କେହି ବାହାର ରାଜ୍ୟରେ କିମ୍ବା ବିଦେଶରେ ଥିବାରୁ ସେମାନଙ୍କର ଅନୁମତି ଆଣିବା ଯେମିତି କଷ୍ଟକର। ସେହିପରି ଏହି ଉତ୍ତରାଧିକାରୀ ପ୍ରମାଣପତ୍ରରେ ମଧ୍ୟ ବିବାହିତ ଝିଅମାନଙ୍କର ଅନୁମତି ଆବଶ୍ୟକ ଥିବାରୁ ତାହା ମଧ୍ୟ ଅନେକ କ୍ଷେତ୍ରରେ ସମ୍ଭବପର ହୋଇପାରୁନଥିବାର ଅଭିଯୋଗ ହେଉଛି। ଯାହାଦ୍ୱାରାକି ଚଳିତବର୍ଷ ବହୁ ଚାଷୀ ଧାନ ବିକ୍ରୀ କରିବା ନିମନ୍ତେ ନାମ ପଞ୍ଜୀକରଣରୁ ବାଦ ପଡ଼ିଯିବେ ଯାହାକି ଜଳଜଳ ହୋଇ ଏବେଠାରୁ ଦେଖାଗଲାଣି। ଗାଁ ଗହଳିରେ ଥିବା ସେବାସମବାୟ ସମିତିମାନଙ୍କରେ ଏହି ଅନଲାଇନ ପଞ୍ଜୀକରଣରେ "ସର୍ଭର୍ ସ୍ଲୋ' ରହୁଥିବାରୁ ଗୋଟିଏ ଦିନରେ ଜଣେ ଚାଷୀର ନାମ ପଞ୍ଜୀକରଣ କରିବାରେ ଗୋଟିଏ ଦିନ ବିତିଯାଉଥିବାର ସେବା ସମବାୟ ସମିତିର ସମ୍ପାଦକ ମାନେ କୁହନ୍ତି। ସୋର ବ୍ଲକ୍ ଓ ମ୍ୟୁନିସିପାଲିଟିର ଚାଷୀମାନଙ୍କ ନିମନ୍ତେ ୭ଟି ସେବାସମବାୟ ସମିତି ରହିଛି। ଏହି ୭ଟି ସେବାସମବାୟ ସମିତିରେ ଗତ ୨୦୨୪-୨୫ ବର୍ଷରେ ମୋଟ ୮ହଜାର ଚାଷୀ ନାମ ପଞ୍ଜୀକରଣ କରି ଧାନ ସରକାରଙ୍କୁ ବିକ୍ରି କରିଥିଲେ। ସେହି ଅନୁସାରେ ସେହି ୮ ହଜାର ଚାଷୀ ସେମାନଙ୍କର ନାମ ପଞ୍ଜୀକରଣ କରିଲେ କେତେଦିନ ସମୟ ଲାଗିବ ତାହା ମଧ୍ୟ ସମିତିର ସମ୍ପାଦକଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି। ସରକାର ଚାଷୀଙ୍କୁ ୮ଶହ ଟଙ୍କା ବୋନସ ଦେଇଥିବାରୁ ଚଳିତ ବର୍ଷରେ ଚାଷୀଙ୍କ ସଂଖ୍ୟା କମାଇବା ପାଇଁ ବର୍ତ୍ତମାନର ଡବଲ ଇଞ୍ଜିନର ସରକାର ଏହି ନୀତି ଆପଣାଇଛନ୍ତି ବୋଲି ରାଧାବଲ୍ଲଭପୁର ଗ୍ରାମର ଚାଷୀ ହରିହର ପାତ୍ର କୁହନ୍ତି। ସରକାର ଚାଷୀଙ୍କ ଉପରେ ଏହି ଅଯଥା ନିୟମକୁ ଲଦି ଦେଇଥିବାରୁ ତାହାକୁ ପରିବର୍ତ୍ତନ କରି କିପରି ଚାଷୀମାନେ ସରଳ ଉପାୟରେ ସେମାନଙ୍କର ନାମ ପଞ୍ଜୀକରଣ କରିପାରିବେ ସରକାର ସେଥିପ୍ରତି ଦୃଷ୍ଟିଦେବାକୁ ବହୁ ଚାଷୀ ଦାବି କରିଛନ୍ତି।

# ସୁବର୍ଣ୍ଣରେଖାର ଜଳ ପତନ ବିପଦ ସଂକେତ ତଳେ ପ୍ରବାହିତ



କାଳିପଦା, ୨୬।୭ (ସମିସ): ନଦୀର ଉପର ମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ଆଜି ସୁବର୍ଣ୍ଣ ରେଖାର ଜଳ ପତନ ବିପଦ ସଂକେତର ସାମାନ୍ୟ ତଳେ ପ୍ରବାହିତ ହେଉଛି। ନଦୀର ଜଳ ସ୍ତର ଏବେ ଜଳେଶ୍ୱର ବ୍ଲକ ରାଜଘାଟ ଠାରେ ୧୦. ୫ ମିଟର ରହିଛି। ଏଠାରେ ଜଳ ସ୍ତରର ସତର୍କ ସୂଚନା ୯. ୪୫ ମିଟର ହୋଇଥିବା ବେଳେ ବିପଦ ସଂକେତ ହେଉଛି ୧୦. ୩୬ ମିଟର। ନଦୀର ଜଳସ୍ତର ବୃଦ୍ଧି ଯୋଗୁଁ ବାଲିଆପାଳ ବ୍ଲକର ତଳିଆ ଅଞ୍ଚଳ କୁମ୍ଭାରୀ, ନିଖିରା, ଘଣ୍ଟୁଆ, ଶ୍ରୀରାମପୁର, ଅସ୍ତି, ବାଲିଆପାଳ, ବିଷ୍ଣୁପୁର, ମଧୁପୁରା ଜାମ କୁଣ୍ଡା ଆଦି ପଞ୍ଚାୟତରେ ବନ୍ୟା ଜଳ ପ୍ରବେଶ କରିଛି। ପାଳଚମ୍ପେଇ, ଚଡ଼ ପାଳ ପଡା, ଚଡ଼ ବଢାପାଳ, ଖାନପୁର, ମନୁନଗର, ତଳ ବାଲିଆପାଳ, ସୁଙ୍ଗମୁହଁ,ଚୌଧୁରୀ କୁଦ, ରସଲପୁର, ବିଷ୍ଣୁପୁର, କୁହ୍ଲା ଚଡ଼, ତାଳପଦା ଆଦି ଗାଁ ବନ୍ୟା ଜଳ ଘେରରେ ରହିଛି। ପ୍ରଶାସନ ପକ୍ଷରୁ କୌଣସି ଆଗୁଆ ପଦକ୍ଷେପ ନିଆଯାଇ ନାହିଁ। ବାରଂବାର ବନ୍ୟା ଆସିବା ଯୋଗୁଁ ଲୋକଙ୍କ ଚାଷ ଓ ବାସ ଉଜୁଡି ଯାଇଛି କହିଲେ ଚଳେ। ଶାରଦ ଧନ ତଳି ଏବେ ପାଣିରେ ବୁଡି ରହିଛି। ପରିବା ଚାଷ ତ ସମ୍ପୂର୍ଣ୍ଣ ରୂପେ ନିଶ୍ଚିହ୍ନ ହୋଇ ଯାଇଛି। ତେବେ ବନ୍ୟାର ପ୍ରତିକାର ପାଇଁ ପ୍ରତି ପଞ୍ଚାୟତର ସରପଞ୍ଚମାନଙ୍କୁ ଦାୟିତ୍ୱ ଦିଆଯାଇଛି ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

# ପାଲାଗୁରୁ ରଘୁନାଥ ରଣାଙ୍କ ସ୍ମୃତିସଭା

ବସ୍ତା ବ୍ଲକ, ୨୬।୭ (ସମିସ) : ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ମୁକୁଳିସି ପଞ୍ଚାୟତ ମୁକୁଳିସି ଗ୍ରାମର ପାଲାଗୁରୁ ସ୍ୱର୍ଗତ ରଘୁନାଥ ରଣାଙ୍କ ସ୍ମୃତିଚାରଣ ସଭା ପାଳିତ ହୋଇଛି । ଏହି ଅବସରରେ ଆୟୋଜିତ ସ୍ମୃତି ଚାରଣ ସଭାରେ ସୁରେନ୍ଦ୍ର କୁମାର ରାଉତ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ପ୍ରଦୀପ କୁମାର ବିଶ୍ୱାଳ, ମୁଖ୍ୟବକ୍ତା ଭାବରେ ଗାୟକ କେଶରୀ ପିତାମ୍ବର ଦାସ, ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଅଶୋକ ରଥ, ପାଲାଗାୟକ ହରିଶ୍ଚନ୍ଦ୍ର ବେହେରା, ଭଜହରି ଦାସ, ଦୀପକ ଅଣ୍ଡିଆ, ପର୍ଶୁରାମ ପରିଡ଼ା, ସଞ୍ଜିତ ବାରିକ, ଚନ୍ଦ୍ରକାନ୍ତ ପରିଡ଼ା, ରାଧାକୃଷ୍ଣ ରାଉତ, ଅଞ୍ଜଳୀ ବିଶ୍ୱାଳ, ରମାନାଥ ଜେନା, ହରିଶ୍ଚନ୍ଦ୍ର ସେନାପତି, ଶିବାନନ୍ଦ ରଣା, ବିବେକାନନ୍ଦ ରଣା ଉପସ୍ଥିତ ଉପସ୍ଥିତ ଥିଲେ।

# ଜଳେଶ୍ୱର ରୋଟାରୀ କ୍ଳବ୍ ପକ୍ଷରୁ ବୃକ୍ଷରୋପଣ




ଜଳେଶ୍ୱର ବ୍ଲକ, ୨୬।୭ (ସମିସ): ଜଳେଶ୍ୱର ରୋଟାରୀ କ୍ଲବ ପକ୍ଷରୁ ଜଳେଶ୍ୱର ବ୍ଲକ ଅନ୍ତର୍ଗତ ରାୟାଁରାମଚନ୍ଦ୍ରପୁର ପଞ୍ଚାୟତ ଜମାଲପୁର ବିଶ୍ୱନାଥ ଏକାଡେମୀ ଓ ଆରଆରପୁର ପ୍ରିୟନାଥ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବୃକ୍ଷରୋପଣ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ରୋଟାରୀ କ୍ଲବ ସଭାପତି ସୁବୀର କୁମାର ସେନାପତି, ସଂପାଦକ ଅଂଶୁମାନ ରାଉତ, ପ୍ରାକ୍ତନ ସଭାପତି ପ୍ରଫୁଲ୍ଲ ଦାସ, କ୍ଲବ ସର୍ଭିସ ପ୍ରୋଜେକ୍ଟ ଅଧ୍ୟକ୍ଷ ପ୍ରାକ୍ତନ ସଭାପତି ସୁବ୍ରତ କୁମାର ରଣା, ତାରାପଦ ମହାନ୍ତି, ନିତ୍ୟଗୋପାଳ ଦାସ, ଲେଲିନ ପ୍ରଧାନ, ବିକାଶ ଧର, ସୁରେଶ ଦାସ, ଡା. ଦୀପ୍ତିମୟୀ ମହାପାତ୍ର, ଲକ୍ଷ୍ମୀଧର ହାସଁଦା, କ୍ଲବ ପରିବେଶ ଅଧ୍ୟକ୍ଷ ସତ୍ୟବ୍ରତ ଜେନା, ସତ୍ୟନାରାୟଣ ସିଂ, ରାଜକିଶୋର ହୁଇ ସହିତ ବିଶ୍ୱନାଥ ଏକାଡେମୀ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଡେଭିଡ ମହାନ୍ତ, ପ୍ରିୟନାଥ ଉଚ୍ଚପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ଜାନକୀମଣି ଜେନା ପ୍ରମୁଖ ଛାତ୍ରଛାତ୍ରୀଙ୍କୁ ବୃକ୍ଷରୋପଣର ଉପକାରିତା ସଂପର୍କରେ ସଚେତନତା ବାର୍ତ୍ତା ବାଣ୍ଟି ଥିଲେ। ବିଶ୍ୱନାଥ ଏକାଡେମୀ ପରିସରରେ ୬୬ଟି ଔଷଧୀୟ, ଫୁଲ ଓ ଫଳ ଚାରା ଏବଂ ପ୍ରିୟନାଥ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୧୧ଟି ଫଳ ଚାରା ରୋପଣ କରାଯାଇଥିଲା।

# ଜାମଶୂଳୀ କଲେଜ ଗଣିତ ବିଭାଗ ପକ୍ଷରୁ ସେମିନାର




କାଳିପଦା, ୨୬।୭ (ସମିସ): ଜାମଶୂଳୀସ୍ଥିତ ଲକ୍ଷ୍ମୀ ନାରାୟଣ କଲେଜର ଗଣିତ ବିଭାଗ ପକ୍ଷରୁ ଶନିବାର କଲେଜ ସମ୍ମିଳନୀ କକ୍ଷରେ "ମ୍ୟାଥମେଟିକ୍ସ ଫର୍ କଲେଜ ଷ୍ଟୁଡେଣ୍ଟସ' ଶୀର୍ଷକ ଏକ ସେମିନାର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ପ୍ରାଧ୍ୟାପକ ଦିବ୍ୟେନ୍ଦୁ ଗିରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସେମିନାରରେ ରାଜ୍ୟ ଉଚ୍ଚଶିକ୍ଷା ପରିଷଦର ପରାମର୍ଶଦାତା ପ୍ରାଧ୍ୟାପକ ଡ. ତୁଷାର କାନ୍ତି ତ୍ରିପାଠୀ ରିସୋର୍ସ ପର୍ସନ ଭାବରେ ଯୋଗଦେଇ ଗଣିତରେ ସଂକେତ ଓ ତା'ର ପ୍ରୟୋଗ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ବିଭାଗୀୟ ମୁଖ୍ୟ ଡ. ସୁକାନ୍ତ କୁମାର ଗିରି ଅତିଥି ପରିଚୟ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଭାଗୀୟ ଅଧ୍ୟାପକ ତାପସ ତନୟ ନନ୍ଦୀ ଧନ୍ୟବାଦ ଅର୍ପଣ କରିଥିବା ବେଳେ ପଦାର୍ଥ ବିଜ୍ଞାନ ଅଧ୍ୟାପକ ପ୍ରଭାତ ରଞ୍ଜନ ଦାସ ମଞ୍ଚ ଆହ୍ୱାନ କରିଥିଲେ। ପ୍ରାଧ୍ୟାପକ ଦେବବ୍ରତ ଦାସ, ଅଧ୍ୟାପକ ସମ୍ବିତ କୁମାର ଦଳାଇ, ଡ. ଶିବ ନାରାୟଣ ମହାପାତ୍ର, ସଂଗ୍ରାମ କେଶରୀ ନାୟକ, ଶଶିକାନ୍ତ ଜେନା, ଗୋପୀନାଥ ପଣ୍ଡା, ବଂଶୀଧର ନାୟକ, ପ୍ରମାନନ୍ଦ ମହାନ୍ତି, ଦେବେନ୍ଦ୍ର ସେଠୀ, ଅଜିତ ଭୂୟାଁ, ନଗେନ୍ଦ୍ର ନାଥ ପାତ୍ର, ଆଶୁତୋଷ ଯତି, ନିର୍ମଳ କୁମାର ସାମଲ ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଗଣିତ ଓ ବିଜ୍ଞାନ ବିଭାଗର ବହୁ ଛାତ୍ରଛାତ୍ରୀ ଏଥିରେ ଯୋଗ ଦେଇଥିଲେ।

# ଶ୍ରୀନିବାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବନ ମହୋତ୍ସବ



ସୋର, ୨୬।୭ (ସମିସ): ମଙ୍ଗଳପୁର ଶ୍ରୀନିବାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବନ ମହୋତ୍ସବ ଉପଲକ୍ଷେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଅଧକ୍ଷ ପୂର୍ଣଚନ୍ଦ୍ର ବେହେରା ଉଦଘାଟନ କରିଥିଲେ। ୟୁଥ ରେଡ଼କ୍ରସ ଓ ରେଡରିବନ କ୍ଲବର ପରାମର୍ଶଦାତା ତଥା ଇଂରାଜୀ ବିଭାଗର ମୁଖ୍ୟ ଅଧ୍ୟାପକ ଡ. ପୁଣ୍ୟବ୍ରତ ମହାନ୍ତି ଏବଂ ଜାତୀୟ ସେବା ଯୋଜନାର ଅଧିକାରୀ ତଥା ଅର୍ଥନୀତି ବିଭାଗ ର ପିଜିଟି ସୁଜିତ କୁମାର ଗୋଛାୟତଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନ ରେ ୧୦୦ ଜଣ ସ୍ୱେଚ୍ଛାସେବୀ ୨୦୦ ବୃକ୍ଷ ଚାରା ରୋପଣ କରିଥିଲେ। ଅଧ୍ୟାପକ ଡ. ପଙ୍କଜ ଜେନା, ଅଜୟ ବାରିକ, ପ୍ରଶାନ୍ତ ଜେନା, ସୁଶାନ୍ତ ରାଉଳ, ଲକ୍ଷ୍ମୀକାନ୍ତ ପାଣିଗ୍ରାହୀ, କ୍ରୀଡ଼ାଶିକ୍ଷକ ପ୍ରଶାନ୍ତ ପଣ୍ଡା, ଓଡ଼ିଆ ବିଭାଗର ମୁଖ୍ୟ ଅଧ୍ୟାପିକା ପୁଷ୍ପଲତା ପାଢ଼ୀ, ଅଧ୍ୟାପିକା ରଂଜିତାବାଳା ମହାପାତ୍ର, ଅନ୍ନପୂର୍ଣ୍ଣା ଜେନା, ସନ୍ଧ୍ୟାରାଣୀ ଜେନା, ପିଜିଟି କସ୍ତୁରୀ ପାଲଟା, ଗଜେନ୍ଦ୍ର କବି, ଶାନ୍ତନୁ ପାତ୍ର, ମନୋଜ ଶବର, କୁମାରୀ ସୁଦେଷ୍ଣା ଦାଶ ମହାପାତ୍ର, ଇତିଶ୍ରୀ ମହଲା, ଡିଇଓ ଭରତ ଚନ୍ଦ୍ର ମାହାନା, ଶିକ୍ଷା କର୍ମଚାରୀ ଦ୍ୱିଜେନ୍ଦ୍ର ପ୍ରସାଦ ଦାସ, କୈଳାସ ଚନ୍ଦ୍ର ବାରିକ, ଅଣାକାର ନାୟକ, ପୂର୍ଣ୍ଣଚନ୍ଦ୍ର ରାଉତ ଏବଂ ପ୍ରଦ୍ୟୁମ୍ନ କୁମାର ସାହୁ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।

# ସ୍କୁଟି ସହ ଦେଶୀମଦ ଜବତ, ଅଭିଯୁକ୍ତ ଗିରଫ

ସୋର, ୨୬।୭ (ସମିସ): କେନ୍ଦ୍ରାଞ୍ଚଳ ଅବକାରୀ ଗୁଇନ୍ଦା ବିଭାଗ, କଟକ, ୟୁନିଟ -୨ ତରଫରୁ ମାଣତ୍ରୀ ଛକରେ ଚଢ଼ଉ କରାଯାଇ ସ୍କୁଟି ସହ ଦେଶୀମଦ ଜବତ କରିଥିବା ବେଳେ ଜଣଙ୍କୁ ଗିରଫ କରି ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଛି। ଅବକାରୀ କମିଶନର ପି ଅନଭିସା ରେଡିଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ରାଞ୍ଚଳ ଅବକାରୀ ଗୁଇନ୍ଦା ବିଭାଗର ଡେପୁଟି କମିଶନର ଡମ୍ବରୁଧର ଖଣ୍ଡାଙ୍କ ତତ୍ୱାବଧାନରେ ଆଇଆଇସି ଧିରେନ ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ସକାଳେ ସୋର ଥାନା ମାଣତ୍ରୀ ଛକ ନିକଟରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ଶିଙ୍ଗାଖୁଣ୍ଟାରୁ ସୋର ଅଭିମୁଖେ ଆସୁଥିବା ସ୍କୁଟିକୁ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ପରେ ସେଥିରେ ୮୦ ଲିଟର ଦେଶୀମଦ ଚାଲାଣ ହେଉଥିବା ଜାଣିପାରି ସ୍କୁଟି ସହ ମଦକୁ ଜବତ କରି ଶିଙ୍ଗାଖୁଣ୍ଟା ନୂଆଗାଁ ଗ୍ରାମର ଚିତ୍ତରଞ୍ଜନ ଜେନା (୪୪) କୁ ଗିରଫ କରିଥିଲେ। ଅପରାହ୍ନରେ ସୋର ଡାକ୍ତରଖାନାରେ ଡାକ୍ତରୀ ମାଇନା ପରେ ତାକୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ଉରେ ଏସଆଇ ଦିବ୍ୟଜ୍ୟୋତି ସତ୍ୟପ୍ରକାଶ, ଏଏସଆଇ କିଶୋର ରାଉତ, କନେଷ୍ଟବଳ ରାଜେଶ କିଷାନ, ବସନ୍ତ ମଲ୍ଲିକ, ଜଗନ୍ନାଥ ନାୟକ, ଯୋଗେନ୍ଦ୍ର ସାହୁ ପ୍ରମୁଖ ସାମିଲ ହୋଇଥିଲେ।

# ପୋତାଯାଇଥିବା ଡ୍ରେନ ସଫେଇ

ସୋର,୨୬।୭ (ସମିସ): ପାଣି ନିଷ୍କାସନ ପାଇଁ ଥିବା ଡ୍ରେନକୁ ପୋତାଯାଇଥିବାରୁ ସୋର କଲେଜ ଛକ ଓ ସରଶଙ୍ଖ ପଞ୍ଚାୟତର ବ୍ରାହ୍ମଣସାହିରେ ଏକର ଏକର ଚାଷ ଜମିରେ ପାଣି ଜମି ରହିବା ସହିତ ଲୋକଙ୍କ ଘରେ ପାଣି ପଶୁଛି। ଯାହାକୁ ନେଇ ସ୍ଥାନୀୟ ଲୋକେ ସୋର ତହସିଲରେ ଅଭିଯୋଗ କରିବା ପରେ ଆଜି ମଧ୍ୟାହ୍ନରେ ସୋର ତହସିଲଦାର ଦୈତାରୀ ମଲ୍ଲିକ ସୋର କଲେଜ ଛକ ରାସ୍ତା କଡରେ ଜଳ ନିଷ୍କାସନ ପାଇଁ ପୋତାଯାଇଥିବା ଉକ୍ତ ଡ୍ରେନକୁ ସଫା କରିବା ସହିତ ଉକ୍ତ ରାସ୍ତାକୁ କଟାଯାଇ ଜଳ ନିଷ୍କାସନ ବ୍ୟବସ୍ଥା କରାଯାଇଥିଲା। ଛୁଟି ଦିନରେ ମଧ ବର୍ଷାକୁ ଖାତିର ନ କରି ଲୋକଙ୍କ ସହିତ ଜଳନିଷ୍କାସନ କରାଇଥିବାରୁ ସ୍ଥାନୀୟ ଲୋକେ ତହସିଲଦାରଙ୍କ ଏପରି କାର୍ଯ୍ୟକୁ ପ୍ରଶଂସା କରିଥିଲେ।

# ମା' କମ୍ପ୍ୟୁଟର ଷ୍ଟୁଡିଓର ରୌପ୍ୟ ଜୟନ୍ତୀ



ଜଳେଶ୍ୱର,୨୬।୭ (ସମିସ): ଜଳେଶ୍ୱର ବଡ ବଜାରଠାରେ ପ୍ରତିଷ୍ଠିତ ମା' କମ୍ପ୍ୟୁଟର ଷ୍ଟୁଡିଓ ଶାନ୍ତିଆସ୍ଥିତ ଗାନ୍ଧୀ ସେବାଶ୍ରମରେ ରୌପ୍ୟ ଜୟନ୍ତୀ ପାଳନ କରିଛି। ୨୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଈଶ୍ୱର ଲାଲ ଶିଶୁ ଭବନ ଓ ଗାନ୍ଧୀ ସେବାଶ୍ରମର ଥିବା ୮୦ରୁ ଅଧିକ ଅନାଥ ଶିଶୁମାନଙ୍କ ଗହଣରେ ଉତ୍ସବ ମନାଇଥିଲେ। ପ୍ରତିଷ୍ଠାନର ନିର୍ଦ୍ଦେଶକ ସମର କୁମାର କରଣଙ୍କ ପରିଚାଳନାରେ ଆଶ୍ରମର ସଭାପତି ଶିତାଂଶୁ ସେନାପତି, ସଂପାଦକ ଅଶୋକ କୁମାର ଜେନା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ସନତ କରଣ, ସୁକୁମାର କରଣ, ସିଲୁ କରଣ, ମଧୁମିତା କରଣ, ଇନ୍ଦୁମତି କରଣଙ୍କ ସହ ପରିବାର ସମସ୍ତ ସଦସ୍ୟ ଉତ୍ସବ ପରିଚାଳନା କରିଥିଲେ।

# ବିନା ସୂଚନା ଫଳକରେ ୩୦ କୋଟିର ରାସ୍ତା କାମ

ବାଲିଆପାଳ, ୨୬।୭ (ସମିସ)



ଗ୍ରାମାଞ୍ଚଳର ସର୍ବାଙ୍ଗୀନ ବିକାଶ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବ୍ୟୟ କରୁଛନ୍ତି କୋଟି କୋଟି ଟଙ୍କା। କିନ୍ତୁ ଲୋକଙ୍କୁ ଅନ୍ଧାରରେ ରଖି ଠିକାଦାର ଓ ଯନ୍ତ୍ରୀ ହେଉଛନ୍ତି ମାଲାମାଲ। ଏମିତି ଏକ ଘଟଣା ପରିଲକ୍ଷିତ ହେଉଛି ଲଙ୍ଗଳେଶ୍ୱରଠାରୁ କଷାଫଳ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କାର୍ଯ୍ୟରେ । ଏଇ ରାସ୍ତା ଗ୍ରାମ ଉନ୍ନୟନ ବିଭାଗରୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର ହେବା ପରେ ରାସ୍ତା ନିର୍ମାଣ ପାଇଁ ମଞ୍ଜୁର ହୋଇଛି ୩୦କୋଟି ଟଙ୍କା। ୫ କିଲୋମିଟର କଂକ୍ରିଟ ଓ ୧୦ କିଲୋମିଟର ପିଚୁ ସହିତ ଓସାରିଆ ଦୁଇ ଟିକିଆ ରାସ୍ତା ନିର୍ମାଣ ହେବ। ପ୍ରାୟ ଏକ ବର୍ଷରୁ ଅଧିକ ସମୟ ହେବ ରାସ୍ତା କାମ ଆରମ୍ଭ ହୋଇ କାର୍ଯ୍ୟ ମନ୍ଥର ଗତିରେ ଚାଲିଥିଲେ ହେଁ ଏଯାଏ ସୂଚନା ଫଳକ ବି ଲାଗିନାହିଁ। ରାସ୍ତାର ଦୁଇ ପାଖରେ ଲୁଣି ମାଟି ପଡୁଥିବା ବେଳେ ମଲା ପଥର ମେଟାଲ ସହିତ କାର୍ଯ୍ୟ ନିମ୍ନମାନର ହେଉଛି। ଦୀର୍ଘଦିନ ଧରି ମନ୍ଥର ଗତିରେ କାର୍ଯ୍ୟ ଚାଲୁଥିବାରୁ ଯାତାୟାତରେ ଲୋକେ ଘୋର ଅସୁବିଧା ସହିତ ହଇରାଣ ହରକତ ହେଉଛନ୍ତି। ପ୍ରତିଦିନ ଖରାହେଲେ ରାସ୍ତାରେ ଧୂଳି ଆଉ ବର୍ଷା ହେଲେ କାଦୁଅ ପଚ ପଚ ରାସ୍ତାରେ ଯିବା ଆସିବା କରିବାକୁ ପଡୁଛି। ରାସ୍ତାରେ ଯିବା ଲୋକଙ୍କ ସହିତ ରାସ୍ତା କଡର ବସବାସ କରିଥିବା ଲୋକମାନେ ହଇରାଣ ହେଉଛନ୍ତି। ଲଙ୍ଗଳେଶ୍ୱର ଠାରୁ ଗଞ୍ଜା ପର୍ଯ୍ୟନ୍ତ ଡ୍ରେନ କାମଟି ସବୁଠୁ ନିମ୍ନମାନର ହେଉଛି। ଡ୍ରେନ କଡ଼ରେ ବାଲି ନ ପକେଇ ମାଟି ପଡୁଛି। ଯାହାକି ରାସ୍ତା କିଛିଦିନ ପରେ ଦବିଯିବାର ସମ୍ଭାବନା ରହିଛି। ଡ୍ରେନର ସାଇଜ ଠିକ ହେଉ ନାହିଁ। କାର୍ଯ୍ୟ ଦେଖିବା ପାଇଁ ସରକାରୀ ଅଫିସର କେହି ଆସୁ ନାହାନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ମିସ୍ତ୍ରି ଲେବର ସେମାନେ ତାଙ୍କ ମନ ଇଚ୍ଛା କାମ କରୁଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅଭିଯୋଗ କଲେ ମଧ୍ୟ ଏଯାଏଁ କିଛି ସୁଫଳ ମିଳିନାହିଁ ବୋଲି ଅଭିଯୋଗ ହେଉଛି। ଫରଚ୍ୟୁନ ଗ୍ରୁପ ୪%ଲେସରେ କାର୍ଯ୍ୟ ନେଇ ବାଲିଆପାଳର ଅନ୍ୟ ଜଣେ ପାସି ଠିକାଦାରକୁ କାର୍ଯ୍ୟ ଭାର ଦେଇଥିବାର ଜଣାପଡିଛି। ଲୋକଙ୍କୁ ଅନ୍ଧାରରେ ରଖି ଯନ୍ତ୍ରୀ ଓ ଠିକାଦାର ମନମୁଖୀ କାମ ଚଳାଉଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଖୁବଶୀଘ୍ର କାର୍ଯ୍ୟର ସୂଚନା ଫଳକ ସହିତ କାର୍ଯ୍ୟ ବିଷୟରେ ବିବରଣୀ ଲିପିବଦ୍ଧ ନ କରାଇଲେ ଅଞ୍ଚଳବାସୀ ଓ ବିଭିନ୍ନ ସଂଗଠନ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଚିତ୍ତରଞ୍ଜନ ଜେନା, ପୂର୍ଣ୍ଣଚନ୍ଦ୍ର ଦଳାଇ, ରଘୁନାଥ ସାମଲ, ମକର ଦଳାଇ, ଅଭୟ ବାରିକ, ଭୀମ ଚରଣ ଶାନ୍ତରା, ଅଜୟ ସାନ୍ତରା, ପରେଶ ମହାନ୍ତି, ସୁଦାମ ଚରଣ ଦାସ ପ୍ରମୁଖ ଚେତାବନୀ ଦେଇଛନ୍ତି। ବିଭାଗୀୟ କନିଷ୍ଠ ଯନ୍ତ୍ରୀ ପ୍ରତ୍ୟୁଷ ସାହୁଙ୍କୁ ଏ ବିଷୟରେ ପଚାରିବାରୁ କାର୍ଯ୍ୟ ଠିକ ଚାଲିଥିବାର ସଫେଇ ଦେଇଛନ୍ତି। ଅପରପକ୍ଷେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏ ଦିଗରେ ତଦନ୍ତ କରି ତୁରନ୍ତ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

**ରାସ୍ତା ଅବସ୍ଥା ବେହାଲ, ଯାତାୟାତ ମୁସ୍କିଲ**

## ଭୋଗରାଇରେ ବଢ଼ିଚାଲିଛି ଫାଷ୍ଟଫୁଡ ଦୋକାନ

# ଅପମିଶ୍ରିତ ଖାଦ୍ୟ ଉପରେ ନିୟନ୍ତ୍ରଣ ନାହିଁ; ହେଉନି ଚଢ଼ଉ

ଚନ୍ଦନେଶ୍ୱର,୨୬।୭ (ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ୍‌ର ଥାନାଛକ, କମର୍ଦ୍ଦା, ଦେଉଳା, ଭୋଗରାଇ ହାଟ ଆଦି ସ୍ଥାନରେ ଛତୁ ଫୁଟିଲା ପରି ଫାଷ୍ଟଫୁଡ୍ ଦୋକାନ ଖୋଲିଚାଲିଛି। ବିଶେଷକରି ଚନ୍ଦନେଶ୍ୱର ବଜାର ଓ ରାସ୍ତାକଡ଼ରେ ଫାଷ୍ଟଫୁଡ ଦୋକାନ ଅଧିକ ଦେଖିବାକୁ ମିଳୁଛି। ମାତ୍ର ଅଧିକାଂଶ ସ୍ଥାନରେ ଦୂଷିତ, ଅପମିଶ୍ରିତ ଓ ନିମ୍ନମାନର ଖାଦ୍ୟ ବିକ୍ରି ଚାଲିଛି ବୋଲି ଅଭିଯୋଗ ହେଉଛି। ଖାଦ୍ୟ ସୁରକ୍ଷା ବିଭାଗଙ୍କ ଉଦାସୀନତା ପାଇଁ ଏହାର ଫାଇଦା ନେଉଛନ୍ତି ବ୍ୟବସାୟୀ ବୋଲି ଅଭିଯୋଗ ହେଉଛି। ପୂରା ଭାରତର ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ଭାବେ ବାବା ଚନ୍ଦନେଶ୍ୱର ରହିଛନ୍ତି। ପ୍ରତ୍ୟେକ ଦିନ ଜିଲ୍ଲା, ରାଜ୍ୟ ତଥା ରାଜ୍ୟ ବାହାରୁ ହଜାର ହଜାର ଲୋକ ଏଠାକୁ ଆସିଥାନ୍ତି। ଅପରପକ୍ଷେ ଏସିଆ ମହାଦେଶର ସର୍ବବୃହତ୍ ଶିବଲିଙ୍ଗ ବାବା ଭୁଷଣ୍ଡେଶ୍ୱର, ସୌନ୍ଦର୍ଯ୍ୟମୟୀ ବେଳାଭୂମି ତାଳସାରୀ ଓ ବୈଚିତ୍ର୍ୟରେ ଭରା ବିଚିତ୍ରପୁର ଇକୋ ଟୁରିଜିମକୁ ଏହି ରାସ୍ତାଦେଇ ହଜାର ହଜାର ଭକ୍ତ, ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ଯାଇଥାନ୍ତି। ଏହାର ସୁଯୋଗ ନେଇ ସକାଳରୁ ସଞ୍ଜ ଯାଏ ଏଠାରେ ପସରା ମେଲାଇଥାନ୍ତି ଫାଷ୍ଟଫୁଡ ଦୋକାନୀ। ଏହି ଫାଷ୍ଟଫୁଡ୍ ଦୋକାନଗୁଡ଼ିକରେ ବହୁଳ ମାତ୍ରାରେ ନିମ୍ନମାନର ଓ ଅପମିଶ୍ରିତ ଖାଦ୍ୟ ପ୍ରଦାର୍ଥ ବିକ୍ରି ହେଉଥିବା ନେଇ ବାରମ୍ବାର ଅଭିଯୋଗ ହେଉଛି। ଚନ୍ଦନେଶ୍ୱର ପ୍ରସିଦ୍ଧ ଆଳୁଦମ ଓ ଚାଟ ଖାଇବାକୁ ଲୋକମାନେ ଲମ୍ବାଧାଡ଼ିରେ ଅପେକ୍ଷା କରିଥାନ୍ତି। ଏଠାକାର ଆଳୁଦମରେ ଏତେ ପରିମାଣରେ ରଙ୍ଗ ମିଶିଥାଏ ଯେ ତାହା ଦେଖିଲେ ସହଜରେ ଅନୁମାନ କରିହେବ। ଏହାଛଡ଼ା ରାସ୍ତାକଡ଼ରେ ଅସ୍ଥାୟୀ ଠେଲା ଗାଡ଼ିରେ ଗୁପଚୁପ, ଚାଉମିନ, ଏଗରୋଲ, ଚିକେନ ପକୋଡା ଇତ୍ୟାଦି ଦୂଷିତ ପରିବେଶରେ ବିକ୍ରି କରାଯାଉଛି। ବ୍ୟବସାୟୀ ଶସ୍ତାରେ କୁକୁଡ଼ା ଆଣି ଉପରୋକ୍ତ ଜଙ୍କ୍‌ଫୁଡ ତିଆରି କରି ବିକ୍ରି କରୁଛନ୍ତି। କେତେକ ଦୋକାନରେ ବାସି, ପଚାଶଢ଼ା ପନିପରିବା, ନିମ୍ନମାନର ତେଲ, ମସଲା, ସସ, ରଙ୍ଗ ଆଦି ବ୍ୟବହାର ହେଉଥିବା ଦେଖିବାକୁ ମିଳୁଛି। ପାଟିକୁ ସୁଆଦ ଲାଗୁଥିଲେ ବି ଏହି ଫାଷ୍ଟଫୁଡ ଖାଇ ଲୋକ ରୋଗକୁ ଆମନ୍ତ୍ରଣ କରୁଛନ୍ତି। ଖାଦ୍ୟ ଜିନିଷଗୁଡ଼ିକ କେତେକ ସ୍ଥାନରେ ଖୋଲା ମେଲାରେ ରଖି ବିକ୍ରି କରିବା ଦ୍ୱାରା ରାସ୍ତାର ଧୂଳି ଆଉ ମାଛି ବସି ଖାଦ୍ୟ ଆହୁରି ଦୂଷିତ କରୁଛି। ବିଶେଷ କରି କୌଣସି ଦୋକାନୀ ହାତରେ ଗ୍ଲୋବସ ପିନ୍ଧି ନ ଥାନ୍ତି କି ହାତକୁ ଭଲରେ ଭାବେ ଧୋଇ ନ ଥିବା ଦେଖିବାକୁ ମିଳିଥାଏ। ଏହାଛଡ଼ା ଗୋଟିଏ ପାଣି କୁଣ୍ଡରେ ବାରମ୍ବାର ଅଇଁଠା ବାସନ ଧୁଆ ଯାଉଥିବା ଦେଖିବାକୁ ମଧ୍ୟ ମିଳିଥାଏ। ବର୍ତ୍ତମାନ ହଇଜା ସମୟରେ ଖାଦ୍ୟରେ ମାଛି ବସିବା ବିପଦର କାରଣ ହୋଇପଡିଛି। ଉଲ୍ଲେଖଯୋଗ୍ୟ କିଛି ବର୍ଷ ପୂର୍ବେ ଭୋଗରାଇରେ ଫାଷ୍ଟଫୁଡ ଖାଇ ପିଲାମାନେ ଅସୁସ୍ଥ ହୋଇଥିଲେ ଓ ଜଣେ ପିଲାର ମୃତ୍ୟୁ ମଧ ହୋଇଥିଲା। ସେତେବେଳେ ସ୍ୱାସ୍ଥ୍ୟ ବିଭାଗ ତରଫରୁ ଦୁଇ, ତିନିଦିନ ଧରି ବିକ୍ରି ହେଉଥିବା ଖାଦ୍ୟର ମାନ ଯାଞ୍ଚ ହୋଇଥିଲା। ବଜାରରେ ଦୂଷିତ ଓ ନିମ୍ନମାନର ଖାଦ୍ୟ ବିକ୍ରୟ ଉପରେ ଲଗାମ ଲଗେଇବା ପାଇଁ ସରକାରୀ କଳ ଅଛି ସତ ତାହା କାମରେ ଆସୁନାହିଁ ବୋଲି ଅଭିଯୋଗ ହେଉଛି। ଏହାଛଡ଼ା ଶହଶହ ଜଳଖିଆ ଦୋକାନ ରେଜେଷ୍ଟ୍ରିଭୁକ୍ତ କି ନୁହେଁ, ତାହାର ଯାଞ୍ଚ ହେଉ ନ ଥିବା ଅଭିଯୋଗ ହେଉଛି। ଜିଲ୍ଲା ପ୍ରଶାସନଠୁ ଆରମ୍ଭ କରି ଜନ ପ୍ରତିନିଧି ସମସ୍ତେ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।